ଉତ୍କଳ-ମଣି ଗୋପବନ୍ଧୁଙ୍କ ଆଦର୍ଶ ବିଦ୍ୟାଳୟ

ସତ୍ୟବାଦୀରେ ସାତବର୍ଷ

(ପ୍ରଥମ ଭାଗ)

ଶ୍ରୀ ଚନ୍ଦ୍ରଶେଖର ମିଶ୍ର

GPNanda Colln., Digitized by srujanika@gmail.com

ଉତ୍କଳ-ମଣି ଗୋପବନ୍ଧୁଙ୍କ ଆଦର୍ଶ ବିଦ୍ୟାଳୟ

ସତ୍ୟବାଦୀରେ ସାତବର୍ଷ

(ପ୍ରଥମ ଭାଗ)

ପ୍ରଥମ ସଂସ୍କରଣ

Printed & Published by C. S. Mishra,
THE AMBIKA PRESS.
CUTTACK—2
1953.

ଶ୍ରୀ ଚନ୍ଦ୍ରଶେଖର ମିଶ୍ର

ମୂଲ୍ୟ ୫ ୩ ୯ (ତିନିଟଙ୍କା)

GPNanda Colln., Digitized by srujanika@gmail.com

GPNanda Colln., Digitized by srujanika@gmail.com

ନିବେଦନ

ଏ ପୁସ୍ତକଟିକୁ ଦେଖି ଆନନ୍ଦ ମନରେ ମୁଁ ପ୍ରଥମେ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ଏହାର ପାଣ୍ଡୁଲିପି ପଢ଼ି ଶୁଣାଇଥିଲି । ସେ ପ୍ରଥମରୁ ଏହି ଭାଗର ଶେଷ ପର୍ଯ୍ୟନ୍ତ ସବୁ ଧୈର୍ଯ୍ୟ ଧରି ଶୁଣିଥିଲେ । କେତେଗୁଡ଼ିକ ସ୍ଥଳରେ ନିର୍ଦ୍ଦିଷ୍ଟ କେତେଗୁଡ଼ିକ ଘଟଣା ଓ ନାମ ମୋ ଲେଖାରେ ନଥିବାରୁ ତାହା ସମାଗ କରି ଦେବାପାଇଁ ପରାମର୍ଶ ଦେଇଥିଲେ । ଏ ଭାଗଟିର ପ୍ରଥମରୁ 'ଗଳ୍ପପ୍ରବେଶ ପାଇଁ କଣ୍ଟିକିଏ ଦେଖିଦିଅନ୍ତୁ' ବୋଲି କହିବାରୁ ମୁଦ୍ରଣ ପରେ ସେ ସ୍ୱତଃ ପ୍ରବୃତ୍ତ ହୋଇ 'ପ୍ରାରମ୍ଭ' ପ୍ରବନ୍ଧଟି ମୋତେ ଲେଖିଦେଲେ । ତାହା ଏ ପୁସ୍ତକର ଅପରିହାର୍ଯ୍ୟ ଅଙ୍ଗ । ପୂର୍ବରୁ ଲେଖିଥିଲେ, ମୁଁ ତାହାକୁ 'ପ୍ରଥମ ଅଧ୍ୟାୟ' କରିଥାନ୍ତି । ତେଣୁ ପାଠକ-ମାନଙ୍କୁ ଅନୁରୋଧ ଯେ ପଢ଼ିବାବେଳେ 'ପ୍ରାରମ୍ଭ' ପ୍ରବନ୍ଧଟିରେ ପ୍ରଥମେ ଅନୁଧ୍ୟାନ ଦେବା ଉଚିତ ।

ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ର ମଧ୍ୟ ବହୁ ଧୈର୍ଯ୍ୟ ଧରି ଅନେକାଂଶ ପଢ଼ି ଆନନ୍ଦ ପ୍ରକାଶ କରି, [illegible] ଅଭିମତ ଦେଇ ଅଛନ୍ତି । ପୁସ୍ତକରେ [illegible] ।

[illegible] ଗୁରୁଦେବ ଶ୍ରୀଯୁକ୍ତ ରତ୍ନାକର ପତିଙ୍କର [illegible] ନାହିଁ ନିଜେ ତାଙ୍କର ହୃଦୟବୋଧ [illegible] ଉତ ହୃଦୟର ଭାବ ମୁଁ କଥାରେ କହି ପାରିବି ନାହିଁ ।

[illegible] ଲିପି ଓ ସ୍ମୃତିରୁ ଉଦ୍ଧୃତ । ତେଣୁ [illegible] ଓ ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠଙ୍କ

GPNanda Colln., Digitized by srujanika@gmail.com

ମିଶ୍ର ଆଦିଙ୍କୁ ମୋର ଶୁଣାଇଲା ବେଳେ ସେମାନେ ମୋତେ ଗ୍ରନ୍ଥ ପ୍ରକାଶ ପାଇଁ ଯେଉଁ ଉତ୍ସାହ ଦେଇଛନ୍ତି । ତାହା ମୋ ପ୍ରତି କମ୍ ପ୍ରେରଣା ନୁହେ ।

ଉପର୍ଯ୍ୟୁକ୍ତ ବ୍ୟକ୍ତିମାନେ ମୋର ଗୁରୁ, ବନ୍ଧୁ, ସହାନୁକ । ତେଣୁ ମୁଁ ତାଙ୍କଠାରେ ଦାବୀ କରି ତାଙ୍କୁ ଏ ଗ୍ରନ୍ଥ ଶୁଣାଇଥିଲି— ସେମାନେ ଆନନ୍ଦରେ ଏ ପୁସ୍ତକକୁ ପୂର୍ଣ୍ଣାଙ୍ଗ କରି ଦେଇଛନ୍ତି । ତେଣୁ ମୋର କୃତଜ୍ଞତା ପ୍ରକାଶର ଅବକାଶ ନାହିଁ । ପୁତ୍ର ପିତାଙ୍କୁ, ବନ୍ଧୁ ଆନ୍ତରିକ ବନ୍ଧୁଙ୍କୁ କୃତଜ୍ଞତା ଦେଖାଏ ନାହିଁ—କି ସମ୍ମାନସୂଚକ ଚିହ୍ନ ପ୍ରକାଶ କରିବାର ଆବଶ୍ୟକତା ବୋଧ କରେନାହିଁ ।

ଚନ୍ଦ୍ରଶେଖର ମିଶ୍ର
ତା ୪-୯-୫୬

GPNanda Colln., Digitized by srujanika@gmail.com

ସୂଚୀ-ପତ୍ର

ବିଷୟ	ପୃଷ୍ଠା-ତଳ ଅଙ୍କ
ଗ୍ରନ୍ଥପରିଚୟ (ଗ୍ରନ୍ଥକାର)	୧—୫
ଗ୍ରନ୍ଥସୂଚନା (ଶ୍ରୀ ରତ୍ନାକର ପତି)	୬—୧୬
ପ୍ରାରମ୍ଭ (ପଣ୍ଡିତ ନୀଳକଣ୍ଠ ଦାସ)	୧୭-୩୧
ଅଭିମତ („ ଗୋଦାବରୀଶ ମିଶ୍ର)	୩୧-୩୨

ବିଷୟ	ପୃଷ୍ଠାଙ୍କ
ପ୍ରଥମ ଅଧ୍ୟାୟ	୧—୧୧

ଅବତାରଣା (୧)--ଇଂଗ୍ଲିସ୍ କୋଚିଂ କ୍ଲାସ (୯)

ଦ୍ୱିତୀୟ ଅଧ୍ୟାୟ ୧୨—୨୫

ଘରପୋଡ଼--ଗୋପବନ୍ଧୁଙ୍କ ଧୈର୍ଯ୍ୟ--ଇଂଗ୍ଲିସ୍ କୋଚିଂ କ୍ଲାସର ଶିକ୍ଷକମାନେ (୧୨—୧୩) ଦୁର୍ବଳ ଛାତ୍ରମାନଙ୍କ ପ୍ରତି ଶିକ୍ଷକମାନଙ୍କ ଯତ୍ନ (୧୭)—ଗରିବ ଛାତ୍ରଙ୍କ ପ୍ରତି ସାହାଯ୍ୟ (୧୯) ଛାତ୍ରପ୍ରାଣତା (୨୦) ନୈତିକ ଶୃଙ୍ଖଳା (୨୩) ଦେଶବାସୀଙ୍କ ପୃଷ୍ଠପୋଷକତା (୨୪)

ତୃତୀୟ ଅଧ୍ୟାୟ ୨୬—୪୬

ବିପଦ ମଧ୍ୟରେ ଶୃଙ୍ଖଳା ଓ ପୁଲକ (୨୬), ଛାତ୍ରାବାସରେ ଗରିବ ବୁଦ୍ଧିମାନ୍ ଛାତ୍ରଙ୍କୁ ସାହାଯ୍ୟ (୨୭) ସାଧାରଣ ସମ୍ମିଳନୀ-ଆରମ୍ଭ, ଗୋପବନ୍ଧୁଙ୍କ ସହଯୋଗ (୨୮) ଛାତ୍ରମାନଙ୍କ ସଙ୍ଗେ ଶିକ୍ଷକ-ମାନଙ୍କର ପରାମର୍ଶ (୨୯), ଉତ୍ତମ ଛାତ୍ର ଗଢିବାର ଆନ୍ତରିକ କାମନା ଓ କାର୍ଯ୍ୟ (୩୦) ହେଡ଼ ମାଷ୍ଟର ଓ ଆଚାର୍ଯ୍ୟ ଉପାଧି (୩୧)—ଛାତ୍ର ସମାଜରେ ସାମାଜିକ ସୁଗୁଣ ଓ ଦୁର୍ଗୁଣ, କୋଠାଘର କାର୍ଯ୍ୟର ଆରମ୍ଭ

GPNanda Colln., Digitized by srujanika@gmail.com

(୩୨) ବନବିଦ୍ୟାଳୟ ଓ ଗ୍ରୀଷ୍ମ ଛୁଟି (୩୩)—ବିଦ୍ୟାଳୟର ଉନ୍ନତି ଓ ବନ୍ଧୁ-ଛାତ୍ର-ସମାଗମ (୩୫), ମୋର ବିପଦ ଓ ଶିକ୍ଷକମାନଙ୍କ ଆଶ୍ୱାସ ବାକ୍ୟ (୩୬)--ସରସ ସୁନ୍ଦର ଓ ପ୍ରାଣସ୍ପର୍ଶୀ ଶିକ୍ଷାର ପ୍ରଭାବ (୪୦)--ବାଳକମାନଙ୍କ ଅପରାଧର ନିରପେକ୍ଷ ବିଚାର (୪୧) ଶିକ୍ଷଣୀୟ ବକ୍ତୃତା (୪୨); ନେତୃଗଣଙ୍କ ସମ୍ପୂର୍ଣ୍ଣ ସହଯୋଗ (୪୪) କୁଳବୃଦ୍ଧ ମିଃ ଦାସ (୪୫)

ଚତୁର୍ଥ ଅଧ୍ୟାୟ ୪୮—୫୬

ସ୍କୁଲ ଘର ତୋଳା ଓ ସାଧାରଣ ମେସ୍ ଓ ଭୋଜନାଗାର (୪୮—୪୯) ଭୁବନେଶ୍ୱର ଭ୍ରମଣ (୫୦) ବନବିଦ୍ୟାଳୟ ଓ ଗୃହ-ନିର୍ମାଣ; ଛାତ୍ରମାନଙ୍କ ସ୍ୱାଧୀନ ମତ ପ୍ରକାଶ (୫୪)

ପଞ୍ଚମ ଅଧ୍ୟାୟ ୫୭--୮୧

ବିଦ୍ୟାଳୟର ଉନ୍ନତି ଓ ସରକାରଙ୍କ ସନ୍ଦେହ (୫୭) ଛାତ୍ରାବାସର କ୍ରମୋନ୍ନତି (୫୮) ସମାଜର ଆଦର (୫୯), କେତେକ ଶିକ୍ଷକଙ୍କ ପରିଚୟ (୬୦)-ଛାତ୍ରମାନଙ୍କ ଜ୍ଞାନ ପରିସର (୬୧)—ଗୁରୁକୁଳ ନିୟମାବଳୀ (୬୨)—ଗଣତନ୍ତ୍ର-ବିକାଶ (୬୩) ନିଷିଦ୍ଧ ଅଭ୍ୟାସମାନ (୬୫) ଶିକ୍ଷକ-ଛାତ୍ର-ସହଯୋଗ (୬୬), ମନିଟରଙ୍କ ଅଧିକାର (୬୭) ଛାତ୍ରାବାସର ସାଧାରଣ କର୍ମ ସୂଚୀ (୬୮) ସାଧାରଣ କର୍ମପଞ୍ଜି (୭୦) ବ୍ୟାୟାମ (୭୧) ହେଃ ମାଷ୍ଟରଙ୍କ ରହିବା ଘର ଓ ଅଭ୍ୟାସ (୭୩)-ଛାତ୍ରାବାସର କୋଠରି ପରିବର୍ତ୍ତନ ଓ ଗୋପବନ୍ଧୁଙ୍କ ଗୁଣ ଚହ୍ନିବାରେ ବିଚକ୍ଷଣତା (୭୪); କାର୍ଯ୍ୟକୁଶଳତା (୭୬)—ଟିମସ୍ ପରିଚାଳନା (୭୮) ଟଙ୍କା ଅଦାୟ (୮୦)

GPNanda Colln., Digitized by srujanika@gmail.com

ଷଷ୍ଠ ଅଧ୍ୟାୟ ୮୨--୧୦୫
ଶିକ୍ଷକ ସମାଜ (୮୨) ମୁଖ୍ୟ ଶିକ୍ଷକ ମାନଙ୍କର ଶିକ୍ଷାଦାନ-ପ୍ରଣାଳୀ (୮୫) ଶିକ୍ଷକ-ଛାତ୍ର-ସଂପର୍କ (୯୯)

ସପ୍ତମ ଅଧ୍ୟାୟ ୧୦୬---୧୨୬
ସାଧାରଣ ଶିକ୍ଷା ପ୍ରଣାଳୀ (୧୦୬), ଛାତ୍ରମାନଙ୍କ ପ୍ରକାଶିତ ପତ୍ରିକା (୧୧୧) ବକ୍ତୃତା ଶିକ୍ଷା (୧୧୩); ଗୋପବନ୍ଧୁଙ୍କ ଗୁଣଗ୍ରାହିତା (୧୧୫) ଗୋପବନ୍ଧୁଙ୍କ ଶିକ୍ଷାଦାନ ପ୍ରଣାଳୀ (୧୧୬) ସିଲେବସ୍ ଅତିରିକ୍ତ ପାଠ (୧୧୭)—କୋଣାର୍କ ପର୍ଯ୍ୟଟନ (୧୧୮) କ୍ଳବ୍ରୁଟିରେ ନିଯୁକ୍ତ (୧୨୨)—ନ୍ୟାୟବିଚାରରେ ପକ୍ଷପାତିତା ନଥିଲା (୧୨୩) ବ୍ଲକ୍-ମନିଟରମାନଙ୍କ ସଭା (୧୨୪)

ଅଷ୍ଟମ ଅଧ୍ୟାୟ ୧୨୭--୧୪୪
ହେଡ଼ ମାଷ୍ଟରଙ୍କ ସ୍ୱତନ୍ତ୍ର ଅଧ୍ୟାପନା (ହୋଷ୍ଟେଲରେ) (୧୨୭)—ସାହିତ୍ୟ ଆଲୋଚନା ଓ ସତ୍ୟବାଦୀ ପତ୍ରିକା (୧୩୩)—ସଂଗଠନ ଓ ସେବା (୧୩୪ ---ଗୋବନ୍ଧୁଙ୍କ ପାଠଭଙ୍ଗ ଓ ଓଜସ୍ୱିନୀ ବକ୍ତୃତା (୧୩୫)—ଗୋପବନ୍ଧୁଙ୍କ ଧ୍ୟାନ (୧୩୭)--ପରିଦର୍ଶକମାନଙ୍କ ଅନୁରକ୍ତି; ବିଦ୍ୟାଳୟର କର୍ମୋନ୍ନତି (୧୩୮--୩୯), ଟିଲ୍ଲୀ ଓ ଶିକ୍ଷକ ଧନେଶ୍ୱର ଗଣିତ-ଜ୍ୟୋତିଷ-ଚର୍ଚ୍ଚା (୧୪୦ —ଯୋଗେଶଚନ୍ଦ୍ର ରାୟଙ୍କ ପରି-ଦର୍ଶନ (୧୪୧ ;—ପ୍ରାଚୀନ ଗୁରୁକୁଳ (୧୪୩)

ନବମ ଅଧ୍ୟାୟ ୧୪୫--୧୭୦
ଧର୍ମପ୍ରାଣ ଗୋପବନ୍ଧୁ (୧୪୫)—ଜନ୍ମାଷ୍ଟମୀ (୧୪୭)—ଗଣେଶ ଚତୁର୍ଥୀ ଓ ଶ୍ରୀପଞ୍ଚମୀ; ଗୋପବନ୍ଧୁଙ୍କ ଜନ-ପ୍ରୀତି (୧୪୮---୪୯)--ଉତ୍ସବରେ ନୀଳକଣ୍ଠଙ୍କ ସହଯୋଗ; ଲୋକଙ୍କ ସହଯୋଗ

GPNanda Colln., Digitized by srujanika@gmail.com

(୧୫୧)—ଉତ୍ସବ ଛାତ୍ରମାନଙ୍କର, ପରିଚାଳନା, ମୂର୍ତ୍ତି ବିସର୍ଜନ ଓ ଶୋଭାଯାତ୍ରା (୧୫୨) ଛାତ୍ରମାନଙ୍କର ସ୍କୁଲ ପ୍ରତି ମମତା—ଜାଗର (୧୫୬) ସାମାଜିକ ପର୍ବପର୍ବାଣି (୧୫୮) ଦୀର୍ଘ ଛୁଟି ଗୁଡ଼ିକରେ ଛାତ୍ରମାନଙ୍କ କାର୍ଯ୍ୟ (୧୬୦), ସଂଗୀତ ଓ ଛାନ୍ଦ ଶିକ୍ଷା (ଗୋପବନ୍ଧୁଙ୍କ ସର୍ବତୋମୁଖୀ ପ୍ରତିଭା (୧୬୧)--କ୍ଲବ୍ ମିଟିଂ (୧୬୩)—ଫକୀର ମୋହନଙ୍କ ପରିଦର୍ଶନ (୧୬୯)

ଦଶମ ଅଧ୍ୟାୟ ୧୭୧--୧୮୭

ଛାତ୍ରାବାସରେ ଭୋଜି ଓ ଗୋପବନ୍ଧୁ (୧୭୧), ସରଳ ଜୀବନ (୧୭୨)—ବାଳକମାନଙ୍କର ଆତ୍ମମର୍ଯ୍ୟାଦାରକ୍ଷା (୧୭୩)—ଡୁ ଡୁ ଓ ଶ୍ଳୋକାନ୍ତ ପ୍ରତିଯୋଗିତା (୧୮୫)

ଏକାଦଶ ଅଧ୍ୟାୟ ୧୮୮---୨୧୩

ଆଲୋଚନା ସଭା (୧୮୮)--ଶ୍ରୀଯୁକ୍ତ ରତ୍ନାକର ପତି (୧୮୯) ଆଲୋଚନା ସଭା କିପରି ଚିତ୍ତାକର୍ଷକ ହେଲା (୧୯୦)--ନୀଳକଣ୍ଠଙ୍କର ପାଠନ ପ୍ରୀତି, କ୍ରୋଧ ଓ ସହିଷ୍ଣୁତା (୧୯୪)--ଉତ୍କଳସମ୍ମିଳନୀରେ ଛାତ୍ରଙ୍କ ସହଯୋଗ (୧୯୫), ଆଲୋଚନା ସଭାର ବାର୍ଷିକ ସମ୍ମିଳନୀ, ଗୋପବନ୍ଧୁଙ୍କ ଦୂରଦୃଷ୍ଟି (୧୯୭), ଶ୍ରୀ ହରିହର ପଣ୍ଡା (୧୯୯)--ନୀଳମାଧବ ଓ ଖଣ୍ଡପଡା ଦର୍ଶନ (୨୦୨)--ଡଙ୍ଗାତର ବେଠି ପ୍ରଥା ଓ ନୀଳକଣ୍ଠଙ୍କ ଭାବାଭିବ୍ୟକ୍ତି (୨୦୩) ଉତ୍କଳ ସମ୍ମିଳନୀକୁ ମିଃ ଦାସଙ୍କ ଡାକରା--ସତ୍ୟବାଦୀ-ଛାତ୍ରମାନଙ୍କ ସ୍ୱେଚ୍ଛାସେବକତା (୨୦୮) ମିଃ ଦାସଙ୍କର ଉନ୍ନତ ହୃଦୟ (୨୧୨)

GPNanda Colln., Digitized by srujanika@gmail.com

ଗ୍ରନ୍ଥ-ପରିଚୟ

ଯୋଗକଳ୍ପ ଗୋପବନ୍ଧୁ ଓ ତାଙ୍କ ସହକର୍ମୀମାନେ ସତ୍ୟବାଦୀରେ ଯେଉଁ ବିଦ୍ୟାଳୟ ଗଢ଼ିଥିଲେ, ତାହା ଆଧୁନିକ ବା ତତ୍କାଳୀନ ସାଧାରଣ ହାଇସ୍କୁଲ ନଥିଲା । ଗୋପବନ୍ଧୁ ତାହାର ନାମ 'ମନୁଷ୍ୟ ଗଢ଼ା କାରଖାନା' ଦେଇଥିଲେ । ପ୍ରକୃତରେ ବାଳକଙ୍କୁ ସର୍ବ ଭାବରେ ଉପଯୁକ୍ତ ଯୁବକ ଓ ଦେଶପ୍ରାଣ କରିବାର ଯତ୍ନ ସେମାନେ କରିଥିଲେ । ଆଜି ପଣ୍ଡିତ ଗୋପବନ୍ଧୁଙ୍କର ଜୀବନ କାହାଣୀ କେହି କେହି ପ୍ରକାଶ କରୁଛନ୍ତି; ମାତ୍ର ସତ୍ୟବାଦୀ ବକୁଳ-ତମାଳ-ଚୂତାଞ୍ଚନା-ବନ ମଧ୍ୟରେ ନିଭୃତ କୁଟୀରର ପରମ ସାଧକ ଗୋପବନ୍ଧୁଙ୍କର ତୁଙ୍ଗ ବ୍ୟକ୍ତିତ୍ୱର ବିକାଶ ଓ ପ୍ରସାର ବିଷୟରେ କେହି କିଛି ଜାଣିଥିବା ପରି ବୋଧ ହେଉନାହିଁ । ତାଙ୍କର ପ୍ରେରଣା ଓ ପଣ୍ଡିତ ନୀଳକଣ୍ଠ ଦାସ ତଥା ଅନ୍ୟାନ୍ୟ ସହକର୍ମୀମାନଙ୍କର ଚେତନ ମୂଳକ ମୌଳିକ ଯୋଜନାର କ୍ରମ ବିକାଶରେ ଯେଉଁ ବିଦ୍ୟାପୀଠ ଗଢ଼ି ଉଠିଥିଲା, ତାହା କ୍ରମେ ବିସ୍ମୃତି ଗର୍ଭରେ ବିଲୀନ ହେଉଅଛି ।

ଆଜି ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବରେ ପରିଚାଳିତ ଶିକ୍ଷାନୁଷ୍ଠାନଗୁଡ଼ିକର ସ୍ୱାଧୀନ ଭାରତ ପ୍ରତି ଉପଯୋଗିତା ନଥିବା ସମସ୍ତେ ଅନୁଭବ କରୁଛନ୍ତି—ଶିକ୍ଷାନୀତିରେ ପରିବର୍ତ୍ତନର ହେତୁ ସୂଚନା କେହି ବ୍ୟକ୍ତ ଦେଉଛନ୍ତି । ସେ ସମ୍ପର୍କରେ ସତ୍ୟବାଦୀରେ ପରୀକ୍ଷିତ ବିଦ୍ୟାବିନୋଦ-ପ୍ରଣାଳୀ ଓ ତାହାର ଉପଯୋଗିତା ଦର୍ଶାଇ ଦେବା ସମୀଚୀନ ମନେ କରି ମୁଁ ଏ ପୁସ୍ତକ ରଚନା କରିଅଛି ।

GPNanda Colln., Digitized by srujanika@gmail.com

[illegible] ଯେ ବର୍ତ୍ତମାନ ଜୀବିତ ମୋର ବନ୍ଧୁଜନମାନଙ୍କ ମଧ୍ୟରୁ ଗୋଦାବରୀଶ ବାବୁ ଓ ନୀଳକଣ୍ଠ ବାବୁ ଏହା ଲେଖିବା ପାଇଁ ଓ ନିରପେକ୍ଷ ଭାବରେ ଲେଖାରେ ଗତ କହିବା ଲାଗି କହୁଥିଲେ। ତେଣୁ ମୁଁ କେବଳ ଘଟଣା ଗୁଡ଼ିକ ବର୍ଣ୍ଣନ କରି, କୌଣସି ପ୍ରକାର ମତାମତ ଦେବାରୁ କ୍ଷାନ୍ତ ହୋଇଅଛି। ସେ ବିଦ୍ୟାଳୟର ବିଶେଷତ୍ୱ ବହୁ ମୁଖ କାର୍ଯ୍ୟ, କଠୋର ଶୃଙ୍ଖଳା ଓ ସମାଜ ସେବା; ତାହାଁ ସଙ୍ଗେ ଆଧୁନିକ ପାଠ୍ୟନିର୍ଦ୍ଦେଶର ସମ୍ୟକ୍ ଚର୍ଚ୍ଚା। ତେଣୁ ଉତ୍କଳର ସବୁ ଅଞ୍ଚଳରୁ ଧନୀ, ଗରିବ, ଜମିଦାର, ମଧ୍ୟବିତ୍ତ ବ୍ୟକ୍ତିମାନେ ନିଜ ନିଜ ବାଳକମାନଙ୍କୁ ସେଠାକୁ ପଠାଉଥିଲେ। ବର୍ତ୍ତମାନର ବହୁ ସାଧାରଣ ଅଭ୍ୟାସ ଓ କାର୍ଯ୍ୟ ସେଠାରେ ଶିକ୍ଷିତ ଥିଲା। ତେଣୁ ଛାତ୍ରମାନେ ଭିନ୍ନଭିନ୍ନ ଚକ୍ଷୁରେ ତାହାର କାର୍ଯ୍ୟ କଳାପ ଦେଖିବା ଅସଙ୍ଗତ ନୁହେଁ। ଏ ପୁସ୍ତକର ପାଣ୍ଡୁଲିପି ଶୁଣି ସେକାଳର କେତେକ ଛାତ୍ର ମତେ କହୁଥିଲେ, "ତୁମେ ଯେଉଁ ଭାବରେ ସତ୍ୟବାଦୀ ବିଦ୍ୟାଳୟକୁ ଦେଖିଛ, ଅନ୍ୟ କେହି କେହି ସେ ଭାବରେ ନ ଦେଖି ପାରନ୍ତି।" ବିଦ୍ୟାବିନୋଦ—ପଢ଼ାଘର, ଜନ୍ମସ୍ଥାନ, ଛାତ୍ରମାନେ ଏହା ଲାଭ କରିବେ, କେବଳ ବାହା ଦେଖାଇ ଚଳୁଥିବା, ବିଳାସ ବ୍ୟସନ ରହିତ ହୋଇ ଭିତରେ ବ୍ରହ୍ମଚର୍ଯ୍ୟ ଧାରଣ ଓ ପୋଷଣ କରୁଥିବା ଛାତ୍ରମାନେ ତାହା ପାରିବେନାହିଁ।

ପାଠକମାନେ ହଠାତ୍ ମନେ କରିପାରନ୍ତି, ଏହା ଏକ ବ୍ୟକ୍ତିଗତ ଜୀବନ-କାହାଣୀ; ମାତ୍ର ବିଦ୍ୟାଳୟର ନୀତି ଗୁଡ଼ିକୁ କେବଳ ପ୍ରବନ୍ଧାକାରରେ ଲେଖିଲେ, ତାହା ନୀରସ ହେବାର ଆଶଙ୍କା ଅଛି। ତେଣୁ ପାରୁପର୍ଯ୍ୟନ୍ତ ଚେଷ୍ଟାକରି ସେ ବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ସବୁ ବିଷୟ ବର୍ଣ୍ଣନ କରିଛି। ମୋର ନିଜ ଅନୁଭୂତି

GPNanda Colln., Digitized by srujanika@gmail.com

ହେବାର ଚେଷ୍ଟା ସାରସ୍ୱତ ପ୍ରବୃତ୍ତି ସହାୟ ସୁଚିନ୍ତ୍ୟ ଓ ସୁଖ ପାଠ୍ୟ କରିବା। ଅନ୍ୟଆଚରଣ ମଧ୍ୟ ଅଛି।

ବ୍ରିଟିଶ୍ ଶାସନାଧୀନ ଭାରତରେ ଅଧୋଗତି, ଦୈନ୍ୟ ଓ ପୁରାଙ୍ଗ-ପ୍ରାପ୍ତିର ଆର୍ଯ୍ୟ ଭୂମି ଏହି ଦେଶର ନୈତିକ ଓ ଭୌତିକ ଅବନତି ଲୋକସାଧାରଣଙ୍କ କଣ୍ଟକିତ ସନ୍ତୁଷ୍ଟ ଜୀବନର ଭାବଧାରା ଦେଖି ଯୁବା-କାଳରେ ଗୋପବନ୍ଧୁ, ନୀଳକଣ୍ଠ, ପ୍ରଗୃହୀତ ଅନନ୍ତ ମିଶ୍ର ଓ ଅନ୍ୟମାନେ ଉପଯୁକ୍ତ ମାନବ ଜୀବନ ଗଠନ କରିବାର କଳ୍ପନା କରିଥିଲେ। ସେହି କଳ୍ପନାକୁ ରୂପରେଖ ଦେଇ ସେମାନେ ସତ୍ୟବାଦୀ ବିଦ୍ୟାଳୟ ଗଢ଼ି, ବନ୍ଧୁ ବିଦ୍ୟାଳୟ ପାଠ୍ୟରେ ଉପଯୋଗିତା ଦେଖି ନପାରି, ସିଲାବସ୍ ଅତିରିକ୍ତ ବହୁତ ବିଷୟରେ ଛାତ୍ରମାନଙ୍କ ତାଲିମ୍ କରୁଥିଲେ ଓ କୃତକାର୍ଯ୍ୟ ହୋଇଥିଲେ। ସେମାନେ ସରକାରଠାରୁ କୌଣସି ପ୍ରକାର ସାହାଯ୍ୟ ନନେଇ ସ୍ୱାଧୀନ ଥିବାରୁ ବଡ ବଡ ବହୁ ବିଷୟକ କଳ୍ପନା ଓ ଯୋଜନା କରି କ୍ରମଶଃ ସେହି ସେହି ବିଷୟରୁ ଶିକ୍ଷାର ଅଙ୍ଗ କରି ପାରୁଥିଲେ। ସେଥିଲାଗି ସେମାନଙ୍କୁ କଠୋର ପରିଶ୍ରମ ଓ ଅଗାଧ ଚିନ୍ତା କରିବାକୁ ହେଉଥିଲା। ମାତ୍ର କେବଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉଦ୍ଭାବିତ, ପ୍ରଯୋଜିତ ଓ ଅନୁସୃତ ନୀତି ବା ଶୃଙ୍ଖଳା ଛାତ୍ରମାନଙ୍କ ପ୍ରତି ଆଦରଣୀୟ ହୋଇ ନପାରେ। ତେଣୁ ଛାତ୍ରସମାଜ ମଧ୍ୟ ଉଦ୍ବୁଦ୍ଧ ଥାଇ ସଂଗଠନ ମୂଳକ କାର୍ଯ୍ୟଗୁଡ଼ିକ ସୋପାନ କ୍ରମେ ଗଢ଼ା ଯାଉଥିବା କାଳରେ ସାର୍ଥକ ସହଯୋଗ କରୁଥିଲେ। ଏହି ବିଦ୍ୟାଳୟର ଅନନ୍ୟ-ସାଧାରଣ ବିଶେଷତ୍ୱ। ତେଣୁ ଛାତ୍ରସମାଜ ଏ ପୁସ୍ତକ ପାଠ ଦ୍ୱାରା ନିଜ ଆଚରଣ ଓ ଚରିତ୍ର ଗଠନର ମୂଳ ଗୁରୁମନ୍ତ୍ର ଓ ନିଜ ବିଦ୍ୟାଳୟ ପ୍ରତି ଅକୃତ୍ରିମ ଅନୁରକ୍ତିର ନିଦର୍ଶନ ଦେଖିପାରିବେ। ଶିକ୍ଷକ ସମାଜ ନିଜ କର୍ତ୍ତବ୍ୟର ଅବବୋଧ କରିବା ସହିତ ହେବ; କାର୍ଯ୍ୟରେ କରିବା ନିଷ୍ଠାରେ ଚଳାଇ ପାରେ।

GPNanda Colln., Digitized by srujanika@gmail.com

ମୋ ନିଜର ଅନୁଭୂତ ବହୁତ ଥିଲେହେଁ, ଦେଶୀ ବିଖ୍ୟାତ ଜୀବନ କଥା ମୁଁ ଦେଇନାହିଁ । କେବଳ ଯେଉଁ ଯେଉଁ ଘଟଣାରେ ଉପଯୁକ୍ତ ଶିକ୍ଷାପ୍ରଦ ଆଶ୍ୱାସ ବାଣୀ ଶୁଣିଥିଲି, ସେହି ବକ୍ତୃତାର ସାରାଂଶ ଛାତ୍ର ତଥା ସମାଜର ଯୁବକମାନଙ୍କ ପକ୍ଷରେ ହିତକର ଥିବାରୁ ସନ୍ନି-ବେଶିତ କରିଅଛି । ଯେତେ ଯେତେ ଅନୁଷ୍ଠାନ କ୍ରମଶଃ ପ୍ରତିଷ୍ଠିତ ହୋଇଥିଲା ସେ ସବୁ ଗୁଡ଼ିକ ୧୯୧୭ ଓ ୧୯୧୮ ରେ ପୂର୍ଣ୍ଣତା ଲଭିଥିଲା । ତେଣୁ ସେହି ଅବସ୍ଥାର ବିଷୟ ଦିଆ ଯାଇଅଛି । ତତ୍ ପୂର୍ବରୁ ସେଗୁଡ଼ିକର କ୍ରମବିକାଶ ହୋଇ ଆସୁଥିଲା ।

ଏବେ ଶିକ୍ଷାର ପରିବର୍ତ୍ତନ ଚିନ୍ତା ଆସିଅଛି । ଶିକ୍ଷକ ଓ ଛାତ୍ରସମାଜ, ତଥା ଉତ୍କଳର ଶିକ୍ଷାବିତ୍ ଓ ଶିକ୍ଷାପରିଚାଳକ ବୃନ୍ଦ ଏହି ପୁସ୍ତକରୁ ସ୍ୱନାମ-ଧନ୍ୟ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ବିଦ୍ୟାଳୟର କି ଉପ-ଯୋଗିତା ଥିଲା, ତାହା ଦେଖି ପାରିବେ । ଏଥିରୁ ଅନେକ ବିଷୟ କାହିଁକି-ପ୍ରତ୍ୟେକ ବିଷୟର ଉପଯୋଗିତା ଅନୁଭବ କରିପାରିବେ ବୋଲି ବିଶ୍ୱାସ କରାଯାଏ । ସ୍ୱାଧୀନ ଦେଶରେ ତରୁଣ ଛାତ୍ରଜୀବନରେ ବୁଭୁକ୍ଷୁ ଦୁର୍ଭିକ୍ଷପ୍ରପୀଡ଼ିତ ଅଞ୍ଚଳରେ ଜନସେବା, ବନ୍ୟା ବିପତ୍ତି, ଗୃହଦାହ ଇତ୍ୟାଦିରେ ବଳିଷ୍ଠ-ଶକ୍ତିଦାନ, ସଂକ୍ରାମକ ରୋଗୀର ସେବା ଓ ରୋଗୋପଶମ ପାଇଁ ସହାୟତା, ରୋଗୀସେବା, ନିଜର ଓ ସମାଜର ମଙ୍ଗଳ ବଡ ସକଳ କାର୍ଯ୍ୟ ନିଜ ହାତରେ ଅକୁଣ୍ଠିତ ଭାବରେ କରି-ଥିବା, ଉପଯୁକ୍ତ କ୍ଷେତ୍ର ଥିଲେ କାୟିକ ପରିଶ୍ରମ ବଳରେ ଗ୍ରାସାଚ୍ଛାଦନ ଅର୍ଜନ କରି ପାଠ ପଢିପାରିବା, ସରଳଜୀବନରେ ଉନ୍ନତ ଚିନ୍ତାଧାରା ସମ୍ବଳିତ ବିଦ୍ୟାବିନୋଦ, ଦେଶପ୍ରେମିକତା, ରାଜନୀତି-ସମାଜନୀତି-ନୈତିକତାର ସ୍ୱାଧୀନ ଆଲୋଚନା ଇତ୍ୟାଦି ପୁସ୍ତକ ଶଂସିତ ଓ ସତ୍ୟବାଦୀରେ ପରୀକ୍ଷିତ ଓ ପ୍ରତିଷ୍ଠିତ ଗୁଣାବଳୀ ଫୁଟିବା ସମ୍ଭବ ।

GPNanda Colln., Digitized by srujanika@gmail.com

ଗୋପବନ୍ଧୁ, ତାଙ୍କର ସହକର୍ମୀଗଣ ଓ ସତ୍ୟବାଦୀ ବିଦ୍ୟାଳୟ କେବଳ ସ୍ମୃତି ଓ ଇତିହାସର ଅତୀତ ବିଷୟ ନୁହେଁ। ତାହା ଜୀବନ୍ତ। ମହାତ୍ମା ଗାନ୍ଧିଙ୍କ ପରିକଳ୍ପିତ ମୌଳିକ ଶିକ୍ଷା-ଯୋଜନାର ପୂର୍ଣ୍ଣାଙ୍ଗ ବିକାଶ ସେଇଠାରେ ହୋଇଥିଲା। ଏ ପୁସ୍ତକ ସଂକଳନରେ ମୋର ବିଶେଷତ୍ୱ ବା କଅଣ ଅଛି ? ଉନ୍ନତ ମହାମାନବ ଗୋପବନ୍ଧୁଙ୍କର ପ୍ରେରଣା, କଳ୍ପନା, ଯୋଜନା ଓ କର୍ମ ଯେନ ଆମ ବିଦ୍ୟାଳୟଗୁଡ଼ିକ ବିକଶିତ ହେଉ—ଏହାହିଁ କାମନା।

ପରମ ସାଧକ ଗୋପବନ୍ଧୁ ଓ ନିରଳସ ସହକର୍ମୀମାନେ ଶିକ୍ଷାର ପ୍ରକୃତ ସ୍ୱରୂପ ଫୁଟାଇବା ପାଇଁ ଯାହା ଯାହା କରିଥିଲେ, ସେ ସବୁଗୁଡ଼ିକ ମୁଁ ଲେଖିଅଛି। ମାତ୍ର ତାହା ଏକତ୍ର କରି ଗୋଟିଏ ଗ୍ରନ୍ଥରେ ସନ୍ନିବେଶିତ କଲେ ବର୍ତ୍ତମାନ ମହର୍ଘ ସମୟରେ ଲୋକମାନଙ୍କର ଆର୍ଥିକ ଅନାଟନ ହେତୁ ସହଜରେ ଆଗ୍ରହୀ ପାଠକମାନେ କିଣିପାରିବେ ନାହିଁ। ତେଣୁ ପ୍ରଥମ ଭାଗରେ କେତେକ ବିଷୟ ପ୍ରକାଶିତ ହେଲା। ଦ୍ୱିତୀୟ ଭାଗର ମୁଦ୍ରଣ ଚାଲିଅଛି। ସେ ଭାଗରେ ବହୁ ଉପାଦେୟ ବିଷୟ ରହିଲା। ଶିକ୍ଷକ ଛାତ୍ରମାନଙ୍କର ସାଧାରଣ ସେବାପରାୟଣତା, ପାରିପାର୍ଶ୍ୱିକ ସମାଜ ସେବା, ଦେଶପ୍ରୀତି, ସ୍ୱାଧୀନ ଜୀବନ ଗଠନ, ବୈଦିକ ଯୁଗର ଶିକ୍ଷା ପଦ୍ଧତିର ପରୀକ୍ଷାମୂଳକ ପ୍ରଚେଷ୍ଟା ଓ କୃତକାର୍ଯ୍ୟତା, ମୌଳିକ ଶିକ୍ଷା, ହସ୍ତକର୍ମ ଦ୍ୱାରା ଜୀବିକାର୍ଜନ ପ୍ରଣାଳୀର ଚମତ୍କାର କାର୍ଯ୍ୟକାରିତା, ଶିକ୍ଷକ ଓ ଛାତ୍ରମାନଙ୍କର ନିର୍ଭୀକ ମନୋଭାବାଭିବ୍ୟକ୍ତି, ସରକାରଙ୍କ କୋପଦୃଷ୍ଟି ପଡ଼ିବାରେ ସାଦର ସାହଚର୍ଯ୍ୟ ଇତ୍ୟାଦି ବହୁତ ବିଷୟ କଥା ଦ୍ୱିତୀୟ ଭାଗରେ ପ୍ରକାଶ ପାଇବ।

GPNanda Colln., Digitized by srujanika@gmail.com

ଗ୍ରନ୍ଥ-ସୂଚନା ।

ମାନବୀୟ କୌଣସି କାର୍ଯ୍ୟ ଶେଷହେଉ ନାହିଁ, ମାନବ ସେ ପୂର୍ଣ୍ଣତା ଦିଗରେ ଧାବମାନ ହେଉଅଛି, ଏହା ତାହାପକ୍ଷରେ ସ୍ୱାଭାବିକ । ଶିକ୍ଷା, ରାଜନୀତି, ସମାଜନୀତି, ଧର୍ମନୀତି ପ୍ରଭୃତି ବିଷୟରେ ସେ ସର୍ବଦା ଗୋଟିଏ ଶେଷସିଦ୍ଧାନ୍ତରେ ଉପନୀତ ହୋଇ ଧରାପୃଷ୍ଠରେ ସୁଖଶାନ୍ତିମୟ ଜୀବନର ପ୍ରତିଷ୍ଠା ନିମିତ୍ତ ନିରନ୍ତର ଧାଉଁଛି ! ଅବଶ୍ୟ ଦୋଷଦୁର୍ବଳତା ସଙ୍ଗେ ଯୁଝିକରି ଜୀବନକ୍ଷେତ୍ରରେ ଗତି କରିବା ବଡ଼ ଏକ ଦୁରୂହ ବ୍ୟାପାର—'ଦୁର୍ଗମ ପଥ ଏ ଜଗତ, ଅଟେ ଜାଣନ୍ତି ଯୋଗିଜନ ।' 'ଶ୍ରେୟାଂସି ବହୁ ବିଘ୍ନାନି ।' କିନ୍ତୁ ମାନବର କି ଏକ ଅଦ୍ଭୁତ ସ୍ୱଭାବ, ସେ ସର୍ବଦା ଦୈନନ୍ଦିନ ବ୍ୟାପାରରୁ ଆରମ୍ଭ କରି, ସୁଦୂର ପରାହତ ଅବସ୍ଥିତ ସିଦ୍ଧିଲାଭର ଆଶାରେ ଉପାୟ ଉଦ୍ଭାବନ ଓ ଅବଲମ୍ବନ କରିବାରେ ଲାଗି ପଡ଼ିଅଛି । ଏହାର ଫଳରେ ମାନବ-ସମାଜର କଲ୍ୟାଣ ନିମିତ୍ତ ବିଭିନ୍ନ ଅନୁଷ୍ଠାନମାନଙ୍କର ସୂତ୍ରପାତ ହୋଇଛି ସିନା ! କିନ୍ତୁ ଯଥାର୍ଥ ବା ଉପଯୋଗୀ ପନ୍ଥା ଉଦ୍ଭାବନ କରି ଆଦର୍ଶର ଉପଲବ୍ଧି ଓ ପ୍ରତିଷ୍ଠା କରିବା ପାଇଁ ଅନେକସମୟରେ ଯୋଗଜନ୍ମା ପୁରୁଷଙ୍କର ଆବିର୍ଭାବ ହୋଇଥାଏ । ଗୀତାକାର କହିଲା ଭଳି, ଧର୍ମରେ ଗ୍ଲାନି ଘଟିଲେ ଈଶ୍ୱର ସ୍ୱୟଂ ଉକ୍ତ ଗ୍ଲାନି ଦୂରୀକରଣାର୍ଥ ବିଗ୍ରହ ଦେଇ ଅବତୀର୍ଣ୍ଣ ହୁଅନ୍ତି । ଏହା ସତ୍ୟ କେବଳ ଦ୍ୱାପର ଯୁଗ ପ୍ରତି ପ୍ରଯୋଜ୍ୟ ନୁହେଁ । ସୃଷ୍ଟିର ଆରମ୍ଭରୁ ପ୍ରତି କି ଯୁଗରେ ଏହାର କାର୍ଯ୍ୟକାରିତା ଦେଖାଦେଇ ଆସୁଅଛି । ବାସ୍ତବିକ, ଶାସ୍ତ୍ରୋକ୍ତ ଏହି ଯୁକ୍ତି ଯୁଗକ ମାନବଜୀବନକୁ ଉଦ୍ବୁଦ୍ଧ, ଉଦ୍ବେଳିତ ଓ ସଞ୍ଜୀବିତ କରି ରଖିଅଛି । ତା' ନ ହୋଇଥିଲେ ମାନବର ଜୀବନକ୍ଷେତ୍ର ଆଦର୍ଶବିହୀନ ତଥା ଅନିଶ୍ଚିତ ଏକ କଳହ-ବିସମ୍ବାଦ-କ୍ଷେତ୍ରରେ ପରିଣତ

GPNanda Colln., Digitized by srujanika@gmail.com

ହୋଇଥାନ୍ତି । ସିଦ୍ଧ, ସାଧକ, ପୁଣ୍ୟାତ୍ମା, ତ୍ୟାଗୀ ବୀରପୁରୁଷ ମାନଙ୍କର ଆବିର୍ଭାବ ଏହି ଗୀତୋକ୍ତ ଅବତାରର ରୂପାନ୍ତର କହିଲେ ଅପଳାପ ହେବନାହିଁ । ଧରାପୃଷ୍ଠରେ ଜଣେ ଜଣେ ମହାତ୍ମାମାନଙ୍କ ଆବିର୍ଭାବ ଓ କାର୍ଯ୍ୟକଳାପ ମାନବସମାଜରେ ଯେଉଁ ଅଦ୍ଭୁତ ପରିବର୍ତ୍ତନ ମାନ ଘଟାଇ ଅଛି, ତାହା ଐତିହାସିକମାନଙ୍କ ସୁବିଦିତ । ଜଣେ ଶଙ୍କର, ଜଣେ ବୁଦ୍ଧ, ଜଣେ ଖ୍ରୀଷ୍ଟ, ଜଣେ ମହମ୍ମଦ, ଜଣେ ବିବେକାନନ୍ଦ ଜଣେ ଲେନିନ, ଜଣେ ନେପୋଲିଅନ୍ ଓ ଜଣେ ମହାତ୍ମା ଗାନ୍ଧି ଦେଶ ବିଦେଶରେ, ମାନବ-ଜୀବନ-ଧାରାରେ ଯେଉଁ ସବୁ ପରିବର୍ତ୍ତନ ଆଣିଅଛନ୍ତି, ତାହା ଦେଖିଲେ ପ୍ରାଣରେ ଅପାର ଚମକ ଜାତ ହୁଏ । ସାରା ପୃଥିବୀରେ ଏହି ଯେଉଁ ସତ୍ୟ ପ୍ରତିପାଦିତ ହେଉଅଛି, ତାହା ପୃଥିବୀର ପ୍ରତ୍ୟେକ ଅଂଶରେ ମଧ୍ୟ ତୁଲ୍ୟରୂପେ କାର୍ଯ୍ୟ କରିଥାଏ । ଏହି ଦିଗରୁ ବିଚାର କଲେ, ମନେ ହୁଏ, ପୃଥିବୀର କ୍ଷୁଦ୍ରତମ ଏକାଂଶ ଆମ ଏ ଉତ୍କଳ ପ୍ରଦେଶରେ ପ୍ରୋକ୍ତ ନୀତିର ବ୍ୟତିକ୍ରମ ହୋଇନାହିଁ ।

ଦିନ ଥିଲା, ଯେତେବେଳେ ପ୍ରାଚୀନ ଉତ୍କଳ ଶିକ୍ଷା, ଧର୍ମ, ରାଜନୀତି, ଶିଳ୍ପନୈପୁଣ୍ୟ, ଭୌତିକ ବିଭବ ପ୍ରଭୃତି ଜୀବନର ବିଭିନ୍ନ କ୍ଷେତ୍ରରେ ଅତୁଳନୀୟ ଗୌରବ ଓ ପ୍ରତିଷ୍ଠା ଲାଭ କରିଥିଲା । କିନ୍ତୁ କାଳଗତିର ପ୍ରଭାବରେ ଧର୍ମ ବା କର୍ତ୍ତବ୍ୟର ଗ୍ଲାନି ବଶତଃ ସେ ସବୁର ଅଧୋଗତି ହୋଇ କେବଳ ସେସବୁ ଆଖ୍ୟାନ ଛଳରେ ଜଗତରେ ପରିକୀର୍ତ୍ତିତ ହେଉଅଛି ।

ବିଦେଶୀ ରାଜତ୍ୱର ପ୍ରଭାବରୁ ଓ ତତ୍କାଳୀନ ଦେଶବାସୀଙ୍କର ଦୁର୍ବଳତାରୁ ଏହା ଯେ ଘଟିଅଛି, ବୋଲିବା ବାହୁଲ୍ୟ । ଏହି ବିଦେଶୀୟଙ୍କ ପ୍ରଭାବ ବିରୁଦ୍ଧରେ ଯୁଦ୍ଧକରି, ଦେଶବାସୀଙ୍କର ଦୁର୍ବଳତା ତଥା ଅଧୋଗତି ଦୂର କରିବା ପାଇଁ ଯେଉଁ ସବୁ ଜନଜନ୍ମା ବଳିଷ୍ଠ ବ୍ୟକ୍ତିଙ୍କର ଉତ୍କଳରେ ଆବିର୍ଭାବ ହୋଇ ଯାଇଅଛି, ସେମାନଙ୍କ ମଧ୍ୟରେ

GPNanda Colln., Digitized by srujanika@gmail.com

ସ୍ୱନାମଧନ୍ୟ ଉତ୍କଳମଣି ଗୋପବନ୍ଧୁ ଓ ତାଙ୍କର ସହକର୍ମୀ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ୬ ପଣ୍ଡିତ କୃପାସିନ୍ଧୁ, ଆଚାର୍ଯ୍ୟ ହରିହର, ପଣ୍ଡିତ ବାସୁଦେବ, ରାମଚନ୍ଦ୍ର ପ୍ରଭୃତି କତିପୟ ବ୍ୟକ୍ତିଙ୍କର ନାମ ଏ ସମ୍ପର୍କରେ ଉଲ୍ଲେଖ ଯୋଗ୍ୟ ।

ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବରେ ଦେଶବାସୀ ତଥା ଗୃହସମାଜରେ ସରକାରୀ ଚାକିରି ମନୋବୃତ୍ତି ଓ ସଙ୍କୀର୍ଣ୍ଣ ସ୍ୱାର୍ଥାନ୍ଧତାର ସତ୍ତ୍ୱ ଉପଲବ୍ଧି କରି ପାରିଥିଲେ ଏହି କେତେଜଣ ଉଦାରଚେତା ଦେଶପ୍ରେମୀ କର୍ମୀମାନେ । ଅବଶ୍ୟ ଭାରତର ଅନ୍ୟାନ୍ୟ ପ୍ରଦେଶରେ ଏହିପରି ମହାମନା ତ୍ୟାଗୀ କର୍ମବୀର ମାନଙ୍କର ଆବିର୍ଭାବ ହୋଇଥିଲା । ସ୍ୱାଧୀନଚେତା ଗୋଖଲେ, କର୍ମବୀର ତିଳକ, ବିଶ୍ୱକବି ଓ ଦେଶପ୍ରାଣ ରବୀନ୍ଦ୍ରନାଥ, ଓ ଉତ୍କଳର କୁଳବୃଦ୍ଧ ମଧୁସୂଦନ ଓ ପ୍ୟାରୀମୋହନ, ପ୍ରଭୃତି ଧର୍ମ-କର୍ମନିଷ୍ଠ, ଅର୍ଥପ୍ରାଣ ଓ ଶିକ୍ଷାପ୍ରେମୀ ଶ୍ରୀ ମଦନମୋହନ ମାଳବ୍ୟ ପ୍ରଭୃତି ମନୀଷିଗଣ ଏଥିପୂର୍ବରୁ ଦେଶକୁ ଭାରତର ପ୍ରାଚୀନ ପରଂପରା ପ୍ରତି ଜାଗ୍ରତ ଓ ଉଦ୍‌ବୁଦ୍ଧ କରିବାପାଇଁ ଅଗ୍ରସର ହୋଇ ଥିଲେ । ଦେଶର ଏହି ବାତାବରଣ ମଧ୍ୟରେ କ୍ଷୁଦ୍ର ଉତ୍କଳଖଣ୍ଡରେ ପ୍ରାଚୀନ ପରଂପରା ପ୍ରତି ଦୃଷ୍ଟିରଖି, ନବଯୁଗର ପ୍ରଭାବକୁ ନିୟମିତ କରି, ସାମାଜିକ ଓ ବ୍ୟକ୍ତିଗତ ଜୀବନର ବିକାଶ ଉଦ୍ଦେଶ୍ୟରେ ଅନୁକୂଳ ଅବସ୍ଥା ଓ ଅନୁଷ୍ଠାନମାନ ସୃଷ୍ଟିକରିବା ପଣ୍ଡିତ ଗୋପବନ୍ଧୁ ଓ ତାଙ୍କ ସହକର୍ମୀମାନଙ୍କର ଏକ ବ୍ରତ ହୋଇ ପଡିଥିଲା । ଏହି ବ୍ରତର ପାଳନ ନିମିତ୍ତ ତଦାନୀନ୍ତନ ସହଜଲଭ୍ୟ ଯାବତୀୟ ସ୍ୱାର୍ଥମୂଳକ ପ୍ରଲୋଭନ ବିସର୍ଜନ କରି, ଏହି ବଳିଷ୍ଠ କର୍ମୀମାନେ ଦେଶାତ୍ମବୋଧରେ ଅନୁପ୍ରାଣିତ ହେବା ସଙ୍ଗେ ସଙ୍ଗେ ତ୍ୟାଗର ଭିତ୍ତିରେ ପୁଣ୍ୟଧାମ ବକୁଳ-ଚୁରଅନା-ପରିମଣ୍ଡିତ ଓ କବିବନ୍ଦିତ ଗୁରୁ-ରତ୍ନଚୀର-ବିଧୌତ ପୁରାଣ ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିର ନିକଟରେ ଭାରତସଂଭୂତ ତଥା

GPNanda Colln., Digitized by srujanika@gmail.com

ପୃଥିବୀ ବିଖ୍ୟାତ ପ୍ରାଚୀନ ଗୁରୁକୁଳ ଆଶ୍ରମ କଳ୍ପ 'ସତ୍ୟବାଦୀ ବିଦ୍ୟାଳୟ' ନାମକ ଏକ ଶିକ୍ଷାନୁଷ୍ଠାନ ଗଢି ବସିଥିଲେ । ଏହି ଅନୁଷ୍ଠାନର ବିକାଶରେ ପୁଣ୍ୟାତ୍ମା ଗୋପବନ୍ଧୁଙ୍କର ପ୍ରାଣ ପ୍ରାଚୁର୍ଯ୍ୟ, ପଣ୍ଡିତ ନୀଳକଣ୍ଠଙ୍କର ଅଗାଧ ପାଣ୍ଡିତ୍ୟ, ଗଠନ ମୂଳକ ଯୋଜନା ଓ ସର୍ବଧର୍ମୀ କଳ୍ପନା ଶକ୍ତି ଓ ପଣ୍ଡିତ ଗୋଦାବରୀଶଙ୍କ କୋମଳ କବିଶକ୍ତି, ଅଧ୍ୟାପନାର ମୌଳିକ ଗୁରୁତ୍ୱ, ଓ ଶିଷ୍ୟପ୍ରାଣତା, ଅଧିନାଙ୍କ ବ୍ୟାପକ ବୁଦ୍ଧି ପରିସର, ପଣ୍ଡିତ କୃପାସିନ୍ଧୁଙ୍କର ଐତିହାସିକତା ଓ ଅଖଣ୍ଡ ସହଯୋଗ, ଆଚାର୍ଯ୍ୟ ହରିହରଙ୍କର ଋଷିପ୍ରାଣତା, ନିର୍ମଳ କର୍ତ୍ତବ୍ୟ ନିଷ୍ଠା, ପିତୃ ସୁଲଭ ବାତ୍ସଲ୍ୟ, ସହୃଦୟତା ଓ ସ୍ୱାଭାବିକ ସେବା-ପରାୟଣତା, ପଣ୍ଡିତ ବାସୁଦେବଙ୍କର ଆଧ୍ୟାତ୍ମିକ ଭାବ-ପ୍ରବଣତା, ବାଗ୍ମିତା, କଠୋର-କର୍ତ୍ତବ୍ୟ-ପରାୟଣତା ଓ ଆଦର୍ଶ ସାଧନରେ ତନ୍ମୟତା, ଓ ପଣ୍ଡିତ ରାମଚନ୍ଦ୍ରଙ୍କର ନୀରବ କର୍ମନିଷ୍ଠା ଓ ହାର୍ଦ୍ଦିକ ସହଯୋଗ କେନ୍ଦ୍ରୀଭୂତ ହୋଇଥିଲା । ଏହାଛଡା ଅନ୍ୟାନ୍ୟ କର୍ମୀ-ମାନଙ୍କର ତ୍ୟାଗ, ନିଷ୍ଠା, ସାଧନା, ଓ ଅକୁଣ୍ଠିତ ସହଯୋଗ ଏହି ଅନୁଷ୍ଠାନର ଗଠନ, ପ୍ରତିଷ୍ଠା ଓ ବିକାଶରେ ଅନିବାର୍ଯ୍ୟ ପରିପୋଷକ ରୂପେ ବିଦ୍ୟମାନ ଥିବା ଉଲ୍ଲେଖ-ଯୋଗ୍ୟ ।

ପ୍ରାୟ ଅର୍ଦ୍ଧ-ଶତାବ୍ଦୀ-ତଳର କଥା—ପଣ୍ଡିତ ଗୋପବନ୍ଧୁ ପ୍ରମୁଖ କତିପୟ ଦେଶପ୍ରାଣ ଯୁବକ ଦେଶ ସେବକ ମୁକ୍ତିଆର ରାମଚନ୍ଦ୍ର ଦାସଙ୍କ ଉପଦେଶ ଓ ପ୍ରେରଣାରେ ଲୋକହିତୈଷଣାକୁ ଆଦର୍ଶ ରୂପେ ଗ୍ରହଣ କରି ପୁରୀର ବ୍ରାହ୍ମଣସମିତିଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଲୋକହିତକର କାର୍ଯ୍ୟରେ ମନପ୍ରାଣ ଢାଳିଦେବାକୁ ବସିଲେ । ପୁଣ୍ୟାତ୍ମା ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର ଓ ସୁପରିଚିତ ସ୍ୱର୍ଗତ ଅନନ୍ତ ମିଶ୍ରଙ୍କୁ ଏହି ଆଦର୍ଶରେ ଅନୁପ୍ରାଣିତ କରି ତଦନୁଯାୟୀ ଭବିଷ୍ୟତ କର୍ମପନ୍ଥାର ଏକ ସୁଚିନ୍ତିତ ଯୋଜନା କରି

GPNanda Colln., Digitized by srujanika@gmail.com

ଯାଉଥିଲେ । ପ୍ରକୃତ ଗୋପବନ୍ଧୁ ତାଙ୍କର ସ୍ଥଳଜୀବନରୁ ଅନାସ୍ଥ କରି ଯେଉଁ ସ୍ୱାଧୀନ ମନୋବୃତ୍ତି ଦେଖାଇ ଆସୁଥିଲେ, ତାହା ସହିତ ନୃ କୃଷ୍ଣାନନ୍ଦ ରାମଚନ୍ଦ୍ରଙ୍କର ଦେଶପ୍ରାଣତାର ସଂଯୋଗ ଏକ ମଣି-କାଞ୍ଚନ-ସଂଯୋଗ ପରି ହୋଇଥିଲା । ଏହା ଗୋପବନ୍ଧୁଙ୍କର ସ୍ୱାଭାବିକ ପ୍ରୀତି ଦେଶ ପ୍ରେମିକତାକୁ ପରିପୁଷ୍ଟ ଓ ସକ୍ରିୟ କରିଦେଲା । ଫଳତଃ ଏହି ନବଆଦର୍ଶରେ ଦୀକ୍ଷିତ ଯୁବକମାନେ ତ୍ୟାଗ ଓ ଦେଶପ୍ରାଣତାର ପରିପୋଷକ ସ୍ୱାଧୀନ ଅନୁଷ୍ଠାନର ଏକ ଯୋଜନା କରି ତାହାକୁ କାର୍ଯ୍ୟରେ ପରିଣତ କରିବା ନିମିତ୍ତ ସତ୍ୟବାଦୀରେ ସମ୍ପୂର୍ଣ୍ଣ ବିଶିଷ୍ଟ ଧରଣର ଏକ ବିଦ୍ୟାଳୟ ସ୍ଥାପନ କଲେ । ଏହାର ଲକ୍ଷ୍ୟ ଥିଲା, ଦେଶର ତରୁଣ ଜୀବନକୁ କେବଳ ଶିକ୍ଷାରେ ନୁହେଁ, ଦୀକ୍ଷାରେ ମଧ୍ୟ ଏପରି ନିୟମିତ କରିବାକୁ ହେବ, ଯାହାଦ୍ୱାରା ଜୀବନର ସର୍ବାଙ୍ଗୀନ ବିକାଶର ପନ୍ଥା ସୁଗମ ହୋଇ ପଡ଼ିବ । ଏହି ଶିକ୍ଷାନୁଷ୍ଠାନଟି ସେଥିପାଇଁ କେବଳ ମାନସିକ ବିକାଶ ନୁହେଁ, ନୈତିକ, ସାମାଜିକ, ତଥା ଶାରୀରିକ ଶକ୍ତି ଗୁଡ଼ିକର ଅଭିବ୍ୟକ୍ତି ଓ ଯଥାଯଥ ପ୍ରୟୋଗ ନିମିତ୍ତ ଅଭିପ୍ରେତ ଥିଲା ।

ଜୀବନର ଏହି ସକଳ ବିଭାବର ବିକାଶ ହିଁ ଗୋପବନ୍ଧୁଙ୍କ ଶିକ୍ଷା ଯୋଜନାର ଅଙ୍ଗୀଭୂତ ଥିଲା । ବାସ୍ତବିକ୍ ଜଣେ ବିଶିଷ୍ଟ ଲେଖକଙ୍କ କଥାରେ "Education is completion of Life"—ଶିକ୍ଷା ଜୀବନର ସର୍ବାଙ୍ଗୀନ ବିକାଶ—ଗୋପବନ୍ଧୁ ଏହାହିଁ ଉପଲବ୍ଧି କରିଥିଲେ । ତାଙ୍କର ଶିକ୍ଷାବିଷୟକ ଏହି ପରିକଳ୍ପନାରେ ନୀଳକଣ୍ଠଙ୍କର ଅନନ୍ୟ-ସାଧାରଣ ଗଠନ-ମୂଳକ ଯୋଜନା ଶକ୍ତି ଅବଶ୍ୟ ନିହିତ ଥିଲା । ଉଭୟେ ଏହି ସିଦ୍ଧାନ୍ତରେ ଉପନୀତ ହୋଇ-ଥିଲେ ଯେ ବିକାଶ ପ୍ରକ୍ରିୟାରେ ଜୀବନର ସମସ୍ତ ବୃତ୍ତି ଗୁଡ଼ିକର ବିକାଶ, ସମନ୍ୱିତ-ସଂରକ୍ଷଣ ଓ କର୍ମକ୍ଷେତ୍ରରେ ସେଗୁଡ଼ିକର

GPNanda Colln., Digitized by srujanika@gmail.com

ଯଥାଯଥ ପ୍ରତ୍ୟାଗତ ପ୍ରକୃତ ଶିକ୍ଷା-ପଦ-ବାଚ୍ୟ । ସଂକ୍ଷେପରେ କହିବାକୁ ଗଲେ ଉପଯୁକ୍ତ କର୍ମୀ ସୃଷ୍ଟି କରିବା ଏହି ଶିକ୍ଷା ଗତ ଯୋଜନାର ଚରମ୍ ଲକ୍ଷ୍ୟ । କିନ୍ତୁ ଆଗରୁ କହିଅଛି, ମାନବୀୟ କୌଣସି କର୍ମ ଲକ୍ଷ୍ୟସିଦ୍ଧ ନୁହେଁ । ବର୍ତ୍ତମାନ ଦେଖିବାକୁ ହେବ, ଏହି ଶିକ୍ଷା-ନୁଷ୍ଠାନରେ ଶିକ୍ଷାର ଉଲ୍ଲିଖିତ ଲକ୍ଷ୍ୟ କେତେଦୂର ସିଦ୍ଧ ହୋଇପାରି ଥିଲା—ଗୋପବନ୍ଧୁଙ୍କର ସେହି ସ୍ୱପ୍ନ କେତେଦୂର ବାସ୍ତବତାରେ ପରିଣତ ହୋଇଥିଲା ।

ଘଟଣାକ୍ରମେ ମୁଁ ସତ୍ୟବାଦୀରେ କିଛିଦିନ ରହି ବିଦ୍ୟାଳୟଟିର ଅତୀତ ସମ୍ବନ୍ଧରେ କେତେକ ପରିଚୟ ପାଇବାର ସୁଯୋଗ ପାଇଥିଲି । ସେହି ଅଳ୍ପକାଳ ମଧ୍ୟରେ ମୋର ମନରେ ଯେଉଁ ଧାରଣା ଜାଗ୍ରତ ହୋଇଥିଲା, ସେ ଗୁଡ଼ିକର ସମର୍ଥକ ହେଉଛି ଶ୍ରଦ୍ଧେୟ ଚନ୍ଦ୍ରଶେଖରଙ୍କର 'ସତ୍ୟବାଦୀରେ ସାତବର୍ଷ' ଶୀର୍ଷକ ଏହି ପୁସ୍ତକ ଖଣ୍ଡି । ମୁଁ ଶ୍ରୀମାନ୍ ଚନ୍ଦ୍ରଶେଖରଙ୍କୁ ମୋ ଜୀବନର ନାନା ଘଟଣାରେ ତାଙ୍କର ଛାତ୍ରାବସ୍ଥାରୁ ଦେଖି ଆସୁଅଛି । ମୁଁ ତାଙ୍କ ଛାତ୍ରଜୀବନରୁ ତାଙ୍କର ସଂସ୍ପର୍ଶରେ ଆସି, ତାଙ୍କର କଠୋର ଅଧ୍ୟବସାୟ, ଚିନ୍ତାଶୀଳତା, ସମାତେ ନିୟମାନୁବର୍ତ୍ତିତା, ତଥା ଲିଖନ-ପଠନରେ ଅକ୍ଳାନ୍ତ ନିଷ୍ଠା ଓ ଉତ୍ସାହର ଯଥେଷ୍ଟ ପରିଚୟ ପାଇଅଛି । ଆଧୁନିକ ଛାତ୍ରମାନଙ୍କ ମଧ୍ୟରେ ଡ଼ାଏରି ଲେଖାର ଅଭ୍ୟାସ ଖୁବ୍ କମ୍ ଦେଖାଯାଏ । ମାତ୍ର ଶ୍ରୀମାନ୍ ଚନ୍ଦ୍ରଶେଖର ଛାତ୍ରାବସ୍ଥାର ପ୍ରଥମରୁ ନିୟମିତ ଭାବରେ ଦୈନନ୍ଦିନ କାର୍ଯ୍ୟକଳାପର ସଂକ୍ଷିପ୍ତ ବିବରଣୀ ଲେଖି ରଖୁଥିବା କଥା ମୁଁ ଜାଣେ । 'ସତ୍ୟବାଦୀରେ ସାତବର୍ଷ' ଗ୍ରନ୍ଥଟିର ରଚନାରେ ଏହି ଦୈନିକ ବିବରଣୀ ଉତ୍ସରୂପେ କାର୍ଯ୍ୟ କରିଅଛି । ମୁଁ ଯେତେଦୂର ଜାଣିପାରିଅଛି, ଚନ୍ଦ୍ରଶେଖର ବିଦ୍ୟାଳୟରେ ଏକ ଆଦର୍ଶ ଛାତ୍ରରୂପେ ବିଦ୍ୟାଳୟର କର୍ମପରିଷଦରେ ଅନୁପ୍ରାଣିତ ଓ ସଂଶ୍ଳିଷ୍ଟ ରହିଥିବାରୁ ଅନୁଷ୍ଠାନର ପ୍ରତ୍ୟେକ

GPNanda Colln., Digitized by srujanika@gmail.com

ଧାରର କାର୍ଯ୍ୟ ଅନୁଧାବନ କରିଥିଲେ ଓ ସେ ସମସ୍ତ ଡାଏରୀରେ ଲିପି-ବଦ୍ଧ କରି ରଖିଥିଲେ । ଆଜି ତାଙ୍କ ରଚିତ ପୁସ୍ତକଟି ପାଠକରି ମୋର ପୂର୍ବୋକ୍ତ ଧାରଣାଗୁଡ଼ିକ ଯେ ଭ୍ରମମୂଳକ ନୁହେଁ, ତାହା ପୁସ୍ତକରେ ବର୍ଣ୍ଣିତ ବିବରଣ ମାନଙ୍କରୁ ସ୍ପଷ୍ଟ ପ୍ରତୀୟମାନ ହୁଏ । ଏହାଛଡ଼ା ମୁଁ କଟକ ରେଭେନ୍‌ସା କଲେଜରେ ଅଧ୍ୟାପକ ଥିଲି ବେଳେ ଯେଉଁ ଛାତ୍ର-ମାନେ ସତ୍ୟବାଦୀ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ କଲେଜକୁ ଆସୁ-ଥିଲେ, ସେମାନଙ୍କର ଶକ୍ତିଗୁଡ଼ିକର ବିକାଶ ଓ ବ୍ୟବହାରିକ କ୍ଷେତ୍ରରେ ସେମାନଙ୍କର ଚାଲି-ଚଳଣି, ଗତିବିଧି ମୋର ସେହି ଧାରଣାକୁ ଦୃଢ଼ୀ-ଭୂତ କରିଥିଲା । ତଦାନୀନ୍ତନ ସତ୍ୟବାଦୀ ବିଦ୍ୟାଳୟର ଯେ କୌଣସି ଛାତ୍ରକୁ ଦେଖିଲେ ସେ ଯେ ସତ୍ୟବାଦୀ ବିଦ୍ୟାଳୟରୁ ଏକ ଛାପ ନେଇ ଆସିଅଛି, ଏହା ସ୍ୱତଃ ମନରେ ଜାଗ୍ରତ ହେଉଥିଲା । କେବଳ ମୁଁ ନୁହେଁ—କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ଉକ୍ତିରୁ ମୁଁ ଏହାର ସତ୍ୟତାର ପ୍ରମାଣ ପାଇଥିଲି । ମନେପଡ଼େ, ବିଦ୍ୟାଳୟର ଜଣେ ପ୍ରଧାନ ଶିକ୍ଷକ-କର୍ମୀ ଲେଖକଙ୍କୁ କଲେଜରେ ପଢ଼ିବାରେ ସହାୟତା କରିବା ନିମିତ୍ତ ଅନୁରୋଧ କରି ମୋ ପାଖକୁ ପଠାଇ ଦେଇଥିଲେ । ଲେଖକ ଅନୁରୋଧ ପତ୍ରଟି ଦେବା ସଙ୍ଗେ ସଙ୍ଗେ ମତେ କହିଲେ—"ସାର୍, ମୁଁ ଅଭାବଗ୍ରସ୍ତ, କଲେଜରେ ପଢ଼ିବାକୁ ମୋର ଅବସ୍ଥା ଅନୁକୂଳ ନୁହେଁ । କିନ୍ତୁ ମୁଁ କୌଣସି ଲୋକଠାରୁ କେବଳ ଦାନରୂପେ ସାହାଯ୍ୟ ଗ୍ରହଣ କରିବାକୁ ଇଚ୍ଛା କରୁନାହିଁ । ମୁଁ କୌଣସି ବ୍ୟକ୍ତିଙ୍କ ପାଖେ ରୋଜେଇ କାମ କରି କଲେଜରେ ପଢ଼ିବାକୁ ଚାହେଁ । ଆପଣ ଯଦି ଅନୁଗ୍ରହ କରି ମତେ କୌଣସି ଏପରି କାର୍ଯ୍ୟରେ ନିଯୁକ୍ତ କରାଇ ଦିଅନ୍ତି, ତାହା-ହେଲେ, ମୋର ପଢ଼ିବାରେ ଅସୁବିଧା ହେବନାହିଁ ।" ଏହା ଶୁଣି ମୁଁ ସତ୍ୟବାଦୀ ବିଦ୍ୟାଳୟର ବିଶେଷତ୍ୱ ଉପଲବ୍ଧି କରିବା ସଙ୍ଗେ ସଙ୍ଗେ ତାଙ୍କ ପାଇଁ କୌଣସି କର୍ମର ଅନ୍ୱେଷଣରେ ରହିଲି ।

GPNanda Colln., Digitized by srujanika@gmail.com

ତଦାନୀନ୍ତନ (ମେଡ଼ିକ) କଲେଜ ଅଧ୍ୟାପକଙ୍କ ତତ୍ତ୍ୱାବଧାନରେ ଥିବା ଗୋଟିଏ ଛାତ୍ରର ଗୃହ-ଶିକ୍ଷକର ଆବଶ୍ୟକତା ହେଲା । ମୁଁ ଚନ୍ଦ୍ରଶେଖରଙ୍କ ପରିଚୟ ଦେବା ସଙ୍ଗେ ସଙ୍ଗେ ଉକ୍ତ ଅଧ୍ୟାପକ ତାହାଙ୍କୁ ଗୃହଶିକ୍ଷକରୂପେ ନିଯୁକ୍ତ କଲେ । ନିର୍ଦ୍ଦିଷ୍ଟ ଦିନ ଚନ୍ଦ୍ରଶେଖରଙ୍କୁ କହିଲି "ତୁମ୍ଭ ପାଇଁ ଗୋଟିଏ ବୋଟେଇ କାମ ଠିକ୍ କରିଛି । ସେଠାକୁ ତୁମ୍ଭଙ୍କୁ ନେଇଯିବ ।" ଚନ୍ଦ୍ରଶେଖରଙ୍କୁ ନେଇ ଛାତ୍ରଟି ପାଖରେ ପହଞ୍ଚାଇ ଦେଇ କହିଲି "ଦେଖ, ଏଠାରେ ତୁମ୍ଭଙ୍କ ସେଟେଇ କରି ଉତ୍ତମ ମାନସିକ ଖାଦ୍ୟ ପ୍ରସ୍ତୁତ କରିବାକୁ ହେବ । ତୁମ୍ଭେ ଏଠାରେ ରହ ।" ଏହାପରେ ଆଉ-ଜଣେ ଖ୍ୟାତନାମା ବ୍ୟକ୍ତିଙ୍କର ଗୃହଶିକ୍ଷକ ଆବଶ୍ୟକ ହେବାରୁ ଯେତେବେଳେ ଚନ୍ଦ୍ରଶେଖର ମୋଠାରୁ ପରିଚୟପତ୍ର ନେଇ ସେଠାରେ ଉପସ୍ଥିତ ହେଲେ, ସେତେବେଳେ ସେ ମହାଶୟ ହଠାତ୍ କହିଲେ, "ସତ୍ୟବାଦୀ ବିଦ୍ୟାଳୟର ଛାତ୍ର ମୋ ବାଳକର ଗୃହଶିକ୍ଷକ ହେବା ସୁଖର କଥା ।" ଏହାପରେ ଅନ୍ୟାନ୍ୟ ସତ୍ୟବାଦୀ ବିଦ୍ୟାଳୟର ନିର୍ଦ୍ଧନ ଛାତ୍ରମାନେ ମୋ ସଙ୍ଗେ ସାକ୍ଷାତ କଲାବେଳେ ବୋଧ ହେଉଥିଲା, ସେମାନେ ଯେପରିକି ନିର୍ଦ୍ଧନ ହେଲେବି ହତୋତ୍ସାହ ନୁହନ୍ତି । ସେମାନଙ୍କ ମନରେ ସରଳତା ସଙ୍ଗେ ସାହସ ଓ ଉଚ୍ଚାଭିଳାଷ, ସବୁପ୍ରକାର ଅବସ୍ଥା ମଧ୍ୟରେ କର୍ମପ୍ରବଣତା ସେମାନଙ୍କ ମୁଖରେ ଫୁଟି ଉଠୁଥିଲା । ସେମାନଙ୍କର ଆଗ୍ରହ ବ୍ୟବହାରରେ ଏକନିଷ୍ଠ ଶିଷ୍ଟତା, ନିର୍ଭୀକ ନମ୍ରତା ଓ ଭକ୍ତିପ୍ରବଣତା ପରିଲକ୍ଷିତ ହେଉଥିଲା । କଲେଜରେ ଅଧ୍ୟୟନ କରୁଥିବା କାଳରେ ମଧ୍ୟ ସତ୍ୟବାଦୀ ବିଦ୍ୟାଳୟରୁ ଆସିଥିବା ଛାତ୍ରବୃନ୍ଦ ନୀରବ ଓ ନିରପେକ୍ଷ ସମୀକ୍ଷକ ଭାବରେ ଶ୍ରେଣୀର ଅଧ୍ୟାପନା ଓ ଅନ୍ୟାନ୍ୟ ଛାତ୍ରଙ୍କର ସମ୍ପର୍କ ସତ୍ୟବାଦୀ ବିଦ୍ୟାଳୟ ଛାତ୍ରଙ୍କୁ ତୁଳନା କରୁଥିଲେ ଏବଂ ତଦ୍ଦ୍ୱାରା ନିଜନିଜର ବିଶିଷ୍ଟତାର ସଂରକ୍ଷଣରେ ସର୍ବଦା ତତ୍ପର ଥିଲେ । ଲିଖନପଠନରେ ଶ୍ରଦ୍ଧା, ତର୍କସଭାରେ ହାର୍ଦ୍ଦିକ

GPNanda Colln., Digitized by srujanika@gmail.com

ସହଯୋଗ ଓ ଅନୁମୋଦିତ ପାଠ୍ୟନିର୍ଘଣ୍ଟର ବହିର୍ଭୂତ ଅନେକାନେକ ଛାତ୍ରୋଚିତ କର୍ମରେ ସମ୍ପୃକ୍ତ ଯୋଗଦାନରୁ ସତ୍ୟବାଦୀ ବିଦ୍ୟାଳୟ-ଲବ୍ଧ ଉତ୍ତମ ଛାତ୍ରତ୍ୱର ପରିଚୟ ମିଳୁଥିଲା । ଛାତ୍ରୋତ୍ତର ଜୀବନରେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଏହି ବିଶିଷ୍ଟତାର କାର୍ଯ୍ୟକାରିତା ଦେଖା ଯାଇଥାଏ । ଅଦ୍ୟାବଧି ସେହି ବିଦ୍ୟାଳୟର କେତେକ ଛାତ୍ର ତାଙ୍କର ଛାତ୍ରୋତ୍ତର ଜୀବନରେ ସତ୍ୟବାଦୀ ବିଦ୍ୟାଳୟରେ ପ୍ରବର୍ତ୍ତିତ ଶାରୀରିକ ଶିକ୍ଷା ପଦ୍ଧତିର ଅନୁସରଣରେ ପ୍ରସିଦ୍ଧି ଲାଭ କରିଅଛନ୍ତି । ଏହା କେବଳ ମୋ ପରି ଏକ ବ୍ୟକ୍ତିର ଅନୁଭୂତି ନୁହେଁ, ମୋର ବିଶ୍ୱାସ, ଯେ କେହି ନିରପେକ୍ଷ ବ୍ୟକ୍ତି ତଦାନୀନ୍ତନ ସତ୍ୟବାଦୀ ବିଦ୍ୟାଳୟର ଛାତ୍ରମାନଙ୍କ ସଂସ୍ପର୍ଶରେ ଆସିଥିବେ, ସେମାନଙ୍କ ମନରେ ଅବଶ୍ୟ ଏହି ଭଳି ଧାରଣା ଜାତ ହୋଇଥିବ । କେଉଁ ପ୍ରଭାବ ବା ଶିକ୍ଷାର ବଳରେ ସେମାନଙ୍କ ମଧ୍ୟରେ ଏହି ବିଶିଷ୍ଟତା ଫୁଟି ଉଠିଥିଲା, ତାହା ଏହି ପୁସ୍ତକରେ ବର୍ଣ୍ଣିତ ବିଷୟମାନଙ୍କରୁ ଉପଲବ୍ଧ ହେବ । ଏ ସମ୍ପର୍କରେ କେବଳ ଏତିକି କହିଲେ ଚଳେ ଯେ ଯେଉଁ ମୌଳିକ ନୀତିଟି ସତ୍ୟବାଦୀ ବିଦ୍ୟାଳୟର ଶିକ୍ଷକମାନଙ୍କର ଅଭିଆଶରେ ନାଚୁଥିଲା ତହିଁରେ ସିଦ୍ଧି ଆଣିବା ପାଇଁ ଶିକ୍ଷକମାନଙ୍କର କାର୍ଯ୍ୟକଳାପ ଛାତ୍ର-ମାନଙ୍କ ସମକ୍ଷରେ ଜ୍ୱଳନ୍ତ ଆଦର୍ଶ ରୂପେ ବିଦ୍ୟମାନ ଥାଇ ସେମାନଙ୍କୁ ଉଦ୍‌ବୁଦ୍ଧ କରୁଥିଲା ।

ଅନୁଷ୍ଠାନଟିର ଶିକ୍ଷାଦାନ-ପ୍ରଣାଳୀ ବିଷୟ ଏହି ପୁସ୍ତକରେ ପୁଙ୍ଖାନୁପୁଙ୍ଖ ଆଲୋଚିତ ହୋଇଅଛି । ସୁତରାଂ ସେ ବିଷୟରେ ପୁନରାବୃତ୍ତି ନକରି କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ ଭାରତର ପ୍ରାଚୀନ ପରମ୍ପରାକୁ ଭିତ୍ତିକରି ଆଧୁନିକତାର ଅତି ଉପାଦେୟ ବିଭବମାନ ଗ୍ରହଣ ପୂର୍ବକ ଜାତୀୟଜୀବନ—ବିକାଶର ଅନୁକୂଳ ଏକ ପୂର୍ଣ୍ଣାଙ୍ଗ ଅନୁଷ୍ଠାନ ପ୍ରତିଷ୍ଠା କରିବା କର୍ମୀମାନଙ୍କର ବଳବତୀ ଇଚ୍ଛା ଓ ପ୍ରଗାଢ଼ ପ୍ରଯତ୍ନ ଥିଲା ।

GPNanda Colln., Digitized by srujanika@gmail.com

ଦୈନନ୍ଦିନ କାର୍ଯ୍ୟଠାରୁ ଆରମ୍ଭ କରି ମାନସିକ, କାୟିକ, ବାଚିକ, ନୈତିକ ଜୀବନର ଉତ୍କର୍ଷ ସାଧନ ସଙ୍ଗେ ସଙ୍ଗେ ଗଣତନ୍ତ୍ର-ଶାସନରେ ପ୍ରତିଷ୍ଠିତ ଓ ପରିଚାଳିତ କୃଷି, ଶିଳ୍ପ, ରୋଗୀପରିଚର୍ଯ୍ୟା, ଦୁର୍ଭିକ୍ଷ-ଗୃହଦାହ-ଇତ୍ୟାଦି ବିପତ୍ତି କାଳରେ ସମାଜର ସମ୍ୟକ୍ ସେବା ଓ ଦାୟିତ୍ୱ ଗ୍ରହଣ ପାଇଁ ଏ ବିଦ୍ୟାଳୟ ଗୋଟିଏ ଉପଯୁକ୍ତ ଅନୁଷ୍ଠାନ ଥିଲା । ଏହା ଅବଶ୍ୟ ପୂର୍ଣ୍ଣତା ଲାଭ କରିପାରିଥିଲା ବୋଲି କୁହାଯାଇ ନପାରେ । ତଥାପି ଆଧୁନିକ ଶିକ୍ଷାନୁଷ୍ଠାନ ମାନଙ୍କ ତୁଳନାରେ ଏହା ଦେଶର ଏକ ଆଦର୍ଶ ଶିକ୍ଷା ଅନୁଷ୍ଠାନ ଏଥିରେ ମତଦ୍ୱୈଧ ହେବାର ଆଶଙ୍କା ନାହିଁ ।

ବଡ ଦୁଃଖର କଥା, ଯେତେବେଳେ ସ୍ୱାଧୀନ ଭାରତର ପ୍ରତିଷ୍ଠା ପାଇଁ ଦେଶନେତାମାନେ ବିଦେଶୀ ସରକାରଙ୍କ ବିରୁଦ୍ଧରେ ଅଭିଯାନ କଲେ, ସେତେବେଳେ ପ୍ରତିଷ୍ଠାତା ଓ ତାଙ୍କର ସହକର୍ମୀମାନେ ବିଦ୍ୟାଳୟରୁ ସରକାରୀ ନିୟନ୍ତ୍ରଣ ତ୍ୟାଗ କରିବାକୁ ଯାଇ ଏହି ବିଦ୍ୟାଳୟଟିକୁ ଜାତୀୟ ବିଦ୍ୟାଳୟରେ ପରିଣତ କଲେ । ମାତ୍ର ସେତେବେଳେ ଦେଶବାସୀଙ୍କ ମନୋବୃତ୍ତି ଯେପରି ଥିଲା, ତଦନୁସାରେ ଏ ଜାତୀୟ ବିଦ୍ୟାଳୟ (ଅସହଯୋଗ ଆନ୍ଦୋଳନ ପରେ) କାର୍ଯ୍ୟକାରୀ ହେବ ବୋଲି ଅଭିଭାବକମାନଙ୍କର ପ୍ରତ୍ୟୟ ରହିଲା ନାହିଁ । ଏହା ସଙ୍ଗକୁ ପୁଣି ନେତାମାନଙ୍କର ଦେଶର ଅବସ୍ଥା ଦୃଷ୍ଟିରେ ଆନ୍ଦୋଳନର ସାମୟିକ ପରିବର୍ତ୍ତନ ଲୋକଙ୍କ ମନରୁ କ୍ରମେ ଏହା ପ୍ରତି ଆସ୍ଥା ଓ ପ୍ରତ୍ୟୟ ଆହୁରି କମାଇ ଦେଲା । ଫଳରେ ନୂତନ ସ୍ଥାପିତ ଜାତୀୟ ବିଦ୍ୟାଳୟଟି ମଧ୍ୟ କ୍ରମଶଃ ବିଲୟ ଭଜିଲା । ବର୍ତ୍ତମାନ ନନ୍ଦବାଳା- ଜାତୀୟ ବିଦ୍ୟାଳୟ ଭୂତପୂର୍ବ ସତ୍ୟବାଦୀ ବିଦ୍ୟାଳୟ ନୁହେ । ଏହା କେବଳ ଆଧୁନିକ ସାଧାରଣ ବିଦ୍ୟାଳୟ ମାନଙ୍କ ମଧ୍ୟରେ ଏକତମ ।

GPNanda Colln., Digitized by srujanika@gmail.com

ପରିଶେଷରେ ବକ୍ତବ୍ୟ ଏହି ଯେ ଶଂସିତ ସତ୍ୟବାଦୀ ବିଦ୍ୟାଳୟ ଆଉ ନାହିଁ ସତ୍ୟ, କିନ୍ତୁ ତାହାର ଆଦର୍ଶ, ତାହାର ନୀତି ଓ ତାହାର କର୍ମ-ପଦ୍ଧତି ଲୋପ ପାଇବାର ନୁହେ । ଦିନ ଆସୁଛି, ଯେତେବେଳେ ସ୍ୱାଧୀନ ଭାରତର ଲୋକପ୍ରିୟ ସରକାରଙ୍କ ଗଣତନ୍ତ୍ରଶାସନ ଦୃଷ୍ଟିରେ ଏହାର ଉପାଦେୟତା ଅବଶ୍ୟ ଉପଲବ୍ଧ ହେବ ଓ ଏହି ପୁସ୍ତକ ବର୍ଣ୍ଣିତ ବିଷୟମାନଙ୍କରୁ ଦେଶର ଶିକ୍ଷାବିତ୍‌ମାନେ ନବ-ଗ୍ରଥିତ ଶିକ୍ଷା-ପ୍ରଣାଳୀ ପାଇଁ ବହୁ ଅନୁକୂଳ ଉପାଦାନ ପାଇପାରିବେ ।

୧୦ । ୮ । ୫୩ ରତ୍ନାକର ପତି

GPNanda Colln., Digitized by srujanika@gmail.com

ପ୍ରାରମ୍ଭ

କାଲିପରି ମନେ ହେଉଛି, ହେଲେହେଁ ସେ ଆଜିକି ଅର୍ଦ୍ଧଶତାବ୍ଦୀର କଥା। ସ୍ୱଦକ ଗୋପବନ୍ଧୁ ଦାସଙ୍କୁ ତାଙ୍କ ନିଜ ଘରଠାରେ ଯାଇ ଦେଖିଲି। ପ୍ରାଣର କି ଆକର୍ଷଣରେ ଆମେ ଆମ ଗ୍ରାମ ଶ୍ରୀରାମଚନ୍ଦ୍ରପୁର-ଠାରୁ ଗୁହଡକୋଣ ବଲ-ବାଠ ହୁଡବାଠ ଚୂଲି, ଭାର୍ଗବୀ ନଈ ଡେଇଁ ତାଙ୍କ ଗ୍ରାମରେ ଗୋପବନ୍ଧୁଙ୍କୁ ଯାଇ ଭେଟିଲୁଁ ତା' ଆଜି ମନେ ନାହିଁ; ମନେ ହେଲେ ବି କହିପାରିବି ନାହିଁ। ଗୋପବନ୍ଧୁ ଓଡ଼ିଆ ଭାଗବତର ସପ୍ତାହ ପାଠରେ ସଂକଳ୍ପ କରି ନିଜ ଗାଁ ମୁଣ୍ଡେ ଭାର୍ଗବୀ ନଈବନ୍ଧ ତଳେ ଯାଗେଶ୍ୱରୀଙ୍କ ମନ୍ଦିର ଆଗଚୂଳିଆରେ ବସିଥାନ୍ତି। ସାତଦିନରେ ଭାଗବତକୁ ନିଷ୍ଠାରେ ପାଠକରି ପୂର୍ଣ୍ଣ କରିବାକୁ ହୁଏ। ତା ପୁଣି କୌଣସି ଭାଗବତ ଘରେ ବା ମନ୍ଦିରରେ। ସେ ସାତଦିନ ସେହି ମନ୍ଦିରରେ 'ଭାଗବତଙ୍କୁ' ପୂଜା କରି, ଅରୁଆ ଓ ନିରାମିଷ ଖାଇ ହବିଷ କରିବାକୁ ହୁଏ—ଏହାହିଁ ଭାଗବତର ସପ୍ତାହ ପାଠ।

ଆମେ ଯାଇଥିଲୁ ତିନିଜଣ—ସ୍ୱର୍ଗତ ପ୍ରଚାରକ ଅନନ୍ତ ମିଶ୍ର, ଆଚାର୍ଯ୍ୟ ହରିହର ଦାସ ଓ ମୁଁ। ଘରୁ ଖାଇକରି ଯାଇଥିଲୁ। ଯାଇ ଦେଖିଲୁଁ ପୋଥି-ଆସନ ଉପରେ ଥିବା ତାଳପତ୍ର ପୋଥିରୁ ଡୋର ଫିଟାଇ ରଖିଦେଇ ସେଥିରୁ ଗୋଟିଏ ଖେଦା ଧରି ସୌମ୍ୟବପୁ ଗୋପବନ୍ଧୁ ପାରାୟଣରେ ଲାଗିଛନ୍ତି। ସେ ପିନ୍ଧିଥିଲେ ଗୋଟିଏ ମଟା। ଦେହରେ ପଡିଥିଲା ଖଣ୍ଡିଏ ଓଢ଼ା ଗାମୁଛା। ସନ୍ଧ୍ୟାବେଳକୁ ସେଦିନ ପଢାସରିଲା। ସମସ୍ତେ କଦଳୀପତ୍ର ପକାଇ ସେହି ମନ୍ଦିରଅଗ ଚୂଳିଆରେ ଏକା-ଧାଡ଼ିରେ ବସିଗଲୁଁ; ଅନ୍ୟ କେହି କେହି ବି ଥିଲେ। ସମସ୍ତେ ବ୍ରାହ୍ମଣ

GPNanda Colln., Digitized by srujanika@gmail.com

ନଥିଲେ । ଆମ ସାମାଜିକ ଜୀବନରେ ଏ ଏକ ନୂତନ ଅନୁଭୂତି । ଶୁକ୍ଳାମ୍ବାଇ ଦେଉଳରେ ଯଥା ଭାତ ଓ ପିତଳ ଅଟିକା ପ୍ରଭୃତିରେ ଡାଲି ପୁଣି ତରକାରୀ ଭଗବତ ଘୋଷଙ୍କୁ ପୂଜା ହୋଇଥିଲା । ଅଞ୍ଚଳରେ ସେହି ଦେଉଳରୁ ବ୍ରାହ୍ମଣ ଅବ୍ରାହ୍ମଣ ଭେଦରେ ପଙ୍କ୍ତି ଧରି ବସିଥିବା ଲୋକଙ୍କୁ ଯେତେବେଳେ ଭାତ ପରଷା ହେଲା, ସେ ପ୍ରଥମ ଅନୁଭୂତିର ସ୍ମରଣ ଆଜି ଜୀବନ୍ତ କରିବାକୁ ମୋର ସାହସ ହେଉନାହିଁ । ପରେ ଜାଣିଲି, ଭାଗବତଗାଦି ମାନଙ୍କରେ ମେଳା ମଉଚ୍ଛବରେ ପ୍ରଦେଶରେ ସର୍ବତ୍ର ଏହାହିଁ ଚାଲିଥିଲା, କେବଳ ପୁରୀ ଆଖପାଖ ଶାସନ ଓ ଶାସନ-ପ୍ରଭାବିତ କେତେକ ଗ୍ରାମରେ ମାତ୍ର ଏହା ନଥିଲା । ସେହି ଶାସନ ଓ ଶାସନ ପ୍ରଭାବିତ ଗ୍ରାମରେ ଜନ୍ମ ହୋଇଥିଲେ—ଜଗନ୍ନାଥ ଦାସ । ତଥାପି ସେ ଗ୍ରାମରେ ତାଙ୍କ ଓଡ଼ିଆ ଭାଗବତ ଏବେବି ପ୍ରତିଷ୍ଠା ପାଇ ନାହିଁ କି ସାଧାରଣ ଭାବରେ ଏବେ ବି ପଢ଼ା ହୁଏନାହିଁ । ଏ ସ୍ୱଭାବରେ ଗୋପବନ୍ଧୁ ବ୍ରାହ୍ମଣ ଥିଲେ ମଧ୍ୟ ଆଗ୍ରହରେ ଥିଲେ ଓଡ଼ିଆ ସାଧବ ।

ରାତି ହେଲା; ନିର୍ମଳ ଶୁଭ୍ର ବାସନ୍ତୀ ରଜନୀ; ସେଦିନ ହୁଏତ ପୂର୍ଣ୍ଣମୀ, ଚତୁର୍ଦ୍ଦଶୀ ବା ପ୍ରତିପଦା । ନଈବନ୍ଧ ଉପରେ ବରଗଛ ତଳେ ଚାନ୍ଦନୀ ବିଛି ହୋଇ ପଡ଼ିଥିଲା । ଗୁଞ୍ଜ ପକାଇ ଗୁରୁଦେବ ବସିଗଲେ । ବନ ଝଳକୁ ନଈ ଧରିନି, ତା ଆରପଟେ ସ୍ୱଚ୍ଛ ନଈଧାର ଦାଉ ଦାଉ ଦିଶୁଛି । ସେକାଳେ ବସନ୍ତରେ 'ବାଢ଼ ପଡ଼ିବା' ଗୋଟିଏ ସାଧାରଣ କଥା ଥିଲା । ଲୋକେ ଏବେ ବି କହନ୍ତି 'ଚଢ଼ତି ବାଢ଼' । ଆମେ ବସିବା ଜାଗାର ଆରପାଖେ ବାଲି ଖଣ୍ଡ ଦେଖୁଛୁ ବଳପୁର ଗାଁର ଶ୍ମଶାନ ତଳ । ନଈ ଶୁଖିଥିଲା ବେଳେ ଏଇଠାହିଁ ଶ୍ମଶାନ ହୁଏ । ବଳିପୁରରେ ଭାରି ବାଢ଼ ପଡ଼ିଥିଲା—ସେକାଳେ ସେଇପରି ହେଉଥିଲା । ଲୋକେ ସବୁ ଶବ ଦାହ କରି ପାରୁ ନଥିଲେ—ଅନେକ ଶବ ଅର୍ଦ୍ଧ-

GPNanda Colln., Digitized by srujanika@gmail.com

ଦେଶ ଅବସ୍ଥାନର ଛାଁଟି ଶୁଣି ପାଉଥିଲେ । ସତ୍ୟବାଦୀ ବନ୍ଧୁଆଏ ଭାଷା ଯୋଗାଇ ନାଇ ଦ୍ରାଭାରଙ୍କ କରୁ ଲୁଚିରେ ଏହି ଉଦ୍‌ବେଗ ଶବ୍ଦସବୁ ଶୁଣୁଥିବୁ ଥାନ୍ତି । ଆମକୁ ଉଦର ମାଡ଼ିବାର କଥା, କିନ୍ତୁ ଗୋପବନ୍ଧୁଙ୍କ ସାଙ୍ଗେ ଟେବୁଲରେ ବସି, ସେହି ଭାବକାନ୍ତ ଦୃଶ୍ୟ ଭିତରେ ବେଦନ ଘଟି ପାର ଆଉଥିଲା କି ଭାବାବେଶରେ—ତାହା ବୁଝନାହିଁ । ସମସ୍ତେ ସଙ୍କଳ୍ପ କଲୁ, "ସରକାର ଚାକିରି କରିବା ନାହିଁ; ନିଜର ଉଦର ପୋଷଣ ବିଳାସରେ ମନ ଦେବା ନାହିଁ । ଜନ୍ମହୋଇ ଦେଶକୁ ଯାହା ଦେଖିଥାଉ, ମଲାବେଳେ ତାଠାରୁ ଉନ୍ନତତର ଅବସ୍ଥାରେ ଛାଡ଼ିଯିବା ଓ ସେଥିପାଇଁ ବିଶ୍ୱର ପ୍ରଯତ୍ନରେ ରହିବା ।

ଆଜି ଦିନର କଥା ବି କହିଦିଏ । ସମସ୍ତ କଳ୍ପନା, ଯୋଜନାଦିରେ ଥିଲେ ଆପଣେ । ଆପଣେ (ଆମେ ତିନିହେଁ ଗୋପବନ୍ଧୁଙ୍କ "ଆପଣେ" ବୋଲି ଡାକୁଥିଲୁ; ସେ ହିଁ ଆପଣେ ବୋଲି ଶିଖାଇ ଦେଇଥିଲେ) ମଝିରେ ସବୁବେଳେ ଲେଭୁନ୍ତି । କିଭଳି କାର୍ଯ୍ୟ କେଉଁ-ଠାରେ ଆରମ୍ଭ କରିବା ଏ ବିଷୟରେ ବହୁଦିନ ଦନ୍ଦ୍ୱ ଚାଲି ଯାଉଥିଲା । ଶେଷକୁ ଠିକ୍ ହେଲା—ଗୋଟାଏ ବିଦ୍ୟାଳୟ କରିବା । ପୁନାର ଫର୍ଗୁସନ୍ କଲେଜ୍ ସେତେବେଳେ ଆଖି ଆଗରେ ଥିଲା । ଇଂଲଣ୍ଡର ଇଟନ୍, ହାରୋ, ରୁଗ୍‌ବି ଆଦି ପବ୍‌ଲିକ୍ ସ୍କୁଲମାନଙ୍କ କଥା ମଧ୍ୟ ଆମ୍ଭେମାନେ ଶୁଣିଥିଲୁ । ବିଦେଶରେ ବୁଦ୍ଧଙ୍କ ସମ୍ପର୍କରେ ଏଡ୍‌ୱିନ୍ ଆରନଲ୍ଡଙ୍କ କଥା ଆମେ ପଢ଼ି ବୁଝିପାରୁଥିଲୁ । ତାଙ୍କ (Light of Asia) ନାମକ ପୁସ୍ତକକୁ ଉପଜୀବ୍ୟ କରି ବଙ୍ଗ କବି ନବୀନ ସେନ୍ 'ଅମିତାଭ' ନାମରେ ବଙ୍ଗଳାରେ ପ୍ରକାଶ କରି ସାରିଥାନ୍ତି । ଏସବୁ ଆମ ତରୁଣ ପ୍ରାଣରେ କି ପ୍ରଭାବ ପକାଉଥିଲା, ତାହାର ବିଶ୍ଲେଷଣ ଓ ଭାଷାରେ ପ୍ରକାଶ ଅସମ୍ଭବ । ଏ ସମସ୍ତ ପ୍ରଭାବ ମୂଳରେ ଥିଲେ ଗୋପବନ୍ଧୁ । ତାଙ୍କର ବନ୍ଧୁ ପ୍ରଭାବର ପାଠ ଥିଲେ ଓଡ଼ିଶାର ପୁଣ୍ୟଶ୍ଳୋକ ପଣ୍ଡିତ

GPNanda Colln., Digitized by srujanika@gmail.com

ହରିହର ଦାସ; ସେ ହେଉଚନ୍ତି ପୁରୀ ସତ୍ୟ ବାଦୀ କଲେଜର ପ୍ରତିଷ୍ଠାତା।
ଏହି କଲେଜକୁ ସେ ଯାହା କଳ୍ପନା କରିଥିଲେ ଓ ସମାଜ-ସଂସ୍କାର ଦିଗରେ ତାଙ୍କର ଯେ ପ୍ରେରଣା ଓ ପ୍ରବୃତ୍ତି ଥିଲା, କେଜାଣି କିପରି, ଗୋପବନ୍ଧୁ ସେଥିରେ ତନ୍ମୟ ଥିଲେ। ଆମେ କେହି ତାଙ୍କୁ ଦେଖିନାହୁଁ, ଗୋପବନ୍ଧୁ ବି ଦେଖି ନଥିଲେ। ତାଙ୍କର ମୃତ୍ୟୁ ୧୮୭୦ ଫେବୃଆରୀ। ଅତି ଅକାଳରେ ସେ ଇହଧାମ ଛାଡ଼ିଥିଲେ କିନ୍ତୁ ତାଙ୍କର ଆତ୍ମା ଯେପରିକି ଗୋପବନ୍ଧୁଙ୍କୁ ଚିର-ପ୍ରଭାବିତ କରିଥିଲା। ଫରଗୁସନ୍ କଲେଜଠାରୁ ହାର୍ଭାର୍ଡ, ଇଟନ୍, ରୁଗ୍‌ବି ପର୍ଯ୍ୟନ୍ତ ସମସ୍ତଙ୍କୁ ଯେପରିକି ଆମ୍ଭେମାନେ ସେଇ ହରିହରଙ୍କ କଳ୍ପନା ଓ ଉଦାହରଣ ଭଳି ଦେଖୁଥିଲୁଁ। ଗୋପବନ୍ଧୁ ତନ୍ମୟ ହୋଇ ହରିହରଙ୍କ କଥା କହନ୍ତି। ହରିହରଙ୍କୁ ନେଇ ଗୋପବନ୍ଧୁ ସେକାଳ 'ମୁକୁର'ରେ ଗୋଟିଏ କବିତା ଲେଖିଥିଲେ। ସତ୍ୟବାଦୀ ବିଦ୍ୟାଳୟ ପୂର୍ବରୁ ସେ କବିତାଟି ଲେଖା ହୋଇଥିଲା। ସେ 'ମୁକୁର' ମୋ ପାଖରେ ନାହିଁ। ସେଥିରୁ ଯୋଡ଼ିଏ ଧାଡ଼ି ମୋର ସବୁବେଳେ ମନେଅଛି—

" *ମୂକ ହୋଇକରି ଆଜୟାଏଁ ହରି
ଯେତେବେ ରହିଥାନ୍ତ ବସି।
ଓଡ଼ିଆଙ୍କ ହାତେ ଦେଇଥାନ୍ତ ସତେ
ଉନ୍ନତି-ଭଣ୍ଡାର କଷି।"

କବିତାର ଶେଷ ଧାଡ଼ିଟି ହେଉଛି—

'ଆସ ହରିହର ପଣ୍ଡିତ ପ୍ରବର
ସମାଜ ସଂସ୍କାର କର।

ଯେତେବେଳେ ସମୟ ମିଳେ ହରିହର ଭଜନା (ଅର୍ଚ୍ଚନା), ଆମେ ଜଣେ ଓ ମୁଁ ବସି ଏଇସବୁ ବିଷୟ କଥାବାର୍ତ୍ତା ହେଉଥିଲୁଁ।

---

*(ହରିହର ମହୋଦୟ କଣ୍ଠରୋଗ ପରରୁ ମୂକ ଓ ପାଗଳ ହୋଇଯାଇଥିଲେ ତାହା 'ସତ୍ୟ ତ ଓ ସତ୍ୟ ତ'ରେ ବିଦିତ)

GPNanda Colln., Digitized by srujanika@gmail.com

୧୯୦୩-୦୪ ରେ ତିନିଜଣ କଟକ-କଲେଜ-ହଷ୍ଟେଲରେ ଥିଲୁ । ଗୋପବନ୍ଧୁ ପଢ଼ୁଥିଲେ ଓକିଲାତି, ହରିହରଭାଇ ପଢ଼ୁଥିଲେ ଏଫ୍,ଏ, ଓ ମୁଁ ପଢ଼ୁଥିଲି ଏଣ୍ଟ୍ରାନ୍ସ କ୍ଲାସ ମାନଙ୍କରେ । ସେତେବେଳେ ମଧ୍ୟ ମଧ୍ୟ ମାଟ୍ସିନି, ଗାରିବାଲ୍ଡି ପ୍ରଭୃତିଙ୍କ କଥା ମଧ୍ୟ ପଡ଼ ଯାଉଥିଲା । ତା' ସଙ୍ଗେ ସେକାଳରେ ଓଡ଼ିଆ ସାହିତ୍ୟ ଓ କଲିକତା ବିଶ୍ୱବିଦ୍ୟାଳୟ ଓ ବଙ୍ଗାଳୀଙ୍କର ତା' ପ୍ରତି ଅନାସ୍ଥା, ସମାଲୋଚନାର ଅଭାବ, କାବ୍ୟ-ନାଟକାଦି ତୋଳି ଯାହା ଲେଖା ହେଉଥିଲା, ସେଥିରେ ମୌଳିକତ୍ୱ ମନୋବୃତ୍ତି ସଙ୍ଗେ ଅନୁକୃତି ଓ ପ୍ରାଣହୀନତା, ସେ ସବୁର ଉଦାହରଣ, ତାହା ସଙ୍ଗେ ଦେଶପ୍ରଦେଶର ଅବସ୍ଥାର ପ୍ରଭୃତି କଥା ଏହି ଅଲୋଚିତ ଭାବରେ ବରାବର ଚାଲିଥିଲା ।

ମନେଅଛି ୧୯୦୪ ସାଲର 'ପ୍ରାର୍ଥନା' ପୁସ୍ତିକାର କଥା । ସେତେବେଳେ 'ଓଡ଼ିଶା' ବୋଲି ପ୍ରଦେଶ ନଥିଲା । ଓଡ଼ିଆର ଭାଷା ବା ସାହିତ୍ୟ ଅଛି ବୋଲି ପ୍ରତିବେଶୀ ଜାଣି ନଥିଲେ—ଜାଣିଲେ ବି ସ୍ୱୀକାର କରୁ ନଥିଲେ । ଗୋପବନ୍ଧୁ ବୁଝିଥିଲେ, ଭାଷା ଓ ସାହିତ୍ୟ ବିନା ଜାତିର ବିକାଶ ଅସମ୍ଭବ । ମନେଅଛି, ଏ ଘଟଣାର କେତେବର୍ଷ ପରେ ଥରେ କପର କାନ୍ଦ କାନ୍ଦ ଆସି ସେ କହି ପକାଇ-ଥିଲେ, "ନୀଳକଣ୍ଠ, ଅରମୁଆଁରୁ ଓଡ଼ିଆ ଉଠିଗଲା !" ମାନ ମୁଁ କହୁଥିଲି ୧୯୦୪ ମସିହାର ଉତ୍କଳସମ୍ମିଳନୀ କଥା । ସମ୍ବଲପୁର ସେତେବେଳକୁ ଓଡ଼ିଶାକୁ ଆସିନଥାଏ । ଗୋଟିଏ ପ୍ରଶ୍ନ ଉଠିଲା—ସମ୍ବଲପୁର ସହିତ ସମସ୍ତ ଓଡ଼ିଶା ହୁଏତ ଗଞ୍ଜାମକୁ ନେଇ ମଧ୍ୟ-ପ୍ରଦେଶରେ ମିଶିବ । ଗୋପବନ୍ଧୁ ସେହି ମତ ଧରିଲେ । ଏ ମତରେ ସେ ପ୍ରଭାବିତ କରି ସୃଷ୍ଟି କରିଥିଲେ, ସେ କାଳର ବଡ଼ ଓକିଲ ୬ ଗୋକୁଳାନନ୍ଦ ଚୌଧୁରୀ ଓ ପାଦଶାହେବ ଜର୍ଜ ହାଉଁଲିସନ୍ଙ୍କୁ । ସ୍ୱନାମଧନ୍ୟ ମଧୁସୂଦନ ଦାସ ଥିଲେ ଏ ମତର ବିରୋଧୀ । କିନ୍ତୁ

GPNanda Colln., Digitized by srujanika@gmail.com

ମତ ଥିଲା—ସମ୍ବଲପୁର ସୁଦ୍ଧା ବଙ୍ଗଳାକୁ ଆସୁ ଓ ସମସ୍ତେ ବଙ୍ଗଦେଶରେ ରହନ୍ତୁ । ଅବଶ୍ୟ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶଟିଏ ହେବାକଥା ସେତେବେଳେ କାହାର କଳ୍ପନାରେ ଥିଲା କି ନା ସନ୍ଦେହ ।

ମାତ୍ର ମୁଁ କହୁଥିଲି ଏ ସମ୍ପର୍କରେ ଗୋପବନ୍ଧୁଙ୍କର କ୍ରିୟା ଓ ସେଇ କ୍ରିୟାର ପ୍ରଭାବ । ଗୋପବନ୍ଧୁ ସେକାଳର କଲେଜ ହଷ୍ଟେଲରେ ଥାନ୍ତି । ବରଗଡର ୬/୭ କୋଶ ଶ୍ରୀ ବାଳୁକେଶ୍ୱର ମିଶ୍ର ସେତେବେଳେ ହଷ୍ଟେଲରେ ରହି ବି, ଏଲ୍, ପଢ଼ୁଥାନ୍ତି । ବାଳୁକେଶ୍ୱରଙ୍କର ତଥା ତତ୍କାଳୀନ କେତେକର ସମ୍ବଲପୁର ଛାତ୍ରମାନଙ୍କର ଗୋପବନ୍ଧୁ ବାବୁଙ୍କ ମତ ସଙ୍ଗେ ମତ ଏକ ହୋଇଗଲା । ବାଳୁକେଶ୍ୱର ବାବୁ ଆସୁଥିବା ଉତ୍କଳ ସମ୍ମିଳନୀରେ ପ୍ରଚାର କରିବାପାଇଁ ଗୋଟିଏ ପୁସ୍ତିକା ଲେଖିଲେ, ଗୋପବନ୍ଧୁଙ୍କୁ ଦେଖାଇଲେ; ଗୋପବନ୍ଧୁ ଥରେ ଦୁଇଥର ସଂଶୋଧନ କଲେ—ତାପରେ ଘଟିଲା ଅଦ୍ଭୁତ କଥା । ଯୁବକ ଗୋପବନ୍ଧୁ ଖାଲି ଖଟଉପରେ ମୁହଁ ମାଡ଼ି ପଢ଼ୁଥାନ୍ତି, ନିଦ ନଥାଏ; କିନ୍ତୁ କାହାର ସଙ୍ଗେ ଆଳାପ କରିବାର ମଧ୍ୟ ତାଙ୍କ ଦେଖା ଯାଏନାହିଁ । ଡାକିଲେ ଚାହାନ୍ତି ଅନ୍ୟମନସ୍କ ଭାବରେ; ଆଖି ଲାଲ ଦିଶୁଥାଏ । ତିନିଦିନ ପରେ ଉଠିଲେ । ଲେଖିଦେଇ ଗଲେ ଯାହା ସେଇଟି 'ପ୍ରାର୍ଥନା' ନାମରେ ପୁସ୍ତିକାକାରରେ ଛପା ହେଲା । ଆମେ ପିଲାମାନେ ତାକୁ ସମ୍ମିଳନୀ କ୍ୟାମ୍ପରେ ବାଣ୍ଟିଥିଲୁ । ସେ ପୁସ୍ତିକାର ସୁର ଏପରି ଅଦ୍ଭୁତ ଥିଲା ଯେ ସେଥିରେ ଗଂଜାମ ସମେତ ସମସ୍ତ ପ୍ରତିନିଧିମାନେ ବିଭୋର ହୋଇ ଯାଇଥିଲେ । ଏପରିକି ମଧୁବାବୁ ନିଜକଥା ଶୁଣାଇ ନ ପାରିବାରେ ଶଙ୍କିତ ହୋଇଥିଲେ । କିନ୍ତୁ ଏ ସବୁ ଭିତରେ ଆମର କହିବାର କଥା ଏଇ ଗୋପବନ୍ଧୁଙ୍କ ଯୋଗସାଧନା ଓ କଳ୍ପନାର କ୍ରିୟାର ତନ୍ମୟତା । ତତ୍କାଳୀନ ସମସ୍ତ ସଙ୍ଗୀ ସାଥୀମାନଙ୍କୁ ତାହାକି ଭାବରେ ପ୍ରଭାବିତ କରୁଥିଲା,—ତାହା ଅନୁମେୟ ।

GPNanda Colln., Digitized by srujanika@gmail.com

ତା ପରେ ସ୍କୁଲ କଥା । ଗୋଟିଏ ସ୍କୁଲ୍ କରିବା ଠିକ୍ ହେଲା । ତତ୍କାଳୀନ ଗଡ଼ଜାତ ଓ ମୋଗଲବନ୍ଦି—କଳାହାଣ୍ଡି ଠାରୁ ମୟୂରଭଞ୍ଜ ଓ ସମ୍ବଲପୁର ଠାରୁ ପୁରୀ ଓ ଗଂଜାମ ସବୁଠି ସ୍ଥାନ ଖୋଜିବାରେ ଆମେ ଲଗିଗଲୁ । ଶେଷକୁ ସ୍ୱର୍ଗତ ମଧୁସୂଦନ ରାଓ ଦିନେ କଥାବାର୍ତ୍ତା ମଧ୍ୟରେ କହି ପକାଇଲେ, ସତ୍ୟବାଦୀର ବଉଳ ଛୁଆଁଅନ୍ତା ବନପରି ସ୍ଥାନ ଏଥିପାଇଁ ଆଉ ନାହିଁ । ଠିକ୍ ହୋଇଗଲା ସେଇଠାରେ ସ୍କୁଲ କରିବାକୁ ହେବ । କର୍ମରେ ବାଧା କ'ଣ ସେ ପ୍ରଶ୍ନ ଉଠି ଯିବାଭଳି ଅବସ୍ଥା ଆମର ଆଉ ନଥିଲା । ଗୋପବନ୍ଧୁଙ୍କ ପ୍ରେରଣାରେ ସେତେବେଳେ ସେ ସବୁର ସ୍ଥାନ ନଥିଲା । ଶଗଡ଼ ଉଠା ଧନ ସତ୍ୟବାଦୀ, ମନ୍ଦିର ପଛଆଡ଼େ ଦୁହେଁ ଦିନେ ପହଞ୍ଚିଲେ, ଗୋଟିଏ ମାପ ଫିତା ଧରି । ଛୋଟ ଛୋଟ ଛୁଇଁଅନ୍ତା ଗଛର ଘନ ଜଂଗଲ —ଭିତରେ ଫିତା ପକାଇବାର ସ୍ଥାନ ନଥିଲା । ଇଟା ରଖିବୁ କେଉଁ-ଠାରେ ଜାଣି ହେଲା ନାହିଁ । ମାତ୍ର ତାହାହିଁ ହୋଇଛି ବିଶାଳ ସତ୍ୟବାଦୀ ସ୍କୁଲର ଭୌତିକ ପ୍ରାରଂଭ ।

ମଧୁବାବୁଙ୍କ ଧ୍ୟାନ ବାନ୍ଧିବାର ମୂଳରେ ଥିଲା ପଣ୍ଡିତ ହରିହର ଦାସଙ୍କ ସ୍ମୃତି । ମଧୁସୂଦନ ରାଓଙ୍କ ପ୍ରାଣରେ ହରିହରଙ୍କର ପୁଣ୍ୟ ପ୍ରଭାବ ସାକ୍ଷାତ ଭାବରେ ପଡ଼ିଥିଲା । ସେ ବୁଝିଥିଲେ, ସବୁ ସଂସ୍କାର ଓ ବିକାଶ ମୂଳରେ ନୂତନ ଶିକ୍ଷା । ପୁରୀର ସ୍ୱର୍ଗତ ମୁକ୍ତିଆର ରାମଚନ୍ଦ୍ର ଦାସ ସେଇ ହରିହରଙ୍କ ସ୍ମୃତିରେ ସାରା ଜୀବନ ନିବଦ୍ଧ ଥିଲେ । ଗୋପବନ୍ଧୁଙ୍କର ସେ ଥିଲେ ଯେପରିକି ଦୀକ୍ଷାଗୁରୁ । ମୁଁ ତାଙ୍କୁ ଅଳ୍ପଦିନ ଦେଖିଛି । ସାମାନ୍ୟ କଥାବାର୍ତ୍ତାରେ ଅଲକ୍ଷିତ ଭାବରେ ନିଜର ଜଳନ୍ତ ମତ ଅତି ଉପଦେଶଶୀଳଙ୍କ ମଧ୍ୟରେ ପ୍ରଚାର କରିବାର ମନୀଷା ଓ କୌଶଳ ତାଙ୍କଠାରେ ଯାହା ମୁଁ ଦେଖିଛି, ଅନ୍ୟଠି ତାହା ଦେଖି-ନାହିଁ । ବିରୋଧରେ କହିବା ଲୋକର କଥାକୁ ଅଦୌ ପ୍ରତିବାଦ,

GPNanda Colln., Digitized by srujanika@gmail.com

ଙ୍କ କରି ଶେଷରେ ତାଙ୍କୁ ସେ ମନାଇ ଛୁଟି ଦେଉଥିଲେ—ଘଣ୍ଟାକ କଥାବାର୍ତ୍ତା ପରେ । ତାଙ୍କର ସମସ୍ତ ଚିନ୍ତା ଓ କାର୍ଯ୍ୟ ତ୍ୟାଗପୂତ ଥିଲା । ସେହି ପ୍ରଚୁର ପ୍ରାଣର ପ୍ରଭାବ ଗୋପବନ୍ଧୁଙ୍କଠାରେ ଆବାଲ୍ୟରୁ ପଡ଼ିଥିଲା ଓ ସେହି ଭାବରେ ଗୋପବନ୍ଧୁ ଆମ ଗ୍ରାମରେ ହରିହର-ସ୍ମୃତି ପ୍ରତି କୁମାରପୂର୍ଣ୍ଣିମାରେ ପାଳନ କରୁଥିଲେ । ସେହି ସଭାରେ ତାଙ୍କ ବକ୍ତୃତା ଶୁଣି ଆମେ ମୁଗ୍ଧ ହୋଇ ଯାଉଥିଲୁ । ମଫସଲର ବୁଢ଼ା ବୁଢ଼ୀ ରକ୍ଷଣଶୀଳ ଲୋକେ ଆତ୍ମବିସ୍ମୃତ ହୋଇ ଯାଉଥିଲେ । ସେହି ହରିହରଙ୍କ ସ୍କୁଲ ପରମ୍ପରାରେ ପ୍ରତିଷ୍ଠିତ ମଧ୍ୟ ଭଣ୍ଡାକୁଳର ସ୍କୁଲ ଓ ତାହା ପରେ କେତେକ ବର୍ଷ ମଧ୍ୟ ଇଂରେଜୀ ସ୍କୁଲର ଉଦ୍ୟମରେ ଚାଲିଥିଲା । ଗୋପବନ୍ଧୁଙ୍କ ପ୍ରଭାବରେ ପଡ଼ି ସମସ୍ତେ କହିଲେ—ହରିହରଙ୍କ ସ୍ମୃତିପୂତ ଏ ବିଦ୍ୟାଳୟଟି ସତ୍ୟବାଦୀକୁ ଯାଉ ସତ୍ୟବାଦୀ ସ୍କୁଲ ହେଉ । ଏହି ପୁସ୍ତକାଳୟଟି ନାମହେଉ 'ହରିହର ଲାଇବ୍ରେରି'—ଏହା ସେହି ସ୍ମୃତିର ସଙ୍କେତ ।

ତାହାପରେ ହେଲା ସତ୍ୟବାଦୀ ବିଦ୍ୟାଳୟର ଆରମ୍ଭ । ଏଥିପାଇଁ ଶିକ୍ଷକ, ଛାତ୍ର, ବେଞ୍ଚ, ଚଉକୀ, ଲାଇବ୍ରେରି ସବୁ ଉଠି ଆସିଥିଲା ଶ୍ରୀରାମଚନ୍ଦ୍ରପୁରରୁ । ଆଜି ମନେ ପଡ଼ିଯାଉଛି, ଟିକିଏ କହିଦିଏ, ସ୍କୁଲଟିକୁ, ଲାଇବ୍ରେରିଠାରୁ ପେନ୍‌ସିଲ କଣ୍ଠା ଛୁରୀଟି ପର୍ଯ୍ୟନ୍ତ, ସଙ୍ଗେ ନେଇ ସତ୍ୟବାଦୀ ସ୍କୁଲ କରିବାକୁ ସଙ୍କଳ୍ପ କରି ଆସିଥିଲେ ସେହି ମାଇନର ସ୍କୁଲ ହେବାକୁ ଯାଉଥିବା ମିଡ଼ଲ ଭଣ୍ଡାକୁଳର ସ୍କୁଲର ତତ୍କାଳୀନ ହେଡ଼ ପଣ୍ଡିତ ସେହି ଶ୍ରୀରାମଚନ୍ଦ୍ରପୁର ନିବାସୀ ସ୍ୱର୍ଗତ ପଣ୍ଡିତ ଶ୍ରୀ ମଧୁସୂଦନ ମିଶ୍ର । ସେ ମୋର ମଧ୍ୟ ବାଲ୍ୟଗୁରୁ । 'ଦେବ ଅବତାର' ବୋଲି ଆମେ ସମସ୍ତେ ତାଙ୍କୁ ଡାକୁଥିଲୁ । ତାଙ୍କର ଶିକ୍ଷାକାଳରେ ମୁଁ ଉଚ୍ଚ ବୃତ୍ତି ପାଇ ପୁରୀ ଜିଲା ସ୍କୁଲକୁ ପଢ଼ିବାକୁ ଗଲି । ପରିଚୟ ପାଇଁ ମଧ୍ୟ କହିଦିଏଁ, ପ୍ରଚାରକ ଅନନ୍ତ ମିଶ୍ରଙ୍କର ପାଞ୍ଚ

GPNanda Colln., Digitized by srujanika@gmail.com

ଘାଇରେ ଯେ ସର୍ବ ଦେ ୍ୟସ୍ତ ଓ ପ୍ରତ୍ୟରକ ନିଜେ ଘର୍ବ କରନ୍ତୁ । ପଣ୍ଡିତ ମଧୁସୂଦନଙ୍କପରି ଆମ କର୍ମରେ ଐକାନ୍ତିକ ଆନ୍ତରିକତା ଓ ଆତ୍ମ ପ୍ରେରଭକ୍ତିରେ ଏକପ୍ରାଣତା ମୁଁ ଆଉ ଦେଖିଛି ବୋଲି ମନେ ହେଉନାହିଁ । ସ୍ୱୟଂ ଗୋପବନ୍ଧୁ ମଧ୍ୟ ସେଥିପାଇଁ ତାଙ୍କୁ ଗଭୀର ଆଦର ଓ ଭକ୍ତି କରୁଥିଲେ । ଏହି ପଣ୍ଡିତ ମଧୁସୂଦନ ମଧ୍ୟ ସ୍ୱର୍ଗତ ହରିହରଙ୍କ ସ୍ମୃତିରେ ନିଜ ପ୍ରାଣକୁ ପୂର୍ଣ୍ଣକରି ରଖିଥିଲେ । ମୁଁ ତାଙ୍କର ଶିଷ୍ୟ, ତଥାପି ସତ୍ୟବାଦୀ ବିଦ୍ୟାଳୟରେ ସେଥିପାଇଁ ତାଙ୍କର କେବେ କୌଣସି ନିଷ୍ଠା ବା ଶୃଙ୍ଖଳାରେ ଟିକିଏ ହେଲେ ଶିଥିଳତା ମୁଁ ଦେଖିନାହିଁ । ଦିନକ କଥା ଆଜି ମନେ ପଡିଗଲେ ପ୍ରାଣରେ ପୁରୁଣା ଆଘାତ ନୂଆ ହୋଇ ଉଠେ । ସେ ଆପଣେ ରୁଗ୍ଣ ହୋଇ ଆସିଥିଲେ, ଭୋଜନପରେ ଗ୍ରାମରୁ ଆସନ୍ତି ଅଧମାଇଲରୁ ବେଶି । ଶ୍ରେଣୀରେ ପଢାଇଲା ବେଳେ ଥରେ ଦୁଇଥର ଟିକିଏ ଘୁମାଇବାର ଦେଖିଲି । କିଛି ନକହି ବସିବା ପାଇଁ ହାତଥିବା ଚଉକିଟି କାଢିଆଣି ଗୋଟିଏ ଟୁଲ୍ ଦେବା ପାଇଁ ହେଡ଼୍ ଆରଦଳିଠାରୁ ବ୍ୟବସ୍ଥା କରିଦେଲି । ସେ କିନ୍ତୁ ନିର୍ବିକାର—ଟୁଲରେ ଆସି ବସିଲେ, ପଢାଇଲେ । ଯାହାହେଉ, ମୁଁ ତ ମନୁଷ୍ୟ; ମୋ ପ୍ରାଣକୁ ବାଧିଲା । ଆଜି ମଧ୍ୟ ମନେ ପଡିଲେ, ମନେ ହୁଏ ସେ କାହିଁକି, କିନ୍ତୁ ସ୍କୁଲର କର୍ମନିଷ୍ଠାରେ ମୋର ଏ ତୁଚ୍ଛତା ପୁଣ୍ୟକର୍ମନିଷ୍ଠ ପଣ୍ଡିତଙ୍କ ପ୍ରାଣରେ ବରଂ ଆହ୍ଲାଦ ଜନ୍ମାଇଥିଲା । ଏହିପରି ପୁଣ୍ୟଶ୍ଲୋକ ପଣ୍ଡିତ ହରିହରଙ୍କ ପବିତ୍ର ସ୍ମୃତିପୀଠରେ ଓ ଗୋପବନ୍ଧୁଙ୍କର କଳ୍ପନା ଓ ଯୋଜନାର ଶବର ଧରି ଠିଆ ହୋଇଥିଲା, ସତ୍ୟବାଦୀ ବିଦ୍ୟାଳୟ ବୋଧହୁଏ ୧୯୦୯ ମସିହା କୁମାରପୂର୍ଣ୍ଣିମା ଦିନ । ମୁଁ ବି, ଏ, ପାସ୍ କରିସାରି ଏ ବିଦ୍ୟାଳୟର 'ଶୁଭଦିଆ'ରେ ଯୋଗ ଦେଇ, ଏହି କଳ୍ପନାର ଉପଯୁକ୍ତ ହେବାପାଇଁ ଏକା ଏମ୍, ଏ, ପାସ୍ କରି ଆସିବା ଲାଗି କଲିକତା ଯାଇଥିଲି ।

GPNanda Colln., Digitized by srujanika@gmail.com

୧୯୬୧ ଅନୁଷ୍ଠାନରେ ଯୋଗ ଦେଲି ଓ ୧୯୯୬ ଆଧାରରୁ ହାଇସ୍କୁଲ କରିବା ପାଇଁ ଉଦ୍ୟମ ଆରମ୍ଭ ହେଲା । ଏହିଠାରୁ ଚନ୍ଦ୍ରଶେଖରଙ୍କ ଅନୁଭୂତ 'ସତ୍ୟବାଦୀରେ ସାତବର୍ଷ' । ମୋତେ ଆଉ ଲେଖିବା ଦରକାର ନାହିଁ । ଯାହା ବା ନ ଲେଖିଲେ ସେଥିରେ ଐତିହ୍ୟ ସମ୍ବନ୍ଧୀୟ ନାହିଁ ଯେତେ ସୂଚନା ଦେଲି ତାହା ସ୍ମୃତି ପରମ୍ପରାର ଭିତ୍ତିରେ ଘଟଣାର ମଧ୍ୟ ମାନ । ଘଟଣା ସବୁ ମୋ ମନେ ନାହିଁ କି ମୁଁ ଲେଖି ରଖିନାହିଁ । ଦେଖିଲି, ଚନ୍ଦ୍ରଶେଖର ନିଜ ଦୈନନ୍ଦିନ ଘଟଣାର ବିବରଣୀରେ ସେସବୁ ଲେଖି ରଖିଛନ୍ତି । ସେ ଯାହା ପୁସ୍ତକରେ ପ୍ରକାଶ କରିଛନ୍ତି, ସେ ସବୁରେ ଲେଖକର ଭାବାବେଶ ଓ ଅତିରଞ୍ଜନ ନାହିଁ । ସେ କାଳେ ସେ ଯାହା ଲେଖି ରଖିଥିଲେ ବସ୍ତୁତଃ ତାହାହିଁ ପ୍ରକାଶ କରିଛନ୍ତି । ଏକଥା ମୁଁ ତାଙ୍କ ଦୈନିକ ବିବରଣୀ ସଙ୍ଗେ ପୁସ୍ତକର ଅଂଶମାନ ମିଳାଇ ଦେଖିଛି । ଏଣୁ ଏ ଏ ପୁସ୍ତକଟି ଉପାଦେୟ ।

ସାମାନ୍ୟ ସ୍ମୃତି ଉପରେ ନିର୍ଭର କରି ମୋ ଭଳି ଲୋକ 'ସତ୍ୟବାଦୀ ସ୍କୁଲ' କଥା ଏବେ ଲେଖି ବସିଲେ ତାହା ଠିକ୍ ହେବ-ନାହିଁ । ପ୍ରାଣରେ ପ୍ରତିଷ୍ଠିତ ଭାବବର୍ଣ୍ଣିତ ସ୍ମୃତି ରୂପ ଝଙ୍କାର ଗୁରି ପଡ଼େ କେତେ ତାଙ୍କୁ ବଢ଼ାଇ ବା ଭଲାଇ ଦେବାର ଶଙ୍କା ଖୁବ୍ ଅଛି । ସତ୍ୟବାଦୀ ସ୍କୁଲ ମୋ ପ୍ରତି ଏବେ ବି ଇତିହାସ ନୁହେଁ ।

ଯୋଉଏ ଲୋକଙ୍କ କଥା ଟିକିଏ ସୂଚନା ଦେଇ ସତ୍ୟବାଦୀର ପ୍ରଭାବ-ପୀଠ ପ୍ରତି ଦୃଷ୍ଟି ଆକର୍ଷଣ କରିବାକୁ ମନ ହେଉଛି । ଛାତ୍ର ମଧ୍ୟରୁ ଗୋଟିଏ ଅନନ୍ତ ମିଶ୍ର, ତାଙ୍କୁ କହୁଥିଲେ—ପ୍ରଚାରକ ଅନନ୍ତ ମିଶ୍ର । ଏପରି ନିଃସଙ୍ଗ, ନିରଳସ, ପରପ୍ରାଣ ଓ କର୍ମସର୍ବସ୍ୱ ବ୍ୟକ୍ତି କମ ଦେଖାଯାନ୍ତି । ବିଦ୍ୟା ତାଙ୍କର ବିଶେଷ ନଥିଲା; କିନ୍ତୁ ସେ କଥାର ତାଙ୍କ ସମ୍ବନ୍ଧରେ କରଣୀୟ ନୁହେ । ତାଙ୍କର ବ୍ୟକ୍ତିତ୍ୱ ଥିଲା

GPNanda Colln., Digitized by srujanika@gmail.com

ସ୍ୱଗତ । ସେ ଯଥାର୍ଥରେ ମୁଠାଏ ଭାତ ଖାଇବାକୁ ନପାଇ ମରିଚନ୍ତି । ମୃତ୍ୟୁଶଯ୍ୟାରେ ହୁଏତ ତାଙ୍କ ସଙ୍ଗୀ ସହଚରେ କେହି ପାଖରେ ନଥିଲେ କିନ୍ତୁ ମଲାବେଳେ ଦେଶର ଭବିଷ୍ୟତ୍ ଛଡ଼ା ଓ ସଙ୍ଗୀମାନଙ୍କ କଲ୍ପନା ଓ କିମ୍ବା ଯୋଜନା ଛଡ଼ା ଆଉ କିଛି ସେ ଚିନ୍ତା କରୁ ନଥିଲେ । ତାଙ୍କର ଏହି ପବିତ୍ର ଓ ବିଶାଳ ଆତ୍ମା ସତ୍ୟବାଦୀର ବାୟୁମଣ୍ଡଳରେ ଚିର ଜୀବନ୍ତ ଥିଲା । ସେ ସତ୍ୟବାଦୀ ବିଦ୍ୟାଳୟର କିଛି ନଥାଇ ମଧ୍ୟ ସବୁ ଥିଲେ । ଗୋପବନ୍ଧୁ ନିଜର ସୃଷ୍ଟିଳଶୀମୂଳକ ଦେଶ କର୍ମରେ ତାଙ୍କୁ ପାଇ ନିଜକୁ ବଡ କୃତାର୍ଥ ମଣୁଥିଲେ ।

ଅନ୍ୟଜଣେ ସ୍ୱର୍ଗତ ରାମଚନ୍ଦ୍ର ରଥ । ବିଦ୍ୟା ତାଙ୍କର ଏଣ୍ଟ୍ରାନ୍ସ ପାସ୍ । ସେ ଆମ ସମାଜର ଶ୍ରେଷ୍ଠ ସାମନ୍ତ (କୁଳୀନ ବ୍ରାହ୍ମଣ) । ବଡ ଗରିବ ଥିଲେ । ପଢିଲା ବେଳେ ଗୋପବନ୍ଧୁଙ୍କୁ ଦିନେ କଥା ପ୍ରସଙ୍ଗରେ ନିଜର ଧନାଭାବ କଥା କହିବାରୁ ଗୋପବନ୍ଧୁ କହିଲେ, 'ମାଗ ନାହିଁ, ଅର୍ଜିକରି ପଢ ।' 'କଣ କରି ଅର୍ଜିବି' ? କହିବାରୁ ଗୋପବନ୍ଧୁ ହଠାତ୍ କହିଲେ "ଷ୍ଟେସନରୁ କଣ ବୋଝ ବୋହି ପାରିବ ନାହିଁ ?" ତାପରେ ସେଇ କାମ ସେ କଲେ—ସେଥିରେ ଚଳିଲେ ଓ ପାଠ ପଢିଲେ, ଦିନେ ୨ ପଇସା ମଜୁରି ଲାଗି ଗୋଟିଏ ଶୁଖୁଆ ପେଡ଼ି ମୁଣ୍ଡରେ ଷ୍ଟେସନରୁ ବୋହି ପୁରୀ ସହରକୁ ଆସିବାର ମୁଁ ନିଜେ ଦେଖିଛି । ସେ ଏଣ୍ଟ୍ରାନ୍ସ ପାସ୍ କରି ମାସକୁ ଟ ୧୦ ରେ ପୁରୀ କଚେରିରେ ନିଯୁକ୍ତ ହେଲେ । ତା'ପରେ ତାଙ୍କ ନିଷ୍ଠାପର କାମ ଖୋରଧାରେ ମିଳିଲା । ଦରମା ମାସକୁ ପଞ୍ଚତିରିଶି ଟଙ୍କା । ମୁ ଆସି ସତ୍ୟବାଦୀରେ ଯୋଗଦେଲି ।

ସେତେବେଳକୁ ଆଉ କେହି ନାହିଁ । ପ୍ରଥମରୁ ଅନେକ ଦିନ ଯାଏଁ ମୁଁ ଏଇପରି ଏକା ଥିଲି । ସେଥିରେ ରାମଚନ୍ଦ୍ର ହେଲେ ମୋର ଏକମାତ୍ର ସଙ୍ଗୀ । ସେପରି ସଙ୍ଗୀ ଆଉ କେବେ ପାଇଛି ବା ପାଇବି ବୋଲି ମନେ ହେଉନାହିଁ । ତାଙ୍କ ମୃଦୁ ପ୍ରଭାବ ଓ ପ୍ରାଣପ୍ରାଣ୍ଡି-ତମା ପଥରେ ଭୁଲିବାର ନୁହେ । ସ୍କୁଲରେ ଯୋଗ ଦେଇଥାନ୍ତେ ମୁ

GPNanda Colln., Digitized by srujanika@gmail.com

ତାଙ୍କଠାରୁ ଖୋରିଧାରୁ ଚିଠି ପାଇଲି—ସେ ସତ୍ୟବାଦୀ ବିଦ୍ୟାଳୟରେ ଯୋଗ ଦେବାକୁ ଲେଖନ୍ତି । ସେତେବେଳେ ବନ୍ଧୁ କଷ୍ଟରେ ମୋର ମାସିକ ୧୫ଙ୍କା ଚଳଣିଟି ଯୋଗାଡ ହେଉଥିଲା; ଆଉ ଶିକ୍ଷକ ବି ହଠାତ୍ ଦରକାର ନଥିଲେ । ମୁଁ ସବୁକଥା ଜଣାଇ ଅପେକ୍ଷା କରିବାକୁ ଲେଖିଥିଲି । ଅଳ୍ପଦିନ ପରେ ଦିନେ ସେ ଆସି ସତ୍ୟବାଦୀରେ ହାଜର । କହିଲେ "ମୁଁ ରହିବି" । ମୁଁ ବିସ୍ମିତ ହେଲି । ସେ କହିଲେ, ଏ ସେସ୍ଥାନ୍ର କାମ ବଡ ଖରାପ, ଏଥିରେ ଆଉ ଦିନାକେତେ ରହିଲେ, ସତ୍ୟବାଦୀରେ ଆପଣମାନଙ୍କ ସଙ୍ଗେ ରହିବା ପାଇଁ ମୋର ଆଉ କିଛି ମାତ୍ର ଯୋଗ୍ୟତା ରହିବ ନାହିଁ । ଦିନେ ମତେ ଜଣେ (ବିଶିଷ୍ଟ ଓ ପରିଚିତ ଲୋକଙ୍କ ନାମ ସେ କହିଲେ) ଟଙ୍କାଟିଏ ଲାଞ୍ଚ ମାଗିଲେ; ମୁଁ ନେଲି ନାହିଁ । ସେ ମତେ ବହୁତ ବୁଝାଇଲେ, କହିଲେ—ଏପରି ନିଅନ୍ତୁ, ନନେଲେ ହେବନାହିଁ । ଲୋକମାନେ କହିବେ ତୁମେ ତାଙ୍କ କାମ ଠିକ୍ କରୁନାହଁ---ଇତ୍ୟାଦି ମୁରବିପଣିଆ ଓ ଯୁକ୍ତି ଶୁଣି ମୁଁ ଦୁଃଖିତ ଓ ଲଜ୍ଜିତ ହେଲି । ତାଙ୍କୁ ସେଦିନ ମନାକଲି । ଦୁଇ ତିନି ଦିନ ପରେ ସେହିପରି ଆଉ ଗୋଟିଏ କାର୍ଯ୍ୟରେ ସେ ମୋତେ ଦୁଇଟଙ୍କା ଲାଞ୍ଚ ମାଗିଲେ । ବହୁତ ଲୋଭାଇଲେ, ବୁଝାଇଲେ; ନାରାଜ ହୋଇ ମଧ୍ୟ ଏ ଉଦ୍ୟମ ଛାଡିବେ ନାହିଁ ବୋଲି କହିଲେ । ରାତିରେ ମୁଁ ଶୋଇ ନାହିଁ । ଦେଖିଲି—ଚରିତ୍ର ଖରାପ ହୋଇଯିବ । ତହୁଁ ଆର ଦିନ ଇସ୍ତଫା ଦେଇଦେଲି । ମତେ ଟଙ୍କା ଦିଅନ୍ତୁ, ନ ଦିଅନ୍ତୁ—ମୁଁ ଏଠି ରହିବି । ତାଙ୍କ ଘରେ କୌଣସି ସମ୍ବଳ ନଥିଲା । ତେଣୁ ଯେ କୌଣସି ମତେ ୫୬ ଲେଖାଏଁ ମାସକୁ ତାଙ୍କୁ ଦେବାର ସ୍ଥିର ହେଲା ।

ସେତିକି ବେଳକୁ ନିଶ ଆନ୍ଦୋଳନ ନାମରେ ମୋ ଉପରେ ତଥା ସତ୍ୟବାଦୀ ଅନୁଷ୍ଠାନ ଉପରେ ସାମାଜିକ ଅତ୍ୟାଚାର । ଅବଶ୍ୟ 'ନିଶ' ସଙ୍ଗେ ସେ ସାମାଜିକ ଆନ୍ଦୋଳନର ବିଶେଷ କିଛି ତାତ୍ତ୍ୱିକ ବା

GPNanda Colln., Digitized by srujanika@gmail.com

ନୈତିକ ସମ୍ପର୍କ ନ ଥିଲା । ମୁଁ କଲିକତାରେ ପଢିବା ବେଳୁ ଦାଢି ଖିଅର ହୋଇ ଖାଲି ନିଶ ରଖିଥିଲି । ପଣ୍ଡିତମାନେ ମୋର ଲୋକ-ବିରୁଦ୍ଧ କିମ୍ବା ଲୋକଙ୍କୁ ବୁଝାଇବା ପାଇଁ ସଂକେତ ସ୍ୱରୂପ ନିଶଟାକୁ ଦେଖାଇଦେଲେ । ତେଣୁ ସେକାଳର ଜାତି-ବର୍ଣ୍ଣ ଭେଦ ଉଠାଇବା ପାଇଁ ଯେଉଁ ବିରାଟ ସାମାଜିକ ଆନ୍ଦୋଳନ ହୋଇଥିଲା, ତାହାର ନାମଟି ହୋଇଛି 'ନିଶ ଆନ୍ଦୋଳନ ।' କଥା ହେଉଛି ମୋ ଯୋଗେ ଆକୃଷ୍ଟ ହୋଇ ଗୁରୁଆଡୁ ଛାତ୍ର ସତ୍ୟବାଦୀକୁ ଆସିଲେ । ସମସ୍ତଙ୍କ ପାଇଁ ଛାତ୍ରାବାସରେ ବ୍ୟବସ୍ଥା ହେଲା । ମୁଁ ଥାଏ, ସେ କୁଳଗୃହରେ ଏକ-ପ୍ରକାର କୁଳପତି । ସଦାସର୍ବଦା ମୁଁ ସେଠାରେ ଥାଏ । କୁଳଗୃହର ଛାତ୍ରମାନେ ସମସ୍ତେ ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ଏକ ପଙ୍କ୍ତିରେ ଖାଇବାର ବ୍ୟବସ୍ଥା ହେଲା । ସତ୍ୟବାଦୀ ରକ୍ଷଣଶୀଳ ବ୍ରାହ୍ମଣ ଶାସନମାନଙ୍କରେ କେନ୍ଦ୍ର । ସେଥି ରକ୍ଷଣଶୀଳମାନେ ଆସି ମତେ ଅନୁରୋଧ କଲେ—ବ୍ରାହ୍ମଣ ଓ ଅବ୍ରାହ୍ମଣଙ୍କ ପାଇଁ ଅଲଗା ଅଲଗା ଭୋଜନ ସ୍ଥାନର ବ୍ୟବସ୍ଥା କର । ତା' ନହେଲେ, ଲୋକଙ୍କୁ ଅସହ୍ୟ ହେଉଛି ।" ମୁଁ କହିଲି "କୁଳଗୃହର ସମସ୍ତ ଅନ୍ତେବାସୀଙ୍କର ମୁଁ କୁଳପତି; ସୁବିଧା ଥିଲେ, ମୋର ପତ୍ନୀ ନିଜ ପୁତ୍ର ରୂପେ ସେମାନଙ୍କୁ ରାନ୍ଧି ଖାଇବାକୁ ଦିଅନ୍ତା । ମୁଁ ଏଇ ପୁତ୍ରମାନଙ୍କର ମଧ୍ୟରେ ବର୍ଣ୍ଣ ଧର୍ମଭେଦ କରି ପାରିବିନାହିଁ, କ୍ଷମା କରନ୍ତୁ" । ସେଥିପାଇଁ ରକ୍ଷଣଶୀଳମାନେ ତତ୍କାଳୀନ ପଣ୍ଡିତମାନଙ୍କୁ ଧରି ମଠେ ଅପାଙ୍କ୍ତେୟ କରି ଶାସନ କରିବାର ବହୁତ ଉଦ୍ୟମ କରିଥିଲେ । ସ୍କୁଲ ସେତେବେଳେ ବକୁଳ ବନ ଭିତରେ ଗୋଟିଏ ଚାଳଘରର ବଡ଼ ବଙ୍ଗଳା ପରି ଚାଳଘରେ ଥିଲା । ସେଥିରେ ମୋର ପଢା ଓ ପୁସ୍ତାରେ ମୋର ନୋଟ ଥିବା ବଡ଼ ପୁସ୍ତକମାନ ମଧ୍ୟ ଥିଲା । ଘର ଲାଇବ୍ରେରୀ ମିଶି ସେକାଳେ ପ୍ରାୟ ପାଞ୍ଚ ହଜାର ଟଙ୍କା ଯାଏଁ । ରକ୍ଷଣଶୀଳମାନେ

GPNanda Colln., Digitized by srujanika@gmail.com

ଗୁପ୍ତରେ ନିଆଁ ଲଗାଇ ସେସବୁ ପୋଡିଦେଲେ । ସେତିକି ବେଳକୁ ଆକସ୍ମିକ ଭାବରେ ପୁରୀରେ ନୂଆକଳେବର । ସେ ବର୍ଷ ସେଇ 'ବାଢ଼' ପଡିଥିଲା ତା ଏବେ କଳ୍ପନା କରି ହେବନାହିଁ । ଲୋକେ ବାଢ଼କୁ ଭୀତ ହେଉଥିଲେ । ମୁଁ ରାମଚନ୍ଦ୍ର ଓ ସ୍କୁଲ ପିଲାଙ୍କୁ ସାଙ୍ଗ ଧରି ରାତିଦିନ ଅତନ୍ଦ୍ରିତ ଭାବରେ ଗ୍ରାମମାନଙ୍କରେ ସେବା ରେ ଲଗି ଯାଇଥିଲି । ସେଇ ଯୋଗେ ଋଷଦର୍ଶନମାନେ ମୋତେ ଅପାଙ୍‌କ୍ତେୟ କରି ପାରି ନଥିଲେ । ଏକମାତ୍ର ରାମଚନ୍ଦ୍ର ସେକାଳରେ ମୋର ସାହା ଭରସା; ସେ ପୁଣି ଶ୍ରେଷ୍ଠ କୁଳୀନ । ତାଙ୍କର ନିରାଡ଼ମ୍ବର ତେଜସ୍ୱିତା ଓ ମହାମାନବୀୟ ଭାବରେ ବନ୍ଧୁତ୍ୱର ଉପେକ୍ଷା ଯେ ଦେଖିଛି, ସେ ଜାଣେ । ସେତେବେଳେ ତା ମୋର କି ସମ୍ପଦ ଥିଲା ଆଜି କିମିତ କହିବି ?'

ଦେଶବାସୀ ଖୋଜ ଦେଖିବେ କି ? ଜୀବନ ଗଲିଯାଏ, ଭାବ ରାଜ୍ୟରେ ମୃତ୍ୟୁ ନାହିଁ । ଏ ଭାବରାଜ୍ୟରେ ପୁଣି ସ୍ମୃତିର ସ୍ପର୍ଶ ଥକେ ଓ କପରି ସଂଚାର ଇତିହାସରେ ତାହା ଅନୁସନ୍ଧେୟ । ତଥାପି ଭାବ ଇତିହାସ ଭୂମି ଛାଡ଼ି ସ୍ମୃତିରେ ହିଁ ପ୍ରଭାବ ବିସ୍ତାରିକରେ ।

ଏବେ ଗୋପବନ୍ଧୁଙ୍କର ତଳ ତର୍ପଣ ହେଉଛି । ଆମେ ଆଜ କହୁଛୁ ଏ ତର୍ପଣ ଭାରତୀୟର ପାରଂପରିକ ଅନୁଷ୍ଠାନ । ଆଜିମଧ୍ୟ ଆମେ ତର୍ପଣ କରୁ—"ସୋମପା ପିତର ସ୍ତୃପ୍ୟନ୍ତୁ" । ଅର୍ଥଟିଲେ ଅନେକଙ୍କ ବିକୃତ ଲାଗେ । ଏହାର ଅର୍ଥ ହେଉଛି "ସୋମରସ ମଦ୍ୟ ପାନ କରୁଥିଲେ ଆମର ଯେଉଁ ପିତୃମାନେ ସେମାନେ ତୃପ୍ତ ହୁଅନ୍ତୁ ।" ଗୋପବନ୍ଧୁଙ୍କ ଏ ତର୍ପଣର ସେ ମହାମାନବର ପ୍ରଭାବ ଅଛି କି ନାହିଁ ତାହା ମୋର କହିବାର ନୁହେଁ । 'ନାମେ ଜଳ୍ପେ' ରେ ମଧ୍ୟ ମହା- ପ୍ରକୃତି ପୁଣି ନଷ୍ଟ ହୁଅନ୍ତି; ତାଙ୍କ ପ୍ରଭାବ ବଳୁଚ ହୁଏ । ଏ କ୍ଷେତ୍ରରେ ତାଙ୍କ ନିଜେଇ । ଗୋପବନ୍ଧୁ ରାମଚନ୍ଦ୍ର ଆଦିଙ୍କ ଧରି ପୂଜ୍ୟ ପ୍ରଭାବରେ

GPNanda Colln., Digitized by srujanika@gmail.com

ଜୀବନ୍ତ ହୁଅନ୍ତୁ । ଦେଶର ଶିକ୍ଷା ସାଧନା ସେଥିରେ ପ୍ରାଣବନ୍ତ ହେଉ । ପ୍ରତ୍ୟେକ ଦେଖନ୍ତୁ ସେମାନଙ୍କ ଜନ୍ମବେଳର ପରିସ୍ଥିତିକୁ ମୃତ୍ୟୁ-ବେଳର ପରିସ୍ଥିତି ବିକାଶରେ ପ୍ରବୃଦ୍ଧ ହୋଇଛି । ମୁଁ ଆଉ କହିବି ନାହିଁ ; ମୋର ଏବେ କହିବା ସଂଗତ ନୁହେଁ । ଚନ୍ଦ୍ରଶେଖର ଯଥାସାଧ୍ୟ ଲେଖିଛନ୍ତି ।

ନବଭାରତ ଅଫିସ, କଟକ—୨ ନୀଳକଣ୍ଠ ଦାସ

ତା ୨୪-୮-୫୩ ରିଖ ଗମ୍ଭା ପୂର୍ଣ୍ଣିମା

ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଅଭିମତ ।

ସତ୍ୟବାଦୀ ବିଦ୍ୟାଳୟର ପୁରାତନ ଛାତ୍ର ଶ୍ରୀ ଚନ୍ଦ୍ରଶେଖର ସତ୍ୟବାଦୀରେ ସାତବର୍ଷ ନାମକ ଖଣ୍ଡିଏ ପୁସ୍ତକ ଲେଖିଛନ୍ତି । ତାହାର ପ୍ରଥମ ଭାଗ ଛପା ହୋଇସାରିଛି । ସେହି ଭାଗଟିର ଅନେକ ଅଂଶ ସେ ଅନୁଗ୍ରହ କରି ଆଜି ମୋତେ ପଢି ଶୁଣାଇଲେ । ମୋର ସ୍ମରଣ ଶକ୍ତି ସେତେ ଭଲ ନୁହେଁ । ପ୍ରାୟ ୩୫ ବର୍ଷ ତଳର ଅନେକ ଘଟଣା ମୁଁ ଭୁଲି ଯାଇଥିଲି । ତାଙ୍କ କହିବାର ବିଷୟ ଶୁଣିବାରେ ସେ ସବୁ କଥା ମୋର ସ୍ମରଣ ହୋଇଗଲା । 'ସତ୍ୟବାଦୀରେ ସାତବର୍ଷ' ନାମ ଦେଇ ମୁଁ ନିଜେ ଖଣ୍ଡିଏ ବହି, ଲେଖିବାକୁ ବସିଥିଲେ ଚନ୍ଦ୍ରଶେଖର ଯେପରି ଲେଖିଛନ୍ତି ସେପରି ଲେଖିପାରି ନ ଥାନ୍ତି ।

ସତ୍ୟବାଦୀ ବିଦ୍ୟାଳୟରେ ମୋର କେତେକ କାର୍ଯ୍ୟ କଥା ସେ ଉଲ୍ଲେଖ କରିଛନ୍ତି । ମୋର କୈଶୋର-ଗୁରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ମୁଁ ସେବା କରିବା ଉଦ୍ଦେଶ୍ୟରେ ସତ୍ୟବାଦୀକୁ ଯାଇଥିଲି । ସେଠାରେ ଛଅବର୍ଷ କାଳ ରହିଥିଲି । କାର୍ଯ୍ୟରେ କେତେବେଳେ ହେଲା କରିଛି ବୋଲି ମୋର ମନେ ପଡୁନାହିଁ ; କିନ୍ତୁ ଏ କଥାଟା ମୋର ସବୁବେଳେ ଆଜି କାଲି ମନରେ ହୁଏ ଯେ ଜଣେ ଅନୁପ୍ରାଣିତ ସେବକ ସେ ଛଅବର୍ଷ ମଧ୍ୟରେ ଯାହା ଯାହା ଯେପରି

GPNanda Colln., Digitized by srujanika@gmail.com

ଭାବରେ କହିପାରୁ ଥାନ୍ତି, ମୁଁ କରିନାହିଁ । ତେଣୁ ସେବା ଦୃଷ୍ଟିରୁ ମୁଁ ନିଜକୁ ଅପରାଧୀ ମନେକରେ ।

ଆଜି ମନେ ହୁଏ ଯେ ସେ ସତ୍ୟବାଦୀ ସ୍କୁଲ ଯଦି ଥାଆନ୍ତା ଏବଂ ମୋର ଏ ୬୭ ବର୍ଷ ବୟସରେ ସୁଦ୍ଧା ମୁଁ ସେଠାରେ ସେହି ସେବା କାର୍ଯ୍ୟ କରୁଥାଆନ୍ତି । ୧୯୨୧ ମସିହାର ଭାରତବ୍ୟାପୀ ରାଜନୀତିକ ଆନ୍ଦୋଳନ ସମୟରୁ ମୁଁ ନାନା କ୍ଷେତ୍ରରେ କାର୍ଯ୍ୟ କରିଛି । କିନ୍ତୁ ସେ ମଧ୍ୟରୁ କୌଣସି କ୍ଷେତ୍ରରେ ମୁଁ ସତ୍ୟବାଦୀ ସ୍କୁଲରେ କାର୍ଯ୍ୟ କରିବାର ଆନନ୍ଦ ଓ ଶାନ୍ତି ଅନୁଭବ କରିନାହିଁ । ମୋର ମନେହୁଏ, ନିମ୍ନ କ୍ଷେତ୍ରରେ ରହି ସେବା କରିବା ନିମନ୍ତେ ବିଧାତା ମୋତେ ଶକ୍ତି ଦେଇଥିଲେ । ସେ ଶକ୍ତିଧରି ଉପରେ ଉଡିବାକୁ ବସିବା ମୋ ପକ୍ଷରେ ଭୁଲ୍ ହୋଇଛି । ପ୍ରକୃତ ସେବା ଦେଶର ମନୁଷ୍ୟ ଗଢିବାରେ ହୁଏ । ସତ୍ୟବାଦୀ ବିଦ୍ୟାଳୟରେ ପ୍ରକାଶ୍ୟ, ଅପ୍ରକାଶ୍ୟ ଦୁଇଟି ଯେଉଁ ରହିଥାଇ ପଛକେ ଛାତ୍ର ଜୀବନ ଗଢିବା କାର୍ଯ୍ୟ ସେଠାରେ ଯେ କେତେକ ପରିମାଣରେ ହୋଇ ପାରୁଥିଲା, ଏଥିରେ ସନ୍ଦେହ ନାହିଁ । ତାହା ଓଡ଼ିଶାରେ ଅନେକେ ମନେ କରିଛନ୍ତି ।

ସତ୍ୟବାଦୀ ବିଦ୍ୟାଳୟ ଘଟଣାଚକ୍ରରେ ଅଳ୍ପସମୟ ପରେ ଭାଙ୍ଗିଗଲା । କିନ୍ତୁ ସେପରି ବିଦ୍ୟାଳୟମାନ ନାନା ସ୍ଥାନରେ ହେବା ଦରକାର । ବର୍ତ୍ତମାନ ଯେ ସବୁ ବିଦ୍ୟାଳୟ ଅଛି ତା ଛଡା ନୂଆ ବିଦ୍ୟାଳୟ ବସାଇବାକୁ ମୁଁ କହୁନାହିଁ । ଶିକ୍ଷାପଦ୍ଧତି ପରିବର୍ତ୍ତନ କରି ସେହିଭାବରେ ଉପସ୍ଥିତ ବିଦ୍ୟାଳୟମାନ ଚଳାଇ ପାରିଲେ ସଫଳତା ମିଳି ପାରିବ । ସେଥିପାଇଁ ଶ୍ରୀମାନ ଚନ୍ଦ୍ରଶେଖରଙ୍କ ପୁସ୍ତକରୁ ଦେଶର ଭାବୀ କର୍ମୀମାନେ ଉପାଦାନ ପାଇପାରିବେ ବୋଲି ମୋର ଧାରଣା ହେଉଛି ।

ତା ୨୧-୮-୬୬   ଗୋଦାବରୀଶ ମିଶ୍ର

GPNanda Colln., Digitized by srujanika@gmail.com

ସତ୍ୟବାଦୀରେ ସାତବର୍ଷ

ପ୍ରଥମ ଅଧ୍ୟାୟ

ସତ୍ୟବାଦୀଠାରୁ ତିନିମାଇଲ୍ ପଶ୍ଚିମ ଦିଗରେ ମୋର ଘର । ଗ୍ରାମ ବିଦ୍ୟାଳୟଟିରେ 'ପାଳି' ଦେଇ ପଢ଼ାଇବାର ସମ୍ବଳ ଆମ ପରିବାରର ନ ଥିଲା । ମାତ୍ର ୧୯୨୦ ପୂର୍ବର ସମାଜ ଆଜି ଆଉ ନାହିଁ । ସେ ସମୟର ଗ୍ରାମଟିମାନ ଗୋଟିଏ ଗୋଟିଏ ପରିବାର ପରି ଥିବା ମୋ ଜୀବନର ଅନୁଭୂତି ମୂଳକ ସତ୍ୟ । ଆଜିର ଯୁବକମାନେ ସମାଜର ଏକବ୍ୟକ୍ତି ଅନ୍ୟ ବ୍ୟକ୍ତିକୁ ନିଜର ପରି ମନେକରି, କାର୍ଯ୍ୟତଃ ଦୁର୍ବଳର ସାହାଯ୍ୟ କରିବାର କଳ୍ପନା କରିପାରିବେ ନାହିଁ । ତାହା ସ୍ୱାଭାବିକ । ମାତ୍ର ସେତେବେଳେ ମୋତେ ଗ୍ରାମବାସୀମାନେ ସବୁ ବିଷୟରେ ସାହାଯ୍ୟ କରୁଥିଲେ, ମୋର ପ୍ରାଥମିକ ପ୍ରାତଃସ୍ମରଣୀୟ ଶିକ୍ଷକ ଶ୍ରୀଯୁକ୍ତ ନାରାୟଣ ମିଶ୍ର (ଶାସନଦାମୋଦରପୁର) ନିଜର ଖାଦ୍ୟରୁ ଖୁଆଇ ପଢ଼ାଉଥିଲେ । ଗ୍ରାମର ସେ କାଳର ଯୁବକମାନେ ଚାନ୍ଦା ଭେଦା କରି ମୋ ପାଇଁ ଲୁଗା ଗାମୁଛା କିଣି ଦେଉଥିଲେ। ପିଲାଦିନୁ ନିରନ୍ନ କୁଟୀର ପ୍ରତି ଅନ୍ୟମାନଙ୍କର ଅନୁକମ୍ପା, ଦୟା ଓ ସହାୟତା ଦେଖି, ମୋର କପଢ଼ ଏକପ୍ରକାର ଆତ୍ମସଂକୋଚ ଜନ୍ମି ଥିଲା । ବାଲକୋଚିତ ଖାଦ୍ୟସ୍ପୃହା ମୋର ନ ଥାଏ, ବିଳାସବ୍ୟସନର ଭାବନା ତ ଦୂରର କଥା ! ଜୀବନଧାରଣ ମାତ୍ର ପାଇଁ ଯେତିକି ପ୍ରୟୋଜନ ସେତିକିରେ ମୁଁ ସନ୍ତୁଷ୍ଟ ଥିଲି । ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୁଁ ଶିକ୍ଷକଙ୍କର ପ୍ରିୟତମ ମାତ୍ର ଥିଲି, କାରଣ ମୁଁ ସବୁ ବିଷୟ ମନ ଦେଇ ପଢୁଥିବାରୁ ବହୁତ ନମ୍ବର ପାଉଥିଲି । ବିଦ୍ୟାଳୟ ପରିଦର୍ଶନ-କର୍ମଗୁଷ୍ଟିମାନେ ମୋତେ ପ୍ରଶ୍ନ ପଚାରି ସନ୍ତୋଷ-

GPNanda Colln., Digitized by srujanika@gmail.com

ଜନକ ଉତ୍ତର ପାଉଥିବାରୁ ସର୍ବଦା ସନ୍ତୁଷ୍ଟ ହେଉଥିଲେ । ଏହାପର ପ୍ରାଥମିକ ବିଦ୍ୟାଳୟର ପଢ଼ା ଶେଷ ହୋଇ ଆସିଲା । ମୁଁ ଖୁବ୍ ଭଲ ଛାତ୍ର ଥିଲି—ପରୀକ୍ଷାକୁ ଯାଇଥିଲେ ବୃତ୍ତି ପାଇବାର ସମ୍ଭାବନା ଥିଲା । ମାତ୍ର ଶିକ୍ଷାବିଭାଗୀୟ କେତେକ ନିୟମର ବ୍ୟତିକ୍ରମ ଦେଖି, ପରୀକ୍ଷକ-ରୂପେ ଆସିଥିବା ସେକାଳର ଡେପୁଟି ଇନ୍ସପେକ୍ଟର ଶିକ୍ଷକଙ୍କ ଉପରେ ରାଗିଯାଇ, ଆମ ବିଦ୍ୟାଳୟରୁ ପରୀକ୍ଷାକୁ ଛାତ୍ର ପଠାଇବା ବନ୍ଦ କରି-ଦେଲେ । ଏହା ଜାଣି ଆମ ଗ୍ରାମର ମୋର ସହାୟକମାନେ ଅତ୍ୟନ୍ତ ଦୁଃଖିତ ଓ ଚିନ୍ତିତ ମଧ୍ୟ ହେଲେ । ତଥାପି ମୋଠାରେ ଉତ୍ତମ ଛାତ୍ରତ୍ୱ ଦେଖି, ସେମାନେ ମୋର ଭବିଷ୍ୟତର କଳ୍ପନା କରୁଥିଲେ । ଗ୍ରାମବାସୀ ଯୁବକ ଶ୍ରୀ ରଘୁନାଥ ମିଶ୍ର ସେ ସମୟରେ (୧୯୧୧) ସତ୍ୟବାଦୀ ବକୁଳ-ବନରେ ନୂଆ ବସିଥିବା କଳ୍ପିତ ହାଇସ୍କୁଲରେ ଶିକ୍ଷକ ଥିଲେ । ତତ୍-ପୂର୍ବରୁ ବିଦ୍ୟାଳୟଟି ପୂର୍ଣ୍ଣ-ମାଇନର ସ୍କୁଲ ହୋଇସାରିଥିଲା । ଏମ୍, ଏ ପାସ୍ କରି ଆସିଥିବା ଯୁବକ ପଣ୍ଡିତ ନୀଳକଣ୍ଠ ଦାସ ପ୍ରଥମେ ବିଦ୍ୟା-ଳୟକୁ ଆସିଥିଲେ । ହାଇସ୍କୁଲର ବର୍ତ୍ତମାନ ୮ମ ଶ୍ରେଣୀ ବା ସେ-କାଳର ୪ର୍ଥ ଶ୍ରେଣୀଟି ଖୋଲିଥାଏ । ପଣ୍ଡିତ ନୀଳକଣ୍ଠ ତେଣୁ ପ୍ରଥମ ଶିକ୍ଷକ ନ ହୋଇ ସୁପରିଣ୍ଟେଣ୍ଡେଣ୍ଟ ହୋଇଥିଲେ । ସେକାଳର ସମାଜ ସେତେବେଳେ ଏକପରିବାର ପରି ହୋଇଥିବାରୁ ପରସ୍ପର ସ୍ନେହ, ସହାନୁଭୂତି ଥିବାରୁ, ବହୁ ବ୍ରାହ୍ମଣଶାସନର କେନ୍ଦ୍ରସ୍ଥଳ ଏବଂ ସାକ୍ଷୀ-ଗୋପାଳ-ଧର୍ମପୀଠରେ ପ୍ରାଚୀନ ଭାରତୀୟ ରୀତି ନୀତି ସଙ୍ଗେ ଆଧୁନିକ ଯୁଗୋଚିତ ଉପାଦେୟ ଶିକ୍ଷାର କଳ୍ପନା ସମସ୍ତଙ୍କର ହୃଦୟ ଆକର୍ଷଣ କରିଥିଲା । ପ୍ରାଇମେରୀ ବିଦ୍ୟାଳୟରେ ପଢୁଥିବା ବେଳେ ମୁଁ ଏ କଥା ଶୁଣିଥିଲି । ପଣ୍ଡିତ ଗୋପବନ୍ଧୁ ଓ ନୀଳକଣ୍ଠଙ୍କର ତ୍ୟାଗ ସେକାଳ ଶାସକ-ମାନଙ୍କରେ ପ୍ରଶଂସା, ସମ୍ମାନ ଓ ବିହ୍ୱଳତା ଜନ୍ମାଇ ଦେଇଥିଲା । ସେତେ-ବେଳେ (ପରେ ଉତ୍କଳ ମଣି-ଉପାଧି ପାଇଥିବା) ପଣ୍ଡିତ ଗୋପ-

GPNanda Colln., Digitized by srujanika@gmail.com

ବନ୍ଧୁ ଦାସ ବିଦ୍ୟାଳୟର ପ୍ରତିଷ୍ଠାତା ଏବଂ ନୀଳକଣ୍ଠ ଉଦ୍ୟୋକ୍ତା ଏବଂ କର୍ମୀ ହିସାବରେ ସୁପରିଚିତ ହୋଇଥାନ୍ତି । ଅନ୍ୟାନ୍ୟ ତ୍ୟାଗପୂତଶିକ୍ଷକ ମାନେ ବିଶ୍ୱବିଦ୍ୟାଳୟ ମାନଙ୍କରେ ଶିକ୍ଷା ପାଉଥିଲେ । ସେମାନେ କ୍ରମେ-କ୍ରମେ ଆସି ଯୋଗ ଦେଉଥିଲେ ।

ସମାଜର ପରିସ୍ଥିତି ମନୁଷ୍ୟ-କଳ୍ପନାର କାର୍ଯ୍ୟକୁ ବହୁପରିମାଣରେ ସାହାଯ୍ୟ କରିଥାଏ । ତେଣୁ ପରିସ୍ଥିତିର ସାମାନ୍ୟ ସୂଚନା ଦେବା ଅସଙ୍ଗତ ନୁହେଁ—ବରଂ ପ୍ରୟୋଜନ । ଓଡ଼ିଶାରେ ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଅଳ୍ପସଂଖ୍ୟକ ହାଇସ୍କୁଲ ଓ ଏକମାତ୍ର ରେଭେନ୍ସା-କଲେଜ ଥିଲା । ଓଡ଼ିଶାର ସ୍କୁଲ ଓ କଲେଜ ମାନ କଲିକତା ବିଶ୍ୱ-ବିଦ୍ୟାଳୟର ଅଧୀନରେ ଥାଏ । ଏମ୍, ଏ, ପାସ୍ କରିବା ଲୋକେ ଅତି ଅଳ୍ପ ଥିଲେ । ତେଣୁ ଉତ୍କଳ-ମଣି ବି,ଏ, ବିଏଲ୍, ପୁଣି ପଣ୍ଡିତ ନୀଳକଣ୍ଠ ଦାସ ଏମ୍, ଏ, ଥିବାରୁ ଲୋକମାନଙ୍କର ଆଦର, ଶ୍ରଦ୍ଧା ଓ ଭକ୍ତିର ପାତ୍ର ହୋଇପାରିଥିଲେ । ସତ୍ୟବାଦୀ ଏତେ ବିସ୍ତୃତ ଅଥା ସହର ଘର ନଥାଇ ଗୋଟିଏ ବଡଗ୍ରାମ ଥିଲା । ଅବଶ୍ୟ ତୀର୍ଥ ଯାତ୍ରୀମାନେ ସାକ୍ଷୀଗୋପାଳଙ୍କ ଦର୍ଶନକୁ ଆସୁଥିଲେ ; କେତେକ ଦୋକାନ ଥାଏ । ସେହି ସତ୍ୟ-ବାଦୀରେ ସାକ୍ଷିଗୋପାଳ ମନ୍ଦିରର ପଛପାଖେ ବକୁଳ-ଝୁଆଁନା-ତମାଳ-ମାଳ ମଧ୍ୟରେ ହାଇସ୍କୁଲ ସ୍ଥାପନର କଳ୍ପନା ଶାସନୀ ବ୍ରାହ୍ମଣ ଏବଂ ଅନ୍ୟାନ୍ୟ ଅଧିବାସୀ ମାନଙ୍କ ପକ୍ଷରେ ଅତ୍ୟନ୍ତ ସ୍ପୃହଣୀୟ ହୋଇଥିଲା । ବିଦ୍ୟାଳୟର ପ୍ରତିଷ୍ଠାତା ଏବଂ ଉଦ୍ୟୋକ୍ତା ତଥା କର୍ମୀମାନେ ବଙ୍ଗ-ବିଚ୍ଛେଦ କାଳରେ ସ୍ୱଦେଶୀ ଆନ୍ଦୋଳନରେ ଯୋଗ ଦେଇଥିଲେ । ସେମାନେ ସେହିଦିନୁ ଦେଶ ମାତୃକା-ପୀଠରେ ଜୀବନବଳୀ ଦେବାର ବ୍ରତ ଧାରଣ କରିଥିଲେ । ତେଣୁ ଆଜି ୧୯୫୩ ଖ୍ରୀଃ [illegible]

GPNanda Colln., Digitized by srujanika@gmail.com

ସମାଜ-ସଂସ୍କାର ନିମନ୍ତେ ଯେଉଁ ଯେଉଁ କଳ୍ପନା ଓ ଯୋଜନା ମାନ କରା ଯାଉଅଛି ଏବଂ କାର୍ଯ୍ୟତଃ ହୋଇପାରୁ ନାହିଁ, ସେ ସବୁ ପରି-କଳ୍ପନା ଅସହଯୋଗ ଆନ୍ଦୋଳନ (୧୯୨୧) ର ବହୁ ପୂର୍ବରୁ ସତ୍ୟ-ବାଦୀ ବିଦ୍ୟାଳୟରେ କାର୍ଯ୍ୟକାରୀ ହୋଇଥିଲା । ୧୯୧୧-୧୨ ସାଲରେ ମାଇନର ସ୍କୁଲ ସଙ୍ଗେ ୪ର୍ଥ ଶ୍ରେଣୀ ଖୋଲିଥାଏ ମାତ୍ର । ପୂର୍ଣ୍ଣ ହାଇସ୍କୁଲ ହେଲା ବେଳକୁ ଓ ସେହି ତିନି ଚାରି ବର୍ଷ ମଧ୍ୟରେ ଅସ୍ପୃଶ୍ୟତା ଦୂରୀ-କରଣ, ସାମାଜିକ ବହୁ କୁସଂସ୍କାର ତ୍ୟାଗ ଏବଂ ଏକପଙ୍କ୍ତିରେ ଜାତି-ବର୍ଣ୍ଣ-ନିର୍ବିଶେଷରେ ଭୋଜନ-ଇତ୍ୟାଦି ବହୁତ ଦେଶ ଓ ସମାଜର ହିତକର କଳ୍ପନା କାର୍ଯ୍ୟକାରୀ ହୋଇଥିଲା । କିନ୍ତୁ ମୁଁ ପ୍ରାଇମେରୀ ବିଦ୍ୟାଳୟରେ ଥିବା ସମୟରେ ଶ୍ରୀ ନୀଳକଣ୍ଠ କେତେକ ଯୁବକଙ୍କୁ ନିଜ ମତରେ ଅନୁପ୍ରାଣିତ କରି ପଣ୍ଡିତ ବ୍ରାହ୍ମଣ କେଶ ରଖିବା ଶାସ୍ତ୍ର-ବିରୁଦ୍ଧ ନୁହେ—ତେଣୁ କେଶରଖିବା ସାମାଜିକ ନୀତିରେ କ୍ଷତିକାରକ ନୁହେ ଏହା ପ୍ରଚାର କରୁଥିଲେ । ସେ ନିଜେ ଏବଂ ତାଙ୍କ ଦଳର ଯୁବକମାନେ କେଶ ରଖିଲେ । ରକ୍ଷଣଶୀଳ ବ୍ରାହ୍ମଣ ସମାଜରେ ହେଲା ପଡିଗଲା । ମାତ୍ର ନୀଳକଣ୍ଠଙ୍କର ପାଣ୍ଡିତ୍ୟ, ଯୁକ୍ତି ଏବଂ ବାଗ୍ମିତା ଦୃଷ୍ଟିରେ ସମାଜ ବହୁ ଚେଷ୍ଟା କଲେ ମଧ୍ୟ ସେମାନଙ୍କୁ 'ଏକଘରିକିଆ' କରିପାରି ନଥିଲା— ଭୋଜୀ ସଭାରେ ବାସନ୍ଦ କରିପାରି ନଥିଲା—ମୁକ୍ତିମଣ୍ଡପ ଦ୍ୱାର ସେମାନଙ୍କ ପ୍ରତି ରୁଦ୍ଧ କରିପାରି ନଥିଲା ।

ତତ୍ପୂର୍ବରୁ ବନ୍ୟା ପ୍ରପୀଡ଼ିତ ଅଂଚଳରେ ନିରନ୍ନ ଦରିଦ୍ର— ନାରାୟଣଙ୍କର ସେବା କରିଥିବାରୁ ଦେଶଭକ୍ତ ଉଦାର ପଣ୍ଡିତ ଗୋପବନ୍ଧୁ ଓ ନୀଳକଣ୍ଠଙ୍କର ବ୍ୟକ୍ତିତ୍ୱ ତେଜସ୍କର ହୋଇଥିଲା । ପୁଣି ଉତ୍କଳ-ସାହିତ୍ୟର ଅଭିବୃଦ୍ଧି ଓ ବିକାଶ ପାଇଁ ସେମାନଙ୍କର କାର୍ଯ୍ୟ ଓ ଚେଷ୍ଟା ନିଖିଳ ଉତ୍କଳରେ ପରିବ୍ୟାପ୍ତ ହୋଇ ସାରିଥିଲା । ପିଲାଦିନେ

GPNanda Colln., Digitized by srujanika@gmail.com

ଗ୍ରାମ ସ୍କୁଲରେ ଥିବାବେଳେ ଗ୍ରାମେ ଗ୍ରାମେ ଏହି ଦୁଇଜଣଙ୍କର ଖ୍ୟାତି ଲୋକ ମୁଖରେ ପରକୀର୍ତ୍ତିତ ହେଉଥାଏ । ସେ ଦୁହିଁଙ୍କର କନିଷ୍ଠଭ୍ରାତା ପରି ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ପ୍ରଭୃତି ଥିଲେ— ମାତ୍ର ପ୍ରଥମାବସ୍ଥାରେ ସେମାନଙ୍କର ପରିଚୟ ପାର୍ଶ୍ୱବର୍ତ୍ତୀ ଜନ-ସମାଜ ପାଇପାରି ନଥିଲା । ସେ ସମୟରେ ଥିବା ଲୋକମାନଙ୍କ ମଧ୍ୟରେ ଏହି ଦୁଇ ତରୁଣ ବ୍ୟକ୍ତିତ୍ୱ ଉପରେ ଲୋକମାନେ କେତେ ଆଶା ପୋଷଣ କରି-ଥିଲେ । ବ୍ରିଟିଶ-ରାଜତ୍ୱ ବିରୁଦ୍ଧରେ ଲଢୁଆ ଯୁବକରୂପେ, ସାହିତ୍ୟିକ ଭାବରେ, ସମାଜ-ସେବକ ଓ ଅଧିନାୟକ ହିସାବରେ ତଥା ସଂସ୍କାରକ ରୂପେ ଏହି ଦୁଇ ବ୍ୟକ୍ତି ଏବଂ ସତ୍ୟବାଦୀର କଳ୍ପିତ ବିଦ୍ୟାଳୟ ଉତ୍କଳ ଜନସମୂହର ଦୃଷ୍ଟିକେନ୍ଦ୍ରରୂପେ ବିରାଜିତ ଥିଲା ।

ଗ୍ରାମ ବିଦ୍ୟାଳୟରେ ଥିଲା ବେଳେ ମୁଁ ସତ୍ୟବାଦୀ ବିଦ୍ୟାଳୟର ମହିମା ଶୁଣୁଥିଲି କିନ୍ତୁ ତାହା ଯେ ମୋ ପାଇଁ ସ୍ଥାନ ରଖିବ ସେ କଥା ମୋ କଳ୍ପନାର ବହିର୍ଭୂତ ଥିଲା । ଦରିଦ୍ର କୁଟୀରରେ ମୁଁ ଜନ୍ମ ଲଭି-ଥିଲି । ମୋର ନିଜର ମାଆ ଓ ମୁଁ, କନିଷ୍ଠ ପିତୃବ୍ୟ (ନିଜର ଲଗ୍ନିକ ନୁହନ୍ତି) ଓ ତାଙ୍କ ମାଆଙ୍କ ଅଧୀନରେ ଥାଉ । ସେ ମଧ୍ୟ ପିଲା କାଳରୁ ଆମ୍ଭମାନଙ୍କୁ ପୋଷିବା ପାଇଁ ବାଧ୍ୟ ହୋଇଥିଲେ । ଅତି ସାମାନ୍ୟ ନାମକୁ ମାତ୍ର ବେତନ ଘରଖର୍ଚ୍ଚକୁ ଅଣ୍ଟେ ନାହିଁ । ପୋଷକର ଭାବରେ ସେ ଆମ୍ଭମାନଙ୍କୁ ହତମାନ କରୁଥିଲେ । ସମ୍ପତ୍ତି ମଧ୍ୟରେ କେବଳ ଘରଡିହ ଓ ତହିଁ ଉପରେ ଏକସାହାଲା ଜୀର୍ଣ୍ଣଶୀର୍ଣ୍ଣ ଗୃହ । ତେଣୁ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ମୁଁ ଯେ ପଢିବି ଏ ଆଶା କାହିଁକି କରନ୍ତି ? ସବୁକଥା ଶୁଣୁଥିଲି ମାତ୍ର ।

ପ୍ରାଇମେରୀ ସ୍କୁଲରୁ ପରୀକ୍ଷା ଦେଇ ବୃତ୍ତି ପାଇବାର ବାଟ ବନ୍ଦ ହୋଇଗଲା । ପୂର୍ବୋକ୍ତ ଶ୍ରୀ ରଘୁନାଥ ମିଶ୍ର ମୋତେ ଘରେ ଇଂରେଜୀ

GPNanda Colln., Digitized by srujanika@gmail.com

ଅକ୍ଷର ଚିହ୍ନାଇ ପ୍ୟାରୀଚରଣ ସରକାରଙ୍କ ପ୍ରଣୀତ First Book of Reading ରୁ ଖଣ୍ଡେଦୁଇ ପଢାଇଥିଲେ । ୧୯୧୨ ଖ୍ରୀଃଅଃ ଜାନୁଆରୀ ମାସରେ ମୋତେ ଡାକି କହିଲେ "ତୁ ମୋ ସଙ୍ଗେ ସତ୍ୟବାଦୀ ସ୍କୁଲକୁ ଯିବୁ । ଚେଷ୍ଟା କରିବି—ଦରମା ଫ୍ରୀ କରିଦେଲେ, ତୋତେ ପଢିବାକୁ ସୁବିଧା ହେବ ।" ମୁଁ ସ୍ୱାଭାବିକ ସଂକୋଚ ଓ ଲଜ୍ଜାବଶରୁ ସେ ବିଦ୍ୟାଳୟରେ ପ୍ରବେଶ କରି ଶିକ୍ଷା ପାଇବି ଏପରି ଦୃଢ଼ ଆଶା ମୋର ନଥିଲା । ତଥାପି ୧୯୧୨ ଜାନୁଆରୀ ୪ ତାରିଖ ଦିନ ତାଙ୍କ ସଂଗେ ଗଲି । ସେତେବେଳକୁ ୧୦ଟା ବାଜିଥିଲା । ନୀଳକଣ୍ଠ ଦାସ କିପରି ଲୋକ—ତାଙ୍କୁ ଦର୍ଶନ କରିବାର ପିପାସା ପୂର୍ଣ୍ଣ ହେଲା । ଯଥା ସମୟରେ କଳା-ପୋଷାକ (ସାହେବୀ) ଓ ମୁଣ୍ଡରେ ପଗଡି ଧାରଣ କରି ସେ ବିଦ୍ୟାଳୟକୁ ଆସିଲେ । ଆଗରୁ କୁହାଯାଇଛି ତାଙ୍କର ନାଶ ଥିଲା । ସେତେବେଳକୁ ତାଙ୍କର ବୟସ ୨୭ ବର୍ଷ—ଶରୀରର ତେଜ, ଚକ୍ଷୁର ଜ୍ୟୋତି, ମୁଖର ଗମ୍ଭୀରତା ଦେଖି ମୋର ସଂକୁଚିତ ମନଟି ଭୟବିହ୍ୱଳ ହୋଇ ପଡ଼ିଲା । ମୋର ସହାୟକ ଶ୍ରୀ ରଘୁନାଥ ମିଶ୍ର ତାଙ୍କ କାର୍ଯ୍ୟରେ ଲଗିଲେ । ମୁଁ ଅଗତ୍ୟା ଏକାକୀ ଏଣେ ତେଣେ ଭୟରେ ଭୟରେ ଟିକିଏ ବୁଲିବୁଲି କରି ସ୍କୁଲ ହତାରୁ ବାହାରକୁ ଚାଲି ଆସିଲି । ସେଦିନ ଗୁଡ଼ିଏ ହାତୀ ଓ ଓଟ ସତ୍ୟବାଦୀ ବକୁଳ-ବନରେ ଥିଲେ ଏବଂ ଅଳ୍ପ ମେଘ ଉଠାଇ-ଥିଲା । ନିର୍ବାଣ ଓ ଭୟଭୀତ ପ୍ରାଣରେ ଉଦାସ ଭାବରେ ସେହି ଜନ୍ତୁ-ଗୁଡିକୁ ଦେଖି ଦେଖି ପଦ ଚାରଣ କରୁଛି; ରଘୁ ଭାଇନା ପଛରୁ ଡାକି ନାଇଲେ । ଦୁହେଁଯାକ ବିଦ୍ୟାଳୟକୁ ଗଲୁ । ନୀଳକଣ୍ଠ ବାବୁଙ୍କ ପାଖରେ ନେଇ ସେ ମୋତେ ଠିଆ କରାଇ ଦେଲେ । ଯଥାବିଧି ନମ-ସ୍କାର କରି ମୁଁ ଭୟରେ ଠିଆ ହୋଇଥାଏ । ସେ ପ୍ରଥମେ ପଚାରିଲେ "ରଘୁନାଥ, ଏ କଣ ଅଧା ଦରମା (୫୦ ମାଣ) ଦେଇ ପାରିବ ନାହିଁ । ଭଲ ପଢିଲେ, ଦେଖିବା ସମସ୍ତ ଦରମା ଫ୍ରୀ ହୋଇଯିବ ।" ରଘୁ-

GPNanda Colln., Digitized by srujanika@gmail.com

ଭାବନା ମୋତେ ଅପରପ୍ରାଇମେରୀ ତଳ କ୍ଲାସରେ ବସିବାକୁ କହିଲେ, ନୀଳକଣ୍ଠ ବାବୁ ମନା କଲେ । କହିଲେ "ନାମ ଲେଖାଇ ସାରିଲେ, କ୍ଲାସରେ ବସିବ, ପୁଣି ଆଜି ମେଘ ଉଠାଇ ଅଛି ଏବଂ ପ୍ରଥମେ ଏ ହାତୀ ଓଠ ପ୍ରସ୍ତୁତ ଦେଖି ଇସ୍କୁଲକୁ ଆସିଛ । ତାହା ପକ୍ଷରେ ଏହା "ଅନଧ୍ୟାୟ ଦିବସ" ।

ମୁଁ ବାହାରେ ବସି ପଢା ଶୁଣୁଥିଲି । ସନ୍ଧ୍ୟାରେ ଫେରିଲି । ନାଁ ଲେଖାଇବା ଲାଗି ବାରଅଣା ପଇସା ସଂଗ୍ରହ କରି ଘରେ ମୋତେ ଶୀଘ୍ର ଦେଇ ପାରିଲେ ନାହିଁ । ଗୁରୁଟି ଦିନ ବାହାରେ ବସି ଘରକୁ ଫେରୁଥିଲି । ପଞ୍ଚମ ଦିନ ନାଁ ଲେଖାଇ କ୍ଲାସରେ ବସିଲି । ଦେଖିଲି ଅପରପ୍ରାଇମେରୀ ଏବଂ ଭର୍ଣ୍ଣାକ୍ୟୁଲର ପାସ୍ କରିଥିବା ଗୁଳାଶି ଜଣ ଛାତ୍ର ସେହି କ୍ଲାସରେ ନାମ ଲେଖାଇ ସାରିଛନ୍ତି । ଆମ୍ଭେମାନେ ଇଂରେଜୀ ପଢି ନଥିବାରୁ ସେହି ଶ୍ରେଣୀରେ ଯିବାକୁ ବାଧ୍ୟ । ତାହାଦ୍ୱାରା ଅପରପ୍ରାଇମେରୀ ପାସ୍ କରିଥିବା ଛାତ୍ରଙ୍କର ଦୁଇବର୍ଷ ଏବଂ ଭର୍ଣ୍ଣାକ୍ୟୁଲର ବାଲଙ୍କର ଗୁରିବର୍ଷ ନଷ୍ଟ ହେଉଥିଲା—କିନ୍ତୁ କୌଣସି ବିଦ୍ୟାଳୟରେ ଏହା ଛଡା ଅନ୍ୟପନ୍ଥା ନଥିଲା । ଭର୍ଣ୍ଣାକ୍ୟୁଲର ଏବଂ ପ୍ରାଇମେରୀ ବାଳକମାନେ ଏହା ଜାଣିଥିବାରୁ, କିଛି ବର୍ଷ ନଷ୍ଟ ହେଉଥିଲା ବୋଲି ସେମାନଙ୍କର ଦୁଃଖ ନଥିଲା—ମୋର ମଧ୍ୟ ନଥିଲା ।

ବିଦ୍ୟାଳୟର ଶିକ୍ଷକମାନେ ଅତି ପ୍ରବୀଣ ଥିଲେ । ମାଇନର ସ୍କୁଲଟିରେ ୪ର୍ଥ ଶ୍ରେଣୀ ମାତ୍ର ଖୋଲିଥିଲେ ଅନ୍ୟ ବିଦ୍ୟାଳୟକୁ ଯେପରି ଲଘୁ ଦୃଷ୍ଟିରେ ଦେଖିବାକୁ ହୁଏ, ସତ୍ୟବାଦୀ ବିଦ୍ୟାଳୟ ସେପରି ନୁହେଁ । ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ ବିଦ୍ୟାଳୟର ପ୍ରତିଷ୍ଠାତା ଓ ସମ୍ପାଦକ ଓ ପଣ୍ଡିତ ନୀଳକଣ୍ଠ ଦାସ ପରିଚାଳକ । ତେଣୁ ତାହାର ଖ୍ୟାତି ଅତି ବେଶୀ ଥିଲା । ନିୟମାଧୀନତା ଓ ଶୃଙ୍ଖଳା ଥିବାରୁ ଛାତ୍ର ପକ୍ଷରେ ତାହା

GPNanda Colln., Digitized by srujanika@gmail.com

ସାଧନାର କ୍ଷେତ୍ର ଥିଲା । ପଣ୍ଡିତ ଗୋପବନ୍ଧୁ ସେତେବେଳେ ଉତ୍କଳରେ ଜଣେ ପ୍ରଧାନ ନେତା । ସ୍ୱନାମଧନ୍ୟ ମିଷ୍ଟର୍ ଦାସ, ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ, ଶ୍ରୀ ଜଗବନ୍ଧୁ ସିଂହ, କବିବର ଫକୀରମୋହନ ଆଦି ଓଡ଼ିଶାର ନେତୃସ୍ଥାନୀୟ ଲୋକମାନେ ଗୋପବନ୍ଧୁଙ୍କ ପରିକଳ୍ପିତ 'ମନୁଷ୍ୟ ଗଢ଼ା କାରଖାନା' ବିଦ୍ୟାଳୟର ପୃଷ୍ଠପୋଷକ ଥିଲେ । ମୋ ପ୍ରବେଶର ଆଠ ଦିନ ମଧ୍ୟରେ ସମସ୍ତେ ଭିନ୍ନ ଭିନ୍ନ ଦିନରେ ଆସିବାର ଦେଖି ସମସ୍ତଙ୍କୁ ମୁଁ ଚିହ୍ନିଥିଲି । ବିଦ୍ୟାଳୟର ଗୁରୁତ୍ୱ ଓ ଗାମ୍ଭୀର୍ଯ୍ୟର ଅଭାବ ନଥିଲା ।

ଆମ୍ଭେମାନେ ଯେଉଁ ଶ୍ରେଣୀରେ ନାମ ଲେଖାଇଲୁ, ସେ ଶ୍ରେଣୀରେ ଇସ୍କୁଲରେ ମୂଳରୁ ଥିବା ଛାତ୍ରମାନେ ଇଂରେଜୀ ଜାଣିଥିଲେ । ଆମ୍ଭମାନଙ୍କୁ ଆଠ ଦଶ ଦିନ ଯାଏଁ ଇଂରେଜୀ ଶିକ୍ଷକମାନେ ଆଦୌ ପ୍ରଶ୍ନପଚାରୁ ନ ଥିଲେ । ସେ ଶ୍ରେଣୀରେ ମୁଁ ସବୁଠାରୁ ସାନ ଥାଏ । ହରେକୃଷ୍ଣପୁର ଶାସନର ଜଣେ ପ୍ରବୀଣ ଶିକ୍ଷକ ୬ ଶ୍ରୀ ହଳଧର ମହାପାତ୍ର ସେ ଶ୍ରେଣୀରେ ଇଂରେଜୀ ଅନୁବାଦ ପଢ଼ାଉଥିଲେ । ସେ କଡ଼ା ଲୋକ, ଉତ୍ତର ଠିକ୍ ନ ହେଲେ ଭାରି ଦଣ୍ଡ ଦିଅନ୍ତି । ଦିନେ ମୁଁ କ୍ଲାସର ପ୍ରଥମରେ ବସିଥିଲି । ମୋତେ ପଚାରିଲେ '—ପୁଖରେ ଗୋଟିଏ ବଡ଼ଦେଉଳ ଅଛି'—ଏହାକୁ ଇଂରେଜୀ କର । ମୁଁ କହିପାରନ୍ତି ନାହିଁ—ଏହା ସ୍ୱାଭାବିକ, କିନ୍ତୁ ମୁଁ ଦରିଦ୍ର କୁଟୀରରେ ଜନ୍ମି ପ୍ରାଣରେ ସଂକୋଚ ପୋଷିଥିବାରୁ କୌଣସି ସଙ୍ଗୀ ମେଳରେ ରହି ନଥିଲି । ପିତାମାତାଙ୍କ ଠାରୁ ବ୍ୟବହାର, ବିନୟ, ସୌଜନ୍ୟ ଶିଖି ନଥିଲି । ଶିକ୍ଷକମାନଙ୍କର ପ୍ରଶଂସାର ପାତ୍ର ହୋଇ ସରଳ ଅଥଚ ସତ୍ୟକଥା କହିବାର ଅଭ୍ୟାସ ମୋର ଥିଲା । ମୁଁ ହଠାତ୍ କହିଦେଲି "ଯାହାକୁ ସବୁ ଆମେ ବର୍ତ୍ତମାନ କିପରି କହିବୁ ? ମୁଁ ଫାଷ୍ଟବୁକ୍ ଘୋଡା-ଲେସନ ଯାଏଁ ଖାଲି ଅର୍ଥ ବୁଝିଛି ।" ଏତିକିରେ ଶିକ୍ଷକ ମହାଶୟ ରାଗିଗଲେ ଓ ମୋତେ ଦଣ୍ଡ

GPNanda Colln., Digitized by srujanika@gmail.com

ଦେବାକୁ ଅଗ୍ରସର ହେଲେ । ମୁଁ କହିଲି " ମୁଁ ଏକା ନୁହେଁ—ଆମେ ଗୁଳିଶି ଜଣ ଯାକ କହି ପାରିବୁ ନାହିଁ ।" ଏଥିରେ ସେ ଅଧିକ ରାଗି ଯାଇ କହିଲେ—"କେତେଦିନ ତୁମେମାନେ ନୂଆ ହୋଇଥିବ ? ସେ ନ କହିପାରିବ—ଠିଆହୁଅ ।" ଗୁଳିଶିଜଣ ଯାକ ଠିଆ ହେଲୁ । ସେ ଧାରଣା ପୋଷିଲେ ଯେ ଆମ୍ଭେମାନେ ଏପରି କିଛି ବଗୁର କରିଛୁ ଏବଂ ମୁଁ ସମସ୍ତଙ୍କୁ ମତାଇଛି । ରାଗିଯାଇ ସେ ଅଫିସକୁ ଗଲେ । ସେତେବେଳେ ପଣ୍ଡିତ ଗୋପବନ୍ଧୁ ମଧ୍ୟ ତାହାଙ୍କ ଅଫିସରେ ଥିଲେ ।

ଇଂଗ୍ଲିଶ କୋଚିଂ କ୍ଲାସ—

ଅଳ୍ପ ସମୟ ପରେ ମୋତେ ଚପ୍ରାସୀ ଆସି ଡାକିଲା । ମୁଁ ଯାଇ ଠିଆ ହେଲି । ସୁପରିଣ୍ଟେଣ୍ଡେଣ୍ଟଙ୍କର ଦାନ୍ତ ଚକ୍ଷୁର ଗମ୍ଭୀରତା ଏବେ ମଧ୍ୟ ମୋତେ ଦିଶି ଯାଉଅଛି । ସେ କହିଲେ—"ରଘୁନାଥ କହିଲାରୁ ତୋତେ ସ୍କୁଲରେ ସ୍ଥାନ ଦିଆଯାଇଥିଲା—ତୁ ତ ଭାରି ମେଳିଆ, ଜାଣୁ —ଏ ସ୍କୁଲର ନିୟମ ଶୃଙ୍ଖଳା ମାନି ଚଳିବା ବଡ଼ କଷ୍ଟକର କଥା ।" ମୁଁ ଭୟରେ ଅନ୍ତର ଗୋପନ କରି ଥାଉଥାଏ, କହିଲି—ମୁଁ ଅଭଦ୍ରଭାବରେ କିଛି କହିନାହିଁ । ଆମେମାନେ ଏହି ଇସ୍କୁଲ ପିଲାଙ୍କ ସଙ୍ଗେ ହଠାତ୍ ସମାନ ହେବୁ କିପରି ? ତାହାହିଁ କହିଲି, ଆମେମାନେ ବଗୁର କରି କହିନାହୁଁ ।

ପୁଣି ସେ କହିଲେ—" ବଗୁର କରିଛ ନିଶ୍ଚୟ "ମୁଁ କହିଲି—ବଗୁର୍ କେହି କରି ନାହୁଁ । ଆମ୍ଭେମାନେ ସାହିତ୍ୟ, ଅଙ୍କ, ଇତିହାସ, ଭୂଗୋଳ ଇତ୍ୟାଦିରେ ଏ ସ୍କୁଲ ପିଲାଙ୍କ ଠାରୁ ଟପି ଯାଇଛୁ । କେବଳ ଇଂରେଜୀ କଥା ଅଲଗା । ମୁଁ ଜାଣେ ଆମ୍ଭେମାନେ ପାଞ୍ଚକ୍ଲାସରୁ କିଛି କିଛି ଶବ୍ଦ ଶେଖିଛୁ ମାତ୍ର । ଠିକ୍ ଏହା ପରେ ପରେ ନୀଳକଣ୍ଠଙ୍କର ମୁଖ ଗମ୍ଭୀର ହୋଇଗଲା । ଗୋପବନ୍ଧୁ ବାବୁଙ୍କୁ ବସାଇ, ଅନ୍ୟ ଶିକ୍ଷକ-

GPNanda Colln., Digitized by srujanika@gmail.com

ମାନଙ୍କୁ ଡକାଇ ମୋତେ ବିଦାୟ ଦେଲେ । ସେଦିନ ସ୍କୁଲ ଏକା-ବେଳକେ ଛୁଟି ହେବାର ଘଣ୍ଟା ଗୋଟାକ ବେଳେ ବାଜିଗଲା । କେବଳ ଆମ ଗ୍ରାମର ଜଣଙ୍କୁ କ୍ଲାସରେ ରହିବା ପାଇଁ ଆଦେଶ ହେଲା । ଆମ୍ଭେ-ମାନେ ଭୟରେ ଭୟରେ ବସି ରହିଥିଲୁଁ । ସତ୍ୟବାଦୀ ବିଦ୍ୟାଳୟ ଦେଶବାସୀଙ୍କ ଦୃଷ୍ଟିର କେନ୍ଦ୍ରସ୍ଥଳ ଏହା ନେତୃଗଣଙ୍କର ସାଗ୍ରହ ଆଗ-ମନରୁ ଆମ୍ଭମାନଙ୍କର ବାଳକ-ପ୍ରାଣରେ ଧାରଣା ଥିଲା । କର୍ମୀମାନେ ସରକାରଙ୍କୁ ଡରନ୍ତି ନାହିଁ—ସ୍ୱାଧୀନଭାବରେ ସ୍କୁଲ ଚଳାଉଛନ୍ତି । ଏହା ମଧ ଆମ୍ଭେମାନେ ଶୁଣି ସାରିଥିଲୁଁ । ଆମ୍ଭେମାନେ ବିଚାର କଲୁଁ, ବୋଧ ହୁଏ, ଆମ୍ଭମାନଙ୍କୁ ଏ ବିଦ୍ୟାଳୟରେ ସ୍ଥାନ ଦେବେ ନାହିଁ । ଦିନ ଚାରିଟା ପର୍ଯ୍ୟନ୍ତ ଶିକ୍ଷକମାନେ, ନୀଳକଣ୍ଠ ବାବୁ ଏବଂ ଗୋପବନ୍ଧୁ ବାବୁ ବିଚାର କରିବା ପରେ ସମସ୍ତେ ଫେରିଲେ । ନୀଳକଣ୍ଠ ବାବୁ ଶ୍ରୀଯୁକ୍ତ, ରାମଚନ୍ଦ୍ର ରଥ (ସହକାରୀ ଶିକ୍ଷକ) ଓ ଶ୍ରୀ ହଳଧର ମହାପାତ୍ରଙ୍କୁ ସଙ୍ଗରେ ଘେନି ଆମ୍ଭମାନଙ୍କ ପାଖକୁ ଆସିଲେ । ସ୍ୱର୍ଗତ ଶ୍ରୀ ରାମଚନ୍ଦ୍ର ରଥ ମାଟ୍ରିକ୍ ପାସ୍ କରିଥିଲେ ସତ୍ୟ, କିନ୍ତୁ ଯାହା ପଢିଥିଲେ ସେ ବିଷୟରେ ତାଙ୍କର ପୂର୍ଣ୍ଣ ଜ୍ଞାନ ଥିଲା । ସେ ଅତି ଉଦାର ପ୍ରାଣର ତ୍ୟାଗଶୀଳ ଯୁବକ ଥିଲେ ।

ଶ୍ରୀଯୁକ୍ତ ନୀଳକଣ୍ଠଙ୍କର କୋମଳ ବ୍ୟବହାର ମୁଁ ସେହିଦିନ ଅନୁ-ଭବ କଲି । ପ୍ରଥମେ ସେ ବୁଝାଇ ଦେଲେ ଯେ ମୋ କଥାରେ ସେ ରାଗି ନ ଯାଇ ଆମ୍ଭମାନଙ୍କ ପାଇଁ କଣ କଲେ ହିତକର ହେବ, ତାହା ବିଚାର କଲେ । ତାପରେ ବିଚାରର ସିଦ୍ଧାନ୍ତ ଅନୁସାରେ ପାଠନିର୍ଘଣ୍ଟ ଡାକିଲେ । ଯେପରି ଅକାରଣ କାଳକ୍ଷେପ ନ ହେବ, ସେହି ଦୃଷ୍ଟିରେ ଆଉ ଗୋଟିଏ ନୂଆ କ୍ଲାସ ଗଠିତ ହେଲା—ତାହାର ନାମ ହେଲା 'ଇଂଲିସ୍ କୋଚିଂ କ୍ଲାସ୍' ସେଥିରେ ସାତ ଘଣ୍ଟା (ପିରିଅଡ) ମଧ୍ୟରୁ ପାଞ୍ଚଟିରେ ଇଂରେଜୀ ପଢାଯିବ, ବାକି ଦୁଇ ପିରିଅଡ୍ ଅଙ୍କ ଓ ସାହିତ୍ୟ

GPNanda Colln., Digitized by srujanika@gmail.com

ପଡ଼ାଯିବ । ପରୀକ୍ଷା ବେଳକୁ ଅପର ପ୍ରାଇମେରୀ କ୍ଲାସ (ସେ କାଳର ୭ମ୍, କ, ଶ୍ରେଣୀ, ବର୍ତ୍ତମାନର ୫ମ ଶ୍ରେଣୀ) ଓ ଇଂ, ଟେକ୍ୱ, କ୍ଲାସର ଇଁରେଜୀ ପ୍ରଶ୍ନ ସମାନ ହେବ । ଶେଷ ପରୀକ୍ଷା ପରେ ଯେ ଯେଉଁ କ୍ଲାସକୁ ଉପଯୁକ୍ତ ହେବ, ସେ, ଶ୍ରେଣୀକୁ ଉନ୍ନୀତ ହେବ । ତେଣୁ ଛାତ୍ର ମାନଙ୍କ ଉପରେ ନିଜର ଭବିଷ୍ୟତର ଦାୟିତ୍ୱ ରହିଲା—ଏକଥା ବୁଝାଇ ସାର୍ 'ରୁଟିନ୍ ଡାକିଦେଲେ । ସେ ରୁଟିନ୍ ଏଠାରେ ଦେବା ସମୀଚୀନ । କାରଣ ନୂତନ ଛାତ୍ର-ସ୍ଥାଣରେ ଗଠନମୂଳକ ଚେଷ୍ଟା ଦ୍ୱାରା ଅଳ୍ପ-କାଳରେ କୌଣସି ବିଷୟର ପୂର୍ଣ୍ଣଜ୍ଞାନ କିପରି ଜାତ କରାଯାଇ ପାରେ ତାହା ଜଣାଯିବ । ଗୋଟିଏ ପିରିଅଡ୍ କେବଳ ଶବ୍ଦ-ଶିକ୍ଷା, ୨ୟରେ କେବଳ ଇଁରେଜୀ ବ୍ୟାକରଣ, ୩ୟରେ ପାଠ୍ୟପୁସ୍ତକ, ୪ର୍ଥରେ କଥୋପ-କଥନ ଓ ହସ୍ତାକ୍ଷର, ଶ୍ରୁତଲିଖନ ଓ ୫ମରେ ରଚନା । ଇଁରେଜୀ ଭାଷା ଶିକ୍ଷାର ସମସ୍ତ ସୋପାନ ଓ ଉପାୟ ଏଥିରେ ରହିଅଛି । ସେ ଶ୍ରେଣୀର ବଡ଼ ବଡ଼ ପ୍ରବୀଣ ଶିକ୍ଷକମାନେ ଭିନ୍ନ ଭିନ୍ନ ବିଷୟର ଭାର ନେଲେ ଏବଂ ନିଜେ ସୁପରିଣ୍ଟେଣ୍ଡେଣ୍ଟ ଚତୁର୍ଥ ବିଷୟଟିର ଦାୟିତ୍ୱ ନେଲେ । ତାହାଁ ଆଉ ହନୁ ସେ ଶ୍ରେଣୀ ଫିଟିଗଲା ।

ଦ୍ୱିତୀୟ ଅଧ୍ୟାୟ

ଘରପୋଡି—

ବର୍ତ୍ତମାନ ଥିବା ସ୍କୁଲ ଗୃହଟି କୋଠାଘର । ସେତେବେଳେ ଏହାର ମହିଷାହାଳୀ ସ୍ଥାନରେ ମାଇନର ସ୍କୁଲର ଗୋଟିଏ ଚାଳବଙ୍ଗଳା ଥାଏ । ଉଦ୍ୟୋକ୍ତାମାନେ ଧନୀଲୋକ ନୁହନ୍ତି । ନିଜ ନିଜର ପାଠ୍ୟ-ପୁସ୍ତକମାନ ଦେଇ, ଚାନ୍ଦା ଭେଦା କରି, ଭିନ୍ନ ଭିନ୍ନ ଅଞ୍ଚଳରୁ ଅର୍ଥ ସଂଗ୍ରହ କରି ବହୁ କଷ୍ଟରେ ସେମାନେ ଗୋଟିଏ ବଡଧରଣର ଲାଇ-ବ୍ରେରୀ କରିଥିଲେ । ସେ ଲାଇବ୍ରେରୀ ସେହି ଘରେ ଗୋଟିଏ ବଖରାରେ ଥିଲା । ଆମ୍ଭମାନଙ୍କ ଇଁରେଜୀ କୋଚିଂ କ୍ଲାସ୍ ମଧ୍ୟ ସେହି ଘରର ଅନ୍ୟ ଗୋଟିଏ ପ୍ରକୋଷ୍ଠରେ ବସୁଥିଲା ।

ମୁଁ ଗାଁରୁ ଖାଇ ବିଦ୍ୟାଳୟକୁ ଆସୁଥିଲି ଏବଂ ସନ୍ଧ୍ୟାରେ ଘରକୁ ଫେରୁଥିଲି । ମୋର ବୟସ ସେତେବେଳେ ଏଗାରବର୍ଷ—ଘରେ ଉପ-ଯୁକ୍ତ ଖାଦ୍ୟର ଅଭାବ । ସ୍ନେହମୟୀ ଜନନୀଙ୍କ ସ୍ନେହ ଓ ଯତ୍ନହିଁ ମୋର ସନ୍ତୋଷର ଖାଦ୍ୟ ପାନୀୟ ଥିଲା । ଭଲ ପିନ୍ଧିବାର ଆଗ୍ରହ ନଥିବାରୁ ମୁଁ କାହାରି ଚିନ୍ତାର ପାତ୍ର ନଥିଲି । ତଥାପି ମୁଁ ମନଦେଇ ପଢିପାରୁ ନଥିଲି । ତିନି ମାଇଲ୍ ବାଟ ଯା ଆସ କଲା ପରେ ମୋର ପଢିବାର ବଳ ପାଉ ନଥିଲା । ଏଣେ ଆମର ନୂଆ କ୍ଲାସ ଖୋଲିଯିବା ପରେ ପଣ୍ଡିତ ନୀଳକଣ୍ଠଙ୍କର ତୀବ୍ର ଦୃଷ୍ଟି ସେହି ଶ୍ରେଣୀର ପଢାପଢି ଉପରେ ରହିବା କଥା ମଧ୍ୟ ଆମ୍ଭେମାନେ ଜାଣିଥାଉଁ ।

ଆମ ନୂଆ ଶ୍ରେଣୀ ଖୋଲିବାର ଅଳ୍ପ ଦିନ ପରେ ସେହି ବିଶାଳ କାଷ୍ଠ ନିର୍ମିତ ଗୃହଟିକୁ କେହି କେହି ଦୁର୍ବୃତ୍ତ ପୋଡି ପକାଇଲେ ନୀଳକଣ୍ଠ ଓ କେତେକ ଯୁବକ ନିଷ୍ଠ ରଖିଥିବାରୁ, ଏବଂ ଅନ୍ୟାନ୍ୟ

GPNanda Colln., Digitized by srujanika@gmail.com

କୁସଂସ୍କାରକୁ ନ ମାନି କାର୍ଯ୍ୟ କରୁଥିବାରୁ, ତାଙ୍କୁ ସାମାଜିକ ଶାସ୍ତି ଦେଇ ନ ପାରି ସେମାନଙ୍କର କର୍ମକେନ୍ଦ୍ରକୁ ଜାଳି ପୋଡ଼ିଦେବାର ବନ୍ଦୋବସ୍ତ ସେମାନେ ବୋଧହୁଏ ଆଗରୁ କରିଥିଲେ । ସକାଳୁଆ ସ୍କୁଲ ସାରି ସମସ୍ତେ ଗଲା ପରେ ଉପର ବେଳା ସ୍କୁଲ ଘର ଭସ୍ମୀଭୂତ ହୋଇଗଲା । ଲାଇବ୍ରେରୀଟି ମଧ୍ୟ ଧ୍ୱଂସ ପାଇଗଲା । ଅଳ୍ପ କେତେକ ବେଞ୍ଚ, ଟେବୁଲ ମାତ୍ର ବାହାରି ଥିଲା । ଆମ୍ଭ ଗ୍ରାମର ଅନ୍ୟାନ୍ୟ ଛାତ୍ର ଓ ମୁଁ ସନ୍ଧ୍ୟାରେ ତାହା ଶୁଣିଲୁଁ, ମନେ କରିଥିଲୁ କିଛିଦିନ ସ୍କୁଲ ବନ୍ଦ ହୋଇଯିବ ।

ଗୋପବନ୍ଧୁଙ୍କ ଧୈର୍ଯ୍ୟ—

ପରଦିନ ଯଥା ସମୟରେ ପହଞ୍ଚି ଦେଖୁ ଯେ ଗତ ରାତ୍ରିରେ ଗୃହର ଛାମୁଣ୍ଡିଆ ହୋଇ ସାରିଛି । ଯଥାରୀତି ସେଥିରେ ଶ୍ରେଣୀଗୁଡ଼ିକ ବସିଲା । ପଢାର କୌଣସି ଗାମ୍ଭୀର୍ଯ୍ୟ କମ୍ ନଥିଲା । ମାତ୍ର ନୀଳକଣ୍ଠ ବାବୁ ଓ ଅନ୍ୟମାନେ କିଛିଟା ବିପନ୍ନ ଦେଖା ଯାଉଥିଲେ । ଶିକ୍ଷକ ଓ ଛାତ୍ରମାନେ (ବୋର୍ଡିଂରେ ଥିବା) ନିଜେ ନିଜେ ପରିଶ୍ରମ କରି ଛାମୁଣ୍ଡିଆ କରିଥିଲେ । ପରଦିନ ଖବରଦେଲାକୁ ପଣ୍ଡିତ ଗୋପବନ୍ଧୁ ବାରିପଦାରୁ ଘରପୋଡ଼ ଖବର ପାଇ ତାଙ୍କର ପ୍ରିୟସାଧନା-ପୀଠକୁ ଆସିଲେ । ଶିକ୍ଷକମାନେ ସମସ୍ତେ ତାଙ୍କ ଗୋଡତଳେ ମୁଣ୍ଡିଆ ମାଇଲେ, ସମସ୍ତେ ବିପନ୍ନ କିନ୍ତୁ ତାଙ୍କର ମୁଖ ସରସ, ପ୍ରଫୁଲ୍ଲ ଓ ଉତ୍ସାହ ବ୍ୟଞ୍ଜକ ଥିଲା । ସେ କହିଲେ "ଏଥିପାଇଁ ଦୁଃଖ କଣ ? ଭଗବାନଙ୍କର ଇଚ୍ଛା ବୋଧହୁଏ ଏ ବିଦ୍ୟାଳୟ ପାଇଁ କୋଠା ଘର ହେବ ।"

ଇଂଲିଶ କୋଚିଂ କ୍ଲାସର ଶିକ୍ଷକମାନେ—

ଏ ଇତିହାସ ମୋର ଆତ୍ମଜୀବନୀ ନୁହେଁ । ସତ୍ୟବାଦୀ ବିଦ୍ୟା-ପୀଠର ଭଲ ମନ୍ଦ ସବୁକଥା ଜଣାଇବାର ଏହା ଏକ ଅବଲମ୍ବନ । ତେଣୁ

GPNanda Colln., Digitized by srujanika@gmail.com

ବିଦ୍ୟାଳୟରେ ଥିବା ଆମ ଶ୍ରେଣୀର ଶିକ୍ଷକମାନଙ୍କର ପରିଚୟ ଏଠାରେ ଦିଆଯିବ । ପ୍ରଥମ ଘଣ୍ଟାରେ ଇଂ କୋର୍ଚ୍ଚ କ୍ଲାସରେ ଶବ୍ଦଶିକ୍ଷା ଥାଏ । ତାହାର ଶିକ୍ଷକ ଶ୍ରୀ ରାମଚନ୍ଦ୍ର ରଥ । ସେ ଅଳ୍ପ (ମାଟ୍ରିକ୍) ପଢିଥିଲେ ମଧ୍ୟ ଅତି ଉଚ୍ଚକୋଟୀର ଚରିତ୍ରବାନ୍ ବ୍ୟକ୍ତି ଥିଲେ । ସ୍କୁଲର ପ୍ରଥମ ଉଦ୍ୟୋକ୍ତାମାନଙ୍କର ସେ ସହକର୍ମୀ ଥିଲେ । ଖୋରଧା କଲକ୍ଟରୀରେ ସେ ସରକାରୀ ଚାକିରି ପାଇଥିଲେ । ତାଙ୍କୁ ବହୁତ ଲୋକେ ଲାଞ୍ଚ ଯାଚୁଥିବାରୁ ବିରକ୍ତ ହୋଇ ଚାକିରି ଛାଡ଼ି ଅତି ଅଳ୍ପ (ଟଙ୍କା) ମାସ ବେତନ ପାଇ ଗୋପବନ୍ଧୁ ଓ ନୀଳକଣ୍ଠଙ୍କର ତ୍ୟାଗପୂତ ପୀଠରେ ଯୋଗ ଦେଇଥିଲେ । ସତ୍ୟବାଦୀର ସେ ବିଦ୍ୟାଳୟ ୧୯୨୧ ରେ ଶେଷ ପାଇଗଲା । ତାହା ପରେ ତାହା ମହାତ୍ମା ଗାନ୍ଧିଙ୍କର ପ୍ରବର୍ତ୍ତିତ ଅସହଯୋଗ ଆନ୍ଦୋଳନରେ ନାସନାଲ୍ ବା ଜାତୀୟ ବିଦ୍ୟାଳୟ ରୂପ ଧାରଣ କରି କ୍ରମଶଃ କ୍ଷୀଣ ହୋଇଗଲା । ପରେ ଏକାବେଳକେ ଭାଙ୍ଗିବା ଉପରେ ଥିଲାବେଳେ, ପୁଣି ନୂତନ ଭାବରେ ଗଠିତ ହୋଇଛି । ଜାତୀୟ ବିଦ୍ୟାଳୟ ଭାଙ୍ଗିଯିବା ଯାଏଁ ରାମଚନ୍ଦ୍ର ବେତନ ନ ପାଇ ମଧ୍ୟ ସେହି ଭୂମି ଉପରେ ରହିଥିଲେ । ଦୁଇହଜାର ଇଂରେଜୀ ଶବ୍ଦସମ୍ବଳିତ ଏକ ପୁସ୍ତକକୁ ସେ ଛଅମାସରେ ଶେଷ କରିବେ ବୋଲି ଜଣାଇ ଦେଇ ପ୍ରତ୍ୟହ ଗୋଟିଏ ଗୋଟିଏ ପାଠ ମୁଖସ୍ଥ କରିବାକୁ ଦେଉଥିଲେ । କେବଳ ଶୁଆପରି ମୁଖସ୍ଥ କରିଗଲେ ଶବ୍ଦଜ୍ଞାନ ଥିଲେ ବି, ବ୍ୟବହାର ନ ଜାଣିଲେ, ଛାତ୍ର-ମାନଙ୍କର ତଦ୍ଦ୍ୱାରା ଉପକାର ହୁଏ ନାହିଁ । ତେଣୁ ସେ ମଧ୍ୟ ଦ୍ୱିତୀୟ ଘଣ୍ଟାରେ ଇଂରେଜୀ ବ୍ୟାକରଣ ପଢ଼ାଉଥିଲେ । ଆମ୍ଭେମାନେ ଯେତିକି ଶବ୍ଦ ଶିଖିଥାଉ, ବ୍ୟାକରଣ ନିୟମଟି ମାନ ଭଲ କରି ବୁଝାଇ ସାରି ସେହି ଶବ୍ଦଗୁଡ଼ିକ ଭିତରୁ ସେ ଉଦାହରଣ ଦେଉଥିଲେ । ତେଣୁ ଉଦାହରଣ ଦେବାକୁ ସୁବିଧା ହେଲା ଭଳି ପାଠ (ଲେସନ୍) ଶବ୍ଦ ପୁସ୍ତକରୁ ବଛା ହେଉଥିଲା । ଯାହା ପରେ ଯେଉଁ ପାଠ ଥିଲା, ସେ କ୍ରମ,

GPNanda Colln., Digitized by srujanika@gmail.com

ସେ ଅନୁସରଣ କରୁ ନଥିଲେ । ତେଣୁ ଯେଉଁମାନେ ପ୍ରତିଦିନର ପାଠ କରିପାରୁଥିଲେ, ସେମାନଙ୍କ ପକ୍ଷରେ ଏହି ପ୍ରଣାଳୀ ଆନନ୍ଦ ଦାୟକ ଥିଲା ଏବଂ ନ ପଢୁଥିବା ପିଲାଙ୍କ ପାଇଁ ନୀରସ ଥିଲା ।

ତୃତୀୟ ଘଣ୍ଟାର ଶିକ୍ଷକ ସ୍ୱର୍ଗତଃ ଶ୍ରୀ ହଳଧର ମହାପାତ୍ର । ସେ ମଧ୍ୟ ଅତି ପ୍ରାଚୀନ ଶିକ୍ଷକ । ସେ ପଢ଼ାଉଥିଲେ ଇଂ, ଅନୁବାଦ । ତେଣୁ ଶବ୍ଦ-ଶିକ୍ଷକ ଏବଂ ଅନୁବାଦ ଶିକ୍ଷକଙ୍କର ପ୍ରତ୍ୟହ ପରାମର୍ଶ ହୋଇ ପାଠନୋଟ୍ ତିଆରି ହେଉଥିଲା । ଚତୁର୍ଥ ଘଣ୍ଟା ପରେ ଖେଳଛୁଟି ପଡେ, ତାହା ଅଧ-ଘଣ୍ଟାଏ । ସ୍ୱୟଂ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ନୀଳକଣ୍ଠ ଦାସ ସେ ଘଣ୍ଟାରେ ଶ୍ରୁତିଲିଖନ, କଥୋପକଥନ, ହସ୍ତାକ୍ଷର ଓ ସ୍ପେଲିଙ୍ଗ (ବନାନ) ପଢାଉଥିଲେ । ତେଣୁ ଆମ୍ଭେମାନେ ଖେଳଛୁଟି ପାଉ ନ ଥିଲୁ । ଚତୁର୍ଥ ଘଣ୍ଟା ବାଜିବା ତାଙ୍କୁ ଜଣାଯାଏ ନାହିଁ । ଖେଳଛୁଟି ସରିବା ପରେ ଯେଉଁ ଘଣ୍ଟା ବାଜେ ତାହା ପ୍ରତି ତାଙ୍କର ଲକ୍ଷ୍ୟ ନ ଥିଲା । ପଞ୍ଚମ-ଘଣ୍ଟାର ଶିକ୍ଷକ ଆସିଲେ, ସେ କ୍ଲାସ ଛାଡନ୍ତି । ଦଶମିନିଟ ଶ୍ରୁତିଲିଖନ ଡାକି, ଅତି ଫୁର୍ତ୍ତିରେ ସେ ସମସ୍ତଙ୍କ ଖାତା ଦେଖି ପାରନ୍ତି ଯେଉଁଦିନ ଅନ୍ୟ ବିଷୟରେ କିଛି କଳ୍ପନା ତାଙ୍କ ମୁଣ୍ଡରେ ଥାଏ, ସେଦିନ ଖାତା ଘରକୁ ନେଇ ଦେଖି ପରଦିନ ଫେରାଇ ଦିଅନ୍ତି । ପ୍ରାୟ କୋଡିଏ ମିନିଟ କାଳ, 'କଥୋପକଥନ' ପଢାହୁଏ । ଶିକ୍ଷକ ହିସାବରେ ସେ ଅତି ଗମ୍ଭୀର ଥିଲେ । ଶବ୍ଦ ଓ ବ୍ୟାକରଣ ଯେତିକି ପଢା ହୋଇଥାଏ, ସେହି ଅନୁସାରେ ସେ ପ୍ରଶ୍ନ ଗଢନ୍ତି, ଆମ୍ଭେମାନେ ଉତ୍ତର ଦେଉ । ପ୍ରତିଦିନ ହସ୍ତାକ୍ଷର-ଲେଖା ଦେଖାହୁଏ । ସେହି ସମ୍ପର୍କରେ ଦିନେ ସେ ପୂର୍ଣ୍ଣ ଘଣ୍ଟାଏ ବୁଝାଇଥିଲେ ଯେ 'ହସ୍ତାକ୍ଷର ମନୁଷ୍ୟ ଚରିତ୍ରର ସୂଚକ' ତାଙ୍କ ନିଜ ହସ୍ତାକ୍ଷର ଅତି ସୁନ୍ଦର, ପ୍ରାଞ୍ଜଳ ଓ ପରିଷ୍କାର—ଠିକ୍ ଛପା ଅକ୍ଷର ପରି । ସ୍ପେଲିଙ୍ଗ ଶିକ୍ଷାରେ ସେ ଦୁଇଟି ମାର୍ଗ ଅବଲମ୍ବନ କରୁ-ଥିଲେ । ୧ମଟି ସର୍ବସାଧାରଣ—ଶ୍ରୁତିଲିଖନ ଦ୍ୱାରା, ୨ୟ ପ୍ରଣାଳୀ

GPNanda Colln., Digitized by srujanika@gmail.com

Transcription, ଛାପୁଆ ପୁସ୍ତକରୁ ଗୋଟିଏ ଦୁଇଟି ପରିଚ୍ଛେଦ ଥରେ ମାତ୍ର ପଢି ଲେଖି ପକାଇବା ଏବଂ ବହି ସଙ୍ଗେ ମିଳାଇ ନିଜେ ନିଜେ ସଂଶୋଧନ କରିବା । ପଞ୍ଚମ ଘଣ୍ଟାର ଶିକ୍ଷକ ସ୍ୱର୍ଗତଃ ହଳଧର । ଆଗରୁ ତାଙ୍କ ବିଷୟରେ କୁହା ଯାଇଅଛି । ଆମ ଷଷ୍ଠ ଘଣ୍ଟାରେ ପଢାହୁଏ ଅଙ୍କ ଓ ଜ୍ୟାମିତି—ଶିକ୍ଷକ ସ୍ୱର୍ଗତଃ ଶ୍ରୀଆର୍ତ୍ତତ୍ରାଣ ଦାସ, ନୀଳକଣ୍ଠଙ୍କର ସେ କୁଟୁମ୍ବୀ 'ଭାଇନା' । ସେ ଚଣ୍ଡାହଟା ମାଇନର ସ୍କୁଲରେ ବହୁବର୍ଷ ଖ୍ୟାତିର ସହିତ ଶିକ୍ଷକତା କରିଥିଲେ । ଅଙ୍କ ଓ ଜ୍ୟାମିତିରେ ସେ ଅତି ପ୍ରବୀଣ ଓ ଦକ୍ଷ । ସେ ଆମ୍ଭମାନଙ୍କୁ ଯେପରି ଗଣିତ (arithmetic) ଶିଖାଇଥିଲେ, ତାହା ମୋ ପକ୍ଷରେ ଏପରି ହୋଇଥିଲା ଯେ ମୁଁ ମାଟ୍ରିକ୍ ପରୀକ୍ଷା ଯାଏଁ ସେ ବିଷୟର ବିଶେଷ ଅନୁଶୀଳନ ନ କରି ମଧ୍ୟ ପୂର୍ଣ୍ଣ ନମ୍ବର ପାଉଥିଲି । ସ୍ୱର୍ଗତଃ ଶ୍ରୀଯୁକ୍ତ ମଧୁସୂଦନ ମିଶ୍ର—ନୀଳକଣ୍ଠଙ୍କର ବାଲ୍ୟଗୁରୁ, ଆମ୍ଭମାନଙ୍କର ଶେଷ ଘଣ୍ଟାରେ ଓଡ଼ିଆ ଶିକ୍ଷକ ଥିଲେ ।

ଆଜିକାଲି ବିଜ୍ଞାପନ ସାହାଯ୍ୟରେ ଶିକ୍ଷକ ନିଯୁକ୍ତ ହେବାର ରୀତିନୀତି ବିଧି ହୋଇଅଛି । ମାତ୍ର ପରିକଳ୍ପିତ ବିଦ୍ୟାପୀଠରେ ଶିକ୍ଷକ ନିଯୁକ୍ତି ଗୋପବନ୍ଧୁ ଓ ନୀଳକଣ୍ଠଙ୍କର ଅନୁସନ୍ଧାନ ଓ ମନୋନୟନ ଦ୍ୱାରା ହେଉଥିଲା । ଖୁବ୍ ଉଚ୍ଚ କୋଟୀର ଶିକ୍ଷକ ନିଯୁକ୍ତ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା । ଅଥଚ ସେପରି ଶିକ୍ଷକ ଉପଯୁକ୍ତ ଦରମା ପାଇବାର ଆଶା କରୁ ନଥିଲେ । ପଣ୍ଡିତ ମହାଶୟଙ୍କର ଶିକ୍ଷାଦାନ ଅତି ଚମତ୍କାର ଥିଲା । ସେ ଗଳ୍ପ ପ୍ରଭୃତି ଦ୍ୱାରା ଏବଂ ନାନା କଉତୁକିଆ କଥା କହି ବିଷୟକୁ ସରସ କରି ଦେଉଥିଲେ । ସାହିତ୍ୟ ପାଠରେ ପ୍ରତ୍ୟେକ ଶବ୍ଦର ପ୍ରକୃତି ପ୍ରତ୍ୟୟ, ପ୍ରକୃତି ପ୍ରତ୍ୟୟଗତ ଅର୍ଥ, ସମାସ ଉପରେ ବେଶୀ ଜୋର ଦେଉଥିଲେ । ବାକ୍ୟର ସଂଶ୍ଲେଷଣ—ବିଶ୍ଳେଷଣ ଦ୍ୱାରା ବିଷୟ ବୋଧ ଅତି ସରଳ କରିଦେଉଥିଲେ । ପଦ୍ୟାଂଶ ପଢାଇଲା ବେଳେ ସେ ବିବିଧର ଲକ୍ଷ୍ୟ ରଖୁଥିଲେ ଯେ

GPNanda Colln., Digitized by srujanika@gmail.com

ପିଲାମାନେ ପଦ୍ୟଗୁଡ଼ିକ ମୁଖସ୍ଥ କରନ୍ତୁ । ପଦ୍ୟ ମୁହଁରେ ଆବୃତ୍ତି କରିବାକୁ ଜଣକୁ କହନ୍ତି । ସେ କିଛିଦୂର ଗାଇଗଲା ପରେ, ଆଉ ଜଣକୁ ବହି ନ ଦେଖି ଅନ୍ୱୟ କରିବାକୁ ଆଦେଶ ଦିଅନ୍ତି । ମୁହେଁ ମୁହେଁ ସବୁ କାମ ହୁଏ, ଉପରେ ସମାସ, ସନ୍ଧି, ପ୍ରକୃତିପ୍ରତ୍ୟୟ, ଏବଂ ବ୍ୟାକରଣର ଅନ୍ୟାନ୍ୟ ସମସ୍ତ ନିୟମର ପ୍ରୟୋଗ ସେହି ପାଠ ମଧ୍ୟରେ ହୋଇଯାଏ ।

ଦୁର୍ବଳ ଛାତ୍ରମାନଙ୍କ ପ୍ରତି ଶିକ୍ଷକମାନଙ୍କ ଯତ୍ନ—

ଶ୍ରେଣୀ ମଧ୍ୟରେ ଅଙ୍କ ସାହିତ୍ୟ ଯେପରି ପଢ଼ାହୁଏ, ତାହା ମୋର ସ୍ମୃତିରେ ରହିଛି । ମାତ୍ର ପାଞ୍ଚଘଣ୍ଟାର ପାଠ—ଇଂରେଜୀ ନୂଆ ବିଷୟ । ତାହା ମୋତେ ଆସୁ ନଥିଲା । ପୂର୍ବରୁ କହିଅଛି ଯେ ମୁଁ ଘରେ ପଢ଼ିପାରୁ ନଥିଲି । ତେଣୁ ପ୍ରତ୍ୟହ କ୍ଲାସ ଭିତରେ ଦଣ୍ଡ ଓ ଅପମାନ ପାଇବା ହେତୁରୁ ମୋତେ ବିଦ୍ୟାଳୟକୁ ଗଲାବେଳେ ଯମପୁରକୁ ଯିବାପରି ବୋଧ ହେଉଥିଲା । ମୋର ପ୍ରକୃତ ଅବସ୍ଥା କେହି ଜାଣି ନଥିଲେ । ଶବ୍ଦପରୀକ୍ଷା ବେଳେ ପ୍ରଥମସ୍ଥାନରେ ମୋତେ ବସାଇ ଦେଉଥିଲେ । ମୋ ପ୍ରତି ହେଉଥିବା ପ୍ରଶ୍ନର ଉତ୍ତର ମତେ ଆସୁ ନଥିବାରୁ ମୋ ପାଖରେ ବସିଥିବା ବାଳକ ମୋ କାନ ମୋଡ଼ି ମୋ ସ୍ଥାନ ଅଧିକାର କରେ । ଏହିପରି କ୍ରମେ କ୍ରମେ ଶ୍ରେଣୀର ଶେଷ ସ୍ଥାନରେ ମୋତେ ବସାଇ ଦିଆଯାଏ । ଶବ୍ଦ ଓ ବ୍ୟାକରଣ ଉପରେ ସବୁ ଘଣ୍ଟାର ପାଠ ପର୍ଯ୍ୟବସିତ । ତେଣୁ କୌଣସି ବିଷୟରେ କିଛିମାତ୍ର ଜ୍ଞାନ ମୋର ନଥିଲା । ଅଙ୍କ ଓ ସାହିତ୍ୟ ଶିକ୍ଷକଙ୍କ ଛଡ଼ା ଅନ୍ୟ ଶିକ୍ଷକମାନଙ୍କର ମୋ ପ୍ରତି ଅତି ଖରାପ ଧାରଣା ହୋଇଗଲା । ମୁଁ ସେ ଶ୍ରେଣୀରେ ସବୁଠାରୁ ଦୁର୍ବଳ ବାଳକ ହୋଇ, ପଣ୍ଡିତ ନୀଳକଣ୍ଠ ଓ ଅନ୍ୟାନ୍ୟମାନେ ଧରିନେଇ ଥିଲେ । ଭର୍ଣ୍ଣାକ୍ୟୁଲର ପାସ୍ କରି ଆସିଥିବା ଛାତ୍ରମାନଙ୍କ ମଧ୍ୟରୁ ମାଧବ ପ୍ରଧାନ ଖୁବ୍ ଭଲ ଥିଲେ । ମନ ପ୍ରାଣ ଢାଳି ସେ ଶ୍ରେଣୀରେ ଶିକ୍ଷକମାନେ କାର୍ଯ୍ୟ କରୁଥିବାରୁ ସେହି ବାଳକଟି ଆଶାର ସ୍ଥଳ—ତେଣୁ ଅତି ଆଦରର ସ୍ଥଳ ଥିଲା ।

GPNanda Colln., Digitized by srujanika@gmail.com

ମୋ ହାତରେ ପାଠ ହେବନାହିଁ ବୋଲି ବିଚାରି ମୁଁ ଆଉ ବେଶୀ ପରିଶ୍ରମ କଲିନାହିଁ—କ୍ରମେ ନିରୁତ୍ସାହ ହୋଇଗଲି ଏବଂ ଦେଖି ଦେଖି ପଛୁଆ ହୋଇଗଲିରୁ. ଆଜି ଯେ ମୁଁ ଏଭଳି ପୂରଣ କରିପାରିବି ଏ ଆଶା ରଖିଲି ନାହିଁ—ଖାଲି ଯନ୍ତ୍ରପରି ଇସ୍କୁଲକୁ ଯାଉଥାଏ, ଆସୁଥାଏ। ସେ ସମୟରେ ସାଧାରଣତଃ ବର୍ଷରେ ତିନିଥର ପରୀକ୍ଷା ହେଉଥିଲା। ପ୍ରଥମ ପରୀକ୍ଷାରେ ମୁଁ ଇଂରେଜୀରେ ଶହେକରୁ ଆଠର ନମ୍ବର ପାଇଲି। ଶୂନ୍ ନ ପାଇ ଅଠର କିପରି ପାଇଲି ଏଥିରେ ମୋତେ ଆଶ୍ଚର୍ଯ୍ୟ ଲାଗିଲା; ମୁଁ ନିଜେ ଦୁଃଖିତ ହୋଇ ନଥିଲି। ଯେଉଁଦିନ ଫଳ ବାହାରିଲା ସେହିଦିନ ଗ୍ରୀଷ୍ମ ଛୁଟି ଆରମ୍ଭ ହେଲା। ବାଟରେ ଫେରିଗଲା ବେଳେ ରଘୁନାଥ ବାବୁ (ରଘୁ ଭାଇନା) ମୋତେ କହିଲେ "ଏ ଇସ୍କୁଲରେ ଶତକଡ଼ା ପଚିଶ ନମ୍ବର ନ ପାଇଲେ ଫ୍ରି ଦିଆଯାଏ ନାହିଁ। ଏଥର ମୁଁ କୁହା ପୋଷ୍ଟ କରୁଛି। ଏହି ଗ୍ରୀଷ୍ମଛୁଟିରେ ସକାଳେ ଓ ଦିପହର-ବେଳା ପଢ଼—ମୁଁ ପଢ଼ାଇ ଦେବି। ଶ୍ରେଣୀରେ ପଢ଼ା ସାରିଥିବା ପାଠ ଠିକ ହୋଇଗଲେ ଆଉ କଷ୍ଟ ପଡ଼ିବ ନାହିଁ।"

ରଘୁ ଭାଇନା ମୋଠେ ଥାର୍ଡ଼କ୍ଲାସ (ବର୍ତ୍ତମାନର ୯ମ ଶ୍ରେଣୀ) ପର୍ଯ୍ୟନ୍ତ ପଢ଼ିଥିଲେ, କିନ୍ତୁ ସେ ସମୟର ପଢ଼ା ଅତି ଉଚ୍ଚ ଧରଣର ଥିଲା। ମୋତେ ମୋ ବିଷୟଗୁଡ଼ିକ ପଢ଼ାଇଦେବାରେ ତାଙ୍କର ଯଥେଷ୍ଟ ଦକ୍ଷତା ଥିଲା। ମୋର ତାଙ୍କ ପ୍ରତି ଅଚଳା ଭକ୍ତି, ଭୟ ଓ ସମ୍ମାନ ଥିବାରୁ ଗ୍ରୀଷ୍ମଛୁଟିର ମଧ୍ୟଭାଗରେ କ୍ଲାସରେ ହୋଇଥିବା ଶବ୍ଦମାଳା ଓ ବ୍ୟାକରଣର ଜ୍ଞାନ ଅତି ପ୍ରାଞ୍ଜଳ ଭାବରେ ହୋଇଗଲା ଏବଂ ସମସ୍ତ ଶବ୍ଦ, ବ୍ୟାକରଣ ନିୟମ ଏବଂ ଟାଷ୍କ-ବୁକ୍‌ର ସମସ୍ତ ଅଂଶ ସ୍ମୃତିରେ ରହିଗଲା। ବାକି ଅଧିକ ଛୁଟିରେ ଆଗକୁ ଆଗକୁ ବହୁତ ଅଂଶ ହୋଇଗଲା।

GPNanda Colln., Digitized by srujanika@gmail.com

ଗ୍ରୀଷ୍ମଛୁଟି ପରେ ବର୍ଷାଦିନ—ଆଉ ଛାମୁଣ୍ଡିଆ ଘରେ କ୍ଲାସ ହୋଇ ନପାରେ । କିନ୍ତୁ ସେହି ଛୁଟି ଭିତରେ ବହୁ ପରିଶ୍ରମ ଓ ଝୋଟା ଚାନ୍ଦା କରି ଉଦ୍ୟୋଗୀମାନେ ଦଶ ବଖରା ଘରର ଗୋଟିଏ ଲମ୍ବା ଷାଢ଼ାଳି ଘର ତିଆରି କରିଦେଇ ଥିଲେ । ଇଟାଖୁଣ୍ଟ ଉପରେ ଚାଳ ମାତ୍ର ହୋଇ ଥାଏ । ସେହି ଘରେ ଶ୍ରେଣୀଗୁଡ଼ିକ ସନ୍ନିବେଶିତ ହେବାର ସ୍ଥିର ହୋଇଥିଲା । ଖରା ଥିବାରୁ ସେହି ଛାମୁଣ୍ଡିଆ ତଳେ କିଛି ଦିନ କ୍ଲାସ ବସିଥିଲା । ଶ୍ରୀଯୁକ୍ତ ରାମଚନ୍ଦ୍ର ପୂର୍ବପରି ମୋତେ ସବା ଉପରେ ବସାଇ ପ୍ରଶ୍ନ ପଚାରିଲେ । ଉପର୍ଯ୍ୟୁପରି ଚାରି ପାଞ୍ଚୋଟି ପ୍ରଶ୍ନ ପଚାରିବାରୁ ମୁଁ ତତକ୍ଷଣାତ୍ ସବୁଗୁଡ଼ିକର ଉତ୍ତର ଦେଲି । ସେ ଭାରି ଆନନ୍ଦିତ ହୋଇଗଲେ ଏବଂ ରଘୁନାଥ ବାବୁଙ୍କୁ ପଚାରି ସବୁକଥା ବୁଝିନେଲେ । ସେହିଦିନୁ ନାନା ଭାବରେ ସେ ମୋତେ ଉତ୍ସାହ ଦେଉଥିଲେ ଏବଂ ମୁଁ ମଧ୍ୟ ଆଉ ଆଳସ୍ୟ ବୋଧ ନ କରି ଯାଇ ଆସି ପଢୁଥିଲେ ମଧ୍ୟ ସକାଳ ପଢ଼ା ପ୍ରସ୍ତୁତ କରୁଥିଲି । ପଢ଼ାରେ କ୍ଲାସଠାରୁ ଆଗେଇ ଯାଇ-ଥିବାରୁ ମୋର ଇଂରେଜୀ ଭାଷା ଜ୍ଞାନ ଅପ୍ରତ୍ୟାଶିତ ଭାବରେ ଭଲ ହୋଇଗଲା । ଅବଶ୍ୟ ସେ କଥା ରାମବାବୁ ଅନ୍ୟ କୌଣସି ଶିକ୍ଷକଙ୍କୁ କହି ନଥିଲେ—ତେଣୁ ମୋ ପ୍ରତି ସେମାନଙ୍କର ଏବଂ ନୀଳକଣ୍ଠ ବାବୁଙ୍କର ଲଘୁ ଧାରଣା ସେହିପରି ରହିଥାଏ ।

ଶିକ୍ଷକମାନଙ୍କର ଗରିବଛାତ୍ରଙ୍କ ପ୍ରତି ସାହାଯ୍ୟ—

ଦ୍ୱିତୀୟ ଥର ତ୍ରୈମାସିକ ପରୀକ୍ଷା ପୂର୍ବରୁ ମୋ ପକ୍ଷରେ ଗୋଟିଏ ଚିରସ୍ମରଣୀୟ ଘଟଣା ଘଟିଥିଲା । ଯେଉଁ ଚାରିଅଣା ମୁଁ ମାସକୁ ମାସ ଦରମା ଦିଏ, ନିର୍ଦ୍ଦିଷ୍ଟ ଦିବସରେ ଗୋଟିଏ ମାସରେ ଘରୁ ମତେ ପଇସା ଦେଲେ ନାହିଁ । ମୋର ପିତୃବ୍ୟଙ୍କ ଜନନୀ ମୋ ଉପରେ ଭାରି ରାଗିଲେ । ମୁଁ କାନ୍ଦୁଥାଏ, ଗ୍ରାମର ଜଣେ ବୁଢ଼ା ମୋତେ ସ୍ନେହରେ କାଖେଇପକାଇ ପଇସା ଦେଲେ । ମୁଁ ଦରମା ଦେଲି—ମାତ୍ର ଦେଲାବେଳେ ମୁଁ ବଢ଼ଲା

GPNanda Colln., Digitized by srujanika@gmail.com

ଭିତରେ କାନ୍ଦିଉଠିଲି, ଲୋତକ ସମ୍ବରଣ କରିପାରିଲି ନାହିଁ । ରାମ ବାବୁ କ୍ଲାସ ଶିକ୍ଷକ । ସେ ମୋତେ ପଚାରି, ଯେପରି ମୁଁ ପଇସା ନେଇ ସେ ମାସରେ ଦେଇଛି, ତାହା ବୁଝିଲେ । ସେ ନିଜ ହାତରୁ ଗୋଟିଏ ଟଙ୍କା ଦେଇ, ମତେ ସେ ପଇସା ଫେରାଇ ଦେଲେ । ମାତ୍ର ମୁଁ କାନ୍ଦି କାନ୍ଦି କହିଲି—“ଆଉ ପଇସା ପାଇବି ନାହିଁ, ଇସ୍କୁଲରେ ପଢ଼ିବି କିପରି ?” ସେ ଯାଇ ନୀଳକଣ୍ଠ ବାବୁଙ୍କୁ ମୋ କଥା କହିଲେ । ପରଦିନ କହିଲେ “ନୀଳକଣ୍ଠ ବାବୁ ତୋର ପୂର୍ଣ୍ଣ ଦରମା ଛାଡ଼ିଦେବେ, ମାତ୍ର ଆଗାମୀ ପରୀକ୍ଷାରେ ଶତକଡ଼ା ପଚାଶରୁ ଅଧିକ ନମ୍ବର ରଖିବାକୁ ହେବ । ମୁଁ ଜାଣେ—ତୁ ଭଲ କରିବୁ । ତଥାପି ଗତ ପରୀକ୍ଷାରେ ଫେଲ୍ ଓ ଲାଷ୍ଟ ହୋଇଛୁ ବୋଲି ସୁପରିଣ୍ଟେଣ୍ଡେଣ୍ଟଙ୍କର ଭଲ ଧାରଣା ନାହିଁ ।” ତାହା ପରେ ମୋତେ ଆଉ ଦରମା ଦେବାକୁ ପଡ଼ିଲା ନାହିଁ ।

ଦ୍ୱିତୀୟ ପରୀକ୍ଷା ନିକଟ ହେଲା । ସେଥର ୭ମ କ, (ଅପର ପ୍ରାଇମେରୀ ପ୍ରଥମ ଶ୍ରେଣୀର ଇଂରେଜୀ ପ୍ରଶ୍ନଠାରୁ ଆମ୍ଭମାନଙ୍କର ପ୍ରଶ୍ନ କଠିନତର ଥିଲା । ନୀଳକଣ୍ଠ ବାବୁ ଆମ୍ଭ ଶ୍ରେଣୀ ବିଷୟରେ କେତେ ତତ୍ପର । ନିଜେ ଲିଖିତ ପରୀକ୍ଷାର ପ୍ରଶ୍ନ ତିଆରି କରିଥାନ୍ତି । ରାମବାବୁଙ୍କର ମୌଖିକ ପ୍ରଶ୍ନ ଦେବାର କଥା । ପରୀକ୍ଷା ଶେଷ ହୋଇଗଲା । ଶେଷ ପରୀକ୍ଷା ମୌଖିକ ଇଂରେଜୀ ଥିଲା । ମୁଁ ପଚାଶ ନମ୍ବରରୁ ଅଠଚାଳିଶି ପାଇଥାଏ । ଯେଉଁ ଉଣ୍ଡାକ୍ୟାଲର ପିଲାଟିକୁ ସମସ୍ତେ ଭଲ କହୁଥିଲେ ସେ ବତିଶି ନମ୍ବର ପାଇଥିଲେ । ନୂତନ ନିର୍ମିତ ଶ୍ରେଣୀଟିର ପ୍ରଥମ ଯୋଜନା ନୀଳକଣ୍ଠଙ୍କର । ତେଣୁ ସେହି ଶ୍ରେଣୀର ଫଳାଫଳ ଦେଖିବା ଲାଗି ସେ ଭାରି ଆଗ୍ରହୀ ଥିଲେ ।

ଛାତ୍ରପ୍ରାଣତା

ତହିଁ ଆର ଦିନ ଛୁଟି ପରେ ରଘୁଭାଇନା ଓ ମୁଁ ଗାଁକୁ ଆସିବାକୁ ପ୍ରସ୍ତୁତ ହେଉଛୁ, ରଘୁଭାଇନା କହିଲେ—“ ତୁମ ବାପ

GPNanda Colln., Digitized by srujanika@gmail.com

ଇଂରେଜୀ ଖାତା ଦେଖା ହେଉଛି, ସବୁ—ତୋର ନମ୍ବର କାଟି-ସାରି ଯିବା । ମୁଁ ଲଟା ରହିଲି । ନୀଳକଣ୍ଠ ବାବୁ ଅନ୍ୟାନ୍ୟ ଶିକ୍ଷକଙ୍କର ଉପସ୍ଥିତିରେ ତାଙ୍କୁ ଏବଂ ରାମ ବାବୁଙ୍କୁ ଚୁହିଁ କହିଲେ "ଏ କ୍ଲାସର ଫଳ କିଛି ଭଲ ହେଉନାହିଁ । ଯେ ଫାଷ୍ଟ ହୁଏ, ତାହାର ତ ଯେପରି—ତା ତଳକୁ ସମସ୍ତେ ରହିବେ । ତେବେ ଆମ ଯୋଜନା ଭଲ କାମ ଦେଖାଇ ପାରୁନାହିଁ ।" ସେଠାରେ ଅନ୍ୟାନ୍ୟ ଶିକ୍ଷକମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ରାମଚନ୍ଦ୍ର କହିଲେ—"ଚନ୍ଦ୍ରଶେଖରର ଖାତା ଦେଖନ୍ତୁ, ସେ ମୌଖିକ ପଟରେ ପଚାଶରୁ ଅଠଚାଳିଶି ପାଇ ଫାଷ୍ଟ ହୋଇଛି ।" ନୀଳକଣ୍ଠ କହିଲେ—"ସେ, ଗଧଟା ! ତା'ର କ'ଣ ମୁଣ୍ଡ ଭିତରେ ଏତେ ଭଲ ହୋଇଗଲାଣି ? ଆଚ୍ଛା ଦେଖିବା ।" ଖାତା ଦେଖିବା ପରେ ପ୍ରାୟ ପୂର୍ଣ୍ଣ ନମ୍ବର ମୋର ସମସ୍ତ ଉତ୍ତରରେ ରହି-ଯିବାରୁ ଶେଷ ପ୍ରଶ୍ନରେ କିଛି କମାଇ ଦେଇ କହିଲେ—"ଗୁଡ଼ାଏ ନମ୍ବର ଦେଲେ ମନମୋଟିଆ ହୋଇଯିବ । ଦେଖ ରଘୁନାଥ ! ଯଦି ଶେଷ ପ୍ରଶ୍ନର ଉତ୍ତରରେ ସେ କମ୍ ପାଇଛି ବୋଲି ତୋତେ କହିବ, କହିବୁ ତୋର ରଚନା ସେତେ ଭଲ ହୋଇନାହିଁ ।" ଯାହାହେଉ ମୋର ଛୟାଅଣୀ ହେଲା । ଆତ୍ମପ୍ରସାଦରେ ତାଙ୍କର ଏବଂ ଅନ୍ୟମାନଙ୍କର ମୁହଁ ପ୍ରଫୁଲ୍ଲ ହୋଇଗଲା । ମୁଁ ଲୁଚି ଲୁଚି ସବୁ ଶୁଣିଲି ଏବଂ ଦେଖିଲି । ଫେରି ଗଲାବେଳେ ରଘୁଭାଇନା କହିଲେ—"ଅଙ୍କ ସାହିତ୍ୟରେ ପ୍ରଥମ ସ୍ଥାନ ଅଧିକାର ନ କଲେ, କେହି ଭଲ କହିବେ ନାହିଁ ।" ମୋର ସେହିଦିନୁ ସେ ଦୁଇ ବିଷୟରେ ଟପିଯିବାର ଇଚ୍ଛା ମଧ୍ୟ ରହିଲା ।

ବର୍ଷ ଶେଷଆଡ଼କୁ ଶ୍ରୀଯୁକ୍ତ ବାସୁଦେବ ମହାପାତ୍ର କିଛିଦିନ ପାଇଁ ଆସିଥିଲେ । ଆମ୍ଭେମାନେ ତାଙ୍କୁ ଚିହ୍ନିଲୁ । ଜାଣିଲୁ ଯେ ଆଇ,ଏ ପରୀକ୍ଷା ଦେଇସାରି ଆସିବେ—ସେ ଜଣେ ଦେଶପ୍ରାଣ ଯୁବକ ଏବଂ ଭଲ ଶିକ୍ଷକ—ଓଡ଼ିଆ ସାହିତ୍ୟ ଓ ଅଙ୍କରେ ଅତ୍ୟନ୍ତ ଦକ୍ଷ ।

GPNanda Colln., Digitized by srujanika@gmail.com

ମୋର ଭୟ ଓ ସଂକୋଚ ବହୁ ପରିମାଣରେ କମି ଯାଇଥିଲା । ସତ୍ୟବାଦୀ ବିଦ୍ୟାଳୟର ନାମ ସେତେବେଳକୁ ଉତ୍କଳ ଯାକ ପରିଚିତ ହୋଇଥିଲା, ବହୁତ ଛାତ୍ର ମଧ୍ୟ ଆସୁଥାନ୍ତି । ତୃତୀୟ ଶ୍ରେଣୀ ବର୍ତ୍ତମାନର (୯ମ) ବସି ଯାଇଥାଏ—ସେ ଶ୍ରେଣୀର ପିଲାମାନେ ଅନ୍ୟ ସ୍କୁଲରୁ ଆସିଥାନ୍ତି ।

ପଣ୍ଡିତ ନୀଳକଣ୍ଠ ବର୍ଷଶେଷ ଆଡକୁ ଉପର ଶ୍ରେଣୀ ମାନଙ୍କରେ ଅଧିକାଂଶ ବିଷୟ ପଢାଇବାକୁ ଆରମ୍ଭ କଲେ । ଆମ କ୍ଲାସ ପ୍ରତି ତାଙ୍କର ଯେପରି ନଜର ଥାଏ, ନବାଗତ ଛାତ୍ରମାନେ କିପରି ଭଲ କରିବେ, ସେ ବିଷୟରେ ମଧ୍ୟ ଲାଗି ପଡିଲେ । ତେଣୁ ଦ୍ୱିତୀୟ ତ୍ରୈମାସିକ ପରୀକ୍ଷା ପରେ ଆମ ଶ୍ରେଣୀରେ ସେ ଆଉ ପଢାଇଲେ ନାହିଁ । ପଣ୍ଡିତ ଗୋପବନ୍ଧୁ ଘର ପୋଡ଼ିପରେ ବହୁ ସମୟ ଚନ୍ଦା ଅସୁଲ କରିବାରେ ଏବଂ ଦେଶର ଅନ୍ୟାନ୍ୟ କାର୍ଯ୍ୟକରିବା ପାଇଁ ବାହାରକୁ ଗଲେ । ଅନେକ ସମୟରେ ସତ୍ୟବାଦୀ ଆସୁଥିଲେ, ଉପର ଶ୍ରେଣୀ ମାନଙ୍କରେ ଯେଉଁମାନେ ପ୍ରଥମ ଦ୍ୱିତୀୟ ହେଉଥିଲେ, ଶିକ୍ଷକମାନେ ସମସ୍ତେ ସେମାନଙ୍କୁ ଜାଣୁଥିଲେ ସେହି ବର୍ଷର କାର୍ତ୍ତିକ ମାସରେ ଆମ ସ୍କୁଲରେ ଗୋଟିଏ ଅଧିକା ପରୀକ୍ଷା କରିବା ପାଇଁ ନୋଟିସ୍ ବାହାରିଥିଲା, ପ୍ରଶ୍ନ ତିଆରି ସରିଥିଲା । ଯେଉଁଦିନ ପରୀକ୍ଷା ହେବାର କଥା, ତାହାର ଠିକ୍ ପୂର୍ବଦିନ ରାତିରୁ ଭୟଙ୍କର ପବନ ଓ ବର୍ଷା ଆରମ୍ଭ ହୋଇଥାଏ । ଯେଉଁ ପ୍ରକାଣ୍ଡ ଘରଟି ପୋଡ଼ିଯାଇଥିଲା, ତାହାର କାନ୍ଥ ଗୁଡିକ ଠିଆ ହୋଇଥାଏ । କୌଣସିଠାରୁ ମାଗିଯାଚି ଆଣି ଗୁଡାଏ ଟିଣ ଜମା କରା ହୋଇ ରଖାଯାଇଥାଏ, ପିଲାମାନେ ମିଶି ଟିଣ କେତେଖଣ୍ଡ ଦ୍ୱାରା ସବୁଗୁଡିକ କାନ୍ଥ ଘୋଡ଼ାଇ ରଖିଥିଲେ, ବର୍ଷାଦିନ କଟି ଯାଇଥିଲା । ସେତେବେଳେ ବୋର୍ଡିଂ ଘର ଛଅବଖରି ମାନ ଥାଏ । ଘର ପୋଡି ଯାଇଥିବାରୁ ଦୁଇସାହାଲ (Block A ଓ B) ଘର ତିଆର

GPNanda Colln., Digitized by srujanika@gmail.com

ହୋଇଥିଲା । ଖୁଣ୍ଟ ଉପରେ ଗୁମ୍ବଥାଏ ଏବଂ କେତେକ ଖାଟିମାଟି ଘର ପ୍ରଥମେ ସ୍କୁଲ କ୍ଲାସ-ରୁମ ପରିଣତ ହୋଇଥାଏ । ପରୀକ୍ଷା ଯେଉଁ ଦିନ ହେବ ସେଥିପୂର୍ବରୁ ଝଡ, ପବନ ଓ ବର୍ଷାରେ ଅଧିକାଂଶ ଘର ଆସିଗଲେ । ଲମ୍ବା ଗୁଳଘର ଭିତରେ ସଜା ଯାଇଥିବା ସ୍ଥାନଗୁଡିକରେ ବର୍ଷା-ପାଣି-ସ୍ଥାନ ଯୋଗୁ ବସିବା ସମ୍ଭବପର ନୁହେ । ସବୁ ପିଲାଙ୍କୁ ଏକାଠି କରି ନୀଳକଣ୍ଠ ବାବୁ କ୍ଷୁଦ୍ର ଗୋଟିଏ ଭାଷଣରେ ବୁଝାଇଦେଲେ ଯେ ଦୁଃଖ ବିପଦ ଦୁର୍ଦ୍ଦିନ ମଧ୍ୟରେ ଧୈର୍ଯ୍ୟ ଧରି କାର୍ଯ୍ୟ କରିବା ସେମାନଙ୍କର ପ୍ରକୃତ ପରୀକ୍ଷା ହେବ । ମାତ୍ର ପିଲାମାନେ ପ୍ରଶ୍ନ ନେଇ ବୋର୍ଡିଂ ଘରେ ବସି ଯେ ଯେଉଁଠି ପାରନ୍ତି, ଉତ୍ତର କରିବେ । ସତ୍ୟବାଦୀ ବିଦ୍ୟାଳୟର ଛାତ୍ର—କଦାପି କପି କରିବେ ନାହିଁ ।

ନୈତିକ ଶୃଙ୍ଖଳା —

ଜଣାଥିଲା ଯେ ନୈତିକ ଚରିତ୍ରର ବିକାଶ ଲାଗି ସତ୍ୟବାଦୀ ବିଦ୍ୟାଳୟର କଳ୍ପନା । ଶୃଙ୍ଖଳା, ଧୈର୍ଯ୍ୟ ଓ ସଂଯମ ସ୍କୁଲର ମୂଳ ଭିତ୍ତି । ସବୁ ପିଲା ଗୁଲିଗଲେ—ପ୍ରଶ୍ନୋତ୍ତରରେ କେହି ପରସ୍ପରର ହେଲେ ନାହିଁ । ଗୋଟାକ ପର୍ଯ୍ୟନ୍ତ କୌଣସି ଶିକ୍ଷକ ବୁଲି ଦେଖିଲେ ନାହିଁ । ପିଲାମାନେ ନିଜେ ନିଜେ ଖାତା ଦେଇ ଆସିଲେ । ସେ ପରିସ୍ଥିତିରେ ଯେ ଯେପରି କରନ୍ତି, ଠିକ ସେହିପରି କଲେ (କପି ହୋଇନଥିଲା), କିନ୍ତୁ ଦୁଃଖର କଥା ଯେ ସେଦିନ ଦିନ ଗୋଟାକ ବେଳେ ପ୍ରବଳ ପବନ ଆରମ୍ଭ ହେଲା । ଅବଶ୍ୟ ସେ ଦିନ ବାତ ଅପରେ ବତାସ ହୋଇଥିଲା । କିନ୍ତୁ ଗୋଟାକ ବେଳେ ପୁରୁଣା ଘରର ସୁରକ୍ଷିତ କାନ୍ଥ ଗୁଡିକ ଏକାବେଳକେ ଅଜାଡି ହୋଇ ପଡିଲା ଏବଂ ଛିଣ୍ଡା ଗୁଡ଼ାକ ଶୁଷ୍କ ପତ୍ରପରି ଏଣେତେଣେ ବିଚ୍ଛୁରିତ ହୋଇଗଲା । ନୀଳକଣ୍ଠ ବାବୁ ଓ ଅନ୍ୟାନ୍ୟ ମାନେ ଦୁଃଖ ନ କରି

GPNanda Colln., Digitized by srujanika@gmail.com

ସିଂହ ପରାକ୍ରମରେ ପିଲାଙ୍କୁ ଘେନି ବାହାରି ପଡ଼ିଲେ । ସେହି ବର୍ଷା ଓ ପବନରେ ସମସ୍ତ ମିଶି ଚିଣ ଗୁଡ଼ିକୁ ଜୀବନ ସହିତ ରକ୍ଷାକଲେ । ସମସ୍ତ ଛାତ୍ର ଓ ଶିକ୍ଷକ ବୋର୍ଡ଼ିଂ ଓ ଇସ୍କୁଲଘର ତିଆରିରେ ସକଳ କାମ ହାତେ ହାତେ କରୁଥାନ୍ତି । A Block ଟି ଭାଙ୍ଗି ଗଲା ।

ସେ ବର୍ଷର ଶେଷ ପରୀକ୍ଷା (୧୯୧୨, ଡିସେମ୍ବର) ରେ ମୁଁ ସବୁ ବିଷୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲି । ସେ ଶ୍ରେଣୀର ସବୁ ଛାତ୍ର ଭିନ୍ନ ଭିନ୍ନ ଶ୍ରେଣୀକୁ ଯିବା ଏବଂ କ୍ଲାସ୍ ଖାଲି ହୋଇଯିବାର କଥା । ମୋତେ ନୀଳକଣ୍ଠ ବାବୁ ଡବଲ ପ୍ରମୋସନ୍ ଦେବାକୁ ସ୍ଥିର କରିଥିଲେ । କୋଚିଂ କ୍ଲାସର ଫଳାଫଳ ସନ୍ତୋଷ-ଜନକ ହୋଇ-ଥିବାରୁ ସମସ୍ତଙ୍କ ମନରେ ଆନନ୍ଦ ଥିଲା । ମାତ୍ର ରଘୁଭାଇନାଙ୍କର ବାରମ୍ବାର ପରାମର୍ଶରେ ମୁଁ ମାଇନର ଦ୍ୱିତୀୟ ଶ୍ରେଣୀ-ସେ କାଳର ୬ଷ୍ଠ ଶ୍ରେଣୀକୁ ଗଲି । ଭର୍ଣ୍ଣାକୁଲାର ପାସ୍ କରିଥିବା ପିଲାମାନେ ପଞ୍ଚମ ଶ୍ରେଣୀକୁ ଗଲେ ।

ଦେଶବାସୀଙ୍କର ପୃଷ୍ଠପୋଷକତା—

ଗୋପବନ୍ଧୁ ଓ ନୀଳକଣ୍ଠ ବର୍ଷ ଶେଷ ଆଡ଼କୁ ବରାବର ଅର୍ଥ ସଂଗ୍ରହ ଏବଂ ଗୃହନିର୍ମାଣ ପାଇଁ ଉପକରଣ ସଂଗ୍ରହ କରିବା ଲାଗି ବାହା-ରକୁ ଯାଉଥାନ୍ତି । ସେମାନଙ୍କର ଜୀବନର ତ୍ୟାଗ ଓ ନିଃସ୍ୱାର୍ଥ ଆଚରଣ ଉତ୍କଳ ବାସୀଙ୍କ ପ୍ରାଣରେ ବେଶ ଆକର୍ଷଣ ଆଣି ପାରିଥିଲା । ଏମାର ମଠର ମହନ୍ତ ମହାରାଜ, ରାଧାକାନ୍ତ ମଠାଧୀଶ ପ୍ରଭୃତି ଧନାଢ୍ୟ ବହୁ ସ୍ଥାନୀୟ ବ୍ୟକ୍ତି ଏବଂ ଗଡ଼ଜାତର ରାଜା ମହାରାଜା ମାନେ ଓ ବିଶେଷରେ ଗଞ୍ଜାମର ରାଜା ଓ ଜମିଦାରମାନେ ସତ୍ୟବାଦୀ ବିଦ୍ୟାଳୟର ଗୃହ ନିର୍ମାଣ ପାଇଁ ଯଥାଶକ୍ତି ସାହାଯ୍ୟ ଓ ସାହାଯ୍ୟର ପ୍ରତିଶ୍ରୁତି ଦେଉଥିଲେ ।

GPNanda Colln., Digitized by srujanika@gmail.com

ଘର ନିଆଁ ଧରେ ପରେ ଯୁବକ ଶିକ୍ଷକମାନେ କୋଠାଘର କରିବା ପାଇଁ ଏ ଘରର ଯତ୍ନ କରିବାରେ ଲଗି ପଡ଼ିଥାନ୍ତି । ପୋଡ଼ାଘରର କାନ୍ଥ ପଡ଼ିଯାଇ ନଥିଲେ, ହୁଏତ, ତାହା ଉପରେ ଟିଣ ଛପର ହୋଇଥାନ୍ତା । ତାହା ତ ହେଲାନାହିଁ । ସେହିବର୍ଷ ଶେଷ ପରୀକ୍ଷା ପରେ ଡିସେମ୍ବର ମାସରେ ଛୁଟି ହେଲା । ଜାନୁଆରୀ ମାସରେ ଆମ୍ଭେମାନେ ସତ୍ୟବାଦୀ ବିଦ୍ୟାଳୟର ବହୁମୁଖୀ କର୍ମଯୋଜନା ମଧ୍ୟରେ ବିଦ୍ୟାଳୟରେ ପ୍ରବେଶ କଲୁଁ ।

GPNanda Colln., Digitized by srujanika@gmail.com

ତୃତୀୟ ଅଧ୍ୟାୟ

ବିପଦ ମଧ୍ୟରେ ଶୃଙ୍ଖଳା ଓ ପୁଲକ—

ସ୍ୱାଭାବିକ ପଢା ପଢି ଆରମ୍ଭ ହେଲା । ମାତ୍ର ପ୍ରଥମ ଛଅମାସ ପିଲାମାନଙ୍କ ପକ୍ଷରେ ସାଧନାର ସମୟ । ଦୁଃଖ, ଦୁର୍ଦ୍ଦଶା ଓ ବିପଦ ମଧ୍ୟରେ ପୂର୍ବ ବର୍ଷଟି ଅତିକ୍ରମ କରିବାକୁ ପଡ଼ିଥିଲେ ମଧ୍ୟ ଉଦ୍ୟୋକ୍ତାମାନଙ୍କର କାର୍ଯ୍ୟଗତିରେ ବାଧା ହେଉନାହିଁ—କାହାର ମନରେ ଦୈନ୍ୟ, ଅବସାଦ, ନିରୁତ୍ସାହ ନାହିଁ—ଆଶାରେ ଉତ୍ଫୁଲ୍ଲ ଯୁବକ ଶିକ୍ଷକ ଓ ତରୁଣ ଛାତ୍ର ମଣ୍ଡଳୀ ଭାବୁଥାନ୍ତି—ଏ ସ୍କୁଲର କଦାପି ପତନ ହେବନାହିଁ । ଗୋପବନ୍ଧୁ (ଦାସେ ଆପଣେ) ଅତି ଅସାଧାରଣ ମନୁଷ୍ୟ । ତାଙ୍କଦ୍ୱାରା ସବୁ ହୋଇ ପାରିବ—ଶିକ୍ଷକ ମାନଙ୍କର ତଥା ଛାତ୍ର ମାନଙ୍କର ଏହି ଭରସା ଥାଏ । ୧୯୧୩ ସାଲରେ ଭସ୍ମୀଭୂତ ଗୃହ ଓ ସ୍ତୁପୀକୃତ ଇଷ୍ଟକମାନଙ୍କ ମଧ୍ୟରେ ଖୋଲା ଗୃହରେ ଇସ୍କୁଲ ହେଉଅଛି । ଏହା ଜାଣି ଶୁଣି, ସମ୍ବଲପୁର, ଗଞ୍ଜାମ, ଘୁମୁସର, ପାରଳା, ଖଲିକୋଟ, ଜୟପୁର, ବ୍ରହ୍ମପୁର, ବାଲେଶ୍ୱର, କଟକ, ମେଦିନୀପୁର, ସିଂହଭୂମ ଓ କତିପୟ ଗଡଜାତରୁ ଛାତ୍ରମାନେ ଅପ୍ରେ ଆସ୍ତେ ଆସି ଯୋଗଦେବାକୁ ଆରମ୍ଭ କଲେ । ସେହି ବର୍ଷର ପ୍ରଥମ ଛଅମାସରେ କେତେକ ବଡ଼ ସ୍କୁଲକୁ ଆସିଥିଲେ । ସେମାନେ ମୁକ୍ତ ହସ୍ତରେ ଦାନ କରିଥିଲେ । ଘର ତିଆରର ସକଳ ଉଦ୍ୟମ ଆରମ୍ଭ ହୋଇଗଲା । ଇଟା ଭାଟି ଗଢା ହେଉଥାଏ, ଗଡଜାତରୁ କାଠ ଆସି ଶବାଗର ହୋଇ ଦୁଆର ଝରକା ତିଆରି ହୋଇ ରହୁଥାଏ । ଉତ୍କଳର ପ୍ରଧାନତମ ନେତା ମଧୁସୂଦନ ଦାସ, ବ୍ରଜସୁନ୍ଦର ଦାସ ପ୍ରମୁଖ ଉଚ୍ଚ ବ୍ୟକ୍ତି ମାନେ ପୃଷ୍ଠପୋଷକ ହିସାବରେ ବରାବର ଉତ୍ସାହ ଦେଉଥାନ୍ତି, ଏବଂ ମଧ୍ୟେ ମଧ୍ୟେ ଆସୁଥାନ୍ତି

GPNanda Colln., Digitized by srujanika@gmail.com

'ଏ' ବ୍ଲକର ସ୍କୁଲଘର ଦାଣବଖରା ମଧ୍ୟରୁ ଗୋଟିଏ ବଖରା ଛାତ୍ରାବାସ କରାଗଲା । ତାହା ମଧ୍ୟରେ କୋଠାଘର ଏବଂ ବନ-ବିଦ୍ୟାଳୟରେ ଜାଗା ମିଳିବା ପାଇଁ ସେହି ଘରେ ଲାଇବ୍ରେରୀ ଏବଂ ଅଫିସ ହେଉଥାଏ । ଗୃହ ନିର୍ମାଣରେ ବହୁଶକ୍ତି ପ୍ରୟୋଗ କରା ଯାଉଥିଲେ ମଧ୍ୟ ପଢ଼ାପଢ଼ିରେ କିଛି କ୍ଷତି ହେଉନଥିଲା । କୌଣସି କ୍ଲାସର ପାଠ କେବେ ବନ୍ଦ ହୁଏ ନାହିଁ । ଜଣେ ଶିକ୍ଷକଙ୍କ ଅନୁପସ୍ଥିତିରେ ଅନ୍ୟଜଣେ କାର୍ଯ୍ୟ ଚଳାନ୍ତି । ସେ ବର୍ଷ ପଣ୍ଡିତ କୃପାସିନ୍ଧୁ ମିଶ୍ର ଏମ୍, ଏ, ଅଲ୍ପଦିନଲଗି ଯୋଗ ଦେଲେ । ଛାତ୍ର ସଂଖ୍ୟା ବଢ଼ିବାରେ ଲାଗିଲା । ଛାତ୍ରାବାସରେ ମଧ୍ୟ ପ୍ରାୟ ପନ୍ଦର ପର୍ଯ୍ୟନ୍ତ ଛାତ୍ର ରହିଲେ । ସେ ବର୍ଷ ଦୁଇ ତିନିଜଣ ଛାତ୍ରଙ୍କୁ ନେଇ ଫାଷ୍ଟ କ୍ଲାସ ଖୋଲିଥାଏ ।

ଛାତ୍ରାବାସରେ ଗରିବ ବୁଦ୍ଧିମାନ୍ ଛାତ୍ରଙ୍କୁ ସାହାଯ୍ୟ—

ଗତବର୍ଷ ମୁଁ ପ୍ରଥମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଥିଲି । ମୁଁ ଗରିବ ଘରର ପିଲା ବୋଲି ଶିକ୍ଷକମାନେ ଜାଣିଥିଲେ । କୋଡ଼ିଏ ତିରିଶି ଜଣ ଛାତ୍ର ଥିବା ବେଳେ ଜଣେ ଦୁଇଜଣ ବାଳକଙ୍କୁ ବୋର୍ଡିଂରେ ବିନା ଖର୍ଚ୍ଚରେ ରଖା ଯାଇଥିଲା । ମୋ ପ୍ରତି ସବୁ ଶିକ୍ଷକଙ୍କର ଭଲ ଦୃଷ୍ଟି ସବୁବେଳେ ଥିଲା । ଶ୍ରୀ ରାମଚନ୍ଦ୍ରଙ୍କ କଥା ଅନୁସାରେ ସେମାନେ ମୋତେ ଛାତ୍ରାବାସରେ ସାହାଯ୍ୟ ଦେଇ ରଖିବାକୁ ସ୍ଥିର କଲେ ଓ ଶ୍ରୀ ରଘୁନାଥ ମିଶ୍ର ମୋତେ ବୋର୍ଡିଂରେ ରହିଲେ ଭଲ ପଢ଼ାପଢ଼ି ହେବ ବୋଲି ବୁଝାଇ ଦେଲେ । ଗାଁ ଛାଡ଼ି ସତ୍ୟବାଦୀରେ ରହିବା ପାଇଁ ମୋର ଇଚ୍ଛା ହେଉ ନଥିଲା । ମୋର ମାଆ ପାଖ ଛାଡ଼ି ଯିବାରେ ମନରେ କଷ୍ଟ ହେଉଥାଏ । ତବେ ସନ୍ଧ୍ୟାବେଳେ ବୋର୍ଡିଂକୁ ଗଲି । ବୋର୍ଡିଂର ଉପର ଶ୍ରେଣୀର ନବାଗତ ଛାତ୍ରମାନେ ମୋତେ ଖୁବ୍ ସ୍ନେହ କରୁଥିଲେ ।

GPNanda Colln., Digitized by srujanika@gmail.com

ଛାତ୍ରମାନଙ୍କର ସାଧାରଣ ସମ୍ମିଳନୀର ଆରମ୍ଭ—

ଖୁବ୍ ତ୍ରୁଟିତରେ ପଢ଼ାଘର ତିଆରି କାମ ୧୯୧୩ ଜାନୁଆରୀ ପରଠାରୁ ଆରମ୍ଭ ହେଲା । ମୁଁ ଆଗରୁ ଶୁଣିଥିଲି ଯେ ଶିକ୍ଷକ ଓ ଛାତ୍ର-ମାନେ ମିଶି ଘରତୋଳାର ବହୁତ କାମ ହାତେ ହାତେ କରନ୍ତି । ଗାଁରୁ ଯା ଆସ କରି ପଢୁଥିବା ବେଳେ ମୁଁ ବେଶି ଯୋଗ ଦେଇ ପାରୁ ନଥିଲି । ବୋର୍ଡିଂରେ ରହିବା ଦିନୁ ମୁଁ ସବୁ କଥାରେ ବାହାରୁଥିଲି । ପ୍ରାଣରେ ସଙ୍କୋଚ ଥାଏ, ତଥାପି ସବୁ ଶିକ୍ଷକଙ୍କର ମୁଁ ପ୍ରିୟ ବୋଲି ଜାଣିଥିବାରୁ ଭୟ କରୁ ନଥିଲି । ପ୍ରତି ଶନିବାର ଦିନ ଉପର ବେଳା ଛାତ୍ରମାନଙ୍କର ମିଳନ, ବକ୍ତୃତା ପ୍ରତିଯୋଗିତା ଓ ପ୍ରବନ୍ଧ ପାଠ ହେବ ବୋଲି ସ୍ଥିର ହେଲା । ଜାନୁଆରି ମାସରେ (୧୯୧୩) ଗୋଟିଏ ଶନିବାର ଦିନ ସମ୍ମିଳନୀ ବସିଲା । ପ୍ରଥମରୁ ବସୁଥିବାରୁ ପିଲାମାନଙ୍କର ବେଶ ଆଗ୍ରହ ଥିଲା । ସେ ବର୍ଷ ବିଦ୍ୟାଳୟର ଛାତ୍ରସଂଖ୍ୟା ପ୍ରାୟ ତିନିଶହ ହୋଇ ଯାଇଥିଲା ।

ଗୋପବନ୍ଧୁଙ୍କର ବାଳକ ସୁଲଭ ସହଯୋଗ—

ଦାସେ ଆପଣେ ଏବଂ ସମସ୍ତ ଶିକ୍ଷକ ସେଥିରେ ଯୋଗ ଦେଲେ । 'ଛାତ୍ର ଜୀବନର ଉଦ୍ଦେଶ୍ୟ' ବିଷୟରେ ପ୍ରବନ୍ଧ ପଢ଼ାଯିବାର ସ୍ଥିର ହୋଇଥିଲା । ମୁଁ ପ୍ରବନ୍ଧ ଲେଖିଥିଲି । ମାଇନର ସେକେଣ୍ଡକ୍ଲାସର ପିଲା ମୁଁ—ମୋତେ ଭଲ ପାଉଥିବା ଉପର ଶ୍ରେଣୀର ଛାତ୍ରମାନଙ୍କ ପ୍ରତି ମୋର ସମ୍ମାନ ଓ ଭକ୍ତି ଥିଲା । ଶିକ୍ଷକମାନଙ୍କର ପୁଣି ଗୋପବନ୍ଧୁଙ୍କର ସମାବେଶ ମୋର ସଙ୍କୋଚ ଓ ଭୟ ବେଶି ବଢାଇ ଦେଲା । ମୋର ପ୍ରବନ୍ଧ ଉପରଶ୍ରେଣୀ ଛାତ୍ରମାନଙ୍କ ପ୍ରବନ୍ଧଠାରୁ ଭଲ ହୋଇଥିବ ବୋଲି ମୁଁ କଦାପି ଭାବି ନଥିଲି । ତେଣୁ ପ୍ରବନ୍ଧ ପଢିବା ବେଳକୁ ମୋତେ ଭୟ ଲାଗୁଥାଏ—ଦେହ କମ୍ପୁଥାଏ, ମୁଁ ଭୟଙ୍କର ଭୟରେ ପଡ଼ିଲି । ମୁଁ

GPNanda Colln., Digitized by srujanika@gmail.com

କୌଣସି କ୍ଲାସରେ ଖୁବ୍ ଭଲ କରିଥିବା, ଏବଂ ମୋ ବିଷୟରେ ଅନ୍ୟ ସମସ୍ତ କଥା ବାସେ ଆପଣେ ଜାଣିଥିଲେ । ସେ ସବଦା ବିଦ୍ୟାଳୟରେ ରହୁ ନଥିଲେ । ତଥାପି 'ଉତ୍ତମ ମନୁଷ୍ୟ—ଉତ୍ତମ ଦେଶବାସୀ ଗଢ଼ିବା'ର ଉଦ୍ବେଗ ହେତୁରୁ ସେ ମଧ୍ୟ ଶିକ୍ଷକମାନଙ୍କ ପରି ସବୁ ଶ୍ରେଣୀର ଭଲ ଭଲ ପିଲାଙ୍କ କଥା ଜାଣି ରଖୁଥିଲେ । ମୁଁ ତ୍ରିବେଣୀକୁ କମ୍ପିତ ସ୍ୱରରେ ଓ ଧୀରଭାବରେ ପଢୁଥିବା ବେଳେ ବଡ ପାଟିକରି ବୋଲିବା ପାଇଁ ସେ ଦୁଇଁ ତିନିଥର ମୋତେ କହିଲେ । ମୁଁ କୌଣସିମତେ ଶେଷକରି ଦେଇ ଚାଲି ଆସିଲି । ସନ୍ଧ୍ୟାବେଳକୁ ଗୋପବନ୍ଧୁ ଓ ନୀଳକଣ୍ଠ ଉଭୟଙ୍କର ଡାକରା ପଡିବାରୁ ଗଲି । ମୋତେ ଗୋପବନ୍ଧୁ ଯେପରି ନିର୍ଭୀକ ହୋଇ ଚାଲିବା, ବୁଲିବା, ପଢ଼ିବା, କଥାକହିବା ଇତ୍ୟାଦିର ଉପକାର ବୁଝାଇ ଦେଲେ, ତାହାର ପ୍ରେରଣା ଏପର୍ଯ୍ୟନ୍ତ ମୋ ଭିତରେ ଜୀବନ୍ତ ଅଛି ।

ଛାତ୍ରମାନଙ୍କ ସଙ୍ଗେ ଶିକ୍ଷକମାନଙ୍କର ସମ୍ପର୍କ—

ବର୍ତ୍ତମାନ ବହୁତ ବିଦ୍ୟାଳୟ ଓ ବହୁତ ଶିକ୍ଷକ ଅଛନ୍ତି । କିନ୍ତୁ ବିଦ୍ୟାଳୟର ଛାତ୍ର ଜୀବନ ଗଢ଼ିବାପାଇଁ ସବଦା କିମ୍ବା ଅଧିକ ସମସ୍ତ ଶକ୍ତି ଖଟାଇ ସବ ଭାବରେ ଛାତ୍ରମାନଙ୍କ ଜନ୍ମିତ କଳ୍ପନାରେ ଜୀବନ—ଉତ୍ସର୍ଗ କରିବାର ଅଭ୍ୟାସ କାହାର ଥିବା ପରି ମନେ ହୁଏ ନାହିଁ । ଜନ୍ମ ଭୂମିର ଉପଯୁକ୍ତ ସେବକ ରୂପେ ଶିଶୁକୁ ସୃଷ୍ଟି କରିବାର ସ୍ୱପ୍ନ ଦେଖି, କଳ୍ପନା ଓ ଯୋଜନା କରି ସତ୍ୟବାଦୀ ପୀଠରେ ଉଦ୍ୟୋକ୍ତାମାନେ ପୂର୍ଣ୍ଣ ଆଶା ଘେନି ଜୀବନ ଉତ୍ସର୍ଗ କରିଥିଲେ । ଠିକ୍ ସେହିଦିନ ସାତ ଆଠ ବେଳେ ସବୁ ଶ୍ରେଣୀର ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରୁଥିବା ଏବଂ ଉତ୍ତମ ଚରିତ୍ର ଫୁଟାଉଥିବା ଛାତ୍ରମାନଙ୍କୁ ଗୋପବନ୍ଧୁ, ନୀଳକଣ୍ଠ ଓ ରାମଚନ୍ଦ୍ର ଡକାଇ ନେଉଥିଲେ ।

GPNanda Colln., Digitized by srujanika@gmail.com

ଉତ୍ତମ ଛାତ୍ର ଗଢିବାର ଆନ୍ତରିକ କାମନା ଓ କାର୍ଯ୍ୟ—

ଗୋପବନ୍ଧୁ ବାବୁ ଜୀବନରେ ଏକ ଉଦ୍ଦେଶ୍ୟ ଧାରଣ କରି କାର୍ଯ୍ୟ କରିବାର ଉପକାରିତା ବୁଝାଇ ଦେଲେ । ତାହା ଅତି ସୁନ୍ଦର ପ୍ରାଞ୍ଜଳ ଓ ପ୍ରାଣସ୍ପର୍ଶୀ ହୋଇଥିଲା । ଇଂଲଣ୍ଡର କବି ପୋପ ପାଠପଢି କବି ହେବାର କଳ୍ପନା ଓ ଉଦ୍ଦେଶ୍ୟ ରଖିଥିବାରୁ ଘୋର ଅର୍ଥାଭାବ ମଧ୍ୟରେ ଯେପରି ଅସାଧାରଣ ଓ ଅକ୍ଳାନ୍ତ ପରିଶ୍ରମ କରିଥିଲେ ସେକଥା, ଆବ୍ରାହାମ୍ ଗାରଫିଲ୍ଡ ଯେପରି ଆମେରିକାର ପ୍ରେସିଡେଣ୍ଟ ହୋଇ ପାରିଥିଲେ ସେ ବିଷୟ ଉଦାହରଣ ଦେଇଥିଲେ । ତାହାପରେ ଗୋଟି ଗୋଟି କରି ସମସ୍ତଙ୍କୁ କାହାର କି ଉଦ୍ଦେଶ୍ୟ ଅଛି ପଚାରିଲେ । ଆମ୍ଭେମାନେ ଆଗରୁ ଜୀବନରେ କଅଣ କରିବୁ ସେପରି କିଛି ସ୍ଥିର କରି ନଥିଲୁ । ପରବର୍ତ୍ତୀ ଶନିବାର ଦିନକୁ ଆମ୍ଭମାନଙ୍କୁ ଦୃଢ ଲକ୍ଷ୍ୟ ସ୍ଥିର କରିବାକୁ ବୁଝାଇ ଦେଇ, ସମସ୍ତଙ୍କୁ ବିଦାୟ ଦେଲେ, ଏବଂ ମୋତେ ରହିବାକୁ କହିଲେ ।

ନୀଳକଣ୍ଠ ବାବୁ ମୋର ସେଦିନର ପ୍ରବନ୍ଧ ଭଲ ହୋଇଛି ବୋଲି କହି, ବୁଝାଇ ଦେଲେ "ତୁ ଛାତ୍ରଜୀବନର ଯେଉଁ ଉଦ୍ଦେଶ୍ୟ ବିଷୟରେ ଯାହା ଲେଖିଛୁ, ତାହା ନିଜେ ପାଳନ କରିବା ଉଚିତ । ନିର୍ଭୀକ ଜୀବନ ଓ ଅକୁତୋ ଭୟ ହେବା କଥା ପ୍ରବନ୍ଧରେ ତ ଲେଖିଛୁ—ପଢିବା ବେଳେ କଥା କହିବା ବେଳେ ସଙ୍କୋଚ ଓ ଭୟ କରୁଛୁ କାହିଁକି ? ଦୈବ ଓ ସାହାଯ୍ୟ ପୁଷ୍ଟ ହୋଇ ବଢ଼ୁଛି ଆତ୍ମସଙ୍କୋଚ ରଖିବା ଭଲ ନୁହେଁ । ଆତ୍ମସଙ୍କୋଚ ଆତ୍ମଅବଜ୍ଞା ରୂପରେ ପରିଣତ ହୋଇ ଜୀବନ ନଷ୍ଟ କରେ । ପ୍ରାପ୍ତ ସାହାଯ୍ୟର ପ୍ରତିଦାନ ବିଦ୍ୟାଳୟରେ ଉତ୍ତମ ଛାତ୍ର ହେବା ଏବଂ ତ୍ୟାଗ ପୀଠ ଉପରେ ନିଜର ଶକ୍ତି ଯୋଗ କରିବା ।"

ସେହି ବର୍ଷର ଜନ୍ମମାସ ମଧ୍ୟରେ ଇଟା ଭାଟି ଗଢ଼ା ହୋଇଥାଏ । ଦିନେ କଟକ ଆଡୁ ରେଳରେ ସବୁ ଟାଇଲ୍ ଗୁଡ଼ିକ ଆସିଗଲା । ସକାଳୁ ଆ

GPNanda Colln., Digitized by srujanika@gmail.com

ସ୍କୁଲ ଚାଲିଥାଏ । ଦିନ ତିନଟା ବେଳକୁ ସବୁ ପିଲାଙ୍କୁ ଏକତ୍ର କରିଦିଆଯାଏ । ଶିକ୍ଷକମାନେ ସମସ୍ତେ ଯୋଗ ଦେଲେ । ପଣ୍ଡିତ ନୀଳକଣ୍ଠ ଅଗ୍ରଣୀ ଥାଆନ୍ତି । ଆମ୍ଭେମାନେ ଯାଇ ରେଲରୁ ଆଣି ଶଗଡ ଉପରେ ଟାଇଲ ରଖିଲୁ, ଶୃଙ୍ଖଳିତ ଭାବରେ ଧାଡ଼ିଧରି ହୋଇ ଫେରିଲୁ । ଟାଇଲ ଗୁଡ଼ିକୁ ଶଗଡଆଙ୍କ ସଙ୍ଗେ ମିଶି ସ୍କୁଲ ଅଗଣାରେ ମିଶି ରଖିଦେଲୁ । ତାହାର ଦୁଇଦିନ ପରେ ଶିକ୍ଷକ ଓ ଛାତ୍ରମାନେ ମିଶି ନବନିର୍ମିତ ଏକ ପୋଖରୀରେ ଟାଇଲ ଗୁଡ଼ିକ ବୁଡ଼ାଇ ଦେଲୁ । ଧାଡ଼ି ଧାଡ଼ି ହୋଇ ଶିକ୍ଷକ ଓ ଛାତ୍ର ଠିଆ ହୋଇଥାନ୍ତି । ଟାଇଲ ହାତକୁ ହାତ ହୋଇ ଚାଲିଥାଏ । ଶିକ୍ଷକମାନେ ନାନାପ୍ରକାର କୌତୁକାତ୍ମକ କଥା କହୁଥାଆନ୍ତି । ସେ କାର୍ଯ୍ୟ ଏକ ଖେଳପରି ହୋଇଥିଲା । କାୟ-କ୍ଲେଶ-ଦାୟକ ଯାବତୀୟ କାର୍ଯ୍ୟ ପିଲାମାନଙ୍କ ଦ୍ୱାରା ଅତି ସରସ ପ୍ରାଣରେ କରାଯାଉଥିଲା । ତେଣୁ ସେପରି ନିୟମାନୁସାରେ ପଢାପଢି ଚାଲନ୍ତି, ହାରି ମେଘ ଉଠାଇ ଆସିଲା । ସେହି ରାତିରେ ଛାତ୍ର ଓ ଶିକ୍ଷକମାନେ କିଛି ଦୂରରେ ଜମା ରହୁଥିବା ଟିଣ ପତ୍ରମାନ ବୋହିନେଇ ତିଆରି ହୋଇଥିବା କଞ୍ଚା ଇଟାର ଗଦା ଗୁଡ଼ିକୁ ଘୋଡ଼ାଇ ଦେଲୁ । ବୋଲିବା ବାହୁଲ୍ୟ ଯେ ଏ ସବୁ କାର୍ଯ୍ୟକୁ ଆମ୍ଭେମାନେ ଈଶ୍ୱରାଶୀର୍ବାଦ ପରି ମନେ କରୁଥିଲୁ । ଏବଂ ବିଦ୍ୟାଳୟର ନିୟମ—ଶୃଙ୍ଖଳାବଦ୍ଧ ଜୀବନର ବାତାବରଣ ଏପରି ହୋଇ ଆସୁଥିଲା, ଯହିଁରେ ଛାତ୍ରମାନେ ବିଦ୍ୟାଳୟକୁ ଗୃହ ଏବଂ ଶିକ୍ଷକମାନଙ୍କୁ ପିତୃତୁଲ୍ୟ ମନେ କରୁଥିଲେ । ଅବଶ୍ୟ ପରବର୍ତ୍ତୀ କାଳର ଛାତ୍ରାବାସର କଠୋର ଶୃଙ୍ଖଳା ସେତେବେଳଯାଏଁ ଯୋଜନାକୁ ମଧ୍ୟ ଆସି ନଥିଲା ।

ହେଡ୍ ମାଷ୍ଟର ଓ ଆଚାର୍ଯ୍ୟ ଉପାଧି—

ସେ ବର୍ଷ ନୀଳକଣ୍ଠ ବାବୁଙ୍କର ନାମ ହେଡ୍ ମାଷ୍ଟର ଏବଂ ବୋର୍ଡିଂ ସୁପରିଣ୍ଟେଣ୍ଡେଣ୍ଟ ହୋଇଗଲା । ଆଚାର୍ଯ୍ୟ ହରିହରଙ୍କୁ 'ଆଚାର୍ଯ୍ୟ'

GPNanda Colln., Digitized by srujanika@gmail.com

ଉପାଧି ଦିଆ ଯାଇଥିଲା । ସେ ଛାତ୍ରାବାସର ସମସ୍ତ ଭଲ-ମନ୍ଦର ଭାର ନେଇଥିଲେ । ତାଙ୍କର ସ୍ୱଭାବ ସୁଲଭ ସେବାପରାୟଣତା ଯୋଗୁଁ ସେ ଛାତ୍ରାବାସକୁ ଗୃହ ପରି କରି ପକାଇଥିଲେ ।

ଛାତ୍ର ସମାଜରେ ସାମାଜିକ ସୁଗୁଣ ଓ ଦୁର୍ଗୁଣ—

କୋଚିଂ କ୍ଲାସ ଉପରେ ଆମଶ୍ରେଣୀର ପାଠପ୍ରତି ନୀଳକଣ୍ଠଙ୍କର ବରାବର ଲକ୍ଷ୍ୟ ରହୁଥିଲା । ଇଂରେଜୀ ବ୍ୟାକରଣର ସାଧାରଣ ନିୟମ ସମ୍ବଳିତ ଖଣ୍ଡିଏ ପୁସ୍ତକ ଆମ୍ଭେମାନେ ପଢ଼ିଥିଲୁ । ମୋର ସେ ସବୁ ବିଷୟରେ ଭଲ ଜ୍ଞାନ ହୋଇ ଯାଇଥିଲା । ଇଂରେଜୀ ଲେଖାରେ ଭୁଲ ଆଦୌ ହେଉନଥାଏ । ଏକଥା ବୋଧହୁଏ ସବୁ ଶିକ୍ଷକ ଜାଣିଥିଲେ । ତେଣୁ ଉପର ଶ୍ରେଣୀରେ ଯଦି କୌଣସି ପ୍ରଶ୍ନର ଉତ୍ତର ନମିଳୁଥିଲା, ନୀଳକଣ୍ଠ ବାବୁ ମୋତେ ଡକାଇ ନେଉଥିଲେ—ମୁଁ ତାହାର ଉତ୍ତର ଦେଇ ଫେରି ଆସୁଥିଲି । ତେଣୁ ଉପର ଶ୍ରେଣୀର କେତେକ ବୟସ୍କ ଛାତ୍ର ମୋ ପ୍ରତି କ୍ରୋଧ ପୋଷଣ କରିଥିଲେ । ଛାତ୍ରମାନଙ୍କ ମଧ୍ୟରେ ସ୍ନେହ ଓ ଈର୍ଷା ଉଭୟେ ଆନନ୍ଦ ଦାୟକ । ଛାତ୍ର-ସମାଜର କାର୍ଯ୍ୟକଳାପ ବର୍ଣ୍ଣନ ବେଳେ ତାହା ବର୍ଣ୍ଣିତ ହେବ ।

ଟେକ୍‌ଠାଘର କାର୍ଯ୍ୟର ଆରମ୍ଭ—

ବିଦ୍ୟାଳୟର ଛାତ୍ରସଂଖ୍ୟା ବଢ଼ିବାରେ ଲାଗିଲେ । ବୋର୍ଡିଂରେ ଘରର ଅଭାବ । ନେତବଣ ଉଙ୍ଗାଘର ସଫା କରାଯାଇ ନୂଆଁ ଖୋଲିବା କାର୍ଯ୍ୟ ଆରମ୍ଭ ହୋଇଥାଏ । ଆଗରୁ କୁହା ଯାଇଛି ଯେ ଦୁଇସାହାଲା ଘର (A block ଓ B block) ତିଆରି ହୋଇ ତହିଁରେ କ୍ଲାସ ବସୁଥିଲା । ସେଥିରୁ ଗୋଟିଏ ସାହାଲା ଘର ବୋର୍ଡିଂରେ ପରିଣତ

GPNanda Colln., Digitized by srujanika@gmail.com

ହେଲା । ଗୋଟିଏ ଗୋଟିଏ କୋଠରିରେ ଏଗାର, ବାର ଜଣ କରି ପିଲ ରହିବାର ବ୍ୟବସ୍ଥା ହେବା ଛଡ଼ା ଅନ୍ୟ ଉପାୟ ନଥିଲା । ମାତ୍ର ବଡ଼ ଆଶ୍ଚର୍ଯ୍ୟର କଥା ଯେ, କାହାରି କିଛି ଅସୁବିଧା ହେବା କଥା କେହି କହୁ ନଥିଲେ । ଶିକ୍ଷକମାନଙ୍କର ପଡ଼ାପଢ଼ିରେ ଯତ୍ନ ଓ କ୍ରମଶଃ ତିଆରି ହୋଇ କାର୍ଯ୍ୟରେ ଲଗାଯାଉଥିବା ପ୍ରାଚୀନ-ଗୁରୁକୁଳ-ବିଧାନର ନିୟମାବଳୀ ଭିତ୍ତି ଛାତ୍ରମାନଙ୍କର ସ୍ପୃହଣୀୟ ଥିଲା ଓ ଚପଳମତି ଛାତ୍ରମାନେ ବାଧ୍ୟ ହୋଇ ତାହା ମାନୁଥିଲେ ।

ବନ-ବିଦ୍ୟାଳୟ ଓ ଗ୍ରୀଷ୍ମ ଛୁଟି—

ସତ୍ୟବାଦୀରେ ସାକ୍ଷିଗୋପାଳଙ୍କ ମନ୍ଦିରର ପଛ ପାଖରେ ବକୁଳ, ଚୁଣ୍ଡିଅନା, ଛତିଆମ୍ବ, ବର, ଅଶ୍ୱତ୍ଥ ଆଦିରେ ପରିପୂର୍ଣ୍ଣ ଗୋଟିଏ କ୍ଷୁଦ୍ର ନିଘଞ୍ଚ ଉପବନ ଅଛି । ତାକୁ ଲୋକେ 'ଗୁପ୍ତ ବୃନ୍ଦାବନ' କହନ୍ତି । ଚୁଣ୍ଡିଅନା କୁଞ୍ଜ ଗୁଡ଼ିକ ଅତି ସାନ୍ଦ୍ର ହୋଇଥାଏ । ଉପରକୁ ଉଠି-ଯାଉଥିବା ଗଛମାନଙ୍କର ତଳରେ କ୍ଷୁଦ୍ର କ୍ଷୁଦ୍ର ବୃକ୍ଷର ଉତ୍ପତ୍ତି ବରାବର ହେଉଥିବାରୁ, ପୁଷ୍ପଚ୍ଛାୟା-ସମନ୍ୱିତ ଗୋଟିଏ ଗୋଟିଏ ମନୋହର ପ୍ରକୃତି ରଚିତ କୁଞ୍ଜ ଥିଲା । ଏବେ ମଧ୍ୟ କୌଣସି କୌଣସି ସ୍ଥାନରେ ସେହିପରି କୁଞ୍ଜ ଅଛି । ଗୋପବନ୍ଧୁ ସେହି ନିକୁଞ୍ଜ ମାନଙ୍କ ମଧ୍ୟରେ କ୍ଲାସ କରିବାର କଳ୍ପନା କଲେ । ଓଡ଼, ମାଷ୍ଟର ମହାଶୟ ଏବଂ ଅନ୍ୟାନ୍ୟମାନେ ତାହା ପସନ୍ଦ କଲେ । ସ୍ଥାନ ବଛା ହେଲା । ଉପରେ ପ୍ରକାଣ୍ଡ ବଉଳଗଛର ଶାଖା-ପ୍ରଶାଖା-ପତ୍ର-ପଲ୍ଲବ-ପୁଷ୍ପର ଚୁଲ; ଚତୁର୍ଦ୍ଦିଗରେ ଛୋଟବଡ଼ ଚୁଣ୍ଡିଅନା-ଗଛ-ବାଡ଼ର କାନ୍ଥ—ନିରନ୍ଧ୍ର-ଶ୍ୟାମଳ-ସୁନ୍ଦର ଓ ସୁରଭିତ । ମଝିଅଂଶଟି ସଫା କରାଯାଇ ଇଟା, ଚୂନ ଓ ସିମେଣ୍ଟରେ ଶିକ୍ଷକଙ୍କ ପାଇଁ ଆସନ ଏବଂ ଆବଶ୍ୟକ ଟେବୁଲ ତିଆରି ହେଲା । ବ୍ଲାକ୍‌ବୋର୍ଡ ଗୁଡ଼ିକୁ ପ୍ରଧାନ ବୃକ୍ଷର ପ୍ରକାଣ୍ଡ ଗଣ୍ଡିରେ କଣ୍ଟା ବାଡ଼େଇ ଝୁଲେଇ ଦିଆଗଲା ।

GPNanda Colln., Digitized by srujanika@gmail.com

ଯେଉଁ ସବୁ ପ୍ରକୃତି-ନିର୍ମିତ ପ୍ରକୋଷ୍ଠ ଗୁଡ଼ିକରେ ସମସ୍ତ ଶ୍ରେଣୀ ବସିଲା । ଆମ୍ଭେମାନେ ମୁକ୍ତ ପବନ, ପୁଷ୍ପ ସୌରଭ ମଧ୍ୟରେ ପ୍ରାକୃତିକ ଏକାନ୍ତ ଆହ୍ଲାଦ ଦେଉଥିବା ପଡ଼ି ଆସନରେ ସେହି ସବୁ ଶ୍ରେଣୀରେ ପଢ଼ାଶୁଣା କଲୁଁ । ବୋଲିବା ବାହୁଲ୍ୟ ଯେ, ଏକ କ୍ଲାସକୁ ଅନ୍ୟ କ୍ଲାସ ଦିଶୁ ନଥିଲା ;

କେନ୍ଦ୍ରସ୍ଥଳରେ ଗୋଟିଏ ବଡ଼ ପ୍ରାକୃତିକ କୁଞ୍ଜ ଥିଲା । ତିନି ଚାରିଗୋଟି ବିଶାଳ ବକୁଳ ଦ୍ରୁମ; ଛାୟା ଅତି ନିବିଡ଼—ଦୁଇ ପାର୍ଶ୍ୱରେ ଦୁଇଟି ଫାଟକ ପରି ଖୋଲା ସ୍ଥାନ ଥାଏ । ତାହା ଶିକ୍ଷକ ମାନଙ୍କର କମନ୍ ରୁମ, ଅଫିସ ଓ ବାଳକ ମାନଙ୍କର ସଭା ସମିତିର ହଲ୍ ହୋଇଥାଏ । ସେ ବର୍ଷ ସ୍କୁଲ୍ ଘର ତୋଳା କାମ ଖରାଦିନରେ ଆରମ୍ଭ ହୋଇ ଥିଲା । ସମସ୍ତ ପ୍ରାସାଦ ନିର୍ମାଣ ସମୟସାପେକ୍ଷ, ତେଣୁ ସେ ବର୍ଷ ଦୁଇମାସ ଗ୍ରୀଷ୍ମଛୁଟି ହେବ ଏବଂ ଯଦି ବନବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମଞ୍ଜୁର କରିବେ, ତେବେ ପ୍ରତିବର୍ଷ ଦୀର୍ଘ ଗ୍ରୀଷ୍ମାବକାଶ ହେବ ଏହା ଉଦ୍ୟୋକ୍ତା ମାନଙ୍କର ମନରେ ଥାଏ । ଜୁନ ମାସର ଅଧ ପର୍ଯ୍ୟନ୍ତ ଛୁଟି ହୋଇ ନଥାଏ, ଅସଲ ବର୍ଷାଦିନରେ ଛୁଟି ହୁଏ । ପ୍ରଥମେ ସେହି ବର୍ଷ ଏହା ସ୍ଥିର କରାଗଲା । ତ୍ୟାଗ ବ୍ରତରେ ଶିକ୍ଷକମାନେ ବଜ୍ର-ଶରୀର, ବାୟୁ ବିଧୂନିତ—ଛାୟା ପୁଷ୍ପବିମଣ୍ଡିତ ପ୍ରାକୃତିକ ଶୋଭା ଓ ବାଜନ ମଧ୍ୟରେ ତୀବ୍ର ଆତପ ତେଜ କହାରିପ୍ରତି କଷ୍ଟ ଦାୟକ ହେଉନଥିଲା । ତେଣୁ ଦୀର୍ଘ ଗ୍ରୀଷ୍ମକାଳରେ—ପ୍ରଦେଶର ଅନ୍ୟାନ୍ୟ ବିଦ୍ୟାଳୟ ଗୁଡ଼ିକରେ ଗ୍ରୀଷ୍ମଛୁଟି ହୋଇଥିଲେ ମଧ୍ୟ ଛାତ୍ରମାନଙ୍କର ଦୁଃଖ ନଥିଲା—ବରଂ ଆନନ୍ଦ ଥିଲା । ପୁଣି ବିଦ୍ୟାଳୟର ପୃଷ୍ଠପୋଷକ ବହୁତ ବ୍ୟକ୍ତି ଥିଲେ । ମିଷ୍ଟର ଦାସ ପ୍ରମୁଖ ମୁଖ୍ୟ ନେତୃଗଣ, ବଦାନ୍ୟ ବ୍ୟକ୍ତିମାନେ ସ୍କୁଲଘର ତିଆରି ହେଉଥିବାରୁ ଘନ ଘନ ସେହି ସମୟରେ ଆସୁଥିଲେ । ସେମାନଙ୍କୁ ଦେଖିବା, ସେମାନଙ୍କର ବକ୍ତୃତା ଶୁଣିବା ଓ ସହାନୁଭୂତି

କରି ନିମନ୍ତ୍ରିତ ରାଜା ମହାରାଜାମାନଙ୍କୁ ସମ୍ବର୍ଦ୍ଧନା କରିବା ଇତ୍ୟାଦିର କର୍ମସୂଚୀ ମଧ୍ୟରେ ସରସତା ଫୁଟି ପଡୁଥିଲା ।

ବିଦ୍ୟାଳୟର ଉନ୍ନତି ଓ ବହୁ ଛାତ୍ରଙ୍କ ସମାଗମ—

ଗୃହ ଦାହ ଓ ଗୃହର ବିଳୟ ସାଧନ ରୂପ ବିପଦ ସଙ୍ଗେ ସ୍କୁଲ ପାଇଁ ଆବଶ୍ୟକୀୟ ଗୃହର ଅଭାବ ସଙ୍ଗେ ଭୀଷଣ ପୁରୁଷକାରର ଦ୍ୱନ୍ଦ୍ୱ ଏବଂ ଅନାଦିକାଳରେ ଦେଶବାସୀ ମାନଙ୍କର ଏହି ବିଦ୍ୟାଳୟ ପ୍ରତି ସମ୍ପୃହ ଦୃଷ୍ଟି—ଏମଧ୍ୟରେ ଗୋପବନ୍ଧୁ, ନୀଳକଣ୍ଠ ଏବଂ ଅନ୍ୟାନ୍ୟ ଶିକ୍ଷକ ମାନଙ୍କର ବହୁ ମୁଖୀ କର୍ମ ବିଦ୍ୟମାନ ଥିଲେ ମଧ୍ୟ, ବିଦ୍ୟାଳୟର ପଠାଶୁଣାରେ କିଛିମାତ୍ର ବ୍ୟତିକ୍ରମ ଘଟୁ ନଥିଲା । ଆମ୍ଭମାନଙ୍କ ପ୍ରତି ସେତେବେଳେ କର୍ମମୟ, ମଧୁର, ଋଷି ଆଶ୍ରମର ଜୀବନ ଅତି ସୁଖକର ଥିଲା । ବିଦ୍ୟାଳୟର କଠୋର କର୍ମନିର୍ଘଣ୍ଟ ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହେଉଥିବା ହେତୁରୁ, ତାହାର ଏ ଅନୁଷ୍ଠାନର ଭବିଷ୍ୟତ ଭାବନା ନିରାଶାଜନକ ନଥିଲା । ମୁଁ ଏବଂ ମୋର ପ୍ରିୟ ସହପାଠୀମାନେ ଗୋପବନ୍ଧୁ ଓ ନୀଳକଣ୍ଠ ତଥା ଅନ୍ୟାନ୍ୟ ଶିକ୍ଷକମାନଙ୍କୁ ଋଷି ମହର୍ଷି ବୋଲି ମନେ କରି ସ୍କୁଲର ଯାବତୀୟ କର୍ମରୁ ପ୍ରେରଣା ଲାଭ କରୁଥିଲୁ । ଅନ୍ୟାନ୍ୟମାନେ ଅବଶ୍ୟ ତାହାହିଁ କରୁଥିବେ, କାରଣ କେହି ନିଃସମ୍ବଳ ବିଦ୍ୟାଳୟର ସମ୍ବଳ ହୀନତା ଉପରେ ଚିନ୍ତା କରୁ ନଥିଲେ, ପଠାଶୁଣା ଠିକମତ ହେଉଥିବାରୁ, ତାହାର ସନ୍ଦେହ ନଥିଲା—ବରଂ ଦିନକୁ ଦିନ ବହୁତ ସଂଖ୍ୟାରେ ବିଭିନ୍ନ ଅଞ୍ଚଳରୁ ଛାତ୍ରମାନଙ୍କର ସମାବେଶ ହେଉଥିଲା ।

ଗୃହ ସମସ୍ୟା ବୁଦ୍ବୁଦ୍ଭୂତ ହୋଇଥିଲା । ଘର ତିଆରି ଯୋର ସୋରରେ ଚାଲିଥାଏ, ତାହା ଉପରେ ମଧ୍ୟ ଦେଖି ନିର୍ଭରତା କଥିଲା, ଗୋପବନ୍ଧୁ ବାବୁ କହୁଥାନ୍ତି. କେବଳ ଲାଇବ୍ରେରୀ ଓ ଅଫିସ ପାଇଁ କୋଠାଘର ଲୋଡା । ପ୍ରାକୃତିକ ନିକୁଞ୍ଜ ତଳେ ପାଠଦାନ ଛଡା ଅନ୍ୟ

GPNanda Colln., Digitized by srujanika@gmail.com

ସମୟରେ ପଠନାଗାର ହେବ । ତଥାପି ସବୁଠାରୁ ସତ୍ୟବାଦୀ ବିଦ୍ୟା-ଳୟକୁ ପ୍ରାୟଶଃ ଧନୀ ଓ ସୁକୁମାର ଛାତ୍ର ଆସୁଥିବାରୁ, ଶିକ୍ଷକମାନେ ପଢା-ଇବାରେ ଯେପରି ତ୍ରୁଟି କରୁ ନଥିଲେ, ତତ୍ତ୍ୱ ନେବାରେ ମଧ୍ୟ ସେହିପରି ଭାବ ଧାରଣ କରିଥିଲେ । ଗୋପବନ୍ଧୁ, ନୀଳକଣ୍ଠ—ଏ କଠୋର କର୍ମ-କ୍ଷେତ୍ର ମଧ୍ୟରେ ପ୍ରାୟ ପ୍ରତ୍ୟେକ ପିଲାଙ୍କୁ ଜାଣୁଥିଲେ—ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟର କଥା । ଅଗ୍ରଜ ହରିହରଙ୍କର ରୋଗୀସେବା ଏବଂ ପିତୃତୁଲ୍ୟ ଯତ୍ନ ଓ ମାତୃତୁଲ୍ୟ ଧାତ୍ରୀ କର୍ମ ହେତୁରୁ ବୋର୍ଡିଂ ଆପଣା ଘରଠାରୁ ମଧ୍ୟ ବେଶି ସ୍ପୃହଣୀୟ ଥିଲା । ଶିକ୍ଷକମାନେ ପ୍ରତି ଶ୍ରେଣୀର ଉତ୍ତମ ବାଳକମାନଙ୍କର ସାହଚର୍ଯ୍ୟ ନେଉଥିଲେ ଓ ମୁଁ ବୋର୍ଡିଂରେ ରହିବା ଦିନୁ ମୋ ପ୍ରତି ଯେଉଁ ଦୃଷ୍ଟି ଶିକ୍ଷକମାନେ ରଖିଥିଲେ ତାହା ଦୀର୍ଘକାଳ ପରେ ମନେ ପକାଇଲେ ମତେ ଆଶ୍ଚର୍ଯ୍ୟ ବୋଧହୁଏ ।

ମୋର ବିପଦ ଓ ଶିକ୍ଷକମାନଙ୍କର ଅଶ୍ୱାସବାକ୍ୟ—

ମୋର ଯେଉଁ ପିତୃବ୍ୟ (କକେଇ) ଥିଲେ, ମୁଁ ବୋର୍ଡିଂରେ ଆସି ରହିବା ଦିନୁ ସେ ମୋତେ ଆନ୍ତରିକ ଭାବରେ ବେଶି ସ୍ନେହ କରୁଥିଲେ । ଦିନେ ସେ ଗାଁକୁ ଗଲାବେଳେ ମୋତେ ମହାପ୍ରସାଦ ଏବଂ କିଛି ପଇସା ଦେଇ ଗଲେ । ତାହା ଆରଦିନ ତାଙ୍କୁ କଲେରା ହେଲା । ନୀଳକଣ୍ଠ ବାବୁଙ୍କର ହୋମିଓପାଥିକ ଔଷଧର ପ୍ରୟୋଗରେ ଜ୍ଞାନଥାଏ । ଜଣେ ଛାତ୍ର ତାଙ୍କ ସାହାଯ୍ୟରେ କଲେରା ରୋଗ ହୋମିଓ ପାଥିକ ଔଷଧରେ ଭଲ କରି ପାରୁଥିଲେ । ପାଖଆଖ ଗାଁରେ କଲେରା ଲାଗିଲେ ସତ୍ୟବାଦୀ ବିଦ୍ୟାଳୟ ସେମାନଙ୍କ ପକ୍ଷରେ ଡାକ୍ତରଖାନା ପରି ହୋଇଥିଲା । ସେହି ଛାତ୍ର ଆମ ଗ୍ରାମକୁ ଗଲେ—ସେ ଫେରିଲେ—ମୁଁ ଉପରବେଳା ଗଲେ । ମୁଁ ଦେଖୁଥାଏ, ମାତ୍ର ମତେ କେହି ମୋ କକେଇଙ୍କ କଥା ଜଣାଇଲେ ନାହିଁ । ସନ୍ଧ୍ୟାପରେ ଖବର ପାଇଲି ଯେ କାନନ ମହାଦାରର ଏକମାତ୍ର ପୋଷକ ଚବିଶବର୍ଷର ଯୁବକ ପ୍ରାଣତ୍ୟାଗ

GPNanda Colln., Digitized by srujanika@gmail.com

କର ଅଛନ୍ତି । ଗ୍ରାମରୁ ଜଣେ ବ୍ୟକ୍ତି କହିଲେ (ନୀଳକଣ୍ଠ ବାବୁଙ୍କ ପରାମର୍ଶରେ) ନପ ଅବସ୍ଥା ଗୁରୁତର—ମାତ୍ର ମୃତ୍ୟୁ ହୋଇନାହିଁ । ସେ ବଞ୍ଚିଥିଲେ ମୁଁ ରାତିଟା କୌଣସି ମତେ ଶାନ୍ତିରେ କଟାଇ ଦେଲେ, ସକାଳେ ଗ୍ରାମରେ ଯାଇ ଶୁଣିବ । ମାତ୍ର ପୁରାଣ-ପ୍ରସିଦ୍ଧ-ଭାରତ-ଭୂମିର ଲୌକିକ କିମ୍ବା କଳାପ ଗୁଡ଼ିକୁ ରକ୍ଷା କରିବାକୁ ହେବ । ନୀଳକଣ୍ଠ ବାବୁ ଜଣେ ଗୁଜରକୁ ବଣିତେଲ ଦେଇ ପଠାଇଦେଲେ । ସେ ମତେ ତେଲ ଲଗାଇ ଗାଧୋଇ ଦେଲା । ମୋର ଆଉ ସନ୍ଦେହ ରହିଲା ନାହିଁ ଧୈର୍ଯ୍ୟ ରହିଲା ବା କପରି ? ମୁଁ ବିକଳ ଭାବରେ କାନ୍ଦି କାନ୍ଦି ଅଚେତନ ପ୍ରାୟ ହୋଇ ଗାଧୋଇଲି । ସଙ୍ଗେ ସଙ୍ଗେ ନୀଳକଣ୍ଠ ବାବୁ ଡକାଇ ନେଲେ । ପକ୍କା ଘରର ନିଅଁ ଖୋଳାହୋଇ ମାଟି ସ୍ତୂପାକାରରେ ପାହାଡ ପରି ଜମା ହୋଇଥାଏ । ଗ୍ରୀଷ୍ମକାଳ—ରାତ୍ରିରେ ଆଶ୍ରମରେ ଅନ୍ତେବାସୀ ଶିକ୍ଷକମାନେ ଶୋଇବା ପାଇଁ ସେହି ସ୍ତୂପ ଉପରେ ଏବଂ ପାଦ ଦେଶରେ ଖଟ ଗୁଡ଼ିଏ ପଡ଼ିଥିଲା । ନୀଳକଣ୍ଠ ବାବୁ ଏବଂ ଅନ୍ୟାନ୍ୟ ଶିକ୍ଷକମାନେ ଥିଲେ । ଯନ୍ତ୍ରଚାଳିତ ପରି ମୁଁ ସେଠାକୁ ଗଲାମାତ୍ରେ ମୂର୍ଚ୍ଛିତ ପ୍ରାୟ ହୋଇଗଲି । ସମସ୍ତେ ମୋତେ ବୁଝାଇବାକୁ ଲାଗିଲେ । ନୀଳକଣ୍ଠଙ୍କର କଥାଗୁଡ଼ିକ ମୋ ପ୍ରାଣରେ ସୁନାର ଗାର ହୋଇ ରହିଅଛି । ମୋତେ ଖଟରେ ଶୁଆଇ ଦେଇଥାନ୍ତି, କାହାର ବୁଝାଇବା କଥା ଶୁଣୁ ନଥିଲି । ନୀଳକଣ୍ଠ ବାବୁ ମୋ ପାଖରେ ବସିଲେ । ଦେହରେ ହାତ ବୁଲାଇ ବୁଲାଇ ବୁଝାଇଲେ—"ଈଶ୍ୱରର ଇଚ୍ଛାରେ ଯେତେବେଳେ ଯାହା ଘଟେ, ଯେ ତାହା ସହିପାରେ ସେହି ଏକା ମନୁଷ୍ୟ । ପୁଣି ଦେଖ୍, ଜଗତରେ ସମସ୍ତେ ଯଦି ତୋର କଟକେଇ ହୋଇଥାନ୍ତେ, ତୁ କ'ଣ ସମସ୍ତଙ୍କ ପାଇଁ କାନ୍ଦନ୍ତୁ ? ମନୁଷ୍ୟ କାହାର ମରଣରେ ବିବ୍ରତ ହୁଏ, କାରଣ ମୃତ ବ୍ୟକ୍ତିଠାରୁ ସେ ଆଉ ସାହାଯ୍ୟ ପାଇବ ନାହିଁ । ସ୍ତ୍ରୀ ପୁରୁଷ ପାଇଁ, ପୁତ୍ର କନ୍ୟା ପିତାଙ୍କ ପାଇଁ ଏବଂ

GPNanda Colln., Digitized by srujanika@gmail.com

ବନ୍ଧୁ ବନ୍ଧୁ ପାଇଁ ରୋଦନ କରେ କେବଳ ସ୍ୱାର୍ଥ ଯୋଗୁ । କିନ୍ତୁ ସର୍ବହରା, ବଜ୍ରହୃଦୟ ଲୋକ ନିଜ ପରିଶ୍ରମ ଓ ନିଜ ସବଳ ଯେମିତି ନିଜ ପରିବାରର, ବନ୍ଧୁବାନ୍ଧବ ମାନଙ୍କର, ଆଶ୍ରିତ ବ୍ୟକ୍ତିବର୍ଗର ପ୍ରୋପକ ହୋଇ ପାରେ—ସେହି ଏକା ବଡ । ଦେଖ୍ ଆମ୍ଭେମାନେ କି ଦୁଃଖ ଦୁର୍ଦ୍ଦଶା, ଅଭାବ ଅନାଟନ ଭିତରେ ଗୃହ କର୍ଯ୍ୟ କରୁଅଛୁଁ । ଘରପୋଡ଼, ଘରଭଙ୍ଗା, ଅର୍ଥାଭାବ ଇତ୍ୟାଦି ସମସ୍ତ ବିପଦକୁ ଭ୍ରୂକ୍ଷେପ କରୁନାହୁଁ । ଆଜି ତୁ ପିଲାହୋଇ ମଧ୍ୟ, ତୋର ଶୂନ୍ୟ ସଂସାରର ତୁ ପୋଷକ ଓ ପାଳକ । ଏହା ଭଗବାନଙ୍କର ଅପୂର୍ବ ଦାନ । କାନ୍ଦନା, ଦୁଃଖ କରନା—ସିଂହବଳ ଯେମିତି ସଂସାରରେ ଅବତୀର୍ଣ୍ଣ ହେବାର ସୁବିଧା ତୋତେ ଭଗବାନ୍ ଦେଇଅଛନ୍ତି । ଏହି କଥା ଗୁଡ଼ିକ ମୋ କାନରେ ପ୍ରବେଶ କଲା—ଅଳ୍ପ ସୁସ୍ଥ ହେଲି । ରାତିତମାମ କେବଳ ବେଦନାରେ ଛଟପଟ ହୋଇ, ଦୁଶ୍ଚିନ୍ତା, ଭୟ ଓ ବଳାପପୂର୍ଣ୍ଣ ହୃଦୟ ଓ ଅର୍ଦ୍ଧଚେତନ ଅବସ୍ଥାରେ ରାତିଟି ପୁହାଇ ଦେଲି । ମୋ ପାଖରେ ଗୋପବନ୍ଧୁ ଓ ନୀଳକଣ୍ଠଙ୍କର କଥାନୁସାରେ କେତେକ ବାଳକ ଜଗିରହିଲେ । ଆଶ୍ଚର୍ଯ୍ୟ ହରିହର, ନୀଳକଣ୍ଠ ମଧ୍ୟ ସେ ରାତିରେ ଅନିଦ୍ରା ରହି ମୋର ଅବସ୍ଥା ଦେଖୁଥିଲେ । କାନ୍ଦ-ଉଠିଲାବେଳେ ବୁଝାଉଥାନ୍ତି । ସକାଳୁ ଦୁଇଜଣ ଲୋକଙ୍କ ସଙ୍ଗେ ମତେ ଗ୍ରାମକୁ ପଠାଇ ଦେଲେ । ସ୍କୁଲ ଶିକ୍ଷକ ରଘୁ ଭାଇନାଙ୍କୁ ଚିଠିରେ ଲେଖିଥିଲେ—ସେ ଦିନାକ ସେ ଗାଁରେ ରହିବେ ଓ ମୋର ଅବସ୍ଥା ଲକ୍ଷ୍ୟ କରିବେ । ପୁତ୍ର-ସନ୍ତାନ-ହରା ଜନନୀର ହୃଦୟ-ବିଦାରକ ହାହାକାର ଓ ମୋର ନିଜ ଜନନୀର ବିଳାପରେ ମୁଁ ସମସ୍ତ ଶିକ୍ଷା ଭୁଲି-ଯାଇ ଶୋକାତୁର ହୋଇ ପୁଣି ମୂର୍ଚ୍ଛିତ ପ୍ରାୟ ହୋଇଗଲି । ରଘୁଭାଇନା କହିଲେ—"ଚନ୍ଦ୍ର, ଆଜି ତୋ'ର କାନ୍ଦିବାକୁ ମଧ୍ୟ ବେଳନାହିଁ । ଷରଦ୍ୱାରହରା ମାନଙ୍କ ପାଇଁ ଖାଦ୍ୟ ସାମଗ୍ରୀ ପଠାଇବାକୁ ହେବ,

GPNanda Colln., Digitized by srujanika@gmail.com

ଶୁଦ୍ଧିଘର କରିବାକୁ ହେବ—ଏମାନଙ୍କୁ ପୋଷିବାକୁ ହେବ । ବୁଝୁଁ ଦେଖ, ଗୁରୁଆଁଡେ ତୋ କାମ କରିବାକୁ ଆଉ କେହି ନାହିଁ ।" ପୂର୍ବ-ଦିନର ଶିକ୍ଷା ଏବଂ ସେଦିନର ଉଦ୍‌ବୋଧନ ସେହି ମୁହୂର୍ତ୍ତରେ ମତେ ଧୈର୍ଯ୍ୟଶୀଳ କରିଦେଲା । ମୁଁ ଠିଆହୋଇ ମୁହଁ ପୋଛିଦେଲି । କାର୍ଯ୍ୟରେ ଲାଗିଗଲି—ଆଉ କାନ୍ଦିନାହିଁ । ଆଗରୁ କହିଅଛି, ୧୯୨୦ ସାଲର ପୂର୍ବ ସମାଜ ଆଜି ଆଉ ନାହିଁ । ସହାନୁଭୂତିଶୀଳ ଗ୍ରାମବାସୀମାନେ ମୋତେ ସାହାଯ୍ୟ କରିଦେଲେ । ଗୋଟିଏ ଅଧଲା ବା ପଇସାରେ ଗୁଡ଼ଳ ମଧ ଘରେ ନଥିଲା, କିନ୍ତୁ ଶୁଦ୍ଧିଘର ହୋଇଗଲା । ଦାରୁଣ ଦୁଃଖ ପ୍ରହାର ଜର୍ଜ୍ଜରିତ ମୋର ବାଲ୍ୟ କଳେବରରେ ସେ ବାରଦିନ ଯାକ ବଳ ନଥିଲା । ମୋତେ କାନ୍ଧେଇକରି ନେଇ ତୁଠକୁ ଯାନ୍ତି, ସେଠାରୁ କାନ୍ଧେଇ କରି ଆଣନ୍ତି । ଦଶାହ ଦିନ ସନ୍ଧ୍ୟାରୁ ଶୋଇ ପଡ଼ିଲି । କିପରି କଅଣ ହେଲା କିଛି ଜାଣେନାହିଁ ।

ମୋ କଥା ଭିନ୍ନ ଭିନ୍ନ ଗ୍ରାମରୁ ଆସୁଥିବା ବାଳକମାନେ ପ୍ରଚାର କରୁଥିଲେ । ଶୂନ୍ୟ ମରୁଭୂମି ପରି ମୋର ନିରନ୍ନ ଗୃହ ବର୍ତ୍ତମାନ ସମ୍ପୂର୍ଣ୍ଣ ନିରାଶ୍ରୟ—ତେଣୁ ପାଖ ବିଧାରପୁର ଗ୍ରାମରୁ ଲୋକମାନେ ଆସି ତାଙ୍କ ଗ୍ରାମ ବିଦ୍ୟାଳୟରେ ମୋତେ ଦ୍ୱିତୀୟ ଶିକ୍ଷକ କରି ରଖିବେ, ଘର ଚଳାଇବାକୁ ମାସକୁ ମାସ ଦଶଟଙ୍କା ଲେଖାଏ ଦେବେ ଏବଂ ପରେ ଟ୍ରେନିଂକୁ ପଠାଇବେ—ଏହା ମୋର ବୃଦ୍ଧ ବୃଦ୍ଧ ଗ୍ରାମବାସୀଙ୍କୁ କହିଲେ । ମୋତେ ଆସି ସମସ୍ତେ ପଚାରିଲେ, ମୁଁ ବୋଉକୁ କହିଲି "ଆଉ ପଢ଼ିବି ନାହିଁ ?" ଏତିକିରେ ମୋର ଜନନୀ କହିଲେ "ମୁଁ ଧାନକୁଟି ଚଳିବି । ଘରପାଇଁ ଚିନ୍ତା କରିବା ତୋ'ର କିଛି ଦରକାର ନାହିଁ । ତୁ ଯେତେ ଇଚ୍ଛା ପଢ଼ ।" ସତ୍ୟବାଦୀ—ବିଦ୍ୟାଳୟର ହୃଦୟଭେଦୀ ଶିକ୍ଷାର ପ୍ରେରଣା ମୁଁ ଧାରଣ କରୁଥିଲି ଏବଂ ସେହି ଉପାଦେୟ ଉପଦେଶାବଳୀ ଠାରୁ ଧନାର୍ଜ୍ଜନକୁ ମୂଲ୍ୟବାନ ମନେ କରୁ

GPNanda Colln., Digitized by srujanika@gmail.com

ନଥିଲି ! ଶୁଙ୍ଖଘର ପରେ ବୋର୍ଡିଂକୁ ଆସିଲି । ମୋର ମନେହେଲା—ମୋ ପ୍ରତି ଶିକ୍ଷକ ମାନଙ୍କର ସସ୍ନେହ ଦୃଷ୍ଟି ଅଧିକ ସ୍ନେହସିକ୍ତ ହୋଇଛି ।

ସରସ ସୁନ୍ଦର ଓ ପ୍ରାଣସ୍ପର୍ଶୀ ଶିକ୍ଷାର ପ୍ରଭାବ—

ବିଦ୍ୟାଳୟର ପଢାପଢି ସରସ, ସୁନ୍ଦର ଓ ପ୍ରାଣସ୍ପର୍ଶୀ ହୋଇଥାଏ । ସାହିତ୍ୟ ପଢିଲା ବେଳେ ଆମ୍ଭମାନଙ୍କ ଶିକ୍ଷକ ଏପରି ସୁନ୍ଦର ଭାବରେ ବୁଦ୍ଧଦେବଙ୍କ ଜୀବନୀ ପଢାଇ ଥିଲେ ଯେ, ମୁଁ ଓ ମୋର ଜଣେ ସହ-ପାଠୀ (ରାମବାବୁଙ୍କ ଶାଳକ) ସେଥିରେ ତନ୍ମୟ ହୋଇଗଲୁଁ । 'ଏ ଜୀବନ ବୀଣା ଶବ୍ଦର ତୁଲ୍ୟ, ଦୁଇଖଣ୍ଡ କାଷ୍ଠର ଘର୍ଷଣରେ ଜାତ ଅଗ୍ନିକଣା ତୁଲ୍ୟ' ଇତ୍ୟାଦି ବୈରାଗ୍ୟ—ବ୍ୟଞ୍ଜକ ଏବଂ ବୁଦ୍ଧଦେବଙ୍କ ପ୍ରାପ୍ତ ଗୁରୁଗୋଷ୍ଠି ସତ୍ୟ ଉପରେ ଚିନ୍ତାକରି ଦୁହେଁ ସ୍ଥିର କଲୁଁ ଯେ ଆମ୍ଭେମାନେ ସଂସାରରେ ରହିବା ନାହିଁ । ନିବିଡ ଜଙ୍ଗଲରେ ରହି ଈଶ୍ୱର ଉପାସନାରେ ସମୟ ଦେବା ଜୀବନର ପରମ ପୁରୁଷାର୍ଥ । ଏହା ସ୍ଥିର ଦିନେ ଉପରବେଳା ଆମେ ଦୁହେଁ ସ୍କୁଲଛାଡ଼ି କଟକ ଅଭିମୁଖରେ ପଦବ୍ରଜରେ ପଳାଇଗଲୁଁ । ସତ୍ୟବାଦୀ ବିଦ୍ୟାଳୟ ସମ୍ପର୍କରେ ଆମ୍ଭମାନଙ୍କର ଭ୍ରମଣ ବୃତ୍ତାନ୍ତ ଦେବା ନିଷ୍ପ୍ରୟୋଜନ । ଆମ୍ଭେମାନେ ଆସି କଟକର କାଠଯୋଡ଼ୀ କୂଳରେ ପହଞ୍ଚିଲୁ । ଯାହା କିଛି ପଇସା ଥିଲା, ତାକୁ ଦେଇ ନଦୀ ପାର ହେଲୁଁ । କୂଳେ କୂଳେ ଯାଇ କଲେଜୀ ହତା ପାରେ ଠିଆ ହେଲୁଁ । ଭାବୁଥିଲୁଁ ନଈ କୂଳେ କୂଳେ ଗଲେ ଗଡଜାତ ଜଙ୍ଗଲ ସବୁ ପଡିବ । କଟକ ସହର ବିଷୟରେ ଆଗରୁ କିଛି ଜାଣି ନଥିଲୁ । ପଳାତକ ବ୍ୟକ୍ତିମାନେ କିପରି ଜଣା ପଡନ୍ତି । ସେତେବେଳେ କଚେରୀ ଛୁଟି ହେଉଥିବାରୁ (ସନ୍ଧ୍ୟା ୫ଟା) କଚେରି ଅମଲାମାନେ ଫେରୁଥିଲେ । କେତେଲୋକ ଆମମାନଙ୍କୁ ସନ୍ଦେହ କରି ଏଣୁ ତେଣୁ ପଚାରିବାରୁ ଡିଷ୍ଟ୍ରିକ୍ଟ ବୋର୍ଡରେ କାର୍ଯ୍ୟ କରୁଥିବା

GPNanda Colln., Digitized by srujanika@gmail.com

ଆମ୍ଭ ଗ୍ରାମର ଜଣେ ବ୍ୟକ୍ତିଙ୍କ ନାମ ମୁଁ କହି, ତାଙ୍କ ଘର ଦେଖାଇ ଦେବାକୁ ଜଣଙ୍କୁ ଅନୁରୋଧ କଲି । ସେ ନେଇ ଆମ ଦୁହିଁଙ୍କୁ ଛାଡଦେଇ ଆସିବାକୁ ପ୍ରସ୍ତୁତ ହେଉଛନ୍ତି, ଏତିକିବେଳେ ମାନନୀୟ ପୂର୍ବପରିଚିତ ଶ୍ରୀ ବାସୁଦେବ ମହାପାତ୍ର ନଣ୍ଡିକୂଳରେ ଆମମାନଙ୍କୁ ଦେଖି ବିସ୍ମିତ ହେଲେ । ସେ ତାଙ୍କ ବସାକୁ ଆମକୁ ନେଲେ । ମେସ୍‌ରେ ଥାଇ ପରୀକ୍ଷା ଦେବା ପାଇଁ ସେ ପ୍ରସ୍ତୁତ ହେଉଥିଲେ । ସନ୍ଧ୍ୟାପରେ ସେ ଆମ୍ଭମାନଙ୍କୁ ଅତି ଓଜସ୍ୱିନୀ ଭାଷାରେ ସଂସାରରେ ରହି ଈଶ୍ୱରୋପାସନା ଓ ନିର୍ଲିପ୍ତ କର୍ମ ସାଧନର ଆବଶ୍ୟକତା ବୁଝାଇଲେ । ତାଙ୍କର ସେ ପରାମର୍ଶ ଓ ଶିକ୍ଷା ମୋ ପ୍ରାଣରେ ବର୍ତ୍ତମାନ ମଧ୍ୟ ଜାଗରୂକ ଅଛି । ଖାଇ ଶୋଇଲୁ । ପାହାନ୍ତିଆରେ ସେ ଆମକୁ ସଙ୍ଗରେ ନେଇ ସହରର ବିଭିନ୍ନ ବୁଲି ରାସ୍ତାରେ ବୁଲାଇ ଷ୍ଟେସନରେ ପହଞ୍ଚିଥିଲେ । ନୀଳକଣ୍ଠ ବାବୁ ବିରକ୍ତ ହେବେ ବୋଲି ଆମେ ଦୁହେଁ ଡରୁଥିଲୁଁ । ସେ ଖଣ୍ଡିଏ ଚିଠି ଲେଖି ଦେଇଥାନ୍ତି । ଆମ ପାଖରେ ପଇସା ନଥିଲା । ସେ ଦୁଇଖଣ୍ଡି ଟିକଟ କିଣି ଆମ୍ଭମାନଙ୍କୁ ସତ୍ୟବାଦୀ ଫେରାଇ ଦେଲେ । ସତ୍ୟବାଦୀରେ ଛୁଟି ସମୟରେ ଅଳ୍ପଦିନ ତାଙ୍କର ଅବସ୍ଥାନ କାଳରେ ସେ ମୋତେ ଭଲକରି ଜାଣିଥିଲେ । ମୋତେ ବିଶ୍ୱାସ କରୁଥିବାରୁ ସେ ଜାଣିଥିଲେ ଯେ ମୋର ମନ ବଦଳିଛି—ଆମ୍ଭେମାନେ ଅନ୍ୟଅତେ ଯିବୁନାହିଁ ।

ବାଳକମାନଙ୍କ ଅପରାଧର ନିରପେକ୍ଷ ନ୍ୟାୟ-ବିଚାର—

ସତ୍ୟବାଦୀରେ ପହଞ୍ଚି ଶୁଣିଲୁଁ—ଗୁରୁଆଡେ ଆମ୍ଭମାନଙ୍କୁ ଖୋଜିବା ପାଇଁ ଦୁଇଜଣ ଶିକ୍ଷକ ଓ କେତେକ ବାଳକ ଯାଇଛନ୍ତି । ନୀଳକଣ୍ଠ ବାବୁ ଭାରି ବିରକ୍ତ । ମୋ ସଙ୍ଗେ ଯାଇଥିବା ମୋର ସହପାଠୀ ରାମବାବୁଙ୍କର ଶାଳକ । ରାମବାବୁ ବଡ ଦୁଃଖିତ ଥିଲେ । ବିଦ୍ୟାଳୟର ପ୍ରାଙ୍ଗଣରେ ଆମ୍ଭେମାନେ ଭୟରେ ଭୟରେ ପ୍ରବେଶ କଲୁ । ସଙ୍ଗେ ସଙ୍ଗେ

GPNanda Colln., Digitized by srujanika@gmail.com

ବୋର୍ଡିଂରେ ଥିବା ଶିକ୍ଷକମାନେ ଗୋପବନ୍ଧୁ ବାବୁ ଓ ନୀଳକଣ୍ଠ ଦୁହିଙ୍କ ପାଖରେ ପହଞ୍ଚିଗଲେ । ଆମେ ଦୁଇ ଅପରାଧୀ ନାଆ ହେଲୁ । ମୁଁ ହାତୋଛି ବାସୁବାବୁଙ୍କ ଠାରୁ ଆଣିଥିବା ପତ୍ରଟି ନୀଳକଣ୍ଠ ବାବୁଙ୍କୁ ଦେବା ପାଇଁ ରାମ ବାବୁଙ୍କ ହାତକୁ ବଢାଇଦେଲି । ସେ ନୀଳକଣ୍ଠଙ୍କୁ ସେ ପତ୍ରଟି ଦେଲେ । ନୀଳକଣ୍ଠ ବାବୁ ପଢିସାରି, ଗୋପବନ୍ଧୁଙ୍କୁ ଦେଲେ । ଦୁହେଁ କାହିଁକି ହଠାତ୍ ପ୍ରଫୁଲ୍ଲ ଦିଶିଲେ । ଗୋପବନ୍ଧୁ ବାବୁ କହିଲେ— ଯାଅ ଗାଧୁଆ ପାଧୁଆ, ଖିଆ ପିଆ କରି ଇସ୍କୁଲକୁ ଯିବ । (ଆମେ ଦୁହେଁ ସେ ଚିଠି ପଢି ନଥିଲୁ—ବାସୁବାବୁ ମନା କରିଥିଲେ) । ସେଦିନ ଶନିବାର—ଛାତ୍ରମାନଙ୍କର ଉପରବେଳା ମିଟିଂରେ ଆମ କଥା କୁହା-ଯିବ ବୋଲି ପ୍ରଚରିତ ହୋଇଗଲା—ଲଜ୍ଜା ଓ ସଂକୋଚରେ ମୁଁ ଛନ୍ନ-ପର ଯାଇ ସଭାରେ ବସିଲି ।

ଘଟନା ଦୃଷ୍ଟିରେ ଉପଯୁକ୍ତ ଶିକ୍ଷଣୀୟ ବକ୍ତୃତା—

ନୀଳକଣ୍ଠ ବାବୁ ଗୋପବନ୍ଧୁ ବାବୁଙ୍କ ନିର୍ଦ୍ଦେଶରେ ବକ୍ତୃତା ଆରମ୍ଭ କଲେ । ସେ ଯାହା କହିଲେ ତାହା ମୋ ଜୀବନରେ ବହୁତ କାର୍ଯ୍ୟ କରିଥିଲା । ତାହାର ସାରମର୍ମ—ଚନ୍ଦ୍ର ଓ ବାମଦେବ (ମୋର ପଳାତକ ସଙ୍ଗୀ) ବୁଦ୍ଧଦେବ-ଚରିତ ପଢି ସନ୍ନ୍ୟାସ ଧାରଣ କରିବା ପାଇଁ ବୋର୍ଡିଂରୁ ପଳାଇ ଯାଇଥିଲେ । ଘଟନା ଚକ୍ରରେ ପଡି ସେମାନେ ଫେରି ଆସିଛନ୍ତି । ସେଥିପାଇଁ ଆମେ ଶିକ୍ଷକମାନେ ସେମାନଙ୍କୁ ସ୍ନେହ-ଦୃଷ୍ଟିରେ ଦେଖୁଛୁଁ । ମୋର ପ୍ରାଣରେ ଅପାର ଆନନ୍ଦ ଯେ ଆମ ବିଦ୍ୟାଳୟର ଶିକ୍ଷା ପ୍ରାଣସ୍ପର୍ଶୀ ହେଉଛି । ପୁସ୍ତକଗତ ବର୍ତ୍ତମାନ ଶିକ୍ଷକ-ମାନେ ସୁନ୍ଦର ଭାବରେ ପଢାଉଛନ୍ତି ଏବଂ ବାଳକମାନେ ଗ୍ରହଣ କରୁ-ଛନ୍ତି । ମାତ୍ର ଈଶ୍ୱର ତତ୍ତ୍ୱ ଓ ସାଧନାର ପନ୍ଥା ଲୋକେ ଠିକ ଧରି ପାରନ୍ତି ନାହିଁ । ଅବାଙ୍ମନସଗୋଚର ଭଗବାନଙ୍କର ତତ୍ତ୍ୱା-ନୁସନ୍ଧାନରେ ସାବଧାନ ରହିବାକୁ ହେବ । ସଂସାର କ୍ଷେତ୍ରରେ ନିଷ୍କାମ

GPNanda Colln., Digitized by srujanika@gmail.com

କର୍ମ-ସାଧନହିଁ ପ୍ରକୃତ ଈଶ୍ୱରୋପାସନା । 'ଦୁଇଖଣ୍ଡ କାଷ୍ଠର ଘର୍ଷଣରେ ଉତ୍ପନ୍ନ ଅଗ୍ନିକଣା ତୁଲ୍ୟ ଏ ଜୀବନ ପ୍ରଜ୍ୱଳିତ ହୋଇ ମୁହୂର୍ତ୍ତକେ ନିର୍ବାଣ ପ୍ରାପ୍ତ ହୁଏ' ଏ କଥା ସେ ଦୁହିଙ୍କ ପ୍ରାଣରେ ପ୍ରବେଶ କଲା । ମାତ୍ର ଏହି-ଠାରେ ବୁଝିବାକୁ ହେବ—ନିରନ୍ନ ଅସହାୟ ପରିବାରରେ ଆଶ୍ରିତ ମାନଙ୍କୁ ତ୍ୟାଗକରି ଈଶ୍ୱରୋପାସନା କଲେ ମନୁଷ୍ୟ ସ୍ୱର୍ଗ ବା ଈଶ୍ୱର କଦାପି ପାଏନାହିଁ । ସେ ନରକକୁ ଯାଏ । ଯେଉଁ ଭଗବାନଙ୍କର ସୃଷ୍ଟି କର୍ମ ପ୍ରବାହରେ ସଜୀବ, ଶୃଙ୍ଖଳିତ ରହିଅଛି ସେଥିରେ ନିଷ୍କର୍ମାର ସ୍ଥାନ ନାହିଁ । ଏହି ମର୍ମରେ ଶାସ୍ତ୍ରବାକ୍ୟ ଉଦ୍ଧାର କରି ପ୍ରାଞ୍ଜଳ ଭାବରେ ସେ ଯେଉଁ ଦୀର୍ଘ ବକ୍ତୃତା ଦେଇଥିଲେ, ସେ ସଭାରେ ଥିବା ସମସ୍ତ ବାଳକ ଓ ଶିକ୍ଷକ ଅତି ଆଗ୍ରହରେ ଅନନ୍ୟମନସ୍କ ହୋଇ, ଉଦ୍‌ଗ୍ରୀବ ଓ ନୀରବ ଭାବରେ ଶୁଣିଲେ । ମୋର ବିଶ୍ୱାସ ହେଲା ଯେ ଈଶ୍ୱରୋପାସନାର ଗୂଢ ରହସ୍ୟ ସବୁ ପ୍ରାଣରେ ପ୍ରବେଶ କରିଅଛି । ସେ କହିଲ ପରେ ଗୋପବନ୍ଧୁ ନିଜେ ତାଙ୍କର ସ୍ୱଭାବ ସୁନ୍ଦର ସରସ ବାକ୍ୟାବଳୀରେ ଗୋଟିଏ କ୍ଷୁଦ୍ର ଭାଷଣ ଦେଇ, ସତ୍ୟବାଦୀ ବିଦ୍ୟାଳୟର ଗଠନ, ଅଭି-ବୃଦ୍ଧି ଇତ୍ୟାଦିରେ ଜୀବନପାତ କରିବାରେ ସେ ଜୀବନର ସାର୍ଥକତା କଳ୍ପନା କରନ୍ତି ବୋଲି ବୁଝାଇଦେଲେ । ମୋତେ ଠିଆ କରାଇ ପଚାରିଲେ—ଜଣେ ଧନୀ ଗୃହସ୍ଥର ଦୁଇଜଣ ମୂଲିଆ ବିଲ ହଳକରିବାକୁ ଗଲେ । ଜଣେ ଭାରି ପ୍ରଭୁଭକ୍ତ—ସେ ବୃକ୍ଷ ମୂଳରେ ବସି ଅର୍ଦ୍ଧକାଳଏ କହିବ—"ମୋର ଖାମିନ୍ଦ ଭାରି ଭଲ, ତାଙ୍କ ଅନ୍ନଜଳରେ ମୋର ଓ ମୋ ପରିବାରର ଜୀବନ—ସେ ଭାରି ଦୟାଳୁ"—ଏହିପରି କହି ସେ ପ୍ରଭୁଙ୍କୁ ଧ୍ୟାନ କରିବ । ଅଳ୍ପ କାମ କରିବ । ଅନ୍ୟଜଣେ ଲଙ୍ଗଳ ଯୋଚି ହଠାତ୍ ହଳ କରିବ । ଖାମିନ୍ଦ କଥା ଭାବିବନାହିଁ । କଠିନ ପରିଶ୍ରମ କରି ବହୁତ ବିଲ ହଳ କରି ଫେରିବ । ଦୁହେଁ ମଜୁରି ମାଗିବେ । ପ୍ରଭୁ କାହାକୁ ଆନନ୍ଦରେ ମଜୁରି ଦେବେ ? ମୁଁ ଉତ୍ତର ଦେଲି—"ଯେ

GPNanda Colln., Digitized by srujanika@gmail.com

କାମ କରିଥିବ ।" ଗୋପବନ୍ଧୁ ବାବୁ ସେଠାରେ ବକ୍ତୃତା ସାରି ବସିଲେ । ଆଣ୍ଠଫୀର କଥା କେହି ଆମକୁ ଥଟ୍ଟା ପରିହାସ କଲେ ନାହିଁ । ସେହିଦିନୁ ମୋ ସଙ୍ଗେ ବହୁତ ଭଲ ଭଲ ଲୋକ ସଙ୍ଗୀ ହୋଇଗଲେ ; ମୋର କର୍ମମୟ ଜୀବନ ସରସ ହୋଇଗଲା ।

ହେଡ଼ ମାଷ୍ଟରଙ୍କ ଚିନ୍ତାଶୀଳତା ଓ ଶିକ୍ଷାଦାନ—

ଦୁଇ ଦିନ ପରେ ନୀଳକଣ୍ଠ ବାବୁ ସାହିତ୍ୟ ଶ୍ରେଣୀକୁ ଯାଇ ନିଜେ 'ବୁଦ୍ଧଦେବ' ବିଷୟଟି ପ୍ରାଞ୍ଜଳ ଭାବରେ ବୁଝାଇ ଦେଲେ । ସେହିଦିନୁ ସେ ଅଧିକାଂଶ ଶ୍ରେଣୀର ପଢାବେଳେ କ୍ଲାସ ପରିଦର୍ଶନ କରୁଥିଲେ । ସେ ବିଦ୍ୟାଳୟର କି ଶାନ୍ତିମୟ ବାତାବରଣ ଥିଲା କେଜାଣି, ନୀଳକଣ୍ଠଙ୍କର ବୟୋଜ୍ୟେଷ୍ଠ ଶିକ୍ଷକମାନେ ମଧ୍ୟ ନୀଳକଣ୍ଠଙ୍କ ଶିକ୍ଷାଦାନ-ବିଷୟକ ଉପଦେଶାବଳୀ ଗ୍ରହଣ କରୁଥିଲେ । ଗୋପବନ୍ଧୁ ବାବୁ ବିଦେଶରୁ ଫେରି ଯେତେଦିନ ରହୁଥିଲେ, ସେ ସମୟରେ ସେ ମଧ୍ୟ ବେଳେ ବେଳେ ଭିନ୍ନ ଭିନ୍ନ ଶ୍ରେଣୀରେ ଯାଇ ଶିକ୍ଷା ଦେଉଥାନ୍ତି ।

ନେତୃବୃନ୍ଦଙ୍କର ସସ୍ପୃହ ସହଯୋଗ—

ସେବର୍ଷର ଗ୍ରୀଷ୍ମାବକାଶ ଆରମ୍ଭର ପୂର୍ବଦିନ ମିଶ୍ରର ଦାସ୍, କଲେଜିଏଟ୍ ସ୍କୁଲର ହେଡ଼ ମାଷ୍ଟର ନୀଳକଣ୍ଠଙ୍କର ସହପାଠୀ ବନ୍ଧୁ ଶ୍ରୀ ଜଗନ୍ନାଥ ମହାପାତ୍ର, ଶ୍ରୀ ଜଟେବନ୍ଧୁ ସିଂହ ପ୍ରଭୃତି କେତେକ ନେତା ସ୍କୁଲ ନିର୍ମାଣ ସମ୍ପର୍କୀୟ ଏବଂ ଅନ୍ୟାନ୍ୟ କେତେକ ବିଷୟ ସମ୍ପର୍କୀୟ ଆଲୋଚନା ପାଇଁ ଆସିଥିଲେ । ଛୁଟିରେ ପିଲାମାନେ ଘରକୁ ଯିବେ । ସେଦିନ ଗୋଟିଏ ବଡ ଭୋଜିର ଆୟୋଜନ ହୋଇଥାଏ । ସେହିବର୍ଷ ଠାରୁ ପ୍ରତ୍ୟେକ ବର୍ଷ ଗ୍ରୀଷ୍ମଛୁଟିର ପୂର୍ବଦିନ ଭୋଜି ହେବାର ବ୍ୟବସ୍ଥା ପଡ଼ି ଯାଇଥିଲା । ପିଲାମାନେ ବୁଢାବୁଢୀ ମାନଙ୍କ ସଙ୍ଗରେ ମିଶି କାମ କରୁଥାନ୍ତି । ବଡ ବଡ ପିଲାମାନେ ପରିବା କାଟିବା, ପାଣି ବୋହିବା

GPNanda Colln., Digitized by srujanika@gmail.com

ଇତ୍ୟାଦିର ଭାର ନେଇଥାନ୍ତି । ମୁଁ ସେମାନଙ୍କ ସଙ୍ଗେ ପାଣିବୁହାରେ ମାଏ । ଠିକ୍ ସନ୍ଧ୍ୟା ପରେ ବିଦ୍ୟାଳୟର ଖୋଲା ପ୍ରାଙ୍ଗଣରେ ସମସ୍ତ ଛାତ୍ର ଓ ଶିକ୍ଷକ ତଥା ଆଗନ୍ତୁକ ଭଦ୍ରବ୍ୟକ୍ତିମାନଙ୍କର ମିଳନ ହେଲା । ପ୍ରଥମେ ଜଗନ୍ନାଥ ବାବୁ ଗୋପବନ୍ଧୁ, ନୀଳକଣ୍ଠ, କୃପାସିନ୍ଧୁ, ଗୋଦାବରୀଶ ପ୍ରଭୃତିଙ୍କ ଛାତ୍ର ଜୀବନର ଆଦର୍ଶ ବୁଝାଇ, କର୍ମମୟ ଜୀବନରେ ସେମାନଙ୍କର ଏବଂ ସେମାନଙ୍କ ଠାରୁ ଶିକ୍ଷା ପାଉଥିବା ଯୁବକ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ବିଦ୍ୟାଳୟ ପ୍ରତି ଛାତ୍ର ମାନଙ୍କର ଆକର୍ଷଣ ଜନ୍ମିବା ଭଳି ଏକ ଗୁରୁତ୍ୱ ପୂର୍ଣ୍ଣ ଭାଷଣ ଦେଲେ ।

କୁଳବୃଦ୍ଧ ମଧୁସୂଦନ ବା ମିଷ୍ଟର ଦାସ

ପରେ ଅନ୍ୟମାନେ କିଛି କିଛି କହିବା ପରେ ମିଷ୍ଟର ଦାସଙ୍କର ସ୍ୱଭାବ ସୁଲଭ ଗୁରୁ ଗମ୍ଭୀର ଉତ୍ସାହ ଦାୟକ ଓ ପ୍ରେରଣା ମୂଳକ ବକ୍ତୃତା ଆମ୍ଭେମାନେ ନୂଆକରି ଶୁଣିଲୁଁ । ସେ କହିଲେ—(ସାରମର୍ମ) ଏ ବିଦ୍ୟାଳୟ ଧନରେ ଗଢା ହୋଇନାହିଁ, ରକ୍ତ ମାଂସ, ମସ୍ତିଷ୍କରେ ଗଢା ହୋଇଛି । ଗୋପବନ୍ଧୁ—ନୀଳକଣ୍ଠଙ୍କୁ ମୁଁ ବହୁତଦିନୁ ଜାଣେ । ସେ ଦୁହେଁ ଏବଂ ଯେଉଁ କୃପାସିନ୍ଧୁ ଗୋଦାବରୀଶ ଆସିଛନ୍ତି—ଏ ସମସ୍ତେ କେବଳ ଏ ବିଦ୍ୟାଳୟରେ ସମ୍ପୃକ୍ତ ନୁହନ୍ତି । ପରାଧୀନ ଭାରତର ଓ ଖଣ୍ଡବିଖଣ୍ଡିତ ଓଡ଼ିଆ ଜାତିର ମୁକ୍ତି ସାଧନ ପାଇଁ ଏମାନେ ପ୍ରାଣଦେଲା ଦେଇଛନ୍ତି । ତୁମେ ପିଲାମାନେ ଏମାନଙ୍କ ପାଖରେ ବସି, ଶୋଇ, କାମକରି, ପଢି, ଯେତେବେଳେ ଯୁବକ ହେବ ସେତେବେଳେ ଉତ୍କଳ ଜନନୀର ଶହ ଶହ ଗୁଣୀ ସନ୍ତାନ ଏ ଦେଶର ନାୟକ ହେବେ । ଘର ପୋଡ଼ିଗଲା, ଇଟାର କାନ୍ଥ ଭାଙ୍ଗିଗଲା—ବିଦ୍ୟାଳୟର ଗୃହ ରକ୍ତମାଂସ ଦ୍ୱାରା ଗଢା ହୋଇଛି । ସରକାର ସନ୍ଦେହ ଦୃଷ୍ଟିରେ ଆମର ଏ ଅନୁଷ୍ଠାନକୁ ଦେଖୁଛନ୍ତି—ସି, ଆଇ, ଡି, ଲଗିଛନ୍ତି । ମାତ୍ର ସରକାର

GPNanda Colln., Digitized by srujanika@gmail.com

ଜାଣିଲେ ଏଠାରେ ତୋପ କମାଣ୍ଡର ଯୁଦ୍ଧପାଇଁ ନମାଇ । ତିଆରି ହେଉ ନାହାନ୍ତି । ଗୌରବ ଯୋଦ୍ଧା ଗଢ଼ା ହେଉଛନ୍ତି । ତୁମ୍ଭେ ଲୋକମାନେ ତୁମ ଅନୁଷ୍ଠାନକୁ ଭକ୍ତି ଓ ସମ୍ମାନ କର, କରୁଛ ବୋଲି ତୁମ୍ଭମାନଙ୍କର କାର୍ଯ୍ୟକଳାପରୁ ମଧ୍ୟ ମୁଁ ଜାଣୁଛି । କେବେ ମନେ କରନାହିଁ ଯେ ଧନ ନାହିଁ ବୋଲି ଏଠାରେ ଏ ଅନୁଷ୍ଠାନ ଗଢ଼ାହୋଇ ପାରିବ ନାହିଁ । ଧନ ଜୀବନର ଉପାୟ ମାତ୍ର । ସ୍ୱାଧୀନ ମନୁଷ୍ୟର ସାଧୁ ଚେଷ୍ଟା ବିଫଳ ହୁଏନାହିଁ । ଏ ସମ୍ପର୍କରେ ସେ ଗୋଟିଏ ସୁନ୍ଦର ଉଦାହରଣ ଦେଇଥିଲେ—ତାହା ଏପର୍ଯ୍ୟନ୍ତ ମୋର ମନରେ ଅଛି ଏବଂ ଜୀବନର ଶେଷଯାଏଁ ରହିଥିବ । ସେ କହିଲେ—'ନଈ ବଢ଼ି ଗୁହପାଖ ହୋଇଛି, ଲୋକେ ପାରି ହେଉଛନ୍ତି । ନାଉରୀକୁ ପଇସା ନଦେଲେ ସେ ତୁମ୍ଭଙ୍କୁ ପାରି କରାଇ ଦେବ ନାହିଁ । ତୁମ୍ଭ ପାଖରେ ପଇସା ନାହିଁ । ତଥାପି ତୁମ୍ଭର ଲୋକସେବା ପାଇଁ (ନିଜପାଇଁ ନୁହେଁ) ଅନ୍ୟ ପାଖକୁ ଯିବାର ଅଛି । ତୁମ୍ଭେ ନାଉରିକି ନକହ, ଖୋସାମଦ ନକର ନଈକି ଡେଇଁ ପଡ଼, ପହଁରିବାକୁ ଚେଷ୍ଟାକର—ବେକାବୁ ହେବା ଆଗରୁ ବହୁତ ଲୋକେ ତୁମ କଥା ଭାବିବେ, ନାଉରି ଆପେ ଆପେ ତୁମ୍ଭଙ୍କୁ ନାଆକୁ ଟେକିନେବ ।' ଆଜି ନିଃସମ୍ବଳ ଉଦ୍ୟୋକ୍ତା—ତୁମ୍ଭର ଏହି ଶିକ୍ଷକମାନେ ନଈକୁ ଡେଇଁଛନ୍ତି—ଆମ୍ଭେମାନେ ସେମାନଙ୍କୁ ବେକାବୁ ହେବାକୁ ଦେବୁ ନାହିଁ ।" ଏ ସବୁ ବକ୍ତୃତା ପରେ ଆମ୍ଭେମାନେ ଫେରିଗଲୁଁ ।

ପ୍ରାୟ ରାତି ସାଢେ ନଅ ବା ଦଶ ବେଳକୁ ନୀଳକଣ୍ଠ ବାବୁ ଡକାଇଛନ୍ତି ଶୁଣି ମୁଁ ଗଲି । ମିଷ୍ଟର ଦାସ ପ୍ରମୁଖ ଆଗନ୍ତୁକ ମାନେ ସେହି ଖୋଲା ସ୍ଥାନରେ ଥିଲେ । ଉପର ଶ୍ରେଣୀ ମାନଙ୍କର କେତେକ ଭଲ ଭଲ ଛାତ୍ର—ଯେଉଁମାନେ ସ୍କୁଲର ସକଳ କାର୍ଯ୍ୟରେ ଶିକ୍ଷକ ମାନଙ୍କ ସଙ୍ଗରେ ଥିଲେ, ଏବଂ ସମସ୍ତଙ୍କର ପ୍ରିୟ ଥିଲେ ସେମାନେ

GPNanda Colln., Digitized by srujanika@gmail.com

ଠିଆ ହୋଇଥାନ୍ତି । ସେ ସମସ୍ତଙ୍କୁ ସମାନ ସ୍ନେହ କରୁଥିଲେ । ମୁଁ ସିଦ୍ଧା ମାତ୍ରକେ ଗୋପବନ୍ଧୁ ବାବୁ ପଚାରିଲେ—"ଯେଉଁ କାଳୀ ଗାଈଟି ଏହି ପଡିଆରେ ଚରୁଛି ସେ ମୋ କଟକଙ୍କ ଗାଈ" ଯାର ଇଂରେଜୀ କହି ପାରିବ ? ମୁଁ ଠିକ୍ ଉତ୍ତର ଦେଲି । ମିଷ୍ଟର ଦାସ ପଚାରିବାରୁ ମୁଁ ମାଇନର ସେକେଣ୍ଡ କ୍ଲାସର ଛାତ୍ର ବୋଲି ହେଡ଼ ମାଷ୍ଟର ମହାଶୟ କହିଲେ । ଗୋପବନ୍ଧୁ ବାବୁ ବୁଝାଇ ଦେଲେ ଯେ "ଏ ସବୁ ପିଲାମାନେ—ଭିନ୍ନ ଭିନ୍ନ ବିଦ୍ୟାଳୟରୁ ଆସିଛନ୍ତି, ଏମାନେ ଭଲ ପିଲା —ମାତ୍ର ପାଠପଢାରେ ଯାହା ଖରାପ ଅଛି, ସେଥିପାଇଁ ପ୍ରାଣପଣ କରି ଶିକ୍ଷକମାନେ କାମ କରନ୍ତି, ମାତ୍ର ମୂଳରୁ ପଢା ହୋଇଥିବା ପିଲାମାନେ ଭିନ୍ନ ପ୍ରକାର ହେବେ । ସେହିଦିନ ମିଷ୍ଟର ଦାସ ଇଂ, କୋଚିଂ କ୍ଲାସ ଦେଖିଥିବା କଥା ଶୁଣିଲେ ଏବଂ ଆନନ୍ଦରେ ଗୋପବନ୍ଧୁ ବାବୁ ନୀଳକଣ୍ଠ ବାବୁଙ୍କୁ କୁଣ୍ଢାଇ ପକାଇଲେ । ମୋତେ ଲଜ୍ଜା ଲାଗିଲା, ମୁଁ ପଳାଇ ଆସିଲି, ମାତ୍ର କାଳେ ସେହି ଉପସ୍ଥିତ ଛାତ୍ରମାନଙ୍କୁ କଷ୍ଟ ଲାଗିଥିବ, ଏଥିଲାଗି ଗୋପବନ୍ଧୁ ବାବୁ ସେ ପିଲାମାନେ ଯେପରି ବିଦ୍ୟାଳୟର ସହାୟତା କରୁଛନ୍ତି ଏବଂ ଚରିତ୍ରବାନ୍ ଆଦର୍ଶ ଛାତ୍ର ରୂପେ ଗଠିତ ହେଉଛନ୍ତି, ତାହା ଭଲକରି ବୁଝାଇ ଦେଲେ । ମୁଁ ଶୁଣିଲି, ମିଷ୍ଟର ଦାସ ସେମାନଙ୍କୁ ବଡ଼ ଆଦର କଲେ ଓ ଭଲକରି ପଢି ଭଲ ଫଳ ସେମାନେ ଦେଖାଇଲେ ସ୍କୁଲର ମୂଳଦୁଆ ପକାଇବେ ବୋଲି ବୁଝାଇ ଦେଲେ । ଗୋପବନ୍ଧୁ ବାବୁଙ୍କର ହୃଦୟପୂର୍ଣ୍ଣ କୋମଳ ବ୍ୟବହାରରେ ସେହି ସେହି ଛାତ୍ରମାନେ ଅପମାନିତ ବୋଧ କରି ନଥିଲେ, କାରଣ ସେହି ବାଳକମାନେ ଛୁଟି ପରଠାରୁ ମୋତେ ପଢିବାରେ ଏବଂ ଅନ୍ୟାନ୍ୟ ବହୁ ସ୍ଥାନରେ ସାହାଯ୍ୟ କରିବାକୁ ଆରମ୍ଭ କଲେ ।

GPNanda Colln., Digitized by srujanika@gmail.com

ଚତୁର୍ଥ ଅଧ୍ୟାୟ

ସ୍କୁଲଘରତୋଳା ଓ ସାଧାରଣ ସ୍ନେହ—

ଗ୍ରୀଷ୍ମଛୁଟିରେ ଖୁବ୍ ଦ୍ରୁତଗତିରେ (୧୯୧୩) ଘରତୋଳା କାମ ଚାଲିଲା । ଯେଉଁ ଦିନ ନିଅଁରେ ଶୁଭ ଦିଆଗଲା, ତାହା ଏକ ସ୍ମରଣୀୟ ଦିବସ । ଶିକ୍ଷକମାନେ ସବୁ ପିଲାଙ୍କ ପ୍ରତି ଯଥୋଚିତ ସ୍ନେହ କରୁଥିଲେ । ଉପର ଶ୍ରେଣୀ ଠାରୁ ତଳଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ର ଭକ୍ତି-ସମ୍ମାନ-ପୂର୍ଣ୍ଣ ହୃଦୟରେ, କେହି ଆନନ୍ଦାଶ୍ରୁପୂର୍ଣ୍ଣ ନୟନରେ ସେ ଉତ୍ସବରେ ଦଣ୍ଡାୟମାନ ରହି ଦେଖୁଥାନ୍ତି । ସେହିବର୍ଷର ତିଆରି ଟଙ୍କା, ଅଧୁଲି, ସିକି, ଦୋଅଣି, ଅଣି ପ୍ରତ୍ୟେକ ମୁଦ୍ରାରୁ ଗୋଟିଏ ଲେଖାଏଁ, ଶିକ୍ଷକମାନଙ୍କର ନାମ ପ୍ରଭୃତି ଲେଖାଥିବା ଖଣ୍ଡିଏ କାଗଜ ଏକ ବୋତଲରେ ପୂରାଇ କାଠର ବାକ୍ସ ମଧ୍ୟରେ ରଖାଗଲା । ତାହା ନିଅଁର ଗର୍ତ୍ତରେ (ବାୟୁ କୋଣରେ) ରଖାଯାଇ ମାଟି ଭର୍ତ୍ତି କରାଗଲା । ସବୁ କଥା ନୀରବ ପ୍ରାର୍ଥନା ମଧ୍ୟରେ ହେଲା । ଉଲ୍ଲସିତ ପ୍ରାଣରେ ଆମେ ଛାତ୍ରମାନେ ଫେରିଲୁଁ ।

ନୀଳକଣ୍ଠ ଓ ଗୋପବନ୍ଧୁ ଅର୍ଥସଂଗ୍ରହ ପାଇଁ ବରାବର ବାହାରକୁ ଯାଉଥିଲେ । ଅନ୍ୟାନ୍ୟ ଶିକ୍ଷକମାନଙ୍କର ଗାମ୍ଭୀର୍ଯ୍ୟ ଓ ପୂର୍ଣ୍ଣପ୍ରାଣତାର ଅଭାବ ନଥିଲା । କଠିନ ପାଠ୍ୟନିର୍ଘଣ୍ଟର ଅନୁସରଣରେ ତିଳେମାତ୍ର ତ୍ରୁଟି ନ ଥାଏ । ସେ ବର୍ଷ ବହୁ ବଦାନ୍ୟ ବ୍ୟକ୍ତି ସ୍କୁଲକୁ ଆସୁଥିଲେ । ସଭା ସମିତି, ସମ୍ବର୍ଦ୍ଧନା ଓ ଯଥେଷ୍ଟ ଅର୍ଥ ପ୍ରାପ୍ତି ମଧ୍ୟ ହୋଇଥିଲା । ବର୍ଷଶେଷ ଆଡକୁ ଚଳିବା ଭଳି ଘର ହୋଇଗଲା । ସ୍କୁଲ ଶିକ୍ଷକ, ହେଡ-ମାଷ୍ଟର ଓ ସେକ୍ରେଟାରୀଙ୍କର ଧୃତି-ଉତ୍ସାହ-ସମନ୍ୱିତ କର୍ମ ପ୍ରବଣତାର ଉଦ୍‌ବୋଧନ ଗୌରବରେ ସମସ୍ତେ ଗ୍ରହଣ କରୁଥିଲେ ।

GPNanda Colln., Digitized by srujanika@gmail.com

ସାଧାରଣ-ଭୋଜନାଗାର—(କୁସଂସ୍କାର-ତ୍ୟାଗ)

ସ୍କୁଲ ଘର ତୋଳା ସମୟରେ ତିନିଶହ ଛାତ୍ର ଏକତ୍ର ବସି ଭୋଜନ କରିବା ଭଳି ହଲ୍ ଏବଂ ତତ୍ସଂଲଗ୍ନ ରୋଷେଇ ଘର ଏବଂ ଚତ୍ୱର ମଧ୍ୟ ନିର୍ମିତ ହୋଇଗଲା । ସେହି ହଲ୍‌ରେ ସ୍କୁଲର ସଭା-ସମିତି ବର୍ଷାଦିନେ ହେଉଥିଲା ଏବଂ ପରବର୍ତ୍ତୀ କାଳର ଶନିବାର ରାତିର ଅତି ଉପାଦେୟ କ୍ଲାସ୍ ମିଟିଂ ସେହିଘରେ ସବୁ ଋତୁରେ ହେଉଥିଲା ।

ବୋର୍ଡିଂ ପରିଚାଳନାର ନିୟମାବଳୀ କ୍ରମଶଃ ଗଠିତ ହେଉଥିଲା । ଗୋପବନ୍ଧୁ, ନୀଳକଣ୍ଠ ଉଭୟେ ଶିକ୍ଷାଦାନ ବିଷୟରେ କେବଳ ତତ୍ପର ନଥିଲେ । ଉତ୍ତମ ନାଗରିକତାର ବିକାଶରେ ବାଧା ଦେଉଥିବା ଜାତିଭେଦର ଅଯଥା କୁସଂସ୍କାର ଦୂର କରିବା ଦ୍ୱାରା ସତ୍ୟବାଦୀର ପିଲାମାନେ ଉତ୍ତମ ମନୁଷ୍ୟ ହେବେ—ଏହି କଳ୍ପନାରେ ଭିନ୍ନ ଭିନ୍ନ ମେସ୍ ଭାଙ୍ଗି ଦିଆଯାଇ କିପରି ସାଧାରଣ ଭୋଜନାଗାର ଓ ରନ୍ଧନ-ଶାଳା ହେବ—ତାହା କାର୍ଯ୍ୟକାରୀ ହେବ, ଏହି କଳ୍ପନା ଯେଣୁ ଆଗ ଘର ତିଆରି ହୋଇଗଲା । ୧୯୧୪ ସାଲର ପ୍ରଥମରେ ଅନେକ ଛାତ୍ର ଆସି ଭିନ୍ନ ଭିନ୍ନ ଶ୍ରେଣୀରେ ଯୋଗ ଦେଲେ । ସେହି ସମୟରେ ପ୍ରଥମ ପୃଥିବୀ-ମହାଯୁଦ୍ଧ ଲାଗିଗଲା । ଆମ୍ଭେମାନେ ରାଜନୀତିର ସବୁ କଥା —ସକଳ ଆହ୍ୱାନ ଶୁଣୁଥାଉ । ମହାତ୍ମା ଗାନ୍ଧିଙ୍କର ନାମ ସେହିବର୍ଷ ଶୁଣିଲୁ । ତତ୍ପୂର୍ବରୁ ମହାବୀର ତିଲକ, ଗୋଖଲେ ଆଦିଙ୍କ କଥା ଶୁଣିଥିଲୁ । ସଭା-ସମିତି ମାନଙ୍କରେ ଶିକ୍ଷକମାନେ ଦେଶର ସକଳ ପରିସ୍ଥିତି ପିଲାମାନଙ୍କୁ ସ୍ୱାଧୀନ ଭାବରେ କହନ୍ତି । ଆମ୍ଭେମାନେ ଶୁଣିଲୁ ଯେ ଯୁଦ୍ଧ ପରେ ଭାରତକୁ ସ୍ୱାଧୀନତା ମିଳିବ ବୋଲି ନିର୍ଭର ଆଶା ପୋଷିଥିବାରୁ ଗାନ୍ଧିଜୀ ସରକାରକୁ ସାହାଯ୍ୟ ଦେବା ପାଇଁ ଦୃଢ଼-ପରିକର । ଗୋପବନ୍ଧୁ ବାବୁ କେବଳ ସତ୍ୟବାଦୀର ନୁହନ୍ତି—ଦେଶର ବହୁତୋମୁଖୀ କାର୍ଯ୍ୟ କରି ମଧ୍ୟ ସେ ବିଦ୍ୟାଳୟ ପ୍ରତି ପୂର୍ବପରି

GPNanda Colln., Digitized by srujanika@gmail.com

ଅନୁରକ୍ତ ଥାଆନ୍ତି । ଦେଶ ସ୍ୱାଧୀନ ହେଲା ବେଳକୁ ସୁସଂସ୍କାର—ଶୀଳ ଯୁବକ ଗଠିତ ହୋଇଥିବେ—ଏହି ମର୍ମରେ ପିଲାମାନଙ୍କୁ ବୁଝାଇ ଦିଆଗଲା । ଏବଂ କିପରି ତାହା କାର୍ଯ୍ୟକାରୀ ହେବ ଏହା କଳ୍ପନା ଜଳ୍ପନାର ବିଷୟ ହେଲା । ପ୍ରଥମେ ପ୍ରଥମେ ଶିକ୍ଷକମାନେ ନିଜେ ସାଧାରଣ ମେସ ପରିଚାଳନ କରୁଥିଲେ । ପିଲାମାନେ କେବଳ ଟଙ୍କା ଦେଇ ନିଶ୍ଚିନ୍ତ ଥିଲେ ।

ପଦଯାତ୍ରାରେ ଭ୍ରମଣ—

ଯୁଦ୍ଧକାଳୀନ ପ୍ରାଥମିକ ପରିସ୍ଥିତି ବେଳେ ଦେଶପ୍ରାଣ ଆମ୍ଭମାନଙ୍କ ଶିକ୍ଷକମାନେ ପଢ଼ା ହେଉଥିବା ଛାତ୍ରମାନଙ୍କର ସର୍ବବିଧ ଜ୍ଞାନୋଦୟ ନିମନ୍ତେ ତତ୍ପର ହୋଇ ଉଠିଲେ । ହଠାତ୍ ଦିନେ ଶନିବାର ସଭାରେ ଘୋଷିତ ହେଲା ଯେ 'ଭ୍ରମଣ ଶିକ୍ଷାର ଅଙ୍ଗ'—ଅନ୍ୟାନ୍ୟ ସ୍ୱାଧୀନ ଦେଶ ମାନଙ୍କରେ ସରକାରୀ ସାହାଯ୍ୟରେ ଶିକ୍ଷାଳୟର ଛାତ୍ରମାନେ ଭିନ୍ନ ଭିନ୍ନ ଅଞ୍ଚଳ ପରିଦର୍ଶନ କରନ୍ତି । ପିଲାମାନେ ଭୁବନେଶ୍ୱର ଯାତ୍ରା କରିବେ—ପଦବ୍ରଜରେ ଯାତ୍ରା ହେବ—ଖଣ୍ଡଗିରି, ଉଦୟଗିରି ଓ ଧଉଳି ଗିରିର ଐତିହାସିକ ଗରିମା ଏବଂ ଭୁବନେଶ୍ୱର କାରୁକାର୍ଯ୍ୟ ଦେଖିବେ ଏବଂ ସେହି ସବୁ ବିଷୟକ ବିବରଣୀ ଲେଖିବେ । ଅଳ୍ପଦିନ ମଧ୍ୟରେ ପିଲାମାନେ ଚାନ୍ଦା ଦେଲେ । ଖାଦ୍ୟ ସାମଗ୍ରୀର ସକଳ ଉପକରଣ ଶଗଡ଼ରେ ଲଦି ପ୍ରଥମରୁ ଦଳେ ଛାତ୍ର (ସ୍ୱେଚ୍ଛାସେବକ) ପାଞ୍ଚମାଇଲ୍ ଦୂରରେ କ୍ୟାମ୍ପ୍ କଲେ । ଉପର ବେଳା ବାହାରି ସେଠାରେ ସମସ୍ତେ ପହଞ୍ଚିଲେ । ଦୁଇଟି ଧାଡ଼ିରେ ଆମ୍ଭେମାନେ ସଜ୍ଜିତ ହୋଇ ଶୃଙ୍ଖଳିତ ଭାବରେ ପାଦପକାଇ ଜଣେ ଜଣେ ମନିଟରଙ୍କ ଅଧୀନରେ ଦଳ ଦଳ ହୋଇ ଚାଲୁଥାଉଁ । ଶିକ୍ଷକମାନେ ପାଖେ ପାଖେ ଥାନ୍ତି । କ୍ୟାମ୍ପରେ ପହଞ୍ଚିବା ମାତ୍ରେ ସାନ୍ଧ୍ୟ କୃତ୍ୟ ସାରି

GPNanda Colln., Digitized by srujanika@gmail.com

ଦଳ ଦଳ ହୋଇ ଆସନ ପକାଇ ବସିଲୁ । ବୋର୍ଡିଂର ଶୃଙ୍ଖଳା ଅନୁସାରେ ଘଣ୍ଟା ବାଜିଲା—ଉପାସନା ହେଲା । ଶିକ୍ଷକମାନେ ପିଲାଙ୍କ ମେଳରେ ଥାଇ ଉପାଦେୟ ଐତିହାସିକ ଭୁବନେଶ୍ୱରରେ ଯାହା ଯାହା ଦେଖିବୁ ତାହା ଆଗରୁ କହୁଥିଲେ । ଖାଇବା ଘଣ୍ଟା ବାଜିଲା—ଖାଇ ସାରି ବିଶ୍ରାମ କରି, ଅତି ପ୍ରତ୍ୟୁଷରୁ ପୁଣି ପୂର୍ବ କଥିତ ନିୟମରେ ଯାତ୍ରା କଲୁ । ରାତିରୁ ଉଠି ଶଗଡ଼ ଘେନି ଦଳେ ସ୍ୱେଚ୍ଛାସେବକ ପିପିଲି ହାଟରେ ସହଜ ଜାଗା ସଫାସଫି କରି ରୋଷେଇର ଯୋଗାଡ଼ କରୁଥିବା ବେଳେ ଆମ୍ଭେମାନେ ପହଞ୍ଚିଗଲୁ । ପାଖ ଆଖ ବସ୍ତି ଅଞ୍ଚଳର ଲୋକ ଚଳନ୍ତି-ସତ୍ୟବାଦୀ-ବିଦ୍ୟାଳୟ ଦେଖିବାକୁ ଆସିଥିଲେ । ବହୁତ ସହାୟତା ମଧ୍ୟ କରିଥିଲେ । ଅତି ଆନନ୍ଦରେ ଗୁଆ-ସୁଖ ତଳ ହାଟ-ତୋଟାରେ ଖରାବେଳଟି କଟାଇ, ପୁଣି ଯାତ୍ରା ଆରମ୍ଭ କଲୁଁ । ପଙ୍କ୍ତିବଦ୍ଧ ଏତେ ପିଲାଙ୍କୁ ଦେଖିବାକୁ ସଡ଼କ କଡ଼ରେ ଲୋକେ ରୁଣ୍ଡ ହୋଇ ଥାଆନ୍ତି । ଭକ୍ତି-ବିନମ୍ର ଭାବରେ ଶିକ୍ଷକମାନଙ୍କୁ ଅଭିବାଦନ କରୁଥାଆନ୍ତି । ସନ୍ଧ୍ୟାରେ ଲିଙ୍ଗିପୁର ହାଟ, (ଭୁବନେଶ୍ୱର ମନ୍ଦିରରୁ ୨ ମାଇଲ ଦୂରରେ) ଦୟା—ଭାର୍ଗବୀ ସଙ୍ଗମ ସ୍ଥଳରେ କ୍ୟାମ୍ପ ହେଲା । ବଡ଼ ପବନ ହେଉଥାଏ । ନଦୀ କୂଳରେ ଜ୍ୟୋତ୍ସ୍ନାର ସୌନ୍ଦର୍ଯ୍ୟ ଓ ଶୀତଳ ପବନ ହେତୁ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ଉପଭୋଗ କରୁଥିଲୁ । କିନ୍ତୁ ସେ ସୁଆଡ଼େ ମନଇଚ୍ଛା ବୁଲିବାର କ୍ଷମତା ନାହିଁ । ଘଣ୍ଟା ବାଜୁଥାଏ, ଯାହାପରେ ଯାହା ହେବାର ହେଉଥାଏ । ପ୍ରଭାତ ପବନରେ ରୋଷେଇ କରିବା ଦଳଙ୍କର ହେବାରୁ ଆମ୍ଭେମାନେ ଖୋଲିଲା ଭଳି ଲୁଗାର ତାଡ଼ କରିଥାଉଁ । ସେ ରାତ କଟିଗଲା । ତହିଁଆର ଦିନ ଧଉଳି ଦର୍ଶନ । ଆମ୍ଭେମାନେ ଇତିହାସରୁ ମହାରାଜ ଅଶୋକଙ୍କ କାହାଣୀ ପଢ଼ିଥିଲୁ । ତାଙ୍କର ଅନୁଶାସନ ଫଳକ ଦେଖିବୁ—ଏ ଜିଜ୍ଞାସା ସମସ୍ତଙ୍କର ମନକୁ ଆଗ୍ରହାନ୍ୱିତ କରିଥିଲା । ଧଉଳି ଯିବା ମାର୍ଗର ପାର୍ଶ୍ୱରେ

GPNanda Colln., Digitized by srujanika@gmail.com

ପହଞ୍ଚିଗଲୁଁ । ବିଦ୍ୟାଳୟରୁ ଗଭୀର ଶିକ୍ଷା ପାଇଥିବାରୁ ଉତ୍କଳ-ଗୌରବ ଓ ମହିମାମୟ ସେହି ପୀଠ ଦର୍ଶନରେ ଆମ୍ଭମାନଙ୍କ ପ୍ରାଣରେ ସ୍ୱତଃ ଉଦ୍ଦୀପନା ଜନ୍ମିଥିଲା । ପୁଣି ନୀଳକଣ୍ଠଙ୍କର ଗାମ୍ଭୀର୍ଯ୍ୟ ପୂର୍ଣ୍ଣ କ୍ଷୁଦ୍ର ବକ୍ତୃତା ଶୁଣି ଆମ୍ଭେମାନେ ସମ୍ପୂର୍ଣ୍ଣରୂପେ ତାହାକୁ ଦେଖି ସାରି ମଧ୍ୟ ଫେରିବା ପାଇଁ ଇଚ୍ଛା କରୁ ନଥିଲୁଁ । ଯୁବକ ଶିକ୍ଷକମାନେ ମଧ୍ୟ ଆମ୍ଭମାନଙ୍କ ପରି ହୋଇଗଲେ । ପାହାଡ଼ ଉପରକୁ ଉଠି 'ଧଉଳି ଦେଖଇ ଦୟା ଦରପଣେ' ଏହି କଥାଟି ମନେ ପକାଇ ଦୟାନଦୀର ଶୋଭା ଦର୍ଶନ କଲୁଁ । ଛୁଟିରେ ଆସି ପଣ୍ଡିତ କୃପାସିନ୍ଧୁ ଓ ଗୋଦାବରୀଶ ମଧ୍ୟ ଥିଲେ । ମହାରାଜ ଅଶୋକ ଏହି ଧଉଳୀ ତଳରେ ଯୁଦ୍ଧ କରିଥିଲେ— ଏହି ସ୍ଥାନରେ ଦୟାନଦୀ ରକ୍ତାକ୍ତ ହୋଇଥିଲା— ଏହିଠାରେ ଅଶୋକ ବୀତରାଗ ହୋଇ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ଏହି ସବୁ କଥା ବୁଝାଇ ଶିକ୍ଷକମାନେ ଦେଶପ୍ରାଣରେ ତନ୍ମୟ ହୋଇ କେହି କେହି ଅଶ୍ରୁପାତ କରୁଥିଲେ । ଆମ୍ଭେମାନେ ନୀରବରେ ଶୁଣି ଏବଂ ଦେଶର ପ୍ରାଚୀନ ଇତିହାସର ଗୌରବରେ ଝଂକୃତ ହୋଇ ଫେରିଲୁ । କ୍ୟାମ୍ପରୁ ଉପରବେଳା ବାଟରେ ଗଲାବେଳେ ପ୍ରାଚୀନ-ରାଜପୁର ତୋଷାଳୀର ଭଗ୍ନାବଶେଷ ଦେଖି ଆମ୍ଭେମାନେ ଆତ୍ମବିସ୍ମୃତ ହୋଇଗଲୁଁ । ଭୁବନେଶ୍ୱରର ଡାକବଙ୍ଗଳାରେ ଆମ୍ଭମାନଙ୍କର କ୍ୟାମ୍ପ ହୋଇଥାଏ । ତହିଁ ଆରଦିନ ସକାଳେ ଭୁବନେଶ୍ୱର ମନ୍ଦିର ଦର୍ଶନ କରିବା ପୂର୍ବରୁ କେଦାରଗୌରୀ, ବ୍ରହ୍ମେଶ୍ୱର, ରାଜରାଣୀ ଏବଂ ଅନ୍ୟାନ୍ୟ ମନ୍ଦିର ମାନଙ୍କର ଦୃଶ୍ୟ ଦେଖି ଏବଂ ପ୍ରାଚୀନ ଉତ୍କଳର ଗୌରବ କାହାଣୀ ଶୁଣି, ଧାରଣା କରି ଆମ୍ଭମାନେ ଯୁଗପତ୍ ହର୍ଷ ବିଷାଦରେ ଆପ୍ଳୁତ ହେଲୁଁ । ରାଜରାଣୀ ମନ୍ଦିରର କଳା ସର୍ବୋତ୍କୃଷ୍ଟ । ସେହିସ୍ଥାନରେ ବହୁକ୍ଷଣ ବସିବା ବେଳେ ଉତ୍କଳର ଗୌରବ ବର୍ଣ୍ଣନ କରି କଥାଚ୍ଛଳରେ ଶିକ୍ଷକ ଗାଣୀ ବହୁ ଉପଦେଶ ଦେଇଥିଲେ । ସକାଳଠାରୁ ସେ ସବୁ

ଦୃଶ୍ୟ ଦେଖିସାରି ଉପର ବେଳା ଲିଙ୍ଗରାଜଙ୍କ ପ୍ରଧାନ ମନ୍ଦିର ଦେଖି, ସେ ବିଷୟରେ ଭଲରୂପେ ସବୁକଥା ଜାଣି, ଗରିଖିଆ ବୈଦ୍ୟନାଥ ଏବଂ କପିଳେଶ୍ୱର ମନ୍ଦିର ଦେଖିବାକୁ ଚଳିଁ । ଭୁବନେଶ୍ୱର ମାଇନର ସ୍କୁଲର ପିଲାମାନେ ଏବଂ ଶିକ୍ଷକମାନେ ଆମ୍ଭମାନଙ୍କର ବହୁ ସହାୟତା କରିଥିଲେ । ଏସ୍ଥଳରେ ଭୁବନେଶ୍ୱର ମନ୍ଦିରମାନଙ୍କର ବର୍ଣ୍ଣନା ନିଷ୍ପ୍ରୟୋଜନ ମନେ କରି ବର୍ଣ୍ଣନାରୁ କ୍ଷାନ୍ତ ହେଲି । ତହିଁ ଆରଦିନ ସକାଳୁ ଖଣ୍ଡଗିରି ଓ ଉଦୟ ଗିରି ଯାତ୍ରା କଲୁଁ । ଖଣ୍ଡଗିରିର ପାଦଦେଶରେ ବିଶାଳ ବଟବୃକ୍ଷ ତଳରେ ଆମ୍ଭମାନଙ୍କର କ୍ୟାମ୍ପ ହେଲା । ସେ ଦିନର ଭ୍ରମଣ ବୃତ୍ତାନ୍ତ ଚିର ସ୍ମରଣୀୟ । ଶିକ୍ଷକମାନଙ୍କର ଦେଶଭକ୍ତିପ୍ଲାବିତ ପ୍ରେରଣା ଓ ଉନ୍ମାଦନା-ଦାୟକ ଶିକ୍ଷାଗୁଡ଼ିକ ଆମ୍ଭମାନଙ୍କ ତରୁଣ ଓ ଯୁବକ ପ୍ରାଣରେ ପଶି ହୃଦୟତନ୍ତ୍ରୀକୁ ଝଂକୃତ କରି ଦେଉଥିଲା । ରାଣୀହଂସପୁର, ହାତୀଗୁମ୍ଫା ଆଦି ଅନୁଶାସନ ଦର୍ଶନ କାଳରେ ମହାବୀର ଉତ୍କଳ-ରାଜ ଶିରୋମଣି ଖାରବେଳଙ୍କ ପୂର୍ବ କାହାଣୀ ଶ୍ରବଣ କରି ଆମ୍ଭେମାନେ ସେକାଳ ଉତ୍କଳର ବ୍ରିଟିଶ୍ ପଦାନତ ଭୂମିର ଦୁର୍ଦ୍ଦଶା ତୁଳନା କଲୁଁ ଏବଂ ପରସ୍ପର କଥୋପକଥନ ଏବଂ ଆଲୋଚନାରୁ ଜଣାଗଲା ଯେ ଉତ୍କଳମାତାର ସନ୍ତାନ ବୋଲି ସମସ୍ତେ ଗର୍ବୋତ୍ଫୁଲ୍ଲ ହୋଇଥିଲେ ଏବଂ ମହାବୀର ଖାରବେଳଙ୍କ ଅନୁଶାସନ ଦେଖି କାଳସ୍ରୋତରେ ବଙ୍ଗାଣି ଉଠି ଆମ୍ଭେମାନେ ଗୌରବମୟ ଖାରବେଳ-ରାଜତ୍ୱ କାଳକୁ ଅଜାଣତରେ ଚାଲି ଯାଉଥିଲୁଁ । ସେତେବେଳେ ଭ୍ରମଣ ପାଇଁ ଭ୍ରମଣ ଏବଂ ଖଣ୍ଡଗିରି ଉଦୟ ଗିରି ଦର୍ଶନ ହେତୁ ଇତିହାସର ବର୍ଣ୍ଣନା କରାଯାଉଥିଲା ବୋଲି ବୁଝୁଥିଲୁଁ । ମାତ୍ର ପରିଣତ ବୟସରେ କି ଦୂରଦର୍ଶିତା ଏବଂ ଦେଶକୁ ନୂତନ ଭାବ ଓ ପ୍ରେରଣାରେ ଗଢ଼ିବା ଲାଗି ଆମ ଶିକ୍ଷକ ମାନଙ୍କର ଇଚ୍ଛା ଥିଲା ତାହା ଉପଲବ୍ଧି କଲି, ଆଶ୍ଚର୍ଯ୍ୟ ଲାଗେ । ବର୍ତ୍ତମାନ ଶିଶୁହିଁ

GPNanda Colln., Digitized by srujanika@gmail.com

ନିକଟ ଉଦ୍ୟାନରେ ଦେଶ-ମାତୃକାର ପୂଜକ । ତେଣୁ ତତ୍କାଳୀନ ଦେଶ-କାର୍ଯ୍ୟ ସଙ୍ଗେ ସଙ୍ଗେ ବାଳକ ମାନଙ୍କ ହୃଦୟ ଓ ମସ୍ତିଷ୍କ ଗଠନ କରିବାକୁ ସେମାନେ ବଡ଼ କଥା ବୋଲି ମନେ କରୁଥିଲେ । ଖଣ୍ଡଗିରିର ଜୈନ ମନ୍ଦିର, ଗୁମ୍ଫାମାନ ଓ ଗୁପ୍ତଗଙ୍ଗା ଦେଖି ଖାଇବେଳେ ବିଶ୍ରାମ କଲୁଁ । ଉପର ବେଳା ସ୍ୱାଧୀନ ଭାବରେ ଅନ୍ତତଃ କୌଣସି କୌଣସି ଶିକ୍ଷକଙ୍କ ସଙ୍ଗେ ଯାହାର ଯାହା ଇଚ୍ଛା ସେ ତାହା ଦେଖିବାର ଅନୁମତି ପାଇଲୁଁ । ସନ୍ଧ୍ୟାରେ ଫେରି ଆସି ଡାକବଙ୍ଗଳାରେ କିଛିକ୍ଷଣ ବିଶ୍ରାମ କଲୁ ଏବଂ ଛୋଟ ପିଲାମାନେ ରେଳଯୋଗେ ସତ୍ୟବାଦୀ ଫେରିଗଲୁଁ । ବୟସ୍କ ଛାତ୍ରମାନେ ପଦବ୍ରଜରେ ଆସି ଯଥାକାଳରେ ପହଞ୍ଚିଗଲେ ।

ବନ-ବିଦ୍ୟାଳୟ ଓ ଗୃହନିର୍ମାଣ—

ସେହି ବର୍ଷର ଶେଷ ଆଡ଼କୁ ବିଦ୍ୟାଳୟର ଅନେକ ନିର୍ମାଣ ହୋଇ ଯାଇଥିଲା । ସ୍କୁଲ୍ ଘରର ଛାତ ପଡ଼ି ଯାଇଥାଏ । ଆଉ ଘରର ଅଭାବ ରହିଲା ନାହିଁ । ବନ ବିଦ୍ୟାଳୟ ମଧ୍ୟ ଖୁବ୍ ଭଲ ଫଳ ଦେଖାଉଥିଲା । ବନବିଦ୍ୟାଳୟରେ କେହି ପଦଟିଏ ଛିଣ୍ଡାଇ ଧରା ପଡ଼ିଲେ ଦୁଇଅଣା ଜୋରିମାନା ଦେଉଥିଲେ ।

ଛାତ୍ରମାନଙ୍କର ସ୍ୱାଧୀନ ମତ-ପ୍ରକାଶ—

ସ୍କୁଲର ହାଇସ୍କୁଲ୍ କ୍ଲାସ ମାନଙ୍କରେ ପ୍ରଥମରୁ ଖୋଲା ହୋଇଥିବା ଦୁଇଟି ଶ୍ରେଣୀ ଆମ୍ଭମାନଙ୍କ ଉପରେ ଥିଲେ । ସେହି ଶ୍ରେଣୀ ମାନଙ୍କର ଭଲ ପଢୁଥିବା ବାଳକମାନେ ଓ ଉତ୍ତମ ଚରିତ୍ରବାନ ଛାତ୍ରମାନେ ବିଦ୍ୟାଳୟର ସବୁକଥା ଜାଣୁଥିଲେ ଏବଂ ଶିକ୍ଷକମାନେ ସ୍କୁଲ ପରିଚାଳନାର ଅନେକ ବିଷୟରେ ସେମାନଙ୍କର ମତ ନେଉଥିଲେ ।

GPNanda Colln., Digitized by srujanika@gmail.com

ଆମ ଶ୍ରେଣୀରେ ମୁଁ କେବଳ ଯୋଗ ଦେଉଥିଲି । ପ୍ରଥମରୁ ଗୋପବନ୍ଧୁ ବାବୁ ଏବଂ ଅନ୍ୟାନ୍ୟ ଶିକ୍ଷକମାନେ ଆମମାନଙ୍କର ଧାରଣା ଜନ୍ମାଇ ଥିଲେ ଯେ ପିଲମାନେ ସୀମା ମଧ୍ୟରେ ଥାଇ ସ୍ୱାଧୀନ ମତ ପ୍ରକାଶ କରିବେ ମାତ୍ର ମୋରସ୍ୱାର୍ଥ ନ ମତ ଦେବାରପ୍ରବୃତ୍ତି ନଥିଲା କି ଅବକାଶ ନଥିଲା । ମାଟ୍ରିକରୁ ସେକେଣ୍ଡ କ୍ଲାସର ଶେଷ ପରୀକ୍ଷାରେ ମୁଁ ପ୍ରଥମ ସ୍ଥାନ ଅଧିକାର ନ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛି ଏବଂ ପ୍ରଥମସ୍ଥାନ ଅଧିକାର କରିଥିବା ବାଳକ ଠାରୁ ତିନି ନମ୍ବର କମ୍ ପାଇଛି ବୋଲି ଶୁଣିଲି । ମାତ୍ର ମୁଁ ଜାଣିଥିଲି ଯେ ମୁଁ ଖୁବ୍ ଭଲ କରିଥିଲି । ଯେଉଁ ଦିନ ପ୍ରମୋସନ୍ ହେବ ସେଦିନ ଦଶଟା ବାଜିବା ସଙ୍ଗେ ସଙ୍ଗେ ଅଫିସରେ ଏକ ଦରଖାସ୍ତ ପକାଇ ଦେଲି ଯେ ମୋର ଖାତା ଆଉଥରେ ଦେଖାଯାଉ । ସେ ଦରଖାସ୍ତ ପଢି ହେଡ଼ ମାଷ୍ଟର ମହାଶୟ ଭାରି କ୍ରୁଦ୍ଧ ହେଲେ । ସବୁ ଶିକ୍ଷକ ଥାଆନ୍ତି—ଶ୍ରୀ କୃପାସିନ୍ଧୁ ମିଶ୍ର ମଧ୍ୟ ଥାଆନ୍ତି, ମତେ ଡକାଇ କହିଲେ "ତୁ ପ୍ରଥମ ହୋଇ ନପାରିବାରୁ ଶିକ୍ଷକମାନଙ୍କ ବିରୁଦ୍ଧରେ ଅଭିଯୋଗ କରୁଛୁ । ତୋର ଏ ଦୁଷ୍ଟାମି ସହିବାର ନୁହେଁ ।"

କୃପାସିନ୍ଧୁ ବାବୁ ଓ ଅନ୍ୟାନ୍ୟମାନେ କହିଲେ—ଆମ ସ୍କୁଲରେ ଏହା ଦୋଷାବହ ବୋଲି ଧରିବା ଠିକ୍ ହେବନାହିଁ । ଇଉନିଭରସିଟିକୁ ଆବେଦନ କଲେ, ସେମାନେ ମଧ୍ୟ ଆଉଥରେ ଦେଖନ୍ତି ।" ଏତିକିବେଳେ ଗୋପବନ୍ଧୁ ବାବୁ ଆସିଲେ । ସେ ସେଥିରେ ଏକମତ ହେଲେ ଏବଂ ହେଡ଼ ମାଷ୍ଟର ମହାଶୟ ପଚାରିଲେ "କେଉଁ କେଉଁ ଖାତା ଦେଖାଯିବ ।" ଅଙ୍କରେ ମୋର ସବୁଯାକ ଠିକ୍ ହୋଇଥିଲା, ମୁଁ ୯୦ ନମ୍ବର ପାଇଛି । ସେ ଖାତା ଦେଖିବାକୁ ଏବଂ ଓଡ଼ିଆ ଖାତା ଦେଖିବାକୁ କହିଲି । ଶିକ୍ଷକ ଅଙ୍କ ଖାତା ଆଣି ଦେଖାଇଲେ, ଗୋଟିଏ ଉତ୍ତର ଭୁଲରେ ଦେଖା ହୋଇନାହିଁ । ତେଣୁ

GPNanda Colln., Digitized by srujanika@gmail.com

ମୋର ଷଦେ ନମ୍ବର ହୋଇଗଲା ଏବଂ ମୁଁ ପ୍ରଥମ ହେଲି । ଅନ୍ୟ ଖାତା ଦେଖାଇବାର ପ୍ରୟୋଜନ ହେଲନାହିଁ, ମୋର ସେଦିନ ମନରେ ହେଲା ଯେ ଶିକ୍ଷକମାନେ ଧାରଣାରେ ପର୍ଯ୍ୟବସିତ ହୋଇ ପକ୍ଷପାତ ବିଚାର କରନ୍ତି ନାହିଁ । ମୋତେ କଠିନ ପରିଶ୍ରମ କରି ପ୍ରଥମ ସ୍ଥାନ ଅଧିକାର କରିବାକୁ ହେବ । ପୁଣି ଶିକ୍ଷକମାନେ ସ୍ଥାନପ୍ରାଣରେ ଗୁଣର ଓ ବିଦ୍ୟା-ବିକାଶର ଆଦର କରିବେ—ବାଳକର ନୁହେ, ଏ ଧାରଣା ମଧ୍ୟ ଜନ୍ମି ଗଲା ।

GPNanda Colln., Digitized by srujanika@gmail.com

ପଞ୍ଚମ ଅଧ୍ୟାୟ

ବିଦ୍ୟାଳୟର ଉନ୍ନତି ଓ ସରକାରଙ୍କ ସନ୍ଦେହ—

ତାହାର ପରବର୍ଷ ବିଦ୍ୟାଳୟର ନିୟମମାନ ସଂକଳିତ ଓ ଲିପିବଦ୍ଧ ହୋଇଥିଲା । ଅତେବ୍ ତିଆର ହୋଇଥିବା ଦୁଇସାହାଲ ୨୦ ବଖରା ଘର ବୋର୍ଡିଂରେ ପରିଣତ ହେଲା । ଛାତ୍ରାବାସରେ ଥିବା ଛାତ୍ରମାନଙ୍କର ନୈତିକ ସ୍ଥିତି, ପାଠପଢ଼ା ଓ ଚରିତ୍ର ସମ୍ବନ୍ଧରେ ଶିକ୍ଷକମାନଙ୍କର ତୀବ୍ର ଦୃଷ୍ଟି ଥାଏ । ସବୁଆଡୁ ଛାତ୍ର ଆସୁଥାନ୍ତି, ଏବଂ ଦୁର୍ଦ୍ଦାନ୍ତ, ଫେଲ୍ ହେଉଥିବା ବାଳକମାନଙ୍କର ଅଭିଭାବକମାନେ ସତ୍ୟବାଦୀରେ ଭଲ ପଢ଼ା ହେଉଛି ବୋଲି ଜାଣି ପିଲଙ୍କୁ ପଠାଉଥାନ୍ତି । ଜାତୀୟ ମାନବିକତାର ବିକାଶ ହେବ ବୋଲି ବଙ୍ଗର ଶିକ୍ଷିତ ଲୋକମାନେ ମଧ୍ୟ ପିଲମାନଙ୍କୁ ପଠାଉଥିଲେ । ସେବର୍ଷ ସବୁ ଶ୍ରେଣୀ ଖୋଲିଥାଏ, ମାତ୍ର ଇସ୍କୁଲଟି ଇଉନିଭରସିଟି ଠାରୁ ଅନୁମତି ପାଇ ନଥାଏ । ମଞ୍ଜୁରି ପାଇବା ପାଇଁ ଘର, ଖେଳପଡ଼ିଆ ଓ ବୋର୍ଡିଂ ଇତ୍ୟାଦି ନିୟମାନୁସାରେ ହେବାର କଥା । ଘର ଓ ବୋର୍ଡିଂ ପ୍ରାୟ ହୋଇଥିଲେ । ବର୍ତ୍ତମାନର ସାହିଗୋପାଳ ମନ୍ଦିର ପାଖ ପଡ଼ିଆଟି ଖେଳପଡ଼ିଆ ହୋଇଥାଏ । ବିଦ୍ୟାଳୟର କାର୍ଯ୍ୟ-କଳାପକୁ ସର୍କାର ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ । ଆମ୍ଭେମାନେ ଶୁଣୁଥାଉଁ ଯେ ପୁଲିସ୍ ରାତିରେ ଆସି ଗୋପନରେ ବୁଲି ବୁଲି ଯାଆନ୍ତି । ଆମ୍ଭେମାନେ ଶୁଣିଥିଲୁଁ ଯେ ହେଡ଼ ମାଷ୍ଟରଙ୍କ ପ୍ରକୋଷ୍ଠରେ ରାତି ଅଧରେ ବନ୍ଧୁକର ଶବ୍ଦରେ ଜଣେ ମନୁଷ୍ୟର ଛାଇ ପଡ଼ିଯିବାରୁ ତାଙ୍କର ଭୟ ମଧ୍ୟ ହୋଇଥିଲା । ଅତେବ ମଧ୍ୟ ଶୁଣୁଥିଲୁଁ ଯେ ଗୋପବନ୍ଧୁ ବାବୁ, ହେଡମାଷ୍ଟରେ ଏବଂ ଗୋଦାବରୀଶ ବାବୁ ପୁଲିସ୍ ଲୋକଙ୍କୁ ଭୟ କରୁ ନଥିଲେ ।

GPNanda Colln., Digitized by srujanika@gmail.com

ଛାତ୍ରାବାସର କ୍ରମ-ଉନ୍ନତି—

ଏହିବର୍ଷ ଏବଂ ତତ୍ ପରବର୍ତ୍ତୀ ୧୯୧୫ (ମୋର ୪ର୍ଥ ଶ୍ରେଣୀ ବା ବର୍ତ୍ତମାନର ୮ମ ଶ୍ରେଣୀ) ସାଲରେ ବିଦ୍ୟାଳୟର ଯାବତୀୟ ନିୟମ-ଗୁଡ଼ିକ ବିଧିବଦ୍ଧ ହୋଇ ଲିପିବଦ୍ଧ ହୋଇଗଲା । ସେହି ନିୟମ ଗୁଡ଼ିକ କାର୍ଯ୍ୟକାରୀ ହୋଇ ସ୍କୁଲଟି ଭାଙ୍ଗି ଯିବା ପର୍ଯ୍ୟନ୍ତ ରହିଥିଲା । ତେଣୁ କେବଳ ଘଟନା ଏବଂ କାର୍ଯ୍ୟକଳାପ ଗୁଡ଼ିକର ବର୍ଣ୍ଣନା କରାଯିବ, ବର୍ଷକୁ ବର୍ଷ ଘଟନାବଳୀର ଉଲ୍ଲେଖ ନିଷ୍ପ୍ରୟୋଜନ । ମାତ୍ର ଗୋଟିଏ ଘଟଣା (ସାମାନ୍ୟ ହେଉ ବା ବଡ ହେଉ) ରୁ ଅନ୍ୟ ଘଟନା, କଳ୍ପନା ବା ଯୋଜନାର ଜନ୍ମ ଘଟେ, ବଡ଼ ବଡ ମାନବଙ୍କ ଚିନ୍ତାର ବିକାଶ ଓ ପରିସ୍ଫୁରଣ ଛୋଟ ବା ବଡ ଘଟନାରୁ ଜନ୍ମେ । ତେଣୁ ସେହି ସେହି ବିଷୟଗୁଡ଼ିକ ସୂଚିତ ହେବ ଏବଂ ଏହିଁ ବର୍ଷେ ଦେଢବର୍ଷ ମଧ୍ୟରେ ଯେପରି ବିଧିବଦ୍ଧ ନିୟମାବଳୀ ରଚିତ ଓ କର୍ମପ୍ରଯୋଜିତ ହୋଇଥିଲା, ତାହା ଅତ୍ୟନ୍ତ ଉପଯୋଗୀ ଓ ଶିକ୍ଷାପ୍ରଦ—ତେଣୁ ଯଥାଶକ୍ତି ସେହି-ଗୁଡ଼ିକ ବର୍ଣ୍ଣିତ ହେବ ।

ମୋର ୪ର୍ଥ ଶ୍ରେଣୀର ବର୍ଷ (୧୯୧୫) ସାଲରେ ସ୍କୁଲ ଛାତ୍ରସଂଖ୍ୟା ପାଞ୍ଚଶହ ପାଏ ହୋଇଯାଇଥିଲେ । A, B ଦୁଇ ବ୍ଲକରେ ସ୍ଥାନାଭାବ ଘଟିବାରୁ ଦେଉଳ ପାଖର କଡରେ (ମନ୍ଦିରେ ସମ୍ମୁଖରେ) C, Block ତିଆରି ହୋଇ ଛାତ୍ରାବାସରେ ପରିଣତ ହେଲା । ପାଞ୍ଚଶହ ଛାତ୍ରଙ୍କ ମଧ୍ୟରୁ ତିନିଶହରୁ ଅଧିକ ଛାତ୍ର ଛାତ୍ରାବାସରେ ରହୁଥିଲେ । ଅଳ୍ପ ମାତ୍ର ଛାତ୍ର ଭିନ୍ନ ଭିନ୍ନ ଗ୍ରାମରୁ ଯା ଆସ କରି ପଢୁଥିଲେ । ମୁଁ ମାଇନର କ୍ଲାସରେ ଯେଉଁ ବର୍ଷ ଥିଲି ସେବର୍ଷ ପଣ୍ଡିତ ଗୋଦାବରୀଶ ମିଶ୍ର ଏମ୍, ଏ, ପାସ କରି ଆସି ସ୍କୁଲରେ ଯୋଗଦେଲେ । ସେ ପ୍ରଥମେ ବୋର୍ଡିଂରେ କିଛିଦିନ ରହି ପରେ ସପରିବାର ସ୍ୱତନ୍ତ୍ର ବସାକରି ରହିଥାନ୍ତି । ପଣ୍ଡିତ

GPNanda Colln., Digitized by srujanika@gmail.com

ନୀଳକଣ୍ଠଙ୍କ ସମାନ ତାଙ୍କର ସ୍କୁଲ ପ୍ରତି ଆକର୍ଷଣ ଥିଲା । ମାତ୍ର ପଣ୍ଡିତ ନୀଳକଣ୍ଠ ବରବର ଛାତ୍ରଙ୍କ ପରି ଛାତ୍ରାବାସରେ ରହୁଥାନ୍ତି । ସମସ୍ତେ ଛାତ୍ରାବସ୍ଥାରୁ ସେହି କଳ୍ପିତ ବିଦ୍ୟାଳୟର ସ୍ୱପ୍ନ—ଶିକ୍ଷକ ଥିବାରୁ ଆସିବା ପରେ ପରେ ଗୋଦାବରୀଶ ଛାତ୍ରମାନଙ୍କର ଶ୍ରଦ୍ଧା-ଭକ୍ତି ଭାଜନ ହୋଇ ପଡିଲେ ଏବଂ ବିଦ୍ୟାଳୟର ଗାମ୍ଭୀର୍ଯ୍ୟ ଓ ମହତ୍ତ୍ୱ ବେଶି ବଢିଗଲା ।

ସମାଜର ଆଦର—

ଅର୍ଥାଭାବ ମେଣ୍ଟାଇବା ପାଇଁ ଉଦ୍ୟୋକ୍ତାମାନେ କଠିନ ପରିଶ୍ରମ ଓ ସର୍ବଦା ଚିନ୍ତା କରୁଥିଲେ । ଆମ୍ଭେମାନେ ତାହା ଜାଣୁଥିଲୁଁ, କିନ୍ତୁ ସେ ବିଷୟରେ, ଛାତ୍ରମାନଙ୍କର ଉଦ୍‌ବେଗର କିଛି କାରଣ ନଥିଲା । ସ୍କୁଲଘର ତିଆରି ଚାଲିଛି । ଲାଇବ୍ରେରୀ କ୍ରମେ କ୍ରମେ ବଢୁଛି । ପୂର୍ବରୁ ଯେଉଁ ଲାଇବ୍ରେରୀ ପୋଡିଯାଇ ଥିଲା, ସେ ବର୍ଷର ତିଆରି ହେଉଥିବା ଲାଇବ୍ରେରୀ ତାହାଠାରୁ ବଡ । ପଡାପଢି ଚମତ୍କାର—ଛାତ୍ରାବାସର ନିୟମ ଓ ଶୃଙ୍ଖଳାରେ କିଛିମାତ୍ର ବ୍ୟାଘାତ ଜନ୍ମୁନଥିଲା । ଛାତ୍ରାବାସ ତିଆରି ହୋଇ ପିଲାମାନଙ୍କୁ ଜାଗା ଦିଆଯାଉଛି, ନଅଣ୍ଟ ହେଲେ ଆହୁରି ହେବ । ତେବେ ଛାତ୍ରମାନଙ୍କର ଆଉ ଦୁଃଖ, ଚିନ୍ତା, ଭାବନା, ନିରାଶା କାହିଁକି ହେବ ? ଉତ୍କଳର ବଡ ବଡ ନେତାମାନେ ଘନ ଘନ ଆସୁଛନ୍ତି—ଭିନ୍ନ ଭିନ୍ନ ଜିଲାରୁ ଧନୀ, ଜମିଦାର, ଉଚ୍ଚପଦସ୍ଥ କର୍ମଚାରୀମାନଙ୍କର ସନ୍ତାନମାନେ ନାମ ଲେଖାଇ ବାଡି ମାଟିରେ ତିଆରି, ଗୋବର ମାଟିର ଲିପା ଘରେ ମସିଣା ଉପରେ ଶୋଇବାରେ ଜୀବନ ଗଠନ କରୁଛନ୍ତି—ତେଣୁ ବିଶ୍ୱବିଦ୍ୟାଳୟରୁ ମଞ୍ଜୁରୀ ମିଳିନଥିଲେ ମଧ୍ୟ କ୍ରମବର୍ଦ୍ଧିଷ୍ଣୁ ସେହି ମହାପୀଠରେ ଭବିଷ୍ୟତ ପାଇଁ ନିରାଶାଜନକ ଚିନ୍ତା କାହାରି ନଥିଲା । ପ୍ରଥମେ ପ୍ରଥମେ 'ଜଣ' ଆନ୍ଦୋଳନ ହେଲେ କେବଳ ସେହି ଅନ୍ଦୋଳନ ଲାଗି ନୀଳକଣ୍ଠ ଓ ତାଙ୍କ ସହପାଠୀ

GPNanda Colln., Digitized by srujanika@gmail.com

ମାନଙ୍କ ପ୍ରତି ଲୋକଙ୍କର ଯେଉଁ ଭକ୍ତି ଭାବ ଥିଲା, ତାହା କ୍ରମଶଃ ଲୋପ ପାଇଗଲା । ସେ ଦିନ ବିଦ୍ୱାନ ନାଗ ରଖିଥିଲେ, ମାତ୍ର ପାଣ୍ଡିତ୍ୟକୁ ଲୋକ-ସମାଜ ତାଙ୍କୁ ଆଦରରେ ଗ୍ରହଣ କରୁଥିଲା ।

କେତେକ ଶିକ୍ଷକଙ୍କ ପରିଚୟ—

ଉପର ପରିଚ୍ଛେଦରେ ଯେତେ ଯେତେ ବିଷୟର ସୂଚନା ଦିଆ-ଗଲା, ସେ ସବୁଗୁଡ଼ିକ କ୍ରମବିକାଶ ଲଭିଥିଲେ, ଓ ପ୍ରତ୍ୟେକ ସୋପାନ କାର୍ଯ୍ୟକାରୀ କରି ହେଉ ହେଉ ସମଗ୍ରଟି ଗୋଟିଏ ଶୃଙ୍ଖଳିତ ନୀତି ହୋଇ ଉଠୁଥିଲା । ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ ଓ ସହଯୋଗୀ ଶିକ୍ଷକ ସମସ୍ତେ ପୂର୍ଣ୍ଣପ୍ରାଣରେ ଦେଶସେବା ବ୍ରତ ନେଇ ବିଦ୍ୟାଳୟରେ ଥିବାରୁ, ସରକାରଙ୍କ ବିନା ସାହାଯ୍ୟରେ ବିଦ୍ୟାଳୟ ଚାଲୁଥିବାରୁ, ଏଠାର ଶିକ୍ଷା-ପ୍ରଣାଳୀ ସ୍ୱତନ୍ତ୍ର ଥିଲା, ତଥାପି ଛାତ୍ରମାନେ ବିଶ୍ୱବିଦ୍ୟାଳୟର ସିଲାବସ ଅନୁସାରେ ପାଠ ପ୍ରସ୍ତୁତ କରି ପରୀକ୍ଷା ଦେବେ ଏବଂ ଭଲ କରିବେ ଏଥିଲାଗି ଶିକ୍ଷକମାନେ କଠୋର ପରିଶ୍ରମ ମଧ୍ୟ କରୁଥିଲେ । ଲାଇବ୍ରେରୀର ପୁସ୍ତକମାନ କିଣିବା ଲାଗି, ଘରତୋଳା ପାଇଁ, ବୋର୍ଡିଂ ନିର୍ମାଣ ନିମନ୍ତେ ଗୃହ ଚାନ୍ଦା-ଦାନ ଇତ୍ୟାଦିରୁ ମିଳୁଥିବା ଧନ ବ୍ୟୟିତ ହୋଇ ଯାଉଥିଲା—ସ୍କୁଲର ଶିକ୍ଷକମାନେ କେବଳ ଭତ୍ତା ପାଇଲା ଭଳି ସାମାନ୍ୟ ଅର୍ଥ ନେଉଥିଲେ । ଗୋଦାବରୀଶ ବାବୁ ହେଡ଼ମାଷ୍ଟର ଥିଲେ, କିନ୍ତୁ ତାଙ୍କର ନେତୃତ୍ୱ ଓ ହୁଏ, ସେ ସେତିକି ମାତ୍ର ଭଲ କରନ୍ତି । ଶ୍ରୀ ବାସୁଦେବ ମହାପାତ୍ର ଗରିବ ଥିଲେ । ଦେଶପ୍ରାଣ ଗୋପବନ୍ଧୁ ଓ ନୀଳକଣ୍ଠଙ୍କ ପ୍ରତି ତାଙ୍କର ଅପାର ଭକ୍ତି ଓ ଶ୍ରଦ୍ଧା ରହିଥିଲା । ଅତି ଉତ୍ତମ ଛାତ୍ର ଥାଇ ସେ କୃତିତ୍ୱର ସହିତ ଗ୍ରାଜୁଏଟ ହୋଇଥିଲେ । ବିଚାରିଥିଲେ, ସେ ନିଜ ପରିଶ୍ରମ ବଳରେ ନିଜେ ପରିବାର ଆଣନ୍ତେ ଏବଂ ଉନ୍ନତି ମଧ୍ୟ ପାଇପାରି ଥାଆନ୍ତେ । ମାତ୍ର ସତ୍ୟବାଦୀର ... ଦେଶଭକ୍ତ ହୃଦୟମାନ ଯୁବକମାନଙ୍କର

ଦେଶସେବାର କେନ୍ଦ୍ରସ୍ଥଳ ଥିବା ମନେ କରି ସେ ମଧ୍ୟ ପ୍ରଫୁଲ୍ଲ ମନରେ ଜୀବନ ବଳି ଦେଲେ । ଅତି ଅଳ୍ପ ମାତ୍ର ବେତନରେ ସେ ଯୋଗ ଦେଇଥିଲେ । ସେହିବର୍ଷ ମେଦିନୀପୁର ଅଞ୍ଚଳରୁ ସ୍ୱେଚ୍ଛା ପ୍ରଣୋଦନ ବି, ଏ, ପାସ୍ କରିଥିବା ଜଣେ ଯୁବକ (ତିଲକ ବାବୁ) ଆସି ସ୍ୱଳ୍ପ-ବେତନ (ଭତ୍ତା ମାତ୍ର) ନେଇ ସ୍କୁଲକୁ ଆସିଲେ ଏବଂ ପ୍ରଥମେ ବୋର୍ଡିଂର ସର୍ବସାଧାରଣ ମେସ୍‌ର ଭାର ତାଙ୍କୁ ଦିଆଯାଇଥିଲା । ଅତି ଦକ୍ଷତାରେ ସେ ତାହାର ପରିଚାଳନା କରୁଥିଲେ । ଅଧ୍ୟାପନା, ଲୋକ-ସେବାରେ ଡାକିମ୍ କରିବା, ଅନ୍ୟାନ୍ୟ ସମସ୍ତ କାର୍ଯ୍ୟାବଳୀ ବର୍ଣ୍ଣନ କରିବା ପୂର୍ବରୁ ପ୍ରଥମେ ଛାତ୍ରାବାସର ନିୟମାବଳୀ, ତାହାର କାର୍ଯ୍ୟ-କାରିତା ଏବଂ ସାଧାରଣ ଅଧ୍ୟାପନା ସଙ୍ଗେ ଛାତ୍ରାବାସର ଘନିଷ୍ଠ ସମ୍ପର୍କ ତାହା ବର୍ଣ୍ଣିତ ହେବ ।

ଛାତ୍ରମାନଙ୍କର ଜ୍ଞାନ-ପରିସର—

ସତ୍ୟବାଦୀ ବିଦ୍ୟାଳୟର ଆୟୁଷ ଖୁବ୍ କମ୍ ଥିଲା । ୧୯୧୪ ସାଲ ଠାରୁ ପ୍ରକୃତ ଗାମ୍ଭୀର୍ଯ୍ୟ ଦେଇ ତାହା ବଢ଼ି ଉଠିଥିଲା ଏବଂ ୧୯୨୧ ପରେ ତାହାର ମୃତ୍ୟୁ ଘଟିଲା । ଏହି ଅଳ୍ପ ସମୟ ମଧ୍ୟରେ ବିଦ୍ୟାଳୟର ପଠନ, ପାଠନ ପ୍ରଣାଳୀ, ଶିକ୍ଷକ-ଛାତ୍ରମାନଙ୍କର ସମ୍ବନ୍ଧ ଜନସେବା —ପଠନାତିରିକ୍ତ ବହୁବିଧ ଆଲୋଚନା, ଗବେଷଣା ଓ ଅନୁଶୀଳନୀ, ସତ୍ୟବାଦୀ ବିଦ୍ୟାଳୟର ଚରିତ୍ର ଗଠନକ୍ଷମତା ଇତ୍ୟାଦି ସମସ୍ତ କଥା ଦେଶର ବିଭିନ୍ନ ପ୍ରଦେଶରେ ଏବଂ ଦେଶର ବାହାରେ ମଧ୍ୟ ପ୍ରଶଂସିତ ହୋଇଉଠିଲା । ମାତ୍ର ଆମ୍ଭେମାନେ ଉତ୍ତମରୂପେ ଉପଲବ୍ଧି କରିପାରୁ ନ ଥିଲୁ—ଏବେ ପରିଣତ ବୟସରେ ଆହୁରି ଉପଲବ୍ଧି କରୁଛୁଁ —ସେ ଶିକ୍ଷକମାନେ ସର୍ବଦା ପିଲାମାନଙ୍କର ସାହଚର୍ଯ୍ୟ ଲୋଡ଼ୁଥିଲେ । ଗଣତନ୍ତ୍ର ଶାସନର ପୂର୍ଣ୍ଣ ବିକାଶ ସେ କ୍ଷେତ୍ରରେ ଗୋପବନ୍ଧୁ-ନୀଳକଣ୍ଠଙ୍କ ଦ୍ୱାରା

GPNanda Colln., Digitized by srujanika@gmail.com

ତନ୍ତ୍ରିତ, ନିଯୁକ୍ତ ଓ ପ୍ରଯୋଜିତ ହୋଇ ବିଦ୍ୟାଳୟଟି ଏକ ପରିବାର ପରି ହୋଇ ଉଠିଥିଲା । ତାହା ନ ହୋଇଥିଲେ—କଠୋର ଶୃଙ୍ଖଳା, ଶାସନ, ଦଣ୍ଡ ଓ ପରିଶ୍ରମ ମଧ୍ୟରେ, ବାଳକମାନେ ଆଧୁନିକ ମନୋବୃତ୍ତି ସମ୍ପନ୍ନ ହୋଇଥିଲେ ରହିପାରି ନ ଥାନ୍ତେ । ତଥାପି ଆମ୍ଭେମାନେ କୂପମଣ୍ଡୁକ ପରି କେବଳ ସତ୍ୟବାଦୀରେ ଆବଦ୍ଧ ନଥିଲୁଁ । ଭୁବନେଶ୍ୱରକୁ ପଦଯାତ୍ରା କରି ଯାବତୀୟ ଜ୍ଞାତବ୍ୟ ବିଷୟ ଜାଣିଲୁ—ଅନ୍ୟ ସ୍କୁଲ ପିଲାମାନଙ୍କର ପଠନ ଓ ଚରିତ୍ର ଲକ୍ଷ୍ୟ କଲୁ । ପରବର୍ତ୍ତୀ କୋଣାର୍କ ଓ ମାଳମାଧବଦର୍ଶନ ପାଇଁ ପଦବ୍ରଜରେ ଭ୍ରମଣ କରିବା ଦ୍ୱାରା ଲୋକମେଳରେ ଓ ଅନ୍ୟାନ୍ୟ ସ୍କୁଲମାନଙ୍କର ସଂସ୍ରବରେ ଆସିଲୁ । ସେ କାଳର ଏକମାତ୍ର ଜାତୀୟ ଅନୁଷ୍ଠାନ ଚିର ସ୍ମରଣୀୟ ମହାତ୍ମା ମିଃ ଦାସଙ୍କର ନିଯୁକ୍ତିତ ଓ ଅନୁଷ୍ଠାପିତ ଉତ୍କଳ ସମ୍ମିଳନୀରେ ଆମ୍ଭମାନଙ୍କ ଦାସେ ଆପଣେ ଓ ଶିକ୍ଷକମାନେ ତହିଁର ନେତା ଥିଲେ । ଆମ ସ୍କୁଲର ଛାତ୍ରମାନେ ବକ୍ତା, ଶ୍ରୋତା, ଦର୍ଶକ ଓ ସ୍ୱେଚ୍ଛାସେବକ ହିସାବରେ ଯୋଗ ଦେଉଥିଲୁ । ତେଣୁ ଆମ୍ଭମାନଙ୍କର ଜ୍ଞାନପରିସର ସୀମାବଦ୍ଧ ନଥିବାରୁ କର୍ମ ଆଦର୍ଶ କୂପ ମଣ୍ଡୁକ ପରି ଛାତ୍ରମାନେ ଯେ କଷ୍ଟ ସହୁଥିଲେ ତାହା ନୁହେଁ ।

ଗୁରୁକୁଳ ନିୟମାବଳୀ

ମୋର ମାଇନର କ୍ଲାସ (୧୯୧୪) ଦର୍ଶିତରେ ସତ୍ୟବାଦୀ ଗୁରୁକୁଳ ଆଶ୍ରମର ପ୍ରକୃତ ମୂଳଭିତ୍ତି ଦିଆ ଯାଇଥିଲା । କ୍ରମଶଃ ଛାତ୍ର ସଂଖ୍ୟା ବୃଦ୍ଧି ପାଇ ଛାତ୍ରାବାସ ଭରପୂର ହୋଇଗଲା । ବଡ, ସାନ, କଠୋର ଓ କୋମଳ ପ୍ରକୃତି ବିଶିଷ୍ଟ, ଧନୀ ଦରିଦ୍ର—ବହୁ ପ୍ରକାର ଛାତ୍ରଙ୍କର ସମାବେଶ ଘଟିଲା ଏବଂ ବୋର୍ଡିଂରେ ସମସ୍ତେ ରହିଲେ । ଅତି ଅଳ୍ପ ମାତ୍ର ଶିକ୍ଷକ ବାହାରେ ଥିଲେ ବା ନିକଟବର୍ତ୍ତୀ ଗ୍ରାମମାନଙ୍କରୁ

GPNanda Colln., Digitized by srujanika@gmail.com

ଆସି, ପଢାଇ, ସନ୍ଧ୍ୟାକୁ ଫେରୁଥିଲେ । ତେଣୁ ଛାତ୍ରାବାସକୁ ନିୟମ ଦ୍ୱାରା ଶୃଙ୍ଖଳିତ କରିବାର ପ୍ରୟୋଜନ ବୋଧ ହେଲା । ପ୍ରଥମେ ପ୍ରତି କୋଠରିରେ ଜଣେ ଜଣେ ମନିଟର ଥାଆନ୍ତି, ସେମାନେ ପିଲାମାନଙ୍କର ଶିକ୍ଷା ଦେଖୁଥିଲେ, ଚରିତ୍ରବିତ୍ତ ଲକ୍ଷ୍ୟ କରୁଥିଲେ, ଏପରିକି ଶାସନ କରିବାର ପ୍ରୟୋଜନ ହେଲେ ପିଲାମାନଙ୍କୁ ଦଣ୍ଡ ଦେବାର ଅଧିକାର ପାଇଥିଲେ । ମାତ୍ର ତିରିଶିଗୋଟି ବୋର୍ଡିଂ କୋଠରି ହୋଇଯିବା ହେଲେ ତିରିଶିଜଣ ମନିଟର୍ ପ୍ରୟୋଜନ । ସମସ୍ତେ ଉତ୍ତମ ଚରିତ୍ର ଓ ମେଧାବୀ ଛାତ୍ର ହୋଇଥିବା ପ୍ରୟୋଜନ । ପ୍ରଥମେ ଏହା ଚିନ୍ତାକରି ଶିକ୍ଷକମାନେ ଛାତ୍ରମାନଙ୍କ ସଙ୍ଗେ ବେଶି ସମ୍ପର୍କଶୀଳ ହେଲେ । ନିୟମ ହୋଇଥିଲା ଯେ ଶିକ୍ଷକମାନେ ବୋର୍ଡିରେ ରହିବେ; ପିଲାମାନଙ୍କର ଘର-ପଢାରେ ଯଥାଶକ୍ତି ସାହାଯ୍ୟ କରିବେ ଏବଂ ସେଥିପାଇଁ କାହାରିଠାରୁ ଦରମା ନେବେ ନାହିଁ—କୌଣସି ଶିକ୍ଷକ ଟିଉସନ୍ କରିବେ ନାହିଁ । ବିଭିନ୍ନ ଛାତ୍ର ଓ ଯୁବକ ଶିକ୍ଷକ ମାନଙ୍କର ଏକାତ୍ର ସମାବେଶ ହୋଇଥିବାରୁ, ଅବୈଧ ଆଚରଣ ଗୁଡ଼ିକ ମଧ୍ୟ ଫୁଟି ଉଠିଲା —ତାହା ସ୍ୱାଭାବିକ । ପ୍ରଥମେ ପ୍ରଥମେ ପଣ୍ଡିତ ନୀଳକଣ୍ଠ ଚରିତ୍ରଗତ ଦୁର୍ବଳତା ପ୍ରତି ଅତି ଅସହନ ଥାଇ, ନିଜେ କଠୋର ଦଣ୍ଡ ଦେଇ ପିଲାମାନଙ୍କୁ ଶାସନ କରୁଥିଲେ । ନିଜେ ଚରିତ୍ରବତ୍ତାର ଜ୍ୱଳନ୍ତ ଆଦର୍ଶ-ରୂପେ ବିରାଜିତ ହୋଇଥିବାରୁ ଭଲ ଛାତ୍ର ମାନଙ୍କର ବିହ୍ୱଳତା ଓ ଦୂଷିତ ଛାତ୍ରମାନଙ୍କର ଭୟର ସ୍ଥଳ ଥିଲେ । ମାତ୍ର ନିୟମ, ଶୃଙ୍ଖଳାରେ ସବୁକଥା ପରିଚାଳିତ ହେବା ଏବଂ ଗଣତନ୍ତ୍ର ନୀତିରେ ଛାତ୍ରମାନେ ଛାତ୍ରମାନଙ୍କର ସହାୟକ ହେବାର ଉପାଦେୟତା ସହସା ଉପଲବ୍ଧି କରି ଦିନେ ଗୋପବନ୍ଧୁ ବାବୁ ସମସ୍ତ ଛାତ୍ରଙ୍କୁ ଏକତ୍ର କଲେ ।

ଗଣତନ୍ତ୍ରର ବିକାଶ—

ନୀଳକଣ୍ଠ ବାବୁ ଗଣତନ୍ତ୍ର ନୀତିର ଉପକାରିତା ବୁଝାଇ ଦେଲେ । ସେଦିନ ପ୍ରାଚୀନ-ଗ୍ରନ୍ଥ ସମ୍ପାଦକ ପଣ୍ଡିତ ବିଶ୍ୱନାଥ ରଥ କାବ୍ୟତୀର୍ଥ

GPNanda Colln., Digitized by srujanika@gmail.com

ପ୍ରଥମଥର ବିଦ୍ୟାଳୟକୁ ଆସିଥିଲେ । ହେଡ଼ ମାଷ୍ଟର ମହାଶୟ ପ୍ରାଞ୍ଜଳ ଭାବରେ ବାଳକମାନଙ୍କୁ ଉଦ୍‌ବୋଧନ ଦେଇ ଜଣାଇ ଦେଲେ ଯେ ଶିକ୍ଷକ ଛାତ୍ର ସମସ୍ତେ ମିଶି ଗୋଟିଏ ପରିବାର । ଆଗକାଳର ଗୁରୁକୁଳ ଆଶ୍ରମର ଏ ଯୁଗକୁ ଖାପ ଖାଇଲା ଭଳି କେତେକ ନିୟମ ଓ କାର୍ଯ୍ୟକ୍ରମ ନେଇ ଆଧୁନିକ ଶିକ୍ଷା ପିଲାମାନେ ଲାଭ କରିବେ । ଭର୍ତ୍ତି ଭାରତୀୟ [illegible] ଶିକ୍ଷା ପାଶ୍ଚାତ୍ୟ ଭାବଧାରାରେ ପ୍ରଭାବିତ । ତେଣୁ ଗୁରୁକୁଳ ଆଶ୍ରମର ଶୃଙ୍ଖଳା, ଆନ୍ତର ବାହାର, ଯଥା ସମ୍ଭବ ଏହିଠାରେ ରଖାଯିବ— ଛାତ୍ର-ଶିକ୍ଷକ ଏକ ପରିବାର ପରି । ପ୍ରଥମେ ଯେଉଁମାନଙ୍କୁ ମନିଟର ରୂପେ ବଛା ଯାଇଥିଲା, ସେମାନଙ୍କୁ ବହୁତ କ୍ଷମତା ଦିଆଥିଲା । ତାହାର ସୁବ୍ୟବହାର କରି, ଅନ୍ୟାନ୍ୟ ମନିଟର ଯେପରି ତାଙ୍କରି ଆଦର୍ଶରେ ତିଆରି ହେବେ ଏକଥା ବୁଝାଇ ଦେଲେ । ଶିକ୍ଷା ଓ ଚରିତ୍ର ଉଭୟ ଦିଗରେ ଦୃଷ୍ଟି ଦେବାକୁ କହିଲେ । ତଥାପି, ଶିକ୍ଷକମାନେ ତଥା ଗୋପବନ୍ଧୁ ନିଜେ ଛାତ୍ରସମାଜ ପ୍ରତି ତୀବ୍ର ଦୃଷ୍ଟି ରଖି, ଉତ୍ତମ ଛାତ୍ରମାନଙ୍କ ପ୍ରତି ନଜର ରଖିଥାନ୍ତି । ସେମାନଙ୍କର ଅନୁସନ୍ଧାନ, ଚରିତ୍ର ପରୀକ୍ଷା ଏବଂ ନିର୍ବାଚନ ପ୍ରଣାଳୀ ଅତି ଚମତ୍କାର ଥିଲା । ଯୋଗେନ୍ଦ୍ରା ଗୋପବନ୍ଧୁଙ୍କର ସାମାନ୍ୟ କଥା ପଦକରୁ ଲୋକର ଅନ୍ତର ଜାଣିନେବା ଶକ୍ତି ଆଶ୍ଚର୍ଯ୍ୟଜନକ ଗୁଣ ଥିଲା ।

ତିରିଶି ଜଣ ମନିଟରଙ୍କ ମଧ୍ୟରୁ ତିନି ଚାରିଜଣ ସୁନାମ ଅର୍ଜ୍ଜନ କରିଥିଲେ । ବକ୍ତୃତାଗୁଡ଼ିକରେ ନୀଳକଣ୍ଠ ବାବୁ ଗୁରୁକୁଳର ଅନ୍ତର ବାହାରର ସୂଚନା ଦେଉଥିଲେ । ସେହି ମନିଟରମାନେ ରାତି ଚାରିଟା ବେଳୁ ପିଲାମାନଙ୍କୁ ଉଠାଇ ସ୍ନାନ କରାଉଥିଲେ । ଉପାସନା କଲା ପରେ କାର୍ଯ୍ୟ ଆରମ୍ଭ କରୁଥିଲେ । କଠୋର ଭାବରେ ଶାସନ କରି ଦଣ୍ଡ ଦେଉଥିବାରୁ ପଢ଼ିବା ସମୟରେ କୌଣସି ଛାତ୍ର ଅନ୍ୟମନସ୍କ ହେଉ

GPNanda Colln., Digitized by srujanika@gmail.com

ନିଥିଲେ କି ସମୟ ନଷ୍ଟ କରୁନଥିଲେ । ବେଶ ଭୂଷାର ସରଳତା, ନିରାଡ଼ମ୍ବର ବ୍ୟବହାର ଏବଂ କେତେକ ପରିମାଣରେ ରୁକ୍ଷ ସ୍ୱଭାବ ସେମାନେ ଫୁଟାଉଥିଲେ । ତେଣୁ ଶିକ୍ଷକମାନେ ବିଶେଷରେ ହେଡମାଷ୍ଟର ମହୋଦୟ ସେମାନଙ୍କୁ ଖୁବ୍ ଆଦର ଓ ସ୍ନେହ କରୁଥିଲେ ।

ନିଷିଦ୍ଧ ଅଭ୍ୟାସ ମାନ—

ସେତେବେଳେ ଯାହା ଯାହା କରିବା ନିଷିଦ୍ଧ ଥିଲା ତାହା କୁହାଯିବ । ଗୁଡ଼ାଖୁରେ ଦାନ୍ତ ଘଷିବା, ପାନ, ବିଡ଼ି, ଭାଙ୍ଗ ଇତ୍ୟାଦି ବ୍ୟବହାର କରିବା, ତାସ, ପଶା ପ୍ରଭୃତି ଆଳସ୍ୟଜନକ ଖେଳ ଖେଳି ସମୟ ନଷ୍ଟ କରିବା—ଏଗୁଡ଼ିକ କେବଳ ନିଷିଦ୍ଧ ନଥିଲା, କରିବାର ଜଣାପଡ଼ିଲେ ଭୀଷଣ ଅପରାଧ ବୋଲି ଗୃହୀତ ହେଉଥିଲା । ପୁନଶ୍ଚ କାମଜ ଅପରାଧ ପାଇଁ କଠୋର ଶାସ୍ତିର ବିଧାନ ଥିଲା । ପ୍ରଥମେ ସେପରି ଚପଳ ପ୍ରକୃତିର ବାଳକମାନଙ୍କୁ ଏକାକୀ ଗୋଟିଏ କୁଡ଼ିଆଘରେ (ସ୍ୱତନ୍ତ୍ର ନିର୍ମିତ) ରହିବାକୁ ଏବଂ ହବିଷ୍ୟାନ୍ନ ଭୋଜନ କରିବାକୁ ହେଉଥିଲା । ନୀଳକଣ୍ଠ ବାବୁଙ୍କର ତତ୍ତ୍ୱାବଧାନରେ କିଛିଦିନ ସେହିପରି ରହିଲା ପରେ, ଛାତ୍ରର ପ୍ରକୃତ ଅନୁତାପ ଓ ସଦିଚ୍ଛା ଜନ୍ମିବା ପର୍ଯ୍ୟନ୍ତ ସେହିପରି ଛାତ୍ର କଠୋର ନିୟମରେ ରହୁଥିଲେ । ଉପର୍ଯ୍ୟୁକ୍ତ ମହାନରମାନେ ଛାତ୍ରମାନଙ୍କୁ ଶାସନାଧୀନରେ ରଖୁଥିଲେ । ନିଜେ ଅତି ସରଳ ବେଶ ଓ ନିରାଡ଼ମ୍ବର ସ୍ୱଭାବ ଧାରଣ କରୁଥିଲେ ।

ସବୁ ଛାତ୍ର ସମାନ ନ ଥିଲେ, କି ସମସ୍ତେ ନିୟମ କାନୁନ୍ ମାନି ଚଳୁ ନ ଥିଲେ । କେତେକ ଦକ୍ଷିଣ ଦେଶର ଭିନ୍ନ ଭିନ୍ନ ସ୍ଥାନରେ ଗୁଣ୍ଡି, ଗୁଡ଼ାଖୁ, ପାନଦାନ୍ତିଆ ଏପରିକି ବିଡ଼ି ସିଗାରେଟ୍, ଗଞ୍ଜେଇ ପ୍ରଭୃତି ଲୁଚାଇ ରଖିଥାନ୍ତି । ତାକୁ ସବୁ ଦେଖି, ବାହାରକରି, ସେ ଅଭ୍ୟାସରୁ ପିଲାଙ୍କୁ ନିବର୍ତ୍ତିତ କରିବା ସହଜ ବ୍ୟାପାର ନୁହେଁ । ସେପରି ପିଲାମାନଙ୍କୁ ଅନୁସନ୍ଧାନ କରିବାର ଶିକ୍ଷକମାନଙ୍କର ତଥା ସେହି ସେଣ୍ଟ୍ରି

GPNanda Colln., Digitized by srujanika@gmail.com

ମନୀଷୀର୍ ମାନଙ୍କର ଉଦ୍ୟମ ଥିବା ଦେଖିବାରୁ, ଦୁଷ୍ଟ ବାଳକମାନେ ସେହି ଆଦର୍ଶ ସ୍ଥାନୀୟ ମନୀଷୀର ମାନଙ୍କୁ ଚୁଟ୍‌କିଆ ବୋଲି ଧରିନେଲେ —ତାଙ୍କୁ ନାମ ଦେଲେ 'ମଡେଲ୍' । ମଡେଲ୍ ବା ଆଦର୍ଶ—ଶବ୍ଦଟି ଖରାପ ନ ହେଲେ ମଧ୍ୟ, ତାହା ଘୃଣାରେ ପ୍ରଯୁକ୍ତ ହେଉଥିଲା ।

ଶିକ୍ଷକ ଓ ଛାତ୍ରଙ୍କର ସହଯୋଗ—

ମୋର ମାଇନର ଦ୍ୱିତୀୟ ଶ୍ରେଣୀର ଶିକ୍ଷକ ଶ୍ରୀ ବାସୁଦେବ ମହାପାତ୍ର ଏକ ବକ୍ତୃତା ଦେଇଥିଲେ । 'ସାହିତ୍ୟ ସାଧନା' ତାହାର ବକ୍ତବ୍ୟ ବସ୍ତୁ ଥିଲା । ସେଥିରେ ଉଦ୍‌ବୁଦ୍ଧ ହୋଇ ମୁଁ ମୋର ପ୍ରଥମ କବିତା 'ପ୍ରାର୍ଥନା' ଲେଖିଥିଲି । ତାହା ତାଙ୍କୁ ଭଲ ଲଗିଥିବାରୁ, ସେ ସେହି ପଦ୍ୟକୁ ସବୁ ଶିକ୍ଷକଙ୍କୁ ଏବଂ ନୀଳକଣ୍ଠ—ଗୋପବନ୍ଧୁଙ୍କୁ ମଧ୍ୟ ଦେଖାଇଥିଲେ । ଯେ କୌଣସି ଛାତ୍ରର (ମୋର-ଏକା ନୁହେ) କୌଣସି ସୁଗୁଣ ଦେଖିଲେ, ସେହି ଗୁଣଟିକୁ ରତ୍ନରେ ପରିଣତ କରି ସେହି ବାଳକଠାରେ ଧାରଣା କରାଇବାର ଚେଷ୍ଟା ସେମାନଙ୍କର ଥିଲା । ଥରେ ଗୋପବନ୍ଧୁ ବାବୁ ସେହି ପଦ୍ୟଟି ଲେଖାଥିବା କାଗଜଖଣ୍ଡି ଯେମିତି ମତେ ଡକାଇଲେ । ତାଙ୍କର ଅବସ୍ଥାନ ବେଳେ ସେ ଏକାକୀ ଥିବା କ୍ୱଚିତ୍ ଦେଖାଯାଏ । ସର୍ବଦା ଦେଶର ବହୁମୁଖୀ କର୍ମଯୋଜନା ଏବଂ ଆଲୋଚନା, କିମ୍ବା ନିଜ ଆଶ୍ରମର ବିକାଶ ଓ ଉନ୍ନତି ବିଷୟକ ଚିନ୍ତା ଓ ପରିକଳ୍ପନା କରୁଥିବାରୁ ସର୍ବଦା ପୁରୀ, କଟକ, ଗଞ୍ଜାମ ଆଦି ବିଭିନ୍ନ ଅଞ୍ଚଳର ଭଦ୍ରଲୋକେ ଏବଂ ଶିକ୍ଷକମାନଙ୍କର ସମାବେଶ ତାଙ୍କ ପାଖରେ ଘଟେ । ମୁଁ ଯାଇ ପହଞ୍ଚିବାମାତ୍ରେ ନୀଳକଣ୍ଠ ବାବୁ ଓ କେତେକ ଶିକ୍ଷକ ପହଞ୍ଚିଲେ । ସେଠାରେ ସେ ମୋତେ ମୋର ପଦ୍ୟ ଲେଖା ପାଇଁ ଉତ୍ସାହ ଦେଲେ ଏବଂ ମୋର ଉପସ୍ଥିତିରେ ବୋର୍ଡିଂ କଥା ପଡ଼ିଲା । 'ମଡ଼େଲ୍' ଶବ୍ଦ ଓ ତାହାର ପ୍ରୟୋଗ ଢଙ୍ଗ ଦେଖି ସେମାନେ ବଡ଼ ଚମତ୍କୃତ ହେଲେ ଏବଂ ଭାବିଲେ ଯେ ବକ୍ତୃତାରୁ କେବଳ ଶୁଣି,

GPNanda Colln., Digitized by srujanika@gmail.com

ଛିନ୍ତି, ପିଲମାନେ ନିଜେ ନିଜେ ଭଲ ହେବା ଅସମ୍ଭବ । ଗୁରୁକୁଳ ନିୟମ ଗୁଡ଼ିକୁ ଲିପିବଦ୍ଧ କରି ଛାତ୍ରାବାସର ସାଧାରଣ ନିୟମ କରି ଦେବାକୁ ହେବ ଏବଂ ଉତ୍ତରଣି ଘରକୁ ଉତ୍ତରଣି କରି ଭଲ ଛାତ୍ର ମନ୍ଦିରରେ ରୂପ ଦାଣ୍ଡୁବାକୁ ହେବ ।

ନିୟମ ଗୁଡିକ ଲିପିବଦ୍ଧ ହେଲା—

ନିୟମ ଗୁଡ଼ିକ ଗଠିତ ହେଲା । ପ୍ରଥମେ ଲେଖା କରାଯାଇଥିଲା, ପରେ ଛପା ହୋଇ ଆସିଲା । ଯେଉଁମାନେ ଅଭିଭାବକ ନିଜ ପିଲାକୁ ଆସି ସ୍କୁଲରେ ଦେବାକୁ ବସିଲେ, ତାଙ୍କୁ ନିୟମାବଳୀ ଦେଖାଇ ଦିଆଯାଏ । ତାକୁ ପଢି ଅଭିଭାବକ ଇଚ୍ଛାକଲେ ପିଲାଙ୍କୁ ଇସ୍କୁଲରେ ଦେଉଥିଲେ । ସେ ନିୟମାବଳୀର ଛପା ବା ଲେଖା ନ ମିଳିବାରୁ ତାହା ନିଜ ସ୍ମୃତିରୁ ଦିଆଗଲା । ସେହି ନିୟମ ଗୁଡ଼ିକୁ ଆମ୍ଭେମାନେ ପାଳନ କରୁଥିବାରୁ ସାରାଂଶ ଦିଆଯିବ, ମାତ୍ର ଯେଉଁ କ୍ରମରେ ତାହା ଛପା ହୋଇଥିଲା, ତାହା, ହୁଏତ, ଅବିକଳ ଦିଆଯାଇ ପାରିବ ନାହିଁ ।

ମନିଟର ମାନଙ୍କର ଅଧିକାର—

୧ । କାର୍ଯ୍ୟନିର୍ଘଣ୍ଟ ଅନୁସାରେ ପିଲାମାନଙ୍କର କାମ ଦେଖିବା ।

୨ । ନିରନ୍ତରଗତ ଦୋଷ ତ୍ରୁଟିକୁ ଉପଦେଶ ଦ୍ୱାରା, ଦଣ୍ଡଦ୍ୱାରା ଏବଂ ନିଜର ଆଦର୍ଶ ଦ୍ୱାରା ସୁଧାରିବା ଏବଂ ନ ପାରିଲେ ବୋର୍ଡିଂର ଅଧ୍ୟକ୍ଷ ମହାଶୟଙ୍କୁ ଜଣାଇବା ।

୩ । ବାଳକ ମାନଙ୍କର ଚିଠିବାଛି ପ୍ରତି ଦୃଷ୍ଟି ରଖି, ସମୟରେ ସମ୍ବାଦ ଲେଖିବାକୁ ବାଧ୍ୟ କରିବା ।

୪ । ବଜାରରୁ ଜଳଖିଆ ନଆଣି ବୋର୍ଡିଂକୁ ବଙ୍କ ଆଣୁଥିବା ଲୋକଙ୍କଠାରୁ ଜଳଖିଆ କିଣି ପିଲାମାନେ ଖାଇବାର କଥା—ବାହାରରୁ କିଛି ଖାଇଲେ, ବାଳକମାନଙ୍କୁ ଦଣ୍ଡ କରିବା ।

GPNanda Colln., Digitized by srujanika@gmail.com

୫ । ସ୍କୁଲ ସମୟ ମଧ୍ୟରେ କୌଣସି ବାଳକ ଛାତ୍ରାବାସକୁ ଆସି ବିଶ୍ରାମ ନେବା ବା ନିଷ୍କର୍ମା ହେବାକୁ ନଦେବା (ଯେଉଁପାଇଁ ମନିଟର ନିଜପାଖରେ ଘରର ଚାବି ରଖି ବିଦ୍ୟାଳୟକୁ ଯିବେ ଓ କାରଣ ନଥିଲେ ତାଙ୍କ କୋଠରିର କୌଣସି ଛାତ୍ରକୁ ୧୦ଟା ଠାରୁ ୪ଟା ପର୍ଯ୍ୟନ୍ତ ଚାବି ଦେବେନାହିଁ).

୬ । ସବୁ ଛାତ୍ର ସୁସ୍ଥଥିବା ସମୟରେ ସକାଳେ ବା ସନ୍ଧ୍ୟା ବେଳେ ହେଉଥିବା ବ୍ୟାୟାମ ଶ୍ରେଣୀରେ ଯୋଗ ଦେବା କଥା ବୁଝିବା ।

୭ । ଉପାସନା ସମୟରେ ସମସ୍ତେ ଉପାସନା କରିବେ, ମନିଟର୍ ମାନେ ସେ ବିଷୟରେ ସବୁପ୍ରକାର ଯତ୍ନ କରିବେ ।

୮ । ଯଥା ସମୟରେ ଛାତ୍ରମାନଙ୍କର ଉପସ୍ଥାନ ପକାଇବା ।

୯ । ସକାଳ ୬।୩୦ ମିନିଟ୍ ଠାରୁ ୯ଟା ପର୍ଯ୍ୟନ୍ତ ଏକାଗ୍ର ରହି ଛାତ୍ରମାନେ ପଢୁଛନ୍ତି କି ନା ଦେଖିବା (ମନିଟରଙ୍କ ଅନୁମତି ବିନା କେହି ବାହାରକୁ ଯାଇ ପାରିବେ ନାହିଁ).

୧୦ । ଘଣ୍ଟା ବାଜିବା ଅନୁସାରେ ଯଥାକାର୍ଯ୍ୟ ଯଥା ସମୟରେ ହେଉଥିବା କଥା ଦେଖିବା । ମନିଟରେ କୌଣସି ଛାତ୍ରର କୌଣସି ତ୍ରୁଟି ସୁଧାରି ନପାରିବାର ଅନୁଭବ କଲେ, ସେ ବିଷୟ ଆଚାର୍ଯ୍ୟ ମହାଶୟଙ୍କୁ ଜଣାଇବା ।

ଛାତ୍ରାବାସର ସାଧାରଣ କର୍ମସୂଚୀ—

୧ । ପ୍ରତ୍ୟୁଷରୁ ସ୍ନାନ କରି ସୂର୍ଯ୍ୟୋଦୟ କାଳରେ ୧୦ ମିନିଟ୍ ଉପାସନା କରିବା (ସକାଳ ପୂର୍ବରୁ ଶଯ୍ୟାତ୍ୟାଗ ପାଇଁ ଅର୍ଦ୍ଧ ଘଣ୍ଟା ପୂର୍ବେ ନୂଆ, ଗ୍ରାମ୍ୟ ଘଣ୍ଟାକୁ ପଚେଇ ସମସ୍ତେ ବୋର୍ଡିଂକୁ ଫେରିବା ପାଇଁ

GPNanda Colln., Digitized by srujanika@gmail.com

ସତର୍କ ଘଣ୍ଟା, ଏବଂ ପାଞ୍ଚମିନିଟ ପରେ ଶେଷ ଦୀର୍ଘଘଣ୍ଟା ବାଜେ। ଯେଉଁ ବାଳକ ସମୟକ୍ରମେ ଏବଂ ଘଣ୍ଟା ବାଜିବା ଅନୁସାରେ ସ୍ନାନାଦି ଶେଷ କରି ଠିକରି ନପାରେ, ସେ ଆଚାର୍ଯ୍ୟ ମହାଶୟଙ୍କର ଅନୁମତି ପାଇଲେ ଯାଇ ଘରେ ପ୍ରବେଶ କରିବ ତାହାପରେ ଉପାସନା, ଦଶ ମିନିଟ ପରେ ଉପାସନା ବନ୍ଦ ପାଇଁ ଘଣ୍ଟା ବାଜେ।

୨। ସକାଳ ୬ଟା ୯ଟା ପର୍ଯ୍ୟନ୍ତ ପଢିବାର ସମୟ। ସେ ଯେଉଁ ସମୟରେ ଯାହା ପଢିବ, ତାହାର ଗୋଟିଏ ଲିଖିତ ଯୋଜନା ଛାତ୍ର ପଢିବା ଜାଗାରେ କାନ୍ଥରେ ଟଙ୍ଗା ଥିବ। ମନିଟର ତାହା ଦେଖିବେ, ଏବଂ ଯେ କୌଣସି ଶିକ୍ଷକ ଯେତେବେଳେ ଇଚ୍ଛା ସେତେବେଳେ ତାହା ଦେଖିପାରିବେ।

୩। ବାହାରକୁ ଯିବା ଦରକାର ପଡିଲେ ମନିଟରଙ୍କର ଅନୁମତି ଆବଶ୍ୟକ। ଜରୁରି କାମରେ ବେଶି ସମୟ ଯିବାକୁ ହେଲେ, ମନିଟରଙ୍କ ଅନୁମତି କ୍ରମେ ସବୁ ବାହାରି, ଆଚାର୍ଯ୍ୟଙ୍କର ଅନୁମତି ନେଇ ହିଁ ବାହାରକୁ ଯିବାକୁ ହେବ।

୪। ଘଣ୍ଟା ବାଜିବା ପରେ ଖାଇବାକୁ ଯିବେ ଏବଂ ସ୍କୁଲ ଘଣ୍ଟା ବାଜିବା ଆଗରୁ ସତର୍କ ଘଣ୍ଟି ବେଳକୁ ସମସ୍ତେ ନିଜ ନିଜ ବସାକୁ ଫେରିଥିବେ।

୫। ସ୍କୁଲ ଅବଶ୍ୟକୀୟ ଜରୁରି କାମ ନ ପଡିଲେ କେହି ଘରକୁ ଆସି ପାରିବେ ନାହିଁ। ଖେଳଛୁଟି ବେଳେ ଖେଳିବେ, କୁଲବେ ବା କମନ୍ ରୁମରେ ବସି ଆଲୋଚନା, ପୁସ୍ତକ ବା ସମ୍ବାଦପତ୍ର ପାଠ କରିବେ।

GPNanda Colln., Digitized by srujanika@gmail.com

୭ । ଛୁଟି ଘଣ୍ଟା ବାଜିବା ପରେ ଅଧଘଣ୍ଟାକ ବାଦ୍ ବୋର୍ଡିଂରେ ଦ୍ୱାର୍ଘ ଘଣ୍ଟି ବାଜେ । ସେହି ସମୟରେ ନାନାବିଧ ବ୍ୟାୟାମ ମଧ୍ୟରେ ଯାହାର ଯେଉଁଥିରେ ଯୋଗ ଦେବାର ଇଚ୍ଛା ସେ ସେଥିକି ଯାଏ ଏବଂ ସେଠାରେ ମଧ୍ୟ ରେଜିଷ୍ଟର ଭୁକ୍ତ ହୁଏ । ଉପସ୍ଥାନ ନିଆଯାଏ । ସନ୍ଧ୍ୟା ପୂର୍ବରୁ ବ୍ୟାୟାମର ଶେଷ ଘଣ୍ଟା ବାଜେ ଏବଂ ପିଲମାନେ ଅଧଘଣ୍ଟାଏ ସମୟ ସାୟଂକୃତ୍ୟ ପାଇଁ ପାଆନ୍ତି ।

୮ । ସନ୍ଧ୍ୟା ବେଳକୁ ପ୍ରଥମେ ସତର୍କ ଘଣ୍ଟି ଓ ତତ୍ପରେ କାର୍ଯ୍ୟାରମ୍ଭ ଘଣ୍ଟା ବାଜେ । ତତ୍ପରେ ପୁଣି ସକାଳ ପରି ସମସ୍ତ କାର୍ଯ୍ୟ କରିବାକୁ ହୁଏ ।

ସାଧାରଣ କର୍ମ-ପଦ୍ଧତି—

ପ୍ରଥମେ ଏହି କର୍ମନିର୍ଘଣ୍ଟ ଜରି ଯାଇଥିଲା । ପରେ ଛାତ୍ରାବାସରେ ଅନେକ ଛାତ୍ର ହୋଇଯିବାରୁ ସାଧାରଣ ଭୋଜନାଗାରରେ ସ୍ଥାନ ଅଣ୍ଟିଲା ନାହିଁ । ତେଣୁ ସକାଳ ଓ ରାତି ୮ଟା ୪୫ ମିନିଟ୍‌ରେ ଚଉଦବର୍ଷରୁ କମ୍ ବୟସର ପିଲମାନଙ୍କ ପାଇଁ ଖାଇବା ଘଣ୍ଟି ବାଜେ ଏବଂ ୯ଟା ୧୫ ମିନିଟରେ ବୟୋବୃଦ୍ଧ ବାଳକମାନେ ଖାଇବାକୁ ଯାନ୍ତି । ଉପରବେଳା ଖାଇବା ଘଣ୍ଟା ବାଜିଲା ପରେ ୯ଟା୪୫ ମିନିଟରେ ଗୋଟିଏ ଘଣ୍ଟା ପଡ଼େ । ୧୦ଟା୨୦ମିନିଟ୍ ଯାଏଁ କମନ୍ ରୁମରେ ପିଲମାନେ ଖବରକାଗଜ ପଢିବା ଇଚ୍ଛାଧୀନ ଥାଏ । ୧୦ଟା୨୦ମିନିଟ୍‌ରେ ଘଣ୍ଟା ବାଜିଲେ ସମସ୍ତେ ଶୋଇବାକୁ ବାଧ୍ୟ ହୁଅନ୍ତି । ଶୋଇବା ଘଣ୍ଟା ବାଜିଗଲେ ଆଚାର୍ଯ୍ୟ ମହାଶୟ ଘେରିଏ ବୁଲି ଆସନ୍ତି ।

ପ୍ରଥମେ ପିଲମାନଙ୍କୁ ଗୋଟିଏ ସଭାରେ ବକ୍ତୃତା ଦ୍ୱାରା ଉପାସନାର ମହତ୍ତ୍ୱ ବୁଝାଇ ଦିଆଗଲା । ମନିଟର ମାନଙ୍କୁ ଏକାଠି କରି

GPNanda Colln., Digitized by srujanika@gmail.com

ଶିକ୍ଷକମାନେ ସେମାନଙ୍କର ଦାୟିତ୍ୱ ବୁଝାଇ ଦେଲେ। ଯେ ଯାହା ପାରୁଥିଲା, ସେ ସେପରି ଉପାସନା କରୁଥିଲେ। ମାତ୍ର ପରେ ଛାପା କରାଯାଇ ଉପାସନା ପୁସ୍ତକ ଆସିଗଲା। ସେହି ସ୍ତବ ସୂକ୍ତ ଗୁଡ଼ିକ ବେଦ ଓ ଉପନିଷଦର। ତାହାକୁ ଆଗରୁ ନୀଳକଣ୍ଠ ବାବୁ ଅନୁବାଦ କରି ସମ୍ପ୍ରୁତ ସ୍ୱୁକ୍ତ ସହିତ ପତ୍ରିକା ମାନଙ୍କରେ ଦେଇଥିଲେ। ଦେଶ-ଭକ୍ତ ଗୌରୀଶଙ୍କର ତାହାକୁ ନିଜ ଖର୍ଚ୍ଚରେ ପୁସ୍ତକାକାରରେ ଛାପି ପଠାଇ ଦେଲେ, ତାହାର ମୂଲ୍ୟ ଏକପଇସା। ପିଲମାନେ ସେ ପୁସ୍ତକ କିଣିନେଲେ ଏବଂ ସେହି ସ୍ତୁତି ପାଠ କରି ଯାଉଥିଲା। ଅବଶ୍ୟ ନିରାକାର ବ୍ରହ୍ମସ୍ତୁତି ଆମ୍ଭେମାନେ ବୁଝି ପାରୁ ନଥିଲୁ। କେତେବେ ମଧ୍ୟ ସେ ଗୁଡ଼ିକର ଅର୍ଥ—ଆଲୋଚନା କେହି କରୁ ନଥିଲେ। ତଥାପି ଘଣ୍ଟା ବାଜିବା କ୍ଷଣି ସ୍ୱରଧରି ସମସ୍ତେ ସେହି ସ୍ତବ ଗାନ କରିବାରୁ ସ୍କୁଲ ଗୃହର ଉଜିଗାଗରେ ଥିବା ଲମ୍ବା ଗୃହଘରୁ ସେହି ସ୍ତୁତିର ଝଂକାର ଅତ୍ୟନ୍ତ ଶ୍ରୁତି ମଧୁର ହୋଇଥାଏ ଏବଂ ପୁରାଣ ଆର୍ଯ୍ୟଭୂମି ଭାରତ-ତପୋବନରୁ ଉଦ୍‌ଥିତ ବ୍ରହ୍ମ ସ୍ତୁତି ପରି ଦଶଦିଗନ୍ତ ପର୍ଯ୍ୟନ୍ତ ବିଦ୍ୟାଳୟ ଭୂମି ମୁଖରିତ ହୋଇ ଉଠେ। ଅଜ୍ଞାତ ପ୍ରେରଣା ମଧ୍ୟ ସେଥିରୁ ଆମ୍ଭେମାନେ ପାଉଥିଲୁ।

ବ୍ୟାୟାମ—

ସେ ବର୍ଷ ୧୯୧୪ ସାଲରେ ଶ୍ରୀ ବାସୁଦେବ ମହାପାତ୍ରଙ୍କର ବ୍ୟାୟାମଶିକ୍ଷା-ଦାନ ବିଦ୍ୟାଳୟରେ ଗୋଟିଏ ନୂତନତ୍ୱ ସୃଷ୍ଟି କରିଥିଲା। କେତେଜଣ ବଡ଼ ବଡ଼ ପିଲଙ୍କୁ ନେଇ ପ୍ରତ୍ୟୁଷରେ ବାସୁଦେବ ବାବୁ ବ୍ୟାୟାମ ଶିଖାଉଥିଲେ ଏବଂ ସେ ସବୁ ବାଳକମାନଙ୍କୁ ଭଜା ବୁଟ ବା ଗଜାମୁଗ ଖାଇବାକୁ ଉପଦେଶ ଦେଉଥିଲେ। ବଙ୍ଗ-ବିଦ୍ୟାଳୟର ମଞ୍ଜୁରି ପାଇଁ ବିଦ୍ୟାଳୟ ମାନଙ୍କର ସାଧାରଣ ପ୍ରଚଳିତ

GPNanda Colln., Digitized by srujanika@gmail.com

ବ୍ୟାୟାମ ଡ୍ରିଲ୍ ଏବଂ ଫୁଟବଲ ଖେଳ ମାତ୍ର ଆଗରୁ ହେଉଥିଲା । ମାତ୍ର ବାସୁଦେବ ବାବୁ ଆସିବା ପରେ ପିଲାମାନେ କୁସ୍ତି କସରତ ପ୍ରଭୃତି ଦେଶୀ ଖେଳ, ଡୁଡୁ ପ୍ରଭୃତି ପ୍ରତିଯୋଗିତା ମୂଳକ କ୍ରୀଡ଼ା ଏବଂ ଦୀର୍ଘପଥ କ୍ରସ ଧର ଗୁରୁମାଇଲ ପାଇଁ ଦଉଡ଼—ଏହି ସବୁ ବ୍ୟାୟାମର ଅଙ୍ଗ ହେଲା । ଦାସେ ଆପଣେ ବ୍ରିଟିସ୍ ପରିଚାଳିତ ବିଦ୍ୟାଳୟ ମାନଙ୍କର ବ୍ୟାୟାମ ଶିକ୍ଷାରେ ପ୍ରକୃତ ଉପଯୋଗିତା ନଥିବା ଅନୁଭବ କରିଥିଲେ, ତେଣୁ ବାସୁଦେବ ବାବୁଙ୍କ ବୋଧ ମତେ ପଥର ଅଣାହୋଇ ଧାଡ଼ି ଧାଡ଼ି ସଜ୍ଜିତ ହୋଇ ପଡ଼ିଲା । ମଝିରେ ମାଲଖମ୍ବ ପୋତାଗଲା । ତାହାସଙ୍ଗେ ବାର ଏକ୍ସରସାଇଜ୍ ମଧ୍ୟ ଥାଏ । ବାସୁଦେବ ବାବୁ ଆରମ୍ଭ କଲେ ଏବଂ ଛାତ୍ରମାନଙ୍କ ପକ୍ଷରେ ବ୍ୟାୟାମ ବାଧ୍ୟତା ମୂଳକ ହୋଇଗଲା । କିନ୍ତୁ ଶିକ୍ଷକ ହିସାବରେ ସେ ଅତି ଉଚ୍ଚଦରର ଶିକ୍ଷକ, ବିଦ୍ୟାଳୟର ବହୁ କାର୍ଯ୍ୟରେ ସେ ସହାୟକ —ଭଲ ବକ୍ତା ଥିଲେ । ଗୁଣୀ ଛାତ୍ରମାନଙ୍କ ସଙ୍ଗରେ ବିଦ୍ୟାବିନୋଦ-ସୁଖରେ ସେ ସମୟ ଅତିବାହିତ କରୁଥିଲେ । କିଛିଦିନ ପରେ ଦେଶୀ କସରତ ଶିଖାଇବା ପାଇଁ ଜଣେ ବଳିଷ୍ଠ ଓସ୍ତାଦ ବୃଦ୍ଧ ଶ୍ରୀ ଲୋକନାଥ ମହାପାତ୍ର ବେତନରେ ନିଯୁକ୍ତ ହେଲେ । ସକାଳେ ଓ ଉପରବେଳା ସେ ଆସି କୁସ୍ତୀ କସରତ ଇତ୍ୟାଦି ଶିଖାନ୍ତି । ସ୍କୁଲର ବାତାବରଣ କିପରି ଥିଲା କେଜାଣି ସେ ମଧ୍ୟ ନିଜ କର୍ତ୍ତବ୍ୟରେ ଟିକିଏ ହେଳା କରୁ ନଥିଲେ । ସ୍କୁଲରେ ଅଧ୍ୟାପନା ସାରି ବାସୁଦେବ ବାବୁ ଗୁରି-ମାଇଲ୍ ଦଉଡ଼ିବା ପାଇଁ ଯେଉଁମାନେ ନାମ ଲେଖାଇଥିଲେ, ସେମାନଙ୍କୁ ଦୌଡ଼ାନ୍ତି । ବେଳେ ବେଳେ ଗୋଦାବରୀଶ ବାବୁ ଏବଂ ଅନ୍ୟାନ୍ୟ କେତେକ ଶିକ୍ଷକ ଆମ୍ଭମାନଙ୍କ ସଙ୍ଗେ ଅର୍ଦ୍ଧର ମାନି ଦୌଡୁଥିବାରୁ, ତାହା ଆମ୍ଭମାନଙ୍କ ପକ୍ଷରେ ସୁଖକର ହେଉଥିଲା । ସାଧାରଣ ବିଦ୍ୟାଳୟ ମାନଙ୍କରେ ପ୍ରଚଳିତ ବ୍ୟାୟାମରୁ ଆମ୍ଭମାନଙ୍କର

GPNanda Colln., Digitized by srujanika@gmail.com

ଅସ୍ଥା କମ ପାଇଥିଲା ଏବଂ କେବଳ ମଞ୍ଜୁରି ମିଳିବ ବୋଲି ଫୁଟ୍‌ବଲ୍ ଖେଳଟି ଥାଏ, ସେଥିରେ ସେ ଖେଳପାଇଁ ବଲ୍ଲ ବସ୍ତ କେତେକ ଛାତ୍ର ରହି ଥାଆନ୍ତି । ସମସ୍ତେ ଶିକ୍ଷକ ମାନଙ୍କ ତତ୍ତ୍ୱାବଧାନରେ ବ୍ୟାୟାମ କରନ୍ତି । ବାସୁଦେବ ବାବୁ ପ୍ରଥମ ବୋର୍ଡିଂରେ ଥିଲେ । ଦାସେ ଆପଣ, ନୀଳକଣ୍ଠ ବାବୁ ଓ ଗୋଦାବରୀଶ ବାବୁ ପ୍ରଭୃତିଙ୍କର ସେ ଆଗରୁ ପରିଚିତ ଥିଲେ । ସେ ଦାସଆପଣଙ୍କ ପ୍ରତି ଭକ୍ତିବିହ୍ୱଳ ଥିଲେ ଏବଂ ନୀଳକଣ୍ଠ ବାବୁଙ୍କର ପ୍ରଧାନ ସହାୟକ ଭାବରେ ବହୁ କାର୍ଯ୍ୟ କରୁଥିଲେ ।

ସେତେବେଳକୁ ଗୋପବନ୍ଧୁ ବାବୁଙ୍କ ପାଇଁ ସ୍ୱତନ୍ତ୍ର ଘର ହୋଇଥାଏ ଓ ସେଥିରେ ନୀଳକଣ୍ଠ ବାବୁ ରହୁଥାନ୍ତି । ଦାସେଆପଣେ ଆସିଲେ ବେଳେ ଦୁହେଁ ଏକାଠି ରହନ୍ତି । ସେ ଘରଟି ଆମ୍ଭମାନଙ୍କର ଦୃଷ୍ଟି-କେନ୍ଦ୍ର ଥିଲା । ନୀଳକଣ୍ଠ ବାବୁ ସକାଳେ ଠିକଏ ବେଳରେ ଉଠନ୍ତି ଏବଂ ଉଠିବା ମାତ୍ରେ ଦୁଆର ମୁହଁରେ ଦାନ୍ତଘସିଲା ବେଳେ ଶିକ୍ଷକମାନେ ଆସି ଯୁଟନ୍ତି । ତାହାପରେ ତାଙ୍କର ଆଲୋଚନା ପ୍ରଭୃତି ଚାଲେ । ଯଥାସମୟରେ ବିଦ୍ୟାଳୟକୁ ଯାଇ ସେଠାରୁ ଫେରି ନୀଳକଣ୍ଠ ବାବୁ ଘରକୁ ଆସିବା ପରଠାରୁ ଶାସ୍ତ୍ରପାଠ, ଚର୍ଚ୍ଚା, ଆଲୋଚନା; ଜ୍ଞାନର ବିଷୟ ମାନଙ୍କର ଅନୁଶୀଳନରେ ଲାଗି ପଡନ୍ତି । ତାଙ୍କ ଘରେ ଖଣ୍ଡିଏ ଖଟ, ଗୋଟିଏ ଟେବୁଲ ଓ ଗୋଟିଏ ଚଉକି । ବେଶଭୂଷାର ମୋହ ସେତେବେଳକୁ ଆଉ ନଥିଲା । ବେଶ ପରିଷ୍କୃତ ପ୍ରତି ନଜର ମଧ୍ୟ ନଥିଲା ।

ହେଡ-ମାଷ୍ଟରଙ୍କ ରହିବା ଘର ଓ ଅଭ୍ୟାସ—ଖଟ ଉପରେ ପଡିଥିବା ବିଛଣା କେବେ ସଫା କରି ହୁଏ କି ନ ହୁଏ ସେଥି ପ୍ରତି ତାଙ୍କର ଦୃଷ୍ଟି ନ ଥାଏ । ରାତି ପ୍ରାୟ ଦୁଇଟା ପର୍ଯ୍ୟନ୍ତ

GPNanda Colln., Digitized by srujanika@gmail.com

ସେ ପଢନ୍ତି । ତାହାପରେ ଶୁଣନ୍ତି । ଏପରି ଜୀବନ ଧାରଣ-ପ୍ରଣାଳୀ ଆମ୍ଭମାନଙ୍କ ପ୍ରତି ଅସାଧାରଣ ଥିଲା, ତେଣୁ ତାଙ୍କୁ ଅସାଧାରଣ ମନୁଷ୍ୟ ବୋଲି ଆମେ ଛାତ୍ରସମୂହ ଭାବିବା ସ୍ୱାଭାବିକ । ସେ ଶୋଧନ-ଭେଦ ଓ ଦଣ୍ଡଦେବା ବେଳେ ଅତି କଠୋର ବୋଲି ସାଧାରଣ ଛାତ୍ରମାନଙ୍କର ବିଶ୍ୱାସ ଥିବାରୁ ତାଙ୍କ ସମ୍ମୁଖ ଦେଇ—(ଦୂରରେ ଦେଖିଲେ ବି) କେହି ସିଧା ହୋଇ ଚାଲିଯାଉ ନ ଥିଲେ । ମାତ୍ର ଭଲ ଭଲ ଛାତ୍ରମାନେ ତାଙ୍କୁ ଉତ୍ତମ ରୂପେ ଚିହ୍ନିଥିଲେ ଏବଂ ଖୁବ୍ ଘନିଷ୍ଠ ଭାବରେ ତାଙ୍କ ସଙ୍ଗେ ମିଶି ପାରୁଥିଲେ ।

ଆମମାନଙ୍କ ମାଇନର କ୍ଲାସ ବର୍ଷଟି ବହୁ ପ୍ରଶଂସା ଓ ଖ୍ୟାତି ଅର୍ଜନ କରିଥିବା ସତ୍ୟବାଦୀ ବିଦ୍ୟାଳୟର ସମସ୍ତ କାର୍ଯ୍ୟର ପ୍ରଥମ ସୋପାନ ଥିଲା । ଛାତ୍ରାବାସର ନିୟମାବଳୀ ପ୍ରସ୍ତୁତ ହୋଇଗଲା । କାର୍ଯ୍ୟ ଚାଲିଲା । ମାତ୍ର ସବୁ କୋଠରିରେ ଉପଯୁକ୍ତ ମନିଟର ଯାଇଁ ଛାତ୍ର ବାଛିବା ଉଚିତ । ଶିକ୍ଷକ ମାନଙ୍କର ବିଦ୍ୟାବିନୋଦରେ ବହୁକାଳ କଟୁଥିଲା ଏବଂ ଛାତ୍ରଙ୍କ ଦ୍ୱାରା ଛାତ୍ରମାନଙ୍କୁ ନିୟନ୍ତ୍ରିତ କରିବା ଏବଂ ଉପଯୁକ୍ତ ଛାତ୍ରଙ୍କ ଦ୍ୱାରା ଛାତ୍ରାବାସର କର୍ମନିର୍ଘଣ୍ଟ ଚାଲୁ ରଖିବାର ବିଚାର ଶିକ୍ଷକମାନେ କରୁଥିଲେ ।

ଛାତ୍ରାବାସର କୋଠରି ପରିବର୍ତ୍ତନ—

ବହୁତ ଘର ହୋଇଯିବାରୁ ସ୍ଥିର ହେଲା ଯେ ଛଅ ମାସକୁ ଛଅ ମାସ ଛାତ୍ରାବାସର ଘର ପରିବର୍ତ୍ତନ କରାଯିବ ଏବଂ ବାଳକମାନେ ଦୀର୍ଘକାଳ ଗୋଟିଏ ପ୍ରକୋଷ୍ଠରେ ଏକା ସଙ୍ଗୀ-ମେଳରେ ରହିପାରିବେ ନାହିଁ । ପୁଣି କେଉଁ ମନିଟର ଅଧୀନରେ କେଉଁ ପିଲା ରହିଲେ ଭଲ ହେବ, ତହିଁ ପ୍ରତି ଦୃଷ୍ଟି ଦିଆଯିବ । ପିଲାମାନଙ୍କର ଚରିତ୍ର, ବ୍ୟବହାର, ପଢାପଢିର ଖବର ମନିଟର ଓ ଆଚାର୍ଯ୍ୟ ମହାଶୟଙ୍କୁ

GPNanda Colln., Digitized by srujanika@gmail.com

ଜନ୍ମାଥାଏ । ତଥାପି ଅନୁର ଶୃଙ୍ଖଳାରେ ପକାଇବା ପାଇଁ, ଉପଯୁକ୍ତ ବାଳକ ମାନଙ୍କର ସହାୟତା ଶିକ୍ଷକମାନେ ନେଉଥିଲେ । ଆମ ଉପର ଶ୍ରେଣୀର ଭଲ ଭଲ ଛାତ୍ରମାନେ ଏ ପରାମର୍ଶରେ ଯୋଗ ଦେଉଥିଲେ । ଅତ୍ୟନ୍ତ ଆଶ୍ଚର୍ଯ୍ୟର କଥା ଯେ ଗୋପବନ୍ଧୁ ବାବୁ ନିଜେ ସତ୍ୟବାଦୀରେ ଅଳ୍ପକାଳ ରହୁଥିଲେ ମଧ୍ୟ ପଣ୍ଡିତଙ୍କ ଭିତରେ ସାଧାରଣ ଭୋଜନାଳୟ ଏବଂ ଛାତ୍ରାବାସର ଶୃଙ୍ଖଳା ରକ୍ଷା ଲଗି ଚନ୍ତାପରାୟଣ ଓ ଯତ୍ନଶୀଳ ଥିଲେ ।

ଗୋପାବନ୍ଧୁଙ୍କର ଗୁଣ ଚିହ୍ନିବାରେ ବିଚକ୍ଷଣତା—

ସେହିବର୍ଷରେ ଥରେ ଗୃହ ପରିବର୍ତ୍ତନ ହେବ ବୋଲି ଜଣାଇ ଦିଆଗଲା । ମୁଁ ଯେଉଁ ଘରେ ଥିଲି ତାହାର ମନିଟର ବଡ ଶାନ୍ତ, ସୁଶୀଳ ଓ ଧୀର ସ୍ୱଭାବର ଛାତ୍ର ଥିଲେ । ମୁଁ, ବୋର୍ଡିଂରେ ମୋର ପାଳି ଅନୁସାରେ ସବୁ କାମ କରି ଯାଉଥିଲି, ପଢିବା ସମୟରେ ପଢୁଥିଲି ଏବଂ ମୋର ତ୍ରୁଟିଦେଖି ଦଣ୍ଡ ବା ପରାମର୍ଶ ଦେବାର ଅବକାଶ ତାଙ୍କର ନଥିଲା । ମୁଁ ଭାବୁଥିଲି—ଯେଉଁ ଗୃହପାଳକଣ ମନିଟର ପିଲା-ଙ୍କର ଭଲ ତତ୍ତ୍ୱ ନେଉଥିଲେ, ତାଙ୍କ ପାଖରେ ରହିଲେ ମୋର ଉପକାର ହୁଅନ୍ତା । ଏହା ଭାବିକରି ମୁଁ ବୋର୍ଡିଂ ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଖକୁ ଉପର —କଥିତ କାରଣ ଦେଖାଇ ଦରଖାସ୍ତ କଲି—ପ୍ରାର୍ଥନା କରିଥିଲି ଯେ ସେହିମାନଙ୍କ ମଧ୍ୟରୁ ଜଣଙ୍କ ଅଧୀନରେ ମତେ ରଖାଯାଉ । ଘର ପରିବର୍ତ୍ତନ ହୋଇ ଉପଯୁକ୍ତ ମନିଟର ବାଛି ସବୁ ଘର ଦୁଆରେ ନାମ ତାଲିକା ଲଟକାଇ ଦିଆଗଲା । ମୁଁ ଦେଖିଲି ଯେ ଗୋଟିଏ ପ୍ରକୋଷ୍ଠରେ ମୋତେ ମନିଟର କରି ଦିଆ ଯାଇଅଛି ଏବଂ ମୋ ଅଧୀନରେ ଥିବା ବାଳକମାନଙ୍କ ମଧ୍ୟରୁ ଅଧିକାଂଶ ଦୁଷ୍ଟ । ମୁଁ ବଡ଼ ବିପନ୍ନ ଓ ଚକିତ ହୋଇ ସୁପରିଣ୍ଟେଣ୍ଡେଣ୍ଟଙ୍କୁ କହିଲି । ସେ କହିଲେ 'ଯାଅ ଆପଣେ

GPNanda Colln., Digitized by srujanika@gmail.com

ତାହା କରିଛନ୍ତି, ତାଙ୍କୁ ପଚାର ।" ମୁଁ ପଚାରିବାରୁ ଟମ୍‌ର ସ୍ୱରରେ ସେ ଉତ୍ତର କଲେ, "ତୁମେ ମନିଟର ହେବାର ଉପଯୁକ୍ତ, କାରଣ ତୁମ୍ଭେ ଦଣ୍ଡ ବା ପରାମର୍ଶ ପାଇ ନପାରି ଚିନ୍ତିତ—ଦଣ୍ଡ ଦେବା, ପରାମର୍ଶ ଦେବାର ଅଧିକାର ବା ଅବକାଶ ତୁମ୍ଭଠାରେ ତୁମ ମନିଟରଙ୍କର ବୋଧହୁଏ ନଥିଲା । ତେଣୁ ମୁଁ ଏହା କରିଛି, ପୁଣି ଯେଉଁମାନଙ୍କୁ ସେ ଘରେ ରଖାଯାଇଛି ସେ ସମସ୍ତଙ୍କୁ ଇଚ୍ଛା କରି ମୁଁ ତୁମ୍ଭଙ୍କୁ ଦେଇଛି ।" ସେ ନିଜ ଅତରୁ ମୋର ଦ୍ୱିତୀୟ ଆପତ୍ତିଟି କାଟି ଦେବାରୁ ଆଉ କିଛି କରିବାକୁ ନଥିଲା ଫେରି ଆସିଲି । ମୋର ମନରେ ସେହିଦିନ ଧାରଣା ଜନ୍ମିଲା ଯେ ମୁଁ ଛାତ୍ରାବାସର ଓ ବିଦ୍ୟାଳୟର ସକଳ କାର୍ଯ୍ୟରେ ଯତ୍ପରୋନାସ୍ତି ସାହାଯ୍ୟ କରିବି । ସେଥର ଘର-ପରିବର୍ତ୍ତନ ପୂର୍ଣ୍ଣ ଭାବରେ କରାଯାଇ ଥିଲା । ତାହାର କିଛିଦିନ ପରେ ସବୁ ନୂଆ ମନିଟରଙ୍କୁ ଏକତ୍ର କରାଗଲା । ଗୋଦାବରୀଶ ଓ ନୀଳକଣ୍ଠ ଉଭୟେ ବୁଝାଇ ଦେଲେ, ଯେ ପିଲମାନଙ୍କ ଉପରେ ଛାତ୍ରାବାସର ସ୍ୱାସ୍ଥ୍ୟ ଭଲମନ୍ଦ ନିର୍ଭର କରେ । ବୋର୍ଡିଂ ପରିଚାଳନା ପାଇଁ ଅନ୍ୟ କେତେକ ଯୋଜନା କରାଯିବ, ସେଗୁଡ଼ିକ ସୁଚିନ୍ତିତ ଭାବରେ ଗଠିତ, ହେଲେ ଛାତ୍ରମାନେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ରହିଥିବେ ।

ପ୍ରକୃତ କାର୍ଯ୍ୟ କୁଶଳତା

ଅଳ୍ପଦିନ ପରେ ପୁଣି ମନିଟର ମାନଙ୍କର ସଭା ହେଲା । ଗୋପବନ୍ଧୁ ବାବୁ କୌଣସି ଆଉ ଗସ୍ତ କରି କଲିକତା ବାଟରେ ଆସିଥିଲେ । ସବୁ ଛାତ୍ରାବାସର ଶିକ୍ଷକ ଓ ଛାତ୍ର, ଗୋଦାବରୀଶ, ନୀଳକଣ୍ଠ ବାବୁ ଉପସ୍ଥିତ ଥାଆନ୍ତି । ଦାସେଆପଣେ କଲିକତାର ବିଶ୍ୱଭାରତୀ ଦେଖି ଆସିଥିଲେ । ସେ ତାହାର କାର୍ଯ୍ୟ କଳାପ ଭଲକରି ବର୍ଣ୍ଣନା କଲେ ଏବଂ କହିଲେ ସେଠାରେ ଛାତ୍ରାବାସ ଓ ବିଦ୍ୟାଳୟ ଗଣତନ୍ତ୍ର ନୀତିରେ ଛାତ୍ରମାନଙ୍କ ଦ୍ୱାରା ପରିଚାଳିତ ହୁଏ ବୋଲି କେବଳ କଥାରେ କୁହାଯାଏ । ପିଲମାନେ ବଜାର ସଉଦା କରନ୍ତି—ଅର୍ଥାତ୍

GPNanda Colln., Digitized by srujanika@gmail.com

ଖାଉଁଟିର ଦସ୍ତି ତାଲିକା ନେଇ ଜଣେ ଦୁଇଜଣ ଛାତ୍ର ପୂଜାରି ଚାକରଙ୍କୁ ଘେନି ବଜାରକୁ ଯାନ୍ତି । ତାଲିକା ଅନୁସାରେ ପୂଜାରି ଓ ଚାକରମାନେ ବଜାରରୁ ଜିନିଷ ଆଣିଲା ପରେ, ସେହି ତାଲିକା ଓ ହିସାବ ଘେନି ପିଲାମାନେ ଫେରନ୍ତି । ମାତ୍ର ଏହା ପ୍ରକୃତ କର୍ମପ୍ରବଣତା ନୁହେ । ଛାତ୍ରାବାସର ଯାବତୀୟ କଥା—ଖାଇବା, ଖୁଆଇବା, ଶୋଇବା, ବସିବା, ପଢ଼ିବା ପଢ଼ାଇବା, ସକଳ କାର୍ଯ୍ୟ ପିଲାମାନେ କରିବେ—ହାତରେ କରିବେ ତେବେ ଶିକ୍ଷା ପୂର୍ଣ୍ଣାଙ୍ଗ ହେବ । ଆଜିକାଲି ପାଠଶାଳି ଛାଡ଼ିଲେ ଘରକୁ ଫେରିଆସୁଥିବା ଯୁବକମାନେ ଚାକିରି ଛଡ଼ା କୌଣସି କାର୍ଯ୍ୟ କରିପାରୁ ନାହାନ୍ତି । ମାତ୍ର ତୁମ୍ଭେମାନେ ଏଠାରେ ସବୁ କାମ ହାତରେ କରି ଶିଖିଲେ ତୁମ୍ଭମାନଙ୍କ ଜୀବନ ସବୁ କ୍ଷେତ୍ର ଲାଗି ଏବଂ ସବୁ ଅବସ୍ଥା ପାଇଁ ପ୍ରସ୍ତୁତ ହୋଇଯିବ । ପୋଥି ବାଇଗଣ ବାଇଗଣ ନୁହେ । ପ୍ରଚାରିତ ଓ ବିଜ୍ଞାପିତ ସୁନାମ ସୁନାମ ନୁହେ । ପ୍ରକୃତ କାର୍ଯ୍ୟ ନୀରବ—ଯଶ ସମ୍ମାନ ଲାଳସାରେ ଲୋକଦେଖାଣିଆ କାର୍ଯ୍ୟ କରିବା ଏ ବିଦ୍ୟାଳୟର ଲକ୍ଷ୍ୟ ନୁହେ । ତୁମ୍ଭେମାନେ ସମସ୍ତେ ଭାବି ଏକ ଯୋଜନା ତିଆରି କର ଏବଂ ଶିକ୍ଷକମାନେ ଓ ମୁଁ ସମସ୍ତେ ଭାବି ସ୍ଥିର କରିବା । କିପରି ସବୁ କାମ ତୁମ୍ଭେ ପିଲାମାନେ ହାତେ ହାତେ କରିବ । ନିଜ କାର୍ଯ୍ୟ ନିଜେ କରିବ—ବୋର୍ଡିଂର ଗୃହଶୂନ୍ୟ ପିଲଙ୍କୁ ଖୁଆଇବ—ଅର୍ଥାତ୍ ପ୍ରତିଦିନ ଗୋଟିଏ ଲେଖାଏଁ ଭୋଜି କରିବ । ଶିକ୍ଷକମାନେ ସର୍ବସାଧାରଣ ଛାତ୍ରଙ୍କ ପରି ରହିବେ । କ୍ଷମତାର ଅପବ୍ୟବହାର କାଳେ ହେବ, ସେଥିପାଇଁ ସ୍କୁଲ ଶିକ୍ଷକମାନଙ୍କ ଅଙ୍କୁଶ ମଧ୍ୟ ଥିବ ।

ପ୍ରତ୍ୟହ ବିଦ୍ୟାଳୟ ଛୁଟି ପରେ, ବ୍ୟାୟାମ ପରେ ସନ୍ଧ୍ୟାଠାରୁ ଖାଇବା ଘଣ୍ଟା ବାଜିବା ଯାଏଁ ଆଲୋଚନା ଚାଲିଲା । ତିନିଦିନ ମଧ୍ୟରେ ବହୁ ପ୍ରକାର ଯୋଜନା ପିଲାମାନେ ଓ ଶିକ୍ଷକମାନେ ପେଶ୍ କଲେ । କୌଣସିଟି ପୂର୍ଣ୍ଣରୂପେ କାର୍ଯ୍ୟକାରୀ ହୋଇପାରିଲା ପରି ବୋଧ ହେଲା

GPNanda Colln., Digitized by srujanika@gmail.com

ନାହିଁ । ତୃତୀୟ ଦିନ ରାତରେ ଖାଇବା ପରେ ପୁଣି ସମସ୍ତେ ଏକତ୍ର ହେଲେ । ହେଡ୍‌-ମାଷ୍ଟର ମହାଶୟ ତାଙ୍କ ଯେମିତି ପାଇଖାନା ଗଲେ । ତେଣୁ ଆସି ମୋତେ କାଗଜ କଲମ ଧରିବାକୁ କହି ସେ ଯୋଜନାଟିଏ ଡାକି ଦେଲେ । ସେ ଅପ୍ରତ୍ୟାଶିତ ଯୋଜନାଟି ସମସ୍ତଙ୍କ ମନକୁ ଯେମିତି ଗଲା ଓ ସେହି ଅନୁସାରେ ସ୍କୁଲ ଭାଙ୍ଗିବା ପର୍ଯ୍ୟନ୍ତ ସୁନ୍ଦର ଭାବରେ କେବଳ ଛାତ୍ରମାନଙ୍କ ଦ୍ୱାରା ବୋର୍ଡିଂ ଓ ମେସ୍ ପରିଚାଳିତ ହୋଇଥିଲା । ସେହି ନିୟମାବଳୀ ନିମ୍ନରେ ଦିଆ ଯାଉଛି ।

ମନିଟରମାନଙ୍କ କର୍ତ୍ତବ୍ୟ ଦୈନନ୍ଦିନ ନିର୍ଘଣ୍ଟରେ ଯେପରି ଥିଲା, ସେହିପରି ରହିଲା, ମାତ୍ର ପ୍ରତି ବ୍ଲକର ଶେଷ ପ୍ରକୋଷ୍ଠରେ ଜଣେ ଜଣେ ଶିକ୍ଷକ ରହିଲେ । ସେମାନେ ମନିଟରମାନେ ଯାହା ନ ପାରିବେ ସେଥିରେ ତାଙ୍କୁ ସାହାଯ୍ୟ କରିବେ, ମନିଟରମାନେ ପ୍ରଥମେ ଅଭାବ ଅଭିଯୋଗ ସବୁ ସେହି ଶିକ୍ଷକମାନଙ୍କୁ ଜଣାଇବେ । ବ୍ଲକ୍-ଟିଚରଙ୍କୁ ସେହି ବ୍ଲକରେ ଥିବା ଯେ କୌଣସି ବାଳକ ନିଜର ସୁବିଧା ଅସୁବିଧା ଜଣାଇ ପାରିବେ (ତାହା ମନିଟରମାନଙ୍କ ପ୍ରତି ଏକ ଅଙ୍କୁଶ ପରି ହୋଇଥିଲା) । ଆଉ ସବୁ ପୂର୍ବବତ୍ ରହିଲା ।

ମେସ ପରିଚାଳନା—

(ସେତେବେଳେ ଅତି ଶସ୍ତାରେ ପିଲାମାନଙ୍କର ଖାଇବା ଖର୍ଚ୍ଚ ଚଳି ଯାଉଥିଲା । ମାସିକ ହିସାବ୍ୟ ମେସ୍ ଖର୍ଚ୍ଚ ଏବଂ ବୋର୍ଡିଂ ଭଡ଼ା ମାସିକ ୪୦୯ ମାତ୍ର ପଡ଼ୁଥିଲା । ତାହା ଦେଖି ଖାଇବା ଖର୍ଚ୍ଚ ୪୦୯ ଯାଏଁ ଯାଉଥିଲା । ଅତି ସୁକୁମାର ଓ ଧନୀ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ମେସ୍ ଥିଲା—ସେଥିଁରେ ଆଉ ମାସିକ ୪୨ ଅଧିକ ପଡ଼େ ।)

ପରିଚାଳନା ବୋର୍ଡ—

୧ । ଉଚ୍ଚ ଉଚ୍ଚ ଶ୍ରେଣୀରୁ ବଛା ବଛା ୪୫ ଜଣ ଛାତ୍ର ମନୋନୀତ ହୁଅନ୍ତି । ସେମାନେ ମେସ୍ ଭଲେଣ୍ଟିଅର୍ । ପ୍ରତିଦିନ

ତିନଜଣ ଭଲେଣ୍ଟିଅର୍ ବା ସ୍ୱେଚ୍ଛାସେବକଙ୍କର ପାଳି । ତାର ଅନୁସାରେ ପାଳି ପଡେ । ପନ୍ଦରଦିନ ପରେ ପୁଣି ପାଳି—ସେହି କ୍ରମରେ ହୋଇଥାଏ । ତେଣୁ ମାସକେ ପ୍ରତି ତିନିଜଣଙ୍କର ଦୁଇଦିନ ପାଳି ପଡେ ।

୨ । ସେହି ପଞ୍ଚାଳିଶି ଜଣ ସ୍ୱେଚ୍ଛାସେବକ ମେସ୍ ସେକ୍ରେଟେରୀ ବା ସମ୍ପାଦକଙ୍କୁ ପାଳିଦିନର ହିସାବ ନ ଦେଇ ମାନେଜରଙ୍କୁ ଦିଅନ୍ତି ।

୩ । ମାନେଜର ବୈତନିକ । ଖୁରାକ ଛଡ଼ା ସେ ମାସିକ ଦରମା ପାଆନ୍ତି, ସେ ସେକ୍ରେଟେରୀଙ୍କ ନିକଟରେ ଦାୟୀ ।

୪ । ସମସ୍ତ ଛାତ୍ରାବାସର ବାର୍ଷିକ ସାଧାରଣ ସଭାରେ ବାଲଟ୍ ସାହାଯ୍ୟରେ ଭୋଟ ନିଆଯାଇ ମେସ୍ ସେକ୍ରେଟେରୀ ବର୍ଷକ ପାଇଁ ନିଯୁକ୍ତ ହୁଅନ୍ତି ।

୫ । ସେକେଣ୍ଡ୍‌କ୍ଲାସ (ଆଧୁନିକ ୧୦ମ ଶ୍ରେଣୀ) ର ଛାତ୍ରମାନଙ୍କ ମଧ୍ୟରୁ ଜଣକୁ ଭୋଟ ଦେଇ ସେକ୍ରେଟେରୀ କରାଯାଏ ।

୬ । ବଜେଟ୍ ଅନୁସାରେ ତିନିଜଣ ପାଳିଆ ସ୍ୱେଚ୍ଛା ସେବକ ଟଙ୍କା ନେବେ । ପିଲଙ୍କୁ ଓ ଗୃହକର ମାନଙ୍କୁ ନେଇ ବଜାରକୁ ଯିବେ । ନିଜେ ସଉଦା କିଣିବେ ଏବଂ ବୋହି ଆଣିବେ ଏବଂ ଅଣାଇବେ । ଯେଉଁ ପାଳିଆ ଯେପରି ଖାଦ୍ୟ ପ୍ରସ୍ତୁତ କରିବାକୁ ଇଚ୍ଛା କରିବେ ସେ ସେପରି କରିବେ, କିନ୍ତୁ ଅଧିକ ଖର୍ଚ୍ଚ କରି ପାରିବେ ନାହିଁ ।

୭ । ଦୈନିକ ଖର୍ଚ୍ଚର ବଜେଟ୍, ମାସିକ ଉଦ୍‌ବୃତ୍ତ ଟଙ୍କା ଏବଂ ଭୋଜୀ ଆଦିର ବଜେଟ୍ ସେକ୍ରେଟେରୀ ଓ ମାନେଜର କରନ୍ତି ଏବଂ ମେସ ବୋର୍ଡ଼କୁ ଜଣାଇ ଦିଅନ୍ତି । ପନ୍ଦର ଦିନରେ ଥରେ ସ୍ୱେଚ୍ଛାସେବକ ମାନଙ୍କର ସଭା ବସେ ।

GPNanda Colln., Digitized by srujanika@gmail.com

୮ । ପ୍ରତ୍ୟହ ଯଥା ସମୟରେ ଖାଦ୍ୟ ଓ ଖାଇବା ଜାଗା ଠିକ୍ ରହୁଥିବା ମନିଟର ମାନଙ୍କୁ ଦେଖିବାକୁ ହୁଏ । ଘଣ୍ଟା ଦେଖାଇବାବାଲା ଯଥା ସମୟରେ ଖାଇବା ଘଣ୍ଟା ବଜାଇଦେବ—ହୋଇଛି କି ନହୋଇଛି ସେ ତାହା ଦେଖିବ ନାହିଁ । ଯଦି କୌଣସି ଅପ୍ରତ୍ୟାଶିତ କାରଣରୁ ଡେରି ହୁଏ ତେବେ ମନିଟର ଆଚାର୍ଯ୍ୟ ହରିହରଙ୍କୁ ଆଗରୁ ଜଣାଇ ଦେବେ (ସେପରି କେବେ ହୋଇନାହିଁ) । ଯଦି ପୂଜାରି ଗୃହକରଙ୍କ ଦୋଷରୁ ବା ଅବହେଳାରୁ ଡେରି ହୋଇ ଥାଏ, ମେସ୍ ସେକ୍ରେଟେରୀ ସେମାନଙ୍କୁ ଜୋରିମାନା କରିବେ ବା ଅନ୍ୟ କିଛି ଦଣ୍ଡ ଦେବେ (ଏପରି ମଧ୍ୟ ଅତି କମ୍ ସମୟରେ ଘଟିଥିଲା ।)

୯ । ରାତିରେ ଦୁଇ ବ୍ୟାଚ (ଦଳ) ଯାକ ଖାଇସାରିଲା ପରେ, ମନିଟର ତନଙ୍କଣଯାକ ବା ଜଣେ ବଜାର ହିସାବ ମାନେଜରଙ୍କୁ ବୁଝାଇ ଦେବେ ।

ଟଙ୍କା ଆଦାୟ—

୧ । ପ୍ରତି ଘରର ମନିଟର ନିଜ କର୍ତ୍ତବ୍ୟ ଛଡ଼ା ତାଙ୍କ ଘରେ ଥିବା ପିଲାମାନଙ୍କର ମେସ୍ ଦେୟ ଆଦାୟ କରିବେ ;

୨ । ତିନି କିସ୍ତିରେ ସମାନ ପରିମାଣରେ ଟଙ୍କା ଆଦାୟ ହେବ ।

୩ । ପ୍ରଥମ କିସ୍ତି ଟଙ୍କା ୧, ଠାରୁ ୩ ତାରିଖ ମଧ୍ୟରେ ଦେଲେ ଜୋରିମାନା ପଡ଼ିବ ନାହିଁ । ୪-ରେ ଦେଲେ ଜୋରିମାନା ୦/, ୫-ରେ ୦/୩, ୬-ରେ ଛଅ ପଇସା, ଏହିପରି ଦଶ ତାରିଖରେ ଦଶ ପଇସା, ଜୋରିମାନା ହେବ । ୧୦ ଠାରୁ ୧୩ ମଧ୍ୟରେ ୨ୟ କିସ୍ତି ଦେଲେ ଜୋରିମାନା ନାହିଁ, ୧୪-ରେ ୦/; ସେହି କ୍ରମରେ ପ୍ରତ୍ୟହ

GPNanda Colln., Digitized by srujanika@gmail.com

ଏକପଇସା ଲେଖାଏଁ ୨୦ ତାରିଖ ପର୍ଯ୍ୟନ୍ତ । ୨୧-୨୩ ମଧ୍ୟରେ ତୃତୀୟ କିସ୍ତି, ତାପରେ ଜୋରିମାନା ପୂର୍ବପରି । ଯେଉଁ ବାଳକ ୧ମ କିସ୍ତି ଓ ୨ୟ କିସ୍ତି ଟଙ୍କା ୨୦-୨୩ ଭିତରେ ଦିଏ, ତାହା ଉପରେ ଆଠଅଣା ଜୋରିମାନା ହୁଏ ଏବଂ ଯେ ମାସକ ଯାକ ନ ଦେଇ ପାରେ ସେ ଟ୧ ଜୋରିମାନା ଦିଏ । ବୋର୍ଡିଂ ଭଡ଼ା ୨୦ ତାରିଖ ଠାରୁ ୨୫ ତାରିଖ ମଧ୍ୟରେ ଆଦାୟ କରାଯାଏ ।

୪ । ମନିଟର ମେସ ଟଙ୍କା ମେସ୍ ସେକ୍ରେଟରୀଙ୍କୁ ଦିଅନ୍ତି ଓ ବୋର୍ଡିଂ ଭଡ଼ା ଟଙ୍କା ବୋର୍ଡିଂ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଦିଅନ୍ତି । ହେଡ଼ ମାଷ୍ଟର ନିଜେ ବୋର୍ଡିଂ ସୁପରିଣ୍ଟେଣ୍ଡେଣ୍ଟ, ତେଣୁ ତାହା ସ୍କୁଲ ଅଫିସରେ ଦିଆଯାଏ ।

୫ । ନୂତନ ବାଳକ ପ୍ରବେଶ କଲେ ଥାଳି ଗିନା ପାଇଁ ଏକଟଙ୍କା ମନିଟରଙ୍କୁ ଦିଏ, ମନିଟର ତାହା ସେକ୍ରେଟରୀଙ୍କୁ ଦିଏ ।

GPNanda Colln., Digitized by srujanika@gmail.com

ଷଷ୍ଠ ଅଧ୍ୟାୟ

ଛାତ୍ରାବାସ ପରିଚାଳନାର ଏ ଯୋଜନା ଭଲ କାମ ଦେଖାଇ ଥିଲା। ଅବଶ୍ୟ ପରେ ଆଉ ଗୋଟିଏ ଦଫା ଯୋଡା ହୋଇ ତାହା ପୂର୍ଣ୍ଣତା ପ୍ରାପ୍ତ ହୋଇଥିଲା। ଯେଉଁ ଘଟନାରୁ ସେପରି କରାଗଲା, ତାହା ଯଥା ସ୍ଥଳରେ ବର୍ଣ୍ଣିତ ହେବ। ଆମମାନଙ୍କର ଅଷ୍ଟମ ଶ୍ରେଣୀ ଠାରୁ ଏକାଦଶ ଶ୍ରେଣୀ ଶେଷ ପର୍ଯ୍ୟନ୍ତ (ସେତେବେଳେ ୪ର୍ଥ ଠାରୁ ୧ମ ଶ୍ରେଣୀ ଯାଏଁ) ପାଠପଢାର ସରସତା ଓ ଗାମ୍ଭୀର୍ଯ୍ୟ ଫୁଟି ଉଠିଥିଲା। ଘରର ଛାତ ପଡି ଚାଲିବା ଭଲ ହୋଇଗଲା, ଏବଂ ଛାତ୍ରାବାସ ମଧ୍ୟ ପୂର୍ଣ୍ଣରୂପ ଧାରଣ କଲା। ଗୋପବନ୍ଧୁ ବାବୁଙ୍କ ପାଇଁ ରହିବା ଘର ଏବଂ ରୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ଗୃହ ନିର୍ମିତ ହେଲାପରେ, କୋଠାଘରର ପୂର୍ଣ୍ଣତା ସାଧନ ପାଇଁ ଆଉ ମନ ଦିଆ ଯାଇନଥିଲା। ବିଶାଳ ଛାତ୍ରାବାସର ପରିଚାଳନା ଭାର ଛାତ୍ରମାନଙ୍କ ଉପରେ ନ୍ୟସ୍ତ କରି, କେବଳ ତତ୍ତ୍ୱାବଧାନ ପୂର୍ବକ ବିଦ୍ୟାଳୟର ଶିକ୍ଷକମାନେ ନିଶ୍ଚିନ୍ତରେ ପରୀକ୍ଷା—ପାଠ୍ୟ ବିଷୟ ମାନଙ୍କର ଅଧ୍ୟାପନା, ଏବଂ ବହୁ ଗୁରୁତର ବିଷୟର ଆଲୋଚନା ଅନୁଶୀଳନରେ ମନଦେଲେ ଏବଂ ସର୍ବଦା ସବୁ ମୁହୂର୍ତ୍ତରେ ଛାତ୍ରମାନଙ୍କ ମେଳରେ ଥାଇ ଜୀବନରେ ଅନୁସରଣୀୟ ସମସ୍ତ ନୀତି ଓ ଜ୍ଞାନ ଜନ୍ମାଇବା ବିଷୟରେ ପ୍ରାଣପଣ ଚେଷ୍ଟା କରୁଥିଲେ।

କ୍ରମେ ବିଦ୍ୟାଳୟରେ ଶ୍ରୀ ଗୋଦାବରୀଶ ମିଶ୍ର M. A. ଏବଂ ପରେ ଶ୍ରୀ କୃପାସିନ୍ଧୁ ମିଶ୍ର M. A. ଯୋଗ ଦେଲେ। ୰ ଶ୍ରୀ ଭାସ୍କର ରଥ କଟକରୁ ଯାଇ ସେଠାରେ ଯୋଗ ଦେଇଥିଲେ। ରୁକ୍ମଣୀ ପରିଣୟ ଓ ଲକ୍ଷ୍ମଣା ପରିଣୟ—ଏହି ଦୁଇ ସଂସ୍କୃତ କାବ୍ୟର କବି ୰ଶ୍ରୀ ଭୁବନେଶ୍ୱର ରଥ ସଂସ୍କୃତର ପ୍ରଧାନ ଶିକ୍ଷକ ଏବଂ ୰ଶ୍ରୀ ବାଞ୍ଛାନିଧି

GPNanda Colln., Digitized by srujanika@gmail.com

ମିଶ୍ର କାବ୍ୟତୀର୍ଥ ପ୍ରଭୃତିରେ ଅନ୍ୟତମ ଶିକ୍ଷକ ରୂପେ ସତ୍ୟବାଦୀ ପୀଠରେ ଯୋଗ ଦେଇଥିଲେ । ସମସ୍ତେ ଧନରେ ତ୍ୟାଗ କରି ଶିକ୍ଷାଦାନକୁ ଜୀବନର ବ୍ରତ କରିଥିଲେ ଓ ନିଦେଶ ମାତୃକାର ସେବା ପାଇଁ ସମସ୍ତେ ତତ୍ପର ଥିଲେ । ଆମ୍ଭେମାନେ ଜାଣୁଥିଲୁ, ସମସ୍ତେ କେବଳ ଚଳିଯିବା ଭଳି ବେତନ ପାଆନ୍ତି । ତଥାପି କାହାରି ପ୍ରତି ଛାତ୍ର ସମାଜର ଅନାଦର ନଥାଏ । ଶିକ୍ଷକମାନଙ୍କର ଅଧ୍ୟାପନାର ପ୍ରକାର ଓ ଗୀତଗୀତ ଦୃଷ୍ଟିରେ ଆମ୍ଭମାନଙ୍କର ଧାରଣା ଥିଲା ଯେ ପ୍ରତ୍ୟେକ ଶିକ୍ଷକ ବିଦ୍ୟାର ଆକର—ସମୁଦ୍ର ପରି ଗମ୍ଭୀର । ମାନବ ସମାଜରେ ଆମ୍ଭେମାନେ ପ୍ରତ୍ୟେକଙ୍କୁ ଋଷି ମହର୍ଷି ପରି ମନେ କରୁଥିଲୁ ଏବଂ ଆମ୍ଭମାନଙ୍କୁ ପ୍ରାଚୀନ ଗୁରୁକୁଳର ଛାତ୍ର ବା ଶିଷ୍ୟ ବୋଲି ମନେ କରୁଥିଲୁ ।

ବିଦ୍ୟାଳୟର ସମ୍ୟକ୍ ଉନ୍ନତି କେବଳ କ୍ଲାସ ପଢାରେ ହୁଏ ନାହିଁ । ଗୁରୁମାନେ ଶାସକ ଏବଂ ଶିଷ୍ୟମାନେ ଶାସିତ ପରି ହେଲେ ବିଦ୍ୟାଳୟ ବିଦ୍ୟାଳୟ ହୁଏ ନାହିଁ, ତାହା ପାଠ ବିକ୍ରିର ହାଟପରି ହୁଏ । ମାତ୍ର ସତ୍ୟବାଦୀ ବିଦ୍ୟାଳୟର ଶ୍ରେଣୀ ମାନଙ୍କରେ ଯେପରି ଶିକ୍ଷାଦାନ କରାଯାଉଥିଲା, ତାହା ଆମ୍ଭମାନଙ୍କ ପକ୍ଷରେ ଅତ୍ୟନ୍ତ ମୂଲ୍ୟବାନ୍, ମଧୁମୟ ଥିଲେ ମଧ୍ୟ ଛାତ୍ରାବାସରେ ପୁଣି ଶିକ୍ଷକମାନେ ବୁଲି ବୁଲି ପ୍ରତ୍ୟେକ ବାଳକକୁ ହିତକର ଉପଦେଶ ଦେଉଥିଲେ, ଯାହା କଲେ ଭଲ ହେବ ସେ ବିଷୟ ବୁଝାଉ ଥିଲେ । ଉଦ୍ୟୋକ୍ତାମାନେ ଆଗରୁ ସ୍ଥିର କରିଥିଲେ—କିପରି ଦରିଦ୍ର ଉତ୍କଳ ସନ୍ତାନମାନେ ଖୁବ୍ ଅଳ୍ପ ଖର୍ଚ୍ଚ କରି ବିଦ୍ୟାଳାଭ କରିବେ । ସେଥିପାଇଁ ଅତି ଅଭାବରେ ଚଳୁଥିଲେ ମଧ୍ୟ ପ୍ରଚଳିତ ଛାତ୍ରଦେୟ ବେତନର ପରିମାଣ ପ୍ରତି ଶ୍ରେଣୀରେ ଅଳ୍ପ କରିଥିଲେ । ମଞ୍ଜୁରି ମିଳିବା ପୂର୍ବରୁ ଏବଂ ଅବ୍ୟବହିତ ପରେ ଦରମା ସାଧାରଣ ପ୍ରଚଳିତ ନିୟମାନୁସାରେ

GPNanda Colln., Digitized by srujanika@gmail.com

ବଢିଯିବାର କଥା । ଗୋପବନ୍ଧୁ ବାବୁଙ୍କର ସେପରି କରିବାର ଇଚ୍ଛା ନଥିଲା । ସେଥିଲାଗି ଦୁଇଟି ହିସାବ ଖାତା କରାଯିବ ବୋଲି ସ୍ଥିର ହୋଇଥିଲା । ମାତ୍ର ସେପରି ବିଗର୍ହିତ କାର୍ଯ୍ୟ କରିବାର ଅନିଚ୍ଛାରୁ ବୋଧହୁଏ ଡବଲ୍ ହିସାବ ରହିଲା ନାହିଁ । ସତ୍ୟବାଦୀ ବିଦ୍ୟାଳୟର ଗାମ୍ଭୀର୍ଯ୍ୟ, ମହିମା ଓ ବହୁମୁଖୀ ଉନ୍ନତି ବୃଦ୍ଧିରେ ଦରମା ବଢିଗଲା ବେଳେ କେହି ଆପତ୍ତି କରିନଥିଲେ । କ୍ରମେ ସ୍କୁଲର ଛାତ୍ର ସାତଶହରୁ ଅଧିକ ହେଲା । ଛାତ୍ରଦତ୍ତ ବେତନରେ ଶିକ୍ଷକମାନେ ଦରମା ପାଇ ପାରିଥାନ୍ତେ, ମାତ୍ର ସ୍କୁଲର ଲାଇବ୍ରେରି, ଅନ୍ୟାନ୍ୟ ଉପକରଣ ଇତ୍ୟାଦିରେ ବହୁତ ଭାଗ ଧନ ଅକୁଣ୍ଠିତ ଚିତ୍ତରେ ବ୍ୟୟିତ ହେଲା ପରେ ଯାହା ବଳେ ଶିକ୍ଷକମାନେ ତାହାକୁ ବାଣ୍ଟି ନିଅନ୍ତି । ଶତାଧିକ ମେଧାବୀ ଛାତ୍ର ମଧ୍ୟ 'ଫ୍ରି' ପାଇ ପଢୁଥିଲେ ।

ଶିକ୍ଷକଙ୍କ ଦରମା ସବୁ ସ୍କୁଲ ସଙ୍ଗେ ସମାନ ହେଲା । ତାପରେ ଶିକ୍ଷକମାନେ ତାହା ଗୁପ୍ତଦାନରୂପେ ଦେଲେ ; ସ୍କୁଲଫଣ୍ଡରେ ତାହା ଜମା ରହେ । ବୋର୍ଡିଂରେ ଶତକଡା ପାଞ୍ଚ ଛାତ୍ର ମାଗଣା ରହିବାର ନିୟମ ହୋଇଥିଲା । ତଥାପି ତିନିଟଙ୍କା ବାରଅଣାଠାରୁ ପାଞ୍ଚଟଙ୍କାପର୍ଯ୍ୟନ୍ତ ମାସିକ ବ୍ୟୟରେ ପିଲାମାନେ ଚଳନ୍ତି । ସାଧାରଣ ରନ୍ଧନାଗାରର ପୂଜାରି ଠାକୁର-ମାନେ ମଧ୍ୟ ସେ ବାୟୁମଣ୍ଡଳରେ ଅତ୍ୟନ୍ତ ସାଧୁପ୍ରକୃତିକ ହୋଇ ଯାଉ-ଥିଲେ । ସକାଳବେଳା ଭାତ, ଡାଲି ଓ ପରିବାର ତରକାରୀ ଏବଂ ଉପରବେଳା ଭାତ ଓ ଡାଲମା ସବୁଦିନର ସାଧାରଣ ଖାଦ୍ୟ ଥିଲା । ଶିକ୍ଷକମାନେ ଛାତ୍ରଙ୍କ ପରି ଟଙ୍କା ଦେଇ ଛାତ୍ରମାନଙ୍କ ସଙ୍ଗରେ ସେହି ଖାଦ୍ୟ ଖାଉଥିଲେ, ତା ପୁଣି ପାଞ୍ଚଟଙ୍କିଆ ମେସରେ ନୁହେ । ସମୟର ଉଚିତ ବ୍ୟବହାର ଏବଂ ଘଣ୍ଟାନୁସାରେ କାର୍ଯ୍ୟ ହେଉ ଥିବାରୁ ଖାଦ୍ୟରେ ଭଲ ମନ୍ଦ ବିଚାର କାହାରି ନଥିଲା । ମଧ୍ୟେ ମଧ୍ୟେ ଖାଦ୍ୟ ବଦଳୁଥିଲା, ମାତ୍ର ଖର୍ଚ୍ଚ ସୀମା ଟପିଯାଏ ନାହିଁ ।

GPNanda Colln., Digitized by srujanika@gmail.com

ଶିକ୍ଷକ ମାନଙ୍କ ମଧ୍ୟରେ ତିନିଜଣ ଏମ୍, ଏ, ତିନିଜଣ ବି, ଏ, ତିନିଜଣ ଆଇ, ଏ, ଏବଂ ଅନ୍ୟାନ୍ୟ ମାନେ (ଆଗରୁ କୁହା ଯାଇଅଛି), ସଂସ୍କୃତ ପଣ୍ଡିତ ଦୁଇ ଏବଂ ତଳ ଶ୍ରେଣୀର ଶିକ୍ଷକମାନେ ସମସ୍ତେ ଏକାପରି ସର୍ବଗୁଣାକର ଥିବା କଥା ଆମ୍ଭେମାନେ ଜାଣୁଥିଲୁଁ । ଶିକ୍ଷା ପ୍ରଣାଳୀ ସମସ୍ତଙ୍କର ଚମତ୍କାର ଥିଲା ଏବଂ ପ୍ରକାର ଭିନ୍ନ ଭିନ୍ନ ଥିଲା । ଏ ଅଧ୍ୟାୟରେ ପ୍ରତ୍ୟେକ ଶିକ୍ଷକଙ୍କର ଅନୁସୃତ ପ୍ରଣାଳୀ ଗୁଡ଼ିକ ଶିକ୍ଷକ ଓ ଛାତ୍ର ମାନଙ୍କର ଅନୁକରଣୀୟ ଥିବାରୁ ବର୍ଣ୍ଣିତ ହେବ ।

ହେଃ ମାଷ୍ଟର ପଣ୍ଡିତ ନୀଳକଣ୍ଠ ଦାସ—

ସେ ଅତ୍ୟନ୍ତ ଗମ୍ଭୀର, ପିଲାମାନେ କିପରି ପାଠ ଗିଳି ପକାଇ ଶୁଣିବା ମାତ୍ରେ ଶିଖିବେ, ଶିଖିବା ପରେ ମନେ ରଖିବେ, ମନେରଖି ହଠାତ୍ ପ୍ରାଞ୍ଜଳ ଭାବରେ ଭାବ ବ୍ୟକ୍ତ କରିବେ ଏଥିଲାଗି ଭାରି ତତ୍ପର ଥିବାରୁ ବେଳେ ବେଳେ ଅତ୍ୟନ୍ତ ଅସହନ ହୋଇ ପଡନ୍ତି । ପ୍ରତ୍ୟେକ ବିଷୟରେ ତାଙ୍କର ଜ୍ଞାନ ଥିଲା । ପଢ଼ାଇବାକୁ ଗଲା ବେଳଠାରୁ କ୍ଲାସ ଛାଡିବା ଯାଏଁ ବହିର ପାଠ ଛଡ଼ା ଅନ୍ୟ କିଛି କାର୍ଯ୍ୟ ହୁଏ ନାହିଁ— ବାଜେ ଗଳ୍ପ ପଡେ ନାହିଁ । ମାତ୍ର ଉଦାହରଣ ସ୍ଥଳରେ ମହାଜନ ମାନଙ୍କର ଜୀବନ ଚରିତ ଓ ଉଦ୍‌ବୋଧନ ମୂଳକ କଥା ସବୁ କହୁଥିବାରୁ, ଆମ୍ଭେମାନେ ସେହି ସେହି ଜୀବନ ଚରିତ ଏବଂ ସେହି ସେହି ଉପଦେଶ ମୂଳକ ପୁସ୍ତକମାନ ପଢିବାରେ ଅଗ୍ରହାନ୍ୱିତ ହୋଇଥାଉଁ । ଯେତେ ମୂଲ୍ୟବାନ୍ ହେଲେ ମଧ୍ୟ ସେ ପୁସ୍ତକମାନ ଲାଇବ୍ରେରୀକୁ ଆସେ ।

କ୍ଲାସ ଲାଇବ୍ରେରୀ ଆମ୍ଭମାନଙ୍କର ଆଗ୍ରହ ଦେଖି ସେ କ୍ଲାସ ଲାଇବ୍ରେରୀ ଖୋଲି ଦେଲେ । ପ୍ରତ୍ୟେକ ଶ୍ରେଣୀର ଉପଯୋଗୀ ପୁସ୍ତକଗୁଡ଼ିଏ ଗୋଟିଏ ଗୋଟିଏ ଛୋଟ ଆଲମାରୀରେ ପ୍ରତି ଶ୍ରେଣୀର ଗୃହରେ ରଖା ଯାଉଥିଲା ।

GPNanda Colln., Digitized by srujanika@gmail.com

ବର୍ଷକୁ ବର୍ଷ ଲାଇବ୍ରେରୀର ପୁସ୍ତକ ସଂଖ୍ୟା ବଢି ଯାଉଥିବାରୁ ବର୍ଷର ଆରମ୍ଭରେ ପୁସ୍ତକ ଗୁଡ଼ିକ ନୂତନ ଭାବରେ ସଜାଡ଼ି ହୁଏ, ଏବଂ ତହିଁରେ ନମ୍ବର ଦିଆଯାଏ । ମୋର ଅଷ୍ଟମ ଶ୍ରେଣୀଠାରୁ ଶେଷ ପର୍ଯ୍ୟନ୍ତ ଶିକ୍ଷକ ମାନଙ୍କ ସଙ୍ଗେ ଲାଇବ୍ରେରୀ ସଜାଡ଼ିବା କାମ ମୁଁ ପ୍ରତିବର୍ଷ କରୁଥିଲି । ଆମ କ୍ଲାସ ଲାଇବ୍ରେରୀରୁ ମୁଁ ଭଲ ବହିଗୁଡ଼ିକ ବାଛି ଉପର କ୍ଲାସକୁ ନେଇ ଯାଉଥିଲି ।

ଗୋପବନ୍ଧୁ ବାବୁ କ୍ଲାସ ଲାଇବ୍ରେରିରୁ ବହି ଦେଇଥିବାରେ ଆଉରି ଗୋଟିଏ ବିଧି ଯୋଡ଼ି ଦେଲେ ଯେ କ୍ଲାସର ଶିକ୍ଷକ ପ୍ରତି ପିଲାଙ୍କର ମାନସିକ ରୁଚି ଓ ଗ୍ରହଣ କ୍ଷମତା ଜାଣି ପ୍ରତି ପିଲାକୁ ବହି ଦେବେ ଏବଂ ସେ ବହି ଫେରାଇଲା ବେଳେ ଏଥିରୁ ସେ ପ୍ରଶ୍ନ ପଚାରି ଦେଖିବେ, ସେ ବାଳକ ପଢ଼ିଛି କିନା ।

ଶିକ୍ଷକ ମାନଙ୍କ ଭିତରେ ନିୟମ ହୋଇଥିଲା ଯେ ଜଣେ ଜଣେ ଶିକ୍ଷକ ଗୋଟିଏ ଗୋଟିଏ ଶ୍ରେଣୀର ସମସ୍ତ ପଠିତବ୍ୟ ବିଷୟର ଭାର ନେବେ । ଅର୍ଥାତ୍ ଭିନ୍ନ ଭିନ୍ନ ଘଣ୍ଟାରେ—ଭିନ୍ନ ଭିନ୍ନ ଶିକ୍ଷକ ପଢାଉ ଥିଲେ ମଧ୍ୟ ସମସ୍ତ ପାଠୋନ୍ନତି ସେହି ଶ୍ରେଣୀର ପିଲାମାନଙ୍କର ଭାର ମାଟ୍ରିକ୍ ପରୀକ୍ଷା ଯାଏଁ ସେହି ଏକ ଶିକ୍ଷକ ନେବେ ଏବଂ ଶେଷରେ ସେ ପୁଣି ୪ର୍ଥ ଶ୍ରେଣୀରୁ ଆରମ୍ଭ କରି ତାଙ୍କୁ ଶେଷପର୍ଯ୍ୟନ୍ତ ନେବେ । ଆମ କ୍ଲାସର ଭାର ନୀଳକଣ୍ଠ ବାବୁ ନେଇଥିଲେ ।

ଶ୍ରେଣୀ ମଧ୍ୟରେ ପ୍ରଥମ ତିନିବର୍ଷ ସେ ଆମ୍ଭମାନଙ୍କୁ ଇଂରାଜୀ ଗଦ୍ୟ ପଢାନ୍ତି । ତାଙ୍କର ଶିକ୍ଷାଦାନ ବ୍ୟାକରଣମୂଳକ ଥିବାରୁ ବେଳେ ବେଳେ କଷ୍ଟକର ବୋଧ ହେଉଥିଲା । ଅଳ୍ପ ସମୟରେ ବହୁତ ପଢ଼ାନ୍ତି ଏବଂ ଯାହା ପଢାନ୍ତି ସେ ବିଷୟର ଯାବତୀୟ ଜ୍ଞାତବ୍ୟ ବିଷୟ ଶିଖାଇ ଦିଅନ୍ତି ।

GPNanda Colln., Digitized by srujanika@gmail.com

ପ୍ରଶ୍ନ ପତ୍ରର ତାହା ଆଦାୟ କରନ୍ତି । ପୂର୍ବଦିନରୁ ଦେଇଥିବା ଲେଖା ଖାତାଗୁଡ଼ିକ ପଢା ଶେଷରେ ନେଇ ଯାଆନ୍ତି । ପ୍ରତି ଶ୍ରେଣୀରେ ସେ ବର୍ଷକର ଚତୁର୍ଥ ପିରିଅଡ଼ ନେଇଥାନ୍ତି ଏବଂ ସେ ପିରିଅଡ ପରେ ଖେଳ ଛୁଟି ଅଧଘଣ୍ଟାକ ମଧ୍ୟ ପଢାନ୍ତି । ଦେଶବିଦେଶର କଥା, ମହାପୁରୁଷ-ମାନଙ୍କର ଚରିତ, ଅନ୍ୟାନ୍ୟ ନୈତିକ ବିଷୟ ଇତ୍ୟାଦି ଉଦାହରଣ ଛଳରେ କହି ବିଷୟକୁ ଅତି ସରସ କରିବା ସଙ୍ଗେ ସଙ୍ଗେ ଛାତ୍ରମାନେ କିପରି କ୍ଲାସ ଲାଇବ୍ରେରୀରୁ ବହି ସବୁ ନେଇ ପଢିବେ ସେ କଥାକୁ ଲକ୍ଷ୍ୟ ରଖିଥାନ୍ତି । ବହି ସେ ନିଜେ ପିଲାର ବଳ ଦେଖି ଦିଅନ୍ତି । ମୋର ମନେ ଅଛି—ମୁଁ ପ୍ରଥମ ପୁସ୍ତକ "ମଙ୍ଗୋପାର୍କ" ବହି ନେଇ ଥିଲି । କିପରି ଅଳ୍ପ ସମୟରେ ବେଶି ପଢି ମନେ ରଖାଯାଇ ପାରେ ସେ ବିଷୟ ବକ୍ତୃତାମାନଙ୍କରୁ ଏବଂ ଶିକ୍ଷକମାନଙ୍କର ପ୍ରଦତ୍ତ ଉଦା-ହରଣରୁ ମୁଁ ଜାଣିଥିଲି । ତିନିଦିନ ମଧ୍ୟରେ ସମସ୍ତ ବିଷୟଟି ପଢି ଫେରାଇ ଦେବାରୁ ସେ ଆଶ୍ଚର୍ଯ୍ୟ ମଣିଲେ । ଦୁଇ ଗୋଟି ପ୍ରଶ୍ନ ପତ୍ରର ଉତ୍ତର ପାଇବାରୁ ଭାରି ଖୁସୀ ହୋଇଗଲେ । ସେ କଥା ଶିକ୍ଷକମାନଙ୍କୁ ଆମ ଶ୍ରେଣୀର ପିଲାଙ୍କୁ କହିଦେଲେ । ତହିଁ ଆରଦିନ ବହିଦେଲା ବେଳକୁ ଗୋପବନ୍ଧୁ ବାବୁ ଆସି ଆମ ଶ୍ରେଣୀରେ ପହଞ୍ଚିଗଲେ । କେଉଁ ପିଲା କି ବହି ପଢିପାରେ ପଚାରି ବୁଝିନେଲେ ଏବଂ ନିଜେ ସେହି ଅନୁସାରେ ହାତରେ ପ୍ରତ୍ୟେକ ଅଭିଳାଷୀ ପିଲାଙ୍କୁ ବହି ଦେଲେ । ମୋ ବେଳକୁ କହିଲେ "ଏହାଙ୍କୁ Todd's students' manual ଦିଅ" । ସେ ବହି ସାଧାରଣ ଲାଇବ୍ରେରୀରୁ ଆସି କ୍ଲାସ ଲାଇବ୍ରେରୀ ସ୍ଥାନ ପାଇଲା । ସେହି କ୍ଲାସ ଲାଇବ୍ରେରୀ ହେତୁରୁ ମୁଁ ବହୁତ ପୁସ୍ତକ ପଢିପାରିଥିଲି । ଏବଂ ଅନ୍ୟାନ୍ୟ ସହପାଠୀମାନେ ମଧ୍ୟ ପଢୁଥିଲେ । ଆମ ଶ୍ରେଣୀରେ ସେ ପଢାଇବା ବେଳେ ଯେ ବେଶୀ ତତ୍ତ୍ୱ ନେଉ-ଥିଲେ, ତାହା ନୁହେଁ । ଅନ୍ୟ ଶ୍ରେଣୀମାନଙ୍କରେ ମଧ୍ୟ ପଢାଇବା

GPNanda Colln., Digitized by srujanika@gmail.com

ବେଳେ ସେହି ଏକବାଚିତ ଅବଲମ୍ବନ କରୁଥିଲେ । କୌଣସି ଶିକ୍ଷକଙ୍କର ପଢ଼ା ତିଆରି ନ କରି କେହି କ୍ଲାସକୁ ଯାଉ ନଥିଲେ । ନାନାବିଧ ଉପାୟରେ (କାଖରେ ରସୁଣ ଯାକି, ଖରାରେ ଠିଆ ହୋଇ) ଜ୍ୱର ପ୍ରସ୍ତୁତ କରାଇ ବା ପେଟ ମୋଡୁଛି, ମୁଣ୍ଡ ବଥାଉଛି ଇତ୍ୟାଦି କହି ମିଛରେ ରୋଗୀ ସାଜି, ଔଷଧ ଖାଇ, ଉପବାସରେ ରହି ସମୟ କଟାନ୍ତି ପଛକେ କଦାପି ବିଦ୍ୟାଳୟକୁ ଯାଆନ୍ତି ନାହିଁ । ପୁଣି ହେଡ଼ ମାଷ୍ଟରଙ୍କ ପଢ଼ା ନ ହୋଇଥିଲେ ରକ୍ଷା ନାହିଁ । କେବଳ ସେତିକି ନୁହେଁ, ପଢ଼ାଇବା ବେଳେ ବ୍ୟବହାର ଚରିତ୍ର ଅଦି ପ୍ରତି ତାଙ୍କର ତୀବ୍ର ଦୃଷ୍ଟି ଥାଏ । ସୁତରାଂ କେତେବେଳେ କାହା ଉପରେ କି ହେତୁରୁ କଅଣ ମନ୍ତବ୍ୟ ବା ଦଣ୍ଡ ହେବ ତାହା ମଧ୍ୟ ଆମ୍ଭମାନଙ୍କର ଚିନ୍ତାର ବିଷୟ ଥାଏ । ଉଦାହରଣ ସ୍ୱରୂପ—ଥରେ ଜଣେ ବାଳକ ନୂତନ ବାହାରିଥିବା ଗଙ୍ଗା ଯମୁନା ଗୃହର ଖଣ୍ଡିଏ ଧରାଇ କ୍ଲାସକୁ ଯାଇଥିଲେ —ପଢ଼ାଉ ପଢ଼ାଉ ପଚାରିଲେ—Have you got it or bought it. ସେ ବାଳକ ଘଣ୍ଟା ଶେଷରେ ବୋର୍ଡିଂକୁ ଯାଇ ତାକୁ ରଖିଦେଇ ଆସିଥିଲା । ଆଉଥରେ ଆମମାନଙ୍କ ଶେଷ ଶ୍ରେଣୀରେ ଗୋଟିଏ ବ୍ୟାକରଣ ଗତ ପ୍ରଶ୍ନ ପଚାରିଥିଲେ । ଆମ୍ଭେମାନେ କେହି କେହି ପାରିଲୁ ନାହିଁ । ସମସ୍ତଙ୍କୁ ଠିଆ କରାଇ ଦେଲେ । ଜଣେ ବାଳକ କହିବାରୁ ତାକୁ ବସିବାକୁ କହିଲେ । ସେ ଟିକିଏ ଆନନ୍ଦରେ ହସିଦେଲା । ତାହା ଲକ୍ଷ୍ୟକରି ସେ ହଠାତ୍ ରାଗିଗଲେ କହିଲେ— All of you sit down, you stand up. You are getting proud ଉପୃରେ ବୁଝାଇଲେ ଯେ ପାଠ ମୁଖ୍ୟ ନୁହେଁ—ଚରିତ୍ର ମୁଖ୍ୟ । ଶିକ୍ଷକମାନେ କର୍ତ୍ତବ୍ୟ ବୋଧରେ ରାଗିବା ପାଇଁ ଲାଗନ୍ତି ।

GPNanda Colln., Digitized by srujanika@gmail.com

ଅନ୍ୟାନ୍ୟ ଶ୍ରେଣୀ ମାନଙ୍କରେ ଭୂଗୋଳ ଓ ଇତିହାସ ପଢାଇବାର ପ୍ରଣାଳୀ ତାଙ୍କର ଅତି କାର୍ଯ୍ୟକାରୀ ଥିଲା । **Significant No. 6** ବୋଲି ଗୋଟିଏ ଗୀତ ବାହାର କରି ବୁଝାଇ ଦେଲେ ଯେ ଆଦିମ ଯୁଗ ବୈଦିକ ଯୁଗ, ହିନ୍ଦୁ ଯୁଗ, ମୁସଲମାନ ଯୁଗ, ମରହଟ୍ଟା ଯୁଗ ଓ ବ୍ରିଟିସ ଯୁଗ ଏହିପରି ଛଅଯୁଗ—ବେଦ ଚାରି, ସଂହିତା ଓ ଦର୍ଶନ ଶାସ୍ତ୍ର—ଏ ମଧ୍ୟ ଛଅ; ଦର୍ଶନ ଶାସ୍ତ୍ର ଛଅ—ଚନ୍ଦ୍ରଗୁପ୍ତ, ଅଶୋକ କନିଷ୍କ, ହର୍ଷବର୍ଦ୍ଧନ, ଯଶୋବର୍ମନ୍ ପୃଥ୍ୱୀରାଜ ଏ ଛଅରାଜା ହିନ୍ଦୁ ଯୁଗରେ—ଏହିପରି ଏହିପରି ସେହି 'ଛଅ'କୁ ମୂଳ କରି ଇତିହାସ ଅନ୍ୟ ଶ୍ରେଣୀରେ ପଢାଉଥିଲେ ବେଳେ ମୁଁ ଲୁଚି ଲୁଚି ତାହା ଶୁଣିଥିଲି । ବନ୍ଧୁ ମାନଚିତ୍ରରେ ସେ ଭୂଗୋଳ ପଢାନ୍ତି ନାହିଁ । ଦେଶ ବିଦେଶର ଜ୍ଞାନ ଲାଭ କରିବା ପାଇଁ ସିଲାବସର ଅତିରିକ୍ତ ମାନଚିତ୍ର ଦର୍ଶନ (୧୦୦ ନମ୍ବର)ର ବିଧାନ ଥିଲା । ସେ ନମ୍ବର୍ ମୋଟ ନମ୍ବରରେ ମିଶାଯାଇ ପୋଜିସନ୍‌ରେ ସାହାଯ୍ୟ କରେ । ଯେଉଁ ଶ୍ରେଣୀର ଯାହାର ଯେଉଁ ଶିକ୍ଷକ ନଥାନ୍ତି, ସେ ବାର୍ଷିକ ପରୀକ୍ଷାରେ ମୌଖିକ ପ୍ରଶ୍ନର ପରୀକ୍ଷକ ହୁଅନ୍ତି ।

ଶ୍ରୀ ଗୋଦାବରୀଶ ମିଶ୍ର—

ମୁଁ ଯେତେବେଳେ ପଞ୍ଚମ ଶ୍ରେଣୀରେ (Class VII) ପଢିବା ବେଳେ ଆସିଥିଲେ ; ଦେଶପ୍ରାଣ ଯୁବକ ଥିବାରୁ ତାଙ୍କର ମଧ୍ୟ ପଢାଇବାରେ ବହୁ ନୂତନତ୍ୱ ଥିଲା । ସେ ଭଲ ଇଂରେଜୀ ଜାଣିଥିଲେ ଏବଂ ଉଚ୍ଚାରଣ ଠିକ୍ ସାହେବଙ୍କ ପରି । ତାଙ୍କର ସେତେବେଳେ ସାହେବଙ୍କପରି ଚେହେରା, ଟାଣୀ ଏବଂ ପୋଷାକ ଥାଏ । ମାତ୍ର ଅତି ଅଳ୍ପକାଳ ପରେ ସେ ସେ ପୋଷାକ ତ୍ୟାଗ କରିଥିଲେ । ପଢାଇବା ବେଳେ କ୍ଲାସ ମଧ୍ୟରେ ଶୃଙ୍ଖଳା ଓ ସଂଯମ ରକ୍ଷା ପାଇଁ ସେ ସମସ୍ତଙ୍କ ଠାରୁ ବେଶି ଯତ୍ନଶୀଳ ଥିଲେ । ସବୁ ଛାତ୍ରଙ୍କର ରୋଲ୍ ନମ୍ବର ସେ ମନେ ରଖି-

GPNanda Colln., Digitized by srujanika@gmail.com

ଥାନ୍ତି । ସ୍ଥାନ-ବିନ୍ୟାସ ଅନ୍ୟାନ୍ୟ ସ୍କୁଲରେ ଯେପରି ଅଛି, ଆମ ବନବିଦ୍ୟାଳୟରେ ସେପରି ନଥିଲା । ପିଲମାନେ ଭୂଇଁ ଉପରେ ବସନ୍ତି; ଆଗରେ ଗୋଡକଟା ବେଞ୍ଚ ଡେସ୍କପରି ପଡ଼ିଥାଏ । ଶିକ୍ଷକଙ୍କ ଆସନ ଓ ଟେବୁଲ ଆଗରେ ବାମ, ଡାହାଣ ଓ ସମ୍ମୁଖରେ ତିନିଧାଡି ହୋଇ ଆମ୍ଭେମାନେ ବସୁଁ । ଗୋଦାବରୀଶ ବାବୁ ପାଠ ପଢ଼ାଇଲା ବେଳେ ଗୋଟିଏ ଅଙ୍କକୁ ରୁହୁଁ ବୁଝାଉ ଥାନ୍ତି; ଅନ୍ୟ ପାଖରେ କୌଣସି ବାଳକ ଅନ୍ୟମନସ୍କ ହେବାର ସେ ଜାଣନ୍ତି ଏବଂ ପଢା ମଧ୍ୟରେ ସେହି ପିଲାର ରୋଲ ନମ୍ବର ଡାକି—'ଅନ୍ୟମନସ୍କ ହେଉଛ' ବୋଲି କହିଦେଇ ପୁଣି ପଢାରେ ଲାଗନ୍ତି । ଇଂରେଜୀ ସାହିତ୍ୟକୁ ଅତି, ସରସ ଭାବରେ ବହୁ ଉଦାହରଣ ଦେଇ ବୁଝାଇ ପାରନ୍ତି ଏବଂ ସବୁ ରୁଢ଼ିକ ଦୃଶ୍ୟଦ୍ୱାରା ବୁଝାଇବାକୁ ପ୍ରାୟ ଚେଷ୍ଟା କରନ୍ତି । ମୋର ମନେ ଅଛି **'To break into two'** ଏହି କଥାଟି ବୁଝାଇବା ପାଇଁ ସେ ପେନ୍‌ସିଲଟି ଦୁଇଖଣ୍ଡ କରି ଦେଇଥିଲେ । ପ୍ରଶ୍ନର ଠିକ୍ ଉତ୍ତର ପାଇଲେ, ଆନନ୍ଦରେ ତାଙ୍କର ହୃଦୟ ପୂରିଯାଏ ।

ସେ ପରେ ଆସିଥିଲେ ସତ, କିନ୍ତୁ ସବୁ ଭଲ ପିଲାଙ୍କୁ ଜାଣି ସେ ମଧ୍ୟ ସେମାନଙ୍କୁ ନାନା ଭାବରେ ଉଦ୍‌ବୁଦ୍ଧ କରୁଥିଲେ, ଏବଂ ତାଙ୍କ ବସାରୁ ରାତିରେ ଆସି ବୋର୍ଡିଂରେ ବୁଲିବୁଲି ପିଲାମାନଙ୍କ ପଢା-ପଢ଼ିରେ ସହାୟତା କରୁଥିଲେ ଏବଂ ବହୁ ନୀତିମୟ ଉପଦେଶ ଦେଉଥିଲେ । ସେ ନିଜେ କବି, ତେଣୁ ଛାତ୍ରମାନଙ୍କ ମଧ୍ୟରେ ଯେଉଁମାନେ କବିତା ବା ରଚନା ଲେଖିବାରେ ଭଲ ବୋଲି ଜାଣୁଥିଲେ, ସେ ସେମାନଙ୍କର ବନ୍ଧୁ ପରି ହୋଇ ଯାଉଥିଲେ । ତାଙ୍କର ହୃଦୟର କୋମଳତା ସେତେବେଳେ ଆମ୍ଭେମାନେ ତାଙ୍କ କାର୍ଯ୍ୟ-କଳାପ ଓ ହାଲଭଙ୍ଗୀରୁ ଉପଲବ୍ଧି କରୁଥିଲୁଁ ।

GPNanda Colln., Digitized by srujanika@gmail.com

ଥରେ ମୁଁ କ୍ଲାସରେ ଥିବାବେଳେ ସାନ୍ଥି ଲେଲଙ୍କର ପେନ୍‌ସିଲଟାଏ ଉପର ଓଷ୍ଠରେ ରଖି, ତାଙ୍କ ପଡ଼ା ଭଲକରି ଶୁଣୁଥିଲି। କେହି ହାଇମାଇଲେ, ସେ ଭାରି ବିରକ୍ତ ହୁଅନ୍ତି। ମୁଁ ହାଇ ମାରୁଛି ବୋଲି ଧାରଣା କରି ସେ ହଠାତ୍ ମୋର ରୋଲ ନମ୍ବର ଡାକି କହିଲେ "You are yawning। ମୁଁ ନାହିଁ କଲି। ମୋର ପାଖରେ ବସିଥିବା ପିଲାମାନେ କହିଲେ—'ମନଦେଇ ଶୁଣିବା ବେଳେ ସେ ପ୍ରାୟ ସେହିପରି ବସେ।' ତାଙ୍କର ଧାରଣା ହେଲା ଯେ ମୁଁ ମିଛ କହୁଛି। ମୁଁ ଫାଷ୍ଟ ହୁଏ ବୋଲି ସେ ଜାଣନ୍ତି। ମୋର 'ପ୍ରାର୍ଥନା' ନାମକ ପଦ୍ୟଟିର ପ୍ରଶଂସା ସେ ଶୁଣିଥିଲେ। ତଥାପି ସେ ମୋତେ କ୍ଲାସରୁ ବାହାର କରିଦେଲେ ଏବଂ ସାତଦିନ ଯାଏଁ ମୁଁ ସେହିପରି ବାହାରେ ବସିବି ବୋଲି ଆଦେଶ ଦେଲେ। ମୁଁ ବାହାରେ ଯାଇଁ ବସିଲି। ତହିଁ ଆରଦିନ ସେ ଆସିଲା ବେଳକୁ ମୁଁ ବାହାରେ ବସିଥିଲି। ମୋତେ ଭିତରକୁ ଡାକିଲେ—ମୁଁ ସାତଦିନ ଯାଏଁ ସେଇଠି ବସିବି, ଯିବିନାହିଁ ବୋଲି କହିଲି। ସେ ବହୁବାର କହିଲେ, ମୁଁ ଗଲି ନାହିଁ। ସେ କ୍ଲାସରୁ ଫେରିଲା ବେଳେ ମୋତେ ବଡ କୋମଳ ଭାବରେ ଛୁଟିପରେ ତାଙ୍କ ଘରକୁ ଯିବାପାଇଁ କହିଲେ। ମୁଁ ହଁ କଲି। ସନ୍ଧ୍ୟାବେଳେ ସେ ମୋତେ ତାଙ୍କ ଭୁଲ ବୁଝିଥିବା କଥା କହିଲେ। ଏପରି କହିଲେ ଯେ ମୁଁ କାନ୍ଦ ପକାଇଲି। ମୋର ପଦ୍ୟଟିର ଶେଷ ଦୁଇ ଧାଡ଼ ସେ ମନେ ରଖିଥିଲେ—ତାହା ଉପରେ ଆଲୋଚନା ଚାଲିଲା। କଥା ହେଲା ଯେ ମୁଁ ତହିଁ ଆରଦିନ ଭିତରେ ବସିବି। ମାତ୍ର ପ୍ରଥମ ଘଣ୍ଟାଟି ତାଙ୍କର—ମୁଁ ସେ ଆସିବା ବେଳେ କ୍ଲାସରେ ଯାଇ ତାଙ୍କ ପଛରେ ଠିଆ ହେଲି। ସେ ସଙ୍ଗେ ସଙ୍ଗେ ଭିତରେ ବସିବାକୁ କହିଲେ। ସେଦିନ ସେ ବହୁତ ନ ପଢ଼ାଇ ଇଂଲଣ୍ଡର 'ରୁଗ୍‌ବି ସ୍କୁଲର ହେଡ୍ ମାଷ୍ଟରଙ୍କ ଜୀବନୀ କହିଲେ।

GPNanda Colln., Digitized by srujanika@gmail.com

ଗୋଟିଏ ମାନଚିତ୍ର ହଜି ଯାଇଛି ବୋଲି, ସେ ଗୁପ୍ତାର୍ଜିଙ୍କ ସନ୍ଦେହ କରି ଗାଳି ଦେଇଥିଲେ ମାତ୍ର ମାନଚିତ୍ରଟିକୁ ପୁଣି ପାଇବାରୁ ସେ ତାଙ୍କୁ କ୍ଷମା ମାଗିଲେ । ସେହି ଘଟଣାରେ ସେ ବ୍ୟବହାରର ଦଶ ନମୁନା ଭଲକରି ବୁଝାଇ ଦେଲେ । ଆମ୍ଭେମାନେ ବିଶେଷ ଆନନ୍ଦିତ ଓ ଉଦ୍‌ବୁଦ୍ଧ ହୋଇଥିଲୁଁ ।

ସେ ସବୁ ଭଲ ପିଲାଙ୍କ କଥା କପରି ମନେ ରଖନ୍ତି, ତାହା ଆଶ୍ଚର୍ଯ୍ୟ ଜନକ । ମୁଁ ଯେଉଁ ବର୍ଷ ଦଶମ ଶ୍ରେଣୀ (Class IX) କୁ ଉତ୍ତୀର୍ଣ୍ଣ ହୋଇଥିଲି, ସେ ବର୍ଷ ୭୦୦ରୁ ୬୦୮ ନମ୍ବର ପାଇଥିଲି । ସେହିବର୍ଷ ଗୋଦାବରୀଶ ବାବୁ କଲିକତାରେ B. T ପଢିବାକୁ ଯାଇଥିଲେ । ଛୁଟିରେ ଆସିଲେ ମୋତେ ଓ ଆଉ କେତେକ ପିଲାଙ୍କୁ, ସେ ତାଙ୍କର ପଢା ବିଷୟରେ କହନ୍ତି । ମାତ୍ର ସେ ଶ୍ରେଣୀର ବାର୍ଷିକ ପରୀକ୍ଷାରେ ମୁଁ ୭୦୦ରୁ ୫୯୪ ନମ୍ବର ପାଇଥିଲି । ଫଳ ବାହାରିବା ପରେ ପରେ ସେ ପ୍ରତି ଶ୍ରେଣୀର ପ୍ରଥମ ସ୍ଥାନ ପାଇଥିବା ପିଲାଙ୍କୁ ପତ୍ର ଲେଖି ଥିଲେ । ଉପର ଶ୍ରେଣୀ (୧ମ ଏବଂ ୨ୟ) ପିଲାମାନଙ୍କୁ ପ୍ରଶଂସା କରିଥିଲେ ଏବଂ ମୋ ପାଖକୁ ଲେଖିଥିଲେ—୬୦୮ ପାଖରେ ୫୯୪ ଅତି ଦୁର୍ବଳ ସଂଖ୍ୟା ନୁହେଁ କି ? ବେଶ ଏତିକି । ସେ ପାସ୍ କରି ଆସିଲେ—ମାତ୍ର ପଢାଇବାର ଆନ୍ତରିକତା ସେଥିରୁ ଯୋଗରୁ ତାଙ୍କର ଅବ୍ୟାହତ ହେଉ ନଥିଲା । ଆମ ଶ୍ରେଣୀରେ ସେ ଇଂରେଜୀ ବ୍ୟାକରଣ ଏବଂ ପଦ୍ୟ ନେଇଥିଲେ । ଇଂରେଜୀ ପଦ୍ୟ ଅତି ସୁନ୍ଦର ଓ ପ୍ରାଞ୍ଜଳ ଭାବରେ ବୁଝାଇ ପାରନ୍ତି, ସେ ଲେଖାଲେଖି କରିବାକୁ ବେଶି ଦେଉନଥିଲେ । କାରଣ ସେ ସମୟରେ ଗଦ୍ୟ, ପଦ୍ୟ ବହିରୁ ପ୍ରଶ୍ନ ଆସୁ ନଥିଲା । ମାତ୍ର ଇଂରେଜୀ କ୍ଲାସରେ ଓଡ଼ିଆ ଶବ୍ଦ ଉଚ୍ଚାରଣ କରିବାକୁ ସେ ଦଣ୍ଡନୀୟ ବୋଲି ଘୋଷଣା କରିଥିଲେ । ପଢା ସରେ

ପ୍ରିନ୍ସ ପିଗ୍ରୀର ଇଂରେଜୀ ଭାଷାରେ ପାଠକଥା, ଅର୍ଥ ଇତ୍ୟାଦି ଆଦାୟ କରୁଥିଲେ । ଥରେ ‘Rivulet’ ନାମକ ଟେନିସନ୍‌ଙ୍କର ପଦ୍ୟଟିକୁ ପାରିଲେ ଓଡ଼ିଆରେ ପଦ୍ୟାନୁବାଦ କରି ଆଣିବ ବୋଲି କହିଥିଲେ । ମୁଁ କରିଥିଲି । ସେଥିଲାଗି ସେ ମୋତେ ବହୁତ ପ୍ରଶଂସା ଓ ଉତ୍ସାହ ଦେଇଥିଲେ । କେବଳ ମୋତେ ନୁହେ—ଅନ୍ୟାନ୍ୟ ଭଲ ଛାତ୍ରଙ୍କ ପ୍ରତି ତାଙ୍କର ସମାନ ଦୃଷ୍ଟି ଥିଲା । ତାଙ୍କର ଇଂରେଜୀ ବ୍ୟାକରଣ ପଢ଼ା ଅତି ଚମତ୍କାର । ଆଜିକେ ସବୁ ଶିକ୍ଷକଙ୍କ ପରି ଗୋଟିଏ ଖାତାରେ ଯାହା ପଢ଼ାଇବେ ତାହା ନୋଟ କରିଥାନ୍ତି । ଯେଉଁ ବିଷୟ ପଢ଼ାନ୍ତି ତାହାର ନିୟମକୁ ଖୁବ୍ ଭଲରୂପେ ବୁଝାଇ ବହୁତ ଉଦାହରଣ କହନ୍ତି । ତିନି ଚାରି ଦିନ କହିବା ପରେ ବେଶି ଗୁଡ଼ିଏ ହୋଇଗଲେ ଦିନେ ସେ ପାଠକୁ ପରୀକ୍ଷା କରନ୍ତି । ଆମ୍ଭେମାନେ ବହି ଦେଖି ପାରିବୁ ନାହିଁ, ଖାତାରେ ନୋଟ୍ କରିବୁ ନାହିଁ—କେବଳ ଶୁଣି ଶୁଣି ମନେ ରଖିବୁ । ଏହା ତାଙ୍କର ଆଦର୍ଶ ଥିଲା ।

ପଣ୍ଡିତ **କୃପାସିନ୍ଧୁ**ଙ୍କର ପଢ଼ା-ଢଙ୍ଗରେ ବିଶେଷତ୍ୱ ନଥିଲା, କିନ୍ତୁ ପୂର୍ଣ୍ଣପ୍ରାଣତା ଥିଲା । ସେ ଅନ୍ୟାନ୍ୟ ବିଷୟ ପଢ଼ାଉଥିଲେ ମଧ୍ୟ ଇତିହାସ ପଢ଼ାର ଭାର ପୂର୍ଣ୍ଣରୂପେ ଗ୍ରହଣ କରିଥିଲେ । ସ୍କୁଲର ସବୁ ପରାମର୍ଶରେ ସେ ଥାଆନ୍ତି । କିନ୍ତୁ ରାତିରେ ଓ ବିଦ୍ୟାଳୟ ସମୟ ଛଡ଼ା ଅନ୍ୟ ସମୟରେ ସେ ବୋର୍ଡିଂକୁ ଆସୁ ନଥିଲେ । ତଥାପି ସେ ସମସ୍ତଙ୍କ ପ୍ରତି ସୁପରିଚିତ—କାରଣ ତାଙ୍କର ପ୍ରାଣ ଅତ୍ୟନ୍ତ ଉଦାର ଥିଲା ।

ଶ୍ରୀ **ବାସୁଦେବ ମହାପାତ୍ର** ସେ କାଳରେ ଆମ୍ଭମାନଙ୍କ ପ୍ରତି ଆଲୋକ ପରି ଥିଲେ । ସେ ଉପରର ଉପର ଶ୍ରେଣୀମାନଙ୍କରେ ଅଙ୍କ ଏବଂ ଓଡ଼ିଆ ସାହିତ୍ୟ ପଢ଼ାନ୍ତି । ସତ୍ୟବାଦୀ ସ୍କୁଲର ଶିକ୍ଷକ ହୋଇ-

GPNanda Colln., Digitized by srujanika@gmail.com

ଥିବାରୁ ସେ ନିଜେ ଆନନ୍ଦରେ ଉତ୍ଫୁଲ୍ଲ ଥିଲେ ଓ ଗୋପବନ୍ଧୁ ନୀଳକଣ୍ଠଙ୍କ ପରି, ପିଲାମାନଙ୍କ ସହିତ ସବୁବେଳେ କର୍ମସ୍ରୋତରେ ଭାସମାନ ରହିବାକୁ ସର୍ବଦା ଭଲ ପାଉଥିଲେ । ସେ ପ୍ରଥମେ ସକାଳୁଆ ବ୍ୟାୟାମ ଆରମ୍ଭ କରିଥିଲେ । ମାତ୍ର କର୍ମବ୍ୟସ୍ତତାରେ ମୁହୂର୍ତ୍ତେ ବିଶ୍ରାମ ନଥିଲା । ତେଣୁ ସ୍ୱେଚ୍ଛାକ୍ରମେ ତାଙ୍କ ସଙ୍ଗେ ସେଠି ବ୍ୟାୟାମ କରୁଥିବା ବାଳକମାନେ ଯୋଗ ଦେଇ ପାରୁ ନଥିଲେ । ତାହା ବନ୍ଦ ହୋଇ ବିଧିବଦ୍ଧ ଭାବରେ ସମସ୍ତଙ୍କ ପାଇଁ ବ୍ୟାୟାମ ବାଧ୍ୟତା ମୂଳକ ହୋଇ-ଥିଲା । ସେ ବ୍ୟାୟାମ କରାଇବାରେ ଏବଂ ନିଜେ କରିବାରେ ପୂର୍ଣ୍ଣପ୍ରାଣ ଥିଲେ । ପଢାଇବା ବେଳେ ନିଜକୁ ଭୁଲିଯାଉ ଥିଲେ । ସ୍କୁଲ କାର୍ଯ୍ୟ ଓ ବ୍ୟାୟାମ ଶେଷରେ ନୀଳକଣ୍ଠ ବାବୁ ଓ ଗୋପବନ୍ଧୁ ବାବୁଙ୍କ ସଙ୍ଗେ ଶାସ୍ତ୍ରାଲୋଚନାରେ, ଗୋପବନ୍ଧୁ ବାବୁଙ୍କର ଓ ନୀଳକଣ୍ଠ ବାବୁଙ୍କ ଲେଖାରେ ସାହାଯ୍ୟ କରୁଥିଲେ (ଅର୍ଥାତ୍ ସେ ଦୁହେଁ ଡାକନ୍ତି ଓ ବାସୁବାବୁ ଲେଖନ୍ତି) ପିଲାଙ୍କ ଉପରେ ବୋର୍ଡିଂ ପରିଚାଳନାର ଭାର ହେବା ହେତୁ ନୀଳକଣ୍ଠ ବାବୁଙ୍କ କୋଠରୀଟି ଗୋଟିଏ କ୍ଲବ୍ ପରି ହୋଇଥିଲା । ଶାସ୍ତ୍ରଚର୍ଚ୍ଚା, ଦେଶର ଅନ୍ୟାନ୍ୟ ବିଷୟକ ଆଲୋଚନାରେ ସେ ବରାବର ସହଯୋଗ କରୁଥିଲେ । ଅନ୍ୟାନ୍ୟ ଉଚ୍ଚକୋଟୀର ଶିକ୍ଷକ ମାନଙ୍କର ଯେପରି ଛାତ୍ରମାନଙ୍କ ପ୍ରତି ସ୍ନେହ ସହାନୁଭୂତି ଥିଲା ତାଙ୍କର ମଧ୍ୟ ସେହିପରି ଥିଲା । ସେ ନିଜେ ସୁଲେଖକ, ତାଙ୍କ ପ୍ରଣୀତ ପୁସ୍ତକ ଗୁଡିକ ଉଚ୍ଚ ନୀତିଶିକ୍ଷା ସମନ୍ୱିତ; ତେଣୁ ସେ ଆମ୍ଭମାନଙ୍କ ମେଳରେ ବୋର୍ଡିଂରେ ତାଙ୍କ ରଚିତ ପ୍ରବନ୍ଧ ବା କବିତା ପଢୁଥିଲେ —ଚର୍ଚ୍ଚା କରୁଥିଲେ । ଛାତ୍ରମାନଙ୍କ ମଧ୍ୟରେ ଯେଉଁମାନେ ଉନ୍ନତ ଥିଲେ, ସାହିତ୍ୟ ସାଧନାର ପନ୍ଥା ସେ ସେମାନଙ୍କୁ ସ୍କୁଲ ସମୟ ଛଡା ଅନ୍ୟ ସମୟରେ କହୁଥିଲେ । ପିଲାମାନଙ୍କର ନୈତିକ ଚରିତ୍ରର ବିକାଶ ଲାଗି ସେ ପ୍ରତ୍ୟକ୍ଷରେ ଉପଦେଶ ଦେଉଥିଲେ । ସେହି ସମ୍ପର୍କୀୟ ପୁସ୍ତକ

GPNanda Colln., Digitized by srujanika@gmail.com

ଖାନ ପଢ଼ିବା ଲାଗି ଆମ୍ଭମାନଙ୍କୁ ଉଦ୍‌ବୁଦ୍ଧ କରୁଥିଲେ । ନୀଳକଣ୍ଠଙ୍କର ସେ ଅତ୍ୟନ୍ତ ପ୍ରିୟ ଥିଲେ । ସାଧାରଣତଃ ନୀଳକଣ୍ଠ ବାବୁ ଡାକୁଥାନ୍ତି —ସେ ଲେଖନ୍ତି । ଏହିପରି ନୀଳକଣ୍ଠ ବାବୁଙ୍କର ଲେଖା ପୁସ୍ତକାକାର ଧାରଣ କରେ । ପରବର୍ତ୍ତୀ କାଳରେ ମୁଁ ସେହି ବିଦ୍ୟାଳୟରେ ଛାତ୍ର ଥିଲା ବେଳେ ନୀଳକଣ୍ଠ ବାବୁଙ୍କ ସଙ୍ଗେ ଲେଖାର ଭାର ନେଇଥିଲି— ବାସୁଦେବ ବାବୁଙ୍କ ପ୍ରେରଣା ଓ ଶିକ୍ଷା ହେତୁରୁ । ମାଇନର ପ୍ରଥମ ଶ୍ରେଣୀରେ ଥିଲାବେଳେ ମୋତେ, ମୋର ସହପାଠୀ କେତେ ଜଣଙ୍କୁ ପ୍ରତ୍ୟହ ଗୀତା ପାଠ କରିବା ପାଇଁ ସେ ଉପଦେଶ ଦେଇଥିଲେ । କିଛି ଦିନ ଗୀତାଟିର ଅର୍ଥ କରୁଥିଲେ । ଦଶମ ଓ ଏକାଦଶ ଅଧ୍ୟାୟ ବୁଝାଉଥିଲା ବେଳେ ସେ ଆମ୍ଭମାନଙ୍କ ପାଖରେ ଭାବବିହ୍ୱଳ ହୋଇ ଅସ୍ଥିର ହଉଥିଲେ । ତାହା ଦେଖି ଏବଂ ପ୍ରାଣରେ ଗୀତାବାଣୀର ଝଙ୍କାର ଅନୁଭବ କରି ଆମେ କେତେଜଣ ଛାତ୍ର ଗୀତାପ୍ରତି ଆକୃଷ୍ଟ ହୋଇଥିଲୁଁ । ମୋର ପଇସା ନଥିବାରୁ, ସେ ଖଣ୍ଡିଏ ବଙ୍ଗଳା ଗୀତା ମତେ ଦେଇଥିଲେ । ସେ ଖଣ୍ଡିକ ମୁଁ ଯତ୍ନର ସହିତ ଏପର୍ଯ୍ୟନ୍ତ ରଖି-ଅଛି । ପ୍ରାତଃସ୍ନାନ, ଉପାସନା, ଈଶ୍ୱର-ଭକ୍ତି ଓ ଧାର୍ମିକ ପୂଜା, ବିଦ୍ୟାଳୟ କର୍ମରେ ପୂର୍ଣ୍ଣପ୍ରାଣତା ସହ ମନୋନିବେଶ, ଅନ୍ୟାନ୍ୟ କର୍ମ ସୂଚୀରେ ତନ୍ମୟତା ଇତ୍ୟାଦି ତାଙ୍କ ଦଗ୍ରଶରୀର ଏବଂ କୋମଳ ମନରେ ଦେଖି, ମୁଁ ତାଙ୍କୁ ଅନ୍ତରରେ ଉପଯୁକ୍ତ ପୂଜା କରୁଥିଲେହେଁ କଥାରେ ପ୍ରକାଶ କରିପାରୁ ନଥିଲି । ମୋତେ ପ୍ରବନ୍ଧରଚନା କର-ବାର ବାଗ ସେ ବୁଝାଇ ଦେଇଥିଲେ ଏବଂ ମୋର କେତୋଟି ଲେଖା ଦେଖି ତାଲିମ୍ କରାଇଥିଲେ । ମୁଁ କି ପଦ୍ୟ ବା ଗଦ୍ୟ ଲେଖୁଛି, ସେ ବରାବର ଅନୁସନ୍ଧାନ କରୁଥିଲେ । ମୋତେ ଯେପରି ଶିଖାଉଥିଲେ, କ୍ଲାସ ମଧ୍ୟରେ ତାହା ମଧ୍ୟ ସାଧାରଣ ଭାବରେ ବୁଝାଉଥିଲେ ।

GPNanda Colln., Digitized by srujanika@gmail.com

ଓଡ଼ିଆ ପଢ଼ାଇବା ବେଳେ ସେ କ୍ଲାସରେ ପଢ଼ାଉଛନ୍ତି ବୋଲି ବୋଧ-ହୁଏ ମନେ ରଖି ନ ଥାନ୍ତି । ପ୍ରଥମେ ସେ 'ଛନ୍ଦମାଳା' ଆମ୍ଭ ଶ୍ରେଣୀରେ ଆରମ୍ଭ କରିଥିଲେ । ଆମ୍ଭେମାନେ ସେଥିରୁ 'ଧ୍ୱନି' ପ୍ରଭୃତି କେତେକ କବିତା ଆଗରୁ ପଢ଼ିଥିଲୁଁ । ତାହା କେବଳ ଭାଷା ଶିଖିବା ପାଇଁ ହୋଇ-ଥିଲା । ମାତ୍ର ଯେତେବେଳେ ସେ ସେହି କାବ୍ୟଗୁଡ଼ିକର ତତ୍ତ୍ୱ ସେ ନିଜେ ଆତ୍ମବିସ୍ମୃତ ହୋଇ ବୁଝାଉଥିଲେ, ଆମ୍ଭେମାନେ ତନ୍ମୟ ହୋଇ ଯାଇ-ଥିଲୁଁ । ତାଙ୍କର ଉପସ୍ଥିତି ଆମ୍ଭମାନଙ୍କ ପ୍ରତି ଆନନ୍ଦ ଓ ଉତ୍ସାହଦାୟକ ହୋଇଥିଲା ।

ପଣ୍ଡିତ **ଶ୍ରୀ ଭୁବନେଶ୍ୱର ରଥ, କବିଚନ୍ଦ୍ର** ଅତି ବଡ଼ ପଣ୍ଡିତ ଥିଲେ । ସେ ଅନ୍ୟଠାରେ ବସାକରି ଥାନ୍ତି । ଅତି ସରଳ, ଅମାୟିକ, ସ୍ନେହପ୍ରବଣ ଥିବାରୁ ଆମ୍ଭେମାନେ ତାଙ୍କ ବସାକୁ ଘନ ଘନ ଯାଉଥିଲୁଁ । ତାଙ୍କଠାରୁ କଉତୁକିଆ କଥା ସବୁ ଶୁଣୁଥିଲୁଁ । ବଡ଼ ଲମ୍ବ ଓସାରର ଖଣ୍ଡିଏ ଧୋତି ଓ ପରିଷ୍କୃତ ଖଣ୍ଡିଏ ଉତ୍ତରୀୟ ଘେନି ସେ ବିଦ୍ୟାଳକୁ ଆସୁଥିଲେ । ବେଶଭୂଷା, ଓ ଖାଦ୍ୟ ପାନୀୟ, ଚାଲି ଚଳଣି, ଆଚାର ବ୍ୟବହାର ତାଙ୍କର ଅତି ସରଳ ଥିବାରୁ ସେ ପଢ଼ାଇବା କାଳରେ କଠୋର ଓ ଗମ୍ଭୀର ଥିଲେ ମଧ୍ୟ; ତାଙ୍କର ସଂସ୍କୃତ ପଢ଼ାଇବା-ବେଳେ ସମସ୍ତେ ସବୁ ଶ୍ରେଣୀରେ ନିସ୍ତବ୍ଧ ଭାବରେ ଶୁଣୁଥିଲେ । ତାଙ୍କର ପଢ଼ା ପ୍ରଣାଳୀ ପ୍ରାଚୀନ ଧରଣର ଘୋଷା ଦଳଦିଆ ନୀତି ନ ଥିଲା, ତହିଁରେ ନୂତନତ୍ୱ ଥିଲା । ସେ ପ୍ରତ୍ୟହ କେତେକ ଶବ୍ଦରୂପ ଓ ଧାତୁରୂପ ମୁଖସ୍ଥ କରିବାକୁ ଦିଅନ୍ତି । ସେହି ଶବ୍ଦ ଓ ଧାତୁ ଲଗାଇ ଯେପରି ବାକ୍ୟ ରଚନା କରି ଯାଇପାରେ, ସେହିଭଳି ପାଞ୍ଚଟି ବାକ୍ୟ ଅନୁବାଦ କରି ଆଣିବାକୁ ଦିଅନ୍ତି । ବହିରୁ ପାଠ ବାଛିକରି ପଢ଼ାନ୍ତି, ଯେପରି କି, ସେହି, ସେହି ଶବ୍ଦ ଓ ଧାତୁ ବା ତତ୍ସମାନ ରୂପ ହେଉଥିବା ଶବ୍ଦ ବା ଧାତୁ ତହିଁରେ ଥିବ । ସନ୍ଧି, ସମାସ, କୃଦନ୍ତ,

GPNanda Colln., Digitized by srujanika@gmail.com

ତଦ୍ଧିତ, ନାମ ଧାତୁ, ଏବଂ ବାଚ୍ୟ ପରିବର୍ତ୍ତନ ଆଦିର ନିୟମମାନ ସେ ପୁସ୍ତକରୁ ପଢାନ୍ତି ନାହିଁ । ବହି ଭିତରୁ ତାହା କାଢ଼ନ୍ତି ଏବଂ ସେକସନରେ ଥିବା ଗୁଳାଏ ଶିକ୍ଷିତ ପିଲାଙ୍କୁ ଗୋଟି ଗୋଟି କରି ଗୁଳାଏଥର ସେହି ନିୟମ ଏବଂ ବ୍ୟବହାରମୂଳକ ଉଦାହରଣ ଆବୃତ୍ତି କରାନ୍ତି । ବ୍ଲାକ୍ ବୋର୍ଡରେ ଲେଖିଦେଇ, ତାହା ମନେରଖିବାକୁ କହନ୍ତି । ବହିର ଅର୍ଥ ମଧ୍ୟ ସେହିପରି ଗୁଳାଏ ଥର ଆବୃତ୍ତି ହୋଇ ଯାଏ । ପୁସ୍ତକର କୌଣସି 'ମାନେ' ବହି କେହି ରଖିଥିବାର ଦେଖିଲେ ସେ ଭାରି ଦଣ୍ଡ ଦିଅନ୍ତି । ଏ ପଢାର ପ୍ରକାର ସେ କିପରି ଜାଣିଥିଲେ, ଆମ୍ଭେମାନେ ତାହା ଜାଣି ନଥିଲୁ । ପଣ୍ଡିତମାନେ ସାଧାରଣତଃ ଘୋଷା ପ୍ରକାର ଧରନ୍ତି, ମାତ୍ର ସେ ସେପରି ନଥିଲେ । ଥରେ ଆମର ତୃତୀୟ ଶ୍ରେଣୀରେ ପଢା ହେଉଥିବା ବେଳେ ହେଡ ମାଷ୍ଟର ନୀଳକଣ୍ଠ ବାବୁ କ୍ଲାସକୁ ଆସିଥିଲେ । ସେଦିନ ସେ କୃଦନ୍ତ ପଢାଉଥାନ୍ତି । କୃଦନ୍ତ କ'ଣ, ତଦ୍ଧିତ ଠାରୁ ତାହାର ପ୍ରଭେଦ କ'ଣ, କୃଦନ୍ତ ପ୍ରତ୍ୟୟ କିଏ, ତଦ୍ଧିତ ପ୍ରତ୍ୟୟ କିଏ କିଏ—ଇତ୍ୟାଦି ବହୁତ ବିଷୟ ଏକାବେଳକେ ସେ ବୁଝାଉଥିଲେ । ସେ ତ ଅମାୟିକ ଲୋକ, ଶ୍ରେଣୀ ମଧ୍ୟରେ ନୀଳକଣ୍ଠ ବାବୁ ତାଙ୍କୁ ବୁଝାଇଲେ—କୃଦନ୍ତ ପଢାଇଲା ବେଳେ ଆପଣ ତଦ୍ଧିତ ସଙ୍ଗେ ମିଶାଇ ଏତେ ଜଟିଳ କରୁଛନ୍ତି କାହିଁକି ? ମାତ୍ର ପୂର୍ବ ବର୍ଷରୁ ତାଙ୍କ ଅଧ୍ୟାପନା ପ୍ରଣାଳୀ ସହିତ ଆମ୍ଭମାନଙ୍କର ବେଶ୍ ପରିଚୟ ଥିଲା । ବହୁତ କଉତୁକିଆ କଥା କହନ୍ତି—ତାଙ୍କ ପ୍ରକୃତି ମଧ୍ୟ ବାଳକ ସୁଲଭ ଚପଳ୍ୟ ଯୁକ୍ତ ଓ କଉତୁକିଆ ଥିଲା । ଆମ୍ଭେମାନେ, ଗୁରୁକୁଳ ଆଶ୍ରମର ଶିଷ୍ୟମାନେ ଶୁଣି, ଆବୃତ୍ତି କରି ମନେରଖିଲା ପରି, ତାଙ୍କ କଥା ଗୁଡ଼ିକ ଶୁଣି ଶୁଣି ମନେ ରଖିଥିଲୁ । ଆମ୍ଭେମାନେ ସ୍ୱାଧୀନ ଭାବରେ ଉତ୍ତର ଦେଲୁ ଯେ ପଣ୍ଡିତ ମହାଶୟଙ୍କ ପ୍ରଣାଳୀ ଆମ୍ଭମାନଙ୍କୁ ଭଲ ଲାଗୁଛି । ହେଡ଼ ମାଷ୍ଟରେ କିଛି ନ କହି ଫେରିଗଲେ । ସେହିଦିନ ସନ୍ଧ୍ୟାରେ

GPNanda Colln., Digitized by srujanika@gmail.com

ମୋତେ ପଚାରି ବୁଝିଲେ ଯେ ଆମ୍ଭେମାନେ (ଏସବୁ କଥା ମୁଁ କହୁଛି) ବହି ନପଢ଼ି ବ୍ୟାକରଣ ଜାଣୁଅଛୁ ଏବଂ ପଣ୍ଡିତ ମହାଶୟଙ୍କ ପଢ଼ାଇବା ପ୍ରକାର ଅତ୍ୟନ୍ତ ଭଲ। ମାନେ ବହି ନପଢ଼ିବା ଏବଂ ବ୍ୟାକରଣ ପୁସ୍ତକ ନପଢ଼ି ମନେ ରଖିବା ତାଙ୍କୁ ସୁଖକର ବୋଧ ହୋଇଥିଲା। ସ୍କୁଲର ଅନ୍ୟାନ୍ୟ ବହୁତୋମୁଖ କର୍ମରେ ସେ ଯୋଗ ଦେଇ ଉତ୍ସାହ-ପ୍ରାପ୍ତ ହୋଇ ପାରୁଥିଲେ। ଅନ୍ୟାନ୍ୟ ଅଧ୍ୟାୟରେ ତାହା ବର୍ଣ୍ଣିତ ହେବ।

ଆଚାର୍ଯ୍ୟ ହରିହର ଅଙ୍କ ଶିକ୍ଷକ। ଆମ୍ଭେମାନେ ମନେ କରୁଥିଲୁ—ଅଙ୍କରେ ତାଙ୍କପରି ଶିକ୍ଷକ ଓଡ଼ିଶାରେ କେହି ନଥିବେ। ସେ ଗୋଟି ଗୋଟି କରି ପୁସ୍ତକର ସମସ୍ତ ଅଙ୍କ କଷାନ୍ତି ଏବଂ ନିଜର ରଚିତ ଉଦାହରଣ ଓ କୌତୁକ ପ୍ରଶ୍ନ ସାହାଯ୍ୟରେ ବିଷୟକୁ ମଧୁମୟ କରି ଦିଅନ୍ତି। ଆମମାନଙ୍କର ଦଶମ ଶ୍ରେଣୀ (ସେ କାଳର ୨ୟ ଶ୍ରେଣୀ)ରେ ସେ ସମସ୍ତ ପାଠ୍ୟ ଶେଷ କରିଥିଲେ। ଜ୍ୟାମିତିର କେତେଗୁଡ଼ିଏ ପ୍ରତିଜ୍ଞା ଓ ଅନୁଶୀଳନୀ କଷ୍ଟକର ବୋଧ ହେଉଥିବା ସେ ଜାଣିଥିଲେ। ତେଣୁ ଗୋଟିଏ ସମ୍ପାଦ୍ୟ ପଢ଼ାଇବେ ବୋଲି କହି ତାହା ପଢ଼ାଇ ଦିଅନ୍ତି। ତାହାର ଅନୁଶୀଳନୀ ବୋଲି କହି କେତେକ କରାନ୍ତି। କ୍ଲାସ ଛାଡ଼ିଲା ବେଳକୁ ଯେଉଁ ଉପପାଦ୍ୟ ସାହାଯ୍ୟରେ ଅନ୍ୟ ଯେଉଁ ଉପ-ପାଦ୍ୟ ଗୁଡ଼ିକ ସହଜରେ ହୋଇଯାଏ, ତାହା ବୁଝାଇ ଦେଇ କହନ୍ତି ଗୃହିଁଥା ଉପପାଦ୍ୟ କାଲିକି ଦିଅଗଲା। ଆମ୍ଭେମାନେ ଶୁଣିଲା ବେଳେ ବହି ଦେଖିନଥାଉ। ପରେ ଦେଖୁଁ, ସବୁତକ ସେ ସରଳ ଓ ପ୍ରାଞ୍ଜଳ ଭାବରେ ବୁଝାଇ ଦେଇ ସାରିଛନ୍ତି। ସେ ନିଜେ ତାଙ୍କ ଅସ୍ଥାନରେ ବସିଥାନ୍ତି, ଯେ ଯେତେବେଳେ ଛାତ୍ରାବାସରେ ଯାହା ପଚାରେ ତାହା ଅତି ସ୍ନେହ ଓ ଆନନ୍ଦର ସହିତ ବୁଝାଇ ଦିଅନ୍ତି। ସେ ଅତି ସରଳ-

GPNanda Colln., Digitized by srujanika@gmail.com

ବିଶ୍ୱାସୀ, ଶାନ୍ତ ଓ କ୍ରୋଧ ବିବର୍ଜିତ । କ୍ଲାସ ଭିତରେ ତାଙ୍କର ବଡ଼ ଗାଳି 'ଅଭଦ୍ର' । ସେ ବଡ଼ ସତ୍ୟବାଦୀ ଓ ମଧୁରଭାଷୀ । କପଟାଚାର ତାଙ୍କଠାରେ ଛଳେ ହେଲେ ନଥିଲା । ଭଲ ଭଲ ଛାତ୍ରମାନଙ୍କୁ ସେ ଅନ୍ୟାନ୍ୟ ଶିକ୍ଷକମାନଙ୍କ ପରି ଭଲ ପାଆନ୍ତି, କାରଣ ଶ୍ରେଣୀର ପାଠ୍ୟ ଠାରୁ ଅଧିକ ବିଷୟ ପଢୁଥିବେ। ଅଗ୍ରଣୀ ଛାତ୍ରମାନଙ୍କୁ ସେ ସାହାଯ୍ୟ (ଗୋଳକଟେଲ) କରନ୍ତି । ମାତ୍ର କାହାର ସଙ୍ଗେ ପରାମର୍ଶ କରିବା ପାଇଁ ସେ କାହାକୁ ଡାକନ୍ତି ନାହିଁ । ସମସ୍ତଙ୍କ ପ୍ରତି ତାଙ୍କର ବ୍ୟବହାର ସମାନ— ତାଙ୍କର ଅନ୍ୟାନ୍ୟ ଆନ୍ତରିକ କର୍ମ ପ୍ରବଣତା ପରେ ବର୍ଣ୍ଣିତ ହେବ ।

ଶ୍ରୀ ବାଞ୍ଛାନିଧି ମିଶ୍ର ସଂସ୍କୃତ ଶିକ୍ଷକ । ସେ ବହୁତ ହସକଥା ଏବଂ କଉତୁକିଆ ଉଦାହରଣ ମାନ ଦେଇ ପାଠକୁ ସରସ ଓ ସୁନ୍ଦର କରି ଦିଅନ୍ତି । ପ୍ରତି ଶ୍ରେଣୀରେ ଭଲ ଛାତ୍ରଙ୍କୁ ନେଇ ଗୋଟିଏ ଏବଂ ଦୁର୍ବଳ ଛାତ୍ରଙ୍କୁ ନେଇ ଅନ୍ୟ ଗୋଟିଏ ସେକ୍ସନ୍ ଖୋଲା ହୋଇଥାଏ । ସେ ଅତି ତନ୍ନ ତନ୍ନ କରି ଧୈର୍ଯ୍ୟର ସହିତ ପଢାଇ ପାରନ୍ତି ବୋଲି ଦୁର୍ବଳ ପିଲାଙ୍କ ସେକ୍ସନ୍‌ରେ ତାଙ୍କୁ ଦିଆଯାଏ ।

ଶିକ୍ଷକ-ଛାତ୍ର-ସମ୍ପର୍କ—

ମୁଖ୍ୟ ଶିକ୍ଷକ ମାନଙ୍କ କଥା ଅତି ସଂକ୍ଷେପରେ କୁହାଗଲା । ମଧ୍ୟେ ମଧ୍ୟେ ଅନ୍ୟ ଶିକ୍ଷକ ମାନେ ଆସୁଥିଲେ । ପାଠପଢ଼ାର ପ୍ରଣାଳୀ ଓ ଉପାଦେୟତା ଶିକ୍ଷକମାନେ ଛାତ୍ରମାନଙ୍କୁ ପଚାରି ଜାଣୁଥିଲେ । ପୁଣି ଧନିକ ପାଇଁ ଯଥେଷ୍ଟ କାର୍ଯ୍ୟ ଦିଆଯାଉଛି କି ନା ଏକଥା ହେଡ୍ ମାଷ୍ଟର ମଧ୍ୟ ବହୁବାର ପଚାରି ଥାନ୍ତି । ଆଜିକାଲିର ବିଦ୍ୟାଳୟ ଗୁଡ଼ିକରେ ଛାତ୍ରସମାଜର ରୁଚିକର, ଅରୁଚିକର, ସୁଖକର ବା ନୀରସ ଅଧ୍ୟାପନା ପ୍ରତି କର୍ତ୍ତୃପକ୍ଷଙ୍କର ଚିନ୍ତା ନାହିଁ । ରୁଟିନ୍ ଓ ଶିକ୍ଷକ ନିର୍ବାଚନରେ ପିଲାମାନଙ୍କର କିଛି ମତ କହିବାର ନାହିଁ । ତେଣୁ

GPNanda Colln., Digitized by srujanika@gmail.com

ବିଦ୍ୟାଳୟ ଗୁଡ଼ିକର ଅଧ୍ୟାପକ ଛାତ୍ରମାନଙ୍କ ପ୍ରତି ଚରିତ୍ରାକର୍ଷକ ନୁହେଁ, ଜ୍ଞାନ ପରସ୍ପର ସେହି ହେତୁରୁ ସଙ୍କୀର୍ଣ୍ଣ । ଅନ୍ୟ ସମ୍ପର୍କରେ ଶିକ୍ଷକ ମାନଙ୍କର ଛାତ୍ରମାନଙ୍କ ସଙ୍ଗେ ସମ୍ପର୍କ ତ ନାହିଁ, କିନ୍ତୁ ପାଠପଢ଼ା ପାଇଁ ଯେଉଁ ଶିକ୍ଷକ ମାନଙ୍କ ପାଖକୁ ଛାତ୍ରମାନେ ଆସିଥାନ୍ତି, ଏକଥା ମଧ୍ୟ କେହି ବୁଝୁନାହାନ୍ତି । ସତ୍ୟବାଦୀ ବିଦ୍ୟାଳୟର ଶିକ୍ଷକମାନେ ବିଦ୍ୟାର ଆକର ଥିଲେ, ସେମାନେ ପ୍ରାଣପଣେ ଯତ୍ନ କରି ପଢ଼ାଉଥିଲେ । ତଥାପି ପିଲମାନଙ୍କ ପ୍ରବୃତ୍ତି ସବୁ ବୁଝୁଥିଲେ । ବିଦ୍ୟାଳୟଟି ଛାତ୍ର ଓ ଶିକ୍ଷକ ଉଭୟଙ୍କର ଥିଲା । ତେଣୁ କାରଣ ଓ ନ୍ୟାୟ ଥାଇ ଶିକ୍ଷକ ମାନଙ୍କ ସଙ୍ଗରେ ଖଟ୍ ଖାଟ୍ ଲଗାଇଲେ କେହି ଦଣ୍ଡ ପାଉନଥିଲେ । ମାଷ୍ଟର-ମାନେ ମଧ୍ୟ ଅପମାନିତ ବୋଧ କରୁନଥିଲେ । ଅନ୍ୟାନ୍ୟ ଅନେକ ଛାତ୍ର ଦଣ୍ଡ ପାଇନଥିଲେ । ମୋର ନିଜ ଅନୁଭୂତିରୁ ମୁଁ ଉଦାହରଣ ଦେଉଅଛି । ଥରେ ଜଣେ ନୂତନ ଗ୍ରାଜୁଏଟ୍ ଶିକ୍ଷକ ହୋଇ ଆସିଲେ । ଆମମାନଙ୍କର ତୃତୀୟ ଶ୍ରେଣୀରେ ସେ ପ୍ରଥମେ ପଢ଼ାଇବାକୁ ଆରମ୍ଭ କଲେ । ସେ ଘଣ୍ଟାରେ Eng. Grammar ଥିଲା । ସେ ଦିନ ଆମ୍ଭମାନେ adverb ପଢ଼ିବୁ । ସେ କହିଲେ "Any word with -ly'-is an adverb'' ମୁଁ ହଠାତ୍ ଠିଆହୋଇ କହିଲି, ତା Itally and cicily । ସେତେବେଳେ ହେଡ଼ ମାଷ୍ଟର କ୍ଲାସ ପାଖରେ ଲୁଚି ଠିଆ ହୋଇ ଶୁଣୁଥିବା ମୁଁ ଜାଣିନଥିଲି । ସେ ହଠାତ୍ କ୍ଲାସକୁ ପଶି ଆସିଲେ ଏବଂ ସେ ଘଣ୍ଟାପରେ, ତାଙ୍କୁ ଆମ ସ୍କୁଲରେ ନରହି ଅନ୍ୟତ୍ର ଯିବାକୁ କହିଲେ । ମୋର ଭାରି ଭୟ ଥିଲା, ମାତ୍ର ନମସ୍କାର କରିବାକୁ ମଧ୍ୟ ପଡ଼ିନାହିଁ । ଆଉଥରେ ଜଣେ ନୂତନ ଶିକ୍ଷକ ଇତିହାସ ପଢ଼ାଇବାକୁ ଆମ ଶ୍ରେଣୀକୁ ନୂଆ ହୋଇ ଆସିଲେ । ତାଙ୍କ ପଢ଼ା ବେଶ ଆନନ୍ଦ ଦାୟକ ଓ ସୁଖକର ଥିଲା । ସେ କ୍ଲାସରେ ଚିଠି ପାଖରେ ବସିଥିବାରୁ ଆମପାଖକୁ ଦଶୁ କହିଥିଲେ । ମୁଁ

GPNanda Colln., Digitized by srujanika@gmail.com

ପାଶେଙ୍କୁ ପାଇ ବର୍ନଫୁର ପ୍ରତ୍ରିତ କହିଲା—"ସାର୍, ଆପଣ ଠିକଏ ଠିଆ ହୁଅନ୍ତୁ, ମୁଁ ଚଉକାଠାକୁ ମର୍ଟିକ ନେଇଯିବ । ଆପଣ ପଢାଇବା ବେଳେ ଆମ୍ଭେମାନେ ଆପଣଙ୍କୁ ଦେଖିପାରୁ ନାହୁଁ ।" ସେ କାହିଁକି ରାଗିଗଲେ ଏବଂ କହିଲେ, "Have you come to read or to see my face, I suspect your character" ମୁଁ ସବୁ ଶିକ୍ଷକଙ୍କ ଦ୍ୱାରା ପ୍ରଶଂସିତ, ଆତ୍ମପ୍ରସାଦ ଓ ଆତ୍ମବିଶ୍ୱାସରେ ମୁଁ ନିର୍ଭୀକ । ହଠାତ୍ ମୁଁ ରାଗିଯାଇ କହିଲି, "Sir, what! You suspect my character. ! ସେ ନୂତନ—ଯୁବକ ଏବଂ ଭଲ ପାଠ ଜାଣନ୍ତି ବୋଲି ଶିକ୍ଷକମାନେ ତାଙ୍କୁ ଆଦରରେ ଅଣାଇଥିଲେ । ସେ ମୋତେ ଆଉ କିଛି ନକହି ହେଡ଼ ମାଷ୍ଟରଙ୍କ ପାଖେ ମୋ ବିରୁଦ୍ଧରେ କହିଲେ । ସଙ୍ଗେ ସଙ୍ଗେ ଡକାହେଲି । ହେଡ଼ ମାଷ୍ଟରେ କହିଲେ "ତୁ କାହିଁକି ତାଙ୍କୁ ଏପରି ଉତ୍ତର ଦେଲୁ ?" ମୁଁ କହିଲି—"ଆଜ କଅଣ କହନ୍ତୁ ?" ପୁଣି ପଚାରିଲେ—ଚଉକୀ ଘୁଞ୍ଚାଇବାକୁ କାହିଁକି କହିଲୁ ? ମୁଁ ଉତ୍ତର ଦେଲି—ଆପଣ ନିଜେ କ୍ଲାସକୁ ଗଲାବେଳେ, ଚୌକୀ ଠିକ୍ ଜାଗାରେ—ମଝିରେ ନଥିଲେ, ମୁଁ ସେ ଚୌକୀକୁ ବହୁତଥର ମଝିକି ନେଇଯାଏ ! Sir ଙ୍କ ପଢ଼ା ଆନନ୍ଦ ଦାୟକ ହେଉଥିବାରୁ, ନଦେଖି ପାରି ଖାଲି ଶୁଣୁଥିବା ଯୋଗୁଁ ମୁଁ ଏପରି କହିଲି ।" ମୋତେ ଆଉ କିଛି ନକହି ଗୃହକୁ ଆସିବାକୁ କହିଲେ । ପରେ ଶିକ୍ଷକଙ୍କୁ ମୋ ବିଷୟରେ ସବୁକଥା କହିଲେ । ଶିକ୍ଷକ ମହାଶୟ ଆନନ୍ଦରେ ଆସି ପଢାଇଲେ ! ପ୍ରତ୍ୟହ ପଢାଇବାକୁ ଆସିଲାବେଳେ ଦେଖୁଥିଲେ ଚଉକୀ ଠିକ୍ ଜାଗାରେ ଅଛି କି ନା । ସେହିଦିନଠାରୁ ସେ ମୋତେ ଖୁବ ଭଲ ପାଉଥିଲେ ।

ଆଉଥରେ, ଜଣେ ଖୁବ୍ ଭଲ ଶିକ୍ଷକ ନିଯୁକ୍ତ ହେଲେ । ସେ ସବୁ ବିଷୟ ପଢ଼ାଇ ପାରନ୍ତି ବୋଲି କହୁଥିବାରୁ, ଆମ୍ଭମାନଙ୍କ ହେଡ଼...

GPNanda Colln., Digitized by srujanika@gmail.com

କ୍ଲାସରେ ବାସୁଦେବଙ୍କ ସ୍ଥାନରେ ତାଙ୍କୁ ଓଡ଼ିଆ ଶିକ୍ଷକ କରାଯାଇ ଥିଲା। ବାସୁଦେବ ବାବୁଙ୍କ ପାଖେ ଓଡ଼ିଆ ପଢ଼ିବାଦ୍ୱାରା ଆମ୍ଭେମାନେ ବହୁତ ପ୍ରେରଣା ଓ ଶିକ୍ଷା ଲାଭ କରୁଥିଲୁ। ବାସୁଦେବ ବାବୁ ଆମ ଶ୍ରେଣୀକୁ ଆସିବେ ନାହିଁ—ଏଥିଲାଗି ସମସ୍ତଙ୍କର ଦୁଃଖ ଥିଲା। ନୂତନ ଶିକ୍ଷକ ଗୋଟିଏ ଇଂରେଜୀ ପରିଚ୍ଛେଦ ବୋର୍ଡରେ ଦେଖାଇଦେଲେ ଏବଂ ତାହାର ଓଡ଼ିଆ କରିବାକୁ କହିଲେ। ଆମ୍ଭେମାନେ ଲେଖି ସାରିଲା ବେଳେ ଜଣେ ଦୁଇଜଣ ବାଳକଙ୍କର ଖାତା ପଢ଼ାହେଲା। ସେ ଲେଖି ଆଣିଥିବା ଆଦର୍ଶ ଅନୁବାଦ ଡାକିଦେଲେ। ତାଙ୍କ ଲେଖିନେବା ପରେ ମୁଁ କହିଲି—Sir, ମୋ ଲେଖା ଶୁଣନ୍ତୁ, ଆପଣଙ୍କ ଲେଖା କି ମୋ ଲେଖା ଭଲ ହୋଇଛି କହିବେ।" ସେ ଆଦେଶ ଦେଲେ, ମୁଁ ପଢ଼ିବା ପରେ କହିଲେ—"ବେଶ୍ ହେଇଛି ତ! ମୋଠାରୁ ଏ ଲେଖା ଢେର ଭଲ।" ଏତିକି କହି ସେ ଦୁଃଖିତ ନହୋଇ ଗଲେ, ହେଡ଼ ମାଷ୍ଟରଙ୍କୁ କହିଲେ "ଗୋଟିଏ ପିଲା ମତେ ଏହିପରି କହିଲା।" ମୋ ଛଡ଼ା ଆଉ କେହି ହୋଇନଥିବ ଭାବି ହେଡ଼ ମାଷ୍ଟର ମହାଶୟ ମୋତେ ଅଫିସରେ ଡାକିଲେ, ମୁଁ ଯାହା କହିଥିଲି ପୁଣି କହିଲି। ସେ ପଚାରିଲେ—"ତୋର ଭଲ ହୋଇଛି ବୋଲି ତୁ ବିଚାରିଲୁ କାହିଁକି?" ମୁଁ ଉତ୍ତର ଦେଲି—ଆପଣ ବାରମ୍ବାର ଶିଖାଇଛନ୍ତି ଏବଂ ବାସୁଦେବ ବାବୁ ମଧ୍ୟ କହିଛନ୍ତି ଯେ ଇଂରେଜୀ ଅନୁବାଦ କଲାବେଳେ ଦେଖିବ ଯେ ପରିଚ୍ଛେଦଟି ପଢ଼ିଗଲେ ମୌଳିକ ଲେଖା ପରି ଶୁଭିବ, ଅଥଚ ଇଂରେଜୀର ଅନୁବାଦ ମଧ୍ୟ ହୋଇଥିବ। ସାରଙ୍କ ଲେଖା ଭାଷାନ୍ତରିତ ହେଲାପରି ଶୁଭିଲା—ମୌଳିକ ଲେଖାପରି ହେଲାନାହିଁ। ମୋ ଲେଖା ମୁଁ ପଢ଼ି ଶୁଣାଇଲି। ତାଙ୍କୁ ମଧ୍ୟ ଭଲ ଲାଗିଲା।" ହେଡ଼ମାଷ୍ଟରେ—"ତେବେ ସେ କଣ ଆଉ ପଢ଼ାଇବେ ନାହିଁ?" ମୁଁ—ଓଡ଼ିଆ ସାହିତ୍ୟ ଛଡ଼ା ଅନ୍ୟାନ୍ୟ କଷ୍ଟକର ବିଷୟ ପଢ଼ାଇବା ତାଙ୍କର ଉଚିତ।

GPNanda Colln., Digitized by srujanika@gmail.com

ବାସୁଦେବ ବାବୁଙ୍କ ଚେଷ୍ଟା ଏବଂ ଅପରୋକ୍ଷ ପରିଦର୍ଶନରେ ଆମେ ତିନି-ବର୍ଷ ଅସିଲୁଣି ।" ମୋତେ ବିଦାୟ ଦେଲେ । ସେହି ନୂତନ ଶିକ୍ଷକ ମହାଶୟଙ୍କୁ ଇଂରେଜୀ ବ୍ୟାକରଣ ପଢାଇବାକୁ ଦିଆଗଲା । ସେ ସତ୍ୟ-ବାଦୀର ଅଗ୍ରୁର-ବ୍ୟବହାର, ନୈତିକତା ଓ କର୍ମପ୍ରବଣତାରେ ମୁଗ୍ଧ ହୋଇପଡିଲେ ଏବଂ ଛାତ୍ରମାନଙ୍କର ପ୍ରିୟ ଗୁରୁଜନରେ ପରିଣତ ହେଲେ । ଓଷ ବିଦ୍ୟାଳୟରେ ଥିବାଯାଏଁ ମୁଁ ବରାବର ତାଙ୍କ ପାଖକୁ ଅନ୍ୟ ସମୟରେ ଯାଇ ବହୁ ଉପଦେଶ ପାଉଥିଲି । ତାଙ୍କର ନାମ ଶ୍ରୀ ବନୋଦବହାରୀ ରାଉତରାୟ ।

ଆମ୍ଭମାନେ ତୃତୀୟ ଶ୍ରେଣୀରେ ପଢିବା ବେଳେ ଜଣେ ତାମିଲ୍ ଶିକ୍ଷିତ ବ୍ୟକ୍ତି—**ଶ୍ରୀ ବେନୁଗୋପାଳ ଆଗ୍ଯାରୀ** (ଡବଲ ଏମ୍ ଏ, ରାଞ୍ଚି କଲେଜରେ ପ୍ରଫେସର ଥିଲେ) ସତ୍ୟବାଦୀ ବିଦ୍ୟାଳୟର କାର୍ଯ୍ୟ-କ୍ରମ ଓ ତ୍ୟାଗୀ କର୍ମୀମାନଙ୍କର ଦେଶପ୍ରାଣତାରେ ତନ୍ମୟ ହୋଇ ଗୋପବନ୍ଧୁ ବାବୁଙ୍କ ସହିତ ଅ.ଗରୁ ପରାମର୍ଶ କରି, ଶିକ୍ଷକତା କରିବାକୁ ଆସିଲେ । ତାଙ୍କ ସଙ୍ଗେ ତାଙ୍କର ପୁଅ, ସ୍ତ୍ରୀ ଓ ଭଉଣୀ ଆସିଥାନ୍ତି । ସେ ଗୋଟିଏ ବସା ବୋର୍ଡିଂରେ କଲେ ଏବଂ ପଚିଶଟି ମାତ୍ର ଟଙ୍କା କେବଳ ଖର୍ଚ୍ଚ ମାସିକ୍ ନେଇ ସ୍କୁଲ କାର୍ଯ୍ୟରେ ଯୋଗଦେଲେ । ସେ ପ୍ରତ୍ୟେକ ବିଷୟରେ ଦକ୍ଷ ଶିକ୍ଷକ । ଇଂରେଜୀ, ସଂସ୍କୃତ, ଅଙ୍କ ଭୂଗୋଳ ଇତିହାସ—ଯେଉଁ ଶ୍ରେଣୀରେ ଯାହା ଦିଆଗଲେ ସେ ନେଉଥିଲେ ଏବଂ ଅତି ଚମତ୍କାର ଭାବରେ ପଢାଉଥିଲେ । ସେ ଆସିବା ସଙ୍ଗେ ସଙ୍ଗେ ଦେଶ ବିଦେଶର ନାନାବିଧ ମାନଚିତ୍ର ତିଆରି କରି ଗୋଟିଏ କୋଠରି ଭୂଗୋଳ-ଶ୍ରେଣୀରେ ପରିଣତ କଲେ । ବିଦ୍ୟାଳୟରୁ କାର୍ଯ୍ୟ ସାରି ଆସି, ସେ ନଦୀ ପର୍ବତ, ହ୍ରଦ ଆଦି ଇତ୍ୟାଦି ମାଟିରେ ତିଆରି କରି ଦେଶମାନଙ୍କରେ ରିଲିଫ୍ ମାନଚିତ୍ର ତିଆରି କରିବାରେ ଲାଗିଥାନ୍ତି ।

GPNanda Colln., Digitized by srujanika@gmail.com

ବିଦ୍ୟାଳୟର ପଠନାତିରିକ୍ତ ସମସ୍ତ ଅନ୍ୟାନ୍ୟ କର୍ମରେ ସେ ଛାତ୍ରମଣ୍ଡଳୀ ଓ ଶିକ୍ଷକଙ୍କ ସଙ୍ଗେ ମାଛି ମାଂସ ହୋଇ ଲାଗି ଯାଉଥିଲେ । ତାଙ୍କର ହୃଦୟ କୋମଳ—ଭାଷା କର୍କଶ ଓ ଖୋଲ୍‌ଖୋଲ୍; ମାତ୍ର ଆମ୍ଭମାନଙ୍କର ତାହା ଅପ୍ରୀତିକର ହୋଇନଥିଲା । ନୀଳକଣ୍ଠ ବାବୁ ପଣ୍ଡିତ ଭୁବନେଶ୍ୱର ଓ ଗୋପବନ୍ଧୁ ବାବୁଙ୍କର ଶାସ୍ତ୍ରାଲୋଚନାରେ ସେ ଅତି ପ୍ରିୟ ସହଧର୍ମୀ ହୋଇପଡ଼ିଲେ । ଆମ୍ଭେମାନେ ତାଙ୍କୁ ବେଦ ପଣ୍ଡିତ ଓ ପୁଣ୍ୟ-ମାନବ ବୋଲି ମନେକରୁଥିଲୁ । ସେ ଓ ତାଙ୍କ ଭଉଣୀ ରାଧାକୃଷ୍ଣଭକ୍ତ । ତାଙ୍କର ପୂଜା ଉପାସନା ହାର୍ଦ୍ଦିକ । ଯେଉଁ ବାଳକମାନେ ତାଙ୍କ ଧର୍ମ-ମତରେ ତାଲି ପଡ଼ିଥିଲେ, ସେମାନେ ତାଙ୍କର ଶ୍ରୀଗୋପାଳ ପୂଜାରେ ଯୋଗ ଦେଉଥିଲେ । ସେ ନିଜେ ଘରେ ଘରେ ବୁଲି ସକାଳ ଭୋଗ ସାଗୁ କ୍ଷୀର ଗୁମୁରୁଏ ଓଲିଆଏଁ ପିଲାଙ୍କୁ ବାଣ୍ଟିଦେଇ ଯାଉଥିଲେ । ପଢ଼ାଇବା ବେଳେ ସେ ପୁସ୍ତକଗତ ଓ ଛାତ୍ରପ୍ରାଣ ହୋଇଯାଉଥିଲେ ଏବଂ ହସ୍ତ ପଦାଦି ଚାଳନ ଦ୍ୱାରା ଅତି ସୁନ୍ଦର ଭାବରେ ବିଷୟବସ୍ତୁର ଅବବୋଧ ଜନ୍ମାଇ ଦେଉଥିଲେ । ଆମ୍ଭେମାନେ ଜାଣୁଥିଲୁ—ନୀଳକଣ୍ଠ ବାବୁ ଓ ଗୋପବନ୍ଧୁ ବାବୁ ତାହାଙ୍କର ଅଳ୍ପ ଅନୁଚ୍ଛିତ ମଧ୍ୟ ସହିପାରୁ ନ ଥିଲେ । ଥରେ ଉପରକ୍ଲାସର ଆସି ତାଙ୍କର ଗୋଟିଏ ଶ୍ରେଣୀରେ ଭୂଗୋଳ ପଢ଼ାରେ ବିସ୍ମିତ ହୋଇ, ହେଡମାଷ୍ଟରଙ୍କୁ କହିଥିଲେ ଯେ ସେ (ଶିକ୍ଷକ) ଯାଇ ପ୍ରତ୍ୟେକ ସରକାରୀ ସ୍କୁଲରେ ଗୋଟିଏ ଗୋଟିଏ ସପ୍ତାହ ଭୂଗୋଳ ଶିକ୍ଷା ଦେଇ ଆସିବେ। କଟକ ଯାଇ ସବୁ ସ୍କୁଲଙ୍କୁ ଏକତ୍ର କରି କଲେଜଏଟରେ ସେ ଶିକ୍ଷା ଦେଇଥିଲେ ।

ଶିକ୍ଷା ପ୍ରଣାଳୀର ସଂକ୍ଷିପ୍ତ ସୂଚନା ଦିଆଗଲା । ଶିକ୍ଷକମାନେ ସାଧୁ, ସଚ୍ଚରିତ୍ର, ଦେଶପ୍ରେମୀ ଓ ନିଃସ୍ୱାର୍ଥପର ଥିବାରୁ ନିଜ ନିଜର ବୁଦ୍ଧି ବିବେକ ଖଟାଇ ଖୁବ୍ ଭଲରୂପେ ପଢ଼ାଉଥିଲେ । ଶ୍ରେଣୀ ମଧ୍ୟରେ

GPNanda Colln., Digitized by srujanika@gmail.com

ଅନ୍ୟମାନେ ଯାହା କ୍ଲାସରେ ପଢୁଥିଲେ, ତାହା ସ୍ମୃତିରେ ରହି ଯାଉଥିଲା । ଘରେ କେବଳ ଅଙ୍କ କଷିବା, ଲେଖାଲେଖି କରିବା, ବାଟେ ବହି ପଢ଼ିବା କାର୍ଯ୍ୟ ମାତ୍ର କରିବାକୁ ହେଉଥିଲା । ମୁଁ କେବେ ସଂସ୍କୃତ ବା ଓଡ଼ିଆ ବ୍ୟାକରଣ ପଢ଼ିନଥିଲି; କୌଣସି ପୁସ୍ତକର ମାନେ ବହି ପଢ଼ିବା ତ ଦୂରର କଥା—ଦେଖି ନଥିଲି ମଧ୍ୟ, ତଥାପି ମୁଁ ସବୁ ଶ୍ରେଣୀର ସବୁ ବିଷୟରେ ପ୍ରଥମ ସ୍ଥାନ ଅଧିକାର କରୁଥିଲି ।

GPNanda Colln., Digitized by srujanika@gmail.com

ସପ୍ତମ ଅଧ୍ୟାୟ

ସାଧାରଣ ଶିକ୍ଷା-ପ୍ରଣାଳୀ—

ପୂର୍ବ ଅଧ୍ୟାୟରେ ପ୍ରତ୍ୟେକ ମୁଖ୍ୟ ଶିକ୍ଷକଙ୍କର ସୂଚନା ଦିଆଯାଇଅଛି । ଏ ସ୍ଥଳରେ ସାଧାରଣ ଶିକ୍ଷା ପ୍ରଣାଳୀ ସୂଚିତ ହେବ । ସମସ୍ତଙ୍କ ବ୍ୟକ୍ତିଗତ ଶିକ୍ଷାଦାନ-କର୍ମ-ପଦ୍ଧତି କେତେକାଂଶରେ ଭିନ୍ନ ଭିନ୍ନ ଥିଲେ ମଧ୍ୟ ସାଧାରଣ ରୀତି ଏକାପରି ହୋଇଥିଲା । ତାହା କିପରି ନିୟନ୍ତ୍ରିତ ହେଉଥିଲା, ସେକଥା ଆମ୍ଭେମାନେ ଜାଣି ନଥିଲୁଁ । ତେବେ ଶିକ୍ଷକମାନଙ୍କ କମନ୍‌ରୁମ୍ ସ୍ୱତନ୍ତ୍ର ନଥିବା ହେତୁରୁ ଲମ୍ବା ଚଉଡ଼ା ଅଫିସ ଘରେ କର୍ମ-ଅବସର କାଳରେ ଏବଂ ଅନ୍ୟାନ୍ୟ ସମୟରେ ଶିକ୍ଷକମାନେ ଏକତ୍ର ଆଲୋଚନା କରୁଥିଲେ । କଣ୍ଟିଧର ନୀଳକଣ୍ଠ ବାବୁ ସମସ୍ତ ଶିକ୍ଷକଙ୍କର ପାଠନୋଟ୍ ମଧ୍ୟ ଦେଖୁଥିବା କଥା ଆମ୍ଭେମାନେ ଜାଣିଥିଲୁ । ମାତ୍ର ତାହା ବେଶି ଦିନ ନୁହେ । ପ୍ରଥମେ ଶିକ୍ଷକ କ୍ଲାସକୁ ଆସିଲାମାତ୍ରେ ଦଶ ପନ୍ଦର ମିନିଟ୍ ପୁରୁଣା ପାଠ ପଚାରନ୍ତି ଏବଂ ଲେଖାଥିବା ଖାତା ଗୁଡ଼ିକୁ ସଂଗ୍ରହ କରି ଟେବୁଲ୍ ଉପରେ ରଖନ୍ତି, ପଢ଼ାଇସାରି ଗଲାବେଳେ ଘରକୁ ନେଇ, ଘରେ ତନ୍ନ ତନ୍ନ କରି ଦେଖି, ଖାତାରେ ମନ୍ତବ୍ୟ ଦେଇ ଖାତା ତହିଁ ଆରଦିନ ଫେରାଇ ଦିଅନ୍ତି । ପୂର୍ବ ପୁରୁଣା ପାଠ ପରୀକ୍ଷା ପରେ ନୂତନ ବିଷୟ ପଢ଼ାନ୍ତି । ପଢ଼ାଇବା ବେଳେ ପ୍ରତ୍ୟେକ କଥା ପିଲାମାନଙ୍କ ମନେ ରହୁଛି କି ନା—ଏହା ପରୀକ୍ଷା କରିବାପାଇଁ ପ୍ରଶ୍ନ ମଧ୍ୟ କରୁଥାନ୍ତି । ଇତିହାସ ବହି ମାନଚିତ୍ରରେ ପଢ଼ାହୁଏ ନାହିଁ, ଭୂଗୋଳ, ଭୂଗୋଳ ଗୃହରେ ପଢ଼ା ଯାଏ । ଅଙ୍କ କଷାଥିବା ଖାତା ପ୍ରତିଦିନ ଗୋଟି ଗୋଟି କରି ଦେଖନ୍ତି—ଭୁଲ ଥିଲେ ଅଙ୍କଟି କଷି ଦେଉଥାନ୍ତି ବା ତହିଁ ଆରଦିନ

GPNanda Colln., Digitized by srujanika@gmail.com

ସାମାନ୍ୟ ସଙ୍କେତ ଦ୍ୱାରା ଛାତ୍ର ହାତରେ କରାଇ ଦିଆଯାଏ । ନୂଆ ପାଠ ପଢ଼ାଇସାରି ଶେଷକୁ ଦଶମିନିଟ୍ ପଠିତ ନୂତନ ବିଷୟର ପୁନରାଲୋଚନା କରି କ୍ଲାସ ଛୁଟନ୍ତିନାହିଁ । ଏ କଠୋର ପ୍ରଣାଳୀ ସରସ ପାଠ ଦାନ ପ୍ରକ୍ରିୟା ଯୋଗୁଁ କଷ୍ଟକର ବୋଧ ହୁଏନାହିଁ । ମାତ୍ର ପାଠ ପ୍ରସ୍ତୁତ ନକରି ଶ୍ରେଣୀରେ ବସିଥିଲେ, ଖସିଯିବାର ବାଟ ନାହିଁ । ଖାତା ଦେଖା ଓ ପ୍ରଶ୍ନର ଉତ୍ତର ଦେବାରୁ କେହି କେବେ ବର୍ତ୍ତି ଯାଇ ନଥିଲେ । ଥାର୍ଡ଼ କ୍ଲାସର ଦୀର୍ଘ ଗ୍ରୀଷ୍ମଛୁଟି ମଧ୍ୟରେ ମାଟ୍ରିକ ପରୀକ୍ଷା ପାଇଁ ନିର୍ଦ୍ଦିଷ୍ଟ ସମସ୍ତ ଜ୍ୟାମିତି ଓ ବୀଜଗଣିତର ସବୁ ଅନୁଶୀଳନୀ ମୁଁ କରି ଖାତାରେ ରଖି ଦେଇଥିଲି । ତେଣୁ ଗୋଟିଏ ଥର ମାତ୍ର ମୁଁ ଦିଆଥିବା ଅଙ୍କ ସ୍ୱତନ୍ତ୍ର ଭାବରେ ଆଉ କରିବା ପ୍ରୟୋଜନ ନାହିଁ ବଗୃତ ଅଙ୍କ ଶ୍ରେଣୀରେ ବସିଥାଏ । ହରିବାବୁ (ଅଗ୍ରଣୀ ମହାଶୟ) ଜ୍ୟାମିତି ଖାତା ସମସ୍ତଙ୍କଠାରୁ ଉଦାୟ କଲେ । ମୋ ପାଖରେ ନଥିବାରୁ ସେ ଭାରି ବିରକ୍ତ ହେଲେ । ମୁଁ ମୋ ବସା କହିଲି । ବୋର୍ଡିଂରୁ ଖାତା ଆଣି ଦେଖାଇବାକୁ ଆଦେଶ ଦେବାରୁ ମୁଁ ଜ୍ୟାମିତିର ସମସ୍ତ ଖାତା ଓ ଆଲ୍‌ଜେବ୍ରାର ଖାତା ଗୁଡ଼ିକ ନେଇ ଦେଖାଇଲି । କ୍ରୋଧ ଶାନ୍ତ କରି ସେ ଖାତା ଗୁଡ଼ିକ ଓଲଟାଇ ଗଲେ ଏବଂ ଭାରି ଖୁସି ହେଲେ । ମାତ୍ର ପରେ ମତେ ତାଙ୍କ ଘରକୁ ଡକାଇ ବୁଝାଇଦେଲେ ଯେ ବିଦ୍ୟାଳୟର ଶୃଙ୍ଖଳା ରକ୍ଷା ପାଇଁ ମୋତେ ପ୍ରତ୍ୟେକ ଦିନ ଦିଆ ଥିବା କ୍ଲାସ କାମ କରି ନେବାକୁ ହେବ—ତାହା ଦ୍ୱାରା ମୋର ମଧ୍ୟ ପୁନରାଲୋଚନା ହୋଇଯିବ । ସେହିଦିନଠାରୁ ଯେ କୌଣସି ଶ୍ରେଣୀରେ କୌଣସି ଅଙ୍କ ବା ଜ୍ୟାମିତି ମନେ ନ ପଡ଼ିଲେ, ମୋ ଖାତା ସେ ମଗାଉଥିଲେ ଏବଂ ଶେଷରେ ଫେରାଇ ଦେଉଥିଲେ । ମୋତେ କହିଥିଲେ "ଯଦି କୌଣସି ଶ୍ରେଣୀର କୌଣସି ଛାତ୍ର ତୋ ପାଖରୁ ବୁଝିବାକୁ ଆସିବେ, ତେବେ ମୁଁ ଯେପରି

GPNanda Colln., Digitized by srujanika@gmail.com

କେବଳ ସଙ୍କେତଦ୍ୱାରା ତୁମମାନଙ୍କ ହାତେ ଅଙ୍କ କରାଉଛୁ ସେହିପରି କରିବୁ । ଛାତ୍ରମାନଙ୍କର ମୌଳିକତା ନଷ୍ଟ କରିବୁ ନାହିଁ ।" ଆମ ଉପର ଶ୍ରେଣୀରେ ସେ ଯେତେବେଳେ ଜ୍ୟାମିତିର ଅନୁଶୀଳନୀ ଗୁଡ଼ିକ ପଢ଼ାଉ ଥାନ୍ତି ସେମାନେ ଭାରି କଷ୍ଟକର ବୋଧ କରୁଥାନ୍ତି । ମାତ୍ର ରୋଗୀସେବା ପାଇଁ, ବୋର୍ଡିଂର ଶୃଙ୍ଖଳା ଓ ଛାତ୍ରମାନଙ୍କର ଅଧ୍ୟୟନ ଦେଖିବା ଲାଗି ସେ ହାତରେ ଖଣ୍ଡିଏ ବେତ ଓ ଗୋଡରେ କଠୋଉ ଦେଇ ଦେଶକୁ ଦେଶ ସମସ୍ତ ବୋର୍ଡିଂ ବୁଲୁଥିବାରୁ କେହି ମୋ ପାଖକୁ ଆସି ପାରନ୍ତି ନାହିଁ । ବାହାରେ ଥିଲାବେଳେ ସମୟର ଅଲ୍ପତା ହେତୁରୁ ବାହାରେ ମଧ୍ୟ ମୁଁ କାହାରିକି ଶିଖାଇ ପାରୁ ନଥିଲି । ପରେ ପ୍ରଥମ ଶ୍ରେଣୀର କେତେକ ଛାତ୍ର ବୁଝିଥିଲେ । ତାହା ଛାତ୍ର ସମାଜର କଥା କହିଲାବେଳେ କୁହାଯିବ ।

ବିଦ୍ୟାଳୟର ଶିକ୍ଷାପ୍ରଣାଳୀ ଏହିପରି ଥିଲେ ମଧ୍ୟ ଆମମାନଙ୍କୁ ଶିକ୍ଷାଦାନରେ—କେବଳ ବିଦ୍ୟାଳୟ କର୍ମରେ ଶିକ୍ଷକମାନେ ସନ୍ତୁଷ୍ଟ ହୋଇ ପାରନ୍ତି ନାହିଁ । ତେଣୁ ବୋର୍ଡିଂରେ ବୁଲି ବୁଲି ପ୍ରତି ପିଲାଙ୍କ ପାଖକୁ ଯାଇ ଭୁଲ ସଂଶୋଧନ କରନ୍ତି । ଏ ବିଷୟରେ ଗୋଟିଏ ଦୁଇଟି ଉଦାହରଣ ଦେବା ସମୀଚୀନ । ମାଇନର ଶ୍ରେଣୀରେ ଥିଲାବେଳେ ପ୍ରଥମ ତ୍ରୈମାସିକ ପରୀକ୍ଷାରେ ଗଣିତ ବିଷୟରେ ମୋର ଶହକୁ ସତଷଠିଏ ନମ୍ବର ଥିଲା । ନିଜେ ହେଡ଼ ମାଷ୍ଟର ମହାଶୟ ପ୍ରତ୍ୟେକ ଶ୍ରେଣୀ ପିଲାଙ୍କର ନମ୍ବର ହାତରେ ଲେଖୁଥିଲେ; ମିଶାଉ-ଥିଲେ—ସମସ୍ତଙ୍କ କଥା ତାଙ୍କୁ ଜଣା । ପରୀକ୍ଷା ଫଳ ବାହାରିବା ପରେ ଦିନେ ରାତିରେ ପଢ଼ା ବେଳେ ମୋ ପାଖକୁ ଆସି, ମୋ ଆସନରେ ଓ ପାଖରେ ବସି ପଡ଼ିଲେ, କହିଲେ—"ତୋର ପରୀକ୍ଷା ଫଳ କଦର୍ଯ୍ୟ ହୋଇଛି, ତୁ ପାଷ୍ଟ ହୋଇଛୁ ସିନା, ଗଣିତରେ ଅତ୍ୟଳ୍ପ ନମ୍ବର

GPNanda Colln., Digitized by srujanika@gmail.com

କହିଥିଲେ, ଫେଲ୍ ହୋଇ ଥାନ୍ତୁ—ଜାଣିଛ ? ଏଣିକି ସାବଧାନ ରହ”। ଏତକ କହି ଗଲାପରେ ମୁଁ ଭାରି ଚିନ୍ତିତ ହେଲି ଏବଂ ସେହି ଦିନଠା-ଯାକ ଲାଗି ସମସ୍ତ ବାଙ୍ଗଳା ପୁସ୍ତକଟି ପଢ଼ି ବିଷୟ ମନେ ରଖିଲି । ତହିଁରେ ପ୍ରତ୍ୟେକ ବିଷୟକୁ ତନ ତନ କରି ପଢ଼ିଲି—ବହିର ଭାଷା ପର୍ଯ୍ୟନ୍ତ ମୋର ମନେ ରହିଗଲା । ପରବର୍ତ୍ତୀ ପରୀକ୍ଷାରେ ମୁଁ ଶହେକୁ ପଞ୍ଚାନବେ ପାଇଥିଲି । ନମ୍ବର ଖାତାରେ ଉଠାଇଲା ପରେ ହେଡ଼ ମାଷ୍ଟର ମହାଶୟ ମତେ ଅଫିସକୁ ଡକାଇ ନେଲେ । ଗୋପବନ୍ଧୁ ବାବୁ ଏବଂ ଅନ୍ୟାନ୍ୟ ଶିକ୍ଷକ ମାନଙ୍କ ଆଗରେ ମୁଁ କପି କରିଛି ବୋଲି ଭାରି କ୍ରୋଧରେ କହିଲେ । ଗୋପବନ୍ଧୁ ବାବୁ କହିଲେ—“ଆମ ସ୍କୁଲରେ କଣ କପି ହୁଏ ?” ମୁଁ କହିଲି “ମୁଁ କପି କରିନାହିଁ ।” ସେ ବହିଟି ମଗାଇ ପାଖରେ ରଖିଥିଲେ—ବହି ଭାଷା ସଙ୍ଗେ ମୋର ଲେଖା ମିଳି ଯାଉଛି—ଦେଖାଇଲେ । ମୁଁ ତାଙ୍କୁ କହିଲି ଯେ ଭାଷା ମୋର ମୁଖସ୍ଥ ହୋଇ ଯାଇଛି । ସେ ଗୋଟିଏ ଜାଗାରୁ ଧାଡ଼ିଏ ପଢ଼ି ତାହାର ପରବର୍ତ୍ତୀ ଅଂଶ ଟିକିଏ କହିବାକୁ କହିଲେ । ମୁଁ କହିଦେଲି । ‘କିପରି ମୁଖସ୍ଥ କଲୁ ?’ ପଚାରିବାରୁ ସେ ମୋ ପାଖକୁ ଯାଇ କହିଲା ପରେ, ଯେପରି ପଢ଼ିଥିଲି ତାହା କହିଗଲି । ମୋ ଉପରେ ଖୁସି ହୋଇ ସେ ପଞ୍ଚାନବେକୁ ଗୋପବନ୍ଧୁଙ୍କ କଥାନୁସାରେ ଶହେ ପୂରା କରିଦେଇ କହିଲେ “ତୋତେ ପାଞ୍ଚନମ୍ବର ଦାସେ ଆପଣେ କହିବାରୁ ପୁରସ୍କାର ଦିଆଗଲା । ଆଜିର ଶିକ୍ଷାଦାନ ବିଧି ଓ ଶିକ୍ଷକ ଛାତ୍ରଙ୍କର ବିଦ୍ୟାବିନୋଦ ସୁଖଦ ଅଭାବ ଦେଖି ପ୍ରାଣରେ କ୍ଷୋଭ ଆସୁଅଛି ।

ଆଉଦିନେ ଗୋଦାବରୀଶ ବାବୁ ଆସି ପ୍ରଥମେ ମୋ ପାଖରେ ବସି କହିଲେ—‘ତୁମେ ଲେଖାରେ ବହି ଭାଷା ବେଶି ରହୁଛି । ନିଜ ଭାଷାରେ ଲେଖିଲେ ତ ତୁମର ଭୁଲ୍ ହୁଅନ୍ତା ନାହିଁ—ସେପରି

GPNanda Colln., Digitized by srujanika@gmail.com

ଲେଖ ।’ (ଗୋଦାବରୀଶ ବାବୁ ‘ତୁମେ’ ବୋଲି ସମସ୍ତଙ୍କୁ କହନ୍ତି, ନୀଳକଣ୍ଠ ବାବୁ ‘ତୁ’ ବୋଲି କହନ୍ତି ।) ମୁଁ ହଁ କଲି । ସେ ହାତରେ ଗୋଟିଏ ପ୍ରଶ୍ନ ପୁସ୍ତକ ଆଣିଥିଲେ । ଗୋଟିଏ ପରିଚ୍ଛେଦ ଧୀରେ ଧୀରେ ପଢ଼ି ମତେ ସରଳ ଓ ନିଜ ଭାଷାରେ ତାହାର ସାର ମର୍ମ କହିବାକୁ କହିଲେ । ମୁଁ କହିଲି । ସେହିଦିନଠୁ ମୁଁ ବରାବର ନିଜ ଭାଷାରେ ଭାବ ବ୍ୟକ୍ତ କରୁଥିଲି । ତାହାପରେ ଅନ୍ୟ ବାଳକ ପାଖେ ବସି ତାହାର **Relative Pronoun** ର ବ୍ୟବହାର ଭୁଲ ହେଉଥିବାରୁ, ଖାଇବା ଘଣ୍ଟା ବାଜିବା ଯାଏଁ ସେ ବଟମୃଷ୍ଟି କରାଇ ଦେଲେ ।

ଦେଖିଥିବା ଖାତାରେ କାହାର କେଉଁ ଭୁଲ ହେଉଛି ସେ ବିଷୟ ଲକ୍ଷ୍ୟକରି ଶିକ୍ଷକମାନେ ଘରେ ଘରେ ବୁଲି ଭୁଲ ସଂଶୋଧନ କରାଉ ଥିଲେ । ଏ ତ ଗଲା ମାଟ୍ରିକ ସିଲବସ୍ ଅନୁଯାୟୀ ପାଠ୍ୟ ବିଷୟକ ଶିକ୍ଷାଦାନ । କେବଳ ସେହି ଶିକ୍ଷା ଯଥେଷ୍ଟ ନୁହେଁ । ତେଣୁ ସେମାନେ ସଭାସମିତି ସାହାଯ୍ୟରେ ସାଧାରଣ ଭାବରେ ଜଗତ ବିଷୟମାନ କହନ୍ତି ଏବଂ ଯେଉଁ ବାଳକ ମନରେ ଜ୍ଞାନର ପିପାସା ଅଛି, ସେ କଥା ଲକ୍ଷ୍ୟ କରି ତାହାର ନିମନ୍ତେ ବିଷୟାନ୍ତରର ମଧ୍ୟ ଜ୍ଞାନ ଦିଅନ୍ତି; ସାହାଯ୍ୟ କରନ୍ତି—ଉନ୍ନତ ହେବାଲାଗି ଯାହା ଯାହା କରି ଯାଇପାରନ୍ତି ସବୁ କରନ୍ତି । ମୁଁ ଭଲ ‘ପଦ୍ୟ’ ଲେଖି ପାରୁଥିଲି, ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷା ହୃଦୟରେ ଯେତେଦୂର ପାରେ ଧାରଣା କରୁଥିଲି ଏବଂ ବିଦ୍ୟାଳୟରୁ ବହୁ ବାଳକ ମୋର ସଙ୍ଗୀ; ସହକର୍ମୀ ହୋଇଥିଲେ । ସମସ୍ତ ଶିକ୍ଷକ ଆମ୍ଭମାନଙ୍କୁ ଉତ୍ସାହ ଦେଉଥିଲେ—ଆମ ବାଳକୋଚିତ ଚିନ୍ତାନୁସାରେ କାର୍ଯ୍ୟ କରିବା ପାଇଁ ସ୍ୱାଧୀନତା ଦେଇ, ଆମମାନଙ୍କ ସଙ୍ଗେ ମିଶୁଥିଲେ । ପ୍ରତି ରବିବାର ଦିନ ଦୁଇ ଘଡ଼ରେ ମୋତେ ଭଲ ପାଉଥିବା କେତେକ ବାଳକ ଓ ମୁଁ ପାଖ

GPNanda Colln., Digitized by srujanika@gmail.com

ବନ ମଧ୍ୟରେ ଉପାସନା ଓ ଈଶ୍ୱର ବିଷୟକ ଆଲୋଚନା କରନ୍ତି । ଶିକ୍ଷକମାନେ ତାହା ଜାଣନ୍ତି ଓ ସେଥିପାଇଁ ଅନୁମତି ଦଅନ୍ତି ।

ଅନ୍ୟାନ୍ୟ ଯେତେ ଛାତ୍ର ଦଳବଦ୍ଧ ହୋଇ କୌଣସି ଗୋଟିଏ ଭଲ କାମ କରନ୍ତି, ସେମାନେ ସେକ୍ରେଟେରୀ ମହାଶୟ ଏବଂ ହେଡ଼ ମାଷ୍ଟର ମହାଶୟଙ୍କ ଠାରୁ ସ୍ନେହ, ସହାନୁଭୂତି ଓ ସାହାଯ୍ୟ ମୁଖ୍ୟ ଭାବରେ ପାଇ କାର୍ଯ୍ୟ ଆରମ୍ଭ କଲାପରେ, ଅନ୍ୟ ଶିକ୍ଷକମାନେ ସେମାନଙ୍କ କାର୍ଯ୍ୟରେ ଯଥାସମ୍ଭବ ସାହାଯ୍ୟ କରନ୍ତି । ଉଦାହରଣ ସ୍ୱରୂପ ମୁଁ ମ୍ୟାଟ୍ରିକ୍ ଶ୍ରେଣୀରେ ଥିଲାବେଳେ ଦ୍ୱିତୀୟ ଶ୍ରେଣୀର ଛାତ୍ରମାନେ ଗୋଟିଏ ହାତ ଲେଖା ପତ୍ରିକା ବାହାର କରିବା ଲାଗି ଉଦ୍‌ବୁଦ୍ଧ ହେଲେ । ତାହାର ପୂର୍ବଦିନ ଆମ୍ଭମାନଙ୍କ ଶନିବାର ଛାତ୍ରସଭାରେ School magazine ବିଷୟ ଆଲୋଚିତ ହୋଇଥିଲା । ସାଧାରଣତଃ ଏମ୍, ଏ, ତିନିଜଣଙ୍କ ମଧ୍ୟରୁ କେହି ଜଣେ ସଭାପତି ହୁଅନ୍ତି । ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥାଇ, କେହି କେହି ବକ୍ତୃତା ଦିଅନ୍ତି । ଯେଉଁ ଥର ଯେଉଁ ବିଷୟ ଥାଏ, ସେ ବିଷୟରେ ସୁଚିନ୍ତିତ, ପ୍ରେରଣାଦାୟିନୀ ବକ୍ତୃତା କରନ୍ତି । ସେଥର ଶ୍ରୀ ନୀଳକଣ୍ଠ ବାବୁ ଓ ଶ୍ରୀ ଗୋଦାବରୀଶ ବାବୁ ବକ୍ତୃତା କରିଥିଲେ । ଫଳରେ ସେହି ଉପର-କଥିତ ବାଳକମାନେ ହାତ ଲେଖା ପତ୍ରିକା ଆରମ୍ଭ କଲେ । ପ୍ରଥମେ ତାହାର ନାମ 'ସତ୍ୟବାଦୀ' ଥିଲା । ପରେ ଗୋପବନ୍ଧୁଙ୍କ 'ସତ୍ୟବାଦୀ' ମାସିକ ପତ୍ରିକା ପ୍ରକାଶ ପାଇଲା, ଏବଂ ଛାତ୍ରମାନଙ୍କର ହାତଲେଖା 'ବାଣୀ' ପତ୍ରିକା ରହିଲା ।

ଛାତ୍ରମାନଙ୍କ ପ୍ରକାଶିତ ପତ୍ରିକା—

ସହରଠୁ ଦୂରରେ ମଫସଲରେ ଥାଇ ଶିକ୍ଷକମାନେ ଛାତ୍ରମାନଙ୍କୁ ଯେପରି ବହୁପ୍ରକାର କାର୍ଯ୍ୟରେ ବିଳାସ କରିବାକୁ ଶିଖାଉଥିଲେ, ନିଜେ ନିଜେ ମଧ୍ୟ ସେହିପରି ବହୁକାର୍ଯ୍ୟ କରୁଥିଲେ । ସେମାନଙ୍କର ସଜୀବ,

GPNanda Colln., Digitized by srujanika@gmail.com

ସତେଜ କର୍ମରଞ୍ଜିତ ଦିନ ଗୁଡ଼ିକ ଆମ୍ଭମାନଙ୍କ ତରୁଣପ୍ରାଣରେ ଅଜାଣତରେ ପୁଲକ, ଆଗ୍ରହ, ଉତ୍ସାହ ଓ କର୍ମପ୍ରେରଣା ଜାଗ୍ରତ କରୁଥିଲା । ସେପରି ହେଉଥିବା ଜାଣୁଥିବାରୁ କର୍ମୀମାନଙ୍କର ପ୍ରାଣ ଆନନ୍ଦରେ ପୂରି ଉଠୁଥିଲା । ଛାତ୍ର ଶିକ୍ଷକମାନଙ୍କର ହାର୍ଦ୍ଦିକ ସହଯୋଗ, ଜ୍ଞାନଦାନ ଓ ଗ୍ରହଣର ଅପୂର୍ବ ସମ୍ମିଳନ ଶିକ୍ଷାଳୟକୁ ଶକ୍ତିଶାଳୀ କରୁଥାଏ । 'ସତ୍ୟବାଦୀ' ହାତଲେଖା ପତ୍ରିକାର ପ୍ରବନ୍ଧ ଓ ପଦ୍ୟଗୁଡ଼ିକ ନୀଳକଣ୍ଠ ବାବୁ ଆଗ ଦେଖନ୍ତି, ସଂଶୋଧନ କରନ୍ତି ଏବଂ ନିର୍ବାଚନ କରନ୍ତି । ଆମ ଶ୍ରେଣୀର ଆମେ ଦୁଇଜଣ ତାଙ୍କର ପତ୍ରିକାର ଲେଖକ ଥିଲୁ । ପିଲମାନେ ମୋ ଲେଖାକୁ ଭଲ ବୋଲି କହୁ ନଥିଲେ କି ଲେଖା ଦେବାକୁ କେବେ ଉତ୍ସାହିତ କରୁ ନଥିଲେ । କେବଳ ଆମ୍ଭେମାନେ ତାଙ୍କ ପ୍ରବନ୍ଧ ଲେଖୁଥାଉ । ଦିନ ଦୁଇଟି ସଂଖ୍ୟା ବାହାରିବା ପରେ ଗୋଟିଏ ଶବ୍ଦର ବନାନ ନେଇ ସେମାନଙ୍କ ସଙ୍ଗେ ମୋର ମତଭେଦ ହେଲା । ସେମାନେ ମତେ ଗାଳିଦେଲେ ଏବଂ ମୁଁ ଆଉ ଲେଖିବି ନାହିଁ ବୋଲି କହିଲି । ଯେଉଁ ଦିନ କହିଲି, ସେହିଦିନ ଉପର ଶ୍ରେଣୀର କେତେକ ଛାତ୍ର ମୋତେ ଉଦ୍‌ବୁଦ୍ଧ କଲେ ଯେ ଆଉ ଗୋଟିଏ ଲେଖା ପତ୍ରିକା ମୁଁ ଆରମ୍ଭ କରିବି । ତାହା କେବଳ ମାଇନର ଶ୍ରେଣୀର ପିଲମାନଙ୍କ ଦ୍ୱାରା ପରିଚାଳିତ ହେବ । ସେହି ଛାତ୍ରଙ୍କ ମଧ୍ୟରୁ ଜଣେ ଓ ମୁଁ ଏକତ୍ର ଯାଇ ନୀଳକଣ୍ଠ ବାବୁ (ହେଡ୍ ମାଷ୍ଟର)ଙ୍କୁ କହିଲୁ । ସେ ସବୁକଥା ଶୁଣି ପସନ୍ଦ କଲେ ଏବଂ ରାତସାରା ଆମ୍ଭମାନଙ୍କ ସଙ୍ଗେ ବସି ତାହାର 'ନାମ' କଅଣ ହେବ ଏବଂ ଉଦ୍‌ବୋଧନମୂଳକ କି ସୂକ୍ତି ମଲାଟ ଉପରେ ଦିଆଯିବ ତାହା ଆଲୋଚନା କଲେ । 'ବାଣୀ' ନାମରେ ଆମ୍ଭେମାନେ ତହିଁ ଆରଦିନୁ ଲେଖା ମାସିକ ପତ୍ରିକା ଆରମ୍ଭ କଲୁ । ସେ ମାସିକ ପତ୍ରିକାରେ ଲେଖା ପାଇବାକୁ କଷ୍ଟକର ନଥିଲା; ଶିକ୍ଷକମାନେ ପ୍ରବନ୍ଧ, ପଦ୍ୟାଦି ସଂଶୋଧନ କରି ନିର୍ବାଚନ କରୁଥିଲେ ।

GPNanda Colln., Digitized by srujanika@gmail.com

ଅଟନ୍ତି ବୁଝା ଯାଉଛି ଯେ ଯଦ କୌଣସି କୌଣସି ଭଲ ଛାତ୍ର ଗୋଟିଏ ଦଳ ଗଠନ କରି ଜନନ୍ତ ଚିନ୍ତା ଏବଂ ସିରସ୍ପର ସାହାଯ୍ୟ ସହାନୁଭୂତରେ ଗଢ କରୁଥାନ୍ତି, ତେବେ ଗୋପବନ୍ଧୁ ବାବୁଙ୍କ ଠାରୁ ଆରମ୍ଭ କରି ସବୁ ଶିକ୍ଷକ ସେମାନଙ୍କର ଆଦର୍ଶମୂଳକ କାର୍ଯ୍ୟରେ ସାହାଯ୍ୟ କରୁଥିଲେ । ତେଣୁ ମୋର ଅନେକ ସହକର୍ମୀ ଥିଲେ; ଏପରି କି ଉପର ଶ୍ରେଣୀର ଛାତ୍ରମାନେ ସେଥିରେ ଯୋଗ ଦେଉଥିଲେ । ଉପର ଶ୍ରେଣୀମାନଙ୍କର 'ସତ୍ୟବାଦୀ', ଗୋପବନ୍ଧୁ ବାବୁଙ୍କ ସମ୍ପାଦିତ ସତ୍ୟବାଦୀ ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ଦୁଇମାସ ମଧ୍ୟରେ ବନ୍ଦ ହୋଇଗଲା; କେବଳ 'ବାଣୀ' ଇସ୍କୁଲର ଛାତ୍ର-ପତ୍ରିକା ଲିଖିତ ଆକାରରେ ମୋର ପ୍ରଥମ ଶ୍ରେଣୀ ଶେଷରେ ଅସିବା ପର୍ଯ୍ୟନ୍ତ ରହିଥିଲା । ମାସକୁ ମାସ ନିୟମିତ ଭାବରେ ଦଶଖଣ୍ଡି ପୁସ୍ତକ ଲେଖାହୋଇ ପ୍ରକାଶ ପାଉଥିଲା । ପ୍ରତ ସରେ ଦନେ ଦୁଇଦନ ଗୋଟିଏ ଗୋଟିଏ ପୁସ୍ତକ ରଖି ପିଲାମାନେ ପଢୁଥିଲେ, ପ୍ରବନ୍ଧ ଓ କବିତା ଆଦ ଲେଖିବା ପାଇଁ ଉତ୍ସାହ ପାଉଥିଲେ । ଦନେ ଦୁଇଦନ ପ୍ରକାଶରେ ଡେରି ହୋଇଗଲେ, ନୀଳକଣ୍ଠ ବାବୁ ବର୍ଗରେ କୈଫିୟତ ମାଗୁଥିଲେ । ମୋର ପ୍ରଥମ ଶ୍ରେଣୀ ବର୍ଷକୁ ସତ୍ୟବାଦୀରେ 'ସତ୍ୟବାଦୀ ପ୍ରେସ' ବସି ଯାଇଥିଲା । ବାର୍ଷିକ ଦୁଇ ଟଙ୍କା ଲେଖାଏଁ ପ୍ରତ୍ୟେକ ଛାତ୍ର ଚାନ୍ଦା ଦେଲେ ଏବଂ ସତ୍ୟବାଦୀ ସ୍କୁଲ ମାଗାଜିନ୍ ସେହି ପ୍ରେସରୁ ପ୍ରଥମ ସଂଖ୍ୟା ବାହାରିବା ପରେ ଆମ୍ଭମାନଙ୍କ ମାଟ୍ରିକ୍ ପରୀକ୍ଷା ପଡିଗଲା । ତାହା ପରେ ଅନେକ ଦନଯାଏଁ କଟକରେ ପଢୁଥିବା ବେଳେ ମୁଁ ତାହାର ଚାନ୍ଦା ଦେଉଥିଲି ଏବଂ ପତ୍ରିକା ପ୍ରକାଶ ପାଉଥିଲା ।

ବକ୍ତୃତା ଶିକ୍ଷା—

ବକ୍ତୃତା କରିବାର ଶକ୍ତି ପିଲାମାନଙ୍କ ମଧ୍ୟରେ ଜାଗ୍ରତ କରିବା ପାଇଁ ଶିକ୍ଷକମାନେ ଦୁଇଟି ମାର୍ଗ ଅବଲମ୍ବନ କରିଥିଲେ । ପ୍ରତ ଶନି-

GPNanda Colln., Digitized by srujanika@gmail.com

ବାର ଦିନ ଅଧା ସ୍କୁଲ ପରେ ପିଲମାନଙ୍କର ସମ୍ମିଳନୀ ହୁଏ । ସେଥିରେ ଜଣେ ବଡ ଶିକ୍ଷକ ସ୍ଥାୟୀ ସଭାପତି ଥାଆନ୍ତି ଏବଂ ଦ୍ୱିତୀୟ ଶ୍ରେଣୀର ଜଣେ ଛାତ୍ର ସମ୍ପାଦକ ଥାଆନ୍ତି । ପ୍ରଥମେ ପ୍ରଥମେ ପିଲମାନେ ସେଥି-ପ୍ରତି ଆଗ୍ରହୀ ହେଉ ନଥିଲେ । ପରେ ସେପରି ତାହା ଛାତ୍ରମାନଙ୍କ ପକ୍ଷରେ ଅତି ଆଦରଣୀୟ ଅନୁଷ୍ଠାନ ହୋଇ ଉଠିଲା, ତାହା ଯଥା ସ୍ଥଳରେ କୁହାଯିବ । ସେ ସଭାରେ ଉପସ୍ଥିତ ଛାତ୍ରମାନେ ପ୍ରବନ୍ଧ ପଢନ୍ତି ବକ୍ତୃତା କରନ୍ତି—ବକ୍ତୃତାର ପ୍ରତିଯୋଗିତା ହୁଏ । ମାତ୍ର ପ୍ରଥମେ ଶିକ୍ଷକମାନଙ୍କର ଆଦେଶ କ୍ରମେ ଯେ କୌଣସି ଛାତ୍ର କହିବା, ଲେଖିବାକୁ ବାଧ୍ୟ ହେଉଥିଲା । ଥରେ ଗୋପବନ୍ଧୁ ବାବୁ ନିଜେ ସଭାରେ ଥିଲେ । ସେ କହିଲେ ଯେ "ବକ୍ତୃତା ଦେବାର ଅଭ୍ୟାସ ଅଭିଳାଷୀ ବାଳକମାନେ ନିଜେ ନିଜେ କହିବା ଉଚିତ । ଇଂଲଣ୍ଡର କେତେକ ବକ୍ତା ଅଭ୍ୟାସ ବଳରେ ବକ୍ତୃତା ଶିଖିଥିଲେ । ଗ୍ରୀସର ସ୍ୱନାମ ପ୍ରସିଦ୍ଧ ବକ୍ତା ଡିମାସ୍ଥିନିସ୍ (ଖ୍ରୀ, ପୂ ୩୮୪-୩୨୨)ଙ୍କର ସ୍ୱନାମ ଧନ୍ୟ ମାତ୍ର । କହିବାର ଶକ୍ତି ନଥିଲା, ପ୍ରଥମେ ତାଙ୍କର ଭୟ ଲାଗୁଥିଲା, ତେଣୁ ସେପରି ବକ୍ତାମାନେ 'ଏକାକୀ' ସମୁଦ୍ରକୂଳରେ ପାହାଡରେ ବାଲି-ଗୋରଡା ରଖି, ଜିହ୍ୱା-ଚାଳନ କରି ବଡ ପାଟିରେ ନିଜେ ନିଜେ କହୁ କହୁ ପ୍ରଧାନ ବକ୍ତା ହୋଇ ପାରିଥିଲେ । ତିନି ଚାରିଜଣ ସପ୍ତାହରେ ଥରେ ଥରେ ଏକତ୍ର ବସି, ସେହିଠାରେ ପ୍ରଗଲ୍ଭ ଭାବରେ ବକ୍ତୃତା କରିବାର ଅଭ୍ୟାସ କର ।" ଏହା ଶୁଣିବା ମାତ୍ରେ ଆମ୍ଭେମାନେ ଚାରି ପାଞ୍ଚ ଜଣ ମିଶି ସେହିପରି କଲୁ । ପ୍ରଥମ ଥର ନୀଳକଣ୍ଠ ବାବୁଙ୍କୁ ପଚାରି ଥିଲୁ । ସେ ଶ୍ରୀ ବାସୁଦେବ ବାବୁଙ୍କୁ ପଠାଇ ଥିଲେ । ବାସୁଦେବ ବାବୁ ଅତି ପ୍ରଗଲ୍ଭ ବକ୍ତା । ସେ ଅଳ୍ପଶ୍ରୋତା ମଧ୍ୟରେ ବିଶାଳ ଜନତା କଳ୍ପନା କରି କିପରି ବକ୍ତୃତା ଦେବାକୁ ହେବ ତାହା ନିଜର ଗୋଟିଏ କ୍ଷୁଦ୍ର ବକ୍ତୃତାରେ ଦେଖାଇ ଦେଲେ । ଆମ୍ଭେମାନେ ସେହିପରି ଚେଷ୍ଟା

GPNanda Colln., Digitized by srujanika@gmail.com

କଲି ଏବଂ ସେ ଚେଷ୍ଟା ଫଳରେ ଆମ୍ଭମାନଙ୍କର କହିବାର ଶକ୍ତି ଜାଗ୍ରତ ହୋଇଥିଲା ।

ଗୋପବନ୍ଧୁଙ୍କ ଜ୍ଞାନ-ଗୁଣ-ଗ୍ରାହିତା—

ସିଲବସ ଅତିରିକ୍ତ ବହୁ କାର୍ଯ୍ୟ, ବହୁ ଶାସ୍ତ୍ରାଲୋଚନାରେ ଶିକ୍ଷକମାନେ ଆମ୍ଭମାନଙ୍କୁ ଉଦ୍‌ବୁଦ୍ଧ କରୁଥିଲେ । କେବଳ ସେତିକି ନୁହେ ଅନ୍ୟନ୍ୟ କୌଣସି ଉତ୍ତମ ଗରିବ ଛାତ୍ର ମେଧାବୀ ଥିବାର ଦେଖିଲେ, ଗୋପବନ୍ଧୁ ବାବୁ ସେପରି ବାଳକକୁ ସେଠାକୁ ଆଣି ବିଦ୍ୟାଳୟର ଭଲ ଭଲ ଛାତ୍ରଙ୍କ ସଙ୍ଗେ ତାକୁ ପରିଚିତ କରାଇ ଦେଇ ତାହାର ଭବିଷ୍ୟତ୍ ଉଜ୍ଜ୍ୱଳ କରିବା ପାଇଁ ଯତ୍ନ କରୁଥିଲେ । ଗଞ୍ଜାମରୁ ଜଣେ ବାଳକକୁ ସେ ଆଣିଥିଲେ । ମାତ୍ର ସେ ବାଳକଟି ଅଳ୍ପଦିନ ଅବସ୍ଥାନ ପରେ ଜଳୋଦରୀ ରୋଗରେ ପ୍ରାଣତ୍ୟାଗ କଲା । ତାହା ପାଇଁ ଯେଉଁ ଶୋକ ସଭା ହୋଇଥିଲା ଗୋପବନ୍ଧୁ ବାବୁ ସେଥିରେ ଯେପରି କହିଲେ ତାହା ସମସ୍ତଙ୍କ ଚକ୍ଷୁରୁ ଲୋତକ ଧାରା ବୁହାଇ ଦେଇଥିଲା, ତାହା ଗଦ୍ୟ କି କବିତା ମୁଁ ଏପର୍ଯ୍ୟନ୍ତ ମଧ୍ୟ ବୁଝି ପାରୁ ନାହିଁ । ଆଉଥରେ କଳାହାଣ୍ଡିର ଜଣେ ବୁଦ୍ଧିମାନ ଛାତ୍ର କଲେରା ରୋଗରେ ପ୍ରାଣ ତ୍ୟାଗ କରନ୍ତେ, ସେହିପରି ଏକ ପ୍ରାଣସ୍ପର୍ଶୀ ବକ୍ତୃତା ଗୋପବନ୍ଧୁ କରିଥିଲେ । ତାହା ମଧ୍ୟ ଗଦ୍ୟାକାରରେ କବିତା ମନ୍ତ୍ର— ସତ୍ୟବାଦୀ ପତ୍ରିକାରେ ତାହା ପ୍ରକାଶ ପାଇଥିଲା । ଲେଖା ଓ ବକ୍ତୃତାର ସରସତା କିପରି ଫୁଟେ, ସେ ତାହା ଶିକ୍ଷା ନ ଦେଉଥିଲେ ମଧ୍ୟ ତାଙ୍କର ଏକାଧିକବାର ଦେଇଥିବା ବକ୍ତୃତାମାନ ଶିକ୍ଷାପୂର୍ଣ୍ଣ ହୋଇଥିଲେ ମଧ୍ୟ ଭାଷା ବିନ୍ୟାସ ଅତି ପ୍ରାଣବନ୍ତ ଓ ଚମତ୍କାରିତ୍ୱ ଥିବାରୁ ଆମ୍ଭେମାନେ ଲେଖିବାର ଶୈଳୀ ଓ ଗୁରୁତ୍ୱ ତାହାଁରୁ ପରୋକ୍ଷ ଶିଖୁଥିଲୁ ।

GPNanda Colln., Digitized by srujanika@gmail.com

ଗୋପବନ୍ଧୁଙ୍କ ଶିକ୍ଷାଦାନ-ପ୍ରଣାଳୀ—

କୁହାଯାଇ ଅଛି ଯେ ସେ ଥରେ ଥରେ ବିଦ୍ୟାଳୟକୁ ପଢାଇବାକୁ ଯାଆନ୍ତି । ଯେଉଁ କ୍ଲାସକୁ ଇଚ୍ଛା, ସେ କ୍ଲାସ ଭିତରକୁ ପଶିଯାଆନ୍ତି । ଥରେ ଆମର ଅଷ୍ଟମ ଶ୍ରେଣୀରେ (Class IX ବର୍ତ୍ତମାନର) ଇଂରେଜୀ ରଚନା ପିରିଅଡରେ ପହଞ୍ଚି ଗଲେ । ପ୍ରବନ୍ଧ ଖାତା ଦେଖିଲେ—କହିଲେ କାଲିକି ତୁମ୍ଭଙ୍କୁ 'ଗାଈ' ବିଷୟରେ ପ୍ରବନ୍ଧ ଦିଆଗଲା, ମୁଁ ଏହି ପିରିଅଡରେ ଆସି ଦେଖିବି । ପ୍ରବନ୍ଧର ସୂଚନା ମଧ୍ୟ ସେ ଦେଇଥିଲେ । ହେଡ୍ ମାଷ୍ଟରଙ୍କ ଅନୁମତିରେ ସେ ଆସିଥିଲେ । ତହିଁ ଆରଦିନ ଯଥା ସମୟରେ ଆସି ସେ ଜଣେ ଦୁଇଜଣଙ୍କୁ ତାଙ୍କ ପ୍ରବନ୍ଧ ପଢିବା ପାଇଁ କହିଲେ । ନୀଳକଣ୍ଠ ବାବୁ ମଧ୍ୟ ତାଙ୍କ ସଙ୍ଗରେ Higher Composition (Nesfield) ଆଣିଥିଲେ । ପ୍ରାୟ ପ୍ରତ୍ୟେକଙ୍କର ପ୍ରଥମ ଧାଡିଟି ଥିଲା 'The cow is a quadruped animal,' ଏହି ଧାଡିଟି ମାତ୍ର ସେ ସମସ୍ତଙ୍କ ଖାତାରୁ ଶୁଣିଲେ । ସେ କହିଲେ 'quadruped' ଶବ୍ଦଟି ସମସ୍ତେ ଲେଖନ୍ତି, ପ୍ରବନ୍ଧ ପୁସ୍ତକ ମାନଙ୍କରେ ମଧ୍ୟ ସେହି ଶବ୍ଦ ଥାଏ । ମାତ୍ର ଏପରି ଘୋଷିଥିବା ଶବ୍ଦର ବ୍ୟବହାର କରି ବସିଲେ, ନିଜର ମୌଳିକତା ଜନ୍ମେନାହିଁ । ସେହି ସ୍ଥଳରେ ତୁମ୍ଭେମାନେ 'Four footed animal' ଲେଖ । ବିଶେଷରେ ଲକ୍ଷ୍ୟ କର ଯେ ତୁମ୍ଭର ଜାଣିଥିବା ଶବ୍ଦମାନଙ୍କୁ ଲଗାଇ ତୁମ୍ଭେମାନେ ବାକ୍ୟ ଗଢିବ । ଛୋଟ ଛୋଟ ବାକ୍ୟ ଲେଖିବ । ନିଜର ବିଦ୍ୟା ପ୍ରୟୋଗ କରିବ । ଉପରେ Tight ଓ Loose Sentence କାହାକୁ କହନ୍ତି ଏବିଷୟ ନୀଳକଣ୍ଠ ବାବୁ ସୁନ୍ଦର ଭାବରେ, ଆଣିଥିବା ତାଙ୍କ ବ୍ୟାକରଣରୁ ବୁଝାଇ ଦେଲେ । 'ଗୋରୁ' ବିଷୟରେ ଗୋପବନ୍ଧୁ ବାବୁ ଗୋଟିଏ ପ୍ରବନ୍ଧ ଅତି ସରଳ ଭାଷାରେ ମୁହଁରୁ କହିଗଲେ । ଶେଷଭାଗଟି ଥିଲା 'ଗୋପାଳନ' । ଅତି ଛୋଟ ଛୋଟ

GPNanda Colln., Digitized by srujanika@gmail.com

ବାକ୍ୟରେ ଅଥଚ ପ୍ରାଣସ୍ପର୍ଶୀ ଭାବରେ ଯେ, ସେ ସଙ୍କେତଟି ଏପରି ବର୍ଣ୍ଣନା କଲେ ଯେ ଆମ୍ଭେମାନେ ଗୋ-ଜାତିର ଦୁର୍ଦ୍ଦଶା ବର୍ଣ୍ଣନା ଦେଖିଲେ ହୃଦୟରେ କ୍ଷୋଭ ଅନୁଭବ କଲୁଁ ଏବଂ ଗୋ-ଜାତିର ମୂଲ୍ୟ, ମହତ୍ତ୍ୱ ବୁଝି ତଦନୁରୂପ ସମୁଚିତ ବ୍ୟବହାର କରିବା ପାଇଁ ଉଦ୍‌ବୁଦ୍ଧ ହୋଇଥିଲୁଁ । କେବଳ ସେତିକି ନୁହେଁ, ମୁଁ ନୀଳକଣ୍ଠ ବାବୁଙ୍କୁ ମାଗି ସେହି ବ୍ୟାକରଣଟି ଆଣିଲି ଏବଂ ମୋତେ ଯେଉଁ ଯେଉଁ ଅଂଶ ଭଲ ଲାଗିଲା ତାହା ପଢି ପକାଇଲି ।

ସିଲାବସ୍ ଅତିରିକ୍ତ ପାଠ—

ସେହି ବର୍ଷ (ମୋର ୭ମ ଶ୍ରେଣୀ) ଏମ୍, ଆର୍, ବାଲେଙ୍କ ରଚିତ ସଂସ୍କୃତ ବ୍ୟାକରଣର (ଉଚ୍ଚ ଶ୍ରେଣୀର) ଖଣ୍ଡିଏ ପୁସ୍ତକ ଲାଇବ୍ରେରୀକୁ ଆସି ଯାଇଥିଲା । ସେ ବ୍ୟାକରଣରେ ପାଣିନି-ସୂତ୍ର ସବୁ ଥାଏ, ବହିଟି କଲେଜ ପାଇଁ; ସ୍କୁଲ ପାଇଁ ନୁହେଁ । ମାତ୍ର ସେହି ବହିରୁ ପିଲାମାନେ ସଂସ୍କୃତ ବ୍ୟାକରଣ ପଢ଼ନ୍ତୁ ଏହା ଇଚ୍ଛାକରି ନୀଳକଣ୍ଠ ବାବୁ ପ୍ରଥମେ (XI) ପ୍ରଥମ ଶ୍ରେଣୀରେ, ପରେ ଦ୍ୱିତୀୟ ଶ୍ରେଣୀରେ (X) ତାହାକୁ ଚଳାଇବା ପାଇଁ ନିର୍ଦ୍ଦେଶ ଦେଲେ । ସେ ଦୁଇ ଶ୍ରେଣୀ ତାଙ୍କର ସାକ୍ଷାତ୍ ତତ୍ତ୍ୱାବଧାନରେ ନ ଥିଲା । ପୁଣି ପଣ୍ଡିତ ଶ୍ରୀ ଭୁବନେଶ୍ୱର ବହି ପଢାଇବା ମଧ୍ୟରେ ବ୍ୟାକରଣ ପଢନ୍ତି, ସେ ତ ଇଂରେଜୀ ଜାଣି ନ ଥିଲେ, ତେଣୁ ଉପର ଦୁଇଶ୍ରେଣୀରେ ତାହା ପଢାଯାଇ ପାରିଲା ନାହିଁ । ଆମ ଶ୍ରେଣୀ ନୀଳକଣ୍ଠ ବାବୁଙ୍କର ସାକ୍ଷାତ୍ ତତ୍ତ୍ୱାବଧାନରେ ଥିଲା । ସେ ସେହିଠାରେ ତାହା ପଢାଇବାକୁ ଆରମ୍ଭ କଲେ । ସଂସ୍କୃତ ପିରିଅଡରେ ନିଜେ ଆସନ୍ତି ଏବଂ ପଢାନ୍ତି । ଆମ୍ଭେମାନେ ସେ ପୁସ୍ତକରୁ 'ବିଭକ୍ତି ନିର୍ଣ୍ଣୟ' ଏବଂ 'ବାଚ୍ୟାନ୍ତର'—ଏ ଦୁଇ ବିଷୟକୁ ଆୟତ୍ତ କଲୁଁ । ତାଙ୍କର ଏପରି କଠିନ ବିଷୟକ ଆଲୋଚନାରେ ଯେ ଦୂରଦୃଷ୍ଟି ଥିଲା, ତାହା ଏବେ ଉପଲବ୍ଧ ହେଉଅଛି ।

GPNanda Colln., Digitized by srujanika@gmail.com

କୋଣାର୍କ ପ୍ରଯ୍ୟଟନ—

ସେହିବର୍ଷ ପଦ ଯାତ୍ରାରେ ସମସ୍ତ ବାଳକ ଓ ସମସ୍ତ ଶିକ୍ଷକ କୋଣାର୍କ ପରଦର୍ଶନ କରିବେ ବୋଲି ସ୍ଥିର ହେଲା । ସେତେବେଳକୁ ବିଦ୍ୟାଳୟର ଛାତ୍ର ସଂଖ୍ୟା ସାତଶହରୁ ଅଧିକ । ଏଗାର ଖଣ୍ଡି ଶଗଡ଼-ଗାଡ଼ିରେ ଖାଦ୍ୟସାମଗ୍ରୀ ଲଦା ହେଲା ଓ ଭୁବନେଶ୍ୱର ଯାତ୍ରାର ପ୍ରକାର ଠାରୁ ଏ ଯାତ୍ରାର ପ୍ରକାର ଅଧିକ କେଣି ଶୃଙ୍ଖଳିତ ହୋଇଥିଲା । ପିଲାମାନେ କେବଳ ଗଳ୍ପରେ ସମୟ ନଷ୍ଟ କରିବେ ନାହିଁ ବୋଲି ସମସ୍ତଙ୍କୁ କ୍ଲାସ ଲାଇବ୍ରେରୀ ମାନଙ୍କରୁ ଏବଂ ସ୍କୁଲର ସାଧାରଣ ଲାଇବ୍ରେରୀରୁ ନିର୍ବାଚନ କରି ଶ୍ରେଣୀଶିକ୍ଷକମାନେ ପୁସ୍ତକ ଦେଇଥିଲେ । ମୁଁ ' Plant Life ' ଛୋଟ ଛୋଟ ୧୨ ଟି ବହି (ଏକସେଟ୍) ଓ ସେହିପରି 'Animal life' ବହି ନିର୍ବାଚନ ଫଳରେ ପାଇଥିଲି ।

ସେ ଯାତ୍ରା ଅତି ଆନନ୍ଦ ଦାୟକ ଏବଂ କୌତୂହଳୋଦ୍ଦୀପକ ହୋଇଥିଲା । ଉପର ବେଳା ଆମ୍ଭେମାନେ ବାହାରିବା ଆଗରୁ କ୍ୟାମ୍ପ ଓ କାତ୍ରମ ବାଳକ—ଅଠଜଣ ଆଗରୁ ଯାଇ ବଳଙ୍ଗା ହାଟରେ କ୍ୟାମ୍ପ କରି, ଖିଅପିଅର ଯୋଗାଡ଼ କରିଥିଲେ । ସେ ତ ଘମାଘୋଟ ଯୁଦ୍ଧ ସମୟ । ସାତଶହ ବାଳକ ଦଳ ଦଳ ହୋଇ ମନିଟରଙ୍କ ଅଧୀନରେ ଚାଲିଥାନ୍ତି । ସୈନିକମାନେ ଶୃଙ୍ଖଳିତ ଓ ନିୟମିତ ଭାବରେ ପାଦ ପକାଇ ଚାଲିବା ପରି ଆମ୍ଭେମାନେ ଚାଲିଥାଉଁ । ଶିକ୍ଷକମାନେ ବାଣ୍ଟି ହୋଇ ଗ୍ରୁପ୍ ଗୁଡ଼ିକର ଚାଲି ଚଳଣ ନିରୀକ୍ଷଣ କରୁଥାନ୍ତି । ପାଦ ପକାଇବାରେ ବିଶୃଙ୍ଖଳା ଦେଖିଲେ ମଧ୍ୟେ ମଧ୍ୟେ 'Right, Left' ଶବ୍ଦ ଉଚ୍ଚାରଣ କରୁଥାନ୍ତି । ଦର୍ଶକମାନେ ଆମ୍ଭମାନଙ୍କୁ ସୈନିକ ବୋଲି ଭାବୁଥାନ୍ତି । ପ୍ରତି ଦଳରୁ ଦୁଇଧାଡ଼ି ଆଗରେ ମନିଟରମାନେ ଚାଲି

ଥିବାରୁ ଏକ ଦଳ ଅନ୍ୟଠାରୁ ପୃଥକ୍ ପଡ଼ି ଦିଶୁଥାଏ । ସନ୍ଧ୍ୟାପରେ କିଛିଦୂର ଚାଲିବାକୁ ପଡ଼ିବାରୁ ମନିଟରମାନେ ଲଣ୍ଠନ ଲଗାଇ ଧରିଥାନ୍ତି । ପ୍ରତି ଦଳରେ ସନ୍ଧ୍ୟା ପୂର୍ବରୁ ସବୁ ବାଳକ ଲଣ୍ଠନ ଧରିଥାନ୍ତି ଦରକାର ନପଡ଼ିଲେ ସବୁଯାକ ଲଗା ହୁଏନାହିଁ । ଅନ୍ୟାନ୍ୟ ଶିକ୍ଷକମାନେ ଦୀର୍ଘ ପଙ୍କ୍ତି ଦ୍ୱୟର ମୂଳରୁ ଶେଷଯାଏଁ ଦେଖି ଦେଖି ଚାଲିଥାନ୍ତି । ବଳଙ୍ଗା ହାଟରେ ସନ୍ଧ୍ୟାର ଅବ୍ୟବହିତ ପରେ ପହଞ୍ଚିଲୁ । ଘଣ୍ଟା ଅନୁସାରେ କାର୍ଯ୍ୟ ହେଲା । ପିଲାମାନେ କେନ୍ଦ୍ର କେନ୍ଦ୍ର ବନ୍ଧି ପଡ଼ିଲେ ଏବଂ କେନ୍ଦ୍ର କେନ୍ଦ୍ର ଶିକ୍ଷକମାନଙ୍କ ମେଳରେ ଆଲୋଚନାରେ ନିଯୁକ୍ତ ହେଲେ ।

ତାହାପରେ ନିମାପଡ଼ା । ନିମାପଡ଼ା (ସେ ସମୟର) ମାଇନର ସ୍କୁଲର ଶିକ୍ଷକ ଓ ଛାତ୍ରମାନେ ଆମ୍ଭମାନଙ୍କର ବହୁ ସାହଚର୍ଯ୍ୟ କରିଥିଲେ । ସେମାନଙ୍କର ବ୍ୟବହାର ଏତେ ସୁନ୍ଦର ଥିଲା ଯେ ଆମ୍ଭେମାନେ ସେମାନଙ୍କୁ ଆମ ଭିତରର ବୋଲି ଧରି ନେଇଥିଲୁଁ । ସେଠାରେ ଶ୍ଲୋକାନ୍ତ (ଶ୍ଲୋକାନ୍ତ କଥା ଯଥା ସ୍ଥାନରେ କୁହାଯିବ) ହୋଇଥିଲା । ତହିଁରେ ଆକୃଷ୍ଟ ହୋଇ ନିମାପଡ଼ା - ଶିକ୍ଷକ, ଛାତ୍ର, ଲୋକସାଧାରଣ ଜମିଯାଇ ଶୁଣୁଥିଲେ । ସେଠାରେ ଗୋଟିଏ ଦୁର୍ଘଟଣା ଘଟିଥିଲା । ସେ ସମୟରେ ଗଛମାନଙ୍କରେ ଆମ୍ବ ଥିଲା । ଏକ ଛାତ୍ର ଆମ୍ବଗଛରେ ଚଢ଼ି ଆମ୍ବ ତୋଳୁଥିଲା ବେଳେ ତଳକୁ ପଡ଼ିଯିବାରୁ, ତାଙ୍କର ହାତର ହାଡ ଭାଙ୍ଗିଗଲା । ଛାତ୍ରମାନେ ସଙ୍ଗେ ସଙ୍ଗେ ପ୍ରାଥମିକ ଚିକିତ୍ସା କଲେ ଓ ଗୋଦାବରୀଶ ବାବୁ ଏବଂ ରାମଚନ୍ଦ୍ର ବାବୁ ତାଙ୍କୁ ସବାରୀରେ ଶୁଆଇ ଓ ନିଜେ ଚାଲି ଚାଲି ଚିକିତ୍ସା ପାଇଁ କଟକ ଗଲେ ।

ସେଠାରେ ସେ ଦିନକ କଟାଇ ସକାଳୁ ଯାଇ ଗୋପ ହାଟରେ ଖିଆପିଆ କରାଇଲୁ ଏବଂ ବିଶ୍ରାମ ଦେଲେ ଟିକିଏ ଦାଦପଟ ‘ଖରାଟାକୁ

GPNanda Colln., Digitized by srujanika@gmail.com

ଯିବାର ଠିକ୍ ହୋଇଥିଲା । ଆଗରୁ ସ୍ୱେଚ୍ଛାସେବକମାନେ ଯାଇଥିଲେ । ଖରି ଗାଁର ଜଣେ ଛାତ୍ରଙ୍କର ଧନୀ ଅଭିଭାବକ ଯିଏ ସ୍କୁଲର ଚର୍ଚ୍ଚା କରିବା ପାଇଁ ଆଗରୁ ଅନୁରୋଧ କରିଥିଲେ । ପ୍ରାୟ ପାଞ୍ଚମାଇଲ୍ ଦୂରରୁ ସନ୍ଧ୍ୟା ଓ ଅନ୍ଧାର ହୋଇଗଲା । ସେ ଅଞ୍ଚଳ ଦୂର ମଫସଲ । ଲୋକମାନେ ଆମ୍ଭମାନଙ୍କର ମାର୍ଚ୍ଚପାଷ୍ଟ୍, ଡ୍ରମ୍‌ର ଶୃଙ୍ଖଳିତ ପଦକ୍ଷେପ ଏବଂ 'ରାଇଟ୍ ଲେଫ୍ଟ୍' ଆଦେଶମୂଳକ ଶବ୍ଦମାନ ଶୁଣି, ଆମ୍ଭମାନଙ୍କୁ ସୈନ୍ୟଦଳ ବୋଲି ବଗୁରି ଦୂରରେ ରହିଗଲେ । ବାଟ ଦିଶୁ ନ ଥାଏ । ଶଗଡ ସରିରେ ଆମ୍ଭେମାନେ ଚାଲୁଥାଉଁ । କିନ୍ତୁ କେଉଁଠି ଯାଇ ପହଞ୍ଚିବୁ, 'ଖରିଗାଁ' ବା କେଉଁଠି ରହିଲା ଏ ବିଷୟ ଜାଣି ନ ଥିବାରୁ ସମସ୍ତଙ୍କୁ ବସିଯିବାକୁ ଆଦେଶ ହେଲା । ସ୍ଥିର ହେଲା ଯେ ଆମ୍ଭେମାନେ ସବୁଗୁଡ଼ିକ ଲଣ୍ଠନ ଜଳାଇ ଉପରକୁ ଟେକିଦେଲେ ଦୀର୍ଘ ଆଲୋକମାଳା ଦୂରକୁ ଦିଶିବ—ଏବଂ ଖରିଗାଁର ଲୋକେ ତାହା ଦେଖି ସଂକେତ ଦେବେ । ସେହିପରି କରାଗଲା । ସମସ୍ତେ ଠିଆ ହୋଇ ଲଣ୍ଠନ ଉପରକୁ ଟେକି ରଖିଲେ । ତେଣେ ଖରିଗାଁର ଲୋକେ ଆମ୍ଭମାନଙ୍କର ବିଳମ୍ବ ଦେଖି ଚିନ୍ତିତ ଥିଲେ । ସେମାନେ ଗୋଟିଏ ଗଛ ଉପରେ ଆଲୋକ ଦେଖାଇଲେ । ଏବଂ ବାଦ୍ୟ ଧ୍ୱନି କଲେ । ବାଟ ଦେଖି ନ ଥିବାରୁ, ଆଉ ଖରିଗାଁକୁ ଯିବା କଷ୍ଟକର ହେଲା ନାହିଁ । ଦଳେ ଭଦ୍ରବ୍ୟକ୍ତି ଖରିଗାଁରୁ ଆସି ବାଦ୍ୟ ବଜାଇ ଆମ୍ଭମାନଙ୍କୁ ପାଛୋଟି ନେଲେ । ସେଠାରେ ଏକ ବିଶାଳ ଭୋଜିର ବ୍ୟବସ୍ଥା ହୋଇଥିଲା । ଡେରିରେ ପହଞ୍ଚିବାରୁ ସେଦିନ ଘଣ୍ଟା ବାଜିବା ଅନୁସାରେ କାର୍ଯ୍ୟକ୍ରମ କୋହଳ କରି ଦିଆଗଲା । ଚର୍ଚ୍ଚା କରୁଥିବା ଭଦ୍ରଲୋକ ମହାଶୟ ପାନ ପ୍ରଭୃତି ମୁଖବାସର ବ୍ୟବସ୍ଥା କରିଥିଲେ । ମାତ୍ର ତାହା ବାଳକମାନଙ୍କ ପ୍ରତି ନିଷିଦ୍ଧ ବୋଲି ତାଙ୍କୁ ଜଣାଇ ଦିଆଗଲା । ତହିଁ ଆରଦିନ ସକାଳ ବେଳା ଅତି ଚଞ୍ଚଳ ଖିଆ ପିଆ ସାରି କୋଣାର୍କ ଯିବାକୁ ବାହାରିବାକୁ

GPNanda Colln., Digitized by srujanika@gmail.com

ଉଦାତ୍ତ ହେଲୁଁ । ଏତିକି ବେଳେ ଜଣେ ବାଳକ ଉକ୍ତ ଗୁରୁଜଣଙ୍କୁ ମଜାଇ ନେଇ ଆଗରୁ କୋଣାର୍କ (ସେଠାରୁ ଅତି ଅଳ୍ପବାଟ) ମନ୍ଦିର ଦେଖି ଆସିଥିବା କଥା କିପରି ହେଡ଼ ମାଷ୍ଟର ମହାଶୟ ଜାଣିଲେ । ସେ ତାହାକୁ କଠୋର ଦଣ୍ଡ ଦେଇ, ଆମ୍ଭମାନଙ୍କୁ ବୁଝାଇ ଦେଲେ ଯେ ବିନାନୁମତିରେ ଯିବା ପ୍ରଥମ ଦୋଷ; ଦ୍ୱିତୀୟ ଦୋଷ ସ୍ୱାର୍ଥପରତା । ତତ୍ପରେ ଆମ୍ଭେମାନେ ପଙ୍କ୍ତିବଦ୍ଧ ହୋଇ ଚାଲିଲୁ । ଦୂରରୁ କୋଣାର୍କ ମନ୍ଦିରର ଜୀବନ୍ତ ପରି ଦିଶୁଥିବା ଘୋଡ଼ା ହାତୀ ପ୍ରଭୃତି ଦେଖାଗଲେ । ବେଢ଼ା ଭିତରେ ପ୍ରବେଶ କରି ପ୍ରତ୍ୟେକ ମୂର୍ତ୍ତି, ପ୍ରତ୍ୟେକ ପ୍ରସ୍ତର ଖଣ୍ଡ ଓ ନୃତ୍ୟଶାଳା, ପ୍ରଧାନ ମନ୍ଦିର, ସୁରକ୍ଷିତ ମୂର୍ତ୍ତିମାନ ଦର୍ଶନ କଲୁ । ନୀଳକଣ୍ଠ ବାବୁ ଦେଖାଇ ଦେଉଥାନ୍ତି ଏବଂ ତହିଁର ଐତିହାସିକ ତଥ୍ୟ, ସେକାଳର ସାମାଜିକ ଜୀବନ ପ୍ରଭୃତି ଯାବତୀୟ ଜ୍ଞାତବ୍ୟ ବିଷୟ ଗୁଡ଼ିକ ଆମ୍ଭେମାନେ ଶୁଣୁଥାଉ । ପରେ ଆମମାନଙ୍କର ବରେଣ୍ୟ ଶିକ୍ଷକ କୃପାସିନ୍ଧୁ ମିଶ୍ର ଏମ୍, ଏ, 'କୋଣାର୍କ' ନାମରେ ବିରାଟ ଗ୍ରନ୍ଥ ଲେଖି-ଥିଲେ, ମାତ୍ର ଆମ୍ଭମାନଙ୍କୁ ତାହା ଆଉ ନୂତନ ବୋଧ ହେଲନାହିଁ । କୋଣାର୍କ ଶିଳ୍ପଚାତୁରୀ ଏବଂ କାରୁକାର୍ଯ୍ୟ ଦେଖି ଆମ୍ଭେମାନେ ସେଠାରୁ ଆସିବାକୁ ଇଚ୍ଛା କଲୁନାହିଁ । ଅନେକ ସ୍ଥାନ ଗାଉଥିଲେ 'ସୁନ୍ଦରେ ତୃପ୍ତିର ଅବସାଦ ନାହିଁ, ଯେତେ ଦେଖିଲେହେଁ ନୂଆ ଦିଶୁଥାଇ ।' ମନ ପୂରାଇ ସମସ୍ତ ଦୃଶ୍ୟ ଦେଖି ସେଠାରେ ଥିବା ଡାକ ବଙ୍ଗଳାରେ ବିଶ୍ରାମ ନେଇ ଅନ୍ୟ ବାଟରେ ସମସ୍ତେ ଫେରି ଆସିଲୁ । ବୋଲିବା ବାହୁଲ୍ୟ ଯେ ଯିବା ବେଳର ପ୍ରଫୁଲ୍ଲତା ଫେରିଲା ବେଳକୁ ନଥାଏ ।

ଏ ପଦ-ବ୍ରଜରେ ଭ୍ରମଣ ଆମ୍ଭମାନଙ୍କର ଦ୍ୱିତୀୟ ପର୍ଯ୍ୟଟନ । ତୃତୀୟଟି ନୀଳମାଧବ ଆଡ଼କୁ ହୋଇଥିଲା । ତାହା ପରେ ବିବୃତ ହେବ ।

GPNanda Colln., Digitized by srujanika@gmail.com

ଶିକ୍ଷକ ଓ ଛାତ୍ରମାନେ ଫେରି ଆସିଲା ସଙ୍ଗେ ପୂର୍ବମତ ପଢ଼ାପଢ଼ି ଆରମ୍ଭ ହୁଏ, କିନ୍ତୁ ଦିନ ଛୁଟି ହୁଏ ନାହିଁ, କେହି ମଧ୍ୟ କ୍ଳାନ୍ତ ବୋଧ କରନ୍ତି ନାହିଁ ।

ବ୍ଲକ୍ ଟିଚର-ନିଯୁକ୍ତି

ସେହି ବର୍ଷ ବୋର୍ଡିଂ ନିୟମରେ ଆଉ ଗୋଟିଏ ଦଫା ଯୋଗ କରାଗଲା ଏବଂ ନିୟମାବଳୀ ପୂର୍ଣ୍ଣତା ପ୍ରାପ୍ତ ହୋଇ ୧୯୧୯ ପର୍ଯ୍ୟନ୍ତ ଚାଲୁ ହୋଇଥିଲା । ପ୍ରଥମେ ପ୍ରତି ଘରରେ ମନିଟର ଥିଲେ, ତାଙ୍କୁ ପୂର୍ବ କଥିତ ଅଧିକାର ଗୁଡ଼ିକ ଦିଆ ଥିଲା । ପରେ ପ୍ରତି ବ୍ଲକ୍‌ରେ ବ୍ଲକ୍ ଟିଚର ଥିଲେ । ମାତ୍ର ଜଣେ ବ୍ଲକ୍ ଟିଚର ଅତି ଦୂଷିତ ଚରିତ୍ରର ବ୍ୟକ୍ତି ଥିଲେ । ସେ ହେଡ଼ ମାଷ୍ଟରଙ୍କର ପ୍ରିୟତମ ଥିଲେ । ସବୁବେଳେ ସେ ସେହି ଶିକ୍ଷକଙ୍କୁ ଡକାନ୍ତି, ତାଙ୍କ ସଙ୍ଗେ ଆଲୋଚନା କରନ୍ତି । ମୁଁ ଯେଉଁ ଘରେ ମନିଟର ଥିଲି, ଆଗରୁ କୁହା ଯାଇଛି ଯେ ସେ ଘରେ ଗୁଡ଼ିଏ ଦୂଷିତ ବାଳକ ରହୁଥିଲେ । ପାରୁ ପର୍ଯ୍ୟନ୍ତ ପରିଶ୍ରମ କରି ମୁଁ କେତେକଙ୍କୁ ଠିକ୍ ବାଟକୁ ଆଣି ପାରିଥିଲି, କାରଣ ମୋର ଆନନ୍ଦ ଆସିଥିଲା ଯେ ମୋ ଘରଟିର ଏଗାର ଜଣ ବାଳକଙ୍କ ମଧ୍ୟରୁ ନଅଜଣ କ୍ରମେ କ୍ରମେ ମନିଟର ହୋଇଥିଲେ । ଜଣେ ବାଳକର ସେହି ବ୍ଲକ୍ ଟିଚରଙ୍କ ସଙ୍ଗେ ନିୟମ ବହିର୍ଭୂତ ପାପକର୍ମ କରିବାର ନିଜେ ଦେଖି, ସେହି ବାଳକକୁ ତାଗିଦ୍ କରିଥିଲି ଏବଂ ସେ ବିଷୟ ଆଚାର୍ଯ୍ୟ ମହାଶୟଙ୍କୁ ଜଣାଇ ଥିଲି । ସେତେବେଳେ ହେଡ଼ ମାଷ୍ଟର ମହାଶୟ ସ୍କୁଲର ବାର୍ଷିକ ପରୀକ୍ଷା ପ୍ରଶ୍ନ ଛପାଇବା ପାଇଁ ଆଣା ପ୍ରେସ୍‌କୁ ଓ ଗୃହା ପ୍ରଭୃତି ସମ୍ବନ୍ଧରେ ଅନ୍ୟ କେଉଁଆଡ଼େ ଯାଇଥିଲେ । ବ୍ଲକ୍ ଟିଚର ମୋତେ ଆସି ଗାଳି ଗୁଜବ କରିବାରୁ ମୁଁ ତାଙ୍କୁ କହିଲି, "ଆପଣ ତୁନି ରହନ୍ତୁ, କିଛି କହନ୍ତୁନାହିଁ । ମୁଁ ସବୁ ଜାଣେ ।" ସେ ମୋତେ

GPNanda Colln., Digitized by srujanika@gmail.com

କାହାକୁ କିଛି ନ କହିବାକୁ ଅନୁରୋଧ କରିଥିଲେ । କିନ୍ତୁ ଆଗରୁ ଆଚାର୍ଯ୍ୟ ମହାଶୟ ଜାଣିଥିବାରୁ ମୋର ଅନ୍ୟ ଉପାୟ ନଥିଲା । ସେ କଥା ଅନ୍ୟ ଶିକ୍ଷକମାନେ ବିଶେଷରେ ଶ୍ରୀ ରାମଚନ୍ଦ୍ର ବାବୁ ଓ ଶ୍ରୀ-ବାସୁଦେବ ବାବୁ ଜାଣି ଅତିଶୟ କ୍ଷୁବ୍ଧ ହୋଇ ଶ୍ରୀ ଗୋପବନ୍ଧୁ ବାବୁଙ୍କୁ ଜଣାଇଥିଲେ ଏବଂ ସେପରି ବ୍ୟକ୍ତି ନୀଳକଣ୍ଠଙ୍କର ପ୍ରିୟପାତ୍ର ଥିବାରୁ, ସତ୍ୟବାଦୀ ବିଦ୍ୟାଳୟର ଭବିଷ୍ୟତ ପ୍ରତି ଆଶଙ୍କା ପ୍ରକାଶ କରିଥିଲେ ।

ନ୍ୟାୟ ବିଚାରରେ ପକ୍ଷପାତିତା ନଥିଲା—

ନୀଳକଣ୍ଠ ବାବୁ ଫେରି ଆସି ଦିନେ ସକାଳୁ ଦାନ୍ତ ଘସୁଥିବା ବେଳେ ଶ୍ରୀ ଗୋପବନ୍ଧୁ ବାବୁ ତାଙ୍କୁ ଏକଥା କହିଲେ । ମୁଁ ଲକ୍ଷ୍ମୀନାରାୟଣ ଘରଟିରେ ମନିଟର—ସବୁକଥା ମୋତେ ଶୁଭୁଥିଲା । ହେଡ଼ ମାଷ୍ଟର ମହାଶୟ ପଚାରିଲେ, "ଏହା କେଉଁଠାରୁ ବାହାରିଲା ?" ଗୋପବନ୍ଧୁ ବାବୁ ସବୁକଥା କହିବାରୁ ସଙ୍ଗେ ସଙ୍ଗେ ନୀଳକଣ୍ଠ ବାବୁ ସେ ଶିକ୍ଷକଙ୍କୁ ଡକାଇଲେ ଏବଂ ସେହି ଦିନ ଇସ୍କୁଲରୁ ଓ ଛାତ୍ରାବାସରୁ ତାଙ୍କୁ ବାହାର କରି ଦେଲେ ।" ମନିଟରମାନେ ବୋର୍ଡିଂର ଭାର ନେବା ଦିନୁ ବାଳକ ମାନଙ୍କର ଶୃଙ୍ଖଳା, ଓ ଚରିତ୍ର ଅତି ଉନ୍ନତ ହୋଇଥିବାର ଦେଖି ଶିକ୍ଷକମାନେ ସନ୍ତୁଷ୍ଟ ଥିବା ପରି ବୋଧ ହେଉଥିଲା । ସ୍ୱାଧୀନ ପ୍ରାଣର ବ୍ୟକ୍ତିମାନେ ସ୍ୱାଧୀନ କାର୍ଯ୍ୟ, ସ୍ୱାଧୀନ ଚିନ୍ତା ଏବଂ ସ୍ୱାଧୀନ ଭାବ ଧାରାକୁ ସମ୍ମାନ କରନ୍ତି—ତାହା ଯେ କୌଣସି ହୃଦୟରେ ବାଳକଠାରେ ହେଉ, ପ୍ରୌଢ଼ଠାରେ ବା ବୃଦ୍ଧଠାରେ ହେଉ—ଦେଖିବାରେ ସେମାନଙ୍କର ପରମ ପରିତୋଷ ଥାଏ । ମାତ୍ର ଚାକିରି କରୁଥିବା ଶିକ୍ଷକମାନଙ୍କର ପ୍ରଭୁ ଥିବାରୁ ସେମାନେ ସ୍ୱାଧୀନ ମତରେ, ଇଚ୍ଛାରେ ବା ନିଜ କୃତ ଯୋଜନାକ୍ରମେ କାର୍ଯ୍ୟ କରିପାରନ୍ତି ନାହିଁ । ତେଣୁ ସାଧାରଣ ବିଦ୍ୟାଳୟ ମାନଙ୍କରେ

GPNanda Colln., Digitized by srujanika@gmail.com

ଜୀବନର କର୍ମ ବିକାଶ ନାହିଁ—ଅଛି କେବଳ ନିର୍ଜୀବ ଗତ-ବନ୍ଧା ନିୟମ—ସେ ନିୟମ ହିତକର, ଅହିତକର ହୋଇ ପାରେ ବା ତାହା ନ ହୋଇ ନିଷ୍ଫଳ ହୋଇ ପାରେ । ଗୋପବନ୍ଧୁ, ନୀଳକଣ୍ଠ, ରାମଚନ୍ଦ୍ର; ବାସୁଦେବ, ଡ୍ରିଲ୍ ମାଷ୍ଟ୍ରେ ଏବଂ ପଣ୍ଡିତ ଭୁବନେଶ୍ୱର ଏକତ୍ର ହୋଇ କେତେଜଣ ବ୍ଲକ୍ ମନିଟରଙ୍କୁ ଡକାଇଲେ । ଏ ସଭାଟି ଗୋପନରେ ବସିଥିଲା । ସେଥିରେ ମୁଁ ଥିଲି । ଆମ୍ଭେମାନେ ସ୍ପଷ୍ଟ ମତ ଦେଲୁଁ ଯେ ବ୍ଲକ୍ ଟିଚରମାନେ ଆମ୍ଭମାନଙ୍କ କାର୍ଯ୍ୟରେ ଅଙ୍କୁଶ ନହୋଇ କଣ୍ଟକ ହୋଇ ଅଛନ୍ତି । ସେହି ସ୍ଥଳରେ ଉପର୍ଯ୍ୟୁକ୍ତ ଘଟନା ଏବଂ ଅନ୍ୟ ବ୍ଲକ୍ ଟିଚରମାନେ ଯେପରି ବାଧା ଦେଉଛନ୍ତି ତହିଁର କେତେକ ଉଦାହରଣ ଦର୍ଶାଇ ଦେଲୁଁ । ଶିକ୍ଷକମାନେ ଆଲୋଚନା କଲେ । ସିଦ୍ଧାନ୍ତ ହେଲା ଯେ ପ୍ରତି ବ୍ଲକରେ ତିନିଜଣ ବ୍ଲକ୍ ମନିଟର ରହିବେ । ଜଣେ ସମସ୍ତ ବ୍ଲକ୍ ପିଲମାନଙ୍କର ଅଧ୍ୟୟନ ଦେଖିବେ, ଅନ୍ୟ ଜଣେ ଜମାଖର୍ଚ୍ଚର ହିସାବ ଦେଖିବେ ଏବଂ ବାହାରେ ଥିବାବେଳେ ଛାତ୍ରମାନଙ୍କର ଗତାଗତ ଲକ୍ଷ୍ୟ କରିବେ । ତୃତୀୟ ମନିଟର ଚରିତ୍ର ଓ ବ୍ୟବହାର ପ୍ରତି ଦୃଷ୍ଟି ଦେବେ । ବ୍ଲକ୍ ଟିଚର ମାନଙ୍କର ପଦବୀ ସେହିପରି ରହିଲା, ତାଙ୍କର ଅଧିକାର ମଧ୍ୟ କାଟି ଦିଆଗଲା ନାହିଁ । ମାତ୍ର ଫଳରେ ସେମାନେ ନିଷ୍କ୍ରିୟ ହୋଇଗଲେ । ଅବଶ୍ୟ ପରବର୍ତ୍ତୀ କାଳରେ ବ୍ଲକ୍ ଟିଚରମାନେ ପୂର୍ବ କ୍ଷମତାର ଅପବ୍ୟବହାର କରି ଥିବାରୁ, ତହିଁରୁ ତାଙ୍କୁ ଶାନ୍ତ କରାଇ ଦିଆଗଲା । ତାହା ପରେ ବର୍ଣ୍ଣିତ ହେବ ।

ବ୍ଲକ୍ ମନିଟରମାନଙ୍କ ସଭା—

ତିନି ବ୍ଲକର ନଅଜଣ ମନିଟର ଥିଲେ । ସେହି ମନିଟର ମାନଙ୍କର ପନ୍ଦର ଦିନରେ ଥରେ ସଭା ହୁଏ । ସେ ସଭାରେ ଗୁପ୍ତ

GPNanda Colln., Digitized by srujanika@gmail.com

ପରାମର୍ଶ ହେଉଥିବାରୁ ସଭା ସ୍କୁଲଟିରେ ଗଢ଼ବା ଦିଆଯାଏ । ଯେଉଁ ପ୍ରକୋଷ୍ଠର ମନ୍ତ୍ରୀର କୌଣସି ଛାତ୍ରର ଦୋଷ ଦୁର୍ବଳତା ବୁଝାଇ ପାରିବାକୁ ଅକ୍ଷମ ହୁଅନ୍ତି, ସେ ସେ ବିଷୟ ଲିଖିତ ଭାବରେ ବ୍ଲକ୍ ମନ୍ତ୍ରୀରଙ୍କୁ ଦେଇଥାନ୍ତି—ତାହା ମଧ୍ୟ ଶୃଙ୍ଖଳିତ, ଯେଉଁ ବିଷୟର ଯେଉଁ ବ୍ଲକ୍ ମନ୍ତ୍ରୀରେ ଭାର ନେଇଥାନ୍ତି, ସେହି ବିଷୟକ ଅଭିଯୋଗ ତାଙ୍କୁ ଦିଆଯାଏ । ନଅଜଣଙ୍କ ପାଖରେ ଯେତେ ଯେତେ ଅଭିଯୋଗ ଥାଏ, ସେ ସବୁ ସେଠାରେ ପଡ଼େ । ପ୍ରଥମ ତିନିବର୍ଷ (ଆମ ଥାର୍ଡ କ୍ଲାସରୁ ଶେଷ ପର୍ଯ୍ୟନ୍ତ) ତାହା ଖୁବ୍ ଭଲ କାର୍ଯ୍ୟ କରିଥିଲା । କାରଣ କୌଣସି ବାଳକକୁ ଦଣ୍ଡ ଦେବାର ଅଧିକାର ସେ ସଭାର ନଥିଲା । ଅତି ଦୁଃସାଧ୍ୟ ଛାତ୍ରକୁ ସଜାଡ଼ି ନପାରିଲେ ବ୍ଲକ ମନ୍ତ୍ରୀରଙ୍କ ସମ୍ପାଦକ ହେଡ଼୍ ମାଷ୍ଟର ଓ ବୋର୍ଡିଂ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଜଣାଇ ଦେବେ । ସେ ଶିକ୍ଷକମାନଙ୍କ ମେଳରେ ବସି ଦଣ୍ଡ ବିଧାନ କରିବେ ବା ଯାହାକିଛି କରିବେ ।

ଛାତ୍ରମାନଙ୍କର ଏ ଅଧିକାର ସେହି ନଅଜଣଙ୍କୁ ସାଧୁ ଉଦ୍ୟମ କରିବା ଲାଗି ଅନୁପ୍ରାଣିତ କରିଥିଲା । ମୁଁ ଆଉ ଗୋଟିଏ ଅଧିକାର ପାଇବା ପାଇଁ ଏ ସଭା—ପକ୍ଷରୁ ଅନୁମତି ଗ୍ରହିଁ ଥିଲି । ଦଣ୍ଡ ଦେବା ବା ଦିଆଇବା ନୀତି ଆମ୍ଭମାନଙ୍କର ନଥିଲା । ପ୍ରତି କାର୍ଯ୍ୟରେ ସ୍କୁଲର କର୍ତ୍ତୃପକ୍ଷମାନେ ଆମ୍ଭମାନଙ୍କୁ ବୁଝାଇ ସୁଝାଇ, ପରାମର୍ଶ ଦେଇ ଓ ପରାମର୍ଶ ନେଇ କାର୍ଯ୍ୟ କରୁଥିବାରୁ, ଆମ୍ଭେମାନେ ସେହି ମାର୍ଗକୁ ଭଲ ବୋଲି ବିଚାରି ଥିଲୁଁ । ମୋର ସଫଳ କାର୍ଯ୍ୟ ପ୍ରାପ୍ତ ଉପଦେଶରୁ ନିୟନ୍ତ୍ରିତ—କଦାପି ଦଣ୍ଡ ଦ୍ୱାରା ନୁହେ । ତେଣୁ ମୁଁ ମନେକଲି ଯେ ସାଧାରଣ ପଠନ-କାଳରେ ସମୟ ନଷ୍ଟ କରି ତାହାକୁ ଦୀର୍ଘ କାଳ ଉପଦେଶ ଦେବା ସମ୍ଭବପର ନୁହେ । ତେଣୁ ରାତିରେ, ଛୁଟିଦିନ ମାନଙ୍କରେ ଯେ କୌଣସି ସମୟରେ ଯେ କୌଣସି ଦୋଷଦୁଷ୍ଟ

GPNanda Colln., Digitized by srujanika@gmail.com

ବାଳକକୁ ଆମ୍ଭେମାନେ (ନଅଜଣଯାକ) ଡାକିନେଇ ପାରିବୁ—ବୁଝାଇ ପାରିବୁ ଏ ଅଧିକାର ଦଆଯାଉ । କାରଣ ଯଥା କାଳରେ ମନିଟର ହେଉ ବା ସାଧାରଣ ଛାତ୍ର ହେଉ, ତାହା ନିଜ ସ୍ଥାନରେ ନଥିଲେ, ସେ ନିଶ୍ଚୟ ଧରା ପଡ଼ିଯାଏ, କାରଣ ନୀଳକଣ୍ଠ ବାବୁ, ହରିହର ବାବୁ, ଏବଂ ଅନ୍ୟ ଶିକ୍ଷକ ମାନେ ସର୍ବଦା ବୁଲୁଥିବେ—ବ୍ଲକ୍ ମନିଟରମାନେ ମଧ୍ୟ ନିଜ ନିଜ ବ୍ଲକ୍‌ରେ ପ୍ରକାଶ୍ୟରେ ବା ପ୍ରଚ୍ଛନ୍ନ ଭାବରେ ବୁଲୁଥିବେ । ମୋର ଏ ଅନୁରୋଧ ଉପରେ ବିଚାର କରାଗଲା ଏବଂ ସୁପରିଣ୍ଟେଣ୍ଡେଣ୍ଟ କେବଳ ମୋତେ ସେ ଅଧିକାର ଦେଲେ । ଆରମ୍ଭରୁ ଶେଷଯାଏଁ ମୁଁ ସେ ସଭାର ସମ୍ପାଦକ ଥିଲି ଏବଂ ମୋର ଜଣେ ସହପାଠୀ ସଭାପତି ଥିଲେ । ଆମ୍ଭେମାନେ ସ୍କୁଲ ପଢ଼ା ଶେଷକରି ଚାଲି ଆସିଲୁ । ପରେ ବାଳକ ମାନଙ୍କର ବିଚାରାଳୟ 'Boy's own court' ରେ ଏହି ବ୍ଲକ୍ ମନିଟର ସଭାଟି ପରିଣତ ହେଲା ।

GPNanda Colln., Digitized by srujanika@gmail.com

ସପ୍ତମ ଅଧ୍ୟାୟ

ହେଡ଼ ମାଷ୍ଟରଙ୍କ ସଂସ୍କୃତ-ଅଧ୍ୟାପନା (ଟୋଲ୍‌ ଠାରେ)

ସେହିବର୍ଷ (୧୯୧୫ ମୋର ତୃତୀୟ ଶ୍ରେଣୀ) ଆମ ହେଡ଼ମାଷ୍ଟରେ ମହାଶୟ ସତ୍ୟବାଦୀରେ ସ୍ଥାପିତ ସଂସ୍କୃତ ଟୋଲ୍‌ର ସମ୍ପାଦକ ହେଲେ। ଆମ୍ଭମାନଙ୍କୁ ସଂସ୍କୃତ ବ୍ୟାକରଣ ପଢ଼ାଇ ପଢ଼ାଇ ସଂସ୍କୃତ ଶିକ୍ଷା ପ୍ରତି ବୋଧହୁଏ ତାଙ୍କର ଅପାର ଶ୍ରଦ୍ଧା ଜାତ ହୋଇଥିଲା। କାରଣ ଘଟନା କ୍ରମେ ତାଙ୍କର ଭିନ୍ନ ଭିନ୍ନ ବିଷୟକ ଅନୁଶୀଳନ ଇଚ୍ଛା ସ୍ୱତଃ ଜାଗ୍ରତ ହୋଇ ଯାଉଥିବା ଆମ୍ଭେମାନେ ଜାଣିଥିଲୁ। ହଠାତ୍‌ ଦିନେ ସ୍କୁଲରୁ ଆମ ଉପର ଶ୍ରେଣୀର ତିନିଜଣ ଛାତ୍ରଙ୍କୁ ବୁଝାଇ ସଂସ୍କୃତ ପ୍ରଥମ ପରୀକ୍ଷା ପାଇଁ ପ୍ରସ୍ତୁତ କରାଇ ଦେଲେ। ସେମାନେ ପରୀକ୍ଷା ଦେଇ ଫେଲ ହୋଇ ଯାଇଥିଲେ। ତାହା ପରେ ଆମ୍ଭମାନଙ୍କର ପାଳି ପଡ଼ିଲା। ମତେ, ଆମ ଶ୍ରେଣୀର ଅନ୍ୟ ଜଣେ ମୋର ପ୍ରିୟତମ ସହପାଠୀଙ୍କୁ, ତଳ ଶ୍ରେଣୀର ଭଲ ସଂସ୍କୃତ ଜାଣିଥିବା ଦୁଇଜଣଙ୍କୁ ବାଛି ହେଡ ମାଷ୍ଟରେ ସଂସ୍କୃତ ଟୋଲରେ ଆମମାନଙ୍କ ନାମ ଲେଖାଇ ଦେଲେ। ସେ ବର୍ଷ ସେ ଜିଦ୍‌ ଧରିଲେ ଯେ ଲଘୁ-ସିଦ୍ଧାନ୍ତକୌମୁଦୀ ନାମକ ପାଣିନି ବ୍ୟାକରଣରେ ଆମ୍ଭେମାନେ ପରୀକ୍ଷା ଦେବୁ। **M. R. Kale** ଙ୍କ ସଂସ୍କୃତ ବ୍ୟାକର ପଢ଼ାଉଥିବାରୁ ତାଙ୍କର ସେ ଇଚ୍ଛା ହେଲା। ସେହିବର୍ଷର ଗୋଟିଏ ଦିନ ଉପର ଶ୍ରେଣୀର ଜଣେ ଖୁବ୍‌ ପୁରୁଖାଛାତ୍ର ଏବଂ ଆମମାନଙ୍କୁ ଡକାଇ କହିଲେ—"ତୁମ୍ଭେମାନେ ଆଉ ଥରେ ଭୁବନେଶ୍ୱର ଭ୍ରମଣରେ ଯାଅ। ଚାଲି ଚାଲି ଯିବ— ଭୁବନେଶ୍ୱର ଦେଖିବ ଏବଂ ଆମ ସ୍ୱାଇନା ସେଠି ଟୋଲ୍‌ ପଣ୍ଡିତ

GPNanda Colln., Digitized by srujanika@gmail.com

ଅଛନ୍ତି । ସେ ଲଘୁ-କୌମୁଦୀ ଭଲ ପଢାଇବେ—ତାଙ୍କ ସଙ୍ଗେ ପରାମର୍ଶ କରି ଆସିବ—ମୋର ଚିଠି ଦେଇଦେଲେ ସେ ତାହା ମଧ୍ୟ ପଢିବେ । ସେ ସତ୍ୟବାଦୀକୁ ଆସନ୍ତୁ—ସତ୍ୟବାଦୀ ଟୋଲ ପଣ୍ଡିତ ସେଠାକୁ ଯାଆନ୍ତୁ—ଏହା ପତ୍ରର ବୁଝିବ ।

ଆମ୍ଭେମାନେ ପଦ୍ମବ୍ରଜରେ ଯାଇ ସେହି ପଣ୍ଡିତଙ୍କ ବସାରେ ରହିଲୁ । ସେ ଆନନ୍ଦରେ ଗଦ୍‌ଗଦ ହୋଇଗଲେ । ଆସିବାକୁ ରାଜି ହେଲେ ଏବଂ ପୁଣି କହିଲେ ଯେ ତାହା ହେବା ସହଜ ନୁହେଁ କାରଣ ସେ ଭୁବନେଶ୍ୱରରୁ ବଦଳି ହେବେ ଏବଂ ଅନ୍ୟ ଜଣେ ପଣ୍ଡିତ ସେଠାକୁ ଆସିବେ ଏହି ଆଦେଶ ପାଇଛନ୍ତି । ପୁଣି କହିଲେ--ସିଦ୍ଧାନ୍ତ-କୌମୁଦୀ ପଢାଇବା ପାଇଁ ମୋ ପରି ଓଡିଶାରେ ଆଉ କେହି ନାହିଁ ।" ଆମ୍ଭେମାନେ ନୀଳକଣ୍ଠ ବାବୁଙ୍କୁ ଖବର ଦେଲୁ । ସେ ଗମ୍ଭୀର ଭାବରେ ଶୁଣିଲେ ଏବଂ କହିଲେ "ତେବେ ଭୁବନେଶ୍ୱରକୁ ଯେଉଁ ନୂଆ ପଣ୍ଡିତ ଯିବେ, ସେହି ଆସିବେ ।"

ପଣ୍ଡିତ ମହାଶୟ ଆସିଲେ । ସେ ଅତି ନିରୀହ ଏବଂ ଅନେକ ପରିମାଣରେ ଡରୁଆ । ପଣ୍ଡିତ ଭୁବନେଶ୍ୱର ତାଙ୍କର ଗ୍ରାମର; ପୁଣି ପଣ୍ଡିତ ନୀଳକଣ୍ଠଙ୍କର ଜ୍ଞାତି ! ଏଥି ର ସେ ପ୍ରଥମରୁ ସ୍କୁଲକୁ ସିଧା ଆସିବା ବେଳେ ଆମ୍ଭେମାନେ ତାଙ୍କର ମାନସିକ ଦୁର୍ବଳତା ଜାଣିଲୁ । ମୁଁ ଛାତ୍ରମାନଙ୍କ ମଧ୍ୟରେ ଅଗ୍ରଣୀ ଏବଂ ଶିକ୍ଷକମାନଙ୍କର ପ୍ରିୟପାତ୍ର ବୋଲି ନିଜକୁ ଜାଣିଥିବାରୁ, ମୋର ବାଳକସୁଲଭ ଗର୍ବ ଓ ଅହଂକାର ମଧ୍ୟ ଥାଏ । ପ୍ରଥମେ ସେ ଲଘୁକୌମୁଦୀ "ମାହେଶ୍ୱରାଣି ସୂତ୍ରାଣି" ଘୋଷିବାକୁ କହିଲେ । ତାକୁ ଘୋଷିଲା ପରେ ସୂତ୍ରଗୁଡିକୁ ଏବଂ ଉଦାହରଣ ସବୁକୁ ମୁଖସ୍ଥ କରିଦେବାକୁ ସନ୍ତୁ ଦେଲେ । ମୁଁ କହିଲି "ମହାଶୟ, ଆମ୍ଭେମାନେ ସ୍କୁଲପଢା କରିବୁ—ଏହାକୁ ମୁଖସ୍ଥ କରିବୁ—ବୋର୍ଡିଂରେ

GPNanda Colln., Digitized by srujanika@gmail.com

ଭଲ ମନ୍ଦ ଦେଖିବୁ—ଏତେ କାମ କରିବା ସମ୍ଭବପର ନୁହେଁ । ଆପଣ ଯୁକ୍ତି, ପ୍ରମାଣ ଓ ସାଧନ ଦ୍ୱାରା ସୂତ୍ରଗୁଡ଼ିକୁ ବୁଝାଇଦେଲେ ଆମ୍ଭେମାନେ ସହଜରେ ପଢ଼ିବୁ ସିନା !” ସେଥିରେ ସେ ରାଗିଗଲେ, କହିଲେ “ସମସ୍ତେ ତ ଏହିପରି ପଢ଼ନ୍ତି—ଆଉ କ'ଣ ସ୍ୱର୍ଗରୁ କିଏ ଆସିବ ? ତୁମକୁ ପଢ଼ାଇବ ।” ମୁଁ କହିଲି, “ତେବେ ଆମର ଉପସ୍ଥାନ ପକାଉ ଥିବେ, ଆମ୍ଭେମାନେ ଆଉ ପଢ଼ିବାକୁ ଆସି ପାରିବୁ ନାହିଁ । ମାତ୍ର ମୋର ସହପାଠୀମାନେ ସେହିପରି ପଢ଼ିବାକୁ ରାଜି ହୋଇ ଯିବାରୁ ପଣ୍ଡିତ ମହାଶୟ ନୀଳକଣ୍ଠ ବାବୁଙ୍କ ପାଖେ ଅଭିଯୋଗ କଲେ ଯେ ମୁଁ ଭାରି ଗର୍ବୀ ଓ ଧୃଷ୍ଟ । ମୁଁ ଶୁଣିଲି, ମନେକଲି ଯେ ଆଉ ଟୋଲରୁ ପରୀକ୍ଷା ଦେବିନାହିଁ । ଦୁଇଦିନ ପରେ ହେଡ଼ ମାଷ୍ଟ୍ରେ ଡକାଇବାରୁ ମୁଁ ସବୁ କହିଗଲି । ସେ ବିରକ୍ତ ନ ହୋଇ କହିଲେ “ମୁଁ ନିଜେ ପଢ଼ାଇବି ।” ସ୍କୁଲରୁ ଟୋଲରେ ନାମ ଲେଖାଇ ଥିବା ସାତଜଣଙ୍କ ମଧ୍ୟରୁ ମୁଁ ଏବଂ ଆଉ ଦୁଇଜଣ ନୀଳକଣ୍ଠ ବାବୁଙ୍କ ଠାରୁ ପାଣିନୀ ବ୍ୟାକରଣ ପଢ଼ିବୁ ଏବଂ ଅନ୍ୟମାନେ ଟୋଲ୍‌ରେ ‘ସାରସ୍ୱତ ବ୍ୟାକରଣ’ ପଢ଼ିବେ ବୋଲି ଠିକ୍ ହେଲା । ମାତ୍ର ନୀଳକଣ୍ଠ ବାବୁ ସ୍କୁଲ୍ କାର୍ଯ୍ୟରେ ବରାବର ବାହାରକୁ ଯାଉଥାନ୍ତି । ପରୀକ୍ଷାର ମାସକ ପୂର୍ବରୁ ଆସି ପଢ଼ା ଆରମ୍ଭ କରିବାକୁ ବାହାରିଲେ । ପରୀକ୍ଷାରେ ଦୁଇଟି ପତ୍ର—ଗୋଟିଏ ହିତୋପଦେଶ ଓ ବ୍ୟାକରଣଗତ ପ୍ରଶ୍ନ । ହିତୋପଦେଶ ଆମ୍ଭେମାନେ ନିଜେ ନିଜେ ପଢ଼ି ସାରିଥିଲୁ । ମାତ୍ର ସେଥିରୁ ମୋଟରେ ୩୦ ନମ୍ବର ଆସେ । ବ୍ୟାକରଣରେ ୭୦ ନମ୍ବର ଥାଏ । ଦ୍ୱିତୀୟ ପତ୍ର ‘ଶ୍ରୁତବୋଧ’ (ଛନ୍ଦ-ପ୍ରକରଣ) ଏବଂ ଅନୁବାଦ୍ ଏଥିରେ ୪୦ । ଛନ୍ଦ ପ୍ରକରଣ ୬୦ । ମାସକ ଆଗରୁ ପଢ଼ା ଆରମ୍ଭ ହେଲା । ନୀଳକଣ୍ଠ ବାବୁ ଇଂରେଜୀରେ ବୁଝା ହୋଇଥିବା ‘ସିଦ୍ଧାନ୍ତ କୌମୁଦୀ’ (ବାଲ ମନୋରମା ଟୀକା, ଶିରୀଷଚନ୍ଦ୍ର ବୋଷ)

GPNanda Colln., Digitized by srujanika@gmail.com

ବହୁତ ମାଗାଇଲେ । ବାଡ଼ିରେ ଖାଇସାରି ଆମ୍ଭେମାନେ ପଢ଼ିବାକୁ ଯାଉ । ସେ ନିଜେ ପଢ଼ି ବୁଝନ୍ତି; ଆମ୍ଭମାନଙ୍କୁ ବୁଝାନ୍ତି । ଯେଉଁ ଯେଉଁ ଅଂଶରୁ ପ୍ରଶ୍ନ ପଡ଼ିବାର ବେଶି ସମ୍ଭାବନା ଥାଏ, ସେହି ସେହି ଅଧ୍ୟାୟ ମାନ ପଢ଼ାଇ ଦେଲେ । ସାଧନ, ପ୍ରମାଣ ଏବଂ ଯୁକ୍ତି ଥିବାରୁ ପାଣିନି-ସୂତ୍ର ସହଜରେ ଆମ୍ଭେମାନେ ବୁଝିଗଲୁଁ । ପରୀକ୍ଷା ନିକଟ ହୋଇଗଲା । ଆଉ ଛଅଗୋଟି ଦିନ ମାତ୍ର ଥାଏ । ଜାଗର ଅମାବାସ୍ୟା-ପୂର୍ବଦିନ ନୀଳକଣ୍ଠ ବାବୁ ରାତି ପ୍ରାୟ ୧୨ ଟା ବେଳେ କହିଲେ "କେତେ, ଶ୍ରୁତବୋଧ ତ ପଢ଼ିଲ ନାହିଁ ! ପାସ କରିବ କିପରି ? ଆରବର୍ଷ ପିଲାମାନେ ଶ୍ରୁତବୋଧ ଯୋଗରୁ ତ ଫେଲ୍ ହୋଇଥିଲେ । ଆମ୍ଭମାନଙ୍କର ଉତ୍ସାହ କମିଗଲା, କହିଲୁ 'ତେବେ ଆଉ ପରୀକ୍ଷା ଦେବୁ ନାହିଁ ।' "କାଲି ଶ୍ରୁତବୋଧ ପଢ଼ି ଦେବା" ବୋଲି କହି ସେ ଆମ୍ଭମାନଙ୍କୁ ନେଇ ଆଲୁଅ ଲଗାଇ, ଲାଇବ୍ରେରୀରୁ ରାତି ରାତି ବହି ଆଣି ପଢ଼ିଲେ । ସକାଳୁ ଆମ୍ଭେମାନେ ବାହାରି କହିଲୁ—'ପରୀକ୍ଷା ଦେବାକୁ ଯିବାନାହିଁ' ।

ତହିଁ ଆରଦିନ ଜାଗର । ଆମ୍ଭେମାନେ ବିଦ୍ୟାଳୟରେ ଜାଗର, ଜନ୍ମାଷ୍ଟମୀ ଭଳି କରି ପାଳନ କରୁଥିଲୁଁ । ତାହା ପରେ ବର୍ଣ୍ଣିତ ହେବ । କାରଣ ସେ ଦୁଇଟି ଦିନ ଆମ୍ଭମାନଙ୍କ ପକ୍ଷରେ ଅତି ଶିକ୍ଷାପ୍ରଦ ହୋଇଥିଲା ।

ଦିନ ତମାମ୍ ନୀଳକଣ୍ଠ ବାବୁ ଶ୍ରୁତବୋଧ ପଢ଼ୁଥିଲେ—ଆମ୍ଭମାନଙ୍କୁ ଉଠାଇ ନଥିଲେ । ସନ୍ଧ୍ୟା ବେଳକୁ ମୋତେ ଡକାଇ କହିଲେ, "ତୋର ଭୟ କରିବାର କାରଣ କିଛି ନାହିଁ । ଅନ୍ତତଃ ଅନୁବାଦରେ ତୁ ପଚାଶରୁ ଚଉତିରିଶି ତ ପାଇଯିବୁ ।" ମୁଁ ଫେରି ଆସିଲି । ଜାଗର ଉତ୍ସବରେ ସମସ୍ତ ଛାତ୍ରାବାସ ଆହ୍ଲାଦିତ ।

GPNanda Colln., Digitized by srujanika@gmail.com

ଆମ୍ଭେମାନେ ତିନିଜଣ ମଧ୍ୟ ସେଥିରେ ମାତିଥିଲୁଁ । ଯଥା ସମୟରେ ଦିନ ୧୦ ଟା ବେଳେ ହେଡ଼ ମାଷ୍ଟର ମହାଶୟ ଡାକିଲେ, ଆମ୍ଭେମାନେ କହିଲୁ—"ଆମେମାନେ ପଢ଼ିନୁ ନାହିଁ, ଶୁଦ୍ଧବୋଧ ତ ହୋଇ ନାହିଁ, ପରୀକ୍ଷା ଆଉ କାହିଁକି ଦେବୁ ?" ସେ ଏକଥାଶୁଣି ଭାରି ବିରକ୍ତ ଓ କ୍ରୁଦ୍ଧ ହେଲେ । କହିଲେ; "ଦେଖ ହରିଭାଇନା, ଦେଖନ୍ତୁ ଆପଣେ, —ଏ ପିଲାମାନେ କି ଜଘନ୍ୟ ! ଶିକ୍ଷକ ପଢ଼ାଇବାକୁ ବ୍ୟଗ୍ର—ଛାତ୍ର ଅନିଚ୍ଛୁକ ! ଏହା କ'ଣ ସତ୍ୟବାଦୀ ସ୍କୁଲର ପରିଣତ !" ଆମ୍ଭେମାନେ ପୂଜା ଉପାସନା ତ୍ୟାଗ କରି ପଢ଼ିବାକୁ ଗଲୁଁ । ସେ ଖୁବ୍ ସୁନ୍ଦର ଭାବରେ ପଦ, ଯତି, ବିରାମ, ଗଣ ଇତ୍ୟାଦି ବୁଝାଇ ଦେଇ ସେଥିରୁ ଆଠଟି ମାତ୍ର ଛନ୍ଦ ବାଛି ଦେଲେ । ଆଉ ଦୁଇ-ଦିନରେ ଆମ୍ଭେମାନେ ସେଇତକ ଅନ୍ତତଃ ଆବୃତ୍ତି କରି ଦେବାକୁ କହିଲେ ।

ମୁଁ ପଣ୍ଡିତ ମହାଶୟଙ୍କୁ ଆଗରୁ ବିରକ୍ତ କରିଦେଲି । ସେ ଆମ୍ଭମାନଙ୍କୁ ମଧ୍ୟ ଭଲ ପାଉ ନଥିଲେ । ମୁଁ ତାଙ୍କୁ କହିଥିଲି ଯେ ଆମ୍ଭେମାନେ ପରୀକ୍ଷା ଦେବୁ ନାହିଁ । ସେ ଯେତେବେଳେ ଦେଖିଲେ ଯେ ଆମ୍ଭେମାନେ ପରୀକ୍ଷା ଦେବାକୁ ଯିବାବେଳେ ସ୍କୁଲ ଶିକ୍ଷକମାନଙ୍କୁ ଓ ତାଙ୍କୁ ନମସ୍କାର କଲୁ, ସେ ବଡ ଆଶ୍ଚର୍ଯ୍ୟ ପ୍ରକାଶ କରି କହିଲେ —"ତୁମ୍ଭେ ତିନିଜଣ ଯାଉଛ ! କାହିଁକି ଯାଉଛ ?" ମୁଁ ତାଙ୍କୁ କହିଲି "ଆମେ ଫେଲ୍ ହେଲେ ଆପଣଙ୍କର ଦୁଃଖ କି ?—ଆମେ ନୀଳକଣ୍ଠ ବାବୁଙ୍କ ଛାତ୍ର—ଆପଣଙ୍କର ନୋହୁଁ ।" ଦୁଇଟାରେ ଟୋଲର ଛାତ୍ର ଓ ଆମ୍ଭେମାନେ ଯାଇ ଚନ୍ଦ୍ରଶେଖର ହାଲ୍‌ରେ ପଣ୍ଡିତ ମହାଶୟଙ୍କ ପାଖରେ ରହିଲୁ । ପଣ୍ଡିତ ମହାଶୟ ତାଙ୍କ ଛାତ୍ରମାନଙ୍କୁ ପଢ଼ାଉଥାନ୍ତି—ମୁଁ ତାଙ୍କ ସାମ୍ନା ପଡ଼ିଲି ନାହିଁ ।

GPNanda Colln., Digitized by srujanika@gmail.com

ପ୍ରଥମ ପତ୍ରରେ ଆମ୍ଭେମାନେ ପଢ଼ିଥିବା ପାଣିନି ସୂତ୍ର ଗୁଡ଼ିକର ସବୁ ପ୍ରଶ୍ନ ଆସିଥିଲା । ତାହା ଏକପ୍ରକାର ହୋଇଥିଲା । ଦ୍ୱିତୀୟ ଦିନ ସକାଳୁ ଶ୍ରୁତବୋଧର ସେହି ଆଠଟି ସୂତ୍ର ମୁଖସ୍ଥ କରୁଛି—ଆମ ଶ୍ରେଣୀର ଜଣେ ସହପାଠୀ ମୋ ପାଖରେ ସତ୍ୟବାଦୀରୁ ଯାଇଁ କହିଲେ —ନୀଳକଣ୍ଠ ବାବୁ ପଠାଇଛନ୍ତି—ତୁ ଗୋଟିଏ ଗୀତ ଲେଖିଦେ । ଇସ୍କୁଲରୁ ଯେଉଁମାନେ India Defence Force କୁ ଯାଉଛନ୍ତି ସେମାନଙ୍କୁ ବିଦାୟ ଦେବା ଉପଲକ୍ଷ୍ୟରେ ଗୀତ ଲେଖିବାକୁ ହେବ । ନୀଳକଣ୍ଠ ବାବୁ ବେଳେବେଳେ ଭିନ୍ନ ଭିନ୍ନ ଉପଲକ୍ଷ୍ୟରେ ଗୀତ ଲେଖିବାକୁ ମୋତେ ବରାଦ କରନ୍ତି—ମୁଁ ଗୀତଟି ଲେଖି ପଠାଇ ଦେଲି । ବାକି ସମୟରେ ଘୋଷି ଘୋଷି ଯାଇ ପରୀକ୍ଷା ହଲରେ ପହଞ୍ଚିଲି । ଆଶ୍ଚର୍ଯ୍ୟର କଥା ଯେ ୪୦ ନମ୍ବର ପାଇଁ ଆମ ବହି ଆଠଟି ମଧ୍ୟରେ ଶ୍ରୁତବୋଧ ପ୍ରଶ୍ନ ଥିଲା । ବିଦ୍ୟାଳୟରେ ସ୍ୱରଧର ପିଲାମାନେ ପଢୁଥିବାରୁ 'ବଂଶସ୍ଥ' ବୃତ୍ତର ଲକ୍ଷଣ ମୋର ମନରେ କିପରି ରହିଥିଲା । ଗୋଟିଏ ଶ୍ଳୋକ ଦିଆଥିଲା । ତାହାର 'ଗଣ' ଦେଖାଇ କି ବୃତ୍ତରେ ତାହା ଅଛି, ତାହାକୁ ଲକ୍ଷଣ ସହିତ ବୁଝାଇ ଦେବା ପାଇଁ ପ୍ରଶ୍ନ ଥିଲା । ମୁଁ ସାହସ ସହିତ ତାହାକୁ 'ବଂଶସ୍ଥ' ବୋଲି ବିସ୍ତୃତ ଲେଖି ଦେଲି । ସେଥିରେ ୨୦ ନମ୍ବର ଥିଲା । । ବୋଲିବା ବାହୁଲ୍ୟ, ସେ ଛିନ୍ନ ଭିନ୍ନ କରି 'ଗଣ' କାଟି ବୁଝାଇ ଦେବା ପ୍ରଣାଳୀଟି ସୁନ୍ଦର ଭାବରେ ହେଡ଼ ମାଷ୍ଟରଙ୍କ ଠାରୁ ବୁଝିଥିବାରୁ ସେଥିରେ ଆଉ ଅସୁବିଧା ନଥିଲା । ତେଣୁ ସେ ପତ୍ରରେ ମୋର ଶଙ୍କାଯାକ ପୂରା ଠିକ୍ ହୋଇଥିଲା ! ଆମ୍ଭେମାନେ ଫେରି ଆସିଲୁ । ସେତେବେଳେ ଗ୍ରୀଷ୍ମ ଛୁଟି । ସେ ବର୍ଷର ଗ୍ରୀଷ୍ମ ପ୍ରଚଣ୍ଡ ହେଉଥିବାରୁ ବୋର୍ଡିଂର କଟକଣା କେତେକ ପରିମାଣରେ କୋହଳ ହୋଇଥିଲା ; କିଛିଦିନ ଘରେ ରହି ତ ପରୀକ୍ଷାର ଫଳ ବାହାରି ଥିଲା । ସେ ପରୀକ୍ଷା ଫଳ ପାଇଁ ମୁଁ ଚିନ୍ତିତ

GPNanda Colln., Digitized by srujanika@gmail.com

ନଥିଲା । ମାତ୍ର ମୋତେ ହଠାତ୍ ଗୋପବନ୍ଧୁ ବାବୁ ଡକାଇ ଅଛନ୍ତି ଶୁଣି ମୁଁ ଯାଇ ଦେଖେ ନୀଳକଣ୍ଠ ବାବୁ ଏବଂ ଗଞ୍ଜାମରୁ ଆସିଥିବା କତିପୟ ଶିକ୍ଷାବିତ୍ ସେଠାରେ ଅଛନ୍ତି । ମୁଁ ପ୍ରଥମ ଶ୍ରେଣୀରେ ଏବଂ ମୋର ସହପାଠୀଦ୍ୱୟ ଦ୍ୱିତୀୟ ଶ୍ରେଣୀରେ ପାସ କରିଥିବାରୁ, ଉପସ୍ଥିତ ଆମ ଶିକ୍ଷକମାନେ ଭାରି ଆନନ୍ଦ ପ୍ରକାଶ କଲେ । ନୀଳକଣ୍ଠଙ୍କ ମନର ପ୍ରସାଦ ସହଜ ବୋଧ ।

ସାହିତ୍ୟ ଆଲୋଚନା ଓ 'ସତ୍ୟବାଦୀ' ପତ୍ରିକା—

ସେହିବର୍ଷ 'ସତ୍ୟବାଦୀ ପ୍ରେସ' ନୂଆ ହୋଇ ଆସିଲା । ପିଲମାନେ ଷ୍ଟେସନରୁ ଜିନିଷ ପତ୍ର ବୋହିଆଣି ସଜାଡ଼ି ଦେଲେ । ଏଥି ପୂର୍ବରୁ ଗୋପବନ୍ଧୁ 'ପ୍ରଦୀପ' ପତ୍ରିକାକୁ ଲେଖା ଦେଉଥିଲେ । ସତ୍ୟବାଦୀରେ ସ୍କୁଲର ଛପାଖାନା ବସିବାରୁ ସେ ସତ୍ୟବାଦୀ, ମାସିକ ପତ୍ର ଆରମ୍ଭ କଲେ । ତେଣୁ ଆମ ବିଦ୍ୟାଳୟ ସାହିତ୍ୟ ଆଲୋଚନା କେନ୍ଦ୍ରରେ ପରିଣତ ହେଲା । ଗୋପବନ୍ଧୁ, ଗୋଦାବରୀଶ, ନୀଳକଣ୍ଠ, କୃପାସିନ୍ଧୁ, ବାସୁଦେବ ଏମାନେ ସମସ୍ତେ ସୁଲେଖକ । ସବୁବେଳେ ଲେଖା ଏବଂ ଆଲୋଚନା ଚାଲୁଥାଏ । ନିରାଡମ୍ବର ଗୋପବନ୍ଧୁ ଚକ୍‌ଚକିଆ କାଗଜ, ଭଲ ମଲାଟର ପକ୍ଷପାତୀ ନଥିଲେ । ସେ ପ୍ରଥମରୁ ସ୍ଥିର କଲେ ଯେ ସସ୍ତା କାଗଜରେ ଛପା ହେଲେ ଅଳ୍ପ ମୂଲ୍ୟରେ ଦିଆ ହୋଇ ପାରିବ । ବାଜେ ଗଳ୍ପ ଓ ଅସାର କବିତାକୁ ସେ ସେଥିରେ ସ୍ଥାନ ଦେଉନ୍ତି ନାହିଁ । ସେଥିରେ ଛାତ୍ର ଭାଗ ଥାଏ । ଛାତ୍ର ଭାଗ ପ୍ରଦେଶର ସବୁ ଛାତ୍ରଙ୍କ ପାଇଁ, ସେ ବିଷୟ ବାଣ୍ଟିବାରେ ଅତି ନିରପେକ୍ଷ ଥିଲେ । ତେଣୁ ଆମ ସ୍କୁଲରୁ ସବୁବେଳେ ଛାତ୍ର ଭାଗ ଦଖଲ କରିବା ଘଟୁ ନଥିଲା । ସେ ତାଙ୍କ ରଚନା ଗୁଡ଼ିକୁ ନିଜେ ଲେଖନ୍ତି, ବେଳେ ବେଳେ ଡାକୁଥାନ୍ତି, ନୀଳକଣ୍ଠ ବାବୁ ବାସୁଦେବ ବାବୁଙ୍କର ବା ମୋର ସାହାଯ୍ୟ ନେଇ ଲେଖନ୍ତି । ଛାତ୍ରମାନେ କିପରି

GPNanda Colln., Digitized by srujanika@gmail.com

ସତ୍ୟବାଦୀର ଉନ୍ନତ ପ୍ରବନ୍ଧାବଳୀ ପଢିବେ ଏବଂ ସେ ପତ୍ରିକାକୁ ଲେଖା ଦେବେ, ଏ ବିଷୟରେ ନାନା ଭାବରେ ଆମ୍ଭମାନଙ୍କୁ ଉତ୍ସାହିତ କରୁଥିଲେ । ଅତଏବ ଭାବ-ପ୍ରବଣ ଗୋପବନ୍ଧୁ ଥରେ ମୋର ଗୋଟିଏ ରଚନା 'ଭାରତରେ ଗ୍ରୀଷ୍ମ' ପାଇଲେ ! ଅନ୍ୟାନ୍ୟ ମଧ୍ୟ ବହୁ ବିଷୟରେ ପ୍ରବନ୍ଧ ଆସିଥିଲା । ସେଥି ମଧ୍ୟରେ ମୋ ପ୍ରବନ୍ଧଟି ଉତ୍କୃଷ୍ଟ ବିବେଚନା କରି ସେ ମୋତେ ଡକାଇ କହିଲେ "ତୋ ପ୍ରବନ୍ଧ ଛପାଯିବ, ମାତ୍ର ଲେଖକର ବିନାନୁମତିରେ ମୁଁ ଧାଡିଟିଏ ବା ଶବ୍ଦଟିଏ ଉଠାଇ ପାରିବି ନାହିଁ । କେତେକ ଧାଡିରେ ଟିକିଏ ପରିବର୍ତ୍ତନ କରିବି କି ?" ମତେ ଭାରି ଲଜ୍ଜା ବୋଧହେଲା । ତାହା ସଂଶୋଧିତ ହୋଇ ପତ୍ରିକାରେ ସ୍ଥାନ ପାଇଲା । ପରବର୍ତ୍ତୀ ବର୍ଷ 'ଭାରତରେ ଉତ୍ସବ' ନାମକ ଗୋଟିଏ ପ୍ରବନ୍ଧ ମୁଁ ଦେଇଥିଲି । ସେଥିପାଇଁ ଗୋପବନ୍ଧୁ ବାବୁ ଅନେକ ଅତି ପ୍ରଶଂସାପତ୍ର ପାଇ ମୋତେ ଡକାଇ ଆନନ୍ଦରେ ତାହା ଦେଇଥିଲେ ।

ଛାତ୍ର-ସଂଗଠନ ଓ ସେବା-ପରାୟଣତା—

ସେ ବର୍ଷ ଆମ୍ଭେମାନେ ବହୁତ ଲାଇବ୍ରେରୀ ବହି ପଢିଗଲୁ । ମୁଁ ବହୁତ ଜୀବନଚରିତ ପଢିଥିଲି । ଅବ୍ରାହାମ ଲିଙ୍କନ୍, ଗାରଫିଲ୍ଡ, ବୁକାରୁ ଟି ୱାସିଂଟନ ପ୍ରଭୃତି ଆମେରିକମାନଙ୍କର, ଶଙ୍କର, ଚୈତନ୍ୟ, କବିର ନାନକ, ବୁଦ୍ଧ, ଅଶୋକ ପ୍ରଭୃତି ଭାରତୀୟଙ୍କର, ନେପୋଲିଅନଙ୍କର ଜୀବନଚରିତ ଗୁଡିକ ମୁଁ ବାରମ୍ବାର ପଢୁଥିଲି । ରାଜପୁତ-ଇତିହାସ ଉତ୍ତମରୂପେ ପଢିଥିଲି । ତେଣୁ ମୋତେ ଭାରି ଆଦର, ସ୍ନେହ, ଭକ୍ତି କରୁଥିବା ଅନେକ ବାଳକ ଥାଆନ୍ତି । ଧନୀକ ଓ ମଧ୍ୟବିତ୍ତ ଛାତ୍ରମାନେ ମୋର ଭାଇଠାରୁ ଅଧିକ ପ୍ରୀତିଭାଜନ ଥିଲେ । ସେକଥା ଶିକ୍ଷକମାନେ ଜାଣୁଥିଲେ ଏବଂ ମୋତେ ଓ ମୋର ସହଚରମାନଙ୍କୁ ସ୍ନେହ-ଚକ୍ଷୁରେ ଦେଖୁଥିଲେ, ଆମ୍ଭେମାନେ ବିଦ୍ୟାଳୟର ଯାବତୀୟ କାର୍ଯ୍ୟ କରୁଥିଲୁ । ଆଗରୁ କୁହା ଯାଇଅଛି ଯେ ସନ୍ଧ୍ୟାଦର୍ଶରେ ପଢିଥିବା

GPNanda Colln., Digitized by srujanika@gmail.com

ଯେ କୌଣସି ବିଭାଗର ଛାତ୍ରଙ୍କୁ ସେମାନେ ବରାବର ସ୍ନେହ ସହାନୁଭୂତି ଦେଖାଉଥିଲେ । ସେବର୍ଷକୁ ବିଦ୍ୟାଳୟ ମଞ୍ଜୁରି ପାଇଯାଇ ଥିଲା ଏବ ଇସ୍କୁଲର ପିଲାମାନେ ପରୀକ୍ଷା ଦେବାର କଥା । ସେହିଁ ବର୍ଷଠୁ ପୂର୍ବ-ବର୍ଷ ଠାରୁ ଇନ୍‌ସ୍ପେକ୍ଟର ଡିରେକ୍ଟର ପ୍ରଭୃତି ପରିଦର୍ଶକମାନେ ନିୟମିତ ଭାବରେ ଆସୁଥିଲେ । ସେମାନେ କେବଳ ବିଦ୍ୟାଳୟର ପଢ଼ା ଯେ ଦେଖନ୍ତି ତାହା ନୁହେ । ସାଧାରଣ ନିୟମର ଅନ୍ତର୍ଭୁକ୍ତ ବିଷୟ ଗୁଡ଼ିକ ଦେଖିସାରି ସିଲାବସ ବହିର୍ଭୂତ କର୍ମମାନ ସେମାନେ ଆଗ୍ରହରେ ଦେଖୁଥିଲେ । ଲିଖିତ ଭିତରେ ଥାଇ ନଥିବା ହେତୁରୁ ଯେଉଁ ଯେଉଁ କ୍ଷେତ୍ରରେ ଦେଶୀପ୍ରକାର ଶୁଳ୍କ ଥିଲା, ଶିକ୍ଷକମାନେ ତାହା ଦେଖାଉ-ଥିଲେ ଏବ ରୋଗୀସେବା, ବାହାରେ ରୋଗଚିକିତ୍ସା, ଘରପୋଡ଼ି ହେଲେ ନିଆଁ ଲିଭାଇବା, ଦୁର୍ଭିକ୍ଷ ପ୍ରଭୃତି ସମୟରେ ପିଲା-ମାନଙ୍କର ସ୍ୱେଚ୍ଛାସେବକ ରୂପେ କାର୍ଯ୍ୟ କରିବା, କଲେରା ପ୍ରଭୃତି ସଂକ୍ରାମକ ରୋଗ ବ୍ୟାପିବା ସମୟରେ ପୁରୀ ରଥଯାତ୍ରାରେ ରୋଗୀ-ମାନଙ୍କର ସେବା କରିବା, ନିଜ ହାତରେ ମାଟିହାଣି ବଟିରୁ କରିବା, ବୋର୍ଡିଂ ପିଲାଙ୍କ ଦ୍ୱାରା ପରିଚାଳିତ ହେଉଥିବା ଇତ୍ୟାଦି ସକଳ ବିଷୟ ପରିଦର୍ଶକ କର୍ମଚାରୀମାନଙ୍କୁ ଅବଗତ କରାଇ ଦିଆଯାଉ ଥିଲା ।

ଗୋପବନ୍ଧୁଙ୍କର ପାଠ-ଭୟ ଓ ଓଜସ୍ୱିନୀ ବକ୍ତୃତା—

ସେକାଳରେ ଗୋରାମାନେ ଇନ୍‌ସ୍ପେକ୍ଟର ଓ ଡିରେକ୍ଟର ଥାଆନ୍ତି । ସିଲାବସ୍ ଗତ ପାଠ୍ୟ ପଢ଼ାରେ ଆମ ବିଦ୍ୟାଳୟଟେ ଆଦୌ ହେଳା ନ ଥାଏ । ତେଣୁ ଇନ୍‌ସ୍ପେକ୍ଟର ପ୍ରଭୃତି ଆସିଲା ଦିନ ପାଇଁ ଆଗରୁ ପ୍ରସ୍ତୁତ ହେବାକୁ ହୁଏ ନାହିଁ । ଆମ୍ଭମାନଙ୍କୁ ଏକ ଘଟଣାରେ ଗୋପବନ୍ଧୁ ଏକ ସଭାରେ କହିଲେ—"ତୁମ୍ଭେ ଶିକ୍ଷକମାନେ ଏବଂ ମୁଁ ଦେଶରେ ପ୍ରକୃତ ମନୁଷ୍ୟ ଗଢ଼ିବା ପାଇଁ ଏ ବିଦ୍ୟାଳୟ ବସାଇଛୁ ବୋଲି ଛାତ୍ର-ଜୀବନରୁ କଳ୍ପନା କରିଥିଲୁଁ । ତୁମ୍ଭେମାନେ ଏଠାରେ କପଟ ମନୁଷ୍ୟ

GPNanda Colln., Digitized by srujanika@gmail.com

ହେବ—ଜୀବନର ମୂଲ୍ୟ ବୁଝି ବ୍ୟବହାର କରିବ, ସେଥିପାଇଁ ଏହାଙ୍କୁ ସାଧାରଣ ବିଦ୍ୟାଳୟ ମାନଙ୍କ ପରି କରି ପାଇନାହୁଁ । ତୁମ୍ଭେମାନେ ସମସ୍ତେ ପରସ୍ପର ଭାଇ; ତେଣୁ କେହି ତମ ଉପର ଶ୍ରେଣୀର ବାଳକଙ୍କୁ 'ବାବୁ ନ ଡାକି' ଭାଇ, ବା ଭାଇନା ବୋଲି ଡାକିବ । ନିୟମ ମାନିବାକୁ ହେଉଛି ବୋଲି ଅନେକସ୍ଥଳରେ ଆମ୍ଭେମାନେ ପ୍ରକୃତରେ କରୁଥିବା ଅଳ୍ପ କେତେକ କଥାରେ ସାମାନ୍ୟ ମିଥ୍ୟା କହିବାକୁ ବାଧ୍ୟ ହେଉଛୁଁ । ମାତ୍ର ବାଳକମାନଙ୍କର ମନେ ରଖିବା ଉଚିତ ଯେ ମିଥ୍ୟାଗୁରୁ ଅତି କଦର୍ଯ୍ୟ ପାପ । ଆମ୍ଭେମାନେ ତୁମ୍ଭମାନଙ୍କୁ ଆଦେଶ ଦେଇ କାମ କରାଇ ନେଇ ପାରନ୍ତୁ । କିନ୍ତୁ ଆମ ବିଦ୍ୟାଳୟ ଜନସେବା ବ୍ରତରେ ବ୍ରତୀ । ତୁମ୍ଭେମାନେ କେତେକ ଅନୁସୃତ ଦୁର୍ନୀତି ଜାଣିରଖ । ତୁମ୍ଭ ବିଦ୍ୟାଳୟର ତୃତୀୟ (ଆଜି କାଲି ୯ମ) ଶ୍ରେଣୀରେ ୮୬ ଜଣ ଛାତ୍ର ଅଛନ୍ତି । ଦୁଇ ସେକ୍ସନରେ ୮୦ ଜଣରୁ ଅଧିକ ରହି ପାରିବେ ନାହିଁ । ତେଣୁ ୮୦ ଜଣଙ୍କର ନାମ ରହିବ । ବାକି ୬ ଜଣ ଶ୍ରେଣୀ ମଧ୍ୟରୁ କାଲି ଇନ୍‌ସ୍ପେକ୍ଟର ଆସିବା ପୂର୍ବରୁ ଅନୁପସ୍ଥିତ ରହିଥିବ; ଏବଂ ଯେଉଁ ମାନଙ୍କର ନାମ ନାହିଁ ସେମାନଙ୍କ ମଧ୍ୟରୁ ଜଣେ (ମୋତେ ଲକ୍ଷ୍ୟକରି) କ୍ଲାସକୁ ଆସିବ, ନାମଥିବା ପିଲାଙ୍କ ଭିତରୁ ଜଣେ ଅନୁପସ୍ଥିତ ହେବ । ଅବଶ୍ୟ ମିଥ୍ୟାଗୁରୁ ଭଲଗୁଣ ନୁହେଁ—ଠକିବାରେ ମହତ୍ତ୍ୱ ନାହିଁ, କିନ୍ତୁ ଏ ଅବୁଝାମଣା ସରକାର ସତକଥା ବୁଝେ ନାହିଁ । ଗଛମୂଳରେ ତୁମ୍ଭେମାନେ ପଢିପାରୁଛ—କିନ୍ତୁ ତାଙ୍କ ନିୟମ ଅନୁସାରେ କୋଠାଘର ନ ହେଲେ ଚଳିବ ନାହିଁ । ମାତ୍ର ଭାରତୀୟ ଭାବରେ ଭାରତ ଶିକ୍ଷିତ ହେବ । ସରକାର ଆମ୍ଭମାନଙ୍କର ନୀତି ନିଶ୍ଚୟ ଗ୍ରହଣ କରିବେ ଏଥିରେ ସନ୍ଦେହ ନାହିଁ । ଆମ୍ଭେମାନେ କଲେଜରେ ପଢୁଥିଲା ବେଳେ ଦିନେ ତୁମ୍ଭର ଶିକ୍ଷକମାନଙ୍କ ମଧ୍ୟରୁ କେତେକଙ୍କୁ ସଙ୍ଗରେ ନେଇ ମୁଁ ଦୁର୍ଭିକ୍ଷ ଅଞ୍ଚଳକୁ କଲେଜ ଅଧ୍ୟକ୍ଷଙ୍କ ବିନାନୁମତିରେ ଚାଲିଯାଇ ଥିଲି । ତୁମ୍ଭର

GPNanda Colln., Digitized by srujanika@gmail.com

ଶିକ୍ଷକମାନଙ୍କୁ ଅଧ୍ୟକ୍ଷ ଦଣ୍ଡବିଧାନ କଲେ, ମାତ୍ର ଆମ୍ଭେମାନେ ସଦୁଦ୍ଦେଶ୍ୟରେ ଯାଇଥିଲୁ—ଏହା ବୁଝି କେବଳ ଅନୁମତି ନେଇ ଯିବା ପାଇଁ ତାକିଦ୍ କରି ଦେଇଥିଲେ । ପୁଣି ବୁଝାଇ ଦେଇଥିଲେ ଯେ ଛାତ୍ରମାନେ ବିଦ୍ୟାଳୟ ସମ୍ପର୍କୀୟ କୌଣସି କଥା ମିଥ୍ୟା କହି ଘୋଡାଇବେ ନାହିଁ, କାରଣ ଆମ ବିଦ୍ୟାଳୟରେ ଭଲ କାମ କରିବା ପାଇଁ ଦରକାର ବେଳେ କର୍ତ୍ତୃପକ୍ଷମାନେ ସେପରି କରି ପାରନ୍ତି ।

ଗୋପବନ୍ଧୁଙ୍କ ସ୍ଥାନ—

ସେ ବକ୍ତୃତା ଆମ୍ଭମାନଙ୍କୁ ବହୁତ କଥା ଶିଖାଇଥିଲା । ସତ୍ୟର ମହିମା ସଙ୍ଗେ ସଙ୍ଗେ ଗୋପବନ୍ଧୁଙ୍କର ଧର୍ମଜ୍ଞାନ, ନିର୍ଭୀକତା, ଆଶା ପ୍ରଭୃତି ଜୀବନ ଆମ୍ଭେମାନେ ବିହ୍ୱଳତା ସହିତ ଆଲୋଚନା କରି-ଥିଲୁ । ଦୋଷକୁ ବୁଝି, ଅନୁଧ୍ୟାନ, ଓ ପ୍ରକାଶନ କରିବାରେ ବୀରତ୍ୱ ଅଛି, ଏହା ମଧ୍ୟ ଆମ୍ଭେମାନେ ସେହିଦିନ ବୁଝିଥିଲୁ । ଗୋପବନ୍ଧୁ ନିଜର ବହୁମୁଖୀ କର୍ମର ଅବସର କ୍ରମେ ବିଦ୍ୟାଳୟ କର୍ମରେ ନିଜକୁ ମିଶାଇ ଦେଇ, ବରଂ ଅଧିକ ଚିନ୍ତା ଓ କାର୍ଯ୍ୟ କରି ଅବସର ଗ୍ରହଣ କରନ୍ତି । ସେ ଆସି ବିଦ୍ୟାଳୟର ଫାଟକ ପାଖରେ ଉପସ୍ଥିତ ହେଲା-ମାତ୍ରେ ନୀଳକଣ୍ଠ, ଗୋଦାବରୀଶ, କୃପାସିନ୍ଧୁ ହରିହର ଆଦି ତାଙ୍କ ଗୋଡ଼ତଳେ ମୁଣ୍ଡିଆ ମାରନ୍ତି ଏବଂ ତାଙ୍କୁ ପାଛୋଟି ଆଣନ୍ତି । ତାଙ୍କର ଗୌରବର୍ଣ୍ଣ ଶରୀର, ସରଳ ନିରାଡମ୍ବର ବେଶ, ହାସ୍ୟପୁଲକିତ ସୁଶ୍ରୀ ଓ ଗମ୍ଭୀର ମୁଖମଣ୍ଡଳ ଆମ୍ଭମାନଙ୍କ ପ୍ରତି ଭୟର ସ୍ଥଳ ନଥିଲା । ତାଙ୍କର ଉପସ୍ଥିତି ଆମ୍ଭମାନଙ୍କ ପ୍ରତି ନିଃଶଙ୍କ ଆଶ୍ରୟ ସ୍ଥଳ ପରି ହୋଇଥାଏ । ସେ ବହୁତ ଉଚ୍ଚରେ—ତଥାପି ତାଙ୍କର ଆଗମନ, ଅଧ୍ୟାପନ ଓ ବକ୍ତୃତା ଶୁଣିଲା ବେଳେ ସେ ସ୍ୱର୍ଗଦୂତ ପରି ଆମ୍ଭମାନଙ୍କୁ ପ୍ରତୀତ ହେଉଥିଲେ ।

GPNanda Colln., Digitized by srujanika@gmail.com

ଗୋପବନ୍ଧୁଙ୍କ ନୈତିକ ଜୀବନ ଓ ନିର୍ଭୀକତା—

ତାହାଁ ଆରଦାନ ଇନ୍‌ସ୍ପେକ୍‌ଟର ଆସିଲେ—ସବୁ ଶ୍ରେଣୀର ପାଠ ଦେଖି ପ୍ରୀତ ହେଲେ । ସେ କାହାକୁ କୌଣସି କୁ-ମନ୍ତବ୍ୟ ଦେଇ ନ ଥିଲେ । ମାତ୍ର ଆମ୍ଭେମାନେ ଶୁଣି ଆଶ୍ଚର୍ଯ୍ୟ ହେଲୁ ଯେ ସ୍କୁଲକର୍ତ୍ତୃପକ୍ଷ ଆମ କ୍ଲାସରେ ଯେପରି ୬୨ ସ୍ଥଳରେ ୮୦ ଜଣଙ୍କର ନାମ ରଖାଉଛନ୍ତି, ତାହା କହିଲେ ଏବଂ ବନବିଦ୍ୟାଳୟ ପାଇଁ ବିଶ୍ୱବିଦ୍ୟାଳୟ ମଞ୍ଜୁରି ଦେବା ଏବଂ ସେକ୍‌ସନରେ ଗୁଳିଶିଟି ସିଟ୍ ମାତ୍ର ପାଇଁ ଜିଦ୍ ନ ଧରିବା ନଜରେ ଦେଖାଇ ଦେଇଥିବା କଥା ଆମ୍ଭେମାନେ ଶୁଣିଲୁ ଏବଂ ତହିଁରଦିନ ମଧ୍ୟ ସତ୍ୟନାମ ଲେଖାହେଲା ।

ପରିଦର୍ଶକ ମାନଙ୍କର ଅନୁରକ୍ତି—

ଯେତେବେଳେ ପରିଦର୍ଶକ ଆସନ୍ତି, ସେମାନେ ବିଦ୍ୟାଳୟର ସିଲାବସ୍ ଅନୁଯାୟୀ ପାଠ ଏବଂ ତଦତିରିକ୍ତ ଅନ୍ୟାନ୍ୟ କର୍ମ ଦେଖନ୍ତି । ଇନ୍‌ସ୍‌ପେକ୍‌ଟର ମାନେ ଆମ୍ଭମାନଙ୍କ ସଙ୍ଗେ କୁସ୍ତି-କସରତ ଓ ଦୀର୍ଘପଥ ଦଉଡ଼ରେ ମିଶନ୍ତି ଓ ସକଳ କାର୍ଯ୍ୟରେ ପ୍ରୀତ ହୁଅନ୍ତି । ତେଣୁ ଇନ୍‌ସ୍‌ପେକ୍‌ଟର ଆସିଲା ବେଳକୁ ଆମ୍ଭମାନେ ଏକ ଆନନ୍ଦ-ଉତ୍ସବର ଦିନ ବୋଲି ବିଚାରୁଥିଲୁ । ଆଜିର ଏଭଳି ଦିନ ମାନଙ୍କରେ ବିଦ୍ୟାଳୟମାନଙ୍କରେ ଯେପରି ପଦ୍ୟାବୃତ୍ତି ଓ ଅଭିନୟ ହୁଏ, ପରିଦର୍ଶନ କରିବାକୁ ଆସୁଥିବା କର୍ମଚାରୀମାନଙ୍କୁ ସେହିପରି କରିବାକୁ ପ୍ରୀତ କରାଯାଏ । ପଣ୍ଡିତ ଗୋଦାବରୀଶ ସୁନ୍ଦର ଇଂରେଜୀ ଭାଷା ଜାଣିଥିବାରୁ ଏବଂ ଠିକ୍ ଉଚ୍ଚାରଣ କରୁଥିବାରୁ, ସେ କାହାକୁ ସେକ୍‌ସପିଅରଙ୍କ ନାଟକାଂଶର ଅଭିନୟରେ ଯୋଗ ଦେଉଥିଲେ । ସାହେବ ମାନେ ଆନନ୍ଦରେ ତାହା ଶୁଣି ଉତ୍ତମ ମନ୍ତବ୍ୟ ପ୍ରକାଶ କରୁଥିଲେ । ସରକାର ଅତି

GPNanda Colln., Digitized by srujanika@gmail.com

ବିଦ୍ୟାଳୟକୁ ସନ୍ଦେହ ଚକ୍ଷୁରେ ଦେଖିଲେ ନାହିଁ । ସବୁଆଡେ ସତ୍ୟବାଦୀ ବିଦ୍ୟାଳୟର ନାମ ପ୍ରସ୍ଫୁରିତ ହୋଇଗଲା ।

ବିଦ୍ୟାଳୟର କ୍ରମୋନ୍ନତି—

ଗୋପବନ୍ଧୁ ନିଜେ ଉତ୍କଳପ୍ରାଣ ଏବଂ ଉତ୍କଳର ପ୍ରଧାନ ନେତା । ମିଃ ଦାସ ଗୋପବନ୍ଧୁଙ୍କୁ ସଙ୍ଗରେ ରଖି ଉତ୍କଳ ସମ୍ମିଳନୀର କାର୍ଯ୍ୟ କରୁଥିଲେ, ପୁଣି ଗୋପବନ୍ଧୁ ଲାଟସଭାର ସଦସ୍ୟ ଥିବାରୁ ପାଟନା ଯିବାବେଳେ ଶିକ୍ଷାବିଭାଗୀୟ ଉଚ୍ଚ କର୍ମଚାରୀ ମାନଙ୍କୁ ନିଜର ଯୋଜନା ମାନ ଜଣାଇ ଦେଉଥିଲେ । ୧୯୧୬ (ମୋର ଷଷ୍ଠ ଶ୍ରେଣୀ) ବେଳକୁ ବିଦ୍ୟାଳୟର ଛାତ୍ର ସଂଖ୍ୟା ଛଅଶହ, ବୋର୍ଡିଂର 'ଙ' ବ୍ଲକ୍ ତିଆରି ହୋଇଗଲା ! ସ୍କୁଲ୍ ପାଖରେ ଆଉ ସ୍ଥାନ ନ ମିଳିବାରୁ ଜଙ୍ଗଲ ମଧ୍ୟରେ ସିଦ୍ଧବକୁଳଙ୍କ ମନ୍ଦିରର ଉତ୍ତର ପାଖେ ଲମ୍ବା ଚାଳଘର ତିଆରି ହେଲା । ସେଠାରେ ଷଠାଧିକ ଅପେକ୍ଷାକୃତ ଦେଶି ବୟସର ବାଳକଙ୍କୁ ରଖାଗଲା । ସେଠାରେ ସଧ୍ ଦୁଇଜଣ ବ୍ଲକ୍ ଟିଚର ରହୁଲେ । ଏକା ନିୟମ ସେଠାରେ ପ୍ରବର୍ତ୍ତିତ ହୋଇଥାଏ । ସାଧାରଣ ବୋର୍ଡିଂ ଘର ଓ ଖାଇବା ଘର ମଧ୍ୟ ସେଠାରେ ଥାଏ । ଆଜି ସେହି ବ୍ଲକ୍‌ର ଭଗ୍ନ ଉପରେ ସଡକ ରାସ୍ତା ଯାଇଅଛି । ସେ ବାଟରେ ଗଲେ ସତ୍ୟବାଦୀ ବିଦ୍ୟାଳୟର ଶବ-ସ୍ତୂପରେ ଯିବା ପରି ମନେ ବୋଧ ହୁଏ ।

ବନବିଦ୍ୟାଳୟକୁ ମଞ୍ଜୁର ଦେବାର ଦାବି ଗୋପବନ୍ଧୁ ଉପସ୍ଥାପିତ କରିବା ଫଳରେ ଡିରେକ୍ଟର ନିଜେ ଦେଖିବାକୁ ଆସିଲେ ଏବଂ ପୁଷ୍ପ-ବେଷ୍ଟିତ କ୍ଲାସ ଘର ସବୁ ବନରେ ଦେଖି ଅତ୍ୟନ୍ତ ପ୍ରୀତ ହେଲେ । ମୁକ୍ତ ବାୟୁରେ ତଳେ ବସି ପଢିବାକୁ ପସନ୍ଦ କରି ନେଉଥିଲେ । ତାହା ମଞ୍ଜୁର ହୋଇଗଲା ।

GPNanda Colln., Digitized by srujanika@gmail.com

ସେତେବେଳେ ବିଦ୍ୟାଳୟ ପୂର୍ଣ୍ଣତା ଲଭିଥାଏ । ସବୁ ଶିକ୍ଷକମାନଙ୍କର ବିଦ୍ୟାଦାନ ଓ ସ୍ୱାଧ୍ୟାୟରେ ଶୈଥିଲ୍ୟ କିଛି ନଥିଲା ।

ଶିଳ୍ପୀ ଓ ଶିକ୍ଷକ ଧନେଶ୍ୱର—

ଆମ୍ଭମାନଙ୍କର ଚତୁର୍ଥ ଶ୍ରେଣୀ ଆରମ୍ଭରୁ ଉତ୍କଳର ସ୍ୱନାମଧନ୍ୟ ଶିଳ୍ପୀ ଶ୍ରୀ ଧନେଶ୍ୱର ମହାରଣା ଶିଳ୍ପଶିକ୍ଷା ଦେବା ପାଇଁ ଆସି ଯାଇଥିଲେ । ସେ ଅତି ଅଳ୍ପ ବେତନରେ କାର୍ଯ୍ୟ କରୁଥିଲେ । ପ୍ରଥମରୁ ସେ ବିଦ୍ୟାଳୟର ଡ୍ରଇଁ ଶିକ୍ଷକ ଥିଲେ ଏବଂ ଗଣେଶ ପୂଜା ଓ ସରସ୍ୱତୀ ପୂଜା ଦୁଇ ଉତ୍ସବ ପାଇଁ ଯଥାକ୍ରମେ ଗଣେଶ ଓ ସରସ୍ୱତୀ ମୂର୍ତ୍ତି ସୁନ୍ଦର କରି ଗଢି ଦେଉଥିଲେ, ସେହି ମୂର୍ତ୍ତି ପୂଜିତ ହେଉଥିଲେ । ଶ୍ଳୋକାନ୍ତ ପାଇଁ କାଠର ସୁନ୍ଦର ଏକ ମୁକୁଟ ଏବଂ ଡୁଡୁ-ଖେଳର ପ୍ରତିଯୋଗିତାରେ ପୁରସ୍କାର ପାଇଁ 'ଢାଲ' (ସିଲ୍ଡ) ତିଆରି କରିଥିଲେ । ଏବଂ ତାହା ସତ୍ୟବାଦୀକୁ ଯାଉଥିବା ଜଙ୍ଗଲର ଏବଂ ଜଙ୍ଗଲ ବାହାରର ଲୋକଙ୍କର ଚିତ୍ତାକର୍ଷକ ହୋଇଥିଲା । ସବୁ ପ୍ରକାର ଡ୍ରଇଁ ସେ ଜାଣୁଥିଲେ ଏବଂ ପୂର୍ଣ୍ଣ ପ୍ରାଣରେ କାର୍ଯ୍ୟ କରୁଥିଲେ । ପରେ ଯେତେବେଳେ (Industrial Class) ଉପଯୁକ୍ତ ଭାବରେ ଖୋଲି ଗଲା, ସେତେବେଳେ ସେ ଅଳ୍ପଦିନ ମଧ୍ୟରେ ସେହି କ୍ଲାସରେ ଥିବା ଛାତ୍ରମାନଙ୍କୁ ବଢ଼େଇ କାର୍ଯ୍ୟରେ ସୁନ୍ଦର ତାଲିମ୍ କରିଥିଲେ ।

ଗଣିତ ଜ୍ୟୋତିଷର ଚର୍ଚ୍ଚା—

ହେଡ଼ ମାଷ୍ଟର ମହାଶୟ ୧୯୭ ସାଲରେ ଗଣିତ ଜ୍ୟୋତିଷର ଚର୍ଚ୍ଚା ଆରମ୍ଭ କରି ନିଜେ ରାତିରେ ଦାଣ୍ଡରେ ବସି ଆକାଶର ମ୍ୟାପ୍‌ଚାର୍ଟ ଘୁରାଇ ତାରା-ଗ୍ରହ-ନକ୍ଷତ୍ର ନିରୀକ୍ଷଣ କରୁଥିଲେ । ଅବଶ୍ୟ ତାହା ସେ ବହୁଦିନ କରି ନଥିଲେ । ତଥାପି ଆମ୍ଭମାନଙ୍କ ମଧ୍ୟରୁ ବହୁ ବାଳକ

GPNanda Colln., Digitized by srujanika@gmail.com

କେତେକ ଛାତ୍ରଙ୍କୁ ତାଙ୍କର ସାଥୀ କରିଥିଲେ । ରାତ୍ରି ଅଧରେ ଆମ୍ଭେମାନେ ମଧ୍ୟ ତାଙ୍କ ସଙ୍ଗେ ଯାଉଥିଲୁଁ, କେତେକ କଥା ମଧ୍ୟ ଶିଖିଥିଲୁଁ ଓ ମନେ ରଖିଥିଲୁଁ । ପଣ୍ଡିତ ଗୋଦାବରୀଶ B. T. ପରୀକ୍ଷା ଦେଇ ସାରି ଆସିବା ପରେ ସ୍କୁଲ ସମ୍ବନ୍ଧ ଛଡ଼ା ଅନ୍ୟାନ୍ୟ ସମୟରେ ରାଜେ ବୁଲି ବୁଲି, ବା ଆମ୍ଭମାନଙ୍କୁ ଘରକୁ ଡକାଇ ନେଇ ଭଲ ଭଲ ଇଂରେଜୀ ସାହିତ୍ୟ ପଢିବା ପାଇଁ ଉପଦେଶ ଦେଇ ବହି ତାଲିକା କରି ଦେଉଥିଲେ । ବେଞ୍ଜାମିନ୍ ଫ୍ରାଙ୍କଲିନ୍‌ଙ୍କ ସମୟାନୁବର୍ତ୍ତିତା ଓ କର୍ମନିର୍ଘଣ୍ଟ ଅନୁସାରେ କାର୍ଯ୍ୟ କରିବାର ଉପାଦେୟତା ବୁଝାଇ ଦେଇ ସେ ମୋତେ ସେ ବହି ପଢିବାକୁ ଦେଇଥିଲେ । ସେହିଦିନଠୁ ମୁଁ ବହୁକାଳ ପର୍ଯ୍ୟନ୍ତ କର୍ମନିର୍ଘଣ୍ଟ ପ୍ରତ୍ୟହ ପ୍ରସ୍ତୁତ କରି ତାହାର ଅନୁସରଣ କରୁଥିଲି । ମୋ ପରେ ସେ ଅନେକ ପିଲାଙ୍କୁ ସେ ବହି ପଢାଇ ଥିଲେ । ପିଲାଦିନ ଅତିକ୍ରାନ୍ତ ଅନ୍ୟାନ୍ୟ ଶିକ୍ଷଣୀୟ ଓ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଗୁଡ଼ିକ ଅତି ଉପାଦେୟ ଥିବାରୁ ତାହା ପରେ ବର୍ଣ୍ଣିତ ହେବ । ବିଦ୍ୟାଳୟର ସୁନାମ ଛାତ୍ରମାନଙ୍କର ବିକାଶ ମୂଳକ କ୍ରିୟା କଳାପରୁ ଜଣାଯାଏ, ଏବଂ ଶିକ୍ଷକ ଛାତ୍ରଙ୍କ ସହଯୋଗରେ ବିଦ୍ୟାର୍ଥୀଠାରେ ମହତ୍ତ୍ୱ ବଢେ । ତେଣୁ ଛାତ୍ରମାନଙ୍କର ବିଦ୍ୟାଳୟ ମର୍ଯ୍ୟାଦା ବଢାଇବାରେ ଯଥେଷ୍ଟ କ୍ଷମତା ରହିଅଛି ।

ଶ୍ରୀ ଯୋଗେଶଚନ୍ଦ୍ର ରାୟଙ୍କର ପରିଦର୍ଶନ—

ଉତ୍କଳରେ ବହୁକାଳ ଅଧ୍ୟାପକ ଥିବା ବଙ୍ଗାଳୀ ପ୍ରଫେସର ଶ୍ରୀ ଯୋଗେଶ ଚନ୍ଦ୍ର ରାୟ ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ ଆଦି ସମସ୍ତଙ୍କର ଗୁରୁ । ସେ ସତ୍ୟବାଦୀର ମହତ୍ତ୍ୱ ଶୁଣି ସେଠାକୁ ଯିବେ ବୋଲି ମନସ୍ଥ କରିଥିଲେ । ସେଥିଲାଗି ସେ ପତ୍ର ଲେଖିଥିଲେ, ମାତ୍ର ସନ୍ତାହକ ମଧ୍ୟରେ ସୁବିଧା ଦେଖି ଆସିବେ ବୋଲି ଗୋପବନ୍ଧୁ ତାଙ୍କୁ ଲେଖିଥିଲେ । ବାର୍ଷିକ ଶ୍ରେଣୀ ପରେ ଦୁଇଜଣ ଛାତ୍ର ଓ ମୁଁ ପ୍ରତ୍ୟହ

GPNanda Colln., Digitized by srujanika@gmail.com

ସନ୍ଧ୍ୟା ଗୋଷ୍ଠ ଦେଖିବାକୁ ଯାଉଥିଲୁ । ହଠାତ୍ ସନ୍ଧ୍ୟା ଗୋଷ୍ଠରୁ ଜଣେ ଲୋକ ବାବୁ ଓହ୍ଲାଇଲେ । ସେ ଅତି ବୃଦ୍ଧ, ଶୁଭ୍ର କେଶ, ତାଙ୍କ ଦେହ ଶ୍ୟାମ ଓ କୃଶ, ସରଳ ଓ ନମ୍ରଭଦ୍ର, ହାତରେ ଖଣ୍ଡିଏ ବ୍ୟାଗ୍ ଓ ଗୋଟିଏ ବାଡ଼ି ଯେମିତି ନସ୍ୟ ଓହ୍ଲାଇ ପଚାରୁଥାନ୍ତି 'ସତ୍ୟବାଦୀ ଇସ୍କୁଲ କେଉଁଆଡ଼େ' । ଆମ୍ଭେମାନେ ତାଙ୍କ ପାଖରେ ପହଞ୍ଚିଗଲୁ । ସେ କହିଲେ "ମୁଁ ଜଣେ ବିଦେଶୀ, ଇସ୍କୁଲ ଦେଖିବାକୁ ଆସିଛି ।" ଆମ୍ଭେମାନେ ତାଙ୍କୁ ନାମ ପଚାରିବାକୁ ସାହସ କଲୁ ନାହିଁ । ସନ୍ଧ୍ୟାପରେ ପରେ ଆକାଶ ନିର୍ମଳ ଥିବାରୁ ତାରା ସବୁ ସୁନ୍ଦର ଭାବରେ ଦେଖା ଯାଉଥାନ୍ତି । ସେ ପଚାରିଲେ ଆମ୍ଭେମାନେ ବର୍ତ୍ତମାନ କେଉଁ ଦିଗକୁ ଯାଉଥାଉଁ । ଆମ୍ଭେମାନେ ଧ୍ରୁବତାରା ଦେଖାଇ ଦିଗ କହିଲୁ । ସେ କୌଶଳ ପର ପ୍ରତିବାଦ କଲେ, ଏବଂ ଓଲଟା ଦିଗ କହିଲେ । ଆମ୍ଭେମାନେ ତାଙ୍କ ସଙ୍ଗେ ଯୁକ୍ତିତର୍କ କଲୁଁ । ସେ ଆନନ୍ଦରେ ପିଲାଙ୍କ ଭଳି ଆମ ସଙ୍ଗେ ଖେଳୁ ଖେଳୁ ସିଲବସ୍ ଜାଣିଲେ ଅତିରିକ୍ତ ବହୁକଥା ଆମେ ଶିଖୁଛୁ । ବହୁତ କହୁ ପଡ଼ିଛୁ—ରୋଗୀ ସେବା—କଲେରା ରୋଗରେ ସେବା, ଟୁର୍ଣ୍ଣାମେଣ୍ଟ୍, କ୍ଲବ୍ ମିଟିଂ ଇତ୍ୟାଦି ସମସ୍ତ ବିଭାଗର କଥା ସେ ବାଟରେ ଆମଠାରୁ ବୁଝିନେଲେ । ସାକ୍ଷିଗୋପାଳ ମନ୍ଦିର ପାଖରେ ତାଙ୍କର ପରିଚୟ ଦେବାରୁ ଆମ୍ଭେମାନେ ଟିକିଏ ଶଙ୍କିତ ହେଲୁ । ସେ ଆମ୍ଭମାନଙ୍କୁ ନିର୍ଭୀକ ହେବାକୁ ଉପଦେଶ ଦେଲେ ଏବଂ ବୋର୍ଡିଂ ପ୍ରାଙ୍ଗଣରେ ପ୍ରବେଶ କରି ହଠାତ୍ ଏକ ସ୍ଥାନରେ ଠିଆ ହୋଇଗଲେ । ସ୍କୁଲ ଘରର ପ୍ରତି ପାଖକୁ ସମାନ୍ତର ଲମ୍ବା ଲମ୍ବା ବୋର୍ଡିଂ ଘରର ବ୍ଲକ୍ । ପ୍ରତି ଘରେ ଆଲୁଅ ଲାଗିଛି—ସବୁ ନୀରବ—ପିଲାମାନେ ପଢ଼ାପଢ଼ିରେ ଲାଗିଛନ୍ତି । ଏହା ଦେଖି ସେ ମୁଗ୍ଧ ହୋଇଗଲେ । କିଛିକ୍ଷଣ ପରେ ଯାଇ ହେଡ଼ ମାଷ୍ଟରଙ୍କ କୋଠରୀରେ ପ୍ରବେଶ କଲେ । ଆମ୍ଭେମାନେ ବୁଝିଗଲୁଁ । ସେ ବିଦ୍ୟାଳୟର ସବୁକଥା ଜାଣି ଫେରିଗଲେ । ସେଉଁ

GPNanda Colln., Digitized by srujanika@gmail.com

ମନ୍ତବ୍ୟ ପ୍ରକାଶ କରିଥିଲେ, ତାହା କାଗଜରେ ବାହାରିଲା । ସତ୍ୟବାଦୀ ମାସିକ ପତ୍ରରେ ମଧ୍ୟ ତାହା ପ୍ରକାଶିତ ହୋଇଥିଲା (ପ୍ରଥମ ବର୍ଷ) । ଆମ୍ଭେମାନେ ଏହା ପଢ଼ିଥିଲୁଁ—ଆମ ବିଦ୍ୟାଳୟର ପ୍ରଶଂସା ବର୍ଣ୍ଣନରେ ଆମ୍ଭେମାନେ ଆନନ୍ଦିତ ହେବା ସ୍ୱାଭାବିକ, ମାତ୍ର ଆମ୍ଭ ବିଦ୍ୟାଳୟର ନିତ୍ୟନୈମିତ୍ତିକ କର୍ମରେ ଛାତ୍ର-ଶିକ୍ଷକମାନଙ୍କର ପୂର୍ଣ୍ଣପ୍ରାଣତା ହେତୁ, ସେଥିର ଗୁରୁତ୍ୱ ଆମ୍ଭମାନଙ୍କ ପ୍ରତି ନଥିଲା । କାରଣ ତାହା ଯେ ବିଦ୍ୟାଳୟର କର୍ମ-ପ୍ରଶଂସା; ଅନ୍ୟମାନଙ୍କ ପ୍ରତି ତାହାର ପ୍ରେରଣା ଦେଉଥିବ ଏଥିରେ ସନ୍ଦେହ ନାହିଁ ।

ପ୍ରାଚୀନ ଗୁରୁକୁଳ—

ଅନ୍ୟ ଜଣେ ଦର୍ଶକ ମଧ୍ୟ ଆସିଥିଲେ । ସେ ଫେରିଗଲା ପରେ କାଗଜମାନଙ୍କରେ ସତ୍ୟବାଦୀ ସ୍କୁଲ ବିଷୟରେ ମନ୍ତବ୍ୟ ପ୍ରକାଶ କରିଥିଲେ । ତହିଁରେ ସେ ହେଡମାଷ୍ଟରଙ୍କର କାର୍ଯ୍ୟକଳାପରେ ମୁଗ୍ଧ ହୋଇ ତାଙ୍କର ଆକୃତି ଏବଂ ରହିବା ଘର ପର୍ଯ୍ୟନ୍ତ ବର୍ଣ୍ଣନା କରିଥିଲେ । ଯୁଦ୍ଧ କାଳରେ ଜଣେ ଆମେରିକ ସତ୍ୟବାଦୀ ବିଦ୍ୟାଳୟରେ 'ନିଶାନିବାରଣ' ବିଷୟରେ ବକ୍ତୃତା କରି, ବିଦ୍ୟାଳୟ ଦେଖି ତାହାର କାର୍ଯ୍ୟକଳାପରେ ମୁଗ୍ଧ ହୋଇ ସତ୍ୟବାଦୀ ବିଦ୍ୟାପୀଠକୁ ପ୍ରାଚୀନ ଗୁରୁକୁଳ ବୋଲି ଅଭିହିତ କରିଥିଲେ । ସେ ସବୁ ଆମ୍ଭେମାନେ ପଢୁଥିଲୁଁ—କିନ୍ତୁ ଆମ୍ଭମାନଙ୍କ ପାଇଁ ତହିଁରେ ବିଶେଷ ପ୍ରେରଣା ନଥିଲା, କାରଣ ଯେଉଁଠାରେ ଯେଉଁ କାର୍ଯ୍ୟ ହାର୍ଦ୍ଦିକ ସହଯୋଗରେ ପୂର୍ଣ୍ଣଭାବରେ ସାଧିତ ହୋଇଥାଏ, ଉପଯୁକ୍ତ ଭାବରେ ଓ ଭାଷାରେ ତାହା ବର୍ଣ୍ଣିତ ହୋଇ ପାରେ ନାହିଁ । ଉଦାହରଣ ସ୍ୱରୂପ, ବାଉଁଶ ହାଣି ବୋହିବା ବେଳେ, ପାଣି ଆଣୁଥିଲା ବେଳେ, ଘରେ କାମତା ଭିଡ଼ୁଥିବା କାଳରେ ଏବଂ ରୋଗୀର ଶେଯ ପାଖରେ ବସି ତାହାର ସେବା

କରୁଥିବା ବେଳେ ମନମଧ୍ୟରେ ଆମ୍ଭେମାନେ ଯେଉଁ ଆତ୍ମ-ପ୍ରସାଦ ଓ ଗୌରବ ବୋଧ କରୁ ତାକୁ ତ କେହି ବର୍ଣ୍ଣନା କରିପାରିବେ ନାହିଁ!

GPNanda Colln., Digitized by srujanika@gmail.com

ନବମ ଅଧ୍ୟାୟ

ଏ ଅଧ୍ୟାୟରେ ଛାତ୍ରଗଣ ବା ଛାତ୍ର ଶିକ୍ଷକଙ୍କର ଆନନ୍ଦ ଉତ୍ସବ ଏବଂ ଅନ୍ୟାନ୍ୟ କେତେକ ବିଳାସ ବର୍ଣ୍ଣିତ ହେବ। ପରବର୍ତ୍ତୀ ଅଧ୍ୟାୟ ମାନଙ୍କରେ ସେଗୁଡ଼ିକର କ୍ରମବିକାଶ ସୂଚିତ ହେବ।

ଧର୍ମପ୍ରାଣ ଗୋପବନ୍ଧୁ—

ସ୍କୁଲର ପ୍ରତିଷ୍ଠାତା ପୁଣ୍ୟାତ୍ମା ଗୋପବନ୍ଧୁ ଏବଂ ଆଚାର୍ଯ୍ୟ ହରିହର-ଙ୍କର ଆଚାରର ବ୍ୟବହାର ଓ ଧର୍ମନିଷ୍ଠା ଆମ୍ଭମାନଙ୍କ ପକ୍ଷରେ ଆଦର୍ଶ ଥିଲା। ଯେତେବେଳେ ଗୋପବନ୍ଧୁ ସତ୍ୟବାଦୀରେ ତାଙ୍କ କୁଟୀର ତୁଲ୍ୟ କୋଠରିରେ ଥାନ୍ତି, ତାହା ସର୍ବଦା ଉନ୍ନତ ବିଷୟକ (ସାହିତ୍ୟ, ଧର୍ମ, ରାଜନୀତି ଓ ସମାଜ ଚିନ୍ତା) ଆଲୋଚନାରେ ମୁଖରିତ ଓ କର୍ମବନ୍ତ ଥାଏ। ସେ ବଡ଼ସକାଳୁ ଉଠି ଚନ୍ଦନପୋଖରୀରେ ସ୍ନାନ କରି ଖଣ୍ଡିଏ ମଠା ପିନ୍ଧି, ଯୋଡ଼ିଏ କଟୋଜ ମଡ଼ ଧୀରେ ଧୀରେ ପ୍ରସନ୍ନ ମନରେ ସାକ୍ଷୀଗୋପାଳ ମନ୍ଦିରରେ ପ୍ରବେଶ କରନ୍ତି। ତାହା ପରେ ଆସି ଆସନରେ ନିଶ୍ଚଳ ଭାବରେ ବସି ଗୀତା ପ୍ରଭୃତି ଅଧ୍ୟୟନ କରି ସରି କାର୍ଯ୍ୟରେ ଲାଗନ୍ତି। ଲେଖିଲା ବେଳେ ତାଙ୍କର ଧୀରସ୍ଥିର ନିଶ୍ଚଳ ଆସନ ଏବଂ ମନର ଏକାଗ୍ରତା ଆମ୍ଭମାନଙ୍କର ଅନୁକରଣୀୟ ଥିଲା। ସାଧାରଣତଃ ସେ ଉତ୍କଳ ପ୍ରଦେଶର ସକଳ ସମସ୍ୟାରେ ବ୍ୟାପୃତ ଥିଲେ ବୋଲି ଆମେ ଛାତ୍ରମାନେ ତାଙ୍କୁ ଅତି ଉଚ୍ଚରେ ଥିବା ମନେ କରିଥିବାରୁ କେବଳ ତାଙ୍କର ରହିବା କାଳରେ ତାଙ୍କ କୃତ କର୍ମ-ଗୁଡ଼ିକର ଅନୁଧ୍ୟାନ କରୁଥିଲୁଁ। କିନ୍ତୁ ସେ ଛାତ୍ରମାନଙ୍କର ସହାନୁଭୂତି

କେତେଥିଲେ ଏବଂ ଆମ୍ଭମାନଙ୍କ ମେଳରେ ଥିଲା ବେଳେ ଆମ୍ଭେମାନେ ବୁଝିପାରିବା ଭଳି କଥା କହୁଥିଲେ ସେ ସାକ୍ଷାତ୍ ଧର୍ମ ଚର୍ଚ୍ଚା କରୁ ନ ଥିଲେ ବା ଧର୍ମୋପଦେଶ ଦେଉ ନଥିଲେ । ତାଙ୍କର ବକ୍ତୃତା ବୁଦ୍ଧି ନୀତିମୂଳକ ଥିଲା । ସେଥିରେ ସେ କେବେ ଈଶ୍ବର ତତ୍ତ୍ୱ ଯୋଗ କରୁ ନଥିଲେ । କିନ୍ତୁ ଆମ୍ଭେମାନେ ଶ୍ରୀଯୁକ୍ତ ବାସୁଦେବ ବାବୁଙ୍କ ଠାରୁ (ଓଡ଼ିଆ ଶ୍ରେଣୀରେ) ଗୋପବନ୍ଧୁଙ୍କ ରଚିତ ଗୀତ ସବୁ ପଢୁଥିଲୁ । ସେ ସବୁରୁ ଗୋପବନ୍ଧୁଙ୍କୁ ଦେବ-ଭୂତ, ଅସାମାନ୍ୟ, ସର୍ବ-କର୍ମଦକ୍ଷ ବୋଲି ଧାରଣା ରଖିଥିଲୁ । ତାଙ୍କର କବିତା ଗୁଡ଼ିକ ଆମ୍ଭମାନଙ୍କୁ ସେତେବେଳେ ସ୍ୱର୍ଗ-ପଥ ପରି ଲାଗୁଥିଲା । ତାଙ୍କର ବକ୍ତୃତା କରୁଣ ଥିଲେ ଆମ୍ଭେମାନେ କାନ୍ଦୁଥିଲୁ ; ହାସ୍ୟବ୍ୟଞ୍ଜକ ଥିଲେ ହସୁଥିଲୁ । 'ଜାଗର' ଶୀର୍ଷକ ତାଙ୍କ ରଚିତ ପଦ୍ୟର ଦୁଇଟି ଧାଡ଼ି ପଢ଼ିଲା ବେଳେ ଆମ୍ଭେମାନେ ବିହ୍ୱଳ ହୋଇଥିଲୁ । ତାହା ଏହି :—

"ଦିନକର ଜାଗରେ କିବା ପ୍ରୟୋଜନ
ନିଦ୍ରା ବିମୋହିତ ମୋର ସମସ୍ତ ଜୀବନ !"

ତାଙ୍କର ବଡ଼ ବିଶେଷ ଗୁଣ ଥିଲା ଯେ ଅତି ତୁଚ୍ଛ ବା କ୍ଷୁଦ୍ର ବୟସର ବାଳକମାନେ ତାଙ୍କ ସଙ୍ଗେ ମିଶି ପାରୁ ନଥିଲେ ସତ, ସେ ସତ୍ୟବାଦୀରେ ଥିଲାବେଳେ ସ୍କୁଲମେଳରେ ବରାବର ରହି ଆମ୍ଭମାନଙ୍କୁ ନାନା ଭାବରେ ଉଦ୍‌ବୋଧ କରୁଥିଲେ । ସେ ଜଗନ୍ନାଥ ଦାସଙ୍କ ରଚିତ ଭାଗବତର ଅନେକାଂଶ ମନେ ରଖିଥିଲେ । ପଣ୍ଡିତ ମହାଶୟଙ୍କଠାରୁ ସଂସ୍କୃତ ଭାଗବତ ଏବଂ ଉପନିଷଦ୍ ବୁଝିଥିଲେ ଓ ଧର୍ମ-ସମ୍ବନ୍ଧୀୟ ଚର୍ଚ୍ଚାରେ ତାଙ୍କର ବିଜ୍ଞାନ ଥିଲା । ବେଳେ ବେଳେ ସେ ମନକୁ ମନ ଗୋଟିଏ ଗୋଟିଏ ଉପାସନା-କବିତା ଗାଇ ଯାଉଥିଲେ । ତାଙ୍କର ସହକର୍ମୀମାନେ ତାହା ଲେଖି ରଖୁଥିଲେ ଏବଂ ଶ୍ରେଣୀ ମଧ୍ୟରେ ପଢ଼ି

GPNanda Colln., Digitized by srujanika@gmail.com

ଖେଳ ବେଳେ ଅଥବା ଅନ୍ୟ ସ୍ଥଳରେ ଶିକ୍ଷକମାନଙ୍କ ଠାରୁ ଆମ୍ଭେମାନେ ସେ ଗୀତ ସବୁ ଶୁଣିଲୁଁ । ଶିକ୍ଷକମାନେ ଗୋପବନ୍ଧୁଙ୍କୁ ଦେବତା ତୁଲ୍ୟ ଭକ୍ତି କରୁଥିବାରୁ, ଗୋପବନ୍ଧୁ ଆମ୍ଭମାନଙ୍କ ହୃଦୟରେ ଅତି ଉଚ୍ଚ ଆସନ ପାଇଥିଲେ ।

ଜନ୍ମାଷ୍ଟମୀ ପାଳନ—

ଆମ୍ଭମାନଙ୍କ ପକ୍ଷରେ ଜନ୍ମାଷ୍ଟମୀ ଦିବସଟି ଅତି ଉଚ୍ଚ ଧରଣର ସାତ୍ତ୍ୱିକ ଉତ୍ସବ ଥିଲା । ସେଦିନ ସକାଳୁଁ ସନ୍ଧ୍ୟା ପର୍ଯ୍ୟନ୍ତ ଗୋପବନ୍ଧୁ ଧ୍ୟାନମଗ୍ନ ଥିଲାପରି ରହୁଥାନ୍ତି । ଆମ୍ଭମାନଙ୍କର ଚତୁର୍ଥ ଶ୍ରେଣୀ (୧୯୧୫) ବର୍ଷ; ସେ ଦିନ ତିନଟା ବେଳେ ଗୋଟିଏ ସଭା ଡକା ହୋଇଥିଲା । ସେଥିରେ ହିନ୍ଦୁମାନଙ୍କ ଉତ୍ସବ ଓ ପର୍ବଦିନମାନଙ୍କର ମହତ୍ତ୍ୱ ବୁଝାଇ ଗୋପବନ୍ଧୁ ବାବୁ ନିଜେ ଏକ ଭାବପୂର୍ଣ୍ଣ ବକ୍ତୃତା ଦେଇଥିଲେ । ସେଦିନ ତ ଜନ୍ମାଷ୍ଟମୀ! କବିପ୍ରାଣ ଗୋପବନ୍ଧୁଙ୍କର ଶରୀର ଓ ମନ ମୂର୍ତ୍ତିମୟୀ କବିତା ପରି ଦିଶୁଥାଏ । ଅଶ୍ରୁପରିପ୍ଲୁତ ମୁଖରେ ସେ ଆତ୍ମବିସ୍ମୃତ ହୋଇ ଯୋଗେଶ୍ୱର କୃଷ୍ଣଙ୍କର 'ଆଜ୍ଞା ଅବଧାନ ହୋଇଥିଲ' ଏହି ମୂଳ ବାକ୍ୟ ପରେ ଶ୍ରୀକୃଷ୍ଣଙ୍କର ଲୀଳା, ମହତ୍ତ୍ୱ, ବର୍ଣ୍ଣନା କରି କରି ବିଶ୍ୱ-ଶୃଙ୍ଖଳାର ମୂଳାଧାର ପରମବ୍ରହ୍ମର ବ୍ୟାଖ୍ୟା ଯେପରି କବିତ୍ୱ-ପୂର୍ଣ୍ଣ ଭାଷାରେ ବର୍ଣ୍ଣନ କରିଥିଲେ, ତାହା ଜୀବନରେ ଭୁଲି ହେବନାହିଁ । ସେଦିନ ସନ୍ଧ୍ୟାବେଳେ ସମସ୍ତ ଛାତ୍ର, ଶିକ୍ଷକ ସାକ୍ଷୀ-ଗୋପାଳ ମନ୍ଦିର ବେଢ଼ାରେ ଝୁଲଣମଣ୍ଡପ ଚତ୍ୱରରେ ଏକତ୍ର ହେଲୁଁ । ଗୋପବନ୍ଧୁ ନିଜେ ଶ୍ରୀ ଜଗନ୍ନାଥ ଦାସଙ୍କ ମହାଭାରତ ଆବୃତ୍ତି କଲେ । କି ସୁନ୍ଦର ଭାବରେ, ଛନ୍ଦରେ ଓ ଭଙ୍ଗୀରେ ସେ ଗାଉଥିଲେ ଯେ, ଆମ୍ଭମାନଙ୍କ ଶତ ଶତ ଛାତ୍ର ସମାବେଶରେ ମଧ୍ୟ ସମଗ୍ର ଦେବାଳୟ ନିସ୍ତବ୍ଧ ହୋଇଗଲା । ତାଙ୍କର ଭକ୍ତିରସାପ୍ଲାବିତ ସ୍ୱର ଲହରୀ ନେଇ ଦୃଷ୍ଟିରୁ ଆନନ୍ଦାଶ୍ରୁ ମଧ୍ୟରେ ମନ୍ଦିର ଝୁଲଣଘୋଷାରୁ ଲୁଚି-

GPNanda Colln., Digitized by srujanika@gmail.com

ସମାଜ ମଧ୍ୟ ଭାବାବିଷ୍ଟ ହୋଇପଡ଼ୁଥିଲେ । ପ୍ରାୟ ତନୀଘଣ୍ଟା ପର୍ଯ୍ୟନ୍ତ ଲଗି ସେ କୃଷ୍ଣଜନ୍ମ ଓ ବାଳଲୀଳା ଶେଷ କରିବା ପରେ ମଧ୍ୟ, ଆମ୍ଭେମାନେ ଅତୃପ୍ତ ଭାବରେ ଫେରିଲୁଁ । ସେହିବର୍ଷ ଠାରୁ ପ୍ରତିବର୍ଷ ଜନ୍ମାଷ୍ଟମୀ ଆମ୍ଭମାନଙ୍କର ଗୋଟିଏ ବଡ ପର୍ବଦିବସ ହୋଇଥିଲା । ସାରାଦିନ ଉପବାସ ପରେ ସେଦିନ ଆମ୍ଭମାନଙ୍କର ଭାଗବତ ପାଠ ଶେଷରେ ଜଳଯୋଗର ବ୍ୟବସ୍ଥା ହୁଏ । ସେ ସବୁ ପ୍ରସ୍ତୁତ ଖାଦ୍ୟ ପୂଜାହୋଇ ଆସୁଥିଲା । ଗୋପବନ୍ଧୁଙ୍କ ମୁଖରୁ ଭାଗବତ ଶୁଣିବାର ଇଚ୍ଛା ପ୍ରତିବର୍ଷ ଜନ୍ମାଷ୍ଟମୀର ଦଶ ପନ୍ଦର ଦିନ ଆଗରୁ ଆମ୍ଭମାନଙ୍କୁ ଉଦ୍‌ଗ୍ରୀବ ରଖିଥାଏ । ଗୋପବନ୍ଧୁ ଯେଉଁଠି ଥାଆନ୍ତୁ ପଛକେ—ଜନ୍ମାଷ୍ଟମୀ ଦିନକୁ ବକୁଳ ମଠରେ ଉପସ୍ଥିତ ହୁଅନ୍ତି ।

ଗଣେଶ ଚତୁର୍ଥୀ ଓ ଶ୍ରୀପଞ୍ଚମୀ—

ଗଣେଶ ଚତୁର୍ଥୀ ଏବଂ ଶ୍ରୀପଞ୍ଚମୀ ଏ ଦୁଇଟି ଏକ ପ୍ରକାରର ଉତ୍ସବ । ସବୁ ବିଦ୍ୟାଳୟରେ ଏ ଉତ୍ସବ ବାଳକମାନେ ପାଳନ୍ତି; ମାତ୍ର ସତ୍ୟବାଦୀ ବିଦ୍ୟାଳୟରେ ଏହାର ବିଶେଷତ୍ୱ ଥିଲା । ଏ ଉତ୍ସବକୁ ବାଳକମାନଙ୍କର ଅଭିଭାବକମାନେ ନିମନ୍ତ୍ରିତ ହୁଅନ୍ତି, ଏବଂ ସତ୍ୟବାଦୀର ଚତୁର୍ଦ୍ଦିଗରେ ଥିବା ଗ୍ରାମମାନଙ୍କରୁ ବହୁ ଲୋକଙ୍କୁ ଆମନ୍ତ୍ରଣ କରାଯାଏ । ତାହା ଛଡ଼ା ପୁରୀ, କଟକ, ବାଲେଶ୍ୱର, ବ୍ରହ୍ମପୁର ଇତ୍ୟାଦିରୁ ସତ୍ୟବାଦୀ ବିଦ୍ୟାଳୟ ପ୍ରତି ଅନୁରକ୍ତ ଏବଂ ପୃଷ୍ଠପୋଷକ ବହୁ ଶିକ୍ଷିତ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରାଯାଏ—ସମସ୍ତେ ଆସନ୍ତି ମଧ୍ୟ । ଏ ଦୁଇ ଉତ୍ସବରେ ଲୋକସାଧାରଣଙ୍କର ସହଯୋଗ ପାଇ ଗୋପବନ୍ଧୁ ବାବୁ ନାନା ବିଷୟକ ଆଲୋଚନା କରନ୍ତି, ମାତ୍ର ଉତ୍ସବ ଦିନମାନଙ୍କରେ ବକ୍ତୃତା କରିବା ଭଳି ସେ ସମସ୍ତଙ୍କ ସଙ୍ଗେ ମିଳାମିଶା କରନ୍ତି —ଆନନ୍ଦରେ ସକାଳୁଁ ସନ୍ଧ୍ୟା ପର୍ଯ୍ୟନ୍ତ କଟିଯାଏ । ଗୋପବନ୍ଧୁ ବାବୁ

GPNanda Colln., Digitized by srujanika@gmail.com

ଓଡ଼ିଶାର ପ୍ରଚଳିତ ବିଧି ବିଧାନକୁ ଅତ୍ୟନ୍ତ ସୁଖ ପାଉଥିଲେ । ସେ ଦରକାର ବେଳେ ଗମ୍ଭୀର ଏବଂ ବେଳେ ବେଳେ ହାସ୍ୟ-ରସ ରସିକ ଥିଲେ । ତେଣୁ ସେ ସାଧାରଣ ମଫସଲ ଅଧିବାସୀଙ୍କ ସଙ୍ଗେ ମିଶି ତାଙ୍କ ସହିତ ଆଳାପ ଠିକ୍ ତାଙ୍କରି ପରି କରନ୍ତି, ଭଦ୍ରଲୋକଙ୍କ ମେଳରେ ଭଦ୍ରୋଚିତ ବ୍ୟବହାର କରନ୍ତି; ପୁଣି ମଫସଲ ବୃଦ୍ଧଲୋକଙ୍କ ପରି ତାଙ୍କର ସକଳ ବ୍ୟବହାର । ଆମ୍ଭମାନଙ୍କର ପୂଜା ଓ ପୁଷ୍ପାଞ୍ଜଳି ବେଳେ ସେ କେବେ ନ ଥାନ୍ତି, ମାତ୍ର ସେଦିନ ତମାମ୍ ସକାଳୁ ପୂଜା ସରିବା ଯାଏଁ କୌଣସି ଦିନ ତାଙ୍କୁ ଆମ୍ଭେମାନେ ମଠା ଛଡ଼ା ଅନ୍ୟ କିଛି ପିନ୍ଧିବାର ଦେଖିନାହୁଁ । ମୁଁ ବରାବର ତାଙ୍କର ଗତି ବିଧି ଲକ୍ଷ୍ୟ କରୁଥାଏ । ସେ ସେଦିନ ନୀରବ ରହନ୍ତି, ଏବଂ ଆମ୍ଭମାନଙ୍କର ପଦ୍ୟାବୃତ୍ତି, ନାଟକାଂଶର ଅଭିନୟ ଇତ୍ୟାଦିରେ ଯୋଗ ଦିଅନ୍ତି । ଆମ୍ଭମାନଙ୍କର ଧାର୍ମିକ ପୂଜା ଓ ଉପାସନା ସମୟରେ ଆମ୍ଭେମାନେ ଏକାଗ୍ର-ପ୍ରାଣରେ ଦେବ ବା ଦେବୀ ପୂଜାରେ ନିମଗ୍ନ ଥାଉ—ସେ ସେ ସମୟରେ ଯୋଗ ନ ଦେଇ, କଅଣ କରନ୍ତି ତାହା ଲକ୍ଷ୍ୟ କରି-ବାର ଅବକାଶ ଆମ୍ଭମାନଙ୍କର ନଥିଲା । ପୂଜା ଶେଷ ହୋଇଗଲେ, ଭଦ୍ରଲୋକମାନେ ବସନ୍ତି ଏବଂ ଆମ୍ଭମାନଙ୍କର ପଦ୍ୟାବୃତ୍ତି ପ୍ରଭୃତି ଘଣ୍ଟାଏ ପାଇଁ ହୋଇଥାଏ ।

ଗୋପବନ୍ଧୁଙ୍କ ଜନ-ପ୍ରୀତି—

ସେଦିନଠାରୁ ଛାତ୍ରଗଣଙ୍କର, ମଫସଲରୁ ଆମନ୍ତ୍ରିତ ଭଦ୍ରବ୍ୟକ୍ତିମାନଙ୍କର ଏବଂ ସବୁ ଶେଷରେ ସହରରୁ ଆଗତ ନିମନ୍ତ୍ରିତ ଶିକ୍ଷିତ ଓ ସ୍ଥାନୀୟ ଧନୀଲୋକ ମାନଙ୍କର ପଙ୍‌କ୍ତି ଭୋଜନ ହୁଏ । ଗୋଡ଼ରେ କଠାଉ, କାନ୍ଧରେ ଗାମୁଛା ପକାଇ ମଠା ପିନ୍ଧି ସେ ପଙ୍‌କ୍ତି-ଭୋଜନ ବେଳେ ବରାବର ବୁଲି ଦେଖୁଥାନ୍ତି, ଯେଉଁ

GPNanda Colln., Digitized by srujanika@gmail.com

ପିଲା ବେଶି ଖାଇପାରେ, ସେ ତାହା ପାଖରେ ନାନା ପ୍ରକାର ହାସ୍ୟ-କୌତୁକ କରି ହାତରେ ପଡ଼ି ଯାଆନ୍ତି । ନାନା ସ୍ଥଳରେ କୌତୁକ କରୁଥାନ୍ତି । ମଫସଲର ବୁଢ଼ା ବୁଢ଼ା ଲୋକଙ୍କ ପାଖେ ତାଙ୍କର ପ୍ରଦର୍ଶିତ ଭକ୍ତି ଓ ନମ୍ରତା ଅତି ଶିକ୍ଷାପ୍ରଦ ଥିଲା । ସେ ଅନେକଙ୍କୁ ଜାଣିଥିଲେ, ଯେଉଁମାନଙ୍କୁ ଅବା ଜାଣିନଥିଲେ, ସେମାନେ ତାଙ୍କୁ ଜାଣିଥିବାରୁ ସେମାନଙ୍କ ସଙ୍ଗେ ପରିଚିତ ପରି ମିଶି ଯାଉଥିଲେ ଏବଂ ମଫସଲି ଢଙ୍ଗରେ ତାଙ୍କ ପଙ୍କ୍ତି ଭୋଜନରେ ମଧ୍ୟ ଆଚରଣ କରୁଥିଲେ । ସେ କାୟିକ ପରିଶ୍ରମ ବେଶି କରି ପାରନ୍ତି ନାହିଁ, ପରଶିବା ବେଳେ ସେ ଯେଉଁ ଦ୍ରବ୍ୟ ସବୁ ପରଶୁଥିଲେ, ପରିବେଷଣ ପରିପାଟୀ ତାଙ୍କୁ ଜଣା ନଥିବାରୁ, ଆମ୍ଭେମାନେ ହସିଦେଉଁ—ସେ ସେଥିରେ ଖୁସୀ ହୁଅନ୍ତି । ସେମାନଙ୍କ ମେଳରେ ସେ ସ୍କୁଲ ବିଷୟକ ସକଳ ଆଲୋଚନା ଏ ଦୁଇ ଉପଲକ୍ଷ୍ୟରେ କରୁଥିବାରୁ, ମଫସଲ ଅଧିବାସୀମାନେ ସ୍କୁଲ ପ୍ରତି ସହାନୁଭୂତି-ଶୀଳ ଥିଲେ ।

ଗୋପବନ୍ଧୁଙ୍କର ଉନ୍ନତ ରସିକତା—

ସତ୍ୟବାଦୀର ବରିଷ୍ଠ ମହାଜନ ଶ୍ରୀ ଗଦାଧର ଓଝା ଅତି ଉଚ୍ଚ-ଧରଣର ଲୋକ ଥିଲେ । ସେ ସତ୍ୟବାଦୀ ସ୍କୁଲର ଜଣେ ପୃଷ୍ଠପୋଷକ । ସେ ଉଦାର ପ୍ରକୃତିକ, ଭକ୍ତିମାନ ଓ କୋମଳ ହୃଦୟର ବ୍ୟକ୍ତି ଥିଲେ । ଗୋପବନ୍ଧୁ ବାବୁଙ୍କୁ ସେ ଅତ୍ୟନ୍ତ ସ୍ନେହ କରୁଥିଲେ । ଥରେ ଶ୍ରୀପଞ୍ଚମୀ ଦିନ ଭଦ୍ରଲୋକମାନଙ୍କର ପଙ୍କ୍ତି ଭୋଜନ ଶେଷ ଆଡ଼କୁ ଗୋପବନ୍ଧୁ ବାବୁ ପ୍ରସ୍ତାବ କଲେ ଯେ ଏବେ ଖାଇବାରେ ବାଦ୍ ରଖା ଯାଉ, ଏତେବେଳେ କିଏ କେତେ ପଠ ଅମାଲୁ ଖାଇ ପାରିବେ ଦେଖିବା । ଶ୍ରୀଯୁକ୍ତ ଓଝା ଏଥିରେ ସମ୍ମତି ଦେଲେ—ଆମ୍ଭେମାନେ

GPNanda Colln., Digitized by srujanika@gmail.com

ପରସ୍ପର ଆଉ ଭାବ ଖୁସି ଲାଗୁଥାଏ—ଜିଦ୍ କରି ଜିତିବା ମଧ୍ୟରେ ଅନେକ ପ୍ରକାର ଆଲୋଚନା ମଧ୍ୟ ଚାଲିଥାଏ । ସେ ସେଦିନ ଆମ୍ଭମାନଙ୍କ ପ୍ରତି ଆନନ୍ଦ—ଉତ୍ସବକୁ ଭଣ୍ଡାର ପରି ହୋଇ ଉଠୁଥିଲେ ।

ନୀଳକଣ୍ଠଙ୍କର ପୂର୍ଣ୍ଣ ସହଯୋଗ—

ପ୍ରତି ସନ୍ଧ୍ୟାରେ ନୀଳକଣ୍ଠ ବାବୁ ସଂସ୍କୃତ, ଓଡ଼ିଆ ଉଭୟ ଭାଷାରେ ପ୍ରାର୍ଥନା ସଙ୍ଗୀତ ଲେଖିଥାନ୍ତି । ସେ ପୂଜା କାଳରେ ମୂଳରୁ ଶେଷ ପର୍ଯ୍ୟନ୍ତ ରହୁଥାନ୍ତି ଏବଂ ପୁଷ୍ପାଞ୍ଜଳି ଦେଲାବେଳେ ସବୁ ଶିକ୍ଷକଙ୍କ ସଙ୍ଗେ ସେ ପୁଷ୍ପାଞ୍ଜଳି ଦିଅନ୍ତି । ଗୋଦାବରୀଶ ବାବୁ ସାହେବୀ କାଇଦାରେ ଚଳୁଥିଲେ ମଧ୍ୟ ସେ ଦୁଇଦିନ ସେ ଛାତ୍ରମେଳରେ ଆମ୍ଭମାନଙ୍କ ପରି ହୋଇ ପଡ଼ନ୍ତି । ସଙ୍ଗୀତ ଗାନ ବେଳେ ହସ୍ତକ୍ଷେପ ଅବଲମ୍ବ ସେ ସୁନ୍ଦର ଭାବରେ କରୁଥିବାରୁ, ଗୀତ ଶୁଣିକର ତତ୍ତ୍ୱ ଆମ୍ଭମାନଙ୍କର ହୃଦୟରେ ପ୍ରବେଶ କରି ଯାଉଥିଲା । ଅନ୍ୟାନ୍ୟ ସମସ୍ତ ଶିକ୍ଷକ ସେଦିନ ଶିକ୍ଷକଙ୍କ ପରି ବ୍ୟବହାର ନକରି ଛାତ୍ରଙ୍କ ସଙ୍ଗେ ଛାତ୍ର ଭାବରେ ମିଶନ୍ତି । ତଥାପି ନୀଳକଣ୍ଠଙ୍କର ଗାମ୍ଭୀରତା ଓ କଠୋର ଶୃଙ୍ଖଳା କେବଳ ତାଙ୍କୁହିଁ ଜଗାଇ ରଖିଥାଏ । ପୂର୍ବରୁ କୁହା ଯାଇଅଛି, ଉତ୍ତମ ଓ ସଚ୍ଚରିତ୍ର ଛାତ୍ରମାନେ ତାଙ୍କ ସଙ୍ଗେ ଖୁବ୍ ମିଶି ପାରନ୍ତି ।

ଲୋକସାଧାରଣଙ୍କର ସହଯୋଗ—

ପ୍ରାୟ ସାତଶହ ଛାତ୍ରଙ୍କ ଗୃହାରୁ ଦାରଣ୍ଡା, ଚେରଣ୍ଡି, ପର୍ଯ୍ୟନ୍ତ ଚାନ୍ଦା ଗୃହା କରାଯାଏ । ମଫସଲର ଗ୍ରାମବାସୀ ମାନେ ନଡ଼ିଆ ଆଣି ଜମା କରିଦେଇଅନ୍ତି । ଆଖ ପାଖ ଗାଁ ପିଲାମାନେ ପଣ ପଣ ନଡ଼ିଆ ଆଣି

GPNanda Colln., Digitized by srujanika@gmail.com

କ୍ଷମା କରିଥାନ୍ତି । ସ୍ଥାନୀୟ ଧନାଢ୍ୟ ବ୍ୟକ୍ତିମାନେ ସ୍ୱତଃପ୍ରବୃତ୍ତ ହୋଇ ଗୁଣ୍ଡା ପଠାଇ ଦିଅନ୍ତି । ଶ୍ରୀଯୁକ୍ତ ବହ୍ମାଣୀ ଓଝା ଏବଂ ସତ୍ୟବାଦୀର ନିକଟବର୍ତ୍ତୀ ଜମ୍ବୁପୁର ଦାନବୀର ସତପଥି ବର୍ଷକୁ ବର୍ଷ ଯଥାକ୍ରମେ ଟ ୫୦ ଓ ଟ ୨୦ ଏବଂ ଭଜନପତ୍ର ଓ ଦୁଇପତ୍ର ନଡଆ ଦେବାର ବନ୍ଦୋବସ୍ତ କରି ଦେଇଥିଲେ । ବାଳକମାନେ ଗଣେଶ ଚତୁର୍ଥୀ ଓ ଶ୍ରୀପଞ୍ଚମୀର ପୂର୍ବଦିନ ପନ୍ଦ୍ରା ତାହା ନେଇ ଆସୁଥିଲେ । ଗୁରୁ ପାଖରେ ମୁଁ ନିଜେ ଯାଉଥିଲି, କିନ୍ତୁ ଆମ୍ଭମାନଙ୍କୁ ଝଗଡରୁ ଓହ୍ଲାଇବାକୁ ହୁଏ ନାହିଁ । ଉଭୟ ଭଦ୍ରବ୍ୟକ୍ତି ଆଗରୁ ସବୁ ଠିକ୍ କରି ରଖିଥାନ୍ତି— ସଙ୍ଗେ ସଙ୍ଗେ ବିଦାୟ କରି ଦିଅନ୍ତି ।

ଉତ୍ସବ ଗୁଡିକ କେବଳ ଛାତ୍ରମାନଙ୍କର—

ଏତେ ଟଙ୍କାର ଖର୍ଚ୍ଚ, ଏତେ ବିପୁଳ ଜନମଣ୍ଡଳୀର ଅର୍ଚ୍ଚନାରେ ଶିକ୍ଷକ ମାନେ ଆଦୌ ଭାଗ ନିଅନ୍ତି ନାହିଁ, ବରଂ ସେମାନେ ଗୁଣ୍ଡା ହୋଇ ସେଦିନ ଆମ୍ଭମାନଙ୍କ ସଙ୍ଗେ ସମାନ ହୋଇ ଯାଆନ୍ତି ।

କିପରି ପରିଚାଳିତ ହୁଏ—

ସେକେଣ୍ଡ୍ କ୍ଲାସ ର ଜଣେ ସମ୍ପାଦକ ହୁଅନ୍ତି, ପାଞ୍ଚଜଣ ଛାତ୍ର ତାଙ୍କର ସହକାରୀ ରହନ୍ତି । ସେମାନେ ଖର୍ଚ୍ଚତାଲିକା କରନ୍ତି, ସ୍ୱାଧୀନ ଭାବରେ ଜିନିଷ ପ୍ରସ୍ତୁତ କରନ୍ତି । ସ୍ୱେଚ୍ଛାସେବକ ନିଜେ ବାଛନ୍ତି ଏବଂ ସବୁ ବିଷୟରେ ଆମ୍ଭେମାନେ ତାଲିମ୍ ହୋଇଥିବାରୁ ଏତେ ଶୃଙ୍ଖଳିତ ଓ ସଂଯତ ଭାବରେ କାର୍ଯ୍ୟ ଚାଲେ ଯେ କୌଣସି କୁଳୀନ ଗୃହସ୍ଥର ବଡ ବଡ ନିମନ୍ତ୍ରଣ ମାନଙ୍କର ସେ ସୁନ୍ଦର ଶୃଙ୍ଖଳା ଦେଖାଯାଏ ନାହିଁ । ପିଲାମାନେ ସେଦିନ ସ୍ୱାଧୀନ ଥିଲେ ମଧ୍ୟ ନୀଳକଣ୍ଠ ବାବୁଙ୍କର ଉପସ୍ଥିତି, ଗାମ୍ଭୀର୍ଯ୍ୟ ଓ ତୀବ୍ରଦୃଷ୍ଟି ଥିବାରୁ, ଏବଂ ରାମଚନ୍ଦ୍ର, ହରିହର, ବାସୁଦେବ ପ୍ରଭୃତିଙ୍କର ବାରମ୍ବାର ଭ୍ରମଣ ଓ ପର୍ଯ୍ୟବେକ୍ଷଣ ହେତୁରୁ ବିଳାସ

GPNanda Colln., Digitized by srujanika@gmail.com

ବିଂଶତିରେ ଛାତ୍ରମାନେ ଭୂଷିତ ହୋଇ ନ ଥିଲେ । ଏ ସମ୍ପର୍କରେ ଗୋଟିଏ କଥା ଉଲ୍ଲେଖ ଯୋଗ୍ୟ । ଥରେ ଶ୍ରୀପଞ୍ଚମୀ ଗୋଟିଏ ଶୁକ୍ରବାରରେ ପଡ଼ିଥିଲା । ପଣ୍ଡିତ ଭୁବନେଶ୍ୱର ନନ୍ଦ ଏ ଦୁଇ ଉପଲକ୍ଷ୍ୟରେ ପୂଜକ । ସେହି ପୂଜା କରିବାବେଳେ ସେ ନିଷ୍ଠାପର ଓ ଏକାଗ୍ର ଥିବାରୁ ମୃଣ୍ମୟୀ ପ୍ରତିମାରେ ଆମ୍ଭମାନଙ୍କର ପ୍ରକୃତ ଦେବତା ସାକ୍ଷାତ ରୂପ ଧରିବା ପରି ଆମ୍ଭମାନେ ବୋଧ କରୁଥାଉଁ । ସେ ପୂଜା ଅତି ଚମତ୍କାର; ବାଦ୍ୟ ବାଜଣା ନାହିଁ—ତଥାପି ତାହା ଶୃଙ୍ଖଳିତ ଓ ଗମ୍ଭୀର—ସୈପର କଣ୍ଠସ୍ୱରରେ ପୂଜକ ପଣ୍ଡିତ ମହାଶୟଙ୍କର ଆହ୍ଲାଦ ଉଚ୍ଛଳିବ ଏବଂ ମନ ବିକଳ ହେବନାହିଁ । ପୂଜା ସରିବା ପୂର୍ବରୁ ସେ ପାନ ଖାଇ ନଥାନ୍ତି, ଅନ୍ୟ ସ୍ପର୍ଶ କରି ନ ଥାନ୍ତି । ଆମ୍ଭେମାନେ ପୂଜା ଶେଷରେ ଅତି ଆଦରରେ ତାଙ୍କୁ ପୂଜା ପଦ୍ଧତି ଦେଉଁ ଓ ପାନ ଯୋଗାଇ ଦେଉ । ଜଣେ ବାଳକ ସେହିଦିନ ପଣ୍ଡିତ ମହାଶୟଙ୍କୁ ପାନ ଦେଇ ଆପେ ଖଣ୍ଡିଏ ପାନ ଖାଇଦେଲା । ସେ ମୋର ସହପାଠୀ । ନୀଳକଣ୍ଠ ବାବୁ ତାହା ଲକ୍ଷ୍ୟକରି ବଡ଼ ଦୁଃଖିତ ହୋଇ ତାକୁ ପାଖକୁ ଡକାଇ ଅତି କ୍ରୋଧରେ ତାହା ମୁହଁରୁ ଖିଲଟି କଢ଼ାଇ ଦେଲେ । ଠିକ୍ ଏ ଗୋଳମାଳ ଲାଗିବାରୁ ଗୋପବନ୍ଧୁ ବାବୁ ଆସି ପହଞ୍ଚିଗଲେ । ସେ ସେହି ଛାତ୍ରଙ୍କୁ ଡକାଇ ନେଲେ ଏବଂ ନିଜ ଘରର 'ମା' ବାଉଙ୍କୁ ପଠାଇ ସୁଗନ୍ଧ ଯୁକ୍ତ ଦୁଇଟି ଖିଲ ମଗାଇ ଆଣିଲେ । ନିଜେ ଖଣ୍ଡିଏ ଖାଇ, ଆଉଟି ସେ ପିଲାକୁ ଦେଲେ । ହଠାତ୍ ଚୋବାଇ ଦେବାରୁ ଗୁଣ୍ଡିର ମାଦକତା ସହ୍ୟ କରି ନପାରି ବାନ୍ତି କଲେ । ସେ ପିଲା ନିର୍ବାକ୍ । ସେ ତାଙ୍କ ଗୋଡ଼ତଳେ ଲମ୍ବ ହୋଇ ପଡ଼ିଗଲା ଏବଂ ସେହିଦିନୁ ସେ ଆଉ ପାନ ଖାଇବା କେବେ ମୁଁ ଲକ୍ଷ୍ୟ କରିନାହିଁ ।

ମୂର୍ତ୍ତି ବିସର୍ଜନ ଓ ଶେଷ ଭୋଜନ—

ତହିଁ ଆରଦିନ ଶନିବାର । ସାଧାରଣତଃ ସେହି ଦୁଇ ଘଟଣାରୁ ପରବର୍ତ୍ତୀ ଦିନମାନଙ୍କରେ ସ୍କୁଲ ବନ୍ଦ ରହେ । ସେଦିନ ମୂର୍ତ୍ତିମାନଙ୍କର

GPNanda Colln., Digitized by srujanika@gmail.com

ବିସର୍ଜନ ଶୋଭାଯାତ୍ରା ଅତି ଚମତ୍କାରି ହୁଏ । ଧନେଶ୍ୱର ବାବୁଙ୍କ ନିର୍ମିତ ମୂର୍ତ୍ତି ଜୀବନ୍ତ ପରି; ନାରଡମ୍ବର ବେଶଭୂଷା ସାତ୍ତ୍ୱିକ ଭାବାପନ୍ନ । ସମସ୍ତ ଶିକ୍ଷକ ଓ ଛାତ୍ର ମେଢ କାନ୍ଧେଇବାକୁ ବ୍ୟଗ୍ର । ସବୁବେଳେ କାନ୍ଧ ଦେଉଥାଏ । ପିଲମାନେ ସଙ୍କୀର୍ତ୍ତନ କରନ୍ତି— ବେଳେ ବେଳେ ଭିନ୍ନ ଭିନ୍ନ ଗ୍ରାମରୁ ସଙ୍କୀର୍ତ୍ତନ ଦଳ ସ୍ୱତଃ ଆସି ମିଶି ଯାଆନ୍ତି । ସବୁ ପ୍ରାଣରେ ଭକ୍ତି ଉଚ୍ଛୁଳି ପଡୁଥାଏ । ଗୋଦାବରୀଶ ବାବୁ ଗୀତ ଓ ସଙ୍କୀର୍ତ୍ତନ ମଧ୍ୟରେ ନିଜର ଭାବାବେଶ ପ୍ରଯୁକ୍ତ ଅଭିନୟ ଦ୍ୱାରା ଶୋଭାଯାତ୍ରାକୁ ପ୍ରାଣବନ୍ତ କରିଥାଆନ୍ତି । ନୀଳକଣ୍ଠଙ୍କ ରଚିତ ପଦ୍ୟାବଳୀ ଅଦ୍ୱୈତ ବାଦ ମୂଳକ ଏବଂ ମୂର୍ତ୍ତି ପୂଜା ନିମନ୍ତେ ପୁଣି ତାହା ପ୍ରଯୁଜ୍ୟ । ତେଣୁ ଛାତ୍ରମାନଙ୍କ ପ୍ରାଣରେ ଅତୀନ୍ଦ୍ରିୟ ବିଜୟର ପରମ ଉପଭୋଗ ଓ ଆନନ୍ଦର ଜୁଆର ଉଚ୍ଛୁଳି ଉଠୁଥାଏ । ଯେଉଁ ଶନିବାର ଦିନର ଘଟଣା କୁହା ଯାଉଅଛି, ତାହା ଅତ୍ୟନ୍ତ ସ୍ମରଣୀୟ । ସେ ଦିନ ସ୍କୁଲ ସମୟରେ ଘଣ୍ଟା ବାଜିଯିବାରୁ ଆମ୍ଭେମାନେ ବିସ୍ମିତ ହେଲୁ । ସମସ୍ତ ଛାତ୍ର ଇସ୍କୁଲକୁ ଗଲେ । ମାତ୍ର ସମସ୍ତଙ୍କୁ ବିଦ୍ୟାଳୟର ହଲ୍‌ରେ ଏକାଠି କରାଗଲା । ଗୋପବନ୍ଧୁ ବାବୁ ବକ୍ତୃତା ଦେଲେ । ବିଷୟ "Bad Habits." ସେ ସେଦିନ ଇଂରେଜୀରେ ବକ୍ତୃତା ଦେଲେ । ନିଜର ଯାବତୀୟ ଦୋଷ ଦୁର୍ଗୁଣ ଅକୁଣ୍ଠିତ ଭାବରେ କହିଗଲେ ଏବଂ ତାକୁ ଗୋଟି ଗୋଟି କରି ସେ କିପରି ତ୍ୟାଗ କରିଛନ୍ତି ତାହା କହିଲେ । ଗୀତାରୁ ସାତ୍ତ୍ୱିକ, ରାଜସିକ, ତାମସିକ ଗୁଣ ଭେଦ ଶ୍ଳୋକାବୃତ୍ତି କରି ଚମତ୍କାର ଭାବରେ ବୁଝାଇ ଦେଲେ । ସତ୍ୟବାଦୀ ବିଦ୍ୟାଳୟର ଲକ୍ଷ୍ୟ ପୁନରାଲୋଚନା କଲେ ଏବଂ ବଡ ପ୍ରାଣସ୍ପର୍ଶୀ ଭାବରେ ବାଳ-ଗୃହଳୀ ପ୍ରତି ଅନୁକମ୍ପା ଓ ସ୍ନେହ ଥିବା ପ୍ରକାଶ କରି କହିଲେ ଯେ "ପ୍ରବୃତ୍ତି ରେଖା ଭୁଲିବା ଦୁର୍ବୁଦ୍ଧିରୁ ମହା ଫଳ ।" ସେହି ସମ୍ପର୍କରେ ସେ ଜଣେ ବ୍ୟକ୍ତିଙ୍କର

GPNanda Colln., Digitized by srujanika@gmail.com

କଥା କହିଲେ । ସେ ଋଷିଙ୍କ ଘରେ ସୁନା ଓ ରୁପାର ଦୁଇଟି ବଡ ଲୁଗା ଥିଲା । ଋଷିଙ୍କ ଘରେ ଚୋର ପଶି ରୁପା ଲୁଗାଟି ନେବାର ଋଷି ଜାଣିପାରି ଚୋରକୁ ଡକାଇ କହିଲେ—"ଭାଇ, ତୋର ଅଭାବ ଅଛି ବୋଲି ତୁ ଲୁଗାଇ କରି ନେଉଛୁ । ତାହା କର ନା—ଏ ସୁନା ଜଳଟି ନେଇଯା—ଯା'ର ମୂଲ୍ୟ ବେଶି ।" ସେହିଦିନୁ ସେ ଚୋର ତାଙ୍କର ଅତି ସାଧୁ ଶିଷ୍ୟରେ ପରିଣତ ହୋଇଥିଲା । ତାଙ୍କର କୋମଳ ପ୍ରାଣରୁ ସରଳ ଭାବରେ ନିଜ-ଦୋଷାଭିବ୍ୟକ୍ତି ଓ ଆଲୋଚନା ଆମ୍ଭମାନଙ୍କୁ ଚମକ୍ରୃତ କରି ଦେଇଥିଲା । ବକ୍ତୃତା ଶେଷ କରି ଦେଇ; ସେ ଛାତ୍ର ପ୍ରାଣରୁ ଗୁରୁ ଚିନ୍ତା ଦୂର କରିବା ଲାଗି, ସ୍କୁଲରୁ ଉପହାର ମାନେ ପୁଣି ଆନନ୍ଦ ଉତ୍ସବର ସୃଷ୍ଟି କରି ଦେଲେ । ଘଣ୍ଟେ ଘଣ୍ଟେ ସଂକୀର୍ତ୍ତନ ଆରମ୍ଭ ହେଲା । ଶିକ୍ଷକମାନେ ଯୋଗ ଦେଲେ ଏବଂ ଦିନ ବାରଟା ବେଳେ ଘଣ୍ଟ-ଘଣ୍ଟାର ଧ୍ୱନି ଓ ସଂକୀର୍ତ୍ତନ ନାଦ ଶୁଣି ସତ୍ୟବାଦୀ ଗ୍ରାମରୁ ସଂକୀର୍ତ୍ତନ ଦଳ ମିଶିଗଲେ । ଯଥା ସମୟରେ (୍ ଦୁଇଟା ବେଳେ) ମୂର୍ତ୍ତି ବିସର୍ଜନ ପାଇଁ ଆୟୋଜନ ଓ ଶୋଭାଯାତ୍ରା ହୋଇଥିଲା ।

ଛାତ୍ରମାନଙ୍କର ସ୍କୁଲ ପ୍ରତି ମମତା—

ଛାତ୍ରମାନେ ବିଦ୍ୟାଳୟ ପ୍ରତି ଅତ୍ୟନ୍ତ ଅନୁରକ୍ତ ଥିଲେ । ଥରେ ଶ୍ରୀପଞ୍ଚମୀଦିନ ପାଇଁ ସବୁ ଚାନ୍ଦା ଭେଦା ମିଶି ସତର ଶହ ଟଙ୍କା ହୋଇଗଲା । ତେରଶହ ପର୍ଯ୍ୟନ୍ତ ଖର୍ଚ୍ଚ ହୋଇ ଚାରିଶହ ଟଙ୍କା ବଳିଗଲା । ମୁଁ ସମ୍ପାଦକ ଥିଲି ଏବଂ ମୋର ସହକର୍ମୀ ପାଞ୍ଚଜଣ ସାଙ୍ଗ ଏକମତ ହୋଇ ସ୍କୁଲକୁ ସେ ଟଙ୍କା ଦେବାପାଇଁ ସ୍ଥିର କରି ହେଡ଼ ମାଷ୍ଟରଙ୍କୁ ପଚାରିଲୁ । ସେ ସଙ୍ଗେ ସଙ୍ଗେ କହିଲେ—ପିଲାଙ୍କ ଟଙ୍କା ପିଲାଙ୍କ ଭଲ ପାଇଁ ଖର୍ଚ୍ଚ ହେଉ—ସ୍କୁଲ ତାହା କାହିଁକି ନେବ ? ଆମ୍ଭେମାନେ କଣ କରିବୁ—ସେ ବିଷୟରେ ପରାମର୍ଶ

GPNanda Colln., Digitized by srujanika@gmail.com

ମାଗିଲି । ସେ କହିଲେ—"ମୁଁ ଏଥିରେ ପରାମର୍ଶ ଦେବି ନାହିଁ ।" ମୁଁ ଦ୍ୱିତୀୟ ଶ୍ରେଣୀର ଛାତ୍ର—ସାଧାରଣ ଛାତ୍ର ସମ୍ପାଦକ ଏବଂ ନୀଳକଣ୍ଠ ବାବୁ (ହେଡ଼ ମାଷ୍ଟର) ମୋତେ ସେ ସଭାର ସ୍ଥାୟୀ ସଭାପତି । ଆମ୍ଭେମାନେ ସ୍ଥିର କଲୁଁ ଯେ ଏସୋସିଏସନ୍ ପାଇଁ କିଛି ସତରଞ୍ଜି ଏବଂ ଗଣେଶଚତୁର୍ଥୀ, ଶ୍ରୀପଞ୍ଚମୀ ଏବଂ ଅନ୍ୟାନ୍ୟ ଭୋଜି ପାଇଁ ଚାନ୍ଦା କରି ରଖିବା । ହେଡ଼ ମାଷ୍ଟରଙ୍କୁ ସଭାପତି ହିସାବରେ ପରାମର୍ଶ ମାଗିବାରୁ ସେ କହିଲେ—"ବେଶ୍ ଭଲ, ତାହା କରିପାର, ମାତ୍ର ମୁଁ ହେଡ଼ ମାଷ୍ଟର ଭାବରେ ତୁମ୍ଭଙ୍କୁ ପରାମର୍ଶ ଦେବାକୁ ଅସଙ୍ଗ ହେଲି, ସଭାପତି ହିସାବରେ ମୁଁ ସତରଞ୍ଜି କିଣା ହେବା ପରାମର୍ଶ ଦେଉଅଛି, ତୁମ୍ଭର ଚାନ୍ଦା କରିବା ପାଇଁ ପରାମର୍ଶ ମୁଁ ଦେଇ ନପାରେ । ତୁମ୍ଭର ଏ ଅନୁଷ୍ଠାନର ଏ ବର୍ଷର ସଭାପତି, ମୋ ସଙ୍ଗେ ମିଶିଲେ ମୁଁ 'ହଁ ବା ନାହିଁ' କହିବି । ସେ ସଭାର ସଭାପତି ମୋର ଜଣେ ସହପାଠୀ । ତାଙ୍କୁ ଡକା ଗଲା, ଦୁହେଁ ଏକମତ ହେବାରୁ ଚାନ୍ଦା ସେହି ହିସାବରେ ଖର୍ଚ୍ଚ କରାଗଲା । ଗଣତନ୍ତ୍ର ବିଧାନର ଏ ବୈଧମତ ଶୃଙ୍ଖଳା, ଆମ୍ଭେମାନେ କ୍ରୀଡ଼ା ଛଳରେ ଶିଖୁଥିଲୁଁ । ବୋଲିବା ବାହୁଲ୍ୟ ଯେ କଣ୍ଠହୃଦୟ, କଠୋର ଓ ଗମ୍ଭୀର ନୀଳକଣ୍ଠ ବାବୁ ଏ ସବୁ ସମ୍ପର୍କରେ ଅତି ସହୃଷ୍ଟ ଓ ପୁଲକିତ ପ୍ରାଣ ଓ କୋମଳ ହୃଦୟ ଥିଲେ ।

ଜାଗର —

ଜନ୍ମାଷ୍ଟମୀର କଥା ବର୍ଣ୍ଣିତ ହୋଇଅଛି । ଅନ୍ୟ ଏକ ଉତ୍ସବ ଜାଗର । ସେଦିନ ସକାଳୁଁ ଶୁଚିମନ୍ତ ହୋଇ ସମସ୍ତେ ଉପାସନା ଓ ଧର୍ମାଲୋଚନାରେ ସମୟ କଟାନ୍ତି—ବୋର୍ଡ଼ିଂରେ ଝାଞ୍ଜ-ଘଣ୍ଟା ବାଜେ—ନାହିଁ । ମାତ୍ର ଶିକ୍ଷକମାନେ ବନମଧ୍ୟରେ ଛାତ୍ରମାନଙ୍କ ପାଖକୁ ଆସନ୍ତି ନାହିଁ । ସନ୍ଧ୍ୟାର ଅବ୍ୟବହିତ ପୂର୍ବରୁ ପ୍ରତି ବ୍ଲକର ପ୍ରତି କୋଠରୀର ପିଲାମାନେ ନିଜ କୋଠରୀ ଆଗରେ ବାଲିରେ ଦେଉଳ ଓ ଶିବମୂର୍ତ୍ତି ଗଢ଼ନ୍ତି ।

GPNanda Colln., Digitized by srujanika@gmail.com

ଭୋଗଦ୍ରବ୍ୟ ରଖିଥାନ୍ତି । ପୁଷ୍ପମାଲ୍ୟ, ଧୂପ, ଦୀପ, ଚନ୍ଦନ ଦେଇ ପୂଜା କରନ୍ତି; ଛାତ୍ରମାନଙ୍କ ମଧ୍ୟରୁ ଜଣେ ପୂଜକ ହୁଅନ୍ତି । ରାତି ୧୨ଟା ପରେ ପୂଜା ହୁଏ । ଏବଂ ସନ୍ଧ୍ୟାରୁ ୧୨ଟା ପର୍ଯ୍ୟନ୍ତ କେବଳ ସଙ୍କୀର୍ତ୍ତନ, ଉପାସନାରେ ପିଲାମାନେ ବ୍ୟସ୍ତ ଥାନ୍ତି । ଶ୍ରୀଯୁକ୍ତ ବାଞ୍ଛାନିଧି ମିଶ୍ର (ସ୍ୱ, ଶିକ୍ଷକ) ଅତିଶୟ କୌତୁକ ପରାୟଣ ଲୋକ । ସେ ଶିକ୍ଷକମାନଙ୍କୁ ମେଳାଇ ଏକ ବାଲୁକା ଦେବାଳୟ ଓ ମୂର୍ତ୍ତି କରନ୍ତି । ମାଘ ସନ୍ଧ୍ୟାଠାରୁ ପୂଜା ପର୍ଯ୍ୟନ୍ତ ଜଣକ ପରେ ଜଣେ ଶିକ୍ଷକ ପ୍ରତି ଦେବାଳୟକୁ ଯାନ୍ତି, ପୁଷ୍ପାଞ୍ଜଳି ଦେଉଥାନ୍ତି ଏବଂ ଅମ୍ଭମାନଙ୍କ ପୂଜକପ୍ରଭୃତିମାନଙ୍କଠାରୁ ଫୁଲ-ପ୍ରସାଦ ନିଅନ୍ତି । ୧୨ଟା ବେଳେ ପୂଜା ସରେ। ଯେ ଯାହା ପ୍ରକୋଷ୍ଠରେ ଶୋଅନ୍ତି ଏବଂ ସେଦିନର ମେସ ମ୍ୟାନେଜରେ କେବଳ ପୂଜାରି-ପୂଜକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରନ୍ତି । ମୁଁ ଲକ୍ଷ୍ୟ କରିଅଛି ଯେ ଜାଗର ଦିନର ପ୍ରଧାନ ଅଧିନାୟକଙ୍କୁ ଗୋଦାବରୀଶ ବାବୁ କରିଥାନ୍ତି । ସ୍ୱଚ୍ଛ ଓ ଶୁଚିମନ୍ତ ବେଶରେ ନିଷ୍ଠାର ସହିତ ସେ ବୁଲି ବୁଲି ସବୁଠାରେ ପୁଷ୍ପାଞ୍ଜଳି ଦେଇ, ପ୍ରସାଦ ଗ୍ରହଣ କରୁଥିବାରୁ ସେ ପୂଜା ସାତ୍ତ୍ୱିକ ଭାବାପନ୍ନ ହୋଇଥାଏ । ଗୋଟିଏ ଜାଗର ଦିନ ସନ୍ଧ୍ୟାରେ ସବୁ ଛାତ୍ରଙ୍କୁ ଏକାଠି କରି ପଣ୍ଡିତ ଭୁବନେଶ୍ୱର ଜାଗର କଥା ଓ ଶିବତତ୍ତ୍ୱ ବୁଝାଇ ଦେଇଥିଲେ ଏବଂ ସେହି ଦିନ ଗୋପବନ୍ଧୁ ଓ ନୀଳକଣ୍ଠ ମୂର୍ତ୍ତି ପୂଜାରେ ସଚ୍ଚିଦାନନ୍ଦ ବ୍ରହ୍ମ ଶକ୍ତିର ପୂଜା କଳ୍ପନା ଉତ୍ତମ ରୂପେ ବୁଝାଇ ଦେଇଥିଲେ । ବିଶ୍ୱ ଶୃଙ୍ଖଳାରେ ଜୀବନ ମରଣ କିମ୍ବା କିପରି ଗ୍ରଥିତ—ମରଣରେ ବ୍ରହ୍ମଶକ୍ତି—ଶିବଙ୍କର ପରିସ୍ଫୁରଣ ଏବଂ ବିଶ୍ୱ ଶୃଙ୍ଖଳାରେ ଜୀବନରୁ ମରଣ ଏବଂ ମରଣରେ ଅନନ୍ତ ଜୀବନର ଧାରଣା ଯେପରି ଭାବରେ ସେ ଦିନ ଆମ୍ଭେମାନେ ଶିଖିଥିଲୁ, ପରିଣତ ବୟସର ବେଦାନ୍ତ, ଉପନିଷଦ ପ୍ରଭୃତି ଧର୍ମ ଗ୍ରନ୍ଥମାନଙ୍କରେ ତାହାହିଁ ପରିକୀର୍ତ୍ତିତ ଥିବାର ଦେଖାଯାଏ । କୋମଳମତି ବାଳକ-

GPNanda Colln., Digitized by srujanika@gmail.com

ମାନଙ୍କର ଗ୍ରହଣ କ୍ଷମତାକୁ ଲଘୁ ମନେକରି ଆଜିକାଲି ବିଶ୍ୱବିଦ୍ୟାଳୟଗୁଡ଼ିକ କି ଭୁଲ୍ କରୁଛନ୍ତି, ତାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଅଛି । ନୀଳକଣ୍ଠ ବାବୁଙ୍କୁ ଉପାସନା କରିବାର କେବେ ମୁଁ ଦେଖି ନଥିଲି । ସେ ଗୀତା ପଢନ୍ତି, ମାତ୍ର ଆରାମଚୌକୀ ଉପରେ ଅର୍ଦ୍ଧଶାୟିତ ଅବସ୍ଥାରେ । ତେଣୁ ତାଙ୍କୁ କେତେକ ବାଳକ 'ନାସ୍ତିକ' ବୋଲି ମନେ କରୁଥିଲେ । ମାତ୍ର ସେ ବକ୍ତୃତା ଶୁଣିବା ପରେ ଆମ୍ଭେ ଛାତ୍ରମାନେ ଆଲୋଚନା କରିଥିଲୁଁ ଏବଂ ନୀଳକଣ୍ଠ ବାବୁ ନାସ୍ତିକ ନଥିବା କଥା ଆମ୍ଭମାନଙ୍କର ଆଲୋଚନାର ବସ୍ତୁ ହୋଇଥିଲା । କିନ୍ତୁ ଈଶ୍ୱର ବିଷୟକ ଧାରଣା ତାଙ୍କର କିପରି ଥିଲା ତାହା ଆମ୍ଭେମାନେ ବୁଝିପାରୁ ନଥିଲୁ ।

ସାମାଜିକ ପର୍ବ ପର୍ବାଣି—

ଏହି ଅନୁଷ୍ଠାନଗୁଡ଼ିକ ଆମ୍ଭେମାନେ ସାକ୍ଷାତ ପାଳନ କରିଥିଲୁ । କିନ୍ତୁ ଯାବତୀୟ ପର୍ବଦିବସରେ ବାଳକମାନଙ୍କୁ ନିଜ ଘରୁ ଅନୁପସ୍ଥିତ ନ ବାଧିବ ବୋଲି, ସେଉଁ ଦିନ ଯେପରି ଖାଦ୍ୟପେୟର ବନ୍ଦୋବସ୍ତ ହୁଏ, ସତ୍ୟବାଦୀ ବୋର୍ଡିଂରେ ସେହିପରି ବା ତଦନୁରୂପ ଖାଦ୍ୟପେୟର ବନ୍ଦୋବସ୍ତ ହୋଇଥାଏ । ନୂଆ-ବର୍ଷାର ତରକାରି, କାର୍ତ୍ତିକ ପୂର୍ଣ୍ଣିମା ଦିନ ହବିଷ୍ୟାନ୍ନ ଓ ଛାଡ଼ଖାଇ ଦିନ ମାଛ ଶାଗ ଇତ୍ୟାଦିର ତରକାରି କରି ପିଲାମାନେ ଘରସୁଖ ଭୁଲିଯାନ୍ତି ଏବଂ ବୋର୍ଡିଂର କଠୋର ଶୃଙ୍ଖଳିତ ଜୀବନରେ କମନୀୟତା ଅନୁଭବ କରନ୍ତି । ବୋର୍ଡିଂରେ ଥିବା ନିକଟବର୍ତ୍ତୀ ଗ୍ରାମରେ ବାଳକମାନଙ୍କୁ ଅନ୍ୟାନ୍ୟ ପର୍ବଦିବସ ମାନଙ୍କରେ ଛୁଟି ଦିଆଯାଏ । ସ୍କୁଲ୍ ଓ ଛାତ୍ରାବାସର ବନ୍ଧୁ ଭାର୍ଯ୍ୟରେ ନିଜକୁ ମିଶାଇ ଦେଇଥିବାରୁ ଏବଂ ସମ୍ବଳ ହୀନ ନିଜ ବୋଉ-ମାଆଙ୍କର କଠୋର ପରିଶ୍ରମ କରି ଜୀବନ ଧାରଣ କରି ରହିଥିବା ଅନୁଭବ କରୁଥିବାରୁ ମୁଁ କୌଣସି ଛୁଟିରେ ବା ପର୍ବ ଦିନରେ

GPNanda Colln., Digitized by srujanika@gmail.com

ଘରକୁ ଯାଉନଥିଲା । ମୋ ବୋଉ ଥରେ 'ରେଖାପଞ୍ଚମୀ' ଦିନ ନୀଳକଣ୍ଠ ବାବୁଙ୍କ ପାଖକୁ ମୋତେ ଘରକୁ ପଠାଇ ଦେବା ପାଇଁ ଅନୁନୟ କରି ଖବର ଦେଇଥିଲା—ତାହା ଗୋପବନ୍ଧୁ ବାବୁ ଜାଣିଥିଲେ । ରେଖା-ପଞ୍ଚମୀ ରବିବାର । 'ଭାରତରେ ଜଙ୍ଗଲ' ଶୀର୍ଷକ ଗୋଟିଏ ପ୍ରବନ୍ଧ ମୁଁ ଗୋପବନ୍ଧୁ ବାବୁଙ୍କ ସମ୍ପାଦିତ 'ସତ୍ୟବାଦୀ'ର ଛାତ୍ରଭାଗ ପାଇଁ ଲେଖି, ସେହିଦିନ ତାହା ଗୋପବନ୍ଧୁ ବାବୁଙ୍କୁ ଦେଲି । ହେଡ଼ମାଷ୍ଟର ଓ ଗୋପବନ୍ଧୁ ତାହା ପଢି ପ୍ରୀତ ହେଲେ ଏବଂ କୌଣସି ପରିବର୍ତ୍ତନ ନକରି ତାହାକୁ ପ୍ରକାଶ କରିବେ ବୋଲି କହିଲେ । ସନ୍ଧ୍ୟା ହୋଇ ଆସୁଥାଏ—ଗମ୍ଭୀର ଭାବରେ ଗୋପବନ୍ଧୁ ବାବୁ କହିଲେ—ତୁ ଆଜି ଗାଁକୁ ଯିବୁ । ରେଖା ପଞ୍ଚମୀ ସାରି କାଲି ଦିନକ ରହିବୁ; ତତେ ଛୁଟି ଦିଆଯିବ । ସକଳ କଂକାଳ ମଧ୍ୟରେ ମାତୃପୂଜା ଓ ମାତୃ ଇଚ୍ଛା ପୂରଣ କରିବାରେ ଆନନ୍ଦ ଅଛି, ପୁଲକ ଅଛି ଏବଂ ପ୍ରାଣ ପ୍ରାଚୁର୍ଯ୍ୟ ଅଛି ବୋଲି ନୀଳକଣ୍ଠ ବାବୁ ବୁଝାଇ ଦେଲେ, ମୁଁ ସନ୍ଧ୍ୟାରେ ଗ୍ରାମକୁ ଗଲି । ମାତ୍ର ପରଦିନ ଫେରି ଆସିଲି । ଗରିବ ଛାତ୍ରମାନଙ୍କୁ ଜାଣି ବିଦ୍ୟାଳୟ ତରଫରୁ ସମସ୍ତଙ୍କୁ ନାନା ଭାବରେ ସାହାଯ୍ୟ କରା ଯାଉଥିଲା । ମୋର ଭଗ୍ନ ପରିବାରକୁ ମଧ୍ୟ କେତେକ ସୁବିଧା ଦିଆ ଯାଇଥିଲା । ବିରି କିଣାଇ ଆମ ଘରେ ବଡ଼ି ତିଆରି କରାଇ ବୋର୍ଡିଂକୁ ଅଣାଯାଏ, ସେଥିରେ ଟଙ୍କାରେ ଛଅଣା ଲାଭ ହୁଏ, ମୋର ଜମି ଉପରେ ଏବଂ ଅଗଣାରେ ଗୁଡ଼ିଏ ଅମୃତ ଭଣ୍ଡା ଗଛ ଥାଏ—ବହୁତ ଫଳ ହୁଏ । ସେ ସବୁ ବୋର୍ଡିଂରେ ଉପଯୁକ୍ତ ମୂଲ୍ୟରେ କିଣା ହୁଏ । ଆନନ୍ଦ ଉତ୍ସବ ପର୍ବ ପାଳନ ଇତ୍ୟାଦି ଏବଂ ଗୁରୁଜନମାନଙ୍କର ନାନା ଭାବରେ ସଦୁପଦେଶ ପ୍ରାପ୍ତି ହେତୁରୁ ଛାତ୍ର-ସାଧାରଣ ବୋର୍ଡିଂର ଶୃଙ୍ଖଳିତ ଜୀବନକୁ ଘର ସୁଖଠାରୁ ଅଧିକ ମନେ କରୁଥିଲେ । କାରଣ ଦୀର୍ଘ ଛୁଟି ଦିବସ ମାନଙ୍କରେ ଅନେକ ପିଲା ବୋର୍ଡିଂରେ ରହନ୍ତି, ଘରକୁ

GPNanda Colln., Digitized by srujanika@gmail.com

ଥାଆନ୍ତି ନାହିଁ । କେତେକ ପାଠକ ରହନ୍ତି ସେମାନଙ୍କ ପ୍ରତି ନିୟମ କିଛି କୋହଳ କରି ଦିଆଯାଏ ।

ଦୀର୍ଘ ଛୁଟି ଗୁଡ଼ିକରେ ଛାତ୍ରମାନଙ୍କର କାମ –

ଇଷ୍ଟର ସପ୍ତାହର ଛୁଟି ଦିବସ ମାନଙ୍କର ଆଲୋଚନା ଅପ୍ରାସଙ୍ଗିକ ନୁହେଁ । କାରଣ ଦୀର୍ଘ ଗ୍ରୀଷ୍ମାବକାଶ, ପୂଜାଛୁଟି ଏବଂ ବଡ଼ଦିନ ଛୁଟିରେ କଲେଜର ବୋର୍ଡିଂରେ ରହୁଥିବାରୁ ମୁଁ ନିଜେ ତାହାର ସରସତା ନେଇଅଛି । ଛାତ୍ରମାନଙ୍କ ମଧ୍ୟରେ ରୁଚି ଅନୁସାରେ ଦଳ ଗଢ଼ା ଯାଇଥାଏ, ଯେଉଁ ମାନଙ୍କରେ ଏବଂ ଯାହାସବୁ ଆସନ୍ତି ସେହି ଦଳର କଥା ଜାଣିଥାନ୍ତି; ଛୁଟି ଭିତରେ ପଢ଼ନ୍ତି ବାଳକମାନେ ରହନ୍ତି । ସେମାନଙ୍କ ସଂଖ୍ୟା କମ୍ ନୁହେଁ । ଦିନଯାକ ପଢ଼ାପଢ଼ି କରି ରାତିରେ ସମସ୍ତେ ଦଳ ଦଳ ହୋଇ ନାନା ପ୍ରକାର ଆଲୋଚନା କରନ୍ତି । ମୋ ପାଖେ ବହୁତ ଛାତ୍ର ଆସନ୍ତି । କାରଣ ମୁଁ ବଡ଼ ବଡ଼ ଲୋକଙ୍କର ଜୀବନ ଚରିତ ଲାଇବ୍ରେରୀରୁ ବହି ଆଣି ପଢ଼ିଥିଲି—ମନେ ରଖିଥିଲି—ବାରମ୍ବାର ପଢ଼ି ଓ କହି ସୁନ୍ଦର ଭାବରେ ମନେ ରଖିଥିଲି । ସନ୍ଧ୍ୟାରୁ ଖାଇବା ପରେ ମୋ ପାଖକୁ ପିଲାମାନେ ଜୀବନ-ଚରିତ ଶୁଣିବାକୁ ଆସୁଥିଲେ । ବୋର୍ଡିଂରେ ଥିବା ସବୁ ଶିକ୍ଷକ ଏହା ଜାଣିଥିଲେ । ଗୋଦାବରୀଶ ବାବୁ ମୋତେ ବହୁତ ବହି ପଢ଼ିବା ପାଇଁ ଉତ୍ସାହ ଦେଉଥିଲେ । ସେ ପିଲାଙ୍କ ପରି ଛୁଟି ମଧ୍ୟରେ ଆମ୍ଭମାନଙ୍କ ସଙ୍ଗେ ଖେଳନ୍ତି—ମୁହଁରେ କଳା ଓଆସିଲ ରଖି ଅନ୍ଧାରରେ ଭୂତ ହୋଇ ଡରାନ୍ତି । ବେଳେ ବେଳେ ରାତିରେ ଆସି ବାହାରକୁ ଡାକିନେଇ ଭଲ ଭଲ ଗଳ୍ପ କହି ଉପଦେଶ ଦିଅନ୍ତି ଏବଂ କେଉଁ ବେଳେ ତାଙ୍କ ସଙ୍ଗେ ଆମ୍ଭମାନେ ନଈବନ୍ତି ଦେଖିବାକୁ ଯାଉ । ଥରେ ମୋତେ ଡକାଇ 'ଭୂତକାଟି' ଶୀର୍ଷକ ଖଣ୍ଡିଏ ବଙ୍ଗଳା ବହି ଏବଂ

GPNanda Colln., Digitized by srujanika@gmail.com

'Hunting Houses' ବୋଲି ଆଉ ଖଣ୍ଡିଏ ଇଂରେଜୀ ବହି ପଢ଼ିବାକୁ ଦେଲେ । ମୁଁ ତାହା ପଢ଼ି ସାରିବା ପରେ କହିଲେ "ତୁମ ପାଖକୁ ତ ଏତେ ପିଲା ପୁଣି D. Block ..ପିଲା କଥା ଶୁଣିବାକୁ ଆସୁଛନ୍ତି; ତାଙ୍କୁ ଦିନେ ଭୂତ କଥା କହିବ ।" ପ୍ରଥମେ ପ୍ରସ୍ତାବ ହେଲା —ସବୁ ପିଲା ସନ୍ଧ୍ୟାପରେ ଏକତ୍ର ହେଲେ । ମୁଁ ଅନେକ ଗୁଡ଼ିଏ ଭୂତ କଥା କହିଲି । ଗୋଦାବରୀଶ ବାବୁ ଲୁଚିକରି ଶୁଣୁଥିଲେ । କଥା ସରିଲା ବେଳକୁ ରାତି ପ୍ରାୟ ଦଶ ହେବ । D. Block. ର ଛାତ୍ରମାନେ ଭୟରେ ଫେରି ଯିବାକୁ ଅମଙ୍ଗ ହେଲେ । ଗୋଦାବରୀଶ ବାବୁ ସେଦିନ ଦୂରରୁ ଡରାଇଦେଲେ ଏବଂ ସେହିଠାରେ ପଶୁରିଲେ—"ମୁଁ କିଏ ?" ଆମ୍ଭେମାନେ ଆଶ୍ଚର୍ଯ୍ୟ ମଣିଲୁ । ସେ ବୁଝାଇଦେଲେ ଯେ ଭୂତ ପ୍ରେତ ମନର ଭ୍ରମ, । ମୁଁ ତ ଏହିକ୍ଷଣି ଭୂତ ହୋଇଥିଲି ! ମନର ଭ୍ରାନ୍ତି ବଶରୁ ଗଛ ମଧ୍ୟ ଭୂତ ହୁଏ, ଯଦି ଭୂତ ପ୍ରେତ ଥିବେ, ତେବେ, ତୁମ୍ଭେ ମାନେ ଗୃହିଁଲେ, ସେ ଆନନ୍ଦରେ ତାଙ୍କ ମନକଥା କହିବେ । ଭୟ କଅଣ ?" ଏହାକହି ସେ ନିଜେ ପିଲାଙ୍କୁ ନେଇ D. Block. ରେ ଛାଡ଼ି ଦେଲେ ଏବଂ ଏକାକୀ ଫେରିଗଲେ । ଏହାପରେ ଆନନ୍ଦରେ ଉତ୍ସାହରେ ଆମ୍ଭମାନଙ୍କର ଦୀର୍ଘ ଛୁଟିଗୁଡ଼ିକ ଅତିବାହିତ ହୋଇଥାଏ ।

ସଙ୍ଗୀତ ଓ ଗ୍ରାମ୍ୟ ଦେଶର ସାହିତ୍ୟ ପରିଷଦ୍‌ଙ୍କ ସହ ବାଛୋଡ଼ା ମନ୍ତ୍ରୀପ୍ରଭୃତି

୧୯୧୬ ସାଲରେ ଗୋପବନ୍ଧୁ ବାବୁ ପାରଳା ଖେମୁଣ୍ଡିରୁ ଫେରିଲା ବେଳକୁ ସୁଦକ୍ଷ ଓ ବହୁକ୍ଷେତ୍ର ସଙ୍ଗୀତ-ଛନ୍ଦ-ବିଜ୍ଞାନ-ପ୍ରୀତି ଅଛି ଅପର୍ଣ୍ଣା ପଣ୍ଡାଙ୍କୁ ସଙ୍ଗରେ ଆଣିଥିଲେ । ସେ କାହାର କି ଅଭିପ୍ରାୟ ଆମ୍ଭେମାନେ ଜାଣି ନଥିଲୁ । ଦୁଇ ତିନିଦିନ ପରେ ଶନିବାର Block meeting ରେ ଅପର୍ଣ୍ଣାଙ୍କୁ ଦେଖାଇ ଗୋପବନ୍ଧୁଙ୍କ ସହ୍ୟୋଗିତାରେ ନୀଳକଣ୍ଠ ବାବୁ 'ସଙ୍ଗୀତ' ବିଷୟରେ ଗୋଟିଏ ଧାରଣା ଦେଲେ ।

GPNanda Colln., Digitized by srujanika@gmail.com

ଦେଲେ ଏବଂ ଛନ୍ଦ ଓଡ଼ିଶାର ଅନନ୍ୟ ସାଧାରଣ ବିଶେଷତ୍ୱ ଏହା ବୁଝାଇ ଥିଲେ । ପରେ ଗୋପବନ୍ଧୁ ବାବୁ ସଙ୍ଗୀତ ଶିକ୍ଷା ଦେବା ପାଇଁ ପାରଳାଖେମୁଣ୍ଡି ମହାରାଜାଙ୍କଠାରୁ ଅପଣାଙ୍କୁ ଉଧାର ଆଣିଛନ୍ତି ବୋଲି କହି ଯେଉଁମାନଙ୍କର ଛନ୍ଦ-ସଙ୍ଗୀତ ଶିଖିବାକୁ ଇଚ୍ଛା ହେବ, ସେମାନେ ଶିଖିବେ ବୋଲି ଜଣାଇ ଦେଲେ । ତାହାପରେ ନୀଳକଣ୍ଠ ବାବୁ ଛନ୍ଦ ବିଷୟକ ଯେଉଁ ଯେଉଁ ସୌନ୍ଦର୍ଯ୍ୟ ଓ ଉପଯୋଗିତା ବୁଝାଇଥିଲେ ତହିଁର ଉଦାହରଣ ରୂପେ ଛନ୍ଦ ମାନଙ୍କର ଗାନ ଭଙ୍ଗୀ ଶୁଣାଇ ଦେବାକୁ ଅପଣାଙ୍କୁ ଅନୁରୋଧ କଲେ । ଓଗଣ୍ଡା ଅନ୍ଧ, ମାତ୍ର ସେ ବସିଥିବା ଅବସ୍ଥାରେ କବିତାର ନବ ରସ ବୁଝାଇ ଯାଇବା ପରେ କରୁଣ ରସରେ ବେହେଲା ସାହାଯ୍ୟରେ "ଅହା ଧନୁର୍ଦ୍ଧର ବୀରବର" କବିତାଟି ବିଶେଷ ସୁମଧୁରରେ ଏପରି ଗାନ କରିଥିଲେ ଯେ ଶ୍ରୋତୃମାନେ ଅଶ୍ରୁ ମୋଚନ ନକରି ରହି ପାରିଲେ ନାହିଁ । ଭାବପ୍ରବଣ ଗୋପବନ୍ଧୁ ବେଶି ଶୁଣି ନପାରି ନାନା ରସ ଯୁକ୍ତ "ବନାନ୍ତଗାଧା ଶ୍ରବଣ ସୁର୍ପଣଖା ପ୍ରବେଶ ଲଙ୍କାର" ଏହି ଗୀତଟି ବୋଲିବାକୁ କହିଲେ । ସେ ଜଳତରଙ୍ଗ ଯନ୍ତ୍ରକୁ ଗୋଡ ଆଙ୍ଗୁଠିରେ ଏବଂ ବେହେଲା ହାତରେ ରଖି ସେହି ଛନ୍ଦର ଭଙ୍ଗୀ ବଦଳାଇ ବଦଳାଇ ଗୀତଟିର ରସାଭିବ୍ୟକ୍ତି କରି ତାହା ଗାନ କରି ପାରିଥିଲେ । ତହିଁ ଆରଦିନୁ ସଙ୍ଗୀତ ଶ୍ରେଣୀ ଖୋଲିଲା । ପ୍ରଥମେ ବିଦ୍ୟାଳୟ ଗୃହରେ ବିଦ୍ୟାଳୟ ସମୟରେ, ଯେତେବେଳେ ସେ ଯନ୍ତ୍ର ସାହାଯ୍ୟରେ ଗୀତ ଆରମ୍ଭ କରିଦେଲେ, କୌଣସି ଶ୍ରେଣୀରେ ଛାତ୍ରମାନେ ସମ୍ଭାଳି ହୋଇ ରହି ପାରିଲେ ନାହିଁ । ହେଡ଼ ମାଷ୍ଟରଙ୍କ ଉପସ୍ଥିତିରେ ସ୍କୁଲରେ ପିଲା ନଥିବା ପରି ଜଣାଯାଏ । ଘଟନା ଏତେ ସାମାନ୍ୟ ପାଟିତୁଣ୍ଡ ଶୁଣିଲେ, ଅଫିସ୍ ଦୁଆର ମୁହଁରେ ଠିଆହୋଇ 'silence' ବୋଲି ହେଡ଼ ମାଷ୍ଟର କହିବା ମାତ୍ରେ ସ୍କୁଲ ନିର୍ବାକ୍ ହୁଏ । ସେଦିନ ସଙ୍ଗୀତର ଝଙ୍କାର ଏବଂ

GPNanda Colln., Digitized by srujanika@gmail.com

ଅପର୍ଣ୍ଣାଙ୍କର ସ୍ୱର—ଆକର୍ଷଣରେ ନୀଳକଣ୍ଠ ବାବୁଙ୍କର ଉପସ୍ଥିତ ଦା Silenceର ମୂଲ୍ୟ ରହିଲା ନାହିଁ । ଧୂଳି-ଛୁଟି-ଘଣ୍ଟା ବଜାଇ ଦିଆଗଲା । ଗୋପବନ୍ଧୁ ଆସି କହିଦେଲେ ଯେ ଅପର୍ଣ୍ଣା, ଯନ୍ତ୍ର ବାଦ୍ୟ ନ ଶିଖାଇ କେବଳ ଭାବର ଓ ରସର ପୂର୍ଣ୍ଣତା ସାଧନା ପାଇଁ ବୋଲିବାର ଭଙ୍ଗୀ ଏବଂ ଛନ୍ଦ ମାନଙ୍କର ନିୟମ ଶିକ୍ଷା ଦେବେ ! ତହିଁ ଆର ଦିନୁ ଅନ୍ୟନ୍ତ ସେ କ୍ଲାସ ଖୋଲିଲା । ମୁଁ ତାହାର ଜଣେ ଛାତ୍ର ଥିଲି । ସେ ତିନିମାସ ପାଇଁ ଆସିଥିଲେ । ଆମ୍ଭମାନଙ୍କୁ କେତେକ ସଙ୍ଗୀତ ଏବଂ ସମସ୍ତ ଛନ୍ଦ ସେ ଶିଖାଇ ଦେଇଥିଲେ । ବର୍ତ୍ତମାନ ଗାୟକମାନେ ବିକୃତ ଭାବରେ ଉତ୍କଳ ଛନ୍ଦ ସାହିତ୍ୟର ଗାନ-ବନ୍ଧନ ଗଢୁଥିବାର ଦେଖି କଷ୍ଟ ଲାଗୁଅଛି । ମାତ୍ର ବର୍ତ୍ତମାନର ପ୍ରଣାଳୀ ଯେ ଶ୍ରୁତି ସୁଖକର ଅଥବା ରସାନୁସାରଣୀ ନୁହେ ତାହା କେହି ବୁଝନ୍ତି ନାହାନ୍ତି । ଅପର୍ଣ୍ଣାଙ୍କର ଗାଇବା ଗୀତ ରସାଭିବ୍ୟଞ୍ଜକ ଥିଲା ।

ଅତି ଉପାଦେୟ ଅନୁଷ୍ଠାନ ବ୍ଲକ୍‌ମିଟିଂ—

ବ୍ଲକ ମିଟିଂ ଆମ୍ଭମାନଙ୍କର ଅତି ଉପାଦେୟ ଅନୁଷ୍ଠାନ ଥିଲା । ପ୍ରଥମେ ଗୋଟିଏ ଗୋଟିଏ କ୍ଲେଇର ପିଲାମାନେ ଏକତ୍ର ହୋଇ ଶିକ୍ଷକ ମାନଙ୍କଠାରୁ ନୀତିଗର୍ଭକ ବକ୍ତୃତାମାନ ଶୁଣିଥିଲେ । ବିଶାଳ ଡାଇନିଂ ହଲଟିରେ ତିନିଶତ ବାଳକ ଖାଇବା ପାଇ ବସନ୍ତି ମାତ୍ର ସହସ୍ରାଧିକ ଛାତ୍ର ସାରି ଭିତି ଉପରେ ବସି ବକ୍ତୃତା ଶୁଣିବା ପାଇଁ ସେ ହଲ୍‌ରେ ଜାଗା ହୋଇପାରେ । ପରେ ବ୍ଲକ୍ ମିଟିଂ ନାମ ଥିଲେ ମଧ୍ୟ ସମସ୍ତ ଛାତ୍ରାବାସର ବାଳକମାନେ ଏକତ୍ର ହୋଇ ପ୍ରତି ଶନିବାର ରାତ୍ରିରେ ବକ୍ତୃତା ଶୁଣନ୍ତି । ଯେଉଁ ଦିନ ପ୍ରଥମେ ସେ ସଭା ସବୁ ଛାତ୍ରଙ୍କୁ ନେଇ ବସିଥିଲା, ସେଦିନ ଗୋପବନ୍ଧୁ ବାବୁ 'Saturday night must

'the delight' ଏହି ପିଲାଙ୍କ କଥାକୁ ବିଷୟ କରି ବକ୍ତୃତା କରିଥିଲେ। ତାଙ୍କ ବକ୍ତୃତା ଅତି ସରସ ସୁନ୍ଦର ଓ ହାସ୍ୟରସ ପୂର୍ଣ୍ଣ ହୋଇଥିଲା । ତାହାର ସାର କଥା ଏହି ଯେ ଆନନ୍ଦର ଅର୍ଥ ଅଳସ୍ୟ ନୁହେଁ—ନିରର୍ଥକ କ୍ରୀଡ଼ାରେ ଆନନ୍ଦ ନାହିଁ । ଆନନ୍ଦ କର୍ମ ପ୍ରବାହରେ ଅଛି । ଗୋଟିଏ କର୍ମ ସାଧନ କରୁ କରୁ ବିରକ୍ତ ଆସିଲେ ଅନ୍ୟ କର୍ମରେ ଲାଗିଗଲେ ବିରକ୍ତି ଆଉ ରହେ ନାହିଁ । ଆତ୍ମବିସ୍ମୃତିରେ ଆନନ୍ଦ ଅଛି। ତୁମ୍ଭେମାନେ ତୁମ ବିଦ୍ୟାଳୟରେ ସାହିତ୍ୟ ଗୋଟିଏ କଠିନ ନିୟମ କରିଛି । କ୍ଳାସ ପଢ଼ା ସେଠାରେ କଷ୍ଟକର ନୁହେଁ, କାରଣ ସେସବୁ ପାଳି କରି କରୁଛ, ରୋଗୀ ସାଙ୍ଗ ଶ୍ରେଣୀରୁ ଅନୁପସ୍ଥିତ ରହିବା ଅଧିକ କଷ୍ଟକର । ତେଣୁ ପ୍ରତି ଶନିବାର ରାତିରେ ତୁମ୍ଭେମାନେ ଏ କ୍ଳବ୍‌ମିଟିଂ କରିବ ଏବଂ ଏହାର ଶୁଭ ମୁଁ ଆଜ ଦେଉଛି । ତୁମ୍ଭେମାନେ ଦେଶପ୍ରାଣ ହେବ, ଅନ୍ୟମାନଙ୍କର ଉପକାର କରି ଆନନ୍ଦ ଲାଭ କରିବ । ବନସ୍ଥ ଏବଂ ଉପବନର ତରୁଲତା ଗୁଡ଼ିକ ଫୁଲ-ବାସରେ ଦଶଦିଗ ଆମୋଦିତ କରୁଛନ୍ତି—ତାହା ନିଜପାଇଁ ନୁହେଁ—ବିଶ୍ୱର ସମସ୍ତଙ୍କ ପାଇଁ—ସେଥିଲାଗି ପୁଷ୍ପର ଆଦର । ତୁମ୍ଭେ ବାଳକମାନେ ତୁମ ଜୀବନରେ ଏ ବିଦ୍ୟାଳୟରେ ପାଠ ପଢ଼ୁଛ—ସବୁ ସ୍କୁଲରେ ବି ଛାତ୍ରେ ପଢ଼ୁଛନ୍ତି, କିନ୍ତୁ ତୁମ୍ଭେମାନେ ଆମ୍ଭମାନଙ୍କ ଆଦେଶ ବା ନିର୍ଦ୍ଦେଶ ଅନୁସାରେ ବିଦ୍ୟାଳୟ ଘର ଗଢ଼ିବାରେ, ନିଜର ଓ ଅନ୍ୟର ଜୀବନକୁ ନିୟନ୍ତ୍ରିତ କରିବାରେ, ରୋଗୀସେବା କରିବାରେ ଏବଂ କଲେରା ଦେଖିଲେ, ଦୁର୍ଭିକ୍ଷ ଦେଖିଲେ, ଘରପୋଡ଼ି ଦେଖିଲେ ଲୋକଙ୍କ ସାହାଯ୍ୟ କରିବାରେ ଯେପରି ଲାଗି ଯାଉଛ, ଏହା ମୁଁ ଦେଖୁଛି, ମୋର ଚିତ୍ତ କୃତଜ୍ଞ ତମକୁ ଯୋଡ଼ି ଯାଉଛି । ତୁମ୍ଭମାନଙ୍କର ସେହି ସବୁ ସଦ୍‌ଗୁଣ ଶିଖାଇବା ଲାଗି ସ୍କୁଲରେ ପାଠ ନାହିଁ । ତୁମ୍ଭମାନଙ୍କର ଏହି କଳ୍ପିତ ଅନୁଷ୍ଠାନରୁ ତୁମ୍ଭେମାନେ ମାନବିକତା ଶିଖିବ । ଆଜ ରାତି ପରି

GPNanda Colln., Digitized by srujanika@gmail.com

ପ୍ରତି ଶନିବାର ରାତିରେ ଏ ସଭା ହେଉ, ଏବଂ ତତ୍ପର ଶିକ୍ଷକମାନେ ଏବଂ ଅନ୍ୟାନ୍ୟ ସ୍ଥାନର ନିମନ୍ତ୍ରିତ ବ୍ୟକ୍ତିମାନେ ଛାତ୍ରମାନଙ୍କୁ ବହୁ କଥା ଶୁଣାଇବେ ।

ଏହି ସମ୍ମିଳନୀରେ ଦେଢ଼ଘଣ୍ଟା ପର୍ଯ୍ୟନ୍ତ ସେ ବୁଝାଉଥିଲେ । ଏହି ଭିତରେ ବର୍ତ୍ତମାନର ଲୋକ ପ୍ରକୃତିକୁ ସମାଲୋଚନା କଲାବେଳେ ସଭାର ସମସ୍ତେ ହସି ଉଠୁଥାନ୍ତି, ଗମ୍ଭୀର ଭାବରେ କହିଲା ବେଳେ ସମସ୍ତେ ଅବାକ୍ ହୋଇ ଶୁଣନ୍ତି । ତାଙ୍କର ଦୀର୍ଘ ବକ୍ତୃତା ଏବଂ ତାହାର ଭଙ୍ଗୀରେ ଆକୃଷ୍ଟ ହୋଇ, ଆମ୍ଭେମାନେ ପ୍ରତି ଶନିବାର ସନ୍ଧ୍ୟାକୁ ସାଗ୍ରହ ଅପେକ୍ଷା କରି ବସିଥାଉଁ ।

କ୍ଲାସ ପଢ଼ାଠାରୁ ଏହା ବେଶି ସୁଖକର ଏବଂ ଶିକ୍ଷାପ୍ରଦ ଥିବାରୁ ରୋଗରେ ଶଯ୍ୟାଗତ ଥିବା ଛାତ୍ରମାନଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଘଣ୍ଟା ବାଜିବା ମାତ୍ରେ ଏକତ୍ର ହୁଅନ୍ତି । ବକ୍ତାଙ୍କ ପାଖରେ ବସିବା ଲାଗି ସ୍ଥାନ ପାଇଁ ଗଣ୍ଡଗୋଳ କରନ୍ତି, ଏପରିକି ରୋଗଶଯ୍ୟାଗତ ବାଳକମାନେ ମଧ୍ୟ, ପାରିଲେ, ଆସି ଯୋଗ ଦିଅନ୍ତି । ପ୍ରତି ଶନିବାର ରାତିରେ ଜଣେ ମାତ୍ର ବକ୍ତା ଦୀର୍ଘକାଳ ବକ୍ତୃତା ଦିଅନ୍ତି । ବେଳେ ବେଳେ ପୁରୀ, କଟକ, ବାଲେଶ୍ୱର, ଗଞ୍ଜାମ ଆଦିରୁ ଶିକ୍ଷିତ ବ୍ୟକ୍ତିମାନେ ଆସି ବକ୍ତୃତା କରିଥାନ୍ତି । ନୈତିକ ବିଷୟମାନଙ୍କରେ ବକ୍ତୃତା କରାଯାଏ । 'ପାଶ୍ଚାତ୍ୟ ଶିକ୍ଷା ଓ ଭାରତୀୟ ଜୀବନରେ ତାହାର ପ୍ରୟୋଜନୀୟତା' —ଏହି ବିଷୟରେ ଗୋପବନ୍ଧୁ ବାବୁ ଗୋଟିଏ ବକ୍ତୃତା କରିଥିଲେ । ସେଥିରେ ସେ ବର୍ଣ୍ଣାଶ୍ରମ ଧର୍ମର ସ୍ଥିତିଗତି ଓ ବିକାଶ ଏପରି ବୁଝାଇ ଦେଇଥିଲେ ଯେ ଆମ୍ଭେମାନେ ବର୍ତ୍ତମାନ ଶିକ୍ଷାରେ କିଛି ମାତ୍ର ନାହିଁ ବୋଲି ବୁଝି, ତାଙ୍କୁ ବାରମ୍ବାର ସେହି ବକ୍ତୃତା ମଧ୍ୟରେ ଅନୁରୋଧ କରିଥିଲୁ ଯେ ଆମ୍ଭମାନଙ୍କ ପାଇଁ ସେ ସବୁ ପୁସ୍ତକମାନ ପଢ଼ିବାର

GPNanda Colln., Digitized by srujanika@gmail.com

ଆମ୍ଭମାନଙ୍କ ସତ୍ୟବାଦୀରେ କଣ୍ଠପାଠ । ସେ ହାସ୍ୟ ପ୍ରକାଶ ମୁଖରେ ବୁଝାଇ ଦେଲେ ଯେ ଯୁଗର ପ୍ରଭାବ ଅଲଂଘନୀୟ । ଭାରତର ପରଂପରା ଧର୍ମରେ ଓ ଆଶ୍ରମରେ ଫେରାଇ ପାରିଲେ ତୁମ୍ଭମାନଙ୍କର ଜୀବନ ସାର୍ଥକ ହେବ, ତୁମ୍ଭେମାନେ ଭାରତର ସନ୍ତାନ ହେବ । ଆମ୍ଭମାନଙ୍କର ଜାତୀୟ ଶିକ୍ଷା ବଳରେ ଭୀଷ୍ମ ନିଜର ଭୀଷ୍ମ ପ୍ରତିଜ୍ଞା ପାଳନ କରିଥିଲେ । ରାମ ବନଗମନ କରିଥିଲେ । ସାବିତ୍ରୀ ମୃତ ପତିଙ୍କୁ ଫେରାଇ ଆଣିଥିଲେ, ଦଧୀଚି ନିଜର ଶରୀର ପାତ କରି ଦେଇ ବଜ୍ର ତିଆର ହେବା ପାଇଁ ଅସ୍ଥିଦାନ କରିଥିଲେ । ବର୍ଣ୍ଣାଶ୍ରମ ଧର୍ମାନୁସାରେ ଜୀବନର ଏକ ତୃତୀୟାଂଶ, ବାନପ୍ରସ୍ଥ ଓ ଯତି ବ୍ରତରେ କଟାଇ ଗ୍ରାମେ ଗ୍ରାମେ ଜନସେବା ଏବଂ ତ୍ୟାଗର ମହୀୟାନ ଆଦର୍ଶ ପ୍ରଚାର କରୁଥିଲେ । ତୁମ୍ଭେ ସେହିସବୁ ପାଇଁ ପ୍ରସ୍ତୁତ ହେଉଛ— ତେବେ ତୁମ୍ଭେ ଭାରତୀୟ ପରଂପରା ରକ୍ଷାକରି ଚାଲିଛ ତ । ମାତ୍ର ଯେଉଁ ସାହିତ୍ୟ, ବିଜ୍ଞାନ, ଇତିହାସ, ଭୂଗୋଳ ଗଣିତ ପଢୁଛ, ସେ ସବୁର ଉପଯୋଗିତା ଅଛି । ତାହା ଆଗାମୀ ଶନିବାରଦିନ ତୁମ୍ଭ ହେଡ୍ ମାଷ୍ଟ୍ର ବୁଝାଇ ଦେବେ ।

କୌଣସି ଶନିବାର ଦିନ ବୁକ୍ ମିଟିଂ କେବେ ବନ୍ଦ ହେବା ମୋର ମନେ ନାହିଁ । ତେବେ ଥରେ ଥରେ ନୈତିକ ବିଷୟମାନଙ୍କର ଆଲୋଚନା ନ ହୋଇ, ଶୋକସଭା କରିବାକୁ ପଡେ । ଯେତେ ଶୋକ-ସଭା ହେଉଥିଲା, ସେଥିରେ ଭାବମୟ ଗୋପବନ୍ଧୁ ବକ୍ତୃତା କରନ୍ତି । ତାହା ବାସ୍ତବିକ୍ ଶୋକସଭା ହୁଏ । ପ୍ରସ୍ତାବ ସମର୍ଥନ କ୍ରମେ ସଭାପତି ନିର୍ବାଚନ ବା ସଭାପତିଙ୍କ ଆଦେଶ ଇଙ୍ଗିତରେ ସଭାର ଗତି ନିୟନ୍ତ୍ରିତ ହୁଏନାହିଁ । ଆମ୍ଭେମାନେ ନୀରବରେ ସଭାଗୃହରେ ପ୍ରବେଶ କରୁଁ । ଶିକ୍ଷକମାନେ ନୀରବରେ ଆସି ସଭାରେ ବସିଥାନ୍ତି । ଗୋପବନ୍ଧୁଙ୍କ

GPNanda Colln., Digitized by srujanika@gmail.com

ମୁଖ ବିଷାଦ-କାଳିମା ଯୁକ୍ତ ହୋଇଥାଏ । ସେ ଉଠି ଛିଡାହୋ ବକ୍ତୃତା କରୁ କରୁ କାନ୍ଦପକାନ୍ତି । ପ୍ରଥମରୁ ତାଙ୍କର ଠିକଏ ପାଠିଲଟେ; ଦୁଇ ତିନିଟି ବାକ୍ୟ କହିଲା ପରେ ସେ ପ୍ରଚଣ୍ଡ ଶୋକ-ବିହ୍ୱଳ ହୋଇ ଅନର୍ଗଳ ଭାବରେ ପିତା ମାତା ବାହୁନି କାନ୍ଦିଲା ପରି ବକ୍ତୃତା ଦେଇ ସମସ୍ତଙ୍କ ପ୍ରାଣରୁ ଅଶ୍ରୁ ତର୍ପଣ କରାଇ ସାରି, ଶେଷରେ କିଛି ସମୟ ନୀରବ ପ୍ରାର୍ଥନା କରନ୍ତି । ସଭା ଭାଙ୍ଗିଲା ବେଳେ ସମସ୍ତେ କାନ୍ଦରେ ଫେରନ୍ତି । ଥରେ ମହାତ୍ମା ଗୋଖଲେଙ୍କର ଶୋକସଭା ସେହି ବ୍ଲକ୍-ମିଟିଂ ଦିନ ପଡିଥିଲା । ସେଥିରେ ଗୋପବନ୍ଧୁଙ୍କ ବକ୍ତୃତା ଅତି ମର୍ମ୍ମଭେଦୀ ଥିଲା । ଭାରତର ଅଧୋଗତି, ପରାଧୀନତାର ବିରୁଦ୍ଧରେ ନାନା ଭାବରେ ଲଢୁଥିବା ବୀରମାନଙ୍କର କାହାଣୀ ବର୍ଣ୍ଣନ ଏବଂ ଗୋଖଲେଙ୍କର ଶିକ୍ଷା, କାର୍ଯ୍ୟ ଓ ବିଶ୍ୱବିଦ୍ୟାଳୟ, ସଂଗଠନ ଓ ଦେଶପ୍ରାଣତାର ଆଲୋଚନା-ଦ୍ୱାରା ସେ ଦେଶସେବା ବ୍ରତର ପ୍ରେରଣା ଆମ୍ଭମାନଙ୍କ ହୃଦୟରେ ଜାଗ୍ରତ କରାଇ ଦେଇଥିଲେ । ସର୍ବଶେଷରେ ତାଙ୍କର ଅକାଳ ବିୟୋଗ ବର୍ଣ୍ଣନ କରୁ କରୁ ଏପରି କରୁଣଭାବର ସୃଷ୍ଟି କରିଦେଲେ ଯେ ଆମ୍ଭେମାନେ ସମସ୍ତେ କାନ୍ଦପକାଇ ଥିଲୁଁ ।

ବ୍ଲକ୍ ମିଟିଂରେ ହେଡମାଷ୍ଟ୍ର ନୀଳକଣ୍ଠ—

ହେଡ଼ ମାଷ୍ଟର ମହାଶୟ ଅଧିକାଂଶ ସଭାରେ ବକ୍ତୃତା କରନ୍ତି । ନୀଳକଣ୍ଠଙ୍କର ସାହିତ୍ୟ କ୍ଷେତ୍ରରେ ଏବଂ ଭାବ ରାଜ୍ୟରେ ସାଧାରଣତଃ ବିପ୍ଲବ ଦେଖା ଯାଏ । ଯୁକ୍ତି ତର୍କ ପୂର୍ଣ୍ଣ ଏବଂ ଉଚ୍ଚ ଭାବମୟ ତାଙ୍କର ଅନ୍ୟ କ୍ଷେତ୍ରର ବର୍ଣ୍ଣନା ସ୍ପୃହଣୀୟ ହେଲେହେଁ, ତାହା କାର୍ଯ୍ୟକାରୀ ହୋଇ ପାରିବା ସହଜ ନୁହେ । ମାତ୍ର ଆମ ବ୍ଲକ୍ ମିଟିଂର ବକ୍ତୃତା ଗୁଡ଼ିକରେ ତାଙ୍କର ଭାଷା ସରଳ, ପ୍ରାଞ୍ଜଳ ଏବଂ ସବୁ ଛାତ୍ରଙ୍କ ପକ୍ଷରେ ବୋଧଗମ୍ୟ ଥିଲା । ଭାବ କ୍ଲିଷ୍ଟ ନହୋଇ ପ୍ରାଞ୍ଜଳ ହେଉଥିବାରୁ ସମସ୍ତେ ନିସ୍ତବ୍ଧ ଭାବରେ ତାହା ଶୁଣି ହୃଦୟଙ୍ଗମ କରି ପାରୁଥିଲେ । ତାଙ୍କର

GPNanda Colln., Digitized by srujanika@gmail.com

କେତେକ ବକ୍ତୃତା ଖୁବ୍ ଚମତ୍କାର ଥିବାରୁ, ଛାତ୍ରମାନଙ୍କ ମଧ୍ୟରୁ କେତେକ ବକ୍ତୃତା ପରେ । ସଙ୍ଗେ ସଙ୍ଗେ ତାଙ୍କ ପାଖକୁ ଯାଇ ସେ ବକ୍ତୃତାକୁ ଲେଖିଦେବାକୁ ଅନୁରୋଧ କରୁଥିଲେ । ସେ ତାକୁ ଯାଆନ୍ତି, ସେହି ଲେଖାରୁ କେତେକ ବକ୍ତୃତା 'ସତ୍ୟବାଦୀ' ପତ୍ରିକାରେ ପ୍ରକାଶ ପାଇଅଛି ।

ବ୍ଲକ୍ ମିଟିଂରେ ଅନ୍ୟ ଶିକ୍ଷକମାନେ—

ଶ୍ରୀଯୁକ୍ତ କୃପାସିନ୍ଧୁ ମିଶ୍ର ଦୁଇଟି ବକ୍ତୃତା ଦେଇଥିଲେ—ଗୋଟିଏ 'ଛୁଟ-ପଥର'; ତାହାର ମର୍ମ 'ସହିଷ୍ଣୁତା' । ସେ ବିଷୟରେ ସେ ଅସ୍ମ-ମାନଙ୍କ ବହୁତ ଉଦାହରଣ ଦେଇଥିଲେ । ଗୋଦାବରୀଶ ବାବୁଙ୍କ ବକ୍ତୃତା ଗୁଡ଼ିକ ଅତି ଆନନ୍ଦଦାୟକ ହୋଇଥାଏ; ଏବଂ ସେ ନିୟମାନୁ-ବର୍ତ୍ତିତା, ସମୟାନୁବର୍ତ୍ତିତା ପ୍ରଭୃତି ବିଷୟକ ବକ୍ତୃତାରେ ପାଶ୍ଚାତ୍ୟ ବହୁ ମନୀଷିଙ୍କର ଉଦାହରଣ ଦେଉଥିବାରୁ, ସେହି ସବୁ ବ୍ୟକ୍ତିଙ୍କର ଜୀବନ-ଚରିତ ପଢ଼ିବା ଲାଗି ଛାତ୍ରମାନଙ୍କର ଆଗ୍ରହ ଜନ୍ମିଥାଏ; ପିଲାମାନେ ଯେଉଁ ପୁସ୍ତକ ପଢ଼ିବାକୁ ଇଚ୍ଛା କରନ୍ତି ହେଡମାଷ୍ଟର ମହାଶୟ ତୁରନ୍ତ ତାହା ମଗାଇ ଦିଅନ୍ତି ଏହା ଆଗରୁ କୁହାଯାଇ ଅଛି ।

ଶ୍ରୀଯୁକ୍ତ ବାସୁଦେବ ମହାପାତ୍ର ବି, ଏ, ବି ଏଲ୍, ଏ ଶିକ୍ଷକମାନଙ୍କ ପରି ଗୁଣବାନ୍, ଚିନ୍ତାଶୀଳ, ଓ ଭାବମୟ । ସେ ଅନେକ ବାର ବକ୍ତୃତା ଦେଇଥିଲେ । ତାଙ୍କର ଉଚ୍ଚ ଚିନ୍ତା ପ୍ରଣାଳୀ ଏବଂ ଭାବ-ପ୍ରବଣତା ସଭାସ୍ଥଳକୁ ନୀରବ ନିସ୍ତବ୍ଧ କରି ଦେଉଥିଲା ।

ପ୍ରଥମ ସଭାରେ ଯେପରି ପ୍ରସ୍ତାବ ହୋଇଥିଲା, ସେହି ଅନୁସାରେ ଭିନ୍ନ ଭିନ୍ନ ସହରରୁ ଆସୁଥିବା ବ୍ୟକ୍ତିମାନେ ବକ୍ତୃତା କରୁଥିଲେ । ସମସ୍ତେ ଯେପରିକି ସତ୍ୟବାଦୀ ବିଦ୍ୟାଳୟର ଢଙ୍ଗ ଜାଣୁଥିଲେ, କାରଣ କାହାରି ବକ୍ତୃତା କେବେ ନୀରସ ହୋଇ ନଥିଲା । ଏ ସମ୍ପର୍କରେ

GPNanda Colln., Digitized by srujanika@gmail.com

ବିଶେଷତ ଉଲ୍ଲେଖ ଯୋଗ୍ୟ ବିଷୟ ଏହି ଯେ ପ୍ରତିବକ୍ତା ଆମ୍ଭମାନଙ୍କୁ ଅତି ପରିଚିତ ପରିବୋଧ ହେଉଥିଲା । ଆମ୍ଭମାନଙ୍କ ବିଦ୍ୟାଳୟ ପ୍ରତି ସମସ୍ତଙ୍କର ସମାନ ସ୍ପୃହା ଥିଲା ଏବଂ ଦେଶର ସମସ୍ତ କୃତୀ ସନ୍ତାନ ଆମ୍ଭମାନଙ୍କୁ ଶିକ୍ଷକ ମାନଙ୍କ ପରି ଉପଦେଶ ଦେଉଥିଲେ । ପଣ୍ଡିତ ଶ୍ରୀ ବିଶ୍ୱନାଥ ରଥ ସେକାଳରେ ଉତ୍କଳରୁ ପ୍ରାଚୀନ ପୁସ୍ତକ ସଂଗ୍ରହ କାର୍ଯ୍ୟରେ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିଲେ । ସେ ଗୋଟିଏ ବୁକ୍ ମିଟିଂ ଦିନ ପହଞ୍ଚି ଥିବାରୁ ତାଙ୍କୁ ଉତ୍କଳର ପ୍ରାଚୀନ କବିମାନଙ୍କ ବିଷୟରେ କହିବା ପାଇଁ ଗୋପବନ୍ଧୁ ବାବୁ ଅନୁରୋଧ କରନ୍ତେ, ସେ ଅତି ମୂଲ୍ୟବାନ ଭାବପୂର୍ଣ୍ଣ ବକ୍ତୃତା କରିଥିଲେ । ତହିଁରୁ ଆମ୍ଭେମାନେ ପ୍ରାଚୀନ ସାହିତ୍ୟ ଗବେଷଣା କରିବା ଲଗି ପ୍ରେରଣା ଲାଭ କରିଥିଲୁ । କିଛିଦିନ ଶ୍ରେଣୀମାନଙ୍କରେ ଛନ୍ଦ ସାହିତ୍ୟର ଆଲୋଚନା ହୋଇଥିଲା ।

ବ୍ୟାସକବି ଫକୀରମୋହନଙ୍କ ପରିଦର୍ଶନ—

ଉତ୍କଳର ବରେଣ୍ୟ କବି ଓ ମୁଖ୍ୟ ଉପନ୍ୟାସ ଲେଖକ ବ୍ୟାସ କବି ଫକୀର ମୋହନ ଥରେ ଆମ୍ଭମାନଙ୍କ ବିଦ୍ୟାଳୟକୁ ଯାଇଥିଲେ । ସେଦିନ ଶନିବାର । ତାଙ୍କର ଠିଆ ହୋଇ କହିବାର ଶକ୍ତି ନଥିଲା— ଅତି ବୃଦ୍ଧ ଓ କ୍ଷୀଣକାୟ ହୋଇ ଯାଇଥିଲେ । ଗୋପବନ୍ଧୁ ବାବୁ ତାଙ୍କର ପରିଚୟ ଦେବା ପରେ, ସେ ଠିଆହୋଇ କହି ପାରିଲେ ନାହିଁ । ବସି ବସି ସାହିତ୍ୟ-ସାଧନା ବିଷୟରେ ବହୁତ ଉପଦେଶ ଦେଲେ ଏବଂ ଛାତ୍ରମାନଙ୍କ ମଧ୍ୟରେ ଯେଉଁମାନେ ଲେଖକ ଥିଲେ, ସେମାନଙ୍କର ପରିଚୟ ଗୋପବନ୍ଧୁ ବାବୁ ତାଙ୍କୁ ଦେଇଥିଲେ । ତହିଁ- ଆରଦିନ ସେହି ସେହି ବାଳକମାନଙ୍କୁ ସେ ରହୁଥିବା ଡେପୁଟି-କଲେକ୍ଟର ବଙ୍ଗଳାକୁ ପଠାଇ ଦେବାକୁ ସେ ହେଡ଼ ମାଷ୍ଟରଙ୍କୁ ଅନୁରୋଧ

GPNanda Colln., Digitized by srujanika@gmail.com

କରିଥିଲେ । ଆମ୍ଭେମାନେ ସକାଳ ୯ଟା ଯାଇ ନଥିବାରୁ, ସେ ନିଜେ ଦୁଇଜଣ ଲୋକଙ୍କ କାନ୍ଧରେ ଭରାଦେଇ ଇସ୍କୁଲକୁ ଆସିଲେ ଏବଂ ବଙ୍ଗଳାକୁ ଯିବାପାଇଁ ଲେଖକ—ଛାତ୍ରମାନଙ୍କୁ ନିମନ୍ତ୍ରଣ କରିବାକୁ ଆସିଛନ୍ତି ବୋଲି କହିଲେ । ଗୋଟିଏ ମେହେନାରେ ବସାଇ ଆମେ କେତେକ ଛାତ୍ର ତାଙ୍କୁ କାନ୍ଧେଇ ନେଉ ନେଉଁ, ବାଟରେ ତାଙ୍କ ମନରେ କଅଣ ହେଲା କେଜାଣି—ସେ ଜଣେ ବାଳକର ମୁଣ୍ଡରେ ହାତ ବୁଲାଇ ହଠାତ୍ କହିଲେ—"ଅରେ ଲଣ୍ଡା ଗୁଡାକ ମତେ କାନ୍ଧେଇ ନେଉଛ—ରଖ,-ରଖ; ନଇଲେ ମୁଁ ତେଇଁ ପଡ଼ିବ ! ତୁମକୁ ହତ୍ୟା ଦୋଷ ଲଗିବ ।" ଏହା କହି, ଆସନରୁ ଉଠିବାକୁ ଉଦ୍ୟତ ହେବାରୁ ଆମ୍ଭେମାନେ ରଖି ଦେଲୁଁ । ସେ ଚାଲି ଚାଲି ଗଲେ । ଗୋଟି-ଗୋଟି କରି ସମସ୍ତ ଛାତ୍ର ଲେଖକଙ୍କ ସେ ମୁଣ୍ଡରୁ ଗୋଡଯାଏ ହାତରେ, ଆଉଁସି ଦେଇ ବସାଇଲେ ଏବଂ ସାହିତ୍ୟ ସାଧନାର ଉପକାରିତା ବୁଝାଇ ଦେଲେ । ସେହିଦିନୁ ସତ୍ୟବାଦୀ ଛାତ୍ର ଭାଗରେ ଆମ ବିଦ୍ୟାଳୟରୁ ବାହାରୁଥିବା ଲେଖା ଉପରେ ସେ ଉଚ୍ଚ ମନ୍ତବ୍ୟ ପ୍ରକାଶ କରି ପତ୍ର ଲେଖୁଥିଲେ ।

ଏହି ବ୍ଲକ୍ ମିଟିଂ ହେତୁରୁ ଆମ୍ଭେ ଦେଶର ପୂଜ୍ୟତମ ନେତାମାନଙ୍କଠାରୁ ବକ୍ତୃତା ଶୁଣିଥିଲୁ ଏବଂ ସ୍କୁଲଠାରୁ ସେହି ଅନୁଷ୍ଠାନ କେତେ ଉପାଦେୟ ହୋଇଥିଲା ।

GPNanda Colln., Digitized by srujanika@gmail.com

ଦଶମ ଅଧ୍ୟାୟ

ଛାତ୍ରାବାସରେ ଭୋଜୀ ଓ ଗୋପବନ୍ଧୁ—

କ୍ରମେ କ୍ରମେ ଗୋପବନ୍ଧୁଙ୍କ ପରିକଳ୍ପିତ ସତ୍ୟବାଦୀ ବିଦ୍ୟାପୀଠଟି ଏତେ ଏତେ କର୍ମରେ ପ୍ରାଣବନ୍ତ ହୋଇଥିଲା । ମାତ୍ର ତହିଁର ଆଜିର ବିଶେଷତ୍ୱ ଏପର୍ଯ୍ୟନ୍ତ ଖଣ୍ଡିତ ହୋଇ ନାହିଁ । ଗୋପବନ୍ଧୁ ସେତେବେଳକୁ ମୁଖ୍ୟ ଭାବରେ ରାଜନୀତିରେ ପ୍ରବେଶ କରିଥାନ୍ତି । ଲାଟସଭାର ମେମ୍ବର ଭାବରେ ସେ ଜିଲ୍ଲା ପାଇଁ ବହୁତ କାର୍ଯ୍ୟ କରୁଥିଲେ । ସତ୍ୟବାଦୀ ବିଦ୍ୟାଳୟର ଟ୍ରଷ୍ଟିମାନଙ୍କ ମଧ୍ୟରୁ ସେ ଜଣେ ଥିଲେ; ତେଣୁ ସ୍ଥାନୀୟ ତଥା ଦୂରବର୍ତ୍ତୀ ସମସ୍ତ ଲୋକେ ତାଙ୍କୁ ସ୍ନେହ ଓ ଆଦର କରୁଥିଲେ । ପୁରୀ ଏମାର ମଠର ମହନ୍ତ ମହାରାଜ ଏବଂ ରାଧାକାନ୍ତ ମଠାଧୀଶ ବହୁବାର ବିଦ୍ୟାଳୟକୁ ଆସୁଥିଲେ । ଏବଂ ଗଞ୍ଜାମର ବହୁ ଜମିଦାର-ରାଜା ମଧ୍ୟ ଆସି ମୁକ୍ତ ହସ୍ତରେ ବିଦ୍ୟାଳୟକୁ ଅର୍ଥ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ବିଦ୍ୟାଳୟର ଭୂୟସୀ ପ୍ରଶଂସା କରି ଛାତ୍ରମାନଙ୍କୁ ଭୋଜୀ କରିବା ପାଇଁ ବହୁତ ଅର୍ଥ ଦେଉଥିଲେ । ତେଣୁ ଛାତ୍ର ସମାଜରେ ବହୁବାର ଭୋଜୀ ହେଉଥିଲା । ସେପରି ଭୋଜୀ ଛୁଟି ଦିବସ ମାନଙ୍କରେ ସୁବିଧା ଦେଖି କରାଯାଏ; ମାତ୍ର ସେ ଘଟନା ମାନଙ୍କରେ ବୋର୍ଡିଂର ଶୃଙ୍ଖଳା ପୂର୍ଣ୍ଣମାତ୍ରାରେ ରହୁଥାଏ । ଗୋପବନ୍ଧୁ ବାବୁ ଗମ୍ଭୀର—ତଥାପି ସରସ ଓ କୌତୁକ ପ୍ରିୟ । ଭୋଜୀ ଦିବସ ମାନଙ୍କରେ ଉପସ୍ଥିତ ଥିଲେ, ସେ ପିଲାଙ୍କ ମେଳରେ ନାନାପ୍ରକାର କୌତୁକ କରନ୍ତି, କିଏ କେତେ ଖାଇପାରେ ତାହା ଦେଖନ୍ତି ଏବଂ ବେଶି ଖାଇ ପାରୁଥିବା ଛାତ୍ରମାନଙ୍କୁ ଆଉରି ବେଶି ଖାଇବାପାଇଁ ଆଖେ

GPNanda Colln., Digitized by srujanika@gmail.com

ପରନ୍ତୁ ଥାନ୍ତି । ଏଥରେ କୌତୁକ ଗଳ୍ପ କରୁ କରୁ କେତେ ଲୋକଙ୍କୁ ଏତେ ଖୁଆଇ ଦେଲେ ଯେ ସେ ଖାଇବା ପରେ ଉଠି ଠିଆହୋଇ ଚାଲି ପାରି ନଥିଲେ ।

ସରଳ ଜୀବନ—

ସ୍ୱାବଲମ୍ବନଶୀଳ ଓ ନିର୍ଭୀକ ତଥା ସରଳ ଜୀବନରେ ଉନ୍ନତ ଚିନ୍ତା ଧାରଣ କରିବାର ଦେଖିଲେ, ସେ ବଡ ଆଦର କରୁଥିଲେ । ତାଙ୍କର ଅଧିକାଂଶ ବକ୍ତୃତା ସେହି ବିଷୟ ଅବଲମ୍ବନ କରି ଥାଏ । ତେଣୁ ସତ୍ୟବାଦୀ ବିଦ୍ୟାଳୟକୁ ପିଲାମାନେ ବିନା କୁଣ୍ଠତା ଓ ଯୋତାରେ ପ୍ରାୟ ଆସୁଥିଲେ । ବେଶବିନ୍ୟାସ ଆଜି କାଲି ସାଧାରଣ ବିଦ୍ୟାଳୟରେ ଗୋଟିଏ ଦେଖିବାର ବସ୍ତୁ, କିନ୍ତୁ ବେଶ ବିନ୍ୟାସରେ ସାମାନ୍ୟ ବିଳାସ ପରିଲକ୍ଷିତ ନହୋଇ ରହେନାହିଁ । ମୁଁ ନିଜେ ଅତ୍ୟନ୍ତ ଗରିବ ଏବଂ ସାହାଯ୍ୟପୁଷ୍ଟ ଥିବାରୁ ସାଧାରଣତଃ ଦୁଇଖଣ୍ଡି ଲୁଗା, ଖଣ୍ଡିଏ ଚଦର, ଗୋଟିଏ ଗାମୁଛା ମୋର ସମ୍ବଳ । ସବୁଆ ଖଜୁରି ପଟି ଖଣ୍ଡିକରେ ମୁଁ ଶୋଉଥାଏ— କାହାରିଠାରୁ (ବୋର୍ଡିଂରେ ମାଗଣା ଥିବା ଛଡା) ଅନ୍ୟ ପ୍ରକାର ସାହାଯ୍ୟ ନେବାପାଇଁ ମତେ ସୁଖ ଲାଗେ ନାହିଁ । ମୋର ଗ୍ରାମ-ସହାୟକ ରଘୁନାଥ ବାବୁ (ସେତେବେଳକୁ ଇସ୍କୁଲର କର୍ମୀ) ମୋତେ ଲୁଗା, ଗାମୁଛା ପ୍ରଭୃତି ଯଥାକାଳରେ ଦିଅନ୍ତି—ଜଳଖିଆ ପାଇଁ ସେ ପଇସା ଦେବାକୁ ପ୍ରସ୍ତୁତ ଥାଆନ୍ତି । ମୁଁ ଜଳଖିଆ ଖାଏ ନାହିଁ, ସବୁବେଳେ ବହୁତ ଦାମ ସହିବା ଭଲ ଲୁଗା ଗାମୁଛା କିଣି ଦେବାକୁ, ଦରକାର ପଡ଼ିଲେ, କହୁଥାଏ । ସେ ସେଥିପାଇଁ ଅତି ଦୁଃଖିତ ହୋଇ ଆମ ଘରେ କହୁଥିଲେ, ସେଥିରେ ମାଳ

GPNanda Colln., Digitized by srujanika@gmail.com

ନିର୍ଦ୍ଦେଶରୁ ହେଡ଼ ମାଷ୍ଟରଙ୍କୁ କହିଲେ—ଗୋପବନ୍ଧୁ ବାବୁ ସେ କଥା ଜାଣିଲେ । ଶିକ୍ଷକମାନେ ସମସ୍ତେ ଏକତ୍ର ହୋଇ ମତେ ଡକାଇଥିଲେ । ମନିଟର ହିସାବରେ ପିଲାଙ୍କ ଜମାଖର୍ଚ୍ଚ ଖାତା ଆମ୍ଭେମାନେ ଦେଖୁ । ତେଣୁ ନିଜେ ଜମାଖର୍ଚ୍ଚ ଲେଖିବାକୁ ବାଧ୍ୟ । ମୋ ଖାତା ଦେଖାଇବାକୁ କହିଲେ । ଇସ୍କୁଲ—ବୋର୍ଡିଂରେ ମନିଟର ହେବା ଦିନୁ ଛଅବର୍ଷର ଜମାଖର୍ଚ୍ଚ ମୋର ଗଣ୍ଡିଏ ଖାତା—ସେଥିରେ କିଛି ଲେଖା ନାହିଁ । ମତେ ଦେଖାଇବାକୁ ଲଜ୍ଜା ହେଉଥାଏ । ମୁଁ ଖାତା ଗୋପବନ୍ଧୁ ବାବୁଙ୍କୁ ଦେଲି । ସେ ମୋତେ ଟିକିଏ ଚାହିଁଲେ । ମୋ ଭାବଭଙ୍ଗୀରୁ କ'ଣ ବୁଝିଲେ—କହିଲେ, "ଚନ୍ଦ୍ରର ଗୋଡରେ ଯୋତା ନାହିଁ, କେତେକଙ୍କର ଗୋଡ ମଧ୍ୟ ନାହିଁ । ତାକୁ ଆଉ ଏ ବିଷୟରେ କେହି ବଳାଅ ନାହିଁ ।" ମୁଁ ଆଶ୍ୱସ୍ତ ହୋଇ ଫେରି ଆସିଲି । କେବଳ ଚାହାଣୀ ଭଙ୍ଗୀରୁ ଏବଂ କଥା କହିବା ବାଗରୁ ସେ ବାଳକ ମାନଙ୍କର ଅନ୍ତରର ଭାବ ବିଚକ୍ଷଣ ଭାବରେ ଧରି ପାରୁଥିଲେ ।

ବାଳକମାନଙ୍କର ଆତ୍ମମର୍ଯ୍ୟାଦା ରକ୍ଷା—

ଗୋପବନ୍ଧୁ ବାଳକ ପ୍ରାଣର ଆତ୍ମ ମର୍ଯ୍ୟାଦା କ୍ଷୁଣ୍ଣ କରୁ ନଥିଲେ । ବରଂ ବାଳକମାନଙ୍କୁ ସ୍ନେହ ଶ୍ରଦ୍ଧା କରିବା ସଙ୍ଗେ ସଙ୍ଗେ ସେମାନଙ୍କ କ୍ଷୁଦ୍ର ଅହଂକାର ରକ୍ଷା ପାଇଁ ସର୍ବଦା ସତର୍କ ମଧ୍ୟ କାର୍ଯ୍ୟ କରୁଥିଲେ । ଏଥିର ଉଦାହରଣ ଦେବା ସମୀଚୀନ । ବ୍ଲକ ମନିଟରମାନେ ଅନ୍ୟାନ୍ୟ କର୍ମ ମଧ୍ୟରେ ଶିକ୍ଷକ ଛାତ୍ର ମାନଙ୍କର ଅବୈଧ ଆଚରଣ ଦେଖିବା ପାଇଁ ଯତ୍ନଶୀଳ ଥିଲେ । ଥରେ ମୋର ଜଣେ ସହପାଠୀ ଏବଂ ମୋର ଘରେ ରହୁଥିବା ବାଳକଙ୍କର ଓ ଜଣେ ଶିକ୍ଷକଙ୍କର ଅବୈଧ ଆଚରଣ ଜଣା ପଡିଥିଲା । ତିନିଜଣ

GPNanda Colln., Digitized by srujanika@gmail.com

ମଲାଟରେ ତାହା ଜାଣିଥିବାରୁ ପ୍ରଥମେ ଦୁଃଖରେ ସହିତ ଆମ୍ଭମାନଙ୍କ ଅଗ୍ରଣୀଙ୍କୁ ଜଣାଇ ଦେଇଥିଲି । ପରେ ସେହି ଛାତ୍ର ମୋତେ ବହୁତ ଅନୁନୟ ବିନୟ କରି କାନ୍ଦି ଅନୁତାପ କରିବାରୁ, ମୁଁ ଅନ୍ୟ ଦୁଇଜଣଙ୍କ ସଙ୍ଗେ ପରାମର୍ଶ କରି ତାଙ୍କୁ ନିର୍ଭର ଜବାବ୍ ଦେଇଥିଲି ଯେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ରଷ୍ଟିକେଟ୍ କରିବେ ନାହିଁ, ସ୍କୁଲରୁ ବାହାର କରିଦେବେ ନାହିଁ—ଶିକ୍ଷକ ମହାଶୟଙ୍କ ପ୍ରତି ଯାହା କଠୋର କରି ପାରନ୍ତି । ଏଥିପୂର୍ବରୁ ଆମ୍ଭେମାନେ ଛାତ୍ରମାନଙ୍କର ବ୍ଲକ୍ ମଲାଟର ଭିତରେ ସବୁ କଥା ପାରୁ ପର୍ଯ୍ୟନ୍ତ ସଜାଣ୍ଡ ଦେଇଥିବାରୁ ଏତଲା ଦୋଷ କର୍ତ୍ତୃପକ୍ଷମାନଙ୍କ କାନକୁ ପ୍ରାୟ ଯାଉନଥିଲା । ସେ ଛାତ୍ରଙ୍କ ସଙ୍ଗେ ମୋର ଆଗରୁ ମନୋମାଳିନ୍ୟ ଥିଲା; କିନ୍ତୁ ତାଙ୍କର ଦୁଃଖ ଅନୁତାପ ଓ ତଜ୍ଜନିତ କଠିନ ଜ୍ୱର ହେତୁରୁ କିପରି ତାଙ୍କୁ ରକ୍ଷାକରିବି ତାହା ଜାଣି ନପାରି ମୋର ଉପର୍ଯ୍ୟୁକ୍ତ ସଙ୍ଗୀ ଦୁହିଙ୍କର ପରାମର୍ଶ ନେଇ ଥିଲି । ସେମାନେ ମୋତେ ଯେପରି ବୁଦ୍ଧି ଦଣିବ ସେପରି କରିବାକୁ କହି ନିଶ୍ଚିନ୍ତ ରହିଗଲେ । ଘଟନା କ୍ରମେ ହେଡ୍ ମାଷ୍ଟର ଓ ଗୋପବନ୍ଧୁ ବାବୁ ଜାଣିଲେ । ନୀଳକଣ୍ଠ ବାବୁଙ୍କର ସେ ଛାତ୍ର ଅତି ପ୍ରିୟ ଥିଲେ; ତଥାପି ବିଚାରରେ ଓ ଦଣ୍ଡ ଦେବାରେ ସେମାନେ ନିରପେକ୍ଷ ଏବଂ କଠୋର । ଘଟନାର କିଛିଦିନ ପରେ ଗୋଟିଏ ଶନିବାରର ଅଧା ସ୍କୁଲ କାମ ଶେଷରେ ସବୁ ଶିକ୍ଷକ ଏବଂ ଗୋପବନ୍ଧୁ ବାବୁ ଦେଉଳ କଚେରିର ବଙ୍ଗଳାକୁ ଗଲେ । ଖାତା ପତ୍ର (Black Register ପ୍ରଭୃତି) ଦପ୍ତରି ନେବାର ମୁଁ ଲକ୍ଷ୍ୟ କରୁଥାଏ । ସେ ଛାତ୍ରବନ୍ଧୁ ଅତି ବିକଳ ହୋଇ କାନ୍ଦୁଥାନ୍ତି; ମୁଁ ତାଙ୍କୁ ବୋଧ ଦେଉଥାଏ । କଣ କରିବ ସେ କଥା ମୁଁ ଭାବି ପାରୁ ନଥିବାରୁ, ସେ ଅଧୀର ହୋଇ ପଡ଼ିଲେ । ଶିକ୍ଷକ ମହାଶୟଙ୍କୁ ଦପ୍ତରି ଆସି ଡାକି

GPNanda Colln., Digitized by srujanika@gmail.com

କଲେ । ଛାତ୍ର-ବନ୍ଧୁଟି କାନ୍ଦି କାନ୍ଦି ମୂର୍ଚ୍ଛିତପ୍ରାୟ ହୋଇ ପଡ଼ିଲେ । ତାଙ୍କୁ ଯଥା ସମୟରେ ଦଉଡ଼ି ଡାକିବାରୁ ମୁଁ ତାଙ୍କ ସଙ୍ଗେ ସଙ୍ଗେ ଉପରେ ଉପରେ ଯାଉଥିଲି । ଛାତ୍ରଟିକୁ ଘର ଭିତରକୁ ନେଇ ମୋତେ ଭିତରକୁ ଯିବାକୁ ଅନୁମତି ଦେଲେନାହିଁ । ମୁଁ ଅତି ଜୋରରେ ବନ୍ଦ ଥିବା ଦୁଆର ବାଡ଼େଇବାରୁ ଗୋପବନ୍ଧୁ ବାବୁ ମୋତେ ଭିତରକୁ ଯିବାକୁ ଅନୁମତି ଦେଲେ । ନୀଳକଣ୍ଠ ବାବୁ ପଚାରିବା ମାତ୍ରେ ମୋର ବନ୍ଧୁ ସତ୍ୟକଥା କହିଲେ । ଅତି କ୍ରୋଧାନ୍ୱିତ ହୋଇ ତାଙ୍କୁ ରଷ୍ଟି-କେଟ୍ କରିଦିବ ବୋଲି କହି ବ୍ଲାକ୍ ରେଜିଷ୍ଟର ମେଲାଇ କଲମ ଧରିଲା ସଙ୍ଗେ ସଙ୍ଗେ ମୁଁ ତାଙ୍କ ହାତ ଓ କଲମ ଧରି ପକାଇଲି । ମୋ ଉପରେ ସେ ରାଗି ଯିବାର କଥା—ରାଗି ଯାଇ ମୋତେ ଗାଳି ଦେଉଥାନ୍ତି; ମୁଁ କଲମ ଧରିଥାଏ । ଗୋପବନ୍ଧୁ ବାବୁ ମୋତେ 'ଏ କ'ଣ ?' ବୋଲି ପଚାରିବାରୁ ମୁଁ ମୋର କରିଥିବା ପ୍ରତିଜ୍ଞା ତାଙ୍କୁ ଜଣାଇ ଦେଲି । ନୀଳକଣ୍ଠ ବାବୁଙ୍କ ପାଖକୁ ଚୌକି ଘୁଞ୍ଚାଇ ଦେଇ ଗୋପବନ୍ଧୁ ବସିଲେ ଏବଂ ଧୀର ସ୍ଥିର ଭାବରେ କହିବା ପାଇଁ ମୋତେ ଆଦେଶ ଦେଲେ । ମୁଁ ତାଙ୍କୁ କହିଲି ଏବଂ ନୀଳକଣ୍ଠ ବାବୁ ମଧ୍ୟ ଶୁଣୁଥିଲେ ଯେ ଆମ୍ଭେ-ମାନେ ସବୁକଥା ସ୍ୱାଧୀନ ଭାବରେ ସୁଧାରି ଦେଉଅଛୁଁ । ଏହାକୁ ସେହିପରି ସୁଧାରି ପାରିଥାନ୍ତୁ । ମାତ୍ର ଶିକ୍ଷକ ଜଣେ ଜଡ଼ିତ ଥିବାରୁ କର୍ତ୍ତୃପକ୍ଷଙ୍କୁ ଜଣାଇ ଦେଇଥିଲୁଁ ମାତ୍ର । ଛାତ୍ରମେଳରେ ଛାତ୍ର ଭଲ ହୋଇଯିବେ । ଆମ୍ଭେମାନେ ଜଣାଇ ନଥିଲେ ଶିକ୍ଷକମାନେ ଜାଣି ନ ଥାନ୍ତେ । ନୀଳକଣ୍ଠ ବାବୁ ହଠାତ୍ କଲମ୍ ରଖିଦେଲେ—ଶାନ୍ତହେଲେ । ମୁଁ ମୋ ସହପାଠୀଙ୍କୁ ନେଇ ଚାଲି ଆସିଲି । ସେ ଶିକ୍ଷକ ଆମ ବିଦ୍ୟା-ଳୟରୁ ଇସ୍ତଫା ଦେଇ ଚାଲିଗଲେ । ତାଙ୍କୁ ମଧ୍ୟ ବରଖାସ୍ତ କରି ଯାଇ ନଥିଲା । ଛାତ୍ରସମାଜରେ ସକଳ ଦୋଷ, ଦୁର୍ନୀତି, ଅପରାଧ ଦେଖିଲେ ଗୋପବନ୍ଧୁଙ୍କ ଠାରୁ ଆରମ୍ଭ କରି ଶିକ୍ଷକମାନେ ମଧ୍ୟ ବ୍ଲାକ୍ ମାର୍କରେ

GPNanda Colln., Digitized by srujanika@gmail.com

ସ୍ୱାସ୍ଥ୍ୟକୁ ନଷ୍ଟ କରାଇ ଦଅନ୍ତି ଏବଂ ଦୁଷ୍ଟ ବାଳକକୁ ଉତ୍ତମ ବାଳକମାନଙ୍କ ମଧ୍ୟରେ ରଖି, ବାଳକମାନଙ୍କ ଦ୍ୱାରା ସେମାନଙ୍କୁ ସଂଶୋଧନ କରିବାର ଚେଷ୍ଟା କରୁଥିଲେ । ଏତଦ୍‌ବ୍ୟତୀତ ପରସ୍ପର ସ୍ନେହ ସହାନୁଭୂତି ପୋଷଣ କରିବା ଏବଂ ସାମୟିକ ଦୂଷିତ ଓ ବିପଥଗାମୀ ଛାତ୍ରମାନଙ୍କୁ ସୁପଥ ଓ ସଚ୍ଚରିତ୍ର କରି ବନ୍ଧୁ ରୂପେ ପାଇବା ଛାତ୍ରମାନଙ୍କ ପକ୍ଷରେ ନିତ୍ୟ ଘଟଣା ହୋଇ ଉଠୁଥିଲା ।

ଶ୍ଳୋକାନ୍ତ (ଅନନ୍ୟ ସାଧାରଣ)—

ଶିକ୍ଷକ ଓ ଛାତ୍ରମାନଙ୍କର ଆନନ୍ଦଦାୟକ ଓ ବିଦ୍ୟାବିନୋଦର କ୍ଷେତ୍ର ଥିଲା ଶ୍ଳୋକାନ୍ତ । ଏହା କେବେ କିପରି ଜାତ ହୋଇଥିଲା ତାହା ମୁଁ ଜାଣେ ନାହିଁ । ପ୍ରଥମରୁ ଏହା ସେତେ ଚିତ୍ତାକର୍ଷକ ହୋଇ ନଥିଲା । ପରେ ଶ୍ଳୋକାନ୍ତ ହେଉ ଥିଲା ବେଳେ କୌଣସି ଛାତ୍ର ତହିଁରୁ ଅନୁପସ୍ଥିତ ହେଉ ନଥିଲେ । ଶ୍ଳୋକାନ୍ତ ହେଉଥିବା ବେଳେ ପଥିକ-ମାନେ ତାହା ଶୁଣିବାକୁ ଠିଆ ହୋଇଯାଉଥିଲେ ଏବଂ ଏହା ଏତେ ଚିତ୍ତାକର୍ଷକ ହୋଇଗଲା ଯେ ଦେଶର ମାନ୍ୟଗଣ୍ୟ ବ୍ୟକ୍ତିବୃନ୍ଦ ଓ କୃତୀସନ୍ତାନ ମାନେ ଏହା ଦେଖୁଥିଲେ ଏବଂ ପରେ ମୋ ଶେଷ ଦୁଇଶ୍ରେଣୀର ଦୁଇବର୍ଷ ହାକ ସାଧାରଣ ସଭାର ବାର୍ଷିକ ସମ୍ମିଳନୀ ସଙ୍ଗେ ଶ୍ଳୋକାନ୍ତର ଶେଷ ମାଚ୍ ଅନୁଷ୍ଠିତ ହେଲା ଏବଂ ଜିତିଥିବା ଶ୍ରେଣୀକୁ 'ମୁକୁଟ' ପୁରସ୍କାର ଦିଆ ଯାଉଥିଲା ।

ସାଧାରଣତଃ କୌଣସି ଛୁଟିଦିନ ବା ରବିବାର ଦିନ ଶ୍ଳୋକାନ୍ତ ହୋଇଥାଏ, ବେଳେ ବେଳେ କେତେକ ଛାତ୍ର ମିଶି ଶିକ୍ଷକମାନଙ୍କୁ ଶ୍ଳୋକାନ୍ତ ପାଇଁ ଅନୁମତି ମାଗନ୍ତି ଏବଂ ମାଗିବା ମାତ୍ରେ ଅନୁମତି ପାଆନ୍ତି, ଏବଂ ଶିକ୍ଷକମାନେ ଯୋଗ ଦଅନ୍ତି; ବେଳେ ବେଳେ ଗୋପବନ୍ଧୁ ବାବୁ

GPNanda Colln., Digitized by srujanika@gmail.com

ଥିବା କାଳରେ ସେ ନିଜେ ଶ୍ଲୋକାନ୍ତ ଶୁଣିବାକୁ ଇଚ୍ଛା କରୁଥିବାରୁ ହେଡ଼ମାଷ୍ଟ୍ର ବା ଆଚାର୍ଯ୍ୟ ମହାଶୟ ଛାତ୍ରମାନଙ୍କୁ ଏକତ୍ର କରାଇ ଶ୍ଲୋକାନ୍ତ କରିବାକୁ ଆଦେଶ ଦିଅନ୍ତି । ସାଧାରଣ ଆନନ୍ଦ ଉପଭୋଗ ପାଇଁ ଶ୍ଲୋକାନ୍ତ ହୋଇଥାଏ । ତାହା ଶ୍ରେଣୀ—ଶ୍ରେଣୀ ମଧ୍ୟରେ ପ୍ରତିଯୋଗିତା ନ ହୋଇ, ସମସ୍ତ ବିଦ୍ୟାଳୟର ଛାତ୍ରମାନଙ୍କୁ ଦୁଇଭାଗ କରିଦିଆଯାଏ । ଏବଂ ଉଭୟ ମଧ୍ୟରେ ପ୍ରତିଯୋଗିତା ହୁଏ । ନୀଳକଣ୍ଠ ବାବୁ ବା ପଣ୍ଡିତ ଭୁବନେଶ୍ବର ବିଚାରକ (ରେଫରି) ହୁଅନ୍ତି । ଅଧେ ଛାତ୍ର ଅନ୍ୟ ଅଧକରେ ମୁଖାମୁଖୀ ହୋଇ ବସନ୍ତି । ଶ୍ଲୋକାନ୍ତ, ପ୍ରତିଯୋଗିତା ନିୟମାନୁସାରେ ଆରମ୍ଭ ହୋଇ ଶେଷ ହୁଏ । ଏକ ପକ୍ଷରୁ ଜଣେ ବାଳକ ଗୋଟିଏ ଶ୍ଲୋକ ବୋଲିଦିଏ, ସେହି ଶ୍ଲୋକର ବ୍ୟଞ୍ଜନବର୍ଣ୍ଣଟିରେ ଆରମ୍ଭ ହୋଇଥିବା ଅନ୍ୟ ଗୋଟିଏ ଶ୍ଲୋକ ଅପରପକ୍ଷରୁ ବୋଲାଯାଏ । ଯେତେବେଳେ ବ୍ୟଞ୍ଜନ-ବର୍ଣ୍ଣ-ମୂଳକ କୌଣସି ଶ୍ଲୋକ ବୋଲି ନପାରି ଅନ୍ୟପକ୍ଷ ନୀରବ ହୁଏ, ସେହି ବ୍ୟଞ୍ଜନବର୍ଣ୍ଣର ଶେଷ ସ୍ୱରବର୍ଣ୍ଣରେ ଆରମ୍ଭ ହୋଇଥିବା ଆଉ ଗୋଟିଏ ଶ୍ଲୋକ ବୋଲିବା ପାଇଁ ବେଳେ ବେଳେ ଅନୁମତି ଦିଆ-ଯାଏ । ଅନର୍ଗଳ ଭାବରେ ଉଭୟ ପକ୍ଷରୁ ଶ୍ଲୋକ ବୋଲା ଚାଲିଥାଏ । କେତେକ ବାଳକ ଯମକ ଅନୁପ୍ରାସ ସମ୍ବଳିତ ଶ୍ଲୋକ ମୁଖସ୍ଥ କରି ରଖି-ଥାନ୍ତି । ମଧ୍ୟେ ମଧ୍ୟେ ସେଗୁଡ଼ିକ ଏପରି ଭଙ୍ଗୀରେ ବୋଲନ୍ତି ଯେ ତାହା ସମସ୍ତଙ୍କୁ ହସାଇଦିଏ ଏବଂ ସେହିପରି କୌତୁକପ୍ରିୟ ଛାତ୍ରମାନେ ମଧ୍ୟେ ମଧ୍ୟେ ସ୍ୱୟଂ ରଚି ସେହିପରି ଶ୍ଲୋକମାନ ଆବୃତ୍ତି କରନ୍ତି । ଦୁଇଘଣ୍ଟା ପାଞ୍ଚଘଣ୍ଟା ବ୍ୟାପୀ ଶ୍ଲୋକାନ୍ତ ଚାଲିଲେ ମଧ୍ୟ ତାହା ଆଦୌ ବିରକ୍ତି-ଜନକ ହୁଏ ନାହିଁ । ଗୋପବନ୍ଧୁ ବାବୁ ଫୁଟ୍‌ବଲ୍ ପ୍ରଭୃତି ଖେଳରେ ଉତ୍ସାହମୂଳକ ଧ୍ୱନି କରିବା ପରି ଉତ୍ସାହବାଣୀ ଯେ କୌଣସି ପକ୍ଷରୁ ଦିଅନ୍ତି । ଦିନେ ଦିନେ ସେ ଶିକ୍ଷକମାନଙ୍କୁ ବାଣ୍ଟି ଦେଇ ଆପେ ଗୋଟିଏ ଗୋଟିଏ ଦଳରେ ବସନ୍ତି । ସେ କିମ୍ବା ହେଡ଼ମାଷ୍ଟ୍ର ମହାଶୟ ପୁରସ୍କ-

GPNanda Colln., Digitized by srujanika@gmail.com

ଭାରତର ଶ୍ଳୋକ ବୋଲି ପାରନ୍ତି ନାହିଁ । ଯେ କୌଣସି ଛନ୍ଦର ଅନ୍ତ-ର୍ଭିରେ ସେ ଦୁହିଁଙ୍କର ଗାମ୍ଭୀର୍ଯ୍ୟ ରଖି ଗୋଳିବା ହେତୁରୁ ଛନ୍ଦର ସରସତା ଫୁଟିପାରେ ନାହିଁ । ଶିଖରଣୀ, ବସନ୍ତତିଳକ, ସ୍ରଗ୍ଧରା, ଶାର୍ଦ୍ଦୂଳବିକ୍ରୀଡିତ, ମନ୍ଦାକ୍ରାନ୍ତା—ଯେ କୌଣସି ସୁନ୍ଦର ଛନ୍ଦକୁ କେବଳ ବେଦର ମନ୍ତ୍ରଗାନ ପରି ଗାନ କରିବାକୁ ପିଲାମାନେ ହସନ୍ତି । ଗୋପବନ୍ଧୁ ଓ ନୀଳକଣ୍ଠ ସେଥିରେ ଆନନ୍ଦ ଉପଭୋଗ କରନ୍ତି ।

ଅନେକ ସମୟରେ ମିଃ ଦାସ୍, ବ୍ରଜସୁନ୍ଦର ଦାସ ପ୍ରମୁଖ କାର୍ଯ୍ୟକର୍ତ୍ତା, ଏବଂ ଶ୍ରୀ ଜଗବନ୍ଧୁ ସିଂହ, ଏମାର-ମଠର ମହନ୍ତ ମହାରାଜ ଆସିଥିବା ବେଳେ ସେମାନେ କହିବାରୁ ଶ୍ଳୋକାନ୍ତ ହୁଏ । ଥରେ ଗୋଟିଏ ଶ୍ଳୋକାନ୍ତ ଶୁଣିବା ପରେ ଏମାର ମଠାଧୀଶ ପ୍ରୀତ ହୋଇ ସମଗ୍ର ବିଦ୍ୟାଳୟକୁ ଏକ ଭୋଜି ଦେଇଥିଲେ । ଆଉ ଥରେ ମିଃ ଦାସ ଏହି ଶ୍ଳୋକାନ୍ତ ଉଦ୍ଭାବନ କରିଥିବାରୁ ଶିକ୍ଷକମାନଙ୍କୁ ପ୍ରଶଂସା କରି ଗୋଟିଏ କ୍ଷୁଦ୍ର ବକ୍ତୃତା ଦେଇ କହିଥିଲେ ଯେ—ଭାରତୀୟ ଜୀବନର ସରସତା ଓ ଆତ୍ମ ଗୌରବ ସେ ସତ୍ୟବାଦୀରୁ ନୂତନ କରି ଜାଣିଥିଲେ । ପ୍ରତି-ଯୋଗିତାମୂଳକ ଯେ କୌଣସି ବାହାର ବା ଭିତର ଖେଳଠାରୁ ଶ୍ଳୋକାନ୍ତ ବେଶି ଆନନ୍ଦଦାୟକ କ୍ରୀଡାପରି ଥିଲା । ତାହାର ଉପକାରିତା ବର୍ଣ୍ଣନା କରିବା ନିଷ୍ପ୍ରୟୋଜନ । ଫୁଟ୍‌ବଲ୍, ହକି, କ୍ରିକେଟ୍, ବ୍ୟାଡ-ମିଣ୍ଟନ୍ ପ୍ରଭୃତି କ୍ରୀଡାଠାରୁ ଏବଂ ତାସ ପଶା ପ୍ରଭୃତି ଖେଳଠାରୁ ତାହା ଶତଗୁଣରେ ଆନନ୍ଦ ଦେଉଥିବାରୁ, ଆମ ବିଦ୍ୟାଳୟରେ ଉପର୍ଯ୍ୟୁକ୍ତ କ୍ରୀଡାମାନଙ୍କ ବ୍ୟବସ୍ଥା ନାହିଁ ବୋଲି କାହାର ଦୁଃଖ ନଥିଲା । କଠୋର କର୍ମମୟ ଜୀବନରେ ଶିକ୍ଷକମାନେ ଏହି ଆମୋଦଜନକ କ୍ରୀଡା ଉଦ୍ଭାବନ କରିଥିଲେ, ଏହାକୁ ଛାତ୍ରପକ୍ଷରେ ଆଦରଣୀୟ କରି-ପାରିଥିଲେ ।

GPNanda Colln., Digitized by srujanika@gmail.com

କଠୋର ଜୀବନଧାରାକୁ ସରସ, ସୁନ୍ଦର, ସୁଲକ୍ଷଣ କରିବା ପାଇଁ ଶିକ୍ଷକମାନେ ନାନା ପ୍ରକାର କ୍ରୀଡା ଉଦ୍ଭାବନ କରୁଥିଲେ ଏବଂ ଯେଉଁଟି ପିଲମାନଙ୍କୁ ସୁଖକର ବୋଧ ହେଉଥିଲା, ତାହା ଉଦ୍ଧ୍ୟାଇ କମଣ୍ଡକାଶ ଲଗାଁଗେ ଟିଏ ଦର୍ଶନୀୟ ବ୍ୟାପାରରେ ପରିଣତ ହେଉଥିଲା । ଥରେ ତାସ ସାହାଯ୍ୟରେ ଶବ୍ଦ ଗଠନ କ୍ରୀଡାର ଆରମ୍ଭ ହୋଇଥିଲା । ଶିକ୍ଷକମାନେ ଓ ଛାତ୍ରମାନେ ଏକତ୍ର ବସି ଶବ୍ଦଯୋଜନା କରୁଥିଲେ । ମାତ୍ର ତାହା ଚିତ୍ତାକର୍ଷକ ନ ହେବାରୁ ବନ୍ଦ ହୋଇଗଲା । ତାଙ୍କର କଣ୍ଟୁଦନ ପରେ Indoor and outdoor Games ବିଷୟରେ ଏକ ପ୍ରତିଯୋଗିତା ମୂଳକ ବକ୍ତୃତା ଦେବାର ସାଧାରଣ ଛାତ୍ର ସଭାରେ ଗୋପବନ୍ଧୁ ସଭାପତି ଥାଇ ଯେଉଁ ବକ୍ତୃତା କରିଥିଲେ ତାହା ଅତି ସାରଗର୍ଭକ । ଆମ୍ଭମାନଙ୍କ ଦେଶ ପ୍ରଚଳିତ ଗୁଡୁ, ବୋହୁଚୋରି, ଡାଲମାକୁଡ଼ ଖେଳ ବିଦେଶାଗତ (Outdoor Games) ଫୁଟ୍‌ବଲ ହକି ପ୍ରଭୃତି ଠାରୁ ବେଶି ଉପାଦେୟ ଏବଂ ଅଙ୍ଗଚାଳନା ବିଷୟରେ ଶ୍ରେଷ୍ଠ । ଏହା ଯୁକ୍ତି ପ୍ରମାଣ ସହ ବୁଝାଇ ଦେଇଥିଲେ ଏବଂ ଭିତର କ୍ରୀଡା ମଧ୍ୟରେ ତାସ ପଶା ପ୍ରଭୃତି କ୍ରୀଡାର ନିନ୍ଦା ଓ ଶ୍ଳୋକାନ୍ତ, Word making, ସଙ୍ଗୀତ ଚର୍ଚ୍ଚା ଇତ୍ୟାଦିର ପ୍ରଶଂସା କରି ବେଶ ଅଧ ଘଣ୍ଟାର, ଭାବପୂର୍ଣ୍ଣ ଓ ଶିକ୍ଷାପ୍ରଦ ବକ୍ତୃତା ଦେଇଥିଲେ । ସେ କହିଥିଲେ ଯେ ସଙ୍ଗୀତ ଓ ଗାନ କେବଳ ଶିକ୍ଷାପ୍ରଦ ନୁହେ—ମନୁଷ୍ୟର ସହଜ ଗୁଣ; ଯହିଁ ଜୀବନ ତହିଁ ସଙ୍ଗୀତ । ପଶୁ ପକ୍ଷୀ କୀଟ ପତଙ୍ଗ, ମନୁଷ୍ୟ ସମସ୍ତେ ଜାଣି ବା ନ ଜାଣି ସଙ୍ଗୀତ ଗାଉଛନ୍ତି । ଆନନ୍ଦରେ, ଦୁଃଖରେ, ଶୋକରେ, ବିରହରେ, ମିଳନରେ ମନୁଷ୍ୟ ସଙ୍ଗୀତ ଗାଏ । ଶିଶୁହରା ଜନନୀର ହୃଦୟଭେଦୀ କରୁଣ ଶୋକ ପ୍ରକାଶ କରିବା—ତାହା ସ୍ୱତଃ ସ୍ୱର, ଲୟ, ତାନ, ଯତି ବିରାମଯୁକ୍ତ ହୋଇ ହୃଦୟଙ୍କୁ ଟାଣିଥାଏ । କେବଳ ସଂସାର ଭାବ ବହନ କରି କହି—

କାପଟ୍ୟ ପୂର୍ଣ୍ଣ କର୍ମରେ ବ୍ୟାପୃତ ରହି, ଅତ୍ୟନ୍ତ ଦୁଷ୍ଟେନ୍ଦ୍ରା ପ୍ରବୃତ୍ତି-ହୃଦୟ ମନୁଷ୍ୟମାନେ ଶୁଷ୍କ ନୀରସ-ପ୍ରାଣ ହୋଇ ଯାଆନ୍ତି । ପୁଣି ଚନ୍ଦ୍ରୋଦୟରେ ସୁଲଳିତ ଓ ସୁନ୍ଦର ଗୀତ ଗାନ କରିବାର ଅଭ୍ୟାସ ମନୁଷ୍ୟପକ୍ଷରେ ଗୋଟିଏ ଉଦ୍ଧାବାହ ଷଡ଼ଙ୍କାରଙ୍କ ବ୍ୟାପାର । ସେ ନିଜର ସ୍ୱର ଓ ନିଜର ଅନୁଭବ ମୂଳକ ସହଜ ଗାନ ଭଙ୍ଗୀକୁ ଅସୁନ୍ଦର ମନେକରି ଚନ୍ଦ-ସ୍ୱରରେ ତାହା ସୁନ୍ଦର କରିବାକୁ ଚେଷ୍ଟାକରେ, ସେ ନିଜ ଉପରୁ ନିଜର ବିଶ୍ୱାସ ହରାଏ । ସେହିପରି ଯେ ଘରଭିତରେ ପକ୍ଷୀ, ଜୀବଜନ୍ତୁ, ପାହାଡ଼, ପର୍ବତ, ଆକାଶ ଆଦିର ଚିତ୍ର ଟଙ୍ଗାଇ ଆନନ୍ଦ ଅନୁଭବ କରେ, ସେ ଶବ-ଉପାସନା କରେ—ଜୀବନ୍ତ ବୃକ୍ଷଲତା, ସୁବିଶାଳ ବିଚିତ୍ର ଗଗନର ଜୀବନ୍ତ ତାରା-ଚନ୍ଦ୍ର-ସୂର୍ଯ୍ୟ-ବିଳାସରେ ଯେ ବିଳାସ କରି-ପାରେ, ସେ ବିଶ୍ୱଜୀବନର ଅପରିବର୍ତ୍ତନୀୟ ମହାପ୍ରାଣରେ ପ୍ରାଣବନ୍ତ । କଳା ମନୁଷ୍ୟର ସହଜାତ ଗୁଣ, ତଥାପି କଳା-ବିଳାସରେ ଜୀବନକୁ କ୍ଷୁଦ୍ର କରିଦେବାକୁ କେହି କଦାପି ଉପଦେଶ ଦେଇ ନ ପାରେ । ତାଙ୍କ ଦୀର୍ଘ ବକ୍ତୃତାର ଏହା ସାର ମର୍ମ । ଏଥିରେ ଉଦାହରଣ ଓ ହାସ୍ୟ ରସମୟ, କୌତୁକାବହ ଉଦାହରଣ ମଧ୍ୟ ଥିଲା । ଶ୍ରୋତୃଗଣ ଅମୃତ ପାନ କଲା ପରି ଏ ବକ୍ତୃତା ଉପଭୋଗ କରିଥିଲେ । ତାହା ତାଙ୍କ ପାଖରୁ ଲେଖାଇ ଆଣି 'ପତ୍ରିକା'ରେ ପ୍ରକାଶ କରିବା ପାଇଁ ଆମ୍ଭମାନଙ୍କର ଇଚ୍ଛା ଥିଲା; ମାତ୍ର ସେହି ବକ୍ତୃତା ଦେଇ ପାରିବା ପରେ ପରେ ସେ ଲଣ୍ଡ-ସଭାରେ ଯୋଗଦେବା ପାଇଁ ପାଟେନା ଯାତ୍ରା କରିଥିଲେ । ପର-ବର୍ତ୍ତୀ କାଳରେ ଆମ୍ଭମାନେ ସଙ୍ଗୀତ ବିଷୟରେ ଇଂରେଜ ଲେଖକ-ମାନଙ୍କର ବହୁ ସନ୍ଦର୍ଭ ପଢ଼ିଛୁଁ—କିନ୍ତୁ ଆନ୍ତର୍ଜାତିକ ସାହିତ୍ୟ-କ୍ଷେତ୍ର-ରେ ପ୍ରଚଳିତ ଇଂରେଜୀ ସାହିତ୍ୟମାନଙ୍କର ଚିନ୍ତାଧାରା ଠାରୁ ଗୋପ-ବନ୍ଧୁଙ୍କର ଚିନ୍ତାଧାରା ଯେ ଅତି ଉଚ୍ଚରେ ଥିଲା, ତାହା କହିବା ପାଇଁ କୁଣ୍ଠିତ ହେବାର କୌଣସି କାରଣ ନାହିଁ । ଷ୍ଟୋକାନ୍ତ ପତ୍ର ଉଦ୍ଧୃ

GPNanda Colln., Digitized by srujanika@gmail.com

ଖେଳର ପ୍ରତିଯୋଗିତା ଥିବାରୁ ଦୁଇଟିଯାକ ଅନୁଷ୍ଠାନର ପ୍ରତିଯୋଗିତା ମୂଳକ ବିଳାସ ଏକତ୍ର ବର୍ଦ୍ଧିତ ହେଉ । ଉତ୍କଳ ଜନନୀର ଉପଯୁକ୍ତ, ସନ୍ତାନ ଗୋପବନ୍ଧୁ ଉତ୍କଳ ପ୍ରଚଳିତ ସକଳ କଥାକୁ ଭଲ ପାଉଥିଲେ । ସେ ନିଜେ ଥରେ ଥରେ ଆମମାନଙ୍କ ସଙ୍ଗେ ଖେଳନ୍ତି—ସେତେବେଳେ ସେ ଠିକ୍ ପିଲାଙ୍କ ପରି ହୋଇଯାନ୍ତି । କେବେ ଶିକ୍ଷକମାନେ ଦୁଇ ଦଳରେ ବାଣ୍ଟି ହୋଇ ଖେଳନ୍ତି—ଅମ୍ଭେମାନେ ଦର୍ଶକ ହେଉ । ନାନାବିଧ ଦେଶୀ କ୍ରୀଡ଼ା ମଧ୍ୟରୁ ଡୁଡୁ-ଖେଳଟି ପ୍ରତିଯୋଗିତାମୂଳକ କ୍ରୀଡ଼ା ହୋଇ ପ୍ରଶସ୍ତି ଲଭିଥିଲା । ସାଧାରଣ ସ୍କୁଲଙ୍କର ବାର୍ଷିକ ଅଧି-ବେଶନ ପରେ ପରେ ହଣ୍ଟାକାନ୍ତ ଓ ଡୁ-ଡୁ ପ୍ରତିଯୋଗିତା ହେଉଥାଏ ।

ସ୍କୁଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉଦ୍ଭାବିତ ହୋଇ ଛାତ୍ରସମାଜରେ ପରୀକ୍ଷାମୂଳକ କ୍ରିୟାରେ ପ୍ରସାରିତ ହେବା ପରେ ଯେଉଁ ଯେଉଁ ଅନୁ-ଷ୍ଠାନ ସ୍ଥାୟୀ ହୋଇପାରିଥିଲା, ତାହା ଛାତ୍ରପ୍ରାଣକୁ ଆକର୍ଷଣ କରିଥିବା ସ୍ୱାଭାବିକ । ଛାତ୍ରସମାଜ ଛାତ୍ରମାନଙ୍କ ଦ୍ୱାରା ଗଠିତ, ଶୃଙ୍ଖଳିତ ଏବଂ ଉଦ୍‌ବୁଦ୍ଧ ହେଉଥିବାରୁ, ଉତ୍ସାହ ଉଦ୍ଦୀପନାରେ ଛାତ୍ରମାନେ ତାହା ଗ୍ରହଣ ଓ ଧାରଣ କରି ଅଭିଳଷିତ ଫଳଠାରୁ ଅଦ୍ଧୁରି ଅଧିକ କୃତିତ୍ୱ ଦେଖାଇ ପାରୁଥିଲେ । ତେଣୁ ଛାତ୍ରମାନଙ୍କର ପ୍ରଦର୍ଶିତ କ୍ରୀଡ଼ା, କୌତୁକ, ଶିଳ୍ପବସ୍ତୁ ଅତିରିକ୍ତ ବସ୍ତୁ ବିଷୟକ ଗବେଷଣା ଶିକ୍ଷା ବିଭାଗୀୟ ପରିଦର୍ଶକ ତଥା ଦେଶର ନେତୃବୃନ୍ଦଙ୍କଦ୍ୱାରା ପ୍ରଶଂସିତ ହେବାରୁ ଶିକ୍ଷକମାନେ ଅଧିକ ଅଧିକ ଉତ୍ସାହିତ ହୋଇ କାର୍ଯ୍ୟରେ ବ୍ୟାପୃତ ହୋଇ ଯାଉଥିଲେ । ମେଧାବୀ, ବିଚକ୍ଷଣ ଛାତ୍ରମାନେ ଶକ୍ତି ଲାଭକରି ଏକ ଉଦ୍ଦେଶ୍ୟରେ ଦଳବାନ୍ଧି ପରିଚାଳିତ ହେବା ସ୍ୱାଭାବିକ । ପ୍ରଥମେ ଥିବା ଦଳ ଗୁଡ଼ିକର ସଂଖ୍ୟା, ତେଣୁ କାର୍ଯ୍ୟାନୁ-ଷ୍ଠାନର ସଙ୍କୀର୍ଣ୍ଣତା ସବୁ ବିଶାଳ ଅନୁଷ୍ଠାନ ସବୁର ଶେଷକୁ ଏକୀଭୂତ ହୋଇ ଯାଇଥିଲା । ସକଳ କର୍ମାନୁଷ୍ଠାନର କ୍ରମବିକାଶ ଏହିପରି,

GPNanda Colln., Digitized by srujanika@gmail.com

ସର୍ବସ ହୁଏ । ଉ. ଉ. ଓ ଶ୍ଳୋକାନ୍ତ ସ୍ଥାୟୀ ଆମୋଦ ଦାୟକ ବସ୍ତୁ ହୋଇଯିବା ପରେ ତାହା କିପରି ଛାତ୍ର ଜୀବନରେ ଅତି ଆଦରଣୀୟ ଓ ଉନ୍ମାଦନା ଦାୟକ ହୋଇଥିଲା ତାହାର ଉଦାହରଣ ଦିଆଯାଉଅଛି ।

ଛାତ୍ରମାନଙ୍କ ମଧ୍ୟରେ ଏକତା—

ମୋର ୧ମ ଓ ୨ୟ ଶ୍ରେଣୀ ଦୁଇବର୍ଷରେ ଶିକ୍ଷକମାନଙ୍କ ପ୍ରଦର୍ଶିତ ପନ୍ଥାନୁସରଣ ପାଇଁ ଏକାଧିକ ଦଳ ଆଉ ନଥିଲା । ସାଧାରଣ ଛାତ୍ର-ସଭା ଛାତ୍ରମାନଙ୍କ ଦ୍ୱାରା ନିୟନ୍ତ୍ରିତ ଓ ଛାତ୍ରମାନଙ୍କର ଆଦରଣୀୟ ଅନୁଷ୍ଠାନ ହୋଇ ସର୍ବସାଧାରଣ ହୋଇଗଲା—ସ୍କୁଲର ଯାବତୀୟ କର୍ମରେ ଯେ କୌଣସି ପାରଗ ଛାତ୍ର ଯୋଗ ଦେଲେ । ତେଣୁ ଆଦେଶ ଓ ଇଙ୍ଗିତ ମାତ୍ରକେ ସମସ୍ତେ ସବୁ କାର୍ଯ୍ୟରେ ଲାଗିପଡ଼ୁଥିଲେ । 'ବାଣୀ' ପତ୍ରିକା ସମସ୍ତଙ୍କର—ଏପରିକି ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଛାତ୍ରମାନଙ୍କର ସହଯୋଗ ଓ ପିପାସା ସତ୍ୟବାଦୀର ବାୟୁମଣ୍ଡଳକୁ ସୁରଭିତ କରୁଥିଲା । ବର୍ଣ୍ଣନା ସହଜ ଓ ସୁବୋଧ୍ୟ କରିବା ଲାଗି ଯୋଗେ ସନ୍ଦର୍ଭରେ ସହିତ ନିଜ କଥା କହିବାକୁ ହେଉଅଛି । ଉପର ଶ୍ରେଣୀର ଭଲ ଭଲ ଉଦ୍‌ଯୋଗୀ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇ ଚାଲି ଯିବା ପରେ ଦ୍ୱିତୀୟ ଶ୍ରେଣୀଠାରୁ ମୋର ସହପାଠୀମାନେ ଏବଂ ମୁଁ ନିୟମାନୁସାରେ ସକଳ କର୍ମ ତୁଲାଇବାର ଭାର ନେଲୁଁ । ମୁଁ ସମସ୍ତଙ୍କ ଅନୁକୂଳରେ ପରିଚାଳିତ ଥିବାରୁ, ସାଧାରଣତଃ ସ୍କୁଲ କାର୍ଯ୍ୟରେ ଯୋଗଦେବା ଏବଂ ମେଧାବୀ ଛାତ୍ରମାନଙ୍କୁ ପଢ଼ାରେ, ପ୍ରବନ୍ଧ ଲେଖାରେ ଏବଂ ଅନ୍ୟାନ୍ୟ ବହୁ ବିଷୟରେ ସାହାଯ୍ୟ କରିବା ଏବଂ ସେମାନଙ୍କଠାରୁ ସ୍ନେହ ସହାନୁଭୂତି ପାଇବାରେ ଲାଗି ଯାଇଥିଲି । ଜନ-ସଙ୍ଗ ବିରହିତ ମୋର ଏକାକୀ ଜୀବନ ସେହି ହେତୁରୁ ମଧୁମୟ ହୋଇ ପଡ଼ିଥିଲା । ଘଟନାକ୍ରମେ ଯଥାସ୍ଥଳରେ ପ୍ରାପ୍ତ

GPNanda Colln., Digitized by srujanika@gmail.com

ଉତ୍କଳଦେଶର କେତେକ ବର୍ଣ୍ଣନା କରିଅଛନ୍ତି । ପିତୃତୁଲ୍ୟ ଗୁରୁଜନ ମାତୃତୁଲ୍ୟ ଛାତ୍ର—ଶିକ୍ଷକ ମାନଙ୍କର ପାଳନ ପୋଷଣର କ୍ଷେତ୍ର ବିଦ୍ୟାଳୟ ଓ ଛାତ୍ରାବାସ ଏବଂ ସହପାଠୀ ଓ ତଳଶ୍ରେଣୀର ବାଳକମାନଙ୍କର ହାର୍ଦ୍ଦିକ ଭକ୍ତି, ସ୍ନେହ ଓ ଶ୍ରଦ୍ଧାର ପାତ୍ର ଥିବାରୁ ମୁଁ ନିଜ ଜୀବନରେ ସ୍ନେହ ସୁଖର ଅଭାବ ବୋଧ କରୁ ନଥିଲି । ତେଣୁ ଶିକ୍ଷକମାନଙ୍କର ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରାଇ ନେବା ମୋ ପକ୍ଷରେ ସହଜ ହୋଇଥିଲା । ଛାତ୍ର ସମାଜ ମଧ୍ୟ ଅତିଶୟ ଶୃଙ୍ଖଳିତ ହୋଇ ପଡ଼ିଥିଲା । ଗୋପବନ୍ଧୁ ଓ ସମସ୍ତ ଶିକ୍ଷକ ଏହା ଜାଣୁଥିଲେ । ସେହି ସ୍କୁଲର ଛାତ୍ରମାନଙ୍କୁ, ଉପଯୁକ୍ତ ଶିକ୍ଷା ପାଇ ଫେରି ଆସିଲା ପରେ, ବିଦ୍ୟାଳୟର ଭାର ଅର୍ପଣ କରି ଶିକ୍ଷକମାନେ ଦେଶର ବହୁମୁଖୀ ସମସ୍ୟାମୂଳକ କର୍ମରେ ଯୋଗ ଦେବେ ବୋଲି କଳ୍ପନା କରିଥିଲେ । ମୋର ଶେଷ ଦୁଇ ବର୍ଷ ୧୯୧୭ ଓ ୧୯୧୮—ଛାତ୍ର ସମାଜର ଜୀବନ ନିୟନ୍ତ୍ରଣ, କର୍ମସାଧନ, ଶୃଙ୍ଖଳାରକ୍ଷା, ଆସୋସିଏସନ୍, ହଷ୍ଟେଲ୍ କ୍ଲବ, କ୍ରୀଡ଼ା କୌତୁକ ଇତ୍ୟାଦି ଯାବତୀୟ ସିଲବସ ଅତିରିକ୍ତ ଓ ସିଲବସ ପାଠ ଠାରୁ ବହୁଗୁଣ ଶ୍ରେୟସ୍କର ସକଳ ଘଟଣା ଆମ୍ଭମାନଙ୍କ ଉପରେ ନିର୍ଭରରେ ଛାଡିଦେଇ ସମସ୍ତ ଶିକ୍ଷକ ଅଧ୍ୟାପନା କର୍ମରେ ବରାବର ନିଯୁକ୍ତ ରହିଲେ—ସାହିତ୍ୟ ସେବା ଏବଂ ଦେଶର ସକଳ କର୍ମରେ ସ୍ୱଚ୍ଛନ୍ଦ ଓ ସ୍ୱାଧୀନ ଭାବରେ ଯୋଗ ଦେଲେ, ତେଣୁ ଏହି ସମ୍ପର୍କରେ ଛାତ୍ର ସମାଜର କଥା କୁହାଯିବ ।

ଶ୍ଳୋକାନ୍ତ—ପ୍ରତିଯୋଗିତା (ମ୍ୟାଚ୍)

ଶ୍ଳୋକାନ୍ତ ଏମେ ପ୍ରତିଯୋଗିତା ମୂଳକ କ୍ରୀଡ଼ାରୂପ ଧାରଣ କଲା । ବାର୍ଷିକ ଉତ୍ସବର ଦୁଇମାସ ତଳରୁ ପ୍ରତିଯୋଗିତା ଆରମ୍ଭ ହୁଏ । ଦୁଇ ଦୁଇ ଶ୍ରେଣୀର ପ୍ରତିଯୋଗିତାରୁ ଜୟ କରି କରି ଶେଷକୁ

GPNanda Colln., Digitized by srujanika@gmail.com

ଯେଉଁ ଦୁଇ ଶ୍ରେଣୀ ରହନ୍ତି. ସେମାନଙ୍କ ମଧ୍ୟରେ, ସାଧାରଣ ସପ୍ତାହ ବାର୍ଷିକ ଅନୁଷ୍ଠାନ ସବୁରେ ଶେଷ ପ୍ରତିଯୋଗିତା ହୁଏ । ଯେଉଁ ଶ୍ରେଣୀ ଜିତିଯାଏ, ସେହି ଶ୍ରେଣୀକୁ 'ମୁକୁଟ' ଟି ପୁରସ୍କାର ମିଳେ । ଅନେକ ଆଶ୍ଚର୍ଯ୍ୟର କଥା ଯେ ବିଜୟ ଉଲ୍ଲାସରେ ସେହି ଶ୍ରେଣୀର ପିଲାମାନେ ନାନାବିଧ ଉଦ୍‌ଘୋଷ କରି 'ମୁକୁଟ' ଧରି ଶୋଭାଯାତ୍ରା କରୁଥିଲେ । ଅନ୍ୟାନ୍ୟ ଛାତ୍ରମାନେ ସେମାନଙ୍କ ସଙ୍ଗେ ଯୋଗ ଦେଉଥିଲେ । ହିଂସା, ଦ୍ୱେଷ କାହାରି ହୃଦୟରେ ରହୁନଥିଲା । ରହିବା ସ୍ୱାଭାବିକ; ତଥାପି ତାହାର ସ୍ଥାୟୀ ହେବାକୁ ଅବକାଶ ନଥିଲା । ବିଶାଳ ଦେଶ ଭାରତରେ ସଙ୍କୀର୍ଣ୍ଣ ପ୍ରାଦେଶିକ ଭାବ ଲିପ୍ତ ହେବା ପରି ନିଜ ଶ୍ରେଣୀର ଜୟ, ପରାଜୟରେ ଛାତ୍ରମାନଙ୍କର ଆନନ୍ଦ ବା ଦୁଃଖ ଜନ୍ମେ, କେତେବେଳେ ସ୍କୁଲ ବାହାରେ କଳି କଜିଆ ଲାଗେ । ମାତ୍ର ମୋର ସହପାଠୀମାନେ ସମସ୍ତେ ଏକମେଳ ହୋଇ ସବୁ କାର୍ଯ୍ୟ କରନ୍ତି । ପୁଣି ଭାଇନା ଶବ୍ଦର ବ୍ୟବହାର ଚମତ୍କାର ଫଳ ଦେଖାଇ ଥିଲା । 'ବାଣୀ'— ସମ୍ପାଦନରେ ମୁଁ ସବୁ ଶ୍ରେଣୀର ଛାତ୍ର-ଲେଖକଙ୍କୁ ସାହାଯ୍ୟ କରି, ସାହାଯ୍ୟ ପାଇଥାଏ । ମୋର ସହପାଠୀ ମାନେ ସବୁ ଘଟଣାରେ ମୋର ପରାମର୍ଶ ନେଉଥିଲେ; ତେଣୁ ସବୁ କଳିକଜିଆର ତୁଟାଇବା ଭାର ଆମ ଶ୍ରେଣୀର 'ଭାଇନା' ମାନଙ୍କ ଉପରେ ପଡ଼େ; ଶେଷ ନିଷ୍ପତ୍ତି ମୋ ଦ୍ୱାରା ହୁଏ । ଆମ୍ଭେମାନେ ଦ୍ୱିତୀୟ ଶ୍ରେଣୀ ଶେଷପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟରେ କେବେ ସେମିଫାଇନାଲ୍ ପର୍ଯ୍ୟନ୍ତ ମଧ୍ୟ ଉଠିପାରି ନଥିଲୁ । ଚତୁର୍ଥ ଶ୍ରେଣୀର ବାଳକମାନେ ପ୍ରତିବର୍ଷ 'ମୁକୁଟ' ପାଉଥିଲେ । ଥରେ ବାହାରେ ମୋର କେତେକ ଅତି ପ୍ରିୟ ଓ ସହକର୍ମୀ ସହପାଠୀ ସେହି ଶ୍ରେଣୀର ଛାତ୍ରମାନଙ୍କୁ ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ଅପମାନ ସୂଚକ କେତେକ କଥା କହିଲେ । ସେ ବାଳକମାନେ ନୀରବରେ ସହି, ତାଙ୍କ ଭିତରୁ ଦୁଇଜଣ ମୋର ଅତି ପ୍ରିୟ ଛାତ୍ରଙ୍କୁ ପଠାଇଲେ । ସେ ଘଟଣା ଶୁଣି

GPNanda Colln., Digitized by srujanika@gmail.com

ମନେକରି ପକାଇଲେ, ସେ ବିଦ୍ୟାଳୟ ଯେ କ୍ଷଣିକ ସ୍ମରଣ ପରେ ଲୋପ ପାଇଗଲା ଏହା ଭାବି ଦୁଃଖ ବୋଧ ହେଉଅଛି । ଦୁଇ ଛାତ୍ର ପ୍ରତିବାଦ ମୋତେ ଆସି କହିଲେ ।

ଛାତ୍ରମାନଙ୍କର ସହଯୋଗ ଓ ଭାତୃଭାବ—

"ଗୁଇନା ଆପଣଙ୍କର ଆମର ଭଲ ପ୍ରିୟ; ତେଣୁ ତାଙ୍କ ଗାଳି ଆମେ ସହୁଗଲୁ; କିନ୍ତୁ ଆପଣ ଏବିଷୟ ବୁଝନ୍ତୁ ।" ମୁଁ ମୋର ସହପାଠୀଙ୍କି ଡକାଇଲି; ସେ ହଠାତ୍ ବୁଝିପାରି ସେ ଦୁଇ ବାଳକଙ୍କୁ କୁଣ୍ଢାଇ ପକାଇ କହିଲେ, 'ହଇରେ ଭାଇ, ମୁଁ କଣ ନିଜେ ସବୁ ତୁମ୍ଭମାନଙ୍କୁ ଭଲ ପାଏ ନାହିଁ ? ଏକଥାକୁ ଏତେ ଧରୁଛ ତୁମ୍ଭେମାନେ ?" ଏହି କଥା ଏବଂ ସସ୍ନେହ ଆଲିଙ୍ଗନ ହେତୁରୁ ବାଳକ ଦୁଇ କାନ୍ଦି ପକାଇ ଥିଲେ । ଅମ୍ଭମାନଙ୍କ ଶେଷ ବର୍ଷରେ ଗୋପବନ୍ଧୁଙ୍କୁ ଦୂରଦୃଷ୍ଟିରୁ ଉଦ୍ଭାବିତ 'ବାବୁ' ପରିବର୍ତ୍ତିରେ ଭ୍ରାତୃ-ସମ୍ବୋଧନ ଅଦ୍ଭୁତ ପ୍ରଭାବ ବିସ୍ତାର କରିଥିଲା । ତଥାପି ଶ୍ଳୋକାନ୍ତ ଓ 'ଡୁ-ଡୁ' ମ୍ୟାଚ୍‌ରେ ପୁରସ୍କାର ଅଧିକାର କରିବା ପାଇଁ ସବୁ ଶ୍ରେଣୀ ଯତ୍ନ କରୁଥାନ୍ତି ।

ଡୁ-ଡୁ-ଓ-ଶ୍ଳୋକାନ୍ତ ପ୍ରତିଯୋଗିତା—

ଅମ୍ଭେମାନେ ଦ୍ୱିତୀୟ ଶ୍ରେଣୀ ଶେଷ ଏବଂ ପ୍ରଥମ ଶ୍ରେଣୀ ଆରମ୍ଭରେ ବାର୍ଷିକ ଅଧିବେଶନ କରିଥିଲୁଁ । ତେଣୁ ସେବର୍ଷ ଆମ ଶ୍ରେଣୀ ଫାଇନାଲ୍ ମ୍ୟାଚ୍‌କୁ ଉଠିଯିବାରୁ ଦୈ[illegible]ଭ-ଜଣିବା ଲାଗି ବଦ୍ଧପରିକର ହେଲେ । କିନ୍ତୁ ତୃତୀୟ ଶ୍ରେଣୀ ତ ଅଜେୟ; କିପରି ତାଙ୍କୁ ଜିଣିବାକୁ ହେବ ଏ ବିଷୟ ଅତି ଗୋପନରେ ବିଚାର ହେଲା । 'ସ୍ତ' ଅକ୍ଷରରେ ଶ୍ଳୋକ ଛାଣିଲେ ଏବଂ ସେହି ଭଳି ଶ୍ଳୋକ ବେଶି ଯୋଗାଡ଼ିଦେଲେ 'ସ୍ତ'

GPNanda Colln., Digitized by srujanika@gmail.com

ବା 'ଙ' ରେ ଆରମ୍ଭ ହେବା ଶ୍ଳୋକ ସେମାନେ ବେଶି ପାଇବେ ନାହିଁ; ଏହା ପୁଣି ନିତାନ୍ତ କଷ୍ଟକର । ଶ୍ଳୋକ ଶତଶତ ସଂଖ୍ୟାରେ ମିଳି ପାରିବ ନାହିଁ । ତେଣୁ ମୋତେ ମୋର ପ୍ରିୟ ସହପାଠୀ ମାନେ ଶ୍ଳୋକ ଗୁଡ଼ିଏ ରଚନା କରିଦେବାକୁ କହିଲେ ଏବଂ ସ୍ଥିର ହେଲା ଯେ ମୁଁ ଶ୍ଳୋକ ମୁଖସ୍ଥ ନକରି କେବଳ ସେଥିରେ ଲାଗିବି । ଏକଥା ପୁଣି ରାତି ଗୋଟାକ ପରେ ବାହାରି ହୁଏ, କାରଣ ତୃତୀୟ ଶ୍ରେଣୀର ବହୁତ ଛାତ୍ର ମୋର ପ୍ରିୟ ଥିବାରୁ ସେମାନେ କର୍ମ ସମୟରେ ବରାବର ଉପସ୍ଥିତ ଥାଆନ୍ତି । ମୁଁ ରଚନା କରିଦେଲି; ପଣ୍ଡିତ ଭୁବନେଶ୍ୱର ସଂଶୋଧନ କରିଦେଲେ । ପ୍ରତ୍ୟେକ ଅକ୍ଷରକୁ ଆରମ୍ଭରେ ରଖି ଶେଷରେ 'ସ୍ତୁ' ରେ ଶୁଣିବା ଭଳି ଶ୍ଳୋକ ସବୁ ହୋଇଥିଲା । ପଣ୍ଡିତେ ଆମ୍ଭମାନଙ୍କ ଅନୁରୋଧ ରକ୍ଷାକରି କୌଶଳଟିକୁ ଗୋପନ ରଖିଲେ । ସେ ବର୍ଷର ବାର୍ଷିକ ସଭାରେ ଉତ୍କଳର ମାନ୍ୟଗଣ୍ୟ ପ୍ରାୟ ସମସ୍ତ ନେତୃ-ସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ଥିଲେ । ସେ ସଭା ଗୁଡ଼ିକର ବର୍ଣ୍ଣନା ପରେ କରାଯିବ । ସଭାଶେଷରେ ଶ୍ଳୋକାନ୍ତ ମ୍ୟାଚ୍ ଓ ଡୁ-ଡୁ ମ୍ୟାଚରେ ଯଥାକ୍ରମେ ଆମ ଶ୍ରେଣୀ ଓ ତୃତୀୟ ଶ୍ରେଣୀ, ଆମଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀ ମଧ୍ୟରେ ହେବାର ଥାଏ । ମି, ଦାସ ବିଚାରପତି ଥାଆନ୍ତି ଓ ସମସ୍ତ ଶିକ୍ଷକ ଓ ନିମନ୍ତ୍ରିତ ସକଳ ଭଦ୍ରବ୍ୟକ୍ତି ଆଗ୍ରହରେ ଦର୍ଶକ ହୋଇ ବସିଥାନ୍ତି । ପ୍ରଥମାର୍ଦ୍ଧ ସମୟରେ ଶ୍ଳୋକାବୃତ୍ତିରେ ଦକ୍ଷ ତୃତୀୟ ଶ୍ରେଣୀ ଆମ୍ଭମାନଙ୍କୁ ପାଞ୍ଚ ପଏଣ୍ଟ ଦେଇ ଦେଲେ । ଶେଷାକ୍ଷର 'ବା ଉଚ୍ଛନ୍ନ 'ସ୍ୱରବର୍ଣ୍ଣ ମୂଳକ ଶ୍ଳୋକ ବୋଲି ନପାରିଲେ ଗୋଟିଏ ପଏଣ୍ଟ ହୁଏ, ପୁଣି ଅନ୍ୟ ଅକ୍ଷରରେ ପ୍ରତିପକ୍ଷ ବୋଲିବାରୁ ଅନ୍ୟ ଅକ୍ଷରରେ ଛୁଟନ୍ତି । ତୃତୀୟ ଶ୍ରେଣୀ ପକ୍ଷରେ ସବୁ ଶିକ୍ଷକ ବିଶେଷରେ ନୀଳକଣ୍ଠ ବାବୁଙ୍କର ମନଟି ଥାଏ । ବିଶ୍ରାମ ପରେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ପ୍ରତିପକ୍ଷ ଆମମାନଙ୍କୁ ଅଧ ଘଣ୍ଟାକ ପରେ ଆଉ ଗୋଟିଏ ପଏଣ୍ଟ ଦେଲେ । ତାହା ରଚିତ

GPNanda Colln., Digitized by srujanika@gmail.com

ଶ୍ଳୋକ ଗୁଡ଼ିକୁ ବୋଲିବା ପାଇଁ ମୁଁ ସଙ୍କେତ ଦେଲି । ତଥାପି ଅଧଘଣ୍ଟାଏ ପର୍ଯ୍ୟନ୍ତ ସେମାନେ 'ସ' ବା 'ଉ' ମୂଳକ ଶ୍ଳୋକ ବୋଲିଗଲେ । ତାହାପରେ ଆଉ ତାଙ୍କୁ ଆସିଲା ନାହିଁ । ଆମ୍ଭେମାନେ ନୂଆ ପର୍ଣ୍ଣ ସୁଝାଇ ଆଉ ଗୋଟିଏ ପର୍ଣ୍ଣ ଦେବାରୁ ନୀଳକଣ୍ଠ ବାବୁ ସେ ଶ୍ଳୋକ ମାନଙ୍କ ବିରୁଦ୍ଧରେ ଆପତ୍ତି ଉଠାଇଲେ । ରେଫର ମାନନୀୟ ମିଃ ଦାସ ସେ ଶ୍ଳୋକ ସବୁକୁ କାଯୁମାନ୍ତର୍ଗତ; ତେଣୁ ଉପେକ୍ଷଣୀୟ ନୁହେ ବୋଲି କହିଲେ । ଆମ୍ଭମାନଙ୍କର ଶ୍ଳୋକ ଗୃହୀତ ହେଲା । ସେମାନେ ପ୍ରାୟ ଅଧଘଣ୍ଟାଏ ଆଗରୁ ନୀରବ ହୋଇଗଲେ । ନୀଳକଣ୍ଠ ବାବୁ ସେହି ଶ୍ଳୋକମାନ କେଉଁଠାରୁ ଆସିଛି ପଚାରିବାରୁ ଅତି ସରଳ ପଣ୍ଡିତ ମହାଶୟ ଆମ୍ଭମାନଙ୍କର କୁଟନୀତି ବର୍ଣ୍ଣନ କଲେ । 'ସଂସ୍କୃତ ରଚନା ମୋ ଛାତ୍ରମାନେ କରି ପାରିଛନ୍ତି' ଏହି ଭାବରେ ନୀଳକଣ୍ଠ ଓ ଗୋପବନ୍ଧୁ ଉଭୟେ ପ୍ରସନ୍ନ ହେଲେ ଏବଂ ଆମ୍ଭମାନଙ୍କୁ ସେ ପାଣିନୀ ପଢାଇ ଛନ୍ତି ବୋଲି ଜଣାଇ ଦେବାରୁ, ମିଷ୍ଟର ଦାସ ଏବଂ ଅନ୍ୟମାନେ ଭାରି ଖୁସୀ ହୋଇଗଲେ । କିଛିକ୍ଷଣ ପରେ ଡୁ—ଡୁ ମ୍ୟାଚ୍ ହେଲା । ଆମ୍ଭେମାନେ ଆଦୌ ସୁଦକ୍ଷ ଖେଳାଳୀ ନଥିଲୁ । ମୋତେ ଆଦୌ ସେ ଖେଳ ଆସେ ନାହିଁ । ଜଣେ କାଉଣ୍ଟ ଦେବାରୁ ମୁଁ ମଧ୍ୟ ଖେଳିଥିଲି, ମାତ୍ର ଶ୍ଳୋକାନ୍ତ ବିଜୟ—ଉଲ୍ଲାସରେ କି ଅନ୍ୟ କି ହେତୁରୁ ଆମ୍ଭେମାନେ ସେଥିରେ ମଧ୍ୟ ଜିଣିଲୁ । ନିଳପେକ୍ଷ ଆଚାର୍ଯ୍ୟ ହରିହର ରେଫରୀ ଥିଲେ । ସେହି ସ୍ଥଳରେ ସୁଧଙ୍କ ତ ଚନ୍ଦ୍ରାତପ ତଳରେ ମିଃ ହରି ଦାସ ଆମ ଶ୍ରେଣୀକୁ ମୁକୁଟ ଓ ଢାଲ ଦେଲେ । ଶୋଭାଯାତ୍ରା ବେଳେ ମୋ ସହପାଠୀମାନେ ଆଦରରେ ମୋତେ ମୁକୁଟ ଦେବାକୁ ଅନୁରୋଧ କଲେ । ମାତ୍ର ଅପ୍ରତ୍ୟାଶିତ ଭାବରେ ପରାଜିତ ତୃତୀୟ ଶ୍ରେଣୀର ମୋ ପ୍ରିୟଜନ ଯଥାନାଥନ ମୋ ପାଖେ ପାଖେ ଥାଇ ସେ ମୁକୁଟଟିକୁ ମୋ ହାତରୁ ଛଡ଼ାଇନେଲେ ।

GPNanda Colln., Digitized by srujanika@gmail.com

ଏକାଦଶ ଅଧ୍ୟାୟ

ଛାତ୍ରମାନଙ୍କର ଆଲୋଚନା ସଭା—

ପ୍ରତି ଶନିବାର ଦିନ ଅଧା ଛୁଟି ପରେ ଛାତ୍ରମାନଙ୍କର ସାଧାରଣ ସଭା ହୋଇଥାଏ, ତାହା କଦାଚିତ୍ ବନ୍ଦ ହୋଇଥାଏ । ସେ ଅନୁଷ୍ଠାନଟି ମୋର ପ୍ରବେଶ କରିବା ଆଗରୁ ହେଉଥିଲା । ସେଥିରେ ନିର୍ଦ୍ଦିଷ୍ଟ ବିଷୟରେ ପ୍ରବନ୍ଧ ପାଠ ହୁଏ ଏବଂ ଥରେ ଥରେ ବିଚ୍ଛିନ୍ନ ବିଷୟରେ ଯୁକ୍ତି ତର୍କ ମୂଳକ ପ୍ରତିଯୋଗିତା ହୁଏ । ତଦ୍ୱାରା ଛାତ୍ରମାନଙ୍କର ଚିନ୍ତା ଶକ୍ତି, ଲେଖନ ପରିପାଟୀ ଏବଂ ବକ୍ତୃତାରେ ପ୍ରଗଲ୍‌ଭତା ଜନ୍ମିବା ସ୍ୱାଭାବିକ । ମାତ୍ର ମୋର ଦ୍ୱିତୀୟ ଶ୍ରେଣୀ ଆରମ୍ଭ ପର୍ଯ୍ୟନ୍ତ ତହିଁରେ ଛାତ୍ରମାନଙ୍କର ଆକର୍ଷଣ ଜନ୍ମି ପାରି ନଥିଲା । ଆଗରୁ କୁହା ଯାଇଅଛି ଯେ ଦ୍ୱିତୀୟ ଶ୍ରେଣୀର ବାଳକମାନେ ତାହାର ପରିଚାଳନା କରନ୍ତି । ମୋର ତୃତୀୟ ଶ୍ରେଣୀ ଶେଷ ଆଡକୁ ଶ୍ରୀଯୁକ୍ତ ରତ୍ନାକର ପତି ଏମ୍.ଏ ପରୀକ୍ଷା ଦେଇ ସତ୍ୟବାଦୀ ବିଦ୍ୟାଳୟରେ କିଛିଦିନ ଅଧ୍ୟାପନା କରିଥିଲେ । ୧୯୧୪ ସାଲରେ ସେ ଗୋପବନ୍ଧୁଙ୍କର ପ୍ରଥମା କନ୍ୟାଙ୍କୁ ବିବାହ କରିଥିଲେ । ସମସ୍ତ ଶିକ୍ଷକ ଓ ଛାତ୍ରମାନେ ସେ ଘଟଣାରେ ଗୋପବନ୍ଧୁଙ୍କ ଗ୍ରାମ ସୁଆଣ୍ଡ ଯାଇଥିଲୁ । ସେହି ସମୟରେ ଶ୍ରୀଯୁକ୍ତ ରତ୍ନାକର ପତିଙ୍କର ସମୁଜ୍ଜ୍ୱଳ ଚରିତ୍ର, ଛାତ୍ର ଜୀବନର ସାଧନା ଇତ୍ୟାଦି ତଥା ଉନ୍ନତ ମନୋବୃତ୍ତି ଆମ୍ଭେମାନେ ଶୁଣିଥିଲୁ ଏବଂ ଲକ୍ଷ୍ୟ କରିଥିଲୁ । ନିଜର ବ୍ୟକ୍ତିତ୍ୱ ଏବଂ ତାଙ୍କ ପ୍ରତି ଶିକ୍ଷକ ମାନଙ୍କର ଅକୃତ୍ରିମ ସ୍ନେହ ଥିଲା । ସେ ଯେତେ ଅଳ୍ପଦିନ ଥିଲେ ସେଥି ମଧ୍ୟରେ

GPNanda Colln., Digitized by srujanika@gmail.com

ଅନ୍ୟାନ୍ୟ ଶିକ୍ଷକମାନଙ୍କ ପରି ବିଦ୍ୟାଳୟର ବହୁ ମୁଖ୍ୟ କର୍ମରେ ନିଜକୁ ମିଶାଇ ଦେଉଥିଲେ । ସବୁ ଉତ୍ତମ ଛାତ୍ରଙ୍କୁ ସେ ଜାଣୁଥିଲେ ମାତ୍ର କାହାରି ସଙ୍ଗେ ସାକ୍ଷାତ ସମ୍ପର୍କ ନରଖି ପରୋକ୍ଷରେ ଉତ୍ସାହ ଦେଉଥିଲେ । ସେ ସତ୍ୟବାଦୀ ବିଦ୍ୟାଳୟରେ ଶିକ୍ଷା ଦେଉଥିବା କାଳରେ ମୁଁ କେବେ ତାଙ୍କ ନିକଟକୁ ଯାଇ ନଥିଲି । ମାତ୍ର ସେ ମୋ ବିଷୟରେ ସକଳ କଥା ଜାଣିଥିଲେ, ତେଣୁ ମୁଁ କଟକ—କଲେଜରେ ଯେତେବେଳେ ତାଙ୍କର ଛାତ୍ର ହେବାର ସୁଯୋଗ ପାଇଲି, ସେ ମୋର ପରମ ବନ୍ଧୁ ଥିଲେ ଏବଂ ନୀରବ ସହାୟକ ଥାଇ, ମୋତେ ସର୍ବବିଧ ସାହାଯ୍ୟ ଦେବାପାଇଁ ପ୍ରସ୍ତୁତ ଥିବାରୁ ମୁଁ କଟକରେ ନିଃସମ୍ବଳ ସାଧନାମୟ ଅଥଚ ସ୍ୱାଧୀନ ଜୀବନ ଚଳାଉଥିଲେ ମଧ୍ୟ, ମୋର କଦାପି ଭୟ ବା ନିରାଶା ନଥିଲା ଓ ଅଭାବ ମଧ୍ୟରେ ହୃଦୟ ଭାଙ୍ଗି ପଡୁ ନଥିଲା ।

ଶ୍ରୀଯୁକ୍ତ ରତ୍ନାକର ପତି—

ଛାତ୍ରମାନଙ୍କର ସାହିତ୍ୟ ଚର୍ଚ୍ଚା ଏବଂ ଉତ୍ତମ ଲେଖା ଦେଖିଲେ ସେ ଅତ୍ୟନ୍ତ ଆପ୍ୟାୟିତ ହେଉଥିଲେ । ଆମ୍ଭମାନଙ୍କ ସମ୍ପାଦିତ 'ବାଣୀ' ପତ୍ରିକାକୁ ସେ ଆମୂଳଚୂଳ ପଢି ତାଙ୍କର ପ୍ରିୟତମ ବନ୍ଧୁ ବାସୁଦେବଙ୍କ ସଙ୍ଗେ ଆଲୋଚନା କରୁଥିବାରୁ; ଆମ୍ଭେମାନେ ତାଙ୍କଠାରୁ ସବୁ କଥା ଶୁଣୁଥିଲୁଁ । ଗୋଟିଏ ଥର ଶନିବାର ଛାତ୍ରସଭାରେ ସେ ସଭାପତି ଥିଲେ । ସେତେବେଳେ ଛାତ୍ରମାନଙ୍କର ବିଶେଷ ଆଗ୍ରହ ନଥିବାରୁ ଛାତ୍ରାବାସର ପ୍ରତି ଘରେ ବୁଲି ବୁଲି ଛାତ୍ରମାନଙ୍କୁ ଡାକି ନେବାକୁ ହେଉଥିଲା । ବୋର୍ଡିଂର ସବୁ ବ୍ଲକ୍‌ରେ ସର୍ବମୋଟ ଚାରିଶହ ପାଞ୍ଚଶହ ମଧ୍ୟରେ ଛାତ୍ର ଥିଲେ; ମାତ୍ର ପ୍ରାୟ ଶହେ ପର୍ଯ୍ୟନ୍ତ ଛାତ୍ରସଭାରେ ଯୋଗ ଦେଉଥାନ୍ତି । ରତ୍ନାକର ବାବୁ ସଭାପତିତ୍ୱ କାଳରେ ଦୁଃଖର ସହିତ ପ୍ରକାଶ କଲେ ଯେ ଛାତ୍ର ସମାଜର ଏ ଅନୁଷ୍ଠାନ ପ୍ରତି ଆଗ୍ରହ ନଥିଲା !

GPNanda Colln., Digitized by srujanika@gmail.com

ସତ୍ୟବାଦୀ ବିଦ୍ୟାଳୟ ପକ୍ଷରେ ଗୌରବଜନକ ନୁହେ । ଏକଥା ମୋ ମନରେ ଥିଲା ।

କିପରି ସେ ସଭା ଚିତ୍ତାକର୍ଷକ ହେଲା—

ଦ୍ୱିତୀୟ ଶ୍ରେଣୀ ଆରମ୍ଭରେ ମୋତେ ସେ ସଭାର ସମ୍ପାଦକ କରି ଦିଆଗଲା ଏବଂ ନୀଳକଣ୍ଠ ବାବୁ ସ୍ଥାୟୀ ସଭାପତି ହେଲେ । ମୁଁ ମୋର ସହପାଠୀ ଓ ସଙ୍ଗୀମାନଙ୍କ ମଧ୍ୟରୁ ତିନିଜଣଙ୍କୁ ସଙ୍ଗରେ ନେଇ ନୀଳକଣ୍ଠ ବାବୁଙ୍କ ପାଖକୁ ଦିନେ ସନ୍ଧ୍ୟାବେଳେ ଗଲି । ସଭାଟି କିପରି ଚିତ୍ତାକର୍ଷକ ହେବ, ତାହାର ବାଟ ବତାଇ ଦେବାକୁ କହିଲି । ନୀଳକଣ୍ଠ ବାବୁ ପ୍ରଥମେ କହିଲେ ଯେ ମାଗଣା ଉପଦେଶ ଶୁଣିବାକୁ କେହି ଭଲ ପାଆନ୍ତି ନାହିଁ । ଯେତେ କମ ହେଉ ପଛକେ ତୁମ୍ଭେମାନେ ସାହିତ୍ୟ ସାଧନା ପାଇଁ କିଛି ବ୍ୟୟ କରିବାର ବ୍ୟବସ୍ଥା କର । ମେମ୍ବରମାନେ 'ଫି' ଦିଅନ୍ତୁ । ସ୍ଥିର ହେଲା ଯେ ପ୍ରଥମ ପ୍ରବେଶିକା ଫି ଏକଅଣା ହେବ ଏବଂ ପ୍ରତିଦିନ ପ୍ରତି ବାଳକ ଏକପଇସା ଦେଇ ଉପସ୍ଥାନ ପକାଇବେ । ଦୂରରେ ଥିଲେ ଦରଖାସ୍ତ ଦେଇ ପଇସା ପଠାଇ ଦେବେ । ଲଗେ ଲଗେ ତିନିଥର ଅନୁପସ୍ଥିତ ରହିଲେ ନାମ କଟିଯିବ, ପୁଣି ନାମ ଲେଖାଇବାକୁ ପ୍ରବେଶିକା ଫି ଦେବାକୁ ହେବ । ଏକକାଳୀନ ଏକଟଙ୍କା ଦେଇ ନାମ ଲେଖାଇଥିବା ଛାତ୍ର ପାଇଁ ନିୟମ ନାହିଁ । ତାହାପରେ ତାହାର କାର୍ଯ୍ୟକ୍ରମକୁ ଚିତ୍ତାକର୍ଷକ କିପରି କରାଯିବ, ଏଥିଲାଗି ଆଲୋଚନା ଚାଲିଲା ଏବଂ ନୀଳକଣ୍ଠ ବାବୁ ଯୋଜନା କଲେ ଯେ ଗୋଟିଏ ଥର ସାଧାରଣ ପ୍ରବନ୍ଧପାଠ ଏବଂ ବକ୍ତୃତା ହେବ—ତହିଁରେ ଲଗି ଲଗି ଦୁଇଥର ବକ୍ତୃତା ପ୍ରତିଯୋଗିତା ହେବ । ମାସର ଶେଷ ଶନିବାର ଦିନ Lalegro club ହେବ । ତହିଁରେ ଯେ ଯାହା ଇଚ୍ଛା କରିବ—(ଅର୍ଥାତ୍ ପ୍ରବନ୍ଧ ପାଠ, ଯେ

GPNanda Colln., Digitized by srujanika@gmail.com

କୌଣସି ବିଷୟରେ ବକ୍ତୃତା—କବିତା ପାଠ, 'ବାଙ୍ଗ ଚନ୍ଦ୍ରପ୍ରାନ୍ତର ଗଦ୍ୟ ବା ପଦ୍ୟ ପାଠ, କାଥକ ଗୀତ, ସଂସ୍କୃତ ଇଂରାଜୀ ଓଡ଼ିଆ ଯେ କୌଣସି ଭାଷାରେ ଲେଖା ପଢ଼ିବା ଇତ୍ୟାଦି) କରାଯାଇବେ । ସେପରି କରିବା କଥା ଏବଂ ତାଙ୍କର ବିଷୟ ବସ୍ତୁ ସମ୍ପାଦକଙ୍କୁ ପାଞ୍ଚଦିନ ଆଗରୁ ଜଣାଇ ଦେଲେ, ଉପର୍ଯ୍ୟୁକ୍ତ ବିଷୟ ମାନଙ୍କର ନିର୍ବାଚନ ହେବ । ରବିବାର ଦିନ ସକାଳେ History Club ଇତିହାସ ଆଲୋଚନା ସଭା ହେବ ଏବଂ ସେଥିପାଇଁ ଅନ୍ୟ କର୍ମୀ ନିଯୁକ୍ତ ହେବେ । ସେହିଠାରେ ମୋର ଜଣେ ସହପାଠୀଙ୍କୁ ନିର୍ବାଚନ କରାଯାଇ, ତାଙ୍କଠାରୁ ସମ୍ମତି ନିଆଗଲା । ପ୍ରାୟ ରାତି ବାରଟା ବେଳେ ଆଲୋଚନା ଶେଷକରି ଆମ୍ଭେମାନେ ଫେରିଗଲୁ । ଏହା କାର୍ଯ୍ୟକାରୀ ହେବ କି ନ ହେବ ଏ ବିଷୟରେ ସନ୍ଦେହ ଥିଲା । ମାତ୍ର ମୁଁ ଏବଂ ମୋତେ ଭଲ ପାଉଥିବା ମୋର ସହପାଠୀ ଓ ସହକର୍ମୀ କନିଷ୍ଠ ସଙ୍ଗୀମାନଙ୍କର ସଂଖ୍ୟା ତ କମ୍ ନଥିଲା । ସେମାନେ ପ୍ରତି ଘରକୁ ଯାଇ ଛାତ୍ରମାନଙ୍କୁ ଉଦ୍‌ବୁଦ୍ଧ କଲେ । ଶ୍ରେଣୀ ମଧ୍ୟରେ ସେହି ବିଚାର ଚାଲିଲା । ପ୍ରଥମ ଶନିବାର ଦିନ ଯଥାରୀତି ସଭା ବସିଲା । ପାଞ୍ଚଶହ ଛାତ୍ର ପ୍ରବେଶିକା ଫି ଚାରିଅଣା ଏବଂ ସେଦିନ ପାଇଁ ପଇସାଏ ଦେଇ ସଭାରେ ବସିଲେ । ପଣ୍ଡିତ ଗୋପବନ୍ଧୁ ସଭାପତିର ଆସନ ଗ୍ରହଣ କରିଥିଲେ । ସମସ୍ତ ଶିକ୍ଷକ ମଧ୍ୟ ଉପସ୍ଥିତ ରହି ଛାତ୍ରମାନଙ୍କର ଆଗ୍ରହ ପାଇଁ ଉତ୍ସାହ ଦାନ କରିଥିଲେ । ଗୋପବନ୍ଧୁ ନୂଆ ଆଲୋଚନା କ୍ଲବ୍‌ର କାର୍ଯ୍ୟକ୍ରମ ଶୁଣିଲେ ଏବଂ ସବୁ ଛାତ୍ର ଲେଖିବା ଓ କହିବା ପାଇଁ ଆଗ୍ରହ ପୋଷିବା ନିମନ୍ତେ ଉଦ୍‌ବୋଧନ ଦେଇଥିଲେ । ତିନ୍ହି ଆରଥରକୁ ଶ୍ରୀରାମଙ୍କର ବନବାସ ଠିକ୍ କି ଭୁଲ୍ ଏହି ବିଷୟରେ ଯୁକ୍ତି ତର୍କ ମୂଳକ ଆଲୋଚନା ହେବ ବୋଲି ଠିକ୍ କରିଦେଇ ଦୁଇ ଦୁଇ ଜଣଙ୍କୁ ଲେଖିବା ପାଇଁ ବାଛିଦେଲେ । ମୋତେ ସମ୍ପାଦକ ହିସାବରେ

GPNanda Colln., Digitized by srujanika@gmail.com

ସକଳ ଲେଖା, ସକଳ କାର୍ଯ୍ୟର ବିବରଣ ସଂକ୍ଷେପରେ ଲେଖି ରଖିବା ପାଇଁ ବସାଇ ଦେଲେ । ତହୁଁ ଆରଦିନୁଁ ଇତିହାସ-ସମିତିର ଅଧିବେଶନ ଗଢ଼ିଲା । ଯେଉଁ ଛାତ୍ରମାନଙ୍କର ଇତିହାସ ଅଧିକ ବିଷୟ ଥିଲା ଏବଂ ଯେଉଁମାନେ ସେ ବିଷୟ ପ୍ରତି ଆଗ୍ରହୀ ଥିଲେ ସେହିପରି ଶତାଧିକ ଛାତ୍ର ତହିଁରେ ଯୋଗ ଦେଉଥିଲେ । ଶିକ୍ଷକମାନଙ୍କର ପୂର୍ଣ୍ଣ ସହଯୋଗ ଥିଲା । ସେଥିରେ ମଧ୍ୟ ପ୍ରତିଯୋଗିତାମୂଳକ ବକ୍ତୃତା ଓ ଆଲୋଚନା ହେଉଥିଲା । ଶ୍ରେଣୀ ମଧ୍ୟରେ ପଢ଼ା ଯାଉଥିବା ପୁସ୍ତକ-ଜ୍ଞାନରେ ଇତିହାସ-ଆଲୋଚନାର ପରିସର ସଂକୀର୍ଣ୍ଣ; ତେଣୁ ଭାରତ-ଇତିହାସର ବିସ୍ତୃତ ଆଲୋଚନା ପାଇଁ ତାହା ଉପଯୁକ୍ତ କ୍ଷେତ୍ର ହୋଇ-ପଡ଼ିଲା । ମୁଁ ପ୍ରତ୍ୟେକ ଥର ତହିଁରେ ଯୋଗ ଦେଉଥିଲି—ଇତିହାସ ମୋର ଅଧିକା ବିଷୟ ନଥିଲା । ମାତ୍ର ସେ ସଭାରେ ମୂଳରୁ ଶେଷ ପର୍ଯ୍ୟନ୍ତ ଯେପରି ଇତିହାସର ଚର୍ଚ୍ଚା ହେଉଥିଲା ଏବଂ ଇଂଲଣ୍ଡ ଇତି-ହାସର ତୁଳନାମୂଳକ ଆଲୋଚନା ହେଉଥିଲା, ତାହାର ଫଳରେ ମୁଁ କଲେଜରେ ଇତିହାସ ନେଇ ବିଶେଷ କଷ୍ଟ ନ ପାଇ ଉତ୍ତୀର୍ଣ୍ଣ ହୋଇ-ଥିଲି । ଗୋପବନ୍ଧୁଙ୍କର 'ବୈଦିକ ସଭ୍ୟତା', ନୀଳକଣ୍ଠଙ୍କ 'ଅଶୋକ-ଆକବର-ତୁଳନା' ଏବଂ କୃପାସିନ୍ଧୁଙ୍କର 'ଶିବାଜୀ ଓ ମରହଟ୍ଟା', ଗୋଦାବରୀଶଙ୍କର 'ରାଜପୁତ ଜାତିର ଇତିହାସ ଓ ଭାରତ ଇତିହାସରେ ରାଜପୁତ-ବୈଶିଷ୍ଟ୍ୟ' ଏହି ପ୍ରବନ୍ଧ ଗୁଡ଼ିକ ଅତି ଉପାଦେୟ ଥିଲା । ମାନ-ଚିତ୍ର ସାହାଯ୍ୟରେ ମ୍ୟାଜିକ୍ ଲଣ୍ଠନ ଦ୍ୱାରା ବେଳେ ବେଳେ ବକ୍ତୃତା ହୋଇଥାଏ । ଛାତ୍ରମାନଙ୍କ ଅନୁଷ୍ଠାନରେ ଗୋପବନ୍ଧୁଙ୍କର ଉତ୍ସାହ ଏବଂ ନୀଳକଣ୍ଠଙ୍କର ପୂର୍ଣ୍ଣସହଯୋଗ ଓ ଶିକ୍ଷକମାନଙ୍କର ଆଗ୍ରହ ଆମ୍ଭମାନଙ୍କୁ ବେଶି ଉତ୍ସାହିତ କରୁଥିଲା । ଶ୍ରୀରାମଙ୍କ ବନବାସ ରାମଙ୍କ ଭଲଗୁଣ କି ମନ୍ଦ-ଗୁଣ—ଏ ବିଷୟ ଗୋପବନ୍ଧୁ ବାବୁ ବାଛିଥିଲେ । ସେଦିନ ସେ ଉପସ୍ଥିତ ରହିଥାନ୍ତି, ନୀଳକଣ୍ଠ ବାବୁ ସଭାପତି ହୋଇଥାନ୍ତି । ସେ ଯୁକ୍ତି

GPNanda Colln., Digitized by srujanika@gmail.com

ତର୍କ ମୂଳକ ବକ୍ତୃତା ପ୍ରତିଯୋଗିତା ଶିଖାଇବା ପାଇଁ ପ୍ରଥମେ ସପକ୍ଷରେ ଓ ପରେ ବିପକ୍ଷରେ ଯୁକ୍ତି କରି ଆମ୍ଭମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରି ଦେଇଥିଲେ । ପ୍ରଥମ ମାସର ଶେଷ ଶନିବାର ପାଇଁ ନୀଳକଣ୍ଠ ବାବୁ ବିଶେଷ ପରିଶ୍ରମ କରିଥିଲେ । ଶିକ୍ଷକମାନଙ୍କର ନାନା ବିଷୟକ ଆଲୋଚନା ଆମ୍ଭମାନଙ୍କୁ ବେଶି ଆନନ୍ଦ ଓ ଉତ୍ସାହ ଦେଇଥିଲା । ଗୋଦାବରୀଶ ମର୍ଚେଣ୍ଟ ଅଫ୍ ଭେନିସ୍‌ରୁ ଆବୃତ୍ତି କରିଥିଲେ; ନୀଳକଣ୍ଠ ସଂସ୍କୃତରେ ଗୋଟିଏ ପ୍ରବନ୍ଧ ଲେଖି ପଢିଥିଲେ । ପଣ୍ଡିତ ଭୁବନେଶ୍ୱର ସଂସ୍କୃତରେ ବକ୍ତୃତା କରିଥିଲେ । ଛାତ୍ରମାନଙ୍କ ମଧ୍ୟରେ ବିପୁଳ ଉତ୍ସାହ ଥିବାରୁ ବ୍ୟଙ୍ଗ କବିତା, ହାସ୍ୟରସୋଦ୍ଦୀପକ ଡାଏଲଗ, ଏବଂ କଥକ ଭଙ୍ଗୀ ପ୍ରଦର୍ଶନ ଅତି ଚିତ୍ତାକର୍ଷକ ହୋଇଥିଲା । ପଣ୍ଡିତ ଗୋଦାବରୀଶଙ୍କର ପାଦ୍ରୀ ସାହେବ ପରି ଅଭିନୟ ଏବଂ ସଭାପତି ଗୋପବନ୍ଧୁଙ୍କର ବହୁ ରସୋଦ୍ଦୀପକ ବକ୍ତୃତା ସେ ସଭାର ଉପଯୋଗିତା ଏବଂ ଆନନ୍ଦ ଦାୟକ ଭାବ ସୃଷ୍ଟି କରି ଦେଇଥିଲା । ବର୍ଷ ଶେଷ ପର୍ଯ୍ୟନ୍ତ ଯଥାନୁଷ୍ଠିତ ବିଧିରେ ପୂର୍ଣ୍ଣ ଗାମ୍ଭୀର୍ଯ୍ୟ ଓ ଆନନ୍ଦ ଦେଇ ବରାବର ହକି କ୍ଲବ୍ ଓ ଆସୋସିଏସନ୍ ଚାଲିଥିଲା । ପ୍ରତ୍ୟେକର ଏକପଇସା ଦେଇ, ଉପସ୍ଥାନ ପକାଇବା ପ୍ରଭୃତି ଆଉ ଦରକାର ହେଉନାହିଁ । ଶନିବାର ସ୍କୁଲ୍ କାର୍ଯ୍ୟ ଶେଷରେ ଅଧିକାଂଶ ଛାତ୍ର ସଂଧ୍ୟା ସଳିଳ ସମ୍ମିଳନୀ ସ୍ଥଳକୁ ଯାଉଥିଲେ । ସମ୍ମିଳନୀ ସ୍ଥଳୀରେ ପ୍ରଥମେ ଦୀର୍ଘ ଘଣ୍ଟା ଏବଂ ପନ୍ଦର ମିନିଟ୍ ପରେ ଆଉ ଗୋଟିଏ ଘଣ୍ଟା ବାଜିବା ବେଳକୁ ସଭାସ୍ଥଳ ଭରପୂର ହୋଇଯାଏ ଓ ସେଠାରେ ସଂଘ କାର୍ଯ୍ୟରେ ଛାତ୍ରମାନେ ଯୋଗ ଦେଉଥିଲେ ମଧ୍ୟ ସବୁ ଅନୁଷ୍ଠାନ ଗୁଡ଼ିକ ସୁନିୟମର ଓ ଆନନ୍ଦଦାୟକ ଥିବାରୁ ଆମ୍ଭମାନଙ୍କ ପ୍ରତି ଅତି ସ୍ପୃହଣୀୟ ଥିଲା ।। ତଥାପି ଆମ୍ଭମାନଙ୍କର ପଢାପଢିରେ ବ୍ୟାଘାତ ନ କରିବାର ଅବସର ନ ଥିଲା । ଏକ କର୍ମପରେ ଅନ୍ୟ କର୍ମ ସହଜରେ ଆରମ୍ଭ ହୋଇ ପାରୁଥିବାରୁ

GPNanda Colln., Digitized by srujanika@gmail.com

ପୂର୍ବ ବର୍ଷର ବ୍ୟବସ୍ଥିତି ଏବଂ ନୂତନ ବର୍ଷରେ ନିଯୁକ୍ତ ଅମ୍ଭମାନଙ୍କର ଦୈନନ୍ଦିନ କାର୍ଯ୍ୟ ହେଉଥିବାରୁ, ଅବ୍ୟାହତ ହୋଇ ଚାଲିଥିଲା । ପୁଣି ଶିକ୍ଷକମାନେ କ୍ଲାସ ପଢା ପ୍ରତି ଅତ୍ୟନ୍ତ ମନୋଯୋଗୀ ଥିବାରୁ ଯେଉଁମାନେ ସାଧାରଣ କାର୍ଯ୍ୟରେ ଲାଗିଥାନ୍ତି, ସେମାନଙ୍କ ତ୍ରୁଟି ପ୍ରତି ଦୃଷ୍ଟି ରଖିଥାନ୍ତି ।

ନୀଳକଣ୍ଠଙ୍କର ପାଠନ ପ୍ରୀତି ଓ ସହିଷ୍ଣୁତା—

ଅମ୍ଭେମାନେ ପାଣିନି- ବ୍ୟାକରଣରେ ପରୀକ୍ଷା ଦେଇ ପାସ କରିସାରିବା ପରେ ପରେ ଆମ ଦ୍ୱିତୀୟ ଶ୍ରେଣୀରେ ନୀଳକଣ୍ଠ ବାବୁ ସଂସ୍କୃତରୁ ଓଡ଼ିଆ ଅନୁବାଦ କରାଉଥିଲେ । ଗୋଟିଏ ହେଲେ ସୂତ୍ର କେହି କହି ପାରିଲେ ନାହିଁ । ମୋତେ ପାଣିନି ସୂତ୍ର ପଚାରିଲେ; ଉତ୍ତର ନପାଇ ରାଗି ଯାଉଥିବାରୁ ମୁଁ ପାଣିନି—ସୂତ୍ର କହି ପାରିଲି ନାହିଁ । ସେ କ୍ଲାସ ଛାଡିଦେଇ କ୍ରୋଧରେ ଚାଲିଗଲେ । ସେଦିନ ଶନିବାର । ଗୋପବନ୍ଧୁ, ନୀଳକଣ୍ଠ, ହରିହର, ଗୋଦାବରୀଶ ପ୍ରଭୃତି ସମସ୍ତେ ଏକାଠି ବସି, ଆମମାନଙ୍କ କଥା ବିଚାର କରୁଥାନ୍ତି । ତେଣେ ସ୍କୁଲ ପରେ ସଭା ଘଣ୍ଟା (ଶନିବାର ଥିବାରୁ) ବାଜିଗଲା । ମୁଁ ଓ ମୋହର ଜଣେ ସହପାଠୀ ସଭାପତି ନୀଳକଣ୍ଠ ବାବୁ ଏବଂ ଅନ୍ୟାନ୍ୟ ଶିକ୍ଷକମାନଙ୍କୁ ଡାକିବାକୁ ଗଲାମାନେ ମୋତେ ଏବଂ ମୋର 'ବିବରଣୀ' ଖାତାକୁ ଦେଖି ହଠାତ୍ କହିଲେ—"ଏଇଟା ଏହି ହେଉଛି ମିଟିଂର ସମ୍ପାଦକ ହୋଇ ଗର୍ବୀ, ଧୃଷ୍ଟ ହୋଇ ଆଉ କିଛି ପଢୁନାହିଁ ।" ଗୋପବନ୍ଧୁ ତାଙ୍କ ସ୍ୱରସ ସୁନ୍ଦର ନିଶ୍ଚଳ ଭଙ୍ଗୀରେ ପଚାରିଲେ "କିରେ, ତୁମ୍ଭେ ସବୁ ଏହି ବ୍ୟାକରଣ ପଢ଼ି" ପାସ କରିଥିଲ ? ନୀଳକଣ୍ଠଙ୍କୁ ଏପରି ବାରମ୍ବାର ହରକତ କରୁଛ କାହିଁକି ?" ନୀଳକଣ୍ଠ ବାବୁଙ୍କ ମନରେ ନପଡ଼ିବାରୁ ସେ ମୋଠାରୁ ଉତ୍ତର ପାଇବାକୁ ଚାହୁଁଥିଲେ । ପରେ ମନେ ପଡ଼ିଯାଇଥିବାରୁ ମୁଁ ସେ ସୂତ୍ର ଓ ତାହାର

GPNanda Colln., Digitized by srujanika@gmail.com

ବାହାବା କହିଲି । ସେ ତ ରାଗିଥିଲେ; କହିଲେ "ମୁଁ ଆଉ ତୁମ ଶ୍ରେଣୀରେ ପଠାଇବ ନାହିଁ ।" ମୁଁ ସଙ୍ଗେ ସଙ୍ଗେ ଧୀର ଓ ବିନମ୍ର ଭାବରେ କହିଲି, "ଆପଣ ତ ଆମ୍ଭମାନଙ୍କୁ ପଠାଇଥିଲେ—ଆପଣଙ୍କ ମନରେ ଠିକ ନଥିଲା; ମୋର ସେତେବେଳେ ମନେ ପଡ଼ୁନଥିଲା—ଏବେ ତ କହିଲି !" ସେ ଗମ୍ଭୀର ଭାବରେ ମୋତେ ଚାହିଁଲେ । କୌଣସି ବାଳକ ଆଉ ସେବାକୁ ଗଲେ ନାହିଁ । ମୁଁ ଅନୁନୟ କରି କହିଲି "ସମସ୍ତେ ଚାଲିଯାଆନ୍ତୁ ।" ସମସ୍ତେ ଉଠିଲେ । ଗୋପବନ୍ଧୁ ବାବୁ କହିଲେ "ଆସ ନୀଳକଣ୍ଠ, ସେପରି ସମସ୍ତ ସମୟରେ ହଠାତ୍ ବିସ୍ମରଣ ହୁଏ । ତୁମର ମନେ ନଥିଲା । ଏବେତ ସେ କଥା ସରିଲାଣି । 'ଛାତ୍ର' ମୁଖରୁ ଏ ଉତ୍ତର କେଡେ ମଧୁମୟ !" ନୀଳକଣ୍ଠ ବାବୁ ଗମ୍ଭୀର ଭାବରେ ଚାହିଁଲେ ।

ଉତ୍କଳ ସମ୍ମିଳନୀରେ ଛାତ୍ରମାନଙ୍କ ଯୋଗଦାନ—

ଏଣୁ ଛାତ୍ର ସମ୍ମିଳନୀ ଛାତ୍ରମାନଙ୍କର ଶିକ୍ଷାପ୍ରଦ ଅନୁଷ୍ଠାନ ଥିଲା ଏବଂ ଛାତ୍ରମାନେ ତହିଁରେ ଉତ୍ତମ ବକ୍ତା ହେବାରେ ତାଲିମ୍ ହେଉଥିଲେ । ୧୯୧୮ ସାଲରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀକୁ ଗୋପବନ୍ଧୁ ବାବୁ କେତେକ ଶିକ୍ଷକଙ୍କୁ ଓ ଚାଳିଶ ଜଣ ଛାତ୍ରଙ୍କୁ ନେଇ କଟକ ଆସିଥିଲେ । ଆଚାର୍ଯ୍ୟ ହରିହରଙ୍କ ତତ୍ତ୍ୱାବଧାନରେ ଆମ୍ଭମାନେ ଗୋଟିଏ ବସାରେ ରହିଲୁ ଏବଂ ଆମ୍ଭମାନଙ୍କ ଶିକ୍ଷକମାନେ ଉତ୍କଳ ସମ୍ମିଳନୀର ଉଦ୍‌ଯୋକ୍ତା, ବକ୍ତା ଓ ନେତାଙ୍କ ସଙ୍ଗେ ଅନନ୍ୟ ରହିଥିଲେ । ଆମ୍ଭେମାନେ ପ୍ରଥମ ଦୁଇଦିନ ଉତ୍କଳ ସମ୍ମିଳନୀରେ ମିଃ ଦାସ ଓ ଆମ ଗୋପବନ୍ଧୁଙ୍କ କ୍ରିୟାକଳାପ ଦେଖିଲୁ । ନୀଳକଣ୍ଠ, ଗୋଦାବରୀଶ ଏ ଦୁହେଁ ବିଷୟ ନିର୍ବାଚନ କମିଟିରେ ଏବଂ ବକ୍ତୃତା ଦେବାରେ ବ୍ୟାପୃତ ଥାଆନ୍ତି । ମାତ୍ର ବିଶାଳ ଉତ୍କଳର ଜନନୀ ମୂର୍ତ୍ତିରେ ତାହା ଦତ୍ତ ହୋଇଥିଲେ ଯେଣୁ ଆମ୍ଭମାନଙ୍କ ବିଦ୍ୟାଳୟ

GPNanda Colln., Digitized by srujanika@gmail.com

ସମ୍ମିଳନୀ କେଉଁ ନିୟମରେ ପରିଚାଳିତ ଏହା ମଧ୍ୟ ସେହି ଭାବରେ ପରିଚାଳିତ—ତାହାଁରୁ ବେଶି ଶିଖିବାକୁ ନଥିଲା । ମାତ୍ର ଉତ୍କଳର ସକଳ ବରେଣ୍ୟ ନେତାଙ୍କର ବକ୍ତୃତା ଶୁଣିବାର ଅବକାଶ ଆମ୍ଭମାନେ ପାଇଲୁଁ । ଉତ୍କଳ ସମ୍ମିଳନୀ ଦୁଇଦିନରେ ଶେଷ ହେଲା । ତୃତୀୟ ଦିନ ନିଖିଳ ଉତ୍କଳ ଛାତ୍ର ସମ୍ମିଳନୀ—ତାହାଁର ପୁରୋଧା ମଧ୍ୟ ଫକୀରମୋହନ । ଉତ୍କଳ ସମ୍ମିଳନୀରେ ଯୋଗ ଦେଇଥିବା ନେତୃଗଣ, ପରିଦର୍ଶକମାନେ ଏବଂ ଅନ୍ୟାନ୍ୟ ମାନେ ଥାଆନ୍ତି । ସମସ୍ତେ ଆସିଥିବାରୁ ସେଦିନ ଛାତ୍ର ସମାଗମ ହେବାକୁ ସଭାର ବିଶାଳ ମଣ୍ଡପରେ ଆଉ ସ୍ଥାନ ବାକି ରହିଲା ନାହିଁ । ସଭାର ପ୍ରାରମ୍ଭିକ କାର୍ଯ୍ୟ ଚାଲିଛି; ଗୋପବନ୍ଧୁ ଓ ନୀଳକଣ୍ଠ ଉଭୟେ ମୋ ପାଖକୁ ଆସି କହିଲେ ଯେ କଲେଜ ଛାତ୍ରମାନଙ୍କର ଇଚ୍ଛା ସ୍କୁଲ ଛାତ୍ର ଜଣେ ଗୋଟିଏ ପ୍ରସ୍ତାବ ଆଣିବେ; ସେମାନଙ୍କର ଇଚ୍ଛା ସତ୍ୟବାଦୀ ବିଦ୍ୟାଳୟରୁ ଛାତ୍ର କହିବେ । ଆମେମାନେ ହଁ କରିଛୁ—ତୁ ଚାଲ । ପ୍ରଥମ ପ୍ରସ୍ତାବ ମୋ ଦ୍ୱାରା ହେବ—ସମର୍ଥକ ଶ୍ରୀଯୁକ୍ତ ଗୋଦାବରୀଶ (ଆମ ଶିକ୍ଷକ) । ପ୍ରସ୍ତାବଟି ଜଣାଇ ଦେଲେ—"ନିଖିଳ ଉତ୍କଳରେ ବଡ ବଡ ସହରମାନଙ୍କରେ ସାଧାରଣ ପଠନାଗାର ଓ ପୁସ୍ତକାଳୟ ସ୍ଥାପିତ ହେବା ଉଚିତ ।" ମୁଁ ଟିକିଏ ଶଙ୍କିତ ହେଲି । ବେଶି ଶଙ୍କା ହେଲା ଯେ ଅନ୍ୟ ଛାତ୍ରମାନଙ୍କ ପରି ମୋର ବେଶ ନୁହେଁ । ମୁଁ ଲୁଗା, ଚଦରରେ ଥାଏ । ଗୋପବନ୍ଧୁ ବାବୁ ବିଳମ୍ବ ନକରି ହଠାତ୍ ଯିବାକୁ କହିବାରୁ ମୁଁ ଗଲି । ଲବ ମଧ୍ୟରେ ମୋତେ ନିର୍ଭୀକ ଭାବରେ କହିବାର ଉପଦେଶ ଦେଲେ । ବକ୍ତୃତା ଦେବାର ଢଙ୍ଗ ତାଙ୍କ ଆମ୍ଭେମାନେ ଜାଣିଥିଲୁ । ମୁଁ ଖୁବ୍ ଅନର୍ଗଳ ଭାବରେ କହିଲି—ମଧ୍ୟେ ୨ କରତାଳି ହେଉଥାଏ । ବକ୍ତୃତା ଶେଷକରି ମୁଁ ଆସିଲି । ସେଦିନ ଆମ ବସାକୁ ସନ୍ଧ୍ୟାରେ ଆମ ଶିକ୍ଷକମାନେ ଆସିଲେ । ଗୋପବନ୍ଧୁ ବାବୁ ଆନନ୍ଦରେ ଉତ୍ଫୁଲ୍ଲ

GPNanda Colln., Digitized by srujanika@gmail.com

ହୋଇ କହିଲେ—ସତ୍ୟବାଦୀରେ ଆମ୍ଭମାନଙ୍କର ଉଦ୍ୟମ ସଫଳ ହୋଇଛି।

ବାର୍ଷିକ ସମ୍ମିଳନୀ—

ପ୍ରତିବର୍ଷ ଡିସେମ୍ବର ମାସରେ ବା ଜାନୁଆରୀ ମାସରେ (ସୁବିଧା ଅନୁସାରେ) ବାର୍ଷିକ ସମ୍ମିଳନୀ ହୁଏ। ଦ୍ୱିତୀୟ ଶ୍ରେଣୀର ସମ୍ପାଦକ ବାର୍ଷିକ ଅଧିବେଶନ ଶେଷରେ ନୂତନ ଦ୍ୱିତୀୟ ଶ୍ରେଣୀକୁ ସମ୍ମିଳନୀର ଚଳାଇବାର ଭାର ଦିଅନ୍ତି। ଆମବର୍ଷ ସମ୍ମିଳନୀର କାର୍ଯ୍ୟକାରିତା ବହୁତ ବେଶି ଥିଲା। Hestory Club ମଧ୍ୟ ସେ ବର୍ଷର ନୂଆ ଅନୁଷ୍ଠାନ। ଉଭୟର ଉଦ୍‌ଯାପନ ଉତ୍ସବ ଆମ୍ଭେମାନେ ଅତି ଭଲ ଭାବରେ କରିବାକୁ ଉଦ୍ୟମ କଲୁ। ସମ୍ମିଳନୀର ନିଜ ପାଣ୍ଠି ଥିଲା। ସେ କାଳକୁ ଉତ୍କଳରେ ସତ୍ୟବାଦୀ ବିଦ୍ୟାପୀଠକୁ ନଯାଉଥିବା ନେତା ନଥିଲେ। ଗୋପବନ୍ଧୁ ବାବୁ ଓଡ଼ିଶାର ନେତା। ତେଣୁ ପନ୍ଦରଦିନ ଆଗରୁ ଆମ୍ଭେମାନେ ସମସ୍ତଙ୍କ ପାଖକୁ ନିମନ୍ତ୍ରଣ ପତ୍ର ପଠାଇଲୁ; ଏବଂ ମିଃ ଦାସ ସଭାପତି ହେବା ଲାଗି ସ୍ୱୀକୃତ ହେଲେ। ପ୍ରତିବର୍ଷ ମଧ୍ୟ ବହୁ ନେତା ଆସନ୍ତି ଏବଂ ନୀଳକଣ୍ଠ ବାବୁ ରିପୋର୍ଟ ଲେଖି ଦିଅନ୍ତି; ବର୍ଷକର ବଡ଼ ବଡ଼ ପ୍ରବନ୍ଧ ବାସୁଦେବ ବାବୁ ବା ଗୋଦାବରୀଶ ବାବୁ ସଭାରେ ପଢ଼ାଯିବା ପାଇଁ ବାଛି ଥାଆନ୍ତି। ହଲଟି ସଜାସଜ କରିବାରେ ଶିକ୍ଷକମାନେ ଯୋଗ ଦେଇ ଥାଆନ୍ତି। ତେଣୁ ଛାତ୍ରମାନଙ୍କର ଉଦ୍‌ବେଗ ନଥାଏ। ଆମ୍ଭେମାନେ ଆଗରୁ ପ୍ରସ୍ତୁତ ନ ହୋଇ ଗୁରୁ ପାଞ୍ଚଦିନ ଆଗରୁ ନୀଳକଣ୍ଠ ବାବୁଙ୍କୁ ସବୁ କରିଦେବା ପାଇଁ ଜଣାଇଲୁ।

ଗୋପବନ୍ଧୁଙ୍କ ଦୂରଦୃଷ୍ଟି—

ଗୋପବନ୍ଧୁ ବାବୁ କହିଲେ—"ତୁମ୍ଭମାନଙ୍କର ବାର୍ଷିକ ସମ୍ମିଳନୀ ତୁମ୍ଭେମାନେ ଯେପରି ପାରିବ କର। ଏଣିକି ଆଉ

GPNanda Colln., Digitized by srujanika@gmail.com

ଶିକ୍ଷକମାନେ କହିବେ ନାହିଁ ।” ଆମ୍ଭମାନଙ୍କୁ ଖୁବ ଅଧିକ ପରିଶ୍ରମ କରିବାକୁ ପଡ଼ିଲା । ପୂର୍ବ ବର୍ଷର ଅନୁଷ୍ଠିତ ବାର୍ଷିକ ସଭାର ବିବରଣୀ ଏବଂ ଘଟଣା ବହୁଳ ସେ ବର୍ଷର ରିପୋର୍ଟ ଲେଖିବା ପାଇଁ ତିନିଦିନ ଓ ତିନି ଉନିଦ୍ର ରାତ୍ରି ମୁଁ କଟାଇ ଲେଖା ଶେଷ କଲି । History Clubର ସମ୍ପାଦକ ମୋର ସହପାଠୀ ମଧ୍ୟ ସେହିପରି ପରିଶ୍ରମ କରିଥିଲେ । ଲେଖା ସରିବା ପରେ ନୀଳକଣ୍ଠ ବାବୁ ଥରେ ମାତ୍ର ଦେଖିଲେ ଏବଂ ସ୍ଥାନେ ସ୍ଥାନେ ସଂଶୋଧନ କରିଦେଲେ । ବିଷୟ ନିର୍ବାଚନ ବେଳେ ଆଚାର୍ଯ୍ୟ ହରିହର ନୀଳକଣ୍ଠ ଦାସେ ଆପଣଙ୍କୁ କହିଲେ—ବାସୁଦେବ କହିଦେଉ—ପିଲାଏ ତିନିଦିନ ତିନିରାତି କାମ କଲେଣି । ଗୋପବନ୍ଧୁ ବାବୁ କହିଲେ—“ନେପୋଲିଅନ ପରି ସାତ-ଦିନ ସାତ ରାତି କଟାଇ ଘୋଡ଼ା ଉପରେ ଯୁଦ୍ଧ-କ୍ଷେତ୍ରରେ ବାର ମିନିଟ୍ ଶୋଇ କ୍ଳାନ୍ତ ଦୂର କରିଥିଲେ !” ସବୁକାମ ସରିଥାଏ । ସ୍କାଉଟ-ମାନେ ଅକ୍ଳାନ୍ତ ପରିଶ୍ରମ କରି ଶିକ୍ଷକମାନଙ୍କ ବିନା ସାହାଯ୍ୟରେ ହଲ୍ ସଜାଇ ଆଣନ୍ତି ।

ମିଃ ଦାସ—

ସମ୍ମିଳନୀର ପୂର୍ବଦିନ ମିଃ ଦାସ ଅସୁସ୍ଥ ଥିବାରୁ ଯୋଗ ଦେଇ ପାରିବେ ନାହିଁ ବୋଲି ଟେଲିଗ୍ରାମ୍ କରିଦେଲେ । ଶିକ୍ଷକମାନଙ୍କୁ ଏବଂ ଗୋପବନ୍ଧୁ ବାବୁଙ୍କୁ ଚିନ୍ତିତ ହେବାରୁ ସେମାନେ କହିଲେ—ନିମନ୍ତ୍ରିତ ଭଦ୍ରବ୍ୟକ୍ତିମାନଙ୍କ ମଧ୍ୟରୁ କାହାକୁ ମଙ୍ଗାଇ ସଭାପତି କର—ତାହା ତୁମ୍ଭମାନଙ୍କ କାମ । ଆମ୍ଭେମାନେ ଆଗରୁ ଜାଣିଥିଲୁ, ଯେ ସେବର୍ଷ ପିଲମାନେ ପୂର୍ବପରି ଏ ସମ୍ମିଳନୀ (ନିଖିଳ ଉତ୍କଳର ନେତୃ ସମ୍ମିଳନୀ) ଚଳାନ୍ତୁ ଏହି ଗୋପବନ୍ଧୁଙ୍କ ଇଚ୍ଛା; କେବଳ ଆମ୍ଭମାନେ ନିମନ୍ତ୍ରିତ ବ୍ୟକ୍ତିମାନଙ୍କର ଗୁଣଗ୍ରାମ ପଚାରି ବୁଝିନେଲୁଁ । ସ୍ଥିର କଲୁଁ ଯେ ବ୍ରହ୍ମପୁରର ଉକିଲ ଶ୍ରୀ ହରିହର ପଣ୍ଡାଙ୍କୁ ସଭାପତି କରିବୁ ।

GPNanda Colln., Digitized by srujanika@gmail.com

ଶ୍ରୀ ହରିହର ପଣ୍ଡା—

ସତ୍ୟବାଦୀ ବିଦ୍ୟାଳୟର ଛାତ୍ର ଥିବାରୁ, ଆମ୍ଭମାନଙ୍କର ଅନୁରୋଧ ଯେ କୌଣସି ନେତା ରକ୍ଷା କରିବେ ଏ ବିଶ୍ୱାସ ଆମ୍ଭମାନଙ୍କର ଥାଏ । ଏମାର ମଠ ମହାରାଜଙ୍କ ଠାରୁ ଗୋଟିଏ ସୁନ୍ଦର ସୁସଜ୍ଜିତ ଘୋଡା-ଗାଡ଼ି ଆସିଥାଏ; ସେହି ଘୋଡା ଗାଡିରେ ମୁଁ (ସାଧାରଣ ସଭାର ସମ୍ପାଦକ), ହରିହର କୁଅର, ସମ୍ପାଦକ ଏବଂ ଅନ୍ୟ ତିନିଜଣ ଛାତ୍ର ସକାଳ ଗାଡିକୁ ଅପେକ୍ଷା କଲୁଁ । ଠିକ୍ ପାଞ୍ଚଟା ପଞ୍ଚାଳିଶ ମିନିଟ୍ ବେଳେ ଗାଡ଼ି ଲାଗିଲା; ଶ୍ରୀଯୁକ୍ତ ହରିହର ପଣ୍ଡା ବ୍ରହ୍ମପୁର ଅଞ୍ଚଳରୁ ଆସିଥିବା ଭଦ୍ରବ୍ୟକ୍ତିମାନଙ୍କ ସଙ୍ଗେ ଓହ୍ଲାଇଲେ । ତାଙ୍କର ପରିଚୟ ନେଇ ଆମ୍ଭେମାନେ ସହସା ତାଙ୍କ ବେକରେ ଫୁଲମାଳ ପକାଇ ଦେଲୁଁ ଏବଂ ମିଛ ଦାସଙ୍କ କଥା କହିଲୁଁ । ସେ କହିଲେ—"ପିଲମାନେ, ବଡ଼ ଅଡୁଆରେ ପକାଇଲ । ମୁଁ ମୋ ବକ୍ତୃତା ଲେଖି ଥାଆନ୍ତି ।" ଆମ୍ଭେମାନେ କହିଲୁ "ଆପଣ ନ ଲେଖି କହିଲେ ହେବ, ଲେଖିବାକୁ ଇଚ୍ଛା କଲେ, ଆମ୍ଭେମାନେ ଆପଣଙ୍କୁ ଜଣେ ଲେଖକ ଦେବୁ—ଆପଣ ବିଶ୍ରାମ କରି ଡାକିବେ—ଦିନ ତିନିଟା ବେଳେ ଆପଣଙ୍କର ବକ୍ତୃତା ପଢିବା ଭଳି ପ୍ରୋଗ୍ରାମ କରିଥିବୁ ।" ସେ ସ୍ୱୀକୃତ ହୋଇ ସଭାପତିଙ୍କ ଯାନ ଅଧିକାର କଲେ । ଗୋପବନ୍ଧୁ ବାବୁ ତ ଅତି ରସିକ ! ସେ ହଠାତ୍ ଗାଡ଼ି ପାଖକୁ ଆସି "ଆସନ୍ତୁ ସଭାପତି ମହାଶୟ" ! ବୋଲି ନାନା ପ୍ରକାର ରହସ୍ୟ କରି ତାଙ୍କୁ ପାଛୋଟି ନେଲେ । ତାଙ୍କୁ ଜଣାଇ ଦେଲେ ଆଗନ୍ତୁକ ବ୍ୟକ୍ତିମାନଙ୍କର ସମସ୍ତ ଖବର ପିଲମାନେ ବୁଝିବେ । ତେଣୁ ହରିହରଙ୍କୁ ଜଣେ ଲେଖକ ଦିଆଗଲା । ସେ ଅଳ୍ପ ସମୟ ମଧ୍ୟରେ ସ୍ନାନ ଭୋଜନ ଶେଷକରି ଲେଖିଲେ ଏବଂ ପ୍ରାୟ ଦୁଇଟା ବେଳକୁ ଶେଷ କଲେ ।

GPNanda Colln., Digitized by srujanika@gmail.com

ସେ ଦିନ ତିନିଟା ବେଳକୁ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା; ମହାନ୍ତ ମହାରାଜ (ଏମାରମଠ) ଙ୍କ ସଙ୍ଗେ ଆମ୍ଭମାନଙ୍କର ପରିଚିତ ମିଃ ଦାସ ଆସି ପହଞ୍ଚି ଗଲେ। ଲମ୍ବେ ଲମ୍ବେ ସଭାସ୍ଥଳରେ ପହଞ୍ଚି ଥିବାରୁ ଗୋପବନ୍ଧୁ ବାବୁ ଏବଂ ଅନ୍ୟାନ୍ୟ ଶିକ୍ଷକମାନେ ଆଶ୍ଚର୍ଯ୍ୟ ମନେକଲେ। ସେ କହିଲେ—"ସଭା ହେଲା; ମୁଁ ଆନନ୍ଦିତ, ଉପଯୁକ୍ତ ବ୍ୟକ୍ତି ସଭାପତି ହୋଇଛନ୍ତି; ମୋ ଦେହରେ ଜର ଅଛି; ମନ କିନ୍ତୁ ସମ୍ଭାଳି ହେଲନାହିଁ; ଆସିଲି ଭିତ।" ସଭାପତିଙ୍କ ଅଭିଭାଷଣ ପରେ, ସଭାର କାର୍ଯ୍ୟକ୍ରମ ସାମାନ୍ୟ ପରିବର୍ତ୍ତିତ କରି ଦିଆଗଲା। ବାଳକମାନଙ୍କର ଅଭିନୟ ଏବଂ ପଦ୍ୟାବୃତ୍ତି ଇତ୍ୟାଦି ଶେଷରେ ମହନ୍ତ, ମହାରାଜ ଛାତ୍ରମାନଙ୍କୁ ଏବଂ ଉପସ୍ଥିତ ଭଦ୍ରବ୍ୟକ୍ତି ମାନଙ୍କୁ ଉତ୍ସାହ ଦେବାପାଇଁ ଗୋଟିଏ ଭୋଜି ଦେବାକୁ ସଭାସ୍ଥଳରେ ଟଙ୍କା ଦେଲେ। ମିଃ ଦାସ ତାଙ୍କୁ ଧନ୍ୟବାଦ ଦେଇ କହିଲେ "ମହନ୍ତ ମହାରାଜ, ଆପଣ ତ ପିଲାମାନଙ୍କ ମଣ୍ଡିସ୍ତକୁ ଖାଇବାକୁ ଦେବାବାଲା—ପେଟକୁ ଦେବା ବଡ଼କଥା କ'ଣ ?" ସନ୍ଧ୍ୟାପରେ ଭଦ୍ରବ୍ୟକ୍ତିମାନଙ୍କର ବକ୍ତୃତା ଅତି ପ୍ରାଣସ୍ପର୍ଶୀ ହୋଇଥିଲା। ମିଃ ଦାସ ଜ୍ୱରରେ ପୀଡ଼ିତ ଥାଇ ମଧ୍ୟ ଆମ୍ଭମାନଙ୍କୁ ଉଦ୍‌ବୋଧନ ଦେଇ ଆନନ୍ଦ ପ୍ରକାଶ କଲେ ଯେ—ସେ ଶୁଣିପାରିଛନ୍ତି, ଏ ସମ୍ମିଳନୀ ଛାତ୍ରମାନେ ଗୁରୁମାନଙ୍କ ବିନା ସାହାଯ୍ୟରେ କରିଛନ୍ତି। ଛାତ୍ରମାନେ ତାଙ୍କୁ ଖାଇବାକୁ ଦେବେ—ନୀଳକଣ୍ଠ, ଗୋପବନ୍ଧୁ ନହନ୍ତି—ତେଣୁ କାଢ଼ି ହାତରେ ଅଜା ଖାଇବା ପରି ତାଙ୍କୁ ଆନନ୍ଦ ଲାଗିବ। ସେଦିନ ପ୍ରାୟ ରାତି ୧୦ ଟା ବେଳେ ସଭା ସରିଲା। ତା'ପରଦିନ ଆମ୍ଭମାନଙ୍କ ସମ୍ମିଳନୀର ଅସଲ କାର୍ଯ୍ୟ।

ସକାଳ ୭ଟା ବେଳ ଠାରୁ ୧୨ଟା ପର୍ଯ୍ୟନ୍ତ ଆମ୍ଭମାନଙ୍କର ସମ୍ମିଳନୀର କାର୍ଯ୍ୟ ଚାଲିଥିଲା। ବଛା ବଛା ପ୍ରବନ୍ଧ ଗୁଡ଼ିକ ଶୁଣି

GPNanda Colln., Digitized by srujanika@gmail.com

ବିଦ୍ୟାଳୟରେ ନିମନ୍ତ୍ରିତ ହୋଇଗଲେ ଓ ମେମ୍ବର ଦାସ ଛାତ୍ରମାନଙ୍କର ଅ ଲେଗ୍ରା କ୍ଲବର ଦୁଇଟି ଏବଂ ହକି କ୍ଲବର ଗୋଟିଏ ଢାଲ ଦୁଇଥର ଉଠାଇ ଶୁଣିଲେ । ସାଧାରଣ ସଭା ଶେଷ ହେଲା ବେଳକୁ ମହାନ୍ତ ମହାଶୟଙ୍କ ଭୋଜି ପ୍ରସ୍ତୁତ ହୋଇଥିଲା । ନିମନ୍ତ୍ରିତ ସକଳ ଉଦ୍ୟୋକ୍ତା ପିଲାମାନଙ୍କ ମେଳରେ ବସି ଭୋଜନ କଲେ । ଦୁଇଟା ଠାରୁ ୪ଟା ପର୍ଯ୍ୟନ୍ତ ଶ୍ଲୋକାନ୍ତ ଏବଂ ୪ଟା ଠାରୁ ୫ଟା ପର୍ଯ୍ୟନ୍ତ ଡୁ--ଡୁ ମ୍ୟାଚ୍--ଶ୍ଲୋକାନ୍ତରେ ମିଃ ଦାସ ନିଜେ ଗୋଲକର ରେଫରି ହୋଇଥିଲେ । ଏହି ଶ୍ଲୋକାନ୍ତ ଓ ଡୁ--ଡୁ ମ୍ୟାଚ୍‌ର କଥା ବର୍ଣ୍ଣିତ ହୋଇଅଛି । ସେଦିନ ଆମ୍ଭେମାନେ ଭାରି କ୍ଳାନ୍ତ ଥିଲୁ । ତଥାପି ମିଃ ଦାସ ଡକାଇବାରୁ ଛାତ୍ର-ଉଦ୍ୟୋକ୍ତାମାନେ ତାଙ୍କ ପାଖରେ ଯାଇ ବସିଲୁଁ । ସେ ଆମ୍ଭମାନଙ୍କୁ ପଚାରି ବୁଝିଲେ ଯେ ପ୍ରକୃତରେ ଛାତ୍ର-ମାନଙ୍କୁ ସେଥିର କୌଣସି ଶିକ୍ଷକ ସାହାଯ୍ୟ କରିନାହାନ୍ତି—ଗୋପ-ବନ୍ଧୁ ଓ ନୀଳକଣ୍ଠଙ୍କୁ ଡକାଇ ଆନନ୍ଦରେ କୁଣ୍ଢାଇ ପକାଇଲେ, କହିଲେ—ଗୋପବନ୍ଧୁ, ନାଲଦହାଏ ତ ଗଢିଦେଲ !!" ଗୋପବନ୍ଧୁ କହିଲେ—"ମୁଁ ନୁହେଁ---ନୀଳକଣ୍ଠ ।"

ଆମ୍ଭମାନଙ୍କର ଦାୟିତ୍ୱ ଆମ୍ଭେମାନେ ପ୍ରଥମ ଶ୍ରେଣୀକୁ ଗଲାମାତ୍ରେ ସରିଥିଲା । ଦ୍ୱିତୀୟ ଶ୍ରେଣୀର ବାଳକମାନଙ୍କ ମଧ୍ୟରୁ ନୂଆ ସେକ୍ରେଟାରୀ ଏବଂ ବିଭିନ୍ନ କ୍ଲବକୁ ସେକ୍ରେଟାରୀଙ୍କୁ ଦିଆଗଲା । ଆଗରୁ କୁହା ଯାଇଛି ଯେ ଆଜି ଭଳି ଭିନ୍ନ ଭିନ୍ନ ଦଳ ଏବଂ ଭିନ୍ନ ଭିନ୍ନ ଉପଦେଶ ଛାତ୍ରମାନଙ୍କ ମଧ୍ୟରେ ନଥିଲା । କୌଣସି ଆଦେଶ ବା ପରାମର୍ଶ ମିଳିଲେ ମାତ୍ର ଯେ କୌଣସି କାର୍ଯ୍ୟ ସହଜରେ ହୋଇଯାଉଥିଲା । ତେଣୁ ଆମ୍ଭେମାନେ ପ୍ରଥମ ଶ୍ରେଣୀକୁ ଯାଇଥିଲେ ମଧ୍ୟ ଛାତ୍ରସମ୍ମିଳନୀ ପ୍ରତି ବୀତସ୍ପୃହ ହୋଇ ନଥିଲୁ । 'ବାଣୀ'ର ସମ୍ପାଦକ ମୁଁ ଥିବାରୁ ଏବଂ ଭିନ୍ନ ଭିନ୍ନ ଶ୍ରେଣୀର ବହୁ ଗାଳ୍ପିକ

GPNanda Colln., Digitized by srujanika@gmail.com

ମୋର ବନ୍ଧୁ, ସମ୍ପାଦକ ଓ ସହକର୍ମୀ ଥିବାରୁ ସମ୍ମିଳନୀ ପାଇଁ କେବଳ 'ବିବରଣୀ' ଲେଖା କାର୍ଯ୍ୟ ଛଡ଼ା, ଆମ୍ଭମାନଙ୍କର ସମସ୍ତ ସହଯୋଗ ଥିଲା। ସମ୍ମିଳନୀର ସଫଳତା ପୂର୍ଣ୍ଣଭାବରେ ଆମ୍ଭମାନଙ୍କ ପ୍ରଥମ ଶ୍ରେଣୀର ଜଣା ଯାଇଥିଲା। ତେଣୁ ସମ୍ମିଳନୀ ବିଷୟ ପୂର୍ଣ୍ଣରୂପେ ବର୍ଣ୍ଣିତ ହୋଇଅଛି।

ନୀଳମାଧବ ଓ ଖଣ୍ଡପଡ଼ା ଭ୍ରମଣ—

ଦୋଳଛୁଟିର ଅଳ୍ପଦିନ ପୂର୍ବରୁ ସମସ୍ତ ଶିକ୍ଷକ ଓ ଛାତ୍ର ନୀଳମାଧବ ଆଡ଼କୁ ପଦଯାତ୍ରା ଆରମ୍ଭ କରିଥିଲେ। କୋଣାର୍କ ପରିଦର୍ଶନ କାଳରେ ଯେଉଁ ବିଧି ପାଳିତ ହୋଇଥିଲା, ଏ ଘଟଣାରେ ଅବିକଳ ସେହି ବିଧି ହୋଇଥିଲା ମାତ୍ର। ଯୁଦ୍ଧସମୟ ହୋଇ ଥିବାରୁ ଲୋକେ ଆମ୍ଭମାନଙ୍କୁ ଆଉ ସୈନିକ ବୋଲି ଭାବୁ ନଥିଲେ। ସମସ୍ତ ବିଦ୍ୟାଳୟର ଏ ପର୍ଯ୍ୟଟନ କଥା ଆଗରୁ ଲୋକେ ଜାଣି ଯାଇଥିଲେ। ପ୍ରଥମ ଦିନ ରାତିରେ ଡେଲାଙ୍ଗରେ ପହଞ୍ଚି ଦେଖିଲୁ ଯେ ଡେଲାଙ୍ଗ ମାଇନର ସ୍କୁଲ ଓ ସ୍ଥାନୀୟ ଲୋକେ ସମସ୍ତ ଖର୍ଚ୍ଚ ବହନ କରି ବିଦ୍ୟାଳୟର ଖାଦ୍ୟ ପେୟର ବନ୍ଦୋବସ୍ତ କରିଛନ୍ତି। ତହିଁ ଆରଦିନ ସକାଳୁ ନୀଳମାଧବ ଯାତ୍ରା କଲୁଁ। ସେଠାରେ ନଦୀକୂଳର ତୋଟା ମଧ୍ୟରେ ବିଦ୍ୟାଳୟର ଆଗରେ ଆମ୍ଭେମାନେ କ୍ୟାମ୍ପ କରିଥିଲୁଁ। ଖରାବେଳେ ସେଠାରେ ବିଶ୍ରାମ ହେଲା ଓ ଗପ ତାପରେ ଖେଳ ଚାଲିଥିଲା। ଉପରବେଳା ନଦୀରେ ପାହାଡ଼ ବାଟେ ଯିବାବେଳେ ବେଶ୍ ଆନନ୍ଦ ବୋଧ ହେଉଥାଏ। ହେଡ୍‌ମାଷ୍ଟର ମହାଶୟ ପ୍ରାଚୀନ ସିଂହପୁରର ଭଗ୍ନାବଶେଷ ଦେଖାଇଥିଲେ। ଆଗରୁ ଏକଦିନ ଯାଇ ଖୋରଧା ହାଇସ୍କୁଲ ଆଗରେ ବିଶାଳ ଆମ୍ବତୋଟା ମଧ୍ୟରେ କ୍ୟାମ୍ପ କରିଥିଲେ। ଖୋରଧାର ଛାତ୍ର ଓ ଶିକ୍ଷକମାନେ ସେଦିନ ସମସ୍ତ ବିଦ୍ୟାଳୟର ଚର୍ଚ୍ଚା କରିଥିଲେ ଓ ଆଗରୁ ତତ୍କାଳୀନ ଖୋରଧା ସ୍କୁଲ ହେଡ୍‌-ମାଷ୍ଟର ମହାଶୟ କହିଥିବାରୁ ହୋଇଁ ଶୃଙ୍ଖଳାନୁସାରେ ଉପରବେଳା ଯାହା ଯାହା ଛାତ୍ରମାନେ କରନ୍ତି ସେହିପରି ସମସ୍ତ ଅନୁଷ୍ଠାନରେ କାର୍ଯ୍ୟ

GPNanda Colln., Digitized by srujanika@gmail.com

ହେଲା; ପିଲାମାନଙ୍କ ପୁସ୍ତକ କେଉଁଥାଅନ୍ତି । ତହିଁର ଦିନ ବାଘମାରିରେ ସନ୍ଧ୍ୟାଲାଗିବେଳା କଟାଇ ସାରି ଉପରବେଳା ଗୋବିନ୍ଦପୁରରେ କ୍ୟାମ୍ପ କଲୁଁ । ସେବର୍ଷ ଭାରି ଖରା ହେଉଥାଏ—କେତେକ ପିଲାଙ୍କ ସେହୁ-ପାଟରେ ଅନ୍ଧାରକଣା ରୋଗ ହେଲା, ମୋର ମଧ୍ୟ ହୋଇଥିଲା । ସ୍ଥାନୀୟ ବାସିନ୍ଦାମାନେ ବହୁ ଆଡ଼ମ୍ବର ଓ ଆୟୋଜନ କରି ସମସ୍ତଙ୍କର ଚର୍ଚ୍ଚା କରିଥିଲେ । ଗୋବିନ୍ଦପୁର ଠାକୁ ଖଣ୍ଡପଡ଼ା ରାଜାସାହେବ ଗୁଡ଼ିଏ ଖଣ୍ଡି ଶଗଡ଼ ଆଗରୁ ପଠାଇଥିଲେ । ସେମାନେ ଦିନକ ଆଗରୁ ଆସିଥିଲେ ।

ବେଠିପ୍ରଥା ଓ ନୀଳକଣ୍ଠଙ୍କର ମନୋଭାବାଭିବ୍ୟକ୍ତି —

ଗଡ଼ଜାତ ଶାସକର ପ୍ରପୀଡ଼ନ ସେମାନଙ୍କ ମୁଖମଣ୍ଡଳରେ ସ୍ପଷ୍ଟ ଦେଖିପାରି ନୀଳକଣ୍ଠ ବାବୁ ପଚାରିଲେ "ତୁମ୍ଭେମାନେ କେତେ କରି ମଜୁରି ପାଅ ?" ସେମାନେ ହାତରୁ ଖାଇବା ଜିନିଷ ଆଣି ବେଠିରେ ଆସିଛନ୍ତି ଶୁଣି, ନୀଳକଣ୍ଠ ବାବୁ କ୍ରୋଧାନ୍ୱିତ ହୋଇଉଠିଲେ ଏବଂ ଅନ୍ୟ ଶିକ୍ଷକମାନେ ଅତ୍ୟନ୍ତ ଚିନ୍ତାନ୍ୱିତ ହେଲେ । ଠାକୁର ମନ୍ଦିର ଆଗରେ ଚର୍ଚ୍ଚାକାରୀ ଉତ୍ସାହିତ ଭଦ୍ରଲୋକଙ୍କ ଦ୍ୱାରା ନିର୍ମିତ ବିଶାଳ ଛାମୁଣ୍ଡିଆ ତଳେ ଏକ ସଭା କରି ନୀଳକଣ୍ଠ ବାବୁ ଗଡ଼ଜାତ ଅନ୍ଧାରିଶାସନର ସ୍ୱରୂପ ବୁଝାଇଦେଲେ । ସେ ରାଗିଯାଇ, ଶଗଡ଼ିଆମାନଙ୍କ ଯେପରି ରାଜାଙ୍କୁ କହିବାକୁ କହିଲେ ଯେ ସତ୍ୟବାଦୀର ଛାତ୍ର ଓ ଶିକ୍ଷକମାନଙ୍କ ପାଇଁ ଯେଉଁ ରାଜା ବେଠି-ଶଗଡ଼ ପଠାଇଛନ୍ତି, ସେ ରାଜାଙ୍କର ମାନରକ୍ଷା କରିବାକୁ ସତ୍ୟବାଦୀ ବିଦ୍ୟାଳୟ ସେଠାକୁ ଯିବନାହିଁ । ଶଗଡ଼ିଆମାନେ ଅନୁନୟ ବିନୟ କରି କହିଲେ ଯେ ସେମାନେ ରାଜାଙ୍କୁ ଏ ଖବର ଦେଲେ ରଜା ତାଙ୍କର ଧନ-ଜୀବନ କାଢ଼ି ନେବେ । କଥା ହେଲା ଯେ ସରଦାର ଯାଇ କହିବ, ପିଲାମାନେ

GPNanda Colln., Digitized by srujanika@gmail.com

ବା ଶିକ୍ଷକମାନେ ବେଠି ଶଗଡ ବ୍ୟବହାର କରିବେ ନାହିଁ । କେତେକ ପିଲାଙ୍କ ପାଇଁ ଶଗଡ଼ର ପ୍ରୟୋଜନ ଥିବାରୁ ସେମାନେ ଶଗଡ଼-ଭଡ଼ା ଦେଇ କେତୋଟି ଶଗଡ ରଖିବେ । ସରଦାର ସେଠାରୁ ଚାଲିଗଲେ । ଆମ୍ଭମାନଙ୍କର ଖାଦ୍ୟ ସାମଗ୍ରୀରୁ ବେଶି କିଛି ସବୁ ନଥିଲା । ସେଥିରୁ ଜଳପାନ ଦେବା ବେଳକୁ ଗୋବିନ୍ଦପୁରର ଭଦ୍ରଲୋକମାନେ ଆପତ୍ତି କଲେ ଓ ଆମ୍ଭମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କଲେ । ତହିଁ ଆର ଦିନ ସକାଳୁ ଆମ୍ଭେମାନେ କଳାପଥରରେ ପହଞ୍ଚିଲୁ । ସ୍ଥାନୀୟ ଧନୀଲୋକମାନେ ଆମ୍ଭମାନଙ୍କର ଭୋଜି କରିବା ପାଇଁ ଅତି ବିରାଟ ଆୟୋଜନ କରିଥିଲେ । ପ୍ରାୟ ଦୁଇହଜାର ଲୋକଙ୍କ ଖାଇବା ଭଳି ଜିନିଷପତ୍ରର ଆୟୋଜନ ହୋଇଥିଲା । ଆମ୍ଭେମାନେ ଶଳିଏ ରହିବାରୁ ସେମାନଙ୍କ ମନରେ ଦୁଃଖ ହେଲା । ସେମାନଙ୍କୁ ବୁଝାଇ ଦିଆଗଲା ଯେ ଫେରିଲା ବେଳେ ସମସ୍ତେ ପୁଣି ସେଠି ରହିବେ । ସନ୍ଧ୍ୟାବେଳେ କଣ୍ଟିଲୋ ଯାତ୍ରା କଲୁ । ବେଳେ ଖଣ୍ଡପଡ଼ା ରାଜାଙ୍କର ଆଜ୍ଞା ଲୋକ ଏଠି ଶଗଡ଼ ଓ ପୁଣି ଶଗଡ଼ିଆଙ୍କ ପାଇଁ, ବଳଦଙ୍କ ପାଇଁ ଖାଦ୍ୟ ଓ ମଜୁରି ଠିକ୍ ଆସି ପହଞ୍ଚି-ଗଲା । ରାଜାସାହେବ କ୍ଷମା ମାଗି ପତ୍ର ଦେଇଥିଲେ ଏବଂ ଗ୍ରହଣ କରି-ଛନ୍ତି ବୋଲି ଲେଖିଥିଲେ । ତେଣୁ ଆମ୍ଭେମାନେ ଆଦରରେ ସେ ସବୁ ଯାନ ବ୍ୟବହାର କଲୁଁ । ଶଗଡ଼ିଆମାନଙ୍କର କୌଣସି ସ୍ଥଳରେ ରାନ୍ଧି ଖାଇବାର ପ୍ରୟୋଜନ ମଧ୍ୟ ନଥିଲା । କଣ୍ଟିଲୋ ଠାରେ ସ୍କୁଲ ଡେପୁଟି ଇନ୍‌ସ୍ପେକ୍ଟର ଶ୍ରୀ ଲୋକନାଥ ପଟ୍ଟନାୟକ ନିଜ କ୍ୟାମ୍ପ ବଙ୍ଗଳାରେ ଥିଲେ । ସେ ଆଗରୁ ନିମନ୍ତ୍ରଣ କରିଥିଲେ । ନୀଳକଣ୍ଠ ବାବୁ ଗୋଦା-ବରୀଶ ବାବୁ ଆଦିଙ୍କର ସେ ଅତି ପରିଚିତ ବନ୍ଧୁ । ସାତଶହଠାରୁ ଆଠଶହ ମଧ୍ୟରେ ବାଳକଙ୍କର ଅଦ୍ଭୁତ ସଦ୍ଭାବ ଦେଖିବାରୁ ସେ ନିଜକୁ କୃତାର୍ଥ ମନେ କରୁଛନ୍ତି ବୋଲି କହିଲେ । ସନ୍ଧ୍ୟାରେ ସେଠାରେ [illegible]କାନ୍ତ ହୋଇଥିଲା ।

GPNanda Colln., Digitized by srujanika@gmail.com

ତହିଁ ଆରଦିନ ସକାଳେ ନୀଳମାଧବ ଦର୍ଶନ । ନୀଳମାଧବଙ୍କର ଓ ଜଗନ୍ନାଥଙ୍କର ଏବଂ ଜଗନ୍ନାଥ ମନ୍ଦିରର ଇତିହାସ, ଓ ପ୍ରଶସ୍ତି ତଥା ଆର୍ଯ ଜୀବନ ଓ ଧର୍ମ ସମ୍ବନ୍ଧରେ ନୀଳକଣ୍ଠ ବାବୁ ଅତି ଚମତ୍କାର ବକ୍ତୃତା କରିଥିଲେ । ସେ ବଡ ଗ୍ରାମଟିରେ କଂସାବାସନ ତିଆରି ହୁଏ । ସେ ସବୁ ଦେଖିସାରି ସନ୍ଧ୍ୟା ପୂର୍ବରୁ ଖଣ୍ଡପଡା ଗଡ ଅଭିମୁଖରେ ଯାତ୍ରା କଲୁ ଏବଂ ପ୍ରାୟ ରାତ ଆଠଟା ବେଳକୁ ପହଞ୍ଚିଲୁ । ରାଜାସାହେବଙ୍କର ବିଶାଳ ଆୟୋଜନ ଦେଖି ଆମ୍ଭେମାନେ ଚମତ୍କୃତ ହୋଇଗଲୁ । ଏତେ ଲୋକଙ୍କ ପାଇଁ ଅସ୍ଥାୟୀ ଘର ତିଆରି ହୋଇଛି । ଶିକ୍ଷକମାନଙ୍କ ପାଇଁ ଘର ଏବଂ ସଭା ପାଇଁ ହଲ୍ ; ଖାଇବା ଘର ଏବଂ ରୋଷେଇ ଘର ସବୁ ଅସ୍ଥାୟୀ ଅଥଚ ସୁନ୍ଦର ଭାବରେ ତିଆରି ହୋଇଥାଏ । ସବୁଠାରେ ଗ୍ୟାସ ଲାଇଟ୍, ସବୁ ସ୍ଥଳରେ ପାଣି—କୌଣସି ବିଷୟରେ ଅଭାବ ନଥାଏ । ପହଞ୍ଚିବା ମାତ୍ରେ ରାଜାସାହେବ ନିଜେ ଆସି ପ୍ରଥମେ ଜଳ-ଯୋଗର ବନ୍ଦୋବସ୍ତ କରାଇଲେ । ତାହାର ଆଡମ୍ବର ଏବଂ ବହୁଳତା ଦେଖି ନୀଳକଣ୍ଠ ବାବୁ ରାଜାସାହେବଙ୍କୁ ସତ୍ୟବାଦୀ ବିଦ୍ୟାଳୟର ସଂଯମ ଓ ଶୃଙ୍ଖଳାର କଥା ବୁଝାଇ ଦେଲେ ଏବଂ ସେଠାରେ ତିନିଦିନ ଅବସ୍ଥାନ ମଧ୍ୟରେ ସରଳତା, ସଂଯମ, ଶୃଙ୍ଖଳା ଓ ସଂଯମ ନଷ୍ଟ ନହେବା ଭଳି ବ୍ୟବସ୍ଥା କରିବାକୁ ଅନୁରୋଧ କଲେ । ମାତ୍ର ସେ ଦିନ ଖାଦ୍ୟ ତ 'ରଜାଘର ଖାଦ୍ୟ' ହୋଇ ସାରିଥିଲା । କେବଳ ରାଜାଙ୍କ ଯୋଗାଡ ଅନୁସାରେ କରାଯାଇଥିବା ଆମୋଦ, ପ୍ରମୋଦ, ବାଜା ଓ ପାନ, ବିଡି, ଗୁଡାଖୁ ଆଦିର ବ୍ୟବହାର ବନ୍ଦ ରହିଲା । ପରଦିନ ପ୍ରାତଃକୃତ୍ୟ ଓ ଜଳଯୋଗ ଶେଷରେ ରାଜାସାହେବ ନିଜେ ଆସି ଆମ୍ଭମାନଙ୍କୁ ରାଜବାଟିକି ନେଲେ । ରାଜବାଟିର ଯାବତୀୟ ଦର୍ଶନୀୟ ବସ୍ତୁ ଦେଖାଇସାରି ଆମ୍ଭମାନଙ୍କ ସଙ୍ଗରେ ଆସିଲେ । ଉପର ବେଳା ହାତୀ, ଘୋଡା, ଓ ବଳଦ ଗାଡ଼ି ପଠାଇ ଦେଲେ । ଆମ୍ଭେମାନେ

GPNanda Colln., Digitized by srujanika@gmail.com

ପାହାଡ ଜଙ୍ଗଲ ଦେଖିବାକୁ (ଯେଉଁମାନେ ଇଚ୍ଛୁକ) ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ଯାଇଥିଲେ । ମୋର ଅନ୍ଧାର କଣା ଥିବାରୁ ମୁଁ ଗଲିନାହିଁ । ମୋପାଖରେ ବହୁତ ଛାତ୍ର ଏକତ୍ର ରହି ନାନା ପ୍ରକାର ଗଳ୍ପ ଶୁଣାଉଥାନ୍ତି । ସେ ଦିନ ସନ୍ଧ୍ୟାରେ ବନ ମଧ୍ୟସ୍ଥିତ ଏକ ପୋଖରୀ କୂଳରେ ଆମ୍ଭେମାନେ ବାଘର ଶବ୍ଦ ଶୁଣି କଲବଲ ହୋଇ ପଳାଇ ଆସୁ ଆସୁ ମୋ ବାଁ ପାଦରେ ଗୋଟିଏ ବଡ କଣ୍ଟା ଗଳିଗଲା । ଛାତ୍ର ବୃନ୍ଦ ଜଣେ ମିଶି ସେ କଣ୍ଟାକୁ ଭିଡିକରି କାଢିଦେଲେ । ମୋର ଗୋଡ ବିଶେଷ ଭାବରେ ଫୁଲିଗଲା—ମୁଁ ଆଉ ଚାଲି ପାରିଲି ନାହିଁ । କେତେକ୍ଷଣ ଶଗଡରେ ଅନ୍ଧାରକଣା ଧରିଥିବା ବାଳକମାନେ ଏବଂ ଗୋଟିକରେ ମୁଁ ବୁହାହୋଇ ଆସିଲି ।

ଯେଉଁ ଯେଉଁ ସ୍ଥଳରେ ପଲ ବେଳେ ଥିଲୁ, ସେହିବାଟେ ଆମ୍ଭେ-ମାନେ ଶୀଘ୍ର ଶୀଘ୍ର ଫେରୁଥାଉଁ, କାରଣ ଦୁଇଦିନ ପରେ କଟକରେ ଉତ୍କଳସମ୍ମିଳନୀ—ପୂର୍ବବର୍ଷ ପରି କେତେକ ଛାତ୍ର ଓ ଶିକ୍ଷକମାନେ ଯିବେ—ମୁଁ ଯିବିନାହିଁ ବୋଲି ମୋ ମନରେ କଷ୍ଟ ଥାଏ । ତଥାପି ମୁଁ ତ ଚାଲି ଯାଇ ପାରିବି ନାହିଁ, ଆଉ ଦୁଃଖକରିବାର କାରଣ କଣ, ଏହା ଭାବି ଆଶ୍ୱସ୍ତ ଥିଲି ଏବଂ ଯେଉଁ ବାଳକମାନେ ମତେ ଭାଇ ଠାରୁ ଅଧିକ ସ୍ନେହ କରୁଥିଲେ, ସେମାନେ—ମୁଁ ନ ଯାଉଥିବାରୁ, ଯିବେ ନାହିଁ ବୋଲି କହିବାରୁ ମୋତେ ଆନନ୍ଦ ମଧ୍ୟ ଲାଗୁଥିଲା ।

ମିଃ ଦାସଙ୍କ ଡାଇରୀ—(ଉତ୍କଳ ସମ୍ମିଳନୀ)

ଫେରିଆସି ଜଟଣୀ ଷ୍ଟେସନ୍ ପାଖେ ସାକ୍ଷିଗୋପାଳଙ୍କର ଗମାଃର-କନ୍ଧର ବଙ୍ଗଳାରେ ଅମ୍ଭେମାନେ ଭୁଜା ବଟା ଖିଆପିଆ ସାରି ଦିନ ଦୁଇଟା ବେଳ ଗାଡ଼ିରେ ସତ୍ୟବାଦୀ ଫେରିଯିବୁଁ ଏହା ସ୍ଥିର

GPNanda Colln., Digitized by srujanika@gmail.com

ହୋଇଥିଲା; ମାତ୍ର ପ୍ରାୟ ବାରଟା ବେଳକୁ ଶ୍ରୀ ବ୍ରଜସୁନ୍ଦର ଦାସ ଏବଂ ଗୋପବନ୍ଧୁ ଆସି ପହଞ୍ଚିଲେ । ତାହାର ଦିନକ ପରେ କଟକ ଢ଼ଦଗା ପଡ଼ିଆରେ ଉତ୍କଳସମ୍ମିଳନୀ ହେବାର ଥିଲା । ଗୋପବନ୍ଧୁ ବାବୁ ହଠାତ୍ କହିଲେ, "କଟକରେ ଯେଉଁ ଛାତ୍ରମାନେ ଉତ୍କଳ ସମ୍ମିଳନୀର ସ୍ୱେଚ୍ଛାସେବକ ହେବାର ଥିଲା, ମିଃ ଦାସଙ୍କ ସଙ୍ଗେ ଅପଡ ହୋଇ ସେମାନେ ହଠାତ୍ 'ସ୍ୱେଚ୍ଛାସେବକ ହେବେନାହିଁ' ବୋଲି ଜଣାଇ-ଦେଲେ । ମୋ ପାଖକୁ ବ୍ରଜସୁନ୍ଦର ଏ ଖବର ଦେଇ ଅଛନ୍ତି "ମିଃ ଦାସ ଆମ ଇସ୍କୁଲରୁ ସ୍ୱେଚ୍ଛାସେବକ ଯୋଗାଇ ଦେଇ ପାରିଲେ, କାମ ହୋଇଯିବ ବୋଲି ମୋତେ ଚିଠି ଲେଖିଛନ୍ତି । ମୁଁ ଅନ୍ତ ଷାଠିଏଜଣ ସ୍ୱେଚ୍ଛାସେବକ ନେଇ ଯିବି ବୋଲି ଟେଲିଗ୍ରାମ କରିଛି । ଷାଠିଏଜଣ ବାଛ—ସେମାନେ ଏଠାରୁ ଯିବେ—ଅନ୍ୟମାନେ ସତ୍ୟବାଦୀ ଫେରିଯିବେ । ଶିକ୍ଷକମାନେ ସମ୍ମତ ହେଲେ, ନୀଳକଣ୍ଠ ବାବୁ ମୋ ଅବସ୍ଥା ତାଙ୍କୁ ଜଣାଇ ଦେଲେ । ସାଧାରଣତଃ ମୋତେ ଆଦେଶ ଦେଲେ, ମୁଁ ଅନ୍ୟମାନଙ୍କୁ ମିଳାଇ କାର୍ଯ୍ୟ କରେ । କେତେ-ବର୍ଷ ଧରି ମୁଁ ଛାତ୍ରସମାଜର ଚାଳକ ଥିଲି; ଅନ୍ୟ କେହି ସେ ସ୍ଥାନ ଅଧିକାର କରିବାକୁ ଇଚ୍ଛା କରୁନଥିଲେ । ତେଣୁ ମୋ ଛଡ଼ା ଅନ୍ୟମାନେ ଗଲେ କାର୍ଯ୍ୟ ସୁରୁଖୁରୁରେ ଉଠାଇ ଦେବେ ଏଥିରେ ଶିକ୍ଷକମାନେ ଏବଂ ଗୋପବନ୍ଧୁ ବାବୁ ସନ୍ଦିହାନ ହେଲେ । ମାତ୍ର ମୋ ପାଖକୁ ଆସି ବଡ଼ ଗମ୍ଭୀର ସ୍ୱରରେ ଗୋପବନ୍ଧୁ କହିଲେ—"ଶେଷ ଭଲ ହୋଇ ଯିବ—ଉତ୍କଳଜନନୀ-ପୂଜାର ମଣ୍ଡପରେ କର୍ମୀମାନେ କଦାପି କଷ୍ଟ ଭୋଗିବେ ନାହିଁ । ଉଠ୍ ଯିବା" । ମୁଁ ପ୍ରସ୍ତୁତ ହେଲି ଏବଂ ଷାଠିଏ ଜଣ ସ୍ୱେଚ୍ଛା-ସେବକ ବାଛିଲି । ଅନ୍ୟମାନେ ଫେରିଗଲେ । ନୀଳକଣ୍ଠ ବାବୁ ଗୋଦାବରୀଶ ବାବୁ ପ୍ରମୁଖ କେତେକ ଶିକ୍ଷକ, ଗୋପବନ୍ଧୁ ବାବୁ, ବ୍ରଜବାବୁ ପ୍ରଭୃତି ସନ୍ଧ୍ୟାର ପ୍ରଥମ ଟ୍ରେନ ଯୋଗେ କଟକ ଆସିଲୁ ।

GPNanda Colln., Digitized by srujanika@gmail.com

କଟକ ସ୍ୱେଚ୍ଛାସେବକ ମିଃ ଦାସ—

ଗାଡ଼ିରୁ ଓହ୍ଲାଇବା ମାତ୍ରେ ଦେଖିଲୁ ହର୍ଷୋତ୍ଫୁଲ୍ଲ ବଦନରେ ମିତ୍ରର ଦାସ ଏବଂ ତାଙ୍କର କେତେକ ବନ୍ଧୁ ଗୁଡ଼ାଏ ଘୋଡ଼ାଗାଡ଼ି ରଖାଇ ପ୍ଲାଟଫର୍ମ ଉପରେ ଅପେକ୍ଷା କରୁଛନ୍ତି। ହଠାତ୍ ଗୋପବନ୍ଧୁଙ୍କୁ ନିବିଡ଼ ଆଲିଙ୍ଗନ କରିସାରି, ନୀଳକଣ୍ଠ ବାବୁ ଓ ଗୋଦାବରୀଶ ବାବୁଙ୍କୁ କୁଣ୍ଢାଇପକାଇ କହିଲେ "ଆସ ନାଲନ୍ଦର ଗୁରୁ। ଆଉ କର୍ମୀ ଅଭାବ ହେବେ ନାହିଁ—ମଙ୍ଗରାଜ ସଙ୍ଗ ମେଳ ପାଇବ ନାହିଁ।" ଆମ୍ଭେମାନେ ପୂର୍ବରୁ ନିର୍ଦ୍ଦିଷ୍ଟ ବସାଘରେ ଯାଇଁ ରହିଲୁଁ। ଗୋପବନ୍ଧୁ ବାବୁ ମୋ କଥା ମିଃ ଦାସଙ୍କୁ କହିଲେ ଏବଂ ଜଣାଇ ଦେଲେ ଯେ ମୁଁ କାପ୍ତେନ ହେବି। ମିଃ ଦାସ ଗୋପବନ୍ଧୁଙ୍କ ପରି କହିଲେ—କହ ବାବା, ମୁଁ ମାତୃପୂଜା ମନ୍ଦିରର ସେବକ। ମୋର ରୋଗ ନାହିଁ—ମୋର ସିଂହ ବଳ ଅଛି—(ଇତ୍ୟାଦି ବହୁତ କଥା)। ମୁଁ କଗା ଗୁଦର ଛଡ଼ା ଅନ୍ୟ କିଛି ବ୍ୟବହାର କରେନାହିଁ ଶୁଣି, ସେ ରାତି ରାତି ଦରଜୀ ଡକାଇ ମୋ ପାଇଁ ପୋଷାକ ତିଆରି କରିଦେଲେ। ଏବଂ କିପରି କାର୍ଯ୍ୟ ହେବ ତାହାର ଯୋଜନା କରିବେ ବୋଲି ବସିଲେ। ଗୋପବନ୍ଧୁ ବାବୁ ଏବଂ ନୀଳକଣ୍ଠ ବାବୁ କହିଲେ—"ଏ ବିଷୟରେ ଆଉ କାହାର ଭାବିବା ନିଷ୍ପ୍ରୟୋଜନ।" ମିଃ ଦାସ ହାଇଁ ଖୁସୀ ହୋଇଗଲେ।

ସତ୍ୟବାଦୀର ଛାତ୍ର ସ୍ୱେଚ୍ଛାସେବକଙ୍କ କାର୍ଯ୍ୟ—

ତହୁଁ ଆରଦିନ ସଭା-ମଣ୍ଡପ ଦେଖି ଆସି, କିଏ କେଉଁ ସ୍ଥାନରେ ରହି କି କାର୍ଯ୍ୟ କରିବୁ ତାହାର ଯୋଜନା କରିଦେଲୁଁ; ଏବଂ ସେଦିନ କେବଳ ଇଦଗା ପଡ଼ିଆ, ଆଖପାଖ ଅଞ୍ଚଳ, ବୋଝ

GPNanda Colln., Digitized by srujanika@gmail.com

-କବର ଇତ୍ୟାଦି ଗୋଦାବର୍ଦ୍ଧନ ବାବୁଙ୍କ ସଙ୍ଗେ ଯାଇ ଦେଖିବାରେ କହାଇଲେ । ମିଃ ଦାସ ମଧ୍ୟ ଆମ୍ଭମାନଙ୍କ ଯୋଜନା ଜାଣିବା ଲାଗି ଇଚ୍ଛା କଲେନାହିଁ । ଆମ୍ଭେମାନେ ସ୍ୱାଧୀନ ଭାବରେ ରହି ଶୃଙ୍ଖଳା ରକ୍ଷାକରି-। ପାଇଁ ଅଭ୍ୟସ୍ତ ହେବା କଥା ନୀଳକଣ୍ଠ ବାବୁ ତାଙ୍କୁ ଜଣାଇ ଦେଲେ ।

ଉତ୍କଳ-ସମ୍ମିଳନୀରେ ସତ୍ୟବାଦୀର ସ୍ୱେଚ୍ଛାସେବକମାନେ—

ସମ୍ମିଳନୀ ଆରମ୍ଭ ହେଲା । ଯେଉଁମାନେ ଅଗରୁ ସ୍ୱେଚ୍ଛା-ସେବକ ହୋଇଥିଲେ, ସେମାନେ ଦର୍ଶକ ଟିକେଟ ଦେଇ ଆସି ସମ୍ମିଳନୀରେ ବସିଥାନ୍ତି; ମାତ୍ର ଆମ୍ଭମାନଙ୍କର ଶାନ୍ତି-ଶୃଙ୍ଖଳା-ରକ୍ଷା-ଯୋଜନା ଦେଖିବା ପରେ ସେମାନଙ୍କ ଆଉ ଆଉ କୌଣସି ପ୍ରକାର ଗୋଳମାଳ ହୋଇ ନଥିଲା । ସଭା-ସ୍ଥଳକୁ ଲୋକମାନେ ଟିକେଟ ଦେଖାଇ ଆସୁଥାନ୍ତି । ସେ ବର୍ଷର ଉତ୍କଳ ସମ୍ମିଳନୀରେ ଏକ ପ୍ରକାର ଉତ୍ସାହ ଓ ଉତ୍ତେଜନା ଥିବାରୁ ବହୁ ଭଦ୍ରବ୍ୟକ୍ତି ଉତ୍କଳର ସବୁ ଅଞ୍ଚଳରୁ ଆସିଥାଇ ଥିଲେ । ତେଣୁ ପୂର୍ବ ପୂର୍ବ ବର୍ଷ ମାନଙ୍କଠାରୁ ସମ୍ମିଳନୀ ମଣ୍ଡପରେ ବେଶି ବ୍ୟକ୍ତିଙ୍କ ପାଇଁ ବସିବାର ସ୍ଥାନ ଥିଲେ ମଧ୍ୟ ଦର୍ଶକ-ସମାଗମ ବୃଦ୍ଧିରେ ସ୍ଥାନାଭାବ ହେବାର ଆଶଙ୍କା ଥିଲା ।

ମିଃ ଦାସଙ୍କର ଆଦେଶ ଥିଲା ଯେ, ଯେ କୌଣସି ବ୍ୟକ୍ତି ହେଉ ପଛକେ, ଟିକେଟ ନ ଦେଖାଇଲେ ତାହାକୁ ପ୍ରବେଶ କରିବାକୁ ସ୍ୱେଚ୍ଛାସେବକମାନେ ଦେବେ ନାହିଁ । ପ୍ରତିଜଣ ସ୍ୱେଚ୍ଛାସେବକ ଦୁଇଟି ସ୍ଥଳରେ ଟିକେଟ ଦେଉଥାନ୍ତି ଏବଂ ଆଠଜଣ ସ୍ୱେଚ୍ଛାସେବକ ପ୍ରଧାନ ପ୍ରବେଶ ଦ୍ୱାରରେ ଜଗି ରହୁଥାନ୍ତି । ଅନ୍ୟ ତିନି ଫାଟକରେ ଦୁଇ ଦୁଇ ଜଣ ନିଯୁକ୍ତ ଥାନ୍ତି---ସେ ବାଟରେ ପ୍ରବେଶ କରିବାକୁ ମନା; ମାତ୍ର ଭିତର ଭିଡ଼ ଶ୍ରେଣୀର ଅତ୍ୟଧିକ ଭିଡ଼ ଭିତରୁ ବାହାରେ ବାହାରକୁ ଯିବାର ବନ୍ଦୋବସ୍ତ ଥାଏ ।

GPNanda Colln., Digitized by srujanika@gmail.com

ମିଃ ଦାସଙ୍କର ଉନ୍ନତ ହୃଦୟ—

ମୁଁ ଗୃହଆଡ ଦେଖି ଆସିଲି। ପରେ ଆମ ସ୍ୱେଚ୍ଛାସେବକମାନେ ଜଣେ ଭଦ୍ରବ୍ୟକ୍ତିଙ୍କ ବିନା ଟିକଟରେ ଯିବାକୁ ଅନୁମତ ଦେଉ ନାହାନ୍ତି। ସେ କପର ପ୍ରଧାନ ପ୍ରବେଶ ଦ୍ୱାରରୁ ଆସିଥିଲେ, ତାହା ମଧ୍ୟ ମୁଁ ଜାଣି ନପାରି ପ୍ରଥମ ଦ୍ୱାର ଫାଟକ ପାଖେ ଥିବା ସ୍ୱେଚ୍ଛାସେବକମାନଙ୍କୁ ଗାଳି ଦେଲି। ଗୋଦାବରୀଶ ବାବୁ ତାଙ୍କର ପରିଚୟ ଦେବାରୁ ସେ ପ୍ରବେଶ କରିଥିଲେ ଶୁଣି ଗୋଦାବରୀଶ ବାବୁଙ୍କୁ ସେପରି କାହାଙ୍କୁ କରିଦେଲେ ବୋଲି କହିଲି। ସେ ଯାଇ ମିଃ ଦାସଙ୍କୁ କହିଲେ। ମିଷ୍ଟର ଦାସ, ଗୋପବନ୍ଧୁ ବାବୁ ଏବଂ ଅନ୍ୟ କେତେକ ଭଦ୍ରବ୍ୟକ୍ତି ଟିକଟ ଅଭାବରୁ ପ୍ରବେଶ ନପାଉଥିବା ବ୍ୟକ୍ତିଙ୍କ ପାଖକୁ ଆସିଲେ। ମିଃ ଦାସ ଗମ୍ଭୀର ଭାବରେ ଭଲେଣ୍ଟିଅର ମାନଙ୍କୁ କହିଲେ 'ତାଙ୍କୁ ଛାଡଦିଅ।' ସ୍ୱେଚ୍ଛାସେବକମାନେ ମତେ ଜଣାଇବାରୁ ମୁଁ ସହସା ଆଦେଶ ଦେଲି ନାହିଁ। ଗୋପବନ୍ଧୁ ବାବୁ କହିଲେ—"ସେ ପରା କବିବର ଗଙ୍ଗାଧର ମେହେର —ତାଙ୍କୁ ଛାଡଦିଅ"। ଆମ୍ଭେମାନେ ତାଙ୍କୁ ଚିହ୍ନି ନଥିଲୁ—ଆମେ ସ୍ୱେଚ୍ଛାସେବକମାନେ ତାଙ୍କୁ ବିନୀତ ଅଭିବାଦନ କଲୁଁ। 'ବୃଦ୍ଧ ମାନନୀୟ କବିଙ୍କରେ ଅଳ୍ପ ଅଳ୍ପ ହସୁଥାନ୍ତି। ମୁଁ ମିଃ ଦାସଙ୍କୁ କହିଲି— "ଆଜ୍ଞା, ବଶିଷ୍ଟ ଭଦ୍ରବ୍ୟକ୍ତିଙ୍କ ପାଇଁ ନିର୍ଦ୍ଦିଷ୍ଟ ଟିକଟ ସଭା-ମଞ୍ଚ ଉପରେ ସ୍ୱେଚ୍ଛାସେବକ ଦେଉଛନ୍ତି—ମୁଁ ଯାଇ ଖଣ୍ଡିଏ ଆଣେ।" ମିଃ ଦାସ —"ନଆଣିଲେ—ଚଳିବ ନାହିଁ ?" ମୁଁ କହିଲି— ସେହି ଏକମାତ୍ର ପ୍ରବେଶ ପଥରେ ଶୃଙ୍ଖଳା ନରଖିଲେ, ଅପର ବହୁତ ବ୍ୟକ୍ତିଙ୍କୁ ଅଟକାଇ ଦେବାକୁ ବାଧ ହେବେ। ଆମ୍ଭେମାନେ ଆପଣଙ୍କ ଆଦେଶ ଅକ୍ଷରେ ଅକ୍ଷରେ ପାଳୁଛୁ ବୋଲି ଶୃଙ୍ଖଳା ଅଛି।" ମିଷ୍ଟର ଦାସ ଆଉ କିଛି ନକହି ଟୋଟିଏ ହୁଇସିଲ୍ ଦେବାରୁ ବ୍ରଜସୁନ୍ଦର ଦଉଡ଼ି ଆସିଲେ ଏବଂ ଅଳ୍ପକାଳ ମଧ୍ୟରେ ଖଣ୍ଡିଏ ବଶିଷ୍ଟ ଅତିଥି ଟିକଟ ଆଣି କବିବରଙ୍କୁ

GPNanda Colln., Digitized by srujanika@gmail.com

ଥିଲେ । ମିଃ ଦାସ ପ୍ରବେଶ ଦ୍ୱାରଠାରୁ ଭିତରକୁ ଗ୍ଳୁଲିଗଲେ ଏବଂ ସମସ୍ତଙ୍କୁ କହିଲେ "ଆଜି ଏବାଠରେ ଏ ଟୋକାଏ ଛାଡ଼ବେ ନାହିଁରେ ବାପା!" Gopabandhu, Nilakanth, your boys are fires" ଏହା କହି ମୋତେ ସସ୍ନେହ ଆଲିଙ୍ଗନ କଲେ । ସେହିଠାରେ ଠିଆ ହୋଇ ସେ ଗୋଟିଏ କ୍ଷୁଦ୍ର ବକ୍ତୃତା ଦେଲେ । ନେପୋଲିଅନ ବୋନାପାର୍ଟଙ୍କର ଜୀବନରେ ଏହିପରି ଅନୁଭୂତ ଜଣେ ବିଶ୍ୱସ୍ତ ପ୍ରହରୀ ଠାରୁ ହୋଇଥିଲା । ଏହା କହି ସେ କହିଲେ "ନେପୋଲିଅନ୍ ସମ୍ରାଟ ଥିବାରୁ ପ୍ରହରୀକୁ ଯଥେଷ୍ଟ ପୁରସ୍କାର ଦେଇଥିଲେ । ଆମେ ସବୁ କାଙ୍ଗାଳ—କି ପୁରସ୍କାର ଦେବ ? ଏତକ ବେଳେ ଜନତା ମଧ୍ୟରୁ ଆନନ୍ଦ ଧ୍ୱନି ଉଠିଲା ଏବଂ ମିଷ୍ଟର ଦାସଙ୍କୁ Uncrowned king of Orissa ଧ୍ୱନିରେ ଜନତା ତାଙ୍କ ସଦ୍‌ଗୁଣ ହେତୁରୁ ଅଭିବାଦନ କଲା । ମିଃ ଦାସ କବିବରଙ୍କୁ ମାଲ୍ୟ ଦେଇ ପୂଜିତ କଲେ ଏବଂ ସେଥିରୁ ଖଣ୍ଡିଏ ମୋ ବେକରେ ପକାଇ ଦେଲେ । ତାକୁ ସେଦିନର କାପ୍ଟେନ୍ ଚିହ୍ନ ସଙ୍ଗେ ରଖିବାକୁ ଆଦେଶ ଦେଲେ । ସେହି ସମୟଠାରୁ ସମ୍ମିଳନୀ ଶେଷ ପର୍ଯ୍ୟନ୍ତ ସଭାକୁ ପ୍ରବେଶ ଓ ବହିର୍ଗମନର ନିୟମ ସମସ୍ତେ ପାଳନ କରିଥିଲେ ।

ସେଦିନ ଗୋପବନ୍ଧୁ ବାବୁଙ୍କୁ ଦେଶମିଶ୍ରଣ ସମ୍ପର୍କରେ ବକ୍ତୃତା ଦେବାକୁ ଜନତାର ଅନୁରୋଧ ଶୁଣି ଆମ୍ଭେମାନେ ଅତ୍ୟନ୍ତ ଆହ୍ଲାଦିତ ହୋଇଥିଲୁଁ । ମିଃ ଦାସ ଗୋପବନ୍ଧୁଙ୍କର କାନ୍ଧରେ ହାତ ପକାଇ ତାଙ୍କୁ ଆଣି ବକ୍ତୃତା ମଞ୍ଚରେ ଠିଆ କରାଇ ଦେଇ କହିଲେ—"ଗୋପବନ୍ଧୁ ଆଉ ଗୋପ୍ୟ ହୋଇ ରହି ନପାରେ"—ଏ ସମ୍ପର୍କରେ ତାହାଙ୍କ କହିବା ନଥିଲା । ମାତ୍ର ଲୋକପ୍ରାଣରେ ମୋ ଗୋପବନ୍ଧୁ ସ୍ଥାନ ପାଉଛନ୍ତି । ସଭାପତିଙ୍କ ଅନୁମତି ହେଉ । ସଭାପତି ମହାଶୟ ଭକ୍ତି ବିନମ୍ର ସ୍ମିତ ବଦନରେ ଗୋପବନ୍ଧୁଙ୍କୁ କେବଳ ଗୃହିଁ ଦେଇ ଅନୁମତି ଦିଅନ୍ତେ

GPNanda Colln., Digitized by srujanika@gmail.com

ଜଳଦଗମ୍ଭୀର ସ୍ୱରରେ ଗୋପବନ୍ଧୁ ଉତ୍କଳର ବିଚ୍ଛିନ୍ନ ଅଞ୍ଚଳ ହିନ୍ଦୁଭୂମି, ମେଦନୀପୁରର ଦୁରବସ୍ଥା ବର୍ଣ୍ଣନ କରି ଯେଉଁ ବକ୍ତୃତା କରିଥିଲେ, ତାହା ଜନତାକୁ କନ୍ଦାଇ ଦେଇଥିଲା । ଆମ୍ଭମାନଙ୍କ ଗୋପବନ୍ଧୁ ବକ୍ତୃତା କରୁଛନ୍ତି—ଆମ୍ଭେମାନେ ସମ୍ଭାଳି ରହି ପାରିଲୁ ନାହିଁ । ଟିକେଟ ବଣ୍ଟା ବନ୍ଦ କରି, ପ୍ରବେଶ ଓ ବହିର୍ଗମନ ବନ୍ଦ କରିଦେଇ, ଆମ୍ଭେମାନେ ନିବିଷ୍ଟ ମନରେ ଶୁଣିଲୁ ବ୍ରିଟିସ ସରକାରଙ୍କର ଅଯୌକ୍ତିକ ଉତ୍କଳ ବିଚ୍ଛେଦର ତୀବ୍ର ଓ ନିର୍ଭୀକ ସମାଲୋଚନା । ଗୋପବନ୍ଧୁ ବାବୁଙ୍କୁ ଅତି ଉଚ୍ଚଦରର କର୍ମବୀର ବୋଲି ଲୋକଙ୍କର ଧାରଣା ଜନ୍ମିଗଲା ।

ଯଥାରୀତି ଶୃଙ୍ଖଳାର ସହିତ ଆମ୍ଭେମାନେ ଦୁଇଦିନ କାର୍ଯ୍ୟ ଶେଷ କଲୁଁ । ତହିଁ ଆରଦିନ ଛାତ୍ର ସମ୍ମିଳନୀ । ଉତ୍କଳ ସମ୍ମିଳନୀର ଶେଷଦିନ ରାତିରେ ମିଃ ଦାସ ଆସି କହିଲେ—"ତୁମ୍ଭେମାନେ ଛାତ୍ର ସମାଜର ଦର୍ଶକ ହେବ—ସ୍ୱେଚ୍ଛାସେବକ ହେବନାହିଁ ।" ସେ ଆମ୍ଭମାନଙ୍କ ପାଇଁ ଦର୍ଶକ ଟିକଟ୍ ଆଣିଥିଲେ । ମୁଁ ତାଙ୍କୁ ମୋ ପାଇଁ ତିଆରି ହୋଇଥିବା ପୋଷାକ ଓ କାପ୍‌ଟେନ୍ ବ୍ୟାଜ୍ ଫେରାଇ ଦେଲି । ସେ ହେଡ଼ ମାଷ୍ଟରଙ୍କୁ ଚାହିଁଲେ ; ହେଡ଼ ମାଷ୍ଟର ମହାଶୟ ନୀରବ ହେବାରୁ ସେ ତାକୁ ଫେରସ୍ତ ନେଇ କହିଲେ—ଆରବର୍ଷକୁ ଏ ରହିଲା ।" ଛାତ୍ର ସମ୍ମିଳନୀ ଶେଷ ହେଲା ।

ସେହି ଦିନ ରାତିରେ ମିଃ ଦାସ ଗୋଟିଏ ଭୋଜିର ବନ୍ଦୋବସ୍ତ କରିଥିଲେ । କାତପୁର ରାଜା ଏବଂ ଏମାର ମଠର ମହନ୍ତ ମହାରାଜ ଆସି ଆମ ବସାଘର ପ୍ରାଙ୍ଗଣରେ ବସିଲେ । ମିଷ୍ଟର ଦାସ ଛାନ୍ଦ ଶୁଣିବାକୁ ଏବଂ ଶ୍ଳୋକାନ୍ତ କରିବାକୁ ଆମ୍ଭମାନଙ୍କୁ କହିଲେ । ଅପର୍ଣ୍ଣା ପରଛାଙ୍କ ଠାରୁ ଆମ୍ଭେମାନେ ଛାନ୍ଦ ଶିଖିଥିଲୁଁ । ତାହା ବେଶ୍ ଭଲ ହେଲା ।

GPNanda Colln., Digitized by srujanika@gmail.com

ଶ୍ଳୋକାନ୍ତ ସମ୍ବନ୍ଧରେ ମିଃ ଦାସ, ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ ପ୍ରଭୃତି ବାଣ୍ଟି ହୋଇ ବସିବାରୁ ସେମାନଙ୍କ ବୋଲିବାର ଭଙ୍ଗୀ ହେତୁରୁ କେବଳ ହାସ୍ୟ କୌତୁକ ଚଳିଲା । ଶ୍ଳୋକାନ୍ତ ବନ୍ଦ କରିଦେଇ ସଂସ୍କୃତ ଭାଷା ଓ ସାହିତ୍ୟର ଗାମ୍ଭୀର୍ଯ୍ୟ, ଗୁରୁତ୍ୱ ଓ ସର୍ବ ବିଶ୍ୱ-ଭାଷାରେ ଶ୍ରେଷ୍ଠତା ବୁଝାଇ ମିଃ ଦାସ ଗୋଟିଏ ଆଲୋଚନା ମୂଳକ କ୍ଷୁଦ୍ର ବକ୍ତୃତା ଦେଲେ । ଭୋଜନ ସରିବା ପରେ ପରେ ଆମ୍ଭେମାନେ ଗୃହକୁ ଫେରିବାକୁ ଉଦ୍ୟମ କରିବାରୁ ସେ ନୀଳକଣ୍ଠଙ୍କୁ ଗୋଟିଏ ଦିନ ଆମ୍ଭମାନଙ୍କୁ ଛୁଟି ଦେବାକୁ ପ୍ରାର୍ଥନା କଲେ । ଆଉଦିନେ ଆମ୍ଭେମାନେ ରହିଲୁ । ଚାରି ଚାରି ଜଣଙ୍କ ପାଇଁ ଘୋଡ଼ାଗାଡ଼ିର ଆୟୋଜନ ହେଲା । ମିଃ ଦାସଙ୍କ କଥା ଅନୁସାରେ ଗୋଦାବରୀଶ ବାବୁ ବାରବାଟୀ ଦୁର୍ଗଛଡ଼ା ଅନ୍ୟ ସମସ୍ତ ଦର୍ଶନୀୟ ସ୍ଥଳ ଆମ୍ଭମାନଙ୍କୁ ବୁଲାଇ ଦେଖାଇଲେ । ଖରାବେଳେ ଆମ ବସାରେ ମିଃ ଦାସ ରହିଲେ ଏବଂ ଉପରବେଳା ନିଜେ ଆମ୍ଭମାନଙ୍କୁ ନେଇ ବାରବାଟୀ ଦୁର୍ଗରେ ପ୍ରବେଶ କଲେ । ପ୍ରବେଶ କାଳରୁ ବାହାର ଆସିବା ଯାଏଁ ସେ ବରାବର ଉଦ୍ବେଳ ଭାବରେ କଥା କହୁଥାନ୍ତି; ତାଙ୍କର ବର୍ଣ୍ଣନ କାଳୀନ ଅଶ୍ରୁପରିପ୍ଳୁତ ମୁଖ ବର୍ତ୍ତମାନ ପର୍ଯ୍ୟନ୍ତ ମୋର ସ୍ମୃତିରେ ରହିଅଛି । ଆମ୍ଭେମାନେ ସତ୍ୟବାଦୀ ଫେରିଲେଁ ଏବଂ ସତ୍ୟବାଦୀ ବିଦ୍ୟାଳୟର ଖ୍ୟାତି ଓ ମର୍ଯ୍ୟାଦା ଆହୁରି ବଢିଗଲା ।

ପ୍ରଥମଭାଗ ସମାପ୍ତ ।

ଅନ୍ୟାନ୍ୟ ଉପାଦେୟ ବିଷୟମାନ ଦ୍ୱିତୀୟ ଭାଗରେ ମିଳିବ ॥

GPNanda Colln., Digitized by srujanika@gmail.com

Pinted & Published by C.S. Mishra.
THE AMBIKA PRESS.
CUTTACK-2
1953.

GPNanda Colln., Digitized by srujanika@gmail.com